- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR ♦VOLUME- 43 ♦ISSUE-75 ♦MONDAY ♦8 SEPTEMBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୭୫ ♦ସୋମବାର ♦୮ ସେପ୍ଟେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦





## ଏସିଆ କପ୍ ପୁରୁଷ ହକି
# ଭାରତ ଚାମ୍ପିଅନ

**୪-୧ ଗୋଲ୍‌ରେ ଦ.କୋରିଆ ପରାସ୍ତ**

■ **ରାଜଗିର, ୭।୯ (ଏଜେନ୍ସି):** ଆୟୋଜକ ଭାରତ ଏସିଆ କପ୍ ପୁରୁଷ ହକି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତ ୪-୧ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଫାଇନାଲ୍‌ରେ ଡବଲ ଗୋଲ୍ ଦେଇଥିବା ଭାରତର ଫରୱାର୍ଡ ଖେଳାଳି ସୁଖଜିତ ସିଂହଙ୍କୁ ଫାଇନାଲ ମ୍ୟାଚ୍‌ର ଓ ଅଭିଷେକ ନୈନ୍‌ଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏସିଆ କପ୍ ଚାମ୍ପିଅନ ହେବା ଫଳରେ ଭାରତ ଏଫଆଇଏଚ୍ ପୁରୁଷ ବିଶ୍ୱକପ୍‌ରେ ଭାଗନେବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଆସନ୍ତାବର୍ଷ ନେଦରଲାଣ୍ଡସ ଓ ବେଲ୍‌ଜିୟମ୍‌ରେ ପୁରୁଷ ହକି ବିଶ୍ୱକପ୍ ଖେଳାଯିବ। (ବିବରଣୀ: ପୃଷ୍ଠା-୧୨)


'ବ୍ଲଡ୍ ମୁନ୍'

# ଇନ୍ଦୁ ପୂର୍ଣ୍ଣିମାରେ ପୂର୍ଣ୍ଣଗ୍ରାସ ଗ୍ରହଣ

■ **ଭୁବନେଶ୍ୱର, ୭।୯ (ସମିସ):** ଭାଦ୍ରବ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଆଜି (ରବିବାର) ମହାକାଶରେ ବିରଳ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହୋଇଛି। ଭାରତ ସମେତ ବିଭିନ୍ନ ରାଷ୍ଟ୍ରରେ ଗ୍ରହଣଜନିତ ଏହି ମହାଜାଗତିକ ଦୃଶ୍ୟକୁ କୋଟିକୋଟି ଜନତା ଉପଭୋଗ କରିଛନ୍ତି। ମେଘମୁକ୍ତ ଥିବା ଆଜିର ଭାଦ୍ରବ ଆକାଶରେ ଚନ୍ଦ୍ରମା ଖେଳିଯାଇଥିବା ବେଳେ ରାତି ୯.୫୭ ଠାରୁ ରାତି ୧.୨୭ ପର୍ଯ୍ୟନ୍ତ ଇନ୍ଦୁ ପୂର୍ଣ୍ଣିମାର ଜହ୍ନ ପୃଥିବୀର ଛାଇରେ ଢାଙ୍କି ହୋଇଯାଇଥିଲା। ଜ୍ୟୋତିଷ ଶାସ୍ତ୍ର ମତରେ ପୂର୍ଣ୍ଣ ରାହୁଗ୍ରସ୍ତ ଏହି ଚନ୍ଦ୍ରଗ୍ରହଣ ପାଇଁ ସକାଳ ୯.୫୭ରୁ ପାକତ୍ୟାଗ ସହ ୧୨.୫୭ରୁ ଦେବନୀତି ନିଷେଧ ରହିଥିଲା।

# ଧସିଲା କଳିଙ୍ଗା ଘାଟି




■ **ଜି.ଉଦୟଗିରି, ୭।୯ (ସମିସ):** ଲଗାଣ ବର୍ଷା ଯୋଗୁଁ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟିରୁ ପଥର ଖସୁଛି। ଆଜି ଅପରାହ୍ଣରେ ଏକ ବିରାଟ ପଥର ରାସ୍ତା ଉପରକୁ ଖସିପଡ଼ିଥିଲା। ତେବେ ସେ ସମୟରେ କୌଣସି ଯାନବାହନ ଚଳାଚଳ କରୁନଥିବାରୁ ଏକ ବଡ଼ ଅଘଟଣ ଟଳି ଯାଇଛି। ରାସ୍ତା ଉପରେ ପଥରଟି ପଡ଼ିରହିବାରୁ ଭାରୀଯାନ ଯାତାୟାତରେ କିଛି ସମୟ ପାଇଁ ସମସ୍ୟା ହୋଇଥିଲା। ଏହା ଏକ ପ୍ରମୁଖ ରାସ୍ତା ହୋଇଥିବାରୁ ଗାର୍ଡୱାଲକୁ ଅଧିକ ଉଚ୍ଚା କରିବା ସହ ୱାଲ ନଥିବା ସ୍ଥାନରେ ନିର୍ମାଣ କରିବାକୁ ଦାବି ହୋଇଛି।

# ଫୁଲିଲା ମହାନଦୀ

## ୩ ଜିଲ୍ଲାକୁ ବନ୍ୟା ଭୟ ● ସତର୍କ ରହିବାକୁ ନିର୍ଦ୍ଦେଶ

**ମୁଣ୍ଡଳୀରେ ୭ ଲକ୍ଷ୍ୟ କୁସେକ୍ ଜଳ ପ୍ରବାହିତ**

**୧୧ରୁ ରାଜ୍ୟରେ ପୁଣି ବଢ଼ିବ ବର୍ଷାର ପ୍ରଭାବ**

■ **ଭୁବନେଶ୍ୱର, ୭।୯ (ସମିସ):** ହୀରାକୁଦର ୨୪ ଟି ଗେଟ୍‌ରୁ ନିଷ୍କାସିତ ହୋଇଥିବା ବନ୍ୟାଜଳ ରବିବାର ସକାଳେ ମୁଣ୍ଡଳୀ ଅତିକ୍ରମ କରିଛି। ହୀରାକୁଦ ଓ ମହାନଦୀର ତଳମୁଣ୍ଡରେ ହୋଇଥିବା ବର୍ଷା ପାଣି ମିଶି ବର୍ତ୍ତମାନ ପାଖାପାଖି ୭ ଲକ୍ଷ କୁସେକ୍ ଜଳ ପ୍ରବାହିତ ହେଉଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ମହାନଦୀରେ ସର୍ବାଧିକ ପରିମାଣର ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ମହାନଦୀ ଫୁଲିଉଠିବା ସହ ବଡ଼ମ୍ବାସ୍ଥିତ ଭଟ୍ଟାରିକା ପୀଠକୁ ଛୁଇଁଛି ବନ୍ୟାଜଳ। ମହାନଦୀରେ ଜଳସ୍ତର ବଢୁଥିବା ଯୋଗୁଁ କଟକ, କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲାର ବିଭିନ୍ନ ଶାଖାନଦୀରେ ମଧ୍ୟ ଜଳସ୍ତର ବୃଦ୍ଧି ପାଇଛି। ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ପ୍ରଶାସନ ସତର୍କ ସୂଚନା ଜାରି କରିଛି।

ଶନିବାର ଦିନ ୧୧ ଟାରୁ ମହାନଦୀର ମୁଣ୍ଡଳୀଠାରେ ୬ ଲକ୍ଷ ୧୬ ହଜାର କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଥିଲା। ଏହି ଧାରା ପ୍ରାୟ ଜାରି ରହିଥିବା ବେଳେ ଧୀରେ ଧୀରେ ଏହା ହ୍ରାସ ହେବା ନେଇ ଆକଳନ କରାଯାଉଛି। ଅନ୍ୟପଟେ ହୀରାକୁଦରେ ପର୍ଯ୍ୟାୟକ୍ରମେ ଗେଟ୍ ବନ୍ଦ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ୪ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି।

ଏହି ସ୍ଥିତିକୁ ନେଇ ରାଜ୍ୟ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ମୁଣ୍ଡଳୀରେ ମହାନଦୀ ▶ପୃଷ୍ଠା-୭



# ଦିଲ୍ଲୀ ଗସ୍ତରେ ନବୀନ



■ **ଭୁବନେଶ୍ୱର, ୭।୯ (ସମିସ):** ବିଜେଡି ସୁପ୍ରିମୋ, ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଆସନ୍ତା ୯ ତାରିଖରେ ଉପରାଷ୍ଟ୍ରପତି ନିର୍ବାଚନ ଥିବାବେଳେ ଦଳୀୟ ସାଂସଦଙ୍କ ସହ ଏନେଇ ଆଲୋଚନା କରିପାରନ୍ତି ବୋଲି ସୂଚନା ମିଳିଛି।

ତାଙ୍କ ଦିଲ୍ଲୀ ଗସ୍ତ ସଂପର୍କରେ ସୂଚନା ଦେଇ ନବୀନ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଲେଖିଛନ୍ତି, "କିଛି ସାମାଜିକ ପ୍ରତିବଦ୍ଧତା ପାଇଁ ମୁଁ ଏବେ କିଛି ଦିନ ପାଇଁ ଦିଲ୍ଲୀରେ ଅଛି।"

# ଜନ୍ମଦିନ ପାର୍ଟିରେ ଗଣଦୁଷ୍କର୍ମ

■ **କୋଲକାତା, ୭।୯ (ଏଜେନ୍ସି):** କୋଲକାତାରେ ଆଉ ଏକ ଅମାନୁଷିକ ଘଟଣା। ଜଣେ ଯୁବତୀଙ୍କ ଜନ୍ମଦିନ ପାର୍ଟି ତାଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଛି। ଜନ୍ମଦିନ ପାର୍ଟିରେ ଯୁବତୀଙ୍କୁ ତାଙ୍କ ଦୁଇଜଣ ପରିଚିତ ଲୋକ ଗଣଦୁଷ୍କର୍ମ କରିଛନ୍ତି। ଏନେଇ ୨୦ ବର୍ଷୀୟା ଯୁବତୀ ଜଣକ ଦୁଷ୍କର୍ମ ଅଭିଯୋଗ ଆଣିବା ପରେ ଘଟଣା ସାମ୍ନାକୁ ଆସିଛି। କୋଲକାତାର ହରିଦେବପୁର ଥାନା ଅଞ୍ଚଳରେ ଗତ ଶୁକ୍ରବାର ଏହି ଘଟଣା ଘଟିଛି। ଦୁଇ ଅଭିଯୁକ୍ତ ଯୁବତୀଙ୍କୁ ତାଙ୍କ ଜନ୍ମଦିନ ପାର୍ଟି ଆୟୋଜନ ବାହାନାରେ ରିଜେଣ୍ଟସ ପାର୍କ ଅଞ୍ଚଳରେ ଏକ ଫ୍ଲାଟକୁ ଡାକିଥିଲେ। ସେଠାରେ ଖାଇବା ପରେ ଯୁବତୀ ଜଣକ ଯେତେବେଳେ ଘରକୁ ବାହାରିଥିଲେ ଏହି ଦୁଇଜଣ କବାଟ ବନ୍ଦ କରିଥିଲେ। ଦୁଇ ଅଭିଯୁକ୍ତ ହେଲେ ଚନ୍ଦନ ମଲିକ ଓ ଦୀପ। ଦୀପ ସରକାରୀ ଚାକିରି କରୁଥିବା ପୁଲିସ ଜାଣିବାକୁ ପାଇଛି। ଚନ୍ଦନ ଜନ୍ମଦିନ ପାଳନ କରିବାକୁ ଯୁବତୀଙ୍କୁ ଦୀପ ଘରକୁ ନେଇଯାଇଥିଲା। ଯୁବତୀଙ୍କ ବିରୋଧ ସତ୍ତ୍ୱେ ସେମାନେ ଦୁଷ୍କର୍ମ କରିଥିଲେ। ▶ପୃଷ୍ଠା-୭

# ଗଣେଶ ବିସର୍ଜନ ବେଳେ ୪ ବୁଡ଼ିଗଲେ

**୧୩ ନିଖୋଜ**

■ **ମୁମ୍ବଇ,୭।୯ (ଏଜେନ୍ସି):** ମହାରାଷ୍ଟ୍ରରେ ଗଣେଶ ବିସର୍ଜନ ଅବସରରେ ବିଭିନ୍ନ ସ୍ଥାନରେ ଏକାଧିକ ଅଘଟଣ ଘଟିଛି। ଏଥିରେ ୪ ଜଣ ଶ୍ରଦ୍ଧାଳୁ ବୁଡିଯାଇଥିବା ବେଳେ ୧୩ ଜଣ ନିଖୋଜ ଅଛନ୍ତି ରବିବାର ପୁଲିସ କହିଛି। ପୁଣେ ଜିଲ୍ଲାର ଚକନ ଅଞ୍ଚଳରେ ଭିନ୍ନ ଭିନ୍ନ ଘଟଣାରେ ୪ ଜଣ ଭାସି ଯାଇଛନ୍ତି। ୱାକି ଖୁର୍ଦ୍ଦର ଭାମା ନଦୀରେ ଦୁଇଜଣ ଓ ଶେଲ ପିମ୍ପାଲଗାଓଁରେ ଜଣେ ଶ୍ରଦ୍ଧାଳୁ ▶ପୃଷ୍ଠା-୭



# ଅନ୍‌ଲାଇନ୍‌ରେ ଖାଦ୍ୟ ମଗାଇଲେ ୧୮% ଜିଏସ୍‌ଟି



■ **ନୂଆଦିଲ୍ଲୀ, ୭।୯ (ଏଜେନ୍ସି):** ପାର୍ବଣ ଋତୁ ପୂର୍ବରୁ ଜୋମାଟୋ, ସ୍ୱିଗୀ ଏବଂ ମ୍ୟାଜିକ୍‌ପିନ୍ ଭଳି ଅନ୍‌ଲାଇନ୍ ଫୁଡ୍ ଏଗ୍ରିଗେଟରମାନେ ସେମାନଙ୍କର ଗ୍ରାହକଙ୍କୁ ଏକ ବଡ଼ ଝଟ୍‌କା ଦେଇଛନ୍ତି। ଏହି କମ୍ପାନୀଗୁଡ଼ିକ ପ୍ଲାଟଫର୍ମ ଫି ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ଯାହାଫଳରେ ସାରା ଦେଶର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଅନ୍‌ଲାଇନରେ ଖାଦ୍ୟ ଅର୍ଡର କରିବା ମହଙ୍ଗା ହୋଇଯିବ। କାରଣ ସେପ୍ଟେମ୍ବର ୨୨ ରୁ ଅନ୍‌ଲାଇନ୍ ଫୁଡ୍ ଡେଲିଭରି ଚାର୍ଜ ଉପରେ ୧୮% ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବାକୁ ଯାଉଛି। ସ୍ୱିଗୀ କିଛି ନିର୍ଦ୍ଦିଷ୍ଟ ବଜାରରେ ଜିଏସ୍‌ଟି ସହିତ ଏହାର ପ୍ଲାଟଫର୍ମ ଚାର୍ଜ ୧୫ ଟଙ୍କାକୁ ବୃଦ୍ଧି ▶ପୃଷ୍ଠା-୭

## ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ
# ଆଶା-ଆଶଙ୍କାରେ ଦଳଡିଆଁ

**ଏକାଧିକ ନୂଆ ଆଶାୟୀ, ମନ୍ତ୍ରୀଙ୍କୁ ଘାରିଛି ବାଦ୍ ପଡ଼ିବାର ଭୟ**

**ମନ୍ତ୍ରୀ ପଦ ନ ମିଳିଲେ ଡିପିସି ଅଧ୍ୟକ୍ଷ, ରାଜ୍ୟ ସଂଗଠନରେ ମିଳିବ ଦାୟିତ୍ୱ !**

**ଦିଲ୍ଲୀ ଗଲେ ମନମୋହନ, ଆଜି ଯିବେ ମୁଖ୍ୟମନ୍ତ୍ରୀ ମୋହନ**

■ **ଭୁବନେଶ୍ୱର, ୭।୯ (ସମିସ):** ଗତ ସପ୍ତାହେ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ୪ ଦିନିଆ ଦିଲ୍ଲୀ ଗସ୍ତ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଦୁଇ ଥର ଦିଲ୍ଲୀ ଗସ୍ତ ରାଜ୍ୟ ରାଜନୀତିରେ ଉଷ୍ମତା ଭରିଛି। ଗ୍ରହଣ ସପ୍ତାହ ପରେ କୌଣସି ଦିନ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଏବେ ବିଜେପିରେ ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି। ଏହି ଚର୍ଚ୍ଚା ଆଲୋଚନା ମଧ୍ୟରେ ବେଶ୍ ଚିନ୍ତାରେ ଅଛନ୍ତି ଦଳଡିଆଁ ବିଧାୟକ। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଅନ୍ୟ ଦଳରୁ ଆସି ବିଜେପି ଟିକଟରେ ନିର୍ବାଚନ ଜିଣିଥିବା ବିଧାୟକ ଏବେ ଆଶା, ଆଶଙ୍କା ମଧ୍ୟରେ ଗତି କରୁଛନ୍ତି। ଦଳଡିଆଁଙ୍କ ମଧ୍ୟରୁ କିଛି ବିଧାୟକଙ୍କ ନାମ ମନ୍ତ୍ରିମଣ୍ଡଳ ରେସରେ ରହିଥିବା ଚର୍ଚ୍ଚା ହେଉଛି। ତେବେ ଅନ୍ୟ ଦଳରୁ ଆସିଥିବାରୁ ଶେଷ ମୁହୂର୍ତ୍ତରେ ବାଦ୍ ପଡ଼ିଯିବାର ଭୟ ସେମାନଙ୍କୁ ଘାରୁଛି। ଯାହାକୁ ନେଇ ସେମାନେ ନିଜ ନିଜ ନେତାଙ୍କ ନିକଟରେ ରାତିଦିନ ଅଧିଆ ପଡୁଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।

ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଏକାଧିକ ଥର ପ୍ରୟାସ ହୋଇଥିଲେ ହେଁ ଦଳ ମଧ୍ୟରେ ପ୍ରବଳ ଗୋଷ୍ଠୀବିବାଦ କାରଣରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ଭବ ହୋଇପାରୁ ନଥିଲା। ତେବେ ନିକଟରେ ଦଳର ଶୀର୍ଷ ନେତାଙ୍କ ମଧ୍ୟରେ ଏନେଇ ସହମତି ଆସିଥିବା କୁହାଯାଉଥିବା ବେଳେ ଖୁବଶୀଘ୍ର ସମ୍ପ୍ରସାରଣକୁ ଚୂଡ଼ାନ୍ତ ରୂପ ଦିଆଯିବ ବୋଲି ଆଲୋଚନା ଜୋର୍ ଧରିଛି। ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାକୁ ଆଶାୟୀ ନିଜ ନିଜ ନେତାଙ୍କ ନିକଟରେ ଲବି ରାଜନୀତି ଜୋର୍ କରିଥିବା ବେଳେ ଦଳଡିଆଁ ବିଧାୟକ ମଧ୍ୟ ଏଥିରେ ପଛରେ ନାହାନ୍ତି। ବିଶେଷକରି ଅନ୍ୟ ଦଳରୁ ଆସିଥିବା ବିଧାୟକ ପ୍ରଶାନ୍ତ ଜଗଦେବ, ସିଦ୍ଧାନ୍ତ ମହାପାତ୍ର, ଆକାଶ ▶ପୃଷ୍ଠା-୭

## ଲଗାମଛଡ଼ା କଳାବଜାରୀ
# ସାର ପାଇଁ ରାଜରାସ୍ତାରେ ଚାଷୀ

■ **ଭୁବନେଶ୍ୱର, ୭।୯ (ସମିସ):** ଚଳିତ ବର୍ଷ ଆଗୁଆ ମୌସୁମୀ ବର୍ଷା ହୋଇଛି। ଚାଷ ପାଇଁ ପାଗ ଅନୁକୂଳ ରହିଛି। ତେଣୁ ପୂର୍ବବର୍ଷ ତୁଳନାରେ ରାଜ୍ୟରେ ଏଥର ଅଧିକ ପରିମାଣ ଜମି ଚାଷ ହୋଇଛି। ମାତ୍ର ଚାଷ ପାଇଁ ଜରୁରୀ ସାର ଚାଷୀଙ୍କୁ ମିଳୁନି। ରାଜ୍ୟବ୍ୟାପୀ ମାସାଧିକ କାଳ ହେଲା ସାର ସମସ୍ୟା ଲାଗି ରହିଥିଲେ ହେଁ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ସାର ଯୋଗାଣସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ଘନ ଘନ ବୈଠକ ବସୁଛି। କାଗଜପତ୍ରରେ ସାରର ଉପଲବ୍ଧତା ବି ଦର୍ଶାଯାଉଛି। କିନ୍ତୁ ବାସ୍ତବରେ ସାର ପାଇଁ ପ୍ରତ୍ୟେକ ଦିନ ଚାଷୀ ରାଜରାସ୍ତାରେ ଆନ୍ଦୋଳନ କରୁଛି। ସାର ପର୍ଯ୍ୟାପ୍ତ ପରିମାଣରେ ମହଜୁଦ୍ ଥିବା ସରକାର କହୁଥିବା ବେଳେ ଚାଷୀଙ୍କୁ ଆବଶ୍ୟକ ମୁତାବକ ମିଳୁନଥିବା ଅଭିଯୋଗ ହେଉଛି। ତେଣୁ କେବେ ସାର ସମସ୍ୟାର ସମାଧାନ ହେବ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ସରକାରୀ ସାର ବାହାରେ କଳାବଜାରୀ ହେଉଥିବା ଭଳି ଅଭିଯୋଗ ଆସୁଥିଲେ ବି ସରକାର ଏହାକୁ ସେତେଟା ଗୁରୁତ୍ୱ ଦେଉନାହାନ୍ତି।

ଗତକାଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପୃଥକ୍ ପୃଥକ୍ ଭାବେ ସାରସ୍ଥିତିର ସମୀକ୍ଷା କରିଥିଲେ। ମୁଖ୍ୟ ଶାସନ ସଚିବଙ୍କ ବୈଠକରେ କୃଷି ଓ ସମବାୟ ସଚିବ ଉପସ୍ଥିତ ଥିଲେ। ସବୁ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଲାମ୍ପସ୍, ପାକ୍‌ସରେ ସାର ପହଞ୍ଚିବା, ଚାଷୀମାନଙ୍କୁ ସାର ଯୋଗାଣ, କଳାବଜାରୀ ରୋକିବା ଉପରେ ବୈଠକରେ ବିସ୍ତୃତ ▶ପୃଷ୍ଠା-୭

**ସମୀକ୍ଷାରେ ସୀମିତ ସରକାରୀ କାର୍ଯ୍ୟାନୁଷ୍ଠାନ**



## ମିଳୁନି ୟୁରିଆ
# ଜାତୀୟ ରାଜପଥ ଅବରୋଧ

■ **ଏମିଭି-୭୯/ମାଲକାନଗିରି, ୭।୯(ସମିସ):** ୟୁରିଆ ସାରର ଅଭାବ ଓ କଳାବଜାର ନେଇ ଆଜି ମହାରାଜପାଲ୍ଲୀ ପଞ୍ଚାୟତରେ ଚାଷୀ ଅସନ୍ତୋଷ ଦେଖାଦେଇଛି। ଉତ୍ତ୍ୟକ୍ତ ଚାଷୀମାନେ ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ମହାରାଜପାଲ୍ଲୀ ପଞ୍ଚାୟତ ସମ୍ମୁଖ ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। କାଳିମେଳା ଲ୍ୟାମ୍ପସ ଏମ୍‌ଡି ଚନ୍ଦନ କୁମାର ମଦଲାଙ୍କ ନେତୃତ୍ୱରେ ଲ୍ୟାମ୍ପସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ▶ପୃଷ୍ଠା-୭

# ରାଜଧାନୀରେ ପୁଣି ହତ୍ୟା

## ଯୁବକଙ୍କୁ ମାରି ଶୌଚାଳୟ ପଛରେ ଫିଙ୍ଗିଦେଲେ

■ **ଭୁବନେଶ୍ୱର, ୭।୯ (ସମିସ):** ରାଜଧାନୀରେ ପୁଣି ଜଣଙ୍କ ମୁଣ୍ଡ ଗଡ଼ିଛି। ମଞ୍ଚେଶ୍ୱର ଥାନା ରେଳଡବା ମରାମତି କାରଖାନା ନିକଟ ଖେଳ ପଡ଼ିଆରେ କିଛି ଦୁର୍ବୃତ୍ତ ଜଣେ ଯୁବକଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ଧରାପଡ଼ିଯିବା ଭୟରେ ଅଭିଯୁକ୍ତମାନେ ଶବକୁ ଲୁଚାଇ ଦେଇଥିଲେ। ଆଜି ପୁଲିସ୍ ଖେଳ ପଡ଼ିଆରେ ଥିବା ପାଇଖାନା ପଛପଟୁ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଦୁଇ ଦିନ ତଳୁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ଅନୁମାନ କରୁଛି। ଯୁବକଙ୍କ ପରିଚୟ ମିଳିନଥିବା ବେଳେ ବୟସ ପାଖାପାଖି ୩୫ବର୍ଷ ହେବ ବୋଲି କୁହାଯାଉଛି। ମୃତକଙ୍କ ପରିଚୟ ମିଳିବା ପରେ ତାଙ୍କ ପରିବାରଲୋକଙ୍କୁ ଖବର ଦିଆଯିବ। ପରିବାରଲୋକ ଆସିଲେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି।



ଅପରପକ୍ଷେ, ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରି ଏକାଧିକ ନମୁନା ସଂଗ୍ରହ କରିଛନ୍ତି। କେହି ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ହତ୍ୟା କରିବା ପରେ ପଥରରେ ମୁଣ୍ଡକୁ ଛେଚି ଦେଇଥିବା ପୁଲିସ ସନ୍ଦେହ କରୁଛି। ଯୁବକଙ୍କ ପରିଚୟ ମିଳି ନଥିବାରୁ ପୁଲିସ ନିଜଆଡୁ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ରେଳଡବା ମରାମତି କାରଖାନା ନିକଟସ୍ଥ ଖେଳ ପଡ଼ିଆ ଭିତରେ ଏକ ଶୌଚାଳୟ ରହିଛି। ଯୁବକଙ୍କୁ ହତ୍ୟା କରିବା ପରେ ଏହି ଶୌଚାଳୟ ପଛରେ ମୃତଦେହକୁ ଫିଙ୍ଗିଥିଲେ। କେହି ନ ଜାଣିବା ପାଇଁ ହତ୍ୟାକାରୀ ମୃତଦେହ ଉପରେ ପଟା ଏବଂ ଅଳିଆ ପକାଇ ଦେଇଥିଲା। ୨ ଦିନ ତଳେ ହତ୍ୟା କରାଯାଇଥିଲେ ମଧ୍ୟ କେହି ଜାଣିପାରି ନଥିଲେ। ଆଜି ସନ୍ଧ୍ୟାରେ ▶ପୃଷ୍ଠା-୭

### ■ ଶିକ୍ଷକଙ୍କ ନାଁରେ ଯୌନଶୋଷଣ ଅଭିଯୋଗ

# ଶିକ୍ଷକଙ୍କୁ କୋର୍ଟଚାଲାଣ କଲା ପୁଲିସ

**ଧର୍ମଗଡ଼/ଗୋଲାମୁଣ୍ଡା, ୭ ।୯ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଦଶପୁର ଫାଣ୍ଡି ଅଧିନ ବନ୍ଧାଗାଁରେ ଗତ ୩୧.୦୮.୨୫ରିଖ ଦିନ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା ।ଜଣେ ଛାତ୍ରୀ ଯୌନ ନିର୍ଯାତନାର ଶିକାର ହୋଇ ଶେଷରେ ବିଷପିଇ ଆତ୍ମହତ୍ୟା କରିଥିଲା ।ଛାତ୍ରୀ ଜଣକ ହେଲେ ବନ୍ଧାଗାଁର, ଛଦ୍ମ ନାମ କଳିକା(୨୦) । ଉକ୍ତ ଗାଁରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷକ ସୁନୀଲ ଚନ୍ଦ୍ର ଭୋଇଙ୍କ ସାଙ୍ଗରେ ଦୀର୍ଘ ୧ବର୍ଷ ଧରି ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଛାତ୍ରୀଜଣକଙ୍କୁ ବିଭିନ୍ନ ପ୍ରଲୋଭନ ଓ ବିବାହର ପ୍ରତିଶ୍ରୁତି ଦେଇ ଅନେକ ଥର ଯୌନ ଶୋଷଣ କରିଥିଲା । କୌଣସି କାରଣରୁ ଦୀର୍ଘ ୨ମାସ ହେବ ଉଭୟ ପ୍ରେମ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା । ଫଳରେ ଶିକ୍ଷକ ଜଣକ ଉକ୍ତ ଛାତ୍ରୀ ସାଙ୍ଗରେ



କଥାବାର୍ତ୍ତା ହେବା ସମ୍ପୂର୍ଣ୍ଣ ରୂପରେ ବନ୍ଦ କରି ଛାତ୍ରୀଙ୍କ ଠାରୁ ଦୂରେଇ ଯାଇଥିଲେ। ଫଳରେ ଛାତ୍ରୀ ଜଣକ ଲୋକଲଜ୍ଜା ଭୟରେ ଓ ଶିକ୍ଷକଙ୍କ ପ୍ରତାରଣା ସହି ନ ପାରି ୩୧ତାରିଖ ଦିନ ସକାଳ ସମୟରେ ନିଜ ଘରେ ବିଷ ପିଇ ଆତ୍ମହତ୍ୟା କରିଥିଲେ ।ଏନେଇ ଖବର ପାଇ ଦଶପୁର ଫାଣ୍ଡି ପୁଲିସ ପହଞ୍ଚି ଶବକୁ ଜବତ କରିଥିଲା । ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରିଥିଲେ ।ଯୁବତୀ ଜଣକ ଆତ୍ମହତ୍ୟା କରିଥିବା ଘଟଣାସ୍ଥଳରୁ ଛାତ୍ରୀଙ୍କ ଏକ ହାତ ଲେଖା ଡାଇରୀ ଓ ବିଭିନ୍ନ ପ୍ରକାର ଗୁରୁତ୍ୱପୂର୍ଣ୍ଣ କାଗଜ ଜବତ କରିଥିଲା ପୁଲିସ । ଏହାକୁ ଆଧାର କରି ଦଶପୁର ପୁଲିସ କେସ ନମ୍ବର ୧୨୯/୨୫ରେ ମାମଲା ରୁଜୁ କରି ଶିକ୍ଷକ ସୁନୀଲ ଚନ୍ଦ୍ର ଭୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ଅଭିଯୁକ୍ତ ଶିକ୍ଷକଙ୍କ ଘର କେସିଙ୍ଗା ଥାନା ବ୍ରାହ୍ମଣୀ ଗାଁର ବୋଲି ଜଣାପଡ଼ିଛି ।

# ବିଭିନ୍ନ ସ୍ଥାନରେ ଖାଦ୍ୟ ସୁରକ୍ଷା ବିଭାଗର ଯାଞ୍ଚ

## ବାସିଖାଦ୍ୟ ଯୋଗୁଁ 'ଆପନା' ଢାବାକୁ ତାଗିଦ୍

**କୋକସରା, ୭ ।୯ (ସମିସ):** ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଶନିବାର କୋକସରା ବ୍ଲକର ଲଡୁଗାଁର ବିଭିନ୍ନ ହେଟେଲ ସମେତ ନିକଟବର୍ତ୍ତୀ ଅଞ୍ଚଳର ଅନେକ ଦୋକାନ ଯାଞ୍ଚ କରାଯାଇଛି ।



୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଡଙ୍ଗରୀଗୁଡାସ୍ଥିତ ଅପନା ଢ଼ାବାରେ ମଧ ବିଭାଗ ପକ୍ଷରୁ ଖାଦ୍ୟ ଯାଞ୍ଚ କରାଯାଇଛି । ଧର୍ମଗଡ଼ ଉପଖଣ୍ଡ ଖାଦ୍ୟ ସୁରକ୍ଷା ଅଧିକାରୀ ବିଶ୍ୱଜିତ ନାଏକ, ଏମଟିଏସ୍ ଗଜିନ୍ଦ୍ର କୈବର୍ତ୍ତ ପ୍ରମୁଖ ଯାଞ୍ଚ କରିଥିଲେ । ମୋଟ ୨୭ ଟି ସ୍ଥାନ ପରିଦର୍ଶନ କରି ଯାଞ୍ଚ କରାଯାଇଥିବା ବେଳେ ବିନା ଖାଦ୍ୟ ସୁରକ୍ଷା ସାର୍ଟିଫିକେଟରେ କାର୍ଯ୍ୟ କରୁଥିବା ଖାଦ୍ୟ ବ୍ୟବସାୟୀ ଓ ପରିଚାଳକଙ୍କୁ ନୋଟିସ ପ୍ରଦାନ କରାଯାଇଛି । ଏହା ସହିତ ନିର୍ଦ୍ଧାରିତ ପରିଷ୍କାର ପରିଚ୍ଛନ୍ନତା ଏବଂ ଖାଦ୍ୟ ସୁରକ୍ଷା ମାନଦଣ୍ଡ ପାଳନ କରୁ ନଥିବାରୁ ହୋଟେଲ ଗୁଡ଼ିକକୁ ଚେତାବନୀ ଦିଆଯାଇଛି । ସେହିପରି ଡଙ୍ଗରୀଗୁଡା ସ୍ଥିତ ଅପନା ଢ଼ାବାରେ ବାସି ଖାଦ୍ୟ ପରସା ଯାଉଥିବା ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା । ଏହାକୁ ନେଇ ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀ ମାନେ ଢ଼ାବାରେ ପହଞ୍ଚି ଖାଦ୍ୟ ଯାଞ୍ଚ କରିଥିଲେ । ତେବେ ବାସି ଖାଦ୍ୟ ରହିଥିବା ଦେଖିବାକୁ ପାଇ ଢ଼ାବା ମାଲିକଙ୍କୁ ତାଗିଦ୍ କରିବା ସହ ୧୦ ହଜାର ଟଙ୍କା ଫାଇନ କରିବା ନେଇ ଉଚ୍ଚ ଅଧିକାରୀଙ୍କୁ ଜଣାଇଥିବା ସୂଚନା ମିଳିଛି । ଏହାବାଦ୍ ଆଗକୁ ଗ୍ରାହକଙ୍କୁ ବାସୀଖାଦ୍ୟ ପରସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଚେତାବନୀ ମଧ ଦିଆଯାଇଛି ।

## ସଂସ୍କାର ଭାରତୀ ପକ୍ଷରୁ ନୂଆଖାଇ ଭେଟ୍‌ଘାଟ ଓ କବି ସମ୍ମିଳନୀ

# ଉନ୍ନତ ଭାଷା ହିଁ ଉତ୍କୃଷ୍ଟ ସାହିତ୍ୟ ସୃଷ୍ଟିର ମାଧ୍ୟମ




**ଭବାନୀପାଟଣା, ୭ ।୯ (ସମିସ)**

କଳା ଓ ସଂସ୍କୃତି ପାଇଁ ସଦା ସମର୍ପିତ 'ସଂସ୍କାର ଭାରତୀ' କଳାହାଣ୍ଡି ତରଫରୁ ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂସ୍କାର ଭାରତୀ ଜିଲ୍ଲା ସଭାପତି ଭାଗୀରଥୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା 'ନବାର୍ଣ୍ଣରେ ନବଚେତନା'ଶୀର୍ଷକ କବିତା ପାଠୋତ୍ସବ । ନିମନ୍ତ୍ରିତ କବିଙ୍କ ନିର୍ବାଚିତ ଶବ୍ଦ ସମ୍ଭେଳନକୁ ବରିଷ୍ଠ ଶିକ୍ଷାବିତ୍ ତଥା ଶବ୍ଦ ବିଶେଷଜ୍ଞ ଡ.ଉମେଶ ଚନ୍ଦ୍ର ଶତପଥୀ ଉଦଘାଟନ କରିଥିଲେ । ଉନ୍ନତ ଭାଷା ଦ୍ୱାରା ଉତ୍କୃଷ୍ଟ ସାହିତ୍ୟ ସୃଷ୍ଟିର ସମ୍ଭାବନାକୁ ନିଶ୍ଚିତ କରିଥାଏ । ବିଶେଷଭାବେ ଆମ ସଂସ୍କୃତି ହିଁ ଆମ ପରିଚୟ ନିର୍ଣ୍ଣୟ କରିପାରେ ବୋଲି ଉଦଘାଟକ ଡ଼.ଉମେଶ ଶତପଥୀ ମତବ୍ୟକ୍ତ କରିଥିଲେ ।ଯୁବକବି ଆଶୁତୋଷ ପୁରୋହିତଙ୍କ ସଂଯୋଜନାରେ କଳ୍ପନା ରଥ, ସୋହନଲାଲ ଅଗ୍ରୱାଲ, ସ୍ୱାଧୀନ ପାତ୍ର, ଭାଗୀରଥୀ ବେହେରା, ପ୍ରମୋଦ କୁମାର ଖମାରୀ, ଆଶୁତୋଷ ପୁରୋହିତ, ସୌରଭ ମହାପାତ୍ର, ପ୍ରତାପ ଚନ୍ଦ୍ର ପଣ୍ଡା, ରମାକାନ୍ତ ପାଢ଼ୀ, ନିକିତା ସାହୁ, କେତନ ରଣା, ତିଳକରାମ ନିଆଲ, ସାଗର ବୈଠାରୁ, ରାଜେଶ ଦାଶ ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ । ସଂସ୍କାର ଭାରତୀ ଜିଲ୍ଲା ସାହିତ୍ୟ ସଂଯୋଜକ ପ୍ରତାପ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସଭାପତି ଭାଗୀରଥୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

ସନ୍ଧ୍ୟାର ମନୋଜ୍ଞ ପରିବେଶରେ ଆରମ୍ଭ ହୋଇଥିଲା ସାଂସ୍କୃତିକ ବିଚ୍ଛିତ୍ରା । ସଂସ୍କାର ଭାରତୀର ଜିଲ୍ଲା ସଭାପତି ଭାଗୀରଥି ବେହେରାଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ସମାଜସେବୀ ସୁଧାଂଶୁ ଶେଖର ନେଗୀ ଉଦ୍‌ଘାଟନ କରି ନବାନ୍ନରେ ନବ ପଲ୍ଲବିତ ଧରା ବିଷୟରେ ଆଲୋଚନା କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ଯୁବ କବି ପ୍ରତାପ ଚନ୍ଦ୍ର ପଣ୍ଡା ଏବଂ ଯୁବ ନାଟ୍ୟକାର ସୌରଭ ମହାପାତ୍ର ଯୁଗଳବନ୍ଦୀରେ ପରିଚାଳନା କରିଥିଲେ । ସଙ୍ଗୀତ, ନୃତ୍ୟ ଓ କଳାର ସଙ୍ଗମରେ କଳାକାର କ୍ଷୀରସିନ୍ଧୁ ଭୋଇଙ୍କ



ନେତୃତ୍ୱରେ ମାନସ ପଣ୍ଡା, ହରି ସାହୁ ଏବଂ ମାନସ ସାଙ୍କ କଳାକୃତି ଦ୍ୱାରା ତ୍ରିଧାରା ଭଳି ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଙ୍ଗୀତ କ୍ଷେତ୍ରରେ କଳାହାଣ୍ଡି ଲେଖକ କଳା ପରିଷଦର ବିଶିଷ୍ଟ ସଙ୍ଗୀତ ଗୁରୁ ସୁଧୀର ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗୁରୁ ନରେନ୍ଦ୍ର ପଣ୍ଡା, ଦୁର୍ଗା ଶଙ୍କର ପଟ୍ଟନାୟକ, ଜୟରାମ ସାହୁ, ସନ୍ଦିପ ପଣ୍ଡା ବିଭିନ୍ନ ବାଦ୍ୟଯନ୍ତ୍ରରେ ସାଥୀ ଥିବାବେଳେ କଳା ପରିଷଦ ସଙ୍ଗୀତ ବିଦ୍ୟାଳୟର କଣ୍ଠଶିଳ୍ପୀ ସସ୍ମିତା ରଥ, ସସ୍ମିତା ମହାନ୍ତି, ନମୀତା ମିଶ୍ର, ରୋଜାଲିନ ତ୍ରିପାଠୀ, ବୈଷ୍ଣବୀ ପଲ୍ଲବ, ସଙ୍ଗୀତା ରାଉତ ଓ କାଜଲ ମହାରଣା କଣ୍ଠଦାନ କରିଥିଲେ । ଅନୁଷ୍ଠିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ମନମୁଗ୍ଧକର ହୋଇଥିଲା ।ଶେଷରେ ଜିଲ୍ଲା କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ । ଯୁବକବି ପ୍ରତାପ ଚନ୍ଦ୍ର ପଣ୍ଡା ଶାନ୍ତି ପାଠ ସହିତ ସଭା ସାଙ୍ଗ ଘୋଷଣା କରିଥିଲେ । ପ୍ରାନ୍ତ ମହାମନ୍ତ୍ରୀ ଉମେଶ ଚନ୍ଦ୍ର ପଣ୍ଡା, ପ୍ରାନ୍ତ ଅଧ୍ୟକ୍ଷ ହରେକୃଷ୍ଣ ଭୋଇ, ତାପସ ରଞ୍ଜନ ପଟେଲ ଏବଂ ଆଲୋକ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

### ଅନ୍ତର୍ଜାତୀୟ ସାକ୍ଷରତା ସପ୍ତାହ

# ଲାଞ୍ଜିଗଡ଼ରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼, ୭ ।୯ (ସମିସ):** ନବଭାରତ ସାକ୍ଷରତା କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ସାକ୍ଷରତା ସପ୍ତାହ ବିଶେଷ ଉତ୍ସାହର ସହ ପାଳନ କରାଯାଉଛି । ଏହି ଉପଲକ୍ଷେ ଅଞ୍ଚଳର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ଓ ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ସାକ୍ଷରତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଯାହା ଶିକ୍ଷାର ଗୁରୁତ୍ୱକୁ ପ୍ରଚାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଷିଆ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢ଼ଳଦେବ ମୁଣ୍ଡ, ଭାରତ ଭୂଷଣ ସାହୁଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍ଥାନୀୟ ସମାଜସେବୀମାନେ ଉତ୍ସାହର ସହ ଅଂଶଗ୍ରହଣ କରୁଛନ୍ତି । ସଚେତନତା ପଦଯାତ୍ରା ମାଧ୍ୟମରେ ଛାତ୍ରଛାତ୍ରୀ 'ସମସ୍ତଙ୍କୁ ସାକ୍ଷର କରିବା' ଲକ୍ଷ୍ୟକୁ ଗାଁ ଗହଳିରେ ପ୍ରଚାର କରୁଛନ୍ତି ।ସପ୍ତାହବ୍ୟାପୀ ଚିତ୍ରାଙ୍କନ, ରଚନା, କୁଇଜ୍, ସ୍ଲୋଗାନ୍ ଲେଖନ ପ୍ରତିଯୋଗିତା, ସାମୂହିକ ଆଲୋଚନା ଏବଂ ସାମାଜିକ ସଭା ଆୟୋଜିତ ହେଉଛି । ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଷିଆ ମେହେର କାର୍ଯ୍ୟକ୍ରମରେ ସାକ୍ଷରତାର ଗୁରୁତ୍ୱ ଉପରେ ଆଲୋକପାତ କରି କହିଛନ୍ତି । ସାକ୍ଷରତା କେବଳ ପଢ଼ିବା ଓ ଲେଖିବା ଶିଖିବା ନୁହେଁ, ଏହା ସମାଜର ଆବଶ୍ୟକତା, ଆର୍ଥିକ ସ୍ୱାଧୀନତା, ସଚେତନତା ଏବଂ ସୁସଂସ୍କୃତ ସାମାଜିକ ଜୀବନର ମୂଳଦୁଆ । କୌଣସି ନାଗରିକ ଶିକ୍ଷାରୁ ବଞ୍ଚିତ ରହିବା ଉଚିତ୍ ନୁହେଁ । ସାକ୍ଷର ସମାଜ ହିଁ ଏକ ସୁସଂଗଠିତ ଓ ସଶକ୍ତ ଭାରତ ଗଠନ ପାଇଁ ଅପରିହାର୍ଯ୍ୟ । ଅନ୍ତର୍ଜାତୀୟ ସାକ୍ଷରତା ସପ୍ତାହ ପାଳନ ଲାଞ୍ଜିଗଡ଼ର ସ୍ଥାନୀୟ ସମାଜରେ ଏକ ନୂଆ ଉତ୍ସାହ ଓ ସାମୂହିକ ଦାୟିତ୍ୱର ଭାବନା ସୃଷ୍ଟି କରିଛି । ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ସମାଜସେବୀମାନଙ୍କର ସକ୍ରିୟ ଯୋଗଦାନ କାର୍ଯ୍ୟକ୍ରମକୁ ସାକ୍ଷରତା ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ କରିଛି ।



# ଗଞ୍ଜେଇ ଜବତ, ଜଣେ ଗିରଫ

**ମ. ରାମପୁର, ୭ ।୯ (ସମିସ):** କଳାହାଣ୍ଡି ଏସପିଙ୍କ ନିର୍ଦ୍ଦେଶକ୍ରମେ ମ.ରାମପୁର ଥାନା ଉର୍ଲାଦାନୀ ଠାରୁ ନାଗଝରି ଗାଁକୁ ଯିବା ରାସ୍ତା କଡରେ ଗଞ୍ଜେଇ ଚୋରା ଚାଲାଣ ସମୟରେ ମ.ରାମପୁର ଥାନା ପୁଲିସ ଚଢ଼ାଉ କରି ୧୪ବସ୍ତା ଗଞ୍ଜେଇ ଜବତ କରି ଜଣକୁ ଗିରଫ କରିଛି ।ଗିରଫ ବ୍ୟକ୍ତି ମାରଦିଙ୍ଗ ଗାଁର ଆଦେଶ ନାଏକ । ଜବତ ଗଞ୍ଜେଇ ଏକ କୁଇଣ୍ଟାଲ ଷାଠିଏ କିଲୋଗ୍ରାମ ହେବ ବୋଲି ପୁଲିସ ସୂଚନା ଦେଇଛି ।

# ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ

**ଧର୍ମଗଡ଼, ୭ ।୯ (ସମିସ):** ଗୋଲାମୁଣ୍ଡା ବ୍ଲକ କେଗାଁ ଥାନା ଅନ୍ତର୍ଗତ ଚପୁରିଆ ଗାଁରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ।ଚପୁରିଆ ଗ୍ରାମର ଜଣେ ବିବାହିତ ପୁରୁଷ ଉକ୍ତ ଗ୍ରାମର ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ପରେ କେଗାଁ ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଉକ୍ତ ଗ୍ରାମର ନୂତନ ବାଗ (୩୭) ।ଏନେଇ ଶନିବାର ମହିଳାଙ୍କ ପରିବାର ତରଫରୁ କେଗାଁ ଥାନାରେ ଲିଖିତ ଅଭିଯୋଗ ପରେ କେସ ନମ୍ବର ୨୧୪/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କେଗାଁ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ କେଗାଁ ଥାନା ସବଇନ୍ସପେକ୍ଟର ଅନିଲ କୁମାର ପାଢ଼ୀ ସୂଚନା ଦେଇଛନ୍ତି ।

# କଳାହାଣ୍ଡିରେ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର ନିର୍ବାଚନ

**ଭବାନୀପାଟଣା, ୭ ।୯ (ସମିସ):** ରବିବାର କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ପରିସରରେ ଥିବା ଏମ୍‌ଏଚ ବିଲ୍ଡିଂର ପଞ୍ଚମ ମହଲାର ବୈଠକ ଗୃହରେ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ କଳାହାଣ୍ଡି ଜିଲ୍ଲା ଶାଖାର ୨୦୨୫-୨୭ବର୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସଭାପତି ପଦ ପାଇଁ ଶ୍ରୀମତୀ ସନ୍ଧ୍ୟାରାଣୀ ରଥ, ଉପସଭାପତି ପଦ ପାଇଁ ତ୍ରିବିକ୍ରମ ପଧାନ, ସମ୍ପାଦକ ପଦ ପାଇଁ ବସନ୍ତ କୁମାର, ସହ ସମ୍ପାଦକ (ସଂଗଠନ) ପାଇଁ ଅଜିତ କୁମାର ସାହୁ, ସହ ସମ୍ପାଦକ (ଅର୍ଥ) ପାଇଁ ଅନନ୍ତ ସାହୁ, ସହ ସମ୍ପାଦକ (ସମନ୍ୱୟ) ପାଇଁ ହିମାଂଶୁ ଶେଖର ପାଢ଼ୀ, ସହ ସମ୍ପାଦକ (ସାଂସ୍କୃତିକ) ପାଇଁ ରୋଶନ ସାହୁ, କୋଷାଧ୍ୟକ୍ଷ ପଦ ପାଇଁ କ୍ଷୀରସିନ୍ଧୁ ରଣା, ଅଡିଟର ପଦ ପାଇଁ ମମତା ଶତପଥୀ ନାମାଙ୍କନପତ୍ର ଦାଖଲ କରିଥିଲେ । ହେଲେ ସେମାନଙ୍କ ବିରୋଧରେ ଅନ୍ୟ କେହି କୌଣସି ପଦ ପାଇଁ ନାମାଙ୍କନ ପତ୍ର କରିନଥିବା ଯୋଗୁଁ ସେମାନେନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ଅଧିକାରୀ ଭାବରେ ରବିମଣି ସିଂହ ଓ ସୁଭାସିନୀ ଧୁରୁଆ, ପ୍ରିଜାଇଡିଂ ଅଫିସର ଭାବେ କନକଲତା ସେଠୀ ଓ ମେନକା ସ୍ୱାଇଁ ସେହିପରି ପୁଲିଂ ଅଫିସର ଭାବେ ବେବିଆନା ସାଙ୍ଗା ଓ ସଲିଳା ବିହାରୀଙ୍କ ସହ ମୋନୋନିତ ଥିବା ୩୦ ଜଣ ସ୍ୱେଚ୍ଛାସେବୀ ମିଶି ସୁଚାରୁରୂପେ ନିର୍ବାଚନ ପରିଚାଳନା କରିଥିଲେ । ଫଳାଫଳ ଘୋଷଣା ହେବା ପରେ ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇ ନିର୍ବାଚିତ ପ୍ରତିନିଧିମାନେ ଛୁଟି ଦିନମାନଙ୍କରେ ସମୟ ବାହାର କରି ସଂଘର କର୍ମକର୍ତ୍ତାଙ୍କ ସହଯୋଗରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯିବା ସହ ସମସ୍ତେ ଏଥିରେ ସହଯୋଗର ହାତ ବଢ଼ାଇବା ପାଇଁ ସଭାରେ ଆଲୋଚନା କରାଯାଇଥିଲା ।

# ବର୍ଷାରେ ଧୋଇଗଲା ସରମାଣ୍ଡି ଉଭୟ ପଡ଼ାର ସଂଯୋଗ ରାସ୍ତା

**ଥୁଆମୂଳରାମପୁର, ୭ ।୯ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଦୁର୍ଗମ ସିଲେଟ ପଞ୍ଚାୟତ ଅଞ୍ଚଳରେ ପ୍ରବଳ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି । ରବିବାର ଅପରାହ୍ନରେ



ହୋଇଥିବା ପ୍ରବଳ ବର୍ଷା ପ୍ରଭାବରେ ପଞ୍ଚାୟତର ସରମାଣ୍ଡି ଗ୍ରାମର ଉପରପଡ଼ା ଏବଂ ଗୁଡିପଡ଼ାକୁ ସଂଯୋଗ କରୁଥିବା ମାଟିରାସ୍ତା ଧୋଇନେଇଛି ।ଫଳରେ ଉଭୟ ପଡ଼ାବାସୀଙ୍କ ଯାତାୟତ ପାଇଁ ନାହିଁ ନଥିବା ଅସୁବିଧା ସୃଷ୍ଟି ହେଉଛି ।ଚିରଅବହେଳିତ ଅବସ୍ଥାରେ ରହିଥିବା ଏହି ଗାଁର ବିକାଶ ପାଇଁ ନା ଜନପ୍ରତିନିଧି ନା ପ୍ରଶାସନ କାହାରି ମଧ୍ୟ ଆଜିଯାଏ ଦୃଷ୍ଟି ପଡ଼ିପାରିନି ଯାହା ବିଡମ୍ବନାର ବିଷୟ । ସିଲେଟପଞ୍ଚାୟତ ଅନ୍ତର୍ଗତ ଏହି ଗ୍ରାମକୁ ସଂଯୋଗ କରିବାକୁ ଯାଉଥିବା ପ୍ରଧାନମନ୍ତ୍ରୀ ସଡକ ଅଧବାଟରେ ଦରଖଣ୍ଡିଆ କରି ଛାଡି ଦିଆଯାଇଛି । ବର୍ଷା ଦିନେ ସମସ୍ୟା ସାଙ୍ଘାତିକ ହୋଇଥାଏ । ବିକାଶ ମଧ ସେଇ ଅଧବାଟରୁ ଅଦୃଶ୍ୟ ହୋଇଯାଏ । ଗାଁରେ ଉନ୍ନୟନମୂଳକ କାର୍ଯ୍ୟର ମୁଠାଏ ସିମେଣ୍ଟ କଂକ୍ରିଟର ଚିହ୍ନ ନଥିବା ବେଳେ ଏଇ ପାଦଚଲା ବାଟର କଥା କିଏ ପଚାରେ । ଉଭୟ ପଡ଼ାକୁ ସଂଯୋଗ କରୁଥିବା ରାସ୍ତାକୁ ପକ୍କା କରାଯିବା ପାଇଁ ଖସଡା ପ୍ରସ୍ତୁତ ହୋଇଛି ବୋଲି ପିଇଓ ମୁକେଶ ପୁଟେଲ୍ ସୂଚନା ଦେଇଛନ୍ତି ।

### ଖରିଆରରୋଡରୁ ବାହାରିଲା ସବୁଜ ରଥ

# ପ୍ରତି ପଞ୍ଚାୟତରେ ହେବ ୫ଶହ ଚାରାରୋପଣ

**ନୂଆପଡ଼ା, ୭ ।୯ (ସମିସ):** ନୂଆପଡ଼ା ଜିଲ୍ଲା ଖରିଆରରୋଡ ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟରୁ ବାହାରିଲା ସବୁଜ ରଥ । ଏହାକୁ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ସ୍ଥାନୀୟ କାର୍ଯ୍ୟାଳୟରେ ରବିବାର ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲାପାଳ ମୁଖ୍ୟଅତିଥି, ଜିଲ୍ଲାପରିଷଦ ମୁଖ୍ୟକାର୍ଯ୍ୟନିର୍ବାହୀ ଲମ୍ବୋଦର ଧରୁଆ, ରେଞ୍ଜର ଜୟଦେବ ମାଝୀ, କୋମନା ରେଞ୍ଜର ଦେବଦତ ସୁତାର, ନୂଆପଡ଼ା ବିଡିଓ ରୋହିତ ଭୋଇ, ଖରିଆରରୋଡ ଏନଏସି କାର୍ଯ୍ୟନିବାହୀ ଅଧିକାରୀ କମଳାସନ ରଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ସୂଚନା ଯୋଗ୍ୟ ଯେ ପ୍ରତି ପଞ୍ଚାୟତରେ ୫ଶହ ଚାରାରୋପଣର ଲକ୍ଷ୍ୟ ରଖାଯାଇଛି ।ଏହି ଉଦ୍ଦେଶ୍ୟରେ ସେପ୍ଟେମ୍ବର ୭ରୁ ୧୦ତାରିଖ ମଧ୍ୟରେ ଜିଲ୍ଲାର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ଗୁଡିକରେ ଏହି ରଥ ଜରିଆରେ ଚାରା ଯୋଗାଣ କରାଯିବବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି । ଏହିଭଳି ରଥ ସବୁ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ପରିକ୍ରମା କରିବ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରକୃତି ପ୍ରେମୀ ମନୋଜ ଡାଗା, ଫରେଷ୍ଟର ବିନୋଦ ବିହାରୀ ନାୟକ, ତ୍ରିବିକ୍ରମ ନାଏକ, ସଂଯୁକ୍ତା ବାରିକ, ଫରେଷ୍ଟ ଗାର୍ଡ ଶୁଭସ୍ମିତା ମହାନ୍ତି, ସଚିଦାନନ୍ଦ ସାହୁ, ଜିତାମିତ୍ର ଭୋଇ, ଉତମ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ଲୋହୋଣ୍ଡୋ ପାଲିରେ ଯୁବ ଯାଦବ ବୈଠକ

**କୋମନା, ୭ ।୯ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଲାହୋଣ୍ଡୋପାଲିରେ ଯୁବ ଯାଦବ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବ୍ଲକ ସଭାପତି କାର୍ତିକ ବାଗ ଅଧ୍ୟକ୍ଷତା କରିଥିବାବେଳେ କାର୍ଯ୍ୟକାରି ସଭାପତି ପରମାନନ୍ଦ କରୁଆଁ, ଉପସଭାପତି କେଶବ ବେମାଲ, ସହସମ୍ପାଦକ ଲଳିତ କୁମାର ନିଆଲ, କୋଷାଧ୍ୟକ୍ଷ ବଳବନ୍ଧୁ ଘିବେଲା ଉପସ୍ଥିତ ଥିଲେ ।ଏଥିରେ ଜିଲ୍ଲା ଯୁବ ପ୍ରତିନିଧି ତୋଫାନ ନିଆଲ, ଜିଲ୍ଲା କାର୍ଯ୍ୟକାରିଣୀ ତ୍ରିଲୋଚନ ନାଗ, ସମ୍ପାଦକ ବିରାଟ ବାଗ ବିଶେଷ ଭାବରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଯୁବ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଆଗାମୀ ଦିନରେ ଓବିସି ସଂଗଠନକୁ କିପରି ମଜବୁତ କରାଯିବ ସେ ଉପରେ ମଧ ଆଲୋଚନା ହୋଇଥିଲା । ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଭାବେ ସଭାପତି ପୁରନ୍ଦର ନିଆଲ, ଉପସଭାପତି ବିଜୟ ହାତୀ, ସମ୍ପାଦକ ବିଦ୍ୟାଧର ବେମାଲ, ସହସମ୍ପାଦକ ମହେଶ୍ୱର ବାଗ, କୋଷାଧ୍ୟକ୍ଷ ଜୟଦେବଙ୍କୁ ଦାୟିତ୍ୱ ଦିଆଗଲା । ବୈଠକରେ କେଶବ ବେମାଲ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଶାନ୍ତ ବେମାଲ, ନବକିଶୋର କେତକୀ, ବାସୁଦେବ ବାଗ, ନୀଳମୟ ବାଗ, ପୀତବାସ ହାତୀ ପ୍ରମୁଖ ସହଯୋଗ କରିଥିଲେ ।

## ନୂଆପଡ଼ାରେ ଜିଲ୍ଲା ରାଜସ୍ୱ ଅଧିକାରୀ ବୈଠକ

# ପ୍ଲାଷ୍ଟିକମୁକ୍ତ, ସ୍ୱଚ୍ଛତା ଓ ବୃକ୍ଷରୋପଣକୁ ଗୁରୁତ୍ୱ

**ନୂଆପଡ଼ା, ୭ ।୯ (ସମିସ)**

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ରାଜସ୍ୱ ଅଧିକାରୀମାନଙ୍କ ତଥା ରାଜସ୍ୱ ସଂଗ୍ରହ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବନଖଣ୍ଡ ଅଧିକାରୀ ଖଡ଼ିଆଳ ଅଜିଜ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଡେପୁଟୀ କଲେକ୍ଟର ଶେଖ ନସିମ, ହେମନ୍ତ ପୁଟା, ସମସ୍ତ ବିଡ଼ିଓ ଓ ତହସିଲଦାର, ଅତିରିକ୍ତ ତହସିଲଦାର, ବିଭିନ୍ନ ବିଭାଗର ଯନ୍ତ୍ରୀ, ଖଣି ଅଧିକାରୀ, ଅବକାରୀ ଅଧିକ୍ଷକ, ପରିବହନ ଅଧିକାରୀ, ସମସ୍ତ ଏନ୍ ଏ ସି କାର୍ଯ୍ୟନିର୍ବାହି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଡିଇଜିଏମ ପ୍ରମୁଖ ଯୋଗ ଦେଇଥିଲେ । ବୈଠକକୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେଯେ ସମସ୍ତ ତହସିଲଦାର, ଆଡିସିଓନାଲ ତହସିଲଦାର ରାଜସ୍ୱ ନିରୀକ୍ଷକ ଅତି ଶୀଘ୍ର ନିଜ ନିଜ ତହସିଲର ଫେରନ୍ତା ପ୍ରବାସୀ ଶ୍ରମିକଙ୍କୁ ଚିହ୍ନଟ କରି ଘରଡିହ ନ ଥିଲେ ଯୋଗାଇ ଦେବେ । ଚାଷ ଜମି ମୋଟେ ନ ଥିଲେ ସରକାରୀ ନିୟମ ମୁତାବକ ଜମି ଲିଜ ଦେବେ । ଦ୍ୱିତୀୟ ଖାନା ସଂଶୋଧନ କରିବେ ଯାହାଦ୍ୱାରା ସେମାନେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସୁଫଳ ପାଇ ପାରିବେ । ସମସ୍ତ ରାଜସ୍ୱ ଅଧିକାରୀ ନିୟମିତ ବିଭିନ୍ନ ଉତ୍ସରୁ ଜିଲ୍ଲାର ରାଜସ୍ୱ ବୃଦ୍ଧି ପାଇଁ ଧ୍ୟାନ ଦିଅନ୍ତୁ । ସମସ୍ତ ଅଧିକାରୀ ସହଯୋଗ କରି ଜିଲ୍ଲା ରେଡକ୍ରସ ପାଣ୍ଠି ବୃଦ୍ଧି କରନ୍ତୁ । ବିଭିନ୍ନ ବିଭାଗର ସମୀକ୍ଷାରୁ ଜଣାଗଲା



ଯେ ଚଳିତ ଆର୍ଥିକ ବର୍ଷ ୨୦୨୫ ଅଗଷ୍ଟ ପର୍ଯ୍ୟନ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦ୍ୱାରା ୫ କୋଟି ୬୪ଲକ୍ଷ ଟଙ୍କା ସଂଗ୍ରହ ହୋଇଛି । ଜିଲ୍ଲାପାଳ କହିଲେ ଯେ ରାସ୍ତା ଦୁର୍ଘଟଣାରେ ବିଶେଷକରି ବାଇକ୍ ଚାଳକ ଯୁବା ବର୍ଗଙ୍କ ଜୀବନ ହାନି ଘଟୁଥିବାରୁ ମଦ୍ୟପାନ ଏବଂ ବିନା ହେଲମେଟରେ ବାଇକ୍ ଚାଳନା ଉପରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଉ । ଅବକାରୀ ବିଭାଗ ଦ୍ୱାରା ଅଗଷ୍ଟ ସୁଦ୍ଧା ୮ କୋଟି ୫୬ ଲକ୍ଷ ଟଙ୍କା ରାଜସ୍ୱ ସଂଗ୍ରହ ହୋଇଛି । ବେଆଇନ ମଦ କୋଠି, କଫ ସିରପ୍, ଗଞ୍ଜେଇ କାରବାରକୁ ଦୃଢ଼ ହସ୍ତରେ ଦମନ କରି କେଶ ସଂଖ୍ୟା ବଢ଼ାଇବା ପାଇଁ ଜିଲ୍ଲାପାଳ ଅବକାରୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଜିଲ୍ଲାର ସମସ୍ତ ଖଣି ଖାଦାନ ବାଲି ମୋରମ ପଥରରୁ ନିୟମିତ ରାଜସ୍ୱ ସଂଗ୍ରହ ହେବ । ମାଇନିଙ୍ଗ, ପୋଲିସ ଓ ତହସିଲ୍ ବିଭାଗ ମିଳିତ ଭାବରେ ରେଡ୍ କରିବେ । ଖଣି ବିଭାଗ ଗତ ମାସ ସୁଦ୍ଧା ସୁଦ୍ଧା ୧ କୋଟି ୫୦ଲକ୍ଷ ଟଙ୍କା ଏବଂ ସି ଟି ଏବଂ ଜି ଏସ ଟି ବିଭାଗ ୮ କୋଟି ୩୦ ଲକ୍ଷ ଟଙ୍କା ଏବଂ ଓଜନ ଓ ପରିମାପ ବିଭାଗ ୧ କୋଟି ୫୦ ଲକ୍ଷ ଟଙ୍କା ରାଜସ୍ୱ ଦେଇଛନ୍ତି । ଜିଲ୍ଲା ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ମାସ ଶେଷ ସୁଦ୍ଧା ୩ କୋଟି ୩୧ ଲକ୍ଷ ଟଙ୍କା ଆଦାୟ ହୋଇଛି । ଜିଲ୍ଲାପାଳ କହିଲେ ତହସିଲଦାର ମାନେ ସମସ୍ତ ଯୋଗ୍ୟ ଭୂମିହୀନ ପରିବାରଙ୍କୁ ଘର ଡିହ ପଟ୍ଟା ଯୋଗାଇଦେବେ । ପଡ଼ିରହିଥିବା ସମସ୍ତ ରାଜସ୍ୱ କେଶ୍ ଓ ମ୍ୟୁଟେସନ କେଶ୍ ଶିଘ୍ର ସମାଧାନ ହେବ । ଜିଲ୍ଲାର ଜଙ୍ଗଲ ଜମି ଏବଂ ଗୋଚର ଜମିରୁ ଜବର ଦଖଲ ଅତି ଶିଘ୍ର ଉଚ୍ଛେଦ କରି ତାକୁ ସଂରକ୍ଷିତ ରଖାଯିବ । ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ମାନେ ତହସିଲଦାରମାନଙ୍କ ସହଯୋଗରେ ସହରାଞ୍ଚଳର ରାସ୍ତା ଘାଟରୁ ଜବର ଦଖଲ ଉଚ୍ଛେଦ କରିବେ ।ରାସ୍ତାରୁ ଗୃହ ପାଳିତ ପ୍ରାଣୀମାନଙ୍କୁ ଉଠାଇ ଗୋଶାଳାରେ ରଖାଯିବ । ଜିଲ୍ଲାରେ ସରକାରୀ ଜମି ଆବାଦ କରାଯିବ । ଲେଣ୍ଡ ବ୍ୟାଙ୍କ ସୃଷ୍ଟି କରି ଶିଳ୍ପ ପାଇଁ ସୁବିଧାରେ ସରକାରୀ ଜମି ଯୋଗାଇ ଦିଆଯିବ ।ଗ୍ରାମ୍ୟ ଜଙ୍ଗଲ ଜମି ସବୁ ଚିହ୍ନଟ ହୋଇ ବ୍ୟାପକ ବୃକ୍ଷ ରୋପଣ କରାଯିବ ।ଗତ ମାସ ଯାଏଁ ସମସ୍ତ ତହସିଲରେ ୯୫୩୨ଟି ପାର୍ଚ୍ଚା ଦ୍ୱିତୀୟ ଖାନା ସଂଶୋଧନ ହୋଇଛି । ପ୍ରଶାସନର ସମସ୍ତ ବିଭାଗ ନିର୍ଦ୍ଧାରିତ ରାଜସ୍ୱ ଠିକ୍ ସମୟରେ ସଂଗ୍ରହ କରି ଲୋକମାନଙ୍କ ଦ୍ୱାର ଦେଶରେ ବିଭିନ୍ନ ସେବାଯୋଗାଇ ଦେବେ । ନୂଆପଡ଼ା ଜିଲ୍ଲା ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଘୋଷିତ ହୋଇଥିବାରୁ ଜିଲ୍ଲାକୁ ଆଉ ଏହିଭଳି ପ୍ଲାଷ୍ଟିକ ଜମାରୁ ଆସିବ ନାହିଁ କିମ୍ବା କୌଣସି ଦୋକାନରେ ବିକ୍ରି ହେବନାହିଁ । ସମସ୍ତ ରାଜସ୍ୱ ଅଧିକାରୀ ଜିଲ୍ଲାକୁ ପ୍ରବାସୀ ଶ୍ରମିକ ମୁକ୍ତ କରିବା, ସ୍ୱଚ୍ଛ ରଖିବା, ପ୍ଲାଷ୍ଟିକ ମୁକ୍ତ କରିବା, ବ୍ୟାପକ ବୃକ୍ଷ ରୋପଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବେ ।ପାର୍ଚ୍ଚା ଦ୍ୱିତୀୟ ଖାନା ଶତ ପ୍ରତିଶତ ସଂଶୋଧନ କରିଥିବାରୁ ସଭାରେ ରାଜସ୍ୱ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ସୁନାନୀ, ଦେବରାଜ ତ୍ରିପାଠୀ, ଗଙ୍ଗାଧର ଜଗତ, ଲାଇବାନ ପୁଝାରୀ ଓ ଶେଫାଳୀ ତାଣ୍ଡିଙ୍କୁ ଉତ୍ତରୀୟ ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା ।

## ନୂତନ ଏସ୍‌ପିଙ୍କୁ ଭେଟିଲା ଜିଲ୍ଲା ସାମ୍ବାଦିକ ସଂଘ

# ଜିଲ୍ଲାର ବିଭିନ୍ନ ସମସ୍ୟା ବିଷୟରେ କଲେ ଆଲୋଚନା



**ନୂଆପଡ଼ା, ୭ ।୯ (ସମିସ):** ନୂଆପଡ଼ା ଜିଲ୍ଲା ସାମ୍ବାଦିକ ସଂଘ (ଜାନ)ର ସାମ୍ବାଦିକମାନେ ନୂତନ ଭାବେ କାର୍ଯ୍ୟ ଭାର ଗ୍ରହଣ କରିଥିବା ଏସ୍‌ପି ଅମ୍ରିତ ପାଲ ସିଂଙ୍କୁ କାର୍ଯ୍ୟାଳୟରେ ଭେଟି ସୌଜନ୍ୟମୂଳକ ସାକ୍ଷାତ କରି ଜିଲ୍ଲାର ବିଭିନ୍ନ ଗୁରୁତ୍ୱ ପୂର୍ଣ୍ଣ ସମସ୍ୟା ଉପରେ ଆଲୋଚନା କରିଛନ୍ତି । ଜିଲ୍ଲା ସଭାପତି ଘନଶ୍ୟାମ ଭୋଇଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଏସପିଙ୍କୁ ଭେଟି ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ ।ଏସପି ମଧ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ଜିଲ୍ଲାରେ ମାଓବାଦୀ ସମସ୍ୟା, ଡ୍ରଗ୍ସ ଚାଲାଣ, ପ୍ରବାସୀ ଶ୍ରମିକ, ଜୁଆ ଏବଂ ସଟ୍ଟା ବ୍ୟବସାୟ ଉପରେ ବିଷଦ ଭାବରେ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ନକ୍ସଲ ଏବଂ ଅପରାଧ ଉପରେ ବିଶେଷ ଗୁରୁତ୍ୱ ଦେବେ ବୋଲି ଏସ୍‌ପି କହିଛନ୍ତି । ମୋର ଲକ୍ଷ୍ୟ ହେଉଛି ନକ୍ସଲବାଦକୁ ଦମନ କରିବା ଏବଂ ଜିଲ୍ଲାରେ ଶାନ୍ତି ବଜାୟ ରଖିବା । ତେଣୁ ଆପଣଙ୍କ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଅମୃତପାଲ ସିଂ କହିଛନ୍ତି । ଜାନ ଟିମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରତନ କେତକୀ, ମାୟାଧର ସରାଫ, ତାଲେଶ୍ୱର ଦେୱାଙ୍ଗନ, ଅଶ୍ୱିନୀ ପାଣିଗ୍ରାହି, କୁନୁ କରୁଆଁ, ସଞ୍ଜୀବ କୁମାର ପାଣିଗ୍ରାହି, ଆଦିତ୍ୟ ମହାଡତି, ଯାଜ୍ଞସେନୀ ମହାପାତ୍ର, ପ୍ରତିଭା ହୋତା, ଚନ୍ଦ୍ର ପଟେଲ, ନଟ ଆଡବଙ୍ଗ, ଚେତୁରାମ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବର୍‌ହା ମାଂସ ଜବତ; ବେପାରୀ ଗିରଫ

**ମନମୁଣ୍ଡା/ଶଗଡ଼ା, ୭।୯(ସମିସ):** ମନମୁଣ୍ଡା ବନ ବିଭାଗ ବରଗୋଛା ଗ୍ରାମ ଛକରେ ବାର୍‌ହା ମାଂସ ଚାଲାଣ କରୁଥିବା ବେଳେ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ବରଗୋଛା ଗାଁର ପଞ୍ଚାନନ ଡାଙ୍ଗ(୩୨) ବୋଲି



ଜଣାପଡ଼ିଛି। ସୂଚନାନୁଯାୟୀ, ଏକ କାରରେ ବାର୍‌ହା ମାଂସ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଥାନା ହିଲୁଙ୍ଗ ଗ୍ରାମରୁ ଅନ୍ୟତ୍ର ଚାଲାଣ ହେଉଥିବା ନେଇ ବୌଦ୍ଧ ଡିଏଫ୍‌ଓ ରାଜେନ୍ଦ୍ର ଗୋଛାୟତଙ୍କ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ପରେ ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ମନମୁଣ୍ଡା ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା, ମନମୁଣ୍ଡା ବନପାଳ ପ୍ରକାଶ ଚନ୍ଦ୍ର ସେଠୀ, ରାମଚନ୍ଦ୍ର ଦଳବେହେରା, ବନରକ୍ଷୀ ରବୀନ୍ଦ୍ର ବାରିକ, ମମତା ଛତର, ଏଫ୍ ପି ଏସ ବିଶିକେଶନ କର୍ଣ୍ଣ ପ୍ରମୁଖ ରବିବାର ସକାଳେ ବରଗୋଛା ଗାଁ ଛକରେ ପାଟ୍ରୋଲିଂ କରିଥିଲେ। ଏହି ସମୟରେ ବରଗୋଛାର ଢାବା ନିକଟରେ ଥିବା ଅଭିଯୁକ୍ତ ପଞ୍ଚାନନଙ୍କ ଘର ପଛପଟେ ଖୋଲା ଜାଗାରେ ଥିବା ଏକ କାର୍(ଓଡି ୨୨ ସିକେ ୦୩୩୯) କୁ ସନ୍ଦେହରେ ଯାଞ୍ଚ କରିବା ପରେ ସେଥିରୁ ୨ ଟି ବ୍ୟାଗରେ ୩୨ଟି ପଲିଥିନ ପ୍ୟାକେଟରେ ବାର୍‌ହା ମାଂସକୁ ଥିବା ଜଣାପଡ଼ିଥିଲା। ବନ ବିଭାଗ ଉକ୍ତ ମାଂସ ଓ କାରକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। କାର୍‌ରୁ ଏକ କଟୁରୀ ଓ ଏକ ଟାଙ୍ଗିଆ ଜବତ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏସିଏଫ୍ ମିନାକ୍ଷୀ କୁମୁରା ତଦନ୍ତ କରିଥିବା ବେଳେ ମାଂସକୁ ବନ ବିଭାଗ ପରିସରରେ ପୋତା ଯାଇଥିଲା। ଏନେଇ ବନ ବିଭାଗରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରିଥିବା ରେଞ୍ଜ ଅଧିକାରୀ ଶ୍ରୀ କୁମୁରା ସୂଚାଇଛନ୍ତି।

# ଭୂତକୋଠୀ ପାଲଟିଛି ମାଲିଦାଦର୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ବୀରମହାରାଜପୁର, ୭।୯(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଳା ପଞ୍ଚାୟତର ଉପାନ୍ତ ମାଲିଦାଦର୍ ଗ୍ରାମରେ ବନ୍ଦ କରାଯାଇଥିବା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପୁନର୍ବାର ଖୋଲିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦୀର୍ଘ ୮ ବର୍ଷ ହେଲା ଉକ୍ତ ସ୍କୁଲରେ ଛାତ୍ର ଛାତ୍ରୀ ସଂଖ୍ୟା କମ୍ ହେବାରୁ ସରକାରଙ୍କ ତରଫରୁ ବନ୍ଦ୍ କରାଯାଇଥିଲା, ଫଳର ଗ୍ରାମର ଛାତ୍ରଛାତ୍ରୀ ଅନେକ ପାଠପଢ଼ାରୁ ବଞ୍ଚିତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ ଏହି ମଲିଦାଦର୍ ଗ୍ରାମରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପରିବାର ବାସ କରନ୍ତି। ଗ୍ରାମର ଛାତ୍ରଛାତ୍ରୀମାନଙ୍କୁ ସର୍ବଶିକ୍ଷା ଅଭିଯାନରେ ସାମିଲ କରିବା ଉଦ୍ଦେଶ୍ୟରେ ୨୦୦୪ମସିହାରେ ଏହି ସରକାରୀ ପ୍ରାଥମିକ ବିଦ୍ୟାଳୟଟି ସ୍ଥାପନ କରାଯାଇଥିଲା। ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ



ଶ୍ରେଣୀ ପର୍ଯ୍ୟନ୍ତ ଖୋଲାଯାଇଥିଲା। ଏଥିପାଇଁ ୨ଜଣ ଶିକ୍ଷକଙ୍କୁ ମଧ୍ୟ ନିଯୁକ୍ତ ଦିଆଯାଇଥିଲା। ୨୦୧୭ରେ କମ ପିଲା ଦର୍ଶାଇ ସ୍କୁଲକୁ ବନ୍ଦ କରଯାଇଥିଲା। ସ୍କୁଲ ବନ୍ଦ ପରେ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଇଓ, ଡିଇଓ, ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଏବେ ଗ୍ରାମରେ ୨୫ରୁ ଅଧିକ ଛାତ୍ର ଛାତ୍ରୀ ଅଛନ୍ତି। ସ୍କୁଲ ବନ୍ଦ ହେଲାପରେ ଏବେ ପିଲାମାନ ୩କିଲୋମିଟର ଦୂରରେ ଥିବା ଦାଦର ପାଲି ଗ୍ରାମରେ ନାମ ଲେଖିପାଠ ପଢ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ମତ୍ର ଗାଆଁ ଠାରୁ ଦାଦର୍ ପାଲି ଅନେକ ଦୂର ହୋଇଥିବା, ଓ ଜଙ୍ଗଲ ଅଞ୍ଚଳ ହୋଇଥିବାରୁ ଛୋଟ ଛୋଟ ପିଲାମାନେ ସ୍କୁଲକୁ ଯିବା ଆସିବାକୁ ନିଜକୁ ନିରାପଦ ମଣୁନାହାଁନ୍ତି। ଦୀର୍ଘଦିନ ହେଲା ଏହି ସ୍କୁଲ ଘରର ରକ୍ଷଣାବେକ୍ଷଣ ଅଭାବରୁ ଏହି ସ୍କୁଲ କୋଠା ଏବେ ଭୂତ କୋଠି ଭଳି ପଡ଼ିରହିଛି। ଏହି ସ୍କୁଲ ପୁର୍ନବାର ଚାଲୁ କରିବାକୁ ନିକଟରେ ଦୁର୍ଜନ ତୈଳା ଗ୍ରାମପଞ୍ଚାୟତରେ ହୋଇଥିବାର ଜଣ ଶୁଣାଣି ଶିବିରରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ନେଇ ବୀରମହାରାଜପୁର ବିଇଓ ଗଣେଶ କିଶନଙ୍କୁ ପଚାରିବାରୁ ସେ ୨୫ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ସଂଖ୍ୟା ବୃଦ୍ଧି ହେଲେ ପୁଣି ଖୋଲାଯିବ ବୋଲି ପ୍ରକାଶ କରିଛନ୍ତି। ଏଣୁ ଏଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେଇ ତୁରନ୍ତ ସ୍କୁଲଟି ଚାଲୁ କରିବାକୁ ବୁଦ୍ଧିଜୀବୀ ଦାବି ହେଉଛି।

# ବୀରମହାରାଜପୁର ପାଲଟିଛି ଅନୁପ୍ରବେଶକାରୀଙ୍କ ଚରାଭୂଇଁ

**ବୀରମହାରାଜପୁର, ୭।୯(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରେ ଆନ୍ଧ୍ରଚାଷୀ କାୟା ବିସ୍ତାର ପରେ ଗତ କିଛି ବର୍ଷହେଲା ଏହି ଅଞ୍ଚଳରେ ଅନୁପ୍ରବେଶକାରୀଙ୍କ ଭୂସ୍ୱର୍ଗ ପାଲଟିଛି। ଦୀର୍ଘ ଦିନ ହେଲା ବୀରମହାରାଜପୁର ସମେତ ଗ୍ରାମାଞ୍ଚଳରେ ବିଭିନ୍ନ ବ୍ୟବସାୟ ସହ ରଙ୍ଗ ଓ ମିସ୍ତ୍ରୀ କାମ ଅଳରେ ରାଜ୍ୟ ବାହାରୁ ଅଣଓଡ଼ିଆ ଆସି କ୍ରମଶଃ ଏହି ଅଞ୍ଚଳରେ ନୀଜର କାୟ ବିସ୍ତାର କରିବାରେ ଲାଗିଛନ୍ତି। ଅଞ୍ଚଳରେ ଶହ ଶହ କୁଶଳୀ ଶ୍ରମିକ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ବେଳେ ବ୍ଲକ ର ବିଭିନ୍ନ ଅଞ୍ଚଳରେ ଏହି ଅଣଓଡ଼ିଆ ଶ୍ରମିକ ପ୍ରଭାବ ଆଗାମୀ ଦିନରେ ଏକ ଭୟଙ୍କର ପରିସ୍ଥିତି କୁ ଆମନ୍ତ୍ରଣ କରୁଥିବା ଅଞ୍ଚଳର ବିଭିନ୍ନ ମହଲରେ ଆଲୋଚନା ହେଉଛି। ସେହିପରି କିଛି ରାଜ୍ୟ ବାହାର ବ୍ୟକ୍ତି ରହି ପଲିଥିନ ଜରି, ପ୍ଲାଷ୍ଟିକ ପାଣି ଜାର, ପୋଷାକ ଆଦି ବିକ୍ରି କରିବା ବାହାନାରେ ଏଠାରେ ବର୍ଷବର୍ଷ ଧରି ରହିଛନ୍ତି। ସେମାନଙ୍କ ପ୍ରକୃତ ପରିଚୟ କ'ଣ ସେମାନେ କେଉଁ ଜିଲ୍ଲାରୁ ଆସିଛନ୍ତି, କେଉଁ କେଉଁ ଅଞ୍ଚଳରେ ରହି ବ୍ୟବସାୟ କରୁଛନ୍ତି ତା'ର ଠିକଣା ଖୋଦ୍ ଜିଲ୍ଲା ପୁଲିସ ନିକଟରେ ମଧ୍ୟ ନାହିଁ। ତେଣୁ ଏମାନେ କ୍ରମଶଃ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏକ ପ୍ରକାର ସ୍ଥାୟୀ ବସତି ସ୍ଥାପନ କରିବାରେ ମଧ୍ୟ ସକ୍ଷମ ହେଉଛନ୍ତି। ଜିଲ୍ଲାରେ ଏଭଳି ଅଚିହ୍ନା ବ୍ୟକ୍ତିଙ୍କ ରାଜୁତି ଧିରେଧିରେ ବୃଦ୍ଧି ପାଉଥିବା ରୁ ଶାନ୍ତି ପ୍ରିୟ ବୀରମହାରାଜପୁର ଆଗାମୀ ଦିନରେ ଏକ ଆଶାନ୍ତିର ବାତାବରଣ ସମ୍ମୁଖୀନ ହେବା ସମ୍ଭାବନା ରହିଛି। ତେଣୁ ବେଳ ଥାଉଁ ହୁଁ ଏଭଳି ରାଜ୍ୟ ବାହାରୁ ଆସିଥିବା ଶ୍ରମିକ ତଥା ଅନୁପ୍ରବେଶକାରୀ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବା ସହ ସେମାନଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଅଞ୍ଚଳର ସଚେତନ ମହଲରେ ଦାବି ହେଉଛି।

# ସାର ଅଭାବକୁ ନେଇ ସିମିଲିପଦର ପାକ୍ସରେ ଅସନ୍ତୋଷ

## ୪ ଘଣ୍ଟା ବିକ୍ରୟ ବନ୍ଦ

**ମନମୁଣ୍ଡା, ୭।୯(ସମିସ):** ମନମୁଣ୍ଡା ଥାନା ସୀମିଲିପଦର ପାକ୍ସରେ ସାର ଅଭାବକୁ ନେଇ ଅସନ୍ତୋଷ ଦେଖାଦେଇଛି। ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟାରେ ୟୁରିଆ ସାର ବସ୍ତା ଆବଶ୍ୟକ ଥିବାବେଳେ ମାତ୍ର ୩୧୫ ବସ୍ତା ଆସିଥିଲା। ମଣ୍ଡିର ସମ୍ପାଦକ ଅମ୍ବରିଶ ବାଘ ମାତ୍ର ୪୦ ବସ୍ତା ସାର ସୁରୁଖୁରୁରେ ବିକ୍ରୟ କରୁଥିବାବେଳେ ଶତାଧିକ ଚାଷୀ ପ୍ରତ୍ୟେକଙ୍କୁ ପ୍ରାୟ ୫ ବସ୍ତାରୁ ଅଧିକ ସଂଖ୍ୟାରେ ସାର ପ୍ରଦାନ କରିବାକୁ ଦାବି କରି ପାଟିତୁଣ୍ଡ ଓ ଗଣ୍ଡଗୋଳ କରିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ପୁଲିସ ଆସି ଚାଷୀମାନଙ୍କୁ ବୁଝାଇଥିଲେ ମଧ୍ୟ ଚାଷୀ ମନି ନ ଥିଲେ। ଫଳରେ ପ୍ରାୟ ୪ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ସାର ବିକ୍ରି ବନ୍ଦ ରହିଥିଲା। ଅପରାହ୍ନ ପ୍ରାୟ ୫ ଟା ସମୟରେ ବୌଦ୍ଧ ଉପଜିଲ୍ଲାପାଳ ଆସି ଚାଷୀଙ୍କୁ ବୁଝାଇ ଜଣଙ୍କ ପ୍ରତି ଗୋଟିଏ ୟୁରିଆ ସାର ବସ୍ତା ନେବାକୁ କହିବା ପରେ ଚାଷୀ ମାନିଥିଲେ। ପରେ ସାର ବିକ୍ରୟ ସ୍ୱାଭାବିକ ହୋଇଥିଲା।

# କୂଅରେ ପଡ଼ି ଦିବ୍ୟାଙ୍ଗ ଛାତ୍ରୀ ମୃତ



**ତରଭା, ୭।୯(ସମିସ):** ତରଭା ବ୍ଲକ ସରଗଜ ପଞ୍ଚାୟତ ଅଧୀନ ଲକ୍ଷ୍ମୀମୁଣ୍ଡା ଗ୍ରାମରେ ଶନିବାର ଜଣେ ଦିବ୍ୟାଙ୍ଗ ନବମ ଶ୍ରେଣୀ ଛାତ୍ରୀ କୂଅରେ ପଡ଼ି ପ୍ରାଣହରାଇଛନ୍ତି। ଲକ୍ଷ୍ମୀମୁଣ୍ଡା ଗ୍ରାମର ଗଣେଶ କୁଦେଇଙ୍କ ଦିବ୍ୟାଙ୍ଗ ଝିଅ ପ୍ରେମକାନ୍ତି କୁଦେଇ (୧୪) ପ୍ରତ୍ୟେକ ଦିନ ପରି ଘରପାଖ ବିଲରେ ଥିବା କୂଅକୁ ଗାଧୋଇବାକୁ ଯାଇଥିବା ସମୟରେ ଅସାବଧାନତା ଯୋଗୁଁ କୂଅ ଭିତରକୁ ଖସି ପଡ଼ିଥିଲେ। ପ୍ରେମକାନ୍ତି ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକେ ଅନେକ ଖୋଜାଖୋଜି ପରେ କୂଅରେ ଖସିପଡ଼ିଥିବା ସନ୍ଦେହ କରି ତରଭା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି କୂଅରୁ ପ୍ରେମକାନ୍ତିକୁ ବାହାରକରି ତରଭା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ କମସରା ଫାଣ୍ଡି ଅଧିକାରୀ ମାରୁତଚନ୍ଦ୍ର ପଧାନ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ତରଭା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଆଇଆଇସି ଅନୀତା କିଡୋ ସୂଚନା ଦେଇଛନ୍ତି।

# ୨ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ପଲଶାଗୋରା, ୭।୯(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ କୁଣ୍ଡାମାଳ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଦୁଇ ଜଣ ଶିକ୍ଷକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଶିକ୍ଷକ ଉମାକାନ୍ତ ପଣ୍ଡା ଓ ଶିକ୍ଷୟିତ୍ରୀ ତନୟା ମଲିକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ବୌଦ୍ଧ ଜିଲ୍ଲାସଦରରେ ଗୁରୁଦିବସ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ଶିକ୍ଷକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ପାଇବା ପରେ ଉଭୟଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଅଭିଯୁକ୍ତଙ୍କୁ ପଳାତକ ଘୋଷଣାପରେ ସୂଚନା ଜାରିକଲା ହରଭଙ୍ଗା ପୁଲିସ

**ବୌଦ୍ଧ, ୭।୯।(ସମିସ):** ହରଭଙ୍ଗା ପୁଲିସ ପକ୍ଷରୁ ଏକ ମାମଲାର ଫେରାର ଅଭିଯୁକ୍ତଙ୍କୁ କୋର୍ଟ ପଳାତକ ଘୋଷଣା କରିବା ପରେ ସର୍ବସାଧାରଣରେ ସୂଚନା ଜାରି କରାଯାଇଛି। ୨୦୨୧ ମସିହା ମେ' ମାସରେ ତଳଗାଁ ପଞ୍ଚାୟତର ଜଣେ ଯୁବତୀଙ୍କୁ ଗଣ୍ଡିସର ଗ୍ରାମର ବେଡା ଓରଫ ଶ୍ୟାମଘନ ନାଏକ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ମାମଲାଟି ବୌଦ୍ଧର ସ୍ୱତନ୍ତ୍ର ଅଦାଲତରେ ବିଚାରାଧୀନ ଥିବାବେଳେ ଅଭିଯୁକ୍ତ ଘଟଣା ପରଠାରୁ ଫେରାର ରହିଛନ୍ତି। ତେଣୁ ସ୍ୱତନ୍ତ୍ର କୋର୍ଟ ଅଭିଯୁକ୍ତ ବେଡା ଓରଫ ଶ୍ୟକ୍ଷାଘନ ନାଏକଙ୍କ ନାମରେ ଜାମିନ ବିହିନ ଗିରଫ ପରୱାନା ଜାରି କରିବା ସହ ପଳାତକ ଘୋଷଣା କରିଛନ୍ତି। ଅଦାଲତରେ ଆସନ୍ତା ତାରିଖରେ ହାଜର ନହେଲେ ଅଭିଯୁକ୍ତର ସମ୍ପତ୍ତି ବାଜ୍ୟାପ୍ତି କରାଯିବ ବୋଲି କୋର୍ଟଙ୍କ ଆଦେଶକୁ ଗଣ୍ଡିସର ଗ୍ରାମରେ ଡାକବାଜି ଜନ୍ତ୍ର ସାହାଯ୍ୟରେ ହରଭଙ୍ଗା ପୁଲିସ ସର୍ବ ସାଧାରଣ ଘୋଷଣା କରିଥିଲା।

# ଘୁଲୁଘୁଲାପଦରରେ ଇନ୍ଦ୍ରପୂଜା

**ପଲଶାଗୋରା, ୭।୯(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଘୁଲୁଘୁଲାପଦରଠାରେ ଇନ୍ଦ୍ରପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗାଁ ମୁଣ୍ଡରେ ଥିବା ଲଣ୍ଡାପାହାଡ ଉପରୁ ରଷ୍ୟ ଶୃଙ୍ଗମୁନିଙ୍କୁ ଏକ ଶୋଭାଯାତ୍ରାରେ ବରଣ କରି ଅଣାଯାଇଥିଲା। ସଂକୀର୍ତ୍ତନ ଓ ଘଣ୍ଟ ହରିବୋଲ ଦେଇ ଶୋଭାଯାତ୍ରାରେ ଗାଁକୁ ଆଣିବା ପରେ ଗାଁର ମହିଳାମାନେ ଋଷିଙ୍କୁ ଫୁଲ ଧୁପ ଦେଇ ସ୍ୱାଗତ କରିବା ସହ ଭଲ ବର୍ଷା ହେବା ପାଇଁ ଗୁହାରି କରିଥିଲେ। ଏହି ଅବସରରେ ଗାଁର ଇଷ୍ଟ ଦେବୀ କନ୍ଦୋଧନବୁଢ଼ୀ ପୀଠରେ ପୂଜା କରାଯିବା ସହ ହୋମ ଯଜ୍ଞ କରାଯାଇଥିଲା। ଏଥିରେ ଗାଁ ଦେହୁରୀ ଆଦି କଅଁର କର୍ତ୍ତା ଭାବେ ପୂଜାରେ ବସିଥିବା ବେଳେ ପୂଜକ ଦାଶରଥି ପ୍ରହରାଜ ପୂଜା କାର୍ଯ୍ୟ ତୁଲାଇଥିଲେ। ଅଚ୍ୟୁତ ଖମାରୀଙ୍କୁ ରୁଷ୍ୟ ଶୃଙ୍ଗ ମୁନି ଭାବେ ବରଣ କରାଯାଇଥିଲା। ପୂଜାରେ ଗ୍ରାମର ସମସ୍ତ ଲୋକ ସହଯୋଗ କରିଥିଲେ।

# ବଡସୁଦ ସମାଜର ଜିଲ୍ଲା ବୋର୍ଡ ଗଠିତ

**ମନମୁଣ୍ଡା, ୭।୯(ସମିସ):** ବୌଦ୍ଧ ବ୍ଲକ ମନୁପାଲି ଖେଳ ପଡ଼ିଆରେ ନିଖିଳ ଉତ୍କଳ କ୍ଷେତ୍ରୀୟ ବଡସୁଦ ସମାଜର ପଶ୍ଚିମାଞ୍ଚଳ ଜିଲ୍ଲା ବୋର୍ଡ ଗଠନ କରାଯାଇଛି। ସମାଜର ପଶ୍ଚିମାଞ୍ଚଳ ନିର୍ବାଚନ ଅଧିକାରୀ ଚକ୍ରଧର ଅମାତ ଏଥିରେ ସଭାପତିତ୍ୱ କରିଥିଲେ। ଏହି ସଭାରେ ଗ୍ରାମ୍ୟ କେନ୍ଦ୍ର ବୋର୍ଡର ସଭ୍ୟସଭ୍ୟା ଉପସ୍ଥିତ ରହିଥିଲେ। ସମ୍ମାନିତ ଅତିଥିଭାବେ ସମାଜର ବରିଷ୍ଠ ଅଧିକାରୀ ସମ୍ପଦ ଭୁକ୍ତା, ସଞ୍ଜୟ ଦେହୁରୀ, ସଂସାର ଅମାତ, ଲୋକନାଥ ଭୁକ୍ତା ପ୍ରମୁଖ ଯୋଗ ଦେଇଥିଲେ। ପଶ୍ଚିମାଞ୍ଚଳ ଜିଲ୍ଲା ବୋର୍ଡ ମନୋନୟନରେ ସଭାପତି ସୁମନ୍ତ କୁମାର ନାଏକ, ଉପସଭାପତି ଗୋପାଳ ପାତ୍ର, ସମ୍ପାଦକ ସଞ୍ଜୟ ଦେହୁରୀ, ସହ ସମ୍ପାଦକ ପ୍ରଦୀପ ଦେହୁରୀ, କୋଷାଧ୍ୟକ୍ଷ ଧନେଶ୍ୱର ଦେହୁରୀ ଏବଂ ଉପଦେଷ୍ଟା ଭାବରେ ଭୀମସେନ ଦେହୁରୀ, ନାଜର ଦେହୁରୀ, ଗଣପତି ଅମାତ, କୁସୁମ ଅମାତ, ଝିନି ଅମାତ ପ୍ରମୁଖ ମନୋନୀତ ହୋଇଥିଲେ। ଜିଲ୍ଲା ବୋର୍ଡ ସଭାପତିଙ୍କ ତତ୍ତ୍ୱାବଧାନରେ ପଡ଼ିଆରେ ଚାରାରୋପଣ କରାଯାଇଥିଲା। ଏଥିରେ ଜମଟାଙ୍ଗି କେନ୍ଦ୍ରର ଲାଲ ବିହାରୀ ଅମାତ, ପ୍ରହଲ୍ଲାଦ ଭୁକ୍ତା, ପଞ୍ଚାନନ ଅମାତ, ସ୍ୱରାଷ୍ଟ୍ର ଭୁକ୍ତା, ଶଶୀଭୂଷଣ ଭୁକ୍ତା, ନିରଞ୍ଜନ ବାରିକ, ସିନ୍ଧୁ ପ୍ରଧାନ, ଆକୁଜ ଭୁକ୍ତା, ପାନେଶ୍ୱରି ଦେହୁରୀ, ସସ୍ମିତା ଭୁକ୍ତା ସହଯୋଗ କରିଥିଲେ।

# ତରଭାରେ କଂଗ୍ରେସର ସୃଜନ ସଂଗଠନ ଅଭିଯାନ

**ତରଭା, ୭।୯(ସମିସ):** ତରଭା ନଗର କଂଗ୍ରେସ ଓ ବ୍ଲକ କଂଗ୍ରେସର ମିଳିତ ଉଦ୍ୟମରେ ଜାତୀୟ କଂଗ୍ରେସର ସୃଜନ ସଂଗଠନ ଅଭିଯାନ ବୈଠକ ତରଭାର ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ କର୍ମୀ ଓ ନେତାଙ୍କ 'ଭୋଟ ଚୋର ଗାଦି ଛୋଡ' ନାରାରେ ସଭାସ୍ଥଳୀ ପ୍ରକମ୍ପିତ ହୋଇଥିଲା। ସୃଜନ ଅଭିଯାନ ମାଧ୍ୟମରେ ଜିଲ୍ଲା ଜାତୀୟ କଂଗ୍ରେସର ଜିଲ୍ଲା ସଭାପତି ଚୟନ ନେଇ ବିଭିନ୍ନ କର୍ମୀଙ୍କ ମତାମତ ନେବା ଓ ସଂଗଠନକୁ ତୃଣମୂଳସ୍ତରରୁ ଦୃଢ଼ କରିବା ବୈଠକର ମୁଖ୍ୟ ଉଦ୍ଦେଶ୍ୟ ବୋଲି ନେତାମାନେ କହିଥିଲେ। ଏଆଇସିସିର ଅମିତ ସିଂହ, ପ୍ରବକ୍ତା ଡ.ହମିତ ହୁସେନ, ସାଧାରଣ ସମ୍ପାଦକ ଭିନୀତ ଜି, ଏଆଇସିସି ସଭ୍ୟ ସୁରେନ୍ଦ୍ର ସାହୁ, ପିସିସି. ଇନ୍‌ଚାର୍ଜ ସରୋଜ ପଧାନ, ଗଣେଶ ସାହୁ, ପୂର୍ବତନ ବିଧାୟକ ବିନୋଦ ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଜନଜାତି ଜନଗଣନା, ଜିଏସଟି ହ୍ରାସ, ଭୋଟ ଚୋରିକୁ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ ସଦନରେ ଲଢୁଛି, ରାସ୍ତାରେ ରାହୁଲ ଲଢୁଛନ୍ତି ଏଥିପାଇଁ କଂଗ୍ରେସର ସ୍ଥିତି ମଜଭୁତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଜିଲ୍ଲାସ୍ତରରୁ ପ୍ରିୟବ୍ରତ ସାହୁ, ପ୍ରଦୀପ ସେଠୀ, ତରଭା କଂଗ୍ରେସରୁ ପ୍ରବୀଣ ସାହୁ, ଶିବୁ ଅଗ୍ରୱାଲ, ଗଣେଶ ଗୁରୁ, ବ୍ଲକ କଂଗ୍ରେସରୁ କାର୍ତ୍ତିକ ନାଗ, ମନସୁର ମହମ୍ମଦ, ପବିତ୍ର ପଧାନ, ପୂର୍ବତନ ବ୍ଲକ ଚେୟାରମ୍ୟାନ ଭବାନୀ ଦୀପ, ମୁକୁନ୍ଦ ବିଶ୍ୱାଳ, ଗଙ୍ଗାଧର ମହାପାତ୍ର, ଅନାଦି ବାଗଙ୍କ ସମେତ ତରଭା ବ୍ଲକ ଓ ଏନଏସି ଅଞ୍ଚଳରୁ ଶତାଧିକ ମହିଳା କଂଗ୍ରେସ ଓ ବରିଷ୍ଠ ନେତା, କର୍ମୀ ଉପସ୍ଥିତ ଥିଲେ।

# ଚମ୍ପାମାଲ ଗ୍ରାମରେ ଅନନ୍ତମୁଖୀ କାର୍ଯ୍ୟକ୍ରମ

**ବୀରମହାରାଜପୁର, ୭।୯(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ନିକଟସ୍ଥ ଚମ୍ପାମାଲ ଗ୍ରାମରେ ଅନନ୍ତମୁଖୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଗ୍ରହଣ ଥିବାରୁ ସକାଳ ୬ରୁ ଆରମ୍ଭ ହୋଇ ୧୦ଟାରେ ସମାପ୍ତ ହୋଇଥିଲା। ଚମ୍ପାମାଲ ବ୍ରାହ୍ମଣ ସମାଜଙ୍କ ଉଦ୍ୟମରେ ଭାଦ୍ରବମାସ ପୂର୍ଣ୍ଣିମା ତିଥିରେ



ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଶୋର ହୋତା, ରାମକୃଷ୍ଣ ହୋତା, ରାଜେନ୍ଦ୍ର ପୁରୋହିତ, ଅକ୍ଷୟ ହୋତା, ଶମ୍ଭୁ ପ୍ରସାଦ ପଣ୍ଡା, ଅର୍ଜୁନ ହୋତା, ବାସୁଦେବ ହୋତା, ପ୍ରମୋଦ ପୁରୋହିତ, ନିତ୍ୟାନନ୍ଦ ପଣ୍ଡା, ପ୍ରଦ୍ୟୁମ୍ନ ପୁରୋହିତ, ସରୋଜ ହୋତା, ଦେବେନ୍ଦ୍ର ପୁରୋହିତ, ଗଣେଶ ହୋତା, ସତ୍ୟବାନ ପୁରୋହିତ, ଜନାର୍ଦ୍ଦନ ପୁରୋହିତ, ବିଜୟ ହୋତା, ଚୈତନ୍ୟ ହୋତା, ରାମେଶ୍ୱର ହୋତା, ଅନନ୍ତ ନାରାୟଣ ପୁରୋହିତ, ଶତ୍ରୁଘ୍ନ ପଣ୍ଡା, ସିପୁନ ପୁରୋହିତଙ୍କ ସମେତ ବ୍ରାହ୍ମଣ ସମାଜର ବହୁ ସଦସ୍ୟ ଅନନ୍ତ ମୁଖୀ ଭାଗବତ ପଠନ କରିଥିଲେ।

# ବୀରମହାରାଜପୁର ଶ୍ରୀଜଗନ୍ନାଥ ମନ୍ଦିରରେ ଅନନ୍ତ ବ୍ରତ ପାଳନ

**ବୀରମହାରାଜପୁର, ୭।୯(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନନ୍ତବ୍ରତ ପର୍ବ ଅନୁଷ୍ଠିତ ହୋଇଛି। ଅଞ୍ଚଳର ବ୍ରାହ୍ମଣ ସମାଜ ତଥା ମନ୍ଦିର ପରିଚାଳନା ସମିତି ପକ୍ଷରୁ ଏହିବ୍ରତ ଅନୁଷ୍ଠିତ କରାଯାଇଛି। ଏଥିରେ କର୍ତ୍ତା ଭାବେ ପ୍ରକାଶ ହୋତା ଏବଂ ଆହ୍ଲାଦିନୀ ହୋତା ରହିଥିବାବେଳେ ପୂଜକ ଭାବରେ ସୁଶାନ୍ତ ପୁରୋହିତ ଓ ବିଶ୍ୱାମିତ୍ର ଚାନ୍ଦ ହୋମ ଆଦି ଯଜ୍ଞାନୁଷ୍ଠାନ କାର୍ଯ୍ୟ ତୁଲାଇଥିଲେ। ସତ୍ୟ ନାରାୟଣ ଚାନ୍ଦ, ଯୁଗଳ କିଶୋର ମିଶ୍ର, ଦ୍ୱିତୀକୃଷ୍ଣ ପଣ୍ଡା, ଶ୍ରୀନିବାସ ନାୟକ, ଦିଲୀପ ମିଶ୍ର, ପିତବାସ ପଣ୍ଡା, ବନମାଳୀ ପଣ୍ଡା, ଶିବ ରମଣ ପଣ୍ଡା, ଦାମୋଦର ମିଶ୍ର, ଚନ୍ଦ୍ରେଶ୍ୱର ଦାସ, ସନ୍ୟାସୀ ଶତପଥୀ, ଅକ୍ଷୟ ଦାସ, ନରେନ୍ଦ୍ର ଚାନ୍ଦ, ଗଣେଶ୍ୱର ହୋତା, ସନ୍ତୋଷ ଷଡ଼ଙ୍ଗୀ ପ୍ରମୁଖ ଶ୍ରୀମଭାଗବତ ମହାପୁରାଣ ପ୍ରଥମରୁ ଦ୍ୱାଦଶ ସ୍କନ୍ଧ ପର୍ଯ୍ୟନ୍ତ ପଠନ କରିଥିଲେ। ବଳରାମ କାଣ୍ଡ, ଦୈତାରୀ ମହାକୁର, ମନୋରଞ୍ଜନ ତରିଆ, ଇନ୍ଦ୍ରଜିତ ପରୁଆ ପ୍ରମୁଖ ସହଯୋଗ କରିଥିଲେ।

# ମା' ମେଟାକାନି କେଉଟ ସମାଜ ପଞ୍ଜିକୃତ



**ମନମୁଣ୍ଡା, ୭।୯(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘକୁଣୀ ପଞ୍ଚାୟତ ରତାଖଣ୍ଡିର କେଉଟ ଜାତିର ପରିବାରଙ୍କୁ ନେଇ ଗଠିତ ମା' ମେଟାକାନି କେଉଟ ସମାଜ ପଞ୍ଜିକୃତ ହୋଇଛି। ଈଶ୍ୱର ସେଠୀଙ୍କ ନେତୃତ୍ୱରେ ରତାଖଣ୍ଡିଠାରେ ୨୦୨୪ ନଭେମ୍ବର ୨୯ରେ ସମବେତ ହୋଇ କେଉଟ ଜାତିର ବିକାଶ, ଉନ୍ନତି, ଉକ୍ତ ସମାଜରୁ ବାଲ୍ୟ ବିବାହ ସମ୍ପୂର୍ଣ୍ଣ ବନ୍ଦ, ସମାଜରୁ ନିଶା ନିବାରଣ, ଯୌତୁକ ବିହୀନ, ସଂସ୍କାରମୂଳକ କାର୍ଯ୍ୟ କରି ଏକ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ଏବଂ ସମାଜର ଲୋକମାନଙ୍କ ଆର୍ଥିକ ଉନ୍ନତି ଓ ବିକାଶ ପାଇଁ ଆଲୋଚନା କରିଥିଲେ। ଏଥିସହ ମା' ମେଟକାନି କେଉଟ ସମାଜ ନାମରେ ଏକ ସଂଘ ଗଠନ କରିଥିଲେ। ସଭାରେ ଆଲୋଚନା ପ୍ରକାରେ ଆବଶ୍ୟକ କାଗଜାଦି ସହ ସୋସାଇଟି ରେଜିଷ୍ଟ୍ରେସନ୍ ଆକ୍ଟ ୧୮୬୦ ରେ ସମାଜର ପଞ୍ଜିକରଣ ପାଇଁ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଅତିରିକ୍ତ ସମାଜ ରେଜିଷ୍ଟ୍ରାରଙ୍କ ଠାରେ ଆବେଦନ କରାଯାଇଥିଲା। ଉକ୍ତ ମାଜିଷ୍ଟ୍ରେଟ ସମସ୍ତ କାଗଜାଦି ତନଖି କରି ମା' ମେଟାକାନି କେଉଟ ସମାଜକୁ ପଞ୍ଜିକରଣ କରି ତହିଁର ପ୍ରମାଣପତ୍ର ସମାଜର ସଭାପତି ଈଶ୍ୱର ସେଠୀଙ୍କୁ ପ୍ରଦାନ କରିଛନ୍ତି। ବୌଦ୍ଧ ଜିଲ୍ଲାରେ ଏହା ଏକମାତ୍ର ପଞ୍ଜୀକୃତ କେଉଟ ସମାଜ ବୋଲି ଉକ୍ତ ସମାଜର ଉପଦେଷ୍ଟା ସଦାଶିବ ନାଏକଙ୍କ ଠାରୁ ଜାଣିବାକୁ ମିଳିଛି। ଏଥିପାଇଁ ସମାଜର ସମସ୍ତ ସଭ୍ୟ, ସଭ୍ୟା ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି।

# ମାର୍ସିଲଆର୍ଟ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

**ବୀରମହାରାଜପୁର, ୭।୯(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମୈତ୍ରୀ ସଦନ ଠାରେ ରାଜ୍ୟସ୍ତରୀୟ ମାର୍ସଲ ଆର୍ଟ ପାଞ୍ଚକ ସିଲାଟ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପଞ୍ଚକସିଲଟ ଆସୋସିଏସନର ସଭାପତି ନୀଳାମ୍ବର ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପଖଣ୍ଡ ପୁଲିସଅଧିକାରୀ ହେମନ୍ତ କୁମାର ରାଓ ମୁଖ୍ୟଅତିଥି ଭାବରେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଆହାର ବ୍ଲକ ସଭାପତି ବିବାସ୍ୱତୀ ପଣ୍ଡା, ବ୍ଲକ କ୍ରୀଡ଼ା ସଂଘର ସଭାପତି ବାସୁଦେବ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ମୁଖ୍ୟବକ୍ତା



ଭାବରେ କିଶୋର ହୋତା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ସମୁଦାୟ ୧୧ ଜଣଙ୍କୁ ସାମର୍ଦ୍ଧନା ଦିଆଯାଇଥିଲା। ଆବୃତ୍ତି ସେଠୀ, ଅଭିଳାଷ ମହାନନ୍ଦଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିବାବେଳେ, ଆରୋଷୀ ଅମୃତା ସରାଫ, ପ୍ରତିମା ମହାନନ୍ଦଙ୍କୁ ରୌପ୍ୟ ପଦକ ମିଳିଥିବାବେଳେ କୁଳଦୀପ କୃଷ୍ଣା ନାଏକ, ହିମାଂଶୁ ମେହେର, ପ୍ରତିମା ମହାନନ୍ଦ, କୁନାଲ ରଣା, ମୌସୁମୀ ରାଣୀ ସିଂହ ତାମ୍ର ପଦକ ହାସଲ କରି ଥିଲେ। କୋଚ୍ କୃତୀବାସ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କୁଲସ୍ତରୀୟ ଭଲିବଲ ଓ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

**ତରଭା, ୭।୯(ସମିସ)**

ତରଭା ପିଏମଶ୍ରୀ ସରକାରୀ ବାଳକ ହାଇସ୍କୁଲ ପରିସରରେ ସ୍କୁଲସ୍ତରୀୟ ଭଲିବଲ ଓ ବ୍ୟାଡ଼ ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୪ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତି କାନ୍ତ ଭୋଇ ଓ ପ୍ରଧାନଶିକ୍ଷକ ଡ. ମୁରଲୀଧର ବିଶ୍ୱାଳ ଛାତ୍ରଛାତ୍ରୀଙ୍କୁ କ୍ରୀଡାର ମହତ୍ୱ ପ୍ରତିପାଦନ କରିବା ସହ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୋ ସ୍କୁଲ ଅଭିଯାନର ସଭାପତି ହରିବନ୍ଧୁ ପାଣିଗ୍ରାହୀ,



ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ, ଏସ୍‌ଏମ୍‌ସି ସଭାପତି ନନ୍ଦିନୀ ରଣା ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାର ୬ ଟି ବ୍ଲକରୁ ୨୫୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ୫୦ ଜଣ ଖେଳ ଶିକ୍ଷକ ଯୋଗ ଦେଇ ସହଯୋଗ କରିଥିଲେ। ଭଲିବଲରେ ଡୁଙ୍ଗୁରିପାଲି ବ୍ଲକ ବିଜେତା ଓ ବିନିକା ବ୍ଲକ ଉପବିଜେତା ଭାବେ ଚୟନ ହୋଇଛନ୍ତି। ସତର ବର୍ଷରୁ କମ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ବାଳକ ବର୍ଗରେ ତ୍ରିଲୋଚନ ପୁଟେଲ, ଆମନ ହରିପାଳ ଏବଂ ବି.ଅବିନାଶ କୁମାର, ବାଳିକା ବର୍ଗରେ ସାତକ୍ଷୀ ସାହୁ, ନମିସା ପଧାନ ଓ ଅଲିଶା ପାଣ୍ଡେ ଏବଂ ୧୪ ବର୍ଷରୁ କମ୍ ବାଳକବର୍ଗରେ ଶୁଭ୍ରାଂଶୁ ଶେଖର ବାଗ, ଆଶୁତୋଷ ବାରିକ, ରୁଦ୍ର ପ୍ରତାପ ଦେହେରୀ, ବାଳିକା ବର୍ଗରେ ଇପ୍ସିତା ସେଠୀ, ପ୍ରୀତି ପ୍ରଜ୍ଞା ପୁରୋହିତ ଓ ଅନ୍ୱେଷା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ଶିକ୍ଷକ ସୁରଜ ସେଠୀ ଓ ସତ୍ୟବ୍ରତ ମିଶ୍ର ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ରିତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୪ଥର ରକ୍ତଦାନ କଲେଣି ଜନାର୍ଦ୍ଦନ

**ବିନିକା, ୭।୯(ସମିସ):** ଥରେ ନୁହେଁ କି ଦୁଇଥର ନୁହେଁ ପ୍ରତି ୩ମାସ ଅନ୍ତରରେ ୨୪ଥର ହେଲା ରକ୍ତଦାନ କରି ଆସୁଛନ୍ତି ଯୁବ ସ୍ୱେଚ୍ଛାସେବୀ ଜନାର୍ଦ୍ଦନ ଖମାରୀ। ସୂଚନା ଯୋଗ୍ୟ ଯେ ଭୁବନେଶ୍ୱର ସ୍ଥିତ ମନିପଲ ଡାକ୍ତରଖାନାରେ ବିନିକା ବ୍ଲକ ବାଉଁସୁନି ଗ୍ରାମର ଜଣେ ରୋଗୀ ଚିକିତ୍ସାଧୀନ ଥିବାବେଳେ ତାଙ୍କୁ ରକ୍ତ ଦରକାର ପଡ଼ିଥିଲା। ଖବର ପାଇ ଜନାର୍ଦ୍ଦନ ତୁରନ୍ତ ସେଠାକୁ ଯାଇ ତାକୁ ରକ୍ତଦାନ କରିଥିଲେ। ଏହି ରକ୍ତଦାନ ପରେ ତାଙ୍କର ୨୪ଥର ରକ୍ତଦାନ କରିଥିବା ପ୍ରକାଶ କରିଛନ୍ତି। ଶ୍ରୀ ଖମାରୀଙ୍କ ନେତୃତ୍ୱରେ ଗ୍ରାମର ଯୁବ ସଂଗଠନ ତରଫରୁ ରକ୍ତଦାନ ଶିବିର ଆୟୋଜନ ହୋଇ ଆସୁଛି। ଯେତେବେଳେ ଯେଉଁ ସମୟରେ ଯଦି କାହାକୁ ରକ୍ତ ଦରକାର ପଡେ ସ୍ୱେଚ୍ଛାସେବୀ ଖମାରୀ ସେହି ରୋଗୀକୁ ରକ୍ତ ଯୋଗାଡ଼ କରିଥାନ୍ତି। ନିୟମ ଅନୁସାରେ ପ୍ରତି ୩ମାସରେ ସେ ରକ୍ତ ଭଣ୍ଡାର ହେଉ ଅବା ଯେ କୌଣସି ରୋଗୀକୁ ନିଜ ତରଫରୁ ରକ୍ତଦାନ କରିବା ପ୍ରୟାସ ଜାରି ରଖିଛନ୍ତି। ଆଗକୁ ମଧ୍ୟ ଲୋକଙ୍କ ସେବାରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଶ୍ରୀ ଖମାରୀ ପ୍ରକାଶ କରିଛନ୍ତି।



# କଟାଗାଁକୁ ବ୍ଲକ୍ ମାନ୍ୟତା ଦାବି ଜୋର ଧରିଲା

କୋଷାଗୁମୁଡ଼ା,୭।୯(ସମିସ): କୋଷାଗୁମୁଡ଼ା ବ୍ଲକ୍ ଅନ୍ତର୍ଗତ ତାରାଗାଁ ପଞ୍ଚାୟତ ସ୍ଥିତ କଟାଗାଁକୁ ନୂତନ ବ୍ଲକ ମାନ୍ୟତା ଦେବା ପାଇଁ ଦାବି ଜୋର ଧରିବାରେ ଲାଗିଛି। ଏନେଇ ଆଜି ତାରାଗାଁ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଦ୍ୱିତୀୟ ବୈଠକ ଆୟୋଜନ କରାଯାଇଛି। ଆୟୋଜିତ ବୈଠକରେ ୯ଟି ପଞ୍ଚାୟତର ସମସ୍ତ ସରପଞ୍ଚ ଜିଲ୍ଲା ପରିଷଦ ସଭ୍ୟ, ସମିତି ସଭ୍ୟ, ୱାର୍ଡ ମେମ୍ବରଙ୍କ ସମେତ ଅଞ୍ଚଳ ର ବିଭିନ୍ନ ବର୍ଗର ଲୋକ ସାମିଲ ହୋଇଥିଲେ। ପ୍ରକାଶ ଥାଉକି, କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ୯ଟି ପଞ୍ଚାୟତ ଯଥ ତାରାଗାଁ, ବଡ଼ଗୁମୁଡା, ଆଟିଗାଁ,ବାଲେଙ୍ଗା, ଏକରୀ, ମୋତିଗାଁ, ବାଙ୍କୁଲୀ, ଏମ କେରାଗାଁ ଓ ଟେମରା ପଞ୍ଚାୟତବାସୀ ବ୍ଲକ କାର୍ଯ୍ୟାଳୟ ଯିବାକୁ ହେଲେ ୪୦ କିଲୋମିଟରର ଅଧିକ ରାସ୍ତା ଯିବାକୁ ପଡୁଥିବାରୁ ସବୁବେଳେ ହଇରାଣ ହେଉଛନ୍ତି। କୋଟାଗାଁ ସ୍ୱତନ୍ତ୍ର ବ୍ଲକର ମାନ୍ୟତା ଦେଲେ ଉପରୋକ୍ତ ୯ ଗୋଟି ପଞ୍ଚାୟତବାସୀ ଉପକୃତ ହେବେ ବୋଲି ବୈଠକରେ ଆଲୋଚନା ହୋଇଥିଲା। ପୂର୍ବରୁ ମଧ ୨୦୧୪ ମସିହାରୁ କଟାଗାଁକୁ ସ୍ୱତନ୍ତ୍ର ବ୍ଲକ ପାଇଁ ଦାବି ହୋଇଆସୁଛି। ଏହି ଦାବି ପୂରଣ ପାଇଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ,ରାଜସ୍ୱ ମନ୍ତ୍ରୀଙ୍କୁ ଅତିଶୀଘ୍ର



ଦାବିପତ୍ର ଦେବା ନେଇ ତାରିଖ ସ୍ଥିର କରାଯାଇଛି । ତାରାଗାଁ ସରପଞ୍ଚ କୁମର ଭତ୍ରା, ମୋତିଗାଁ ସରପଞ୍ଚ ରାମଚନ୍ଦ୍ର ନାୟକ/ ନବିନା ନାୟକ, ବାଙ୍କୁଲି ସରପଞ୍ଚ-ସାୟବ ଯାନୀ, ବାଲେଙ୍ଗା ସରପଞ୍ଚ-ନୀଳଧର ଭତ୍ରା, ଦୁର୍ଜନ ଭତ୍ରା,ଆଟିଗାଁ ସରପଞ୍ଚ- ଭଗବତୀ ମାଝୀ,ଏମ କେରା ଗାଁ ସରପଞ୍ଚ-ଧନସିଂ ଭତ୍ରା, ବୋଡୋଗୁମୁଡା ସରପଞ୍ଚ-ବାସନ୍ତୀ ଭତ୍ରା, ଏକରୀ ସରପଞ୍ଚ-ବାସନ୍ତୀ ଭତ୍ରା ପ୍ରମୁଖଙ୍କ ସହ କୁସିଆ ମାଝୀ,ଉର୍ଧ? ମାଝୀ, ଚିତ୍ତରଞ୍ଜନ ଗୌଡ଼, ବେଲାଳସେନ ହରିଜନ, ପ୍ରହଲ୍ଲାଦ ଭତ୍ରା, ଈଶ୍ୱର ପୂଜାରୀ, ଦୁର୍ଯ୍ୟୋଧନ ମିର୍ଗାନ, ସନ୍ତୋଷ ପଟ୍ଟନାୟକ, ଗୁରୁବାରୁ ଭତ୍ରା, ଗୋପି କଲାର,ମୂରଲୀ ହଲବା, ସୋନାଧର ଭତ୍ରା, ବିଶ୍ୱନାଥ ଭତ୍ରା, ଟେମୋନ ପୂଜାରୀ, ଦେବୀସିଂ ଗୌଡ଼, ରବି ନାୟକ, ପଦ୍ମନ ନାୟକ, ଢ଼ିପାଲ ଭତ୍ରା, ଧର୍ମୁ ଗଉନ୍ତିଆ, ପ୍ରେମଚରଣ ନାୟକ, ପର୍ଶୁ ହରିଜନ, ଅସ୍ତୁ କଲାର,ପଦଲାମ ଭତ୍ରା, ବସମନ କଲାର,ବୈଶାକୁ କଲାର, ପିତବାସ ଜାନୀ ,ଅମରଦାସ ମାଝୀ, ମୋତିରାମ ଭତ୍ରା,ବିକ୍ରମ ଭତ୍ରା ,ଶଙ୍କର ଜାନୀ ଓ ସତ୍ୟବ୍ରତ ଜାନୀ ପ୍ରମୁଖ ୯ ପଞ୍ଚାୟତ ବାସୀ ଉପସ୍ଥିତ ଥିଲେ।

## ଚନ୍ଦକା ପଞ୍ଚାୟତରେ 'ଆମ ପୁଲିସ ସମିତି' କାର୍ଯ୍ୟକ୍ରମ

ପଟାଙ୍ଗି,୭।୯(ସମିସ): କୋରାପୁଟ ଜିଲ୍ଲା ପଟାଙ୍ଗି ଥାନା ଅନ୍ତର୍ଗତ ଚନ୍ଦକା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପଟାଙ୍ଗି ପୁଲିସ ଦ୍ୱାରା ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଟାଙ୍ଗି ଥାନା ଅଧିକାରୀ ପ୍ରଭାତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାବାଳକ କିମ୍ବା ତଥା ନାବାଳିକାଙ୍କୁ ଗାଡ଼ି ଚଳାଇବାକୁ ମନା କରିବା, ଡ୍ରାଇଭିଂ ଲାଇସେନ୍ସ କରିବା, ହେଲମେଟ ବ୍ୟବହାର, ବାଲ୍ୟ ବିବାହ କରା ନଯିବା, ନାରୀଙ୍କ ବିରୋଧରେ ହେଉଥିବା ନିର୍ଯାତନା ନେଇ ପୁଲିସଙ୍କୁ ସୂଚନା ଦେବା, ସାଇବର କ୍ରାଇମ, ଜମି ବିବାଦ,ସ୍ୱାମୀ ସ୍ତ୍ରୀ ଗଣ୍ଡଗୋଳ ଆଦି ବିଷୟ ବସ୍ତୁ ନେଇ ସଚେତନ କରିଥିଲେ। ମୁଖ୍ୟ ଅତିଥି ଭାବେ ସୁନାବେଢ଼ା ଏସ୍‌ଡିପିଓ ସୁମିତ୍ରା ଜେନା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଦେବକୀ ଗଣ୍ଡ, ଅନ୍ୟତମ ଅତିଥି ଭାବେ ସୁନାବେଢ଼ା ଥାନା ଅଧିକାରୀଣି ସୁଶୁମା କହର, ସମିତି ଭାବେ ସଭ୍ୟ ଲକ୍ଷ୍ମଣ ପଡ଼ାଲ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଚନ୍ଦକା ପଞ୍ଚାୟତ ୩୭ ଗୋଟି ଗ୍ରାମର ଭଦ୍ର ମଣ୍ଡଳୀ ତଥା ବ୍ଲକ ମେଟ ସଭାପତି ଶରତ ଗୁଣ୍ଠା, ଦଳପତିଗୁଡ଼ା ଗ୍ରାମର ଧନ ପେଦାକାପୁ, ବାରଜ ଗ୍ରାମର ଇରାନା ପଡାଲ, ପାଙ୍ଗିଗୁଡ଼ା ଗ୍ରାମର ପାଙ୍ଗିନାୟକ ଦୟା, ଡେକାପଦର୍ ଗ୍ରାମର ଲକ୍ଷ୍ମଣ ହନ୍ତାଳ, ଗୁଗାଗୁଡ଼ା ଗ୍ରାମର ତ୍ରିନାଥ ସାରା, କଦାୱାଲାସା ଗ୍ରାମର ଟୁନା ଖରା, ଖଜୁରୀଗୁଡ଼ା ଗ୍ରାମର ୱାର୍ଡ ମେମ୍ବର ପିଲକ ଖରା, ଲାକାରାଇ ୱାର୍ଡ ମେମ୍ବର ଏଲିଶା ଫୁଲ, ଗାଲିପାଡୁ ଗ୍ରାମର ଫୁଲ ଖିନବୁଡି, ଚନ୍ଦକା ଗ୍ରାମର ଲକ୍ଷ୍ମୀ ଖିନବୁଡି, ରବି ପେଦାକାପୁ ଏବଂ ଅଙ୍ଗନବାଡ଼ି,ଆଶା କର୍ମୀ,ମହିଳା ସ୍ୱୟଂସହାୟକ ଗୋଷ୍ଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ନମିତା ନାୟକ, ଏଏସ୍‌ଆଇ ଶ୍ୟାମ ସୁନ୍ଦର ରଥ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱାଧିନତା ସଂଗ୍ରାମୀଙ୍କ ପୁସ୍ତକ ଉନ୍ମୋଚନ ଉତ୍ସବ




ଜୟପୁର,୭।୯(ସମିସ): କୋରାପୁଟ ଜିଲ୍ଲା ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୁରୁ ଦିବସ ଏବଂ ସ୍ଥାନୀୟ ସ୍ୱାଧନତା ସଂଗ୍ରାମୀ ତଥା ଆଜାଦ ହିନ୍ଦ୍ ଫୌଜର ତଥା ଇଣ୍ଡିଆନ ନ୍ୟାସନାଲ ଆର୍ମିର ଯବାନ ସ୍ୱର୍ଗତ ଗଦାଧର ମହାପାତ୍ରଙ୍କ ଉପରେ ଲିଖିତ ପୁସ୍ତକର ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାଉନସିଲର ଅଫ ଏନାଲିଟିକାଲ ଟ୍ରାଇବଲ ସ୍ଟଡିସ(କୋଟସ୍)ଏବଂ ଇଣ୍ଡିଆନ ନ୍ୟାସନାଲ ଟ୍ରଷ୍ଟ ଫର ଆର୍ଟ ଏଣ୍ଡ କାଲଚୁରାଲ ହେରିଟେଜ (ଇଣଟେକ୍) ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କୋଟସର ଆବାହକ ଡ. ପ୍ରଫୁଲ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୟପୁର ବିଧାୟକ, ସମ୍ମାନିତ ଅତିଥି ଭାବେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ, ଗବେଷକ ଡ. ପରେଶ ରଥ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିକ୍ଷାବିତ୍ ତଥା ବିଶିଷ୍ଟ ପ୍ରଧାନଶିକ୍ଷକ ଉପେନ୍ଦ୍ର ପାତ୍ର, ସୁବାଶ ଚନ୍ଦ୍ର ମିଶ୍ର, ଅରୁଣାଞ୍ଚଳ ପ୍ରଦେଶର ବିଶ୍ୱବିଦ୍ୟାଳୟର ପ୍ରଫେସର ମାଗୁଣି ଚରଣ ବେହେରା, ଗଣେଷ ଚନ୍ଦ୍ର ମହାପାତ୍ର, ଗୌରୀ ପ୍ରସାଦ ରଥ, ନାରାୟଣ ଶଗର, ନରସିଂହ ପାଣିଗ୍ରାହୀ, ସୁରେନ୍ଦ୍ର ପଟନାୟକ, ପ୍ରକାଶ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ମିଶ୍ର, ପ୍ରକାଶ ମହାନନ୍ଦିଆ, କୃଷ୍ଣଚନ୍ଦ୍ର ନିଶଙ୍କ ପ୍ରମୁଖଙ୍କୁ ସମ୍ମାନପତ୍ର, ଉତ୍ତୋରୀୟ ଏବଂ ସ୍ମାରକୀ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନାରେ ଆକାଶବାଣୀ କେନ୍ଦ୍ର ଅସ୍ଥାୟୀ ଭାଷ୍ୟକାର ବିଜୟଲକ୍ଷ୍ମୀ ପାଣିଗ୍ରାହୀ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ମାଲକାନଗିରି,୭।୯(ସମିସ): ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଚାଲିଥିବା ଜିଲ୍ଲାସ୍ତରୀୟ ତିନି ଦିନିଆ ଆଦି କର୍ମଯୋଗୀ ତାଲିମ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ତାଲିମ୍‌ରେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ପଞ୍ଚାୟତିରାଜ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଗୁଡ଼ିକର ବ୍ଲକସ୍ତରୀୟ ଅଧିକାରୀମାନଙ୍କୁ ତାଲିମ ଦିଆଯାଇଛି। ଏହି ତାଲିମ୍‌ରେ ତାଲିମାର୍ଥିଙ୍କୁ ବିଭିନ୍ନ କୌଶଳ ମାଧ୍ୟମରେ ଦଳଗତ ଆଲୋଚନା, ଉପସ୍ଥାପନା ଓ ବିଭିନ୍ନ ଖେଳ ମାଧ୍ୟମରେ ଅତି ସୁନ୍ଦର ଭାବରେ ତାଲିମ ଦେଇଥିଲେ। ଆଦି କର୍ମଯୋଗୀ ତାଲିମରେ ସରକାରୀ ଅଧିକାରୀଙ୍କୁ ଗୋଷ୍ଠୀର ଜନସାଧାରଣଙ୍କ ଜ୍ଞାନ, କୌଶଳ, ମନୋବୃତି ବୃଦ୍ଧି କରାଯାଇ ତୃଣମୂଳ ସ୍ତରରେ ସଫଳ ରୂପାୟନ କରିବା ବିଷୟରେ ବୁଝାଯାଇଥିଲା। ତାଲିମଦାତା ଭାବେ ବିଡ଼ିଓ ମାଥିଲି, ବିଡ଼ିଓ ମାଲକାନଗିରି, ବିଡ଼ିଓ କାଲିମେଲା, ପ୍ରକଳ୍ପ ଅଧିକାରୀ ମହିଳା ଓ ଶିଶୁ ବିକାଶ, ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ, ଡେପୁଟି ରେଞ୍ଜର, ଜିଲ୍ଲା ମହାମାରୀ ବିଶେଷଜ୍ଞ, ପ୍ରୋଗ୍ରାମ ମ୍ୟାନେଜର ପିରମଲ ଫାଉଣ୍ଡେସନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଂଶ ଗ୍ରହଣ କରିଥିଲେ। ମାଲକାନଗିରି ଆଇଟିଡିଏ ପ୍ରକଳ୍ପ ପରିଚାଳକ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।

## କଂଗ୍ରେସ ପକ୍ଷରୁ ସୃଜନ ଅଭିଯାନ



ଜୟପୁର,୭।୯(ସମିସ): ରାଜ୍ୟର ସମସ୍ତ ୩୫ ଗୋଟି କଂଗ୍ରେସ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଚୟନ ପାଇଁ ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ଓଡ଼ିଶାରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ବାବା ସାହେବ କଲ୍ୟାଣ ମଣ୍ଡପଠାରେ ଜୟପୁର ଏବଂ କୋଟପାଡ ବିଧାନସଭା ଅଧିନସ୍ଥ ଜୟପୁର, କୋଟପାଡ, ବୋରିଗୁମ୍ମା, ବୈପାରୀଗୁଡ଼ା ବ୍ଲକ ଏବଂ ଦୁଇଟି ପୌରାଞ୍ଚଳର ସକ୍ରୀୟ କର୍ମୀମାନେ ସଭାପତି ଚୟନ ପ୍ରକ୍ରିୟାରେ ନିଜ ନିଜ ମତାମତ ପ୍ରଦାନ କରିଥିଲେ। ଏଆଇସିସି ପକ୍ଷରୁ ନିଯୁକ୍ତ କୋରାପୁଟ ଜିଲ୍ଲା ପ୍ରଭାରୀ ଭାରକ ଭୂଷଣ ବିମଲ ଏବଂ ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ଏକ କୋଠରୀକୁ ବ୍ୟକ୍ତିଗତ ଭାବେ ଡାକି ସେମାନଙ୍କ ମତାମତ ଗ୍ରହଣ କରିଥିଲେ। ଏହାପରେ ଆୟୋଜିତ ଏକ କର୍ମୀ ସମ୍ମିଳନୀରେ ଏଆଇସିସି ପକ୍ଷରୁ ନିଯୁକ୍ତ ରାଜ୍ୟ ପ୍ରଭାରୀ ଅଜୟ କୁମାମ ଲଲ୍ଲୁ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ଜିଲ୍ଲା ସଭାପତି ଶଶିଭୂଷଣ ପାତ୍ର ପ୍ରମୁଖ ମଞ୍ଚାସିନ ହୋଇ ଉପସ୍ଥିତ କର୍ମୀମାନଙ୍କୁ ଶୃଙ୍ଖଳିତ ରହିବା ସହ ଦଳକୁ ଆଗାମୀ ଦିନରେ ବିଭିନ୍ନ ନିର୍ବାଚନରେ କିଭଳି ସଫଳତା ମିଳିବ ସେଥିପ୍ରତି ତୃଣମୂଳସ୍ତରରେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ଦଳୀୟ ଜିଲ୍ଲା ପରିଷଦ ସଦସ୍ୟ, ବ୍ଲକ ଅଧ୍ୟକ୍ଷ , ପୌରସଂସ୍ଥା, ଏନଏସି ଅଧ୍ୟକ୍ଷ, ବ୍ଲକ, ପୌରାଞ୍ଚଳର, ଯୁବ,ଛାତ୍ର ଓ ମହିଳା କଂଗ୍ରେସର କର୍ମକର୍ତ୍ତାମାନଙ୍କ ସମେତ ସକ୍ରିୟ କର୍ମୀମାନେ ଉପସ୍ଥିତ ରହିଥିଲେ।

## ଆମ ପୁଲିସ ସମିତି ବୈଠକ

ସେମିଳିଗୁଡ଼ା,୭।୯(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ଥାନାରେ ଅଞ୍ଚଳ ନାଗରିକମାନଙ୍କୁ ନେଇ ଆମ ପୁଲିସ ସମିତି ଶୁକ୍ରବାର ସନ୍ଧ୍ୟାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସେମିଳିଗୁଡା ଥାନା ଏସ୍‌ଆଇ ବାବାଜୀ ଚରଣ କହଁର, ଏଏସ୍‌ଆଇ ଦିଗାନ୍ତ ବିହାରୀ ପ୍ରଭୁ ସହାୟ, ଶୁକ୍ଲା ମଣ୍ଡଳ, ବ୍ୟୋମକେଶ ଧାଙ୍ଗଡା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଜନସାଧାରଣଙ୍କ ସହ ସହରର ଆଇନ କାନୁନ ପରିସ୍ଥିତି ଉପରେ ଆଲୋଚନା କରିବା ସହ ସେମାନଙ୍କ ଠାରୁ ବିଭିନ୍ନ ସମସ୍ୟା ଶୁଣିଥିଲେ। ଆଗକୁ ଦୁର୍ଗାପୂଜା ଥିବାରୁ ଏହାକୁ ଶାନ୍ତି ଶୃଙ୍ଖଳା ଓ ଭାଇ ଚାରା ସହ କିପରି ସମ୍ପାଦିତ ହେବ ସେନେଇ ଜନ ସାଧାରଣଙ୍କ ମତାମତ ଲୋଡ଼ିଥିଲେ। ଏହି ବୈଠକରେ ସୁନାବେଢ଼ା ଟ୍ରକ ଟିପ୍ପର ଆସୋସିଏସନ ସଭାପତି ସୁନୀଲ ଅଗ୍ରୱାଲ, ୨୩ ନମ୍ବର ୱାର୍ଡ କାଉନସିଲର ଦୟାନନ୍ଦ କୁଲଦୀପ, ନୃସିହ ନାଥ ପଣ୍ଡା, ନାରାୟଣ କୁଲଦୀପ, ପ୍ରଦୀପ ଦଳାଇ, ଅର୍ଜୁନ ଧଡକା ପ୍ରମୁଖ ଯୋଗଦେଇଥିଲେ।

## ଦଶମନ୍ତପୁର ବ୍ଲକ୍‌ରେ ସାଂସଦଙ୍କ ସମୀକ୍ଷା ବୈଠକ

ପୋଡ଼ାଗଡ଼,୭।୯(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସମ୍ମିଳନୀ କକ୍ଷରେ ଆଜି ସାଂସଦଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସାଂସଦ ଶପ୍ତଗିରି ଶଙ୍କର ଉଲାକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସୂଚନା ମୁତାବକ ବିଭିନ୍ନ ପଞ୍ଚାୟତରେ ରାସ୍ତା କାର୍ଯ୍ୟ ଠାରୁ ଆରମ୍ଭ କରି, ସ୍କୁଲ ମରାମତି, ପାନୀୟ ଜଳ ପ୍ରକଳ୍ପ,ଶିଶି ରାସ୍ତା, ଚେକ୍ ଡ୍ୟାମ, ପାଣି କେନାଲ ଭଳି ଅନେକ ପୁରୁଣା ଓ ନୂତନ ପ୍ରକଳ୍ପ ଉପରେ ଅଧିକାରୀ ମାନଙ୍କୁ ପଚାରି ବୁଝିଥିଲେ। ସରପଞ୍ଚ ମାନେ ନିଜ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ଉପରେ ଜାଣି ପାରୁ ନାହାଁନ୍ତି। ତେଣୁ ସମସ୍ତ ଜନପ୍ରତିନିଧିମାନେ ତାଙ୍କ ପଞ୍ଚାୟତରେ କଣ ସବୁ କାମ ହେଉଛି। ସେମାନେ ଜାଣିବା ଆବଶ୍ୟକ। ସେମାନଙ୍କୁ କାର୍ଯ୍ୟ ସମ୍ପର୍କରେ ଅବଗତ କରାନ୍ତୁ ବୋଲି ସାଂସଦ ଶ୍ରୀ ଉଲାକା, ବିଭାଗୀୟ ଅଧିକାରୀ ମାନଙ୍କୁ କହିଥିଲେ। ପୁଣି ଯେଉଁ କାର୍ଯ୍ୟ ଗୁଡ଼ିକ ଅଧାପନ୍ତରିଆ ଭାବେ ପଡି ରହିଛି। ତାକୁ ତୁରନ୍ତ ଶେଷ କରନ୍ତୁ। ଏବଂ ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ବୋଲି ତାଗିଦ୍ କରିଦେଇ। ଏହି ସମୀକ୍ଷା ବୈଠକରେ, ବିଡ଼ିଓ ମିଳନ କୁମାର ଝାଙ୍କର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୁଧିର କୁମାର ବେହେରା, ସହକାରୀ କାର୍ଯ୍ୟ ନିର୍ବାହ ଯନ୍ତ୍ରୀ ଅଭିଷେକ ସଢଙ୍ଗି, କନିଷ୍ଠ ଯନ୍ତ୍ରୀ ହଳଧର ସିଅଲ, ଜିଲ୍ଲା ପରିଷଦ ସଭ୍ୟ ଧନପତି ସାଉନ୍ତା, ସ୍ଥାନୀୟ ସମିତି ସଭ୍ୟା ଏଲଇ ମଧୁସ୍ମିତା ବାଘ, ସରପଞ୍ଚ ସୁବାଇ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ପରେ ସାଇ କଲ୍ୟାଣ ମଣ୍ଡପ ଠାରେ ସାଂସଦ ପ୍ରତିନିଧିତ୍ୱ ପଙ୍କଜ ବାଘଙ୍କ ତତ୍ତ୍ୱାବଧାନରେ ଏକ କର୍ମୀ ସମ୍ମିଳନୀ ଆୟୋଜନ କରାଯାଇ ଥିଲା। କାର୍ଯ୍ୟକ୍ରମରେ ସାଂସଦ ସମେତ,ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କଂଗ୍ରେସ ବ୍ଲକ ସଂପାଦକ ମୋହନ ପାତ୍ର ହିଆଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ହୁଇକା, ବରିଷ୍ଠ ନେତା ରମାକାନ୍ତ ଦଳେଇଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ। ସୂଚନା ମୁତାବକ ବିଭିନ୍ନ ପ୍ରକଳ୍ପ ପାଇଁ କେତେକ ଅସନ୍ତୋଷ କର୍ମୀ ମାନଙ୍କ ସହ ଆଲୋଚନା କରିଥିଲେ।

## ଇନ୍ଦ୍ରାବତୀ ରାସ୍ତାରେ ଓଲଟିଲା କାର

ନନ୍ଦାହାଣ୍ଡି,୭।୯(ସମିସ): ନବରଙ୍ଗପୁର ଦେଇ ଇନ୍ଦ୍ରାବତୀ ଯିବା ମୁଖ୍ୟ ରାସ୍ତାରେ ପଡ଼ାଲଗୁଡା ଓ କେଶରୀଗୁଡା ନିକଟରେ ଏକ କାର ଭାରସାମ୍ୟ ହରାଇ ଓଲଟି ପଡିଛି। କାର ଓଲଟିବା ପରେ ସେଠାରୁ ଡ୍ରାଇଭର ଚମ୍ପଟ ମାରିଥିବା ଜଣାପଡିଛି। ସୂଚନା ପ୍ରକାରେ କାରଟି ନବରଙ୍ଗପୁର ଠାରୁ ଇନ୍ଦ୍ରାବତୀ ଅଭିମୁଖେ ଯାଉଥିଲା।। କେଶରୀଗୁଡା ନିକଟରେ ଭାରସାମ୍ୟ ହରାଇ କାର ଓଲଟି ପଡିଥିଲା। ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ଥିବା ଜଣାପଡିଛି।



## ଚନ୍ଦ୍ର ଗ୍ରହଣ ପାଇଁ ମନ୍ଦିରରେ ନୀତିକାନ୍ତି ପରିବର୍ତ୍ତନ

ଜୟପୁର,୭।୯(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ବିଭିନ୍ନ ମନ୍ଦିରରେ ଚନ୍ଦ୍ର ଗ୍ରହଣ ନିମନ୍ତେ ପୂଜାର୍ଚ୍ଚନା ପାଇଁ ରୀତିକାନ୍ତିରେ ପରିବର୍ତ୍ତନ କରାଯାଇଛି। ପୂର୍ଣ୍ଣ ଗ୍ରାସ ଚନ୍ଦ୍ର ଗ୍ରହଣ ଯୋଗୁଁ ହିନ୍ଦୁ ପରମ୍ପରା ଅନୁଯାୟୀ ଦିବା ୧୨ଟା ୫୭ ମିନିଟ ପର୍ଯ୍ୟନ୍ତ ଦେବକାନ୍ତି ଆୟୋଜିତ ହୋଇଥିଲା। ଭୋରରୁ ଅପରାହ୍ଣ ସାଢେ ୧୨ ପର୍ଯ୍ୟନ୍ତ ସହରର ସମସ୍ତ ମନ୍ଦିର ଖୋଲା ରହିଥିଲା। ଭକ୍ତ ଓ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ଦେବଦେବୀଙ୍କୁ ଅନ୍ନ ଭୋଗ ଲାଗିକରାଯାଇ ମନ୍ଦିର ଦ୍ୱାର ବନ୍ଦ କରାଯାଇ ତାଲା ଦିଆଯାଇଛି। ସଂଧ୍ୟାରେ ଉକ୍ତ ଓ ଶ୍ରଦ୍ଧାଳୁଙ୍କ ଜନଗହଳିପୂର୍ଣ୍ଣ ମନ୍ଦିର ଗୁଡିକ ଜନଶୂନ୍ୟ ହୋଇଯାଇଥିଲା। ଆସନ୍ତା ସୋମବାର ଭୋରରୁ ମନ୍ଦିର ଖୋଲଯାଇ ସମସ୍ତ ମନ୍ଦିରକୁ ଧୋଇବା ସହ ଶୁଦ୍ଧି କରାଯାଇ ଠାକୁର ମାନଙ୍କ ମହାସ୍ନାନ କରାଯାଇ ପୁଣି ପ୍ରାତଃ ଆଳତୀରୁ ପୂଜାର୍ଚ୍ଚନା ଆରମ୍ଭ କରାଯିବ ବୋଲି ପୂଜକ ମାନେ ପ୍ରକାଶ କରିଛନ୍ତି। ସହରର ଜଗନ୍ନାଥ, ଭଗବତୀ, ଦକ୍ଷିଣକାଳୀ, ନୀଳକଣ୍ଠେଶ୍ୱର, ପଞ୍ଚାନନ, କୁଞ୍ଜବିହାରୀ, ଜଗତଜନନୀ, ଲୋକେଶ୍ୱର , ରଘୁନାଥ, ଚୈତନ୍ୟ, ରସିକସିରମଣି ଏବଂ ଅନ୍ୟାନ୍ୟ ମନ୍ଦିର ଗୁଡିକ ସମେତ ଗ୍ରାମାଞ୍ଚଳ ଗୁଡିକରେ ରହିଥିବା ମନ୍ଦିରରେ ମଧ ଏହା ନିଷ୍ଠାର ସହ ପାଳନ କରାଯାଇଛି। ଆଜି ପୂର୍ବାହ୍ନରୁ ସହରର ଅଧିକାଂଶ ଦୋକାନ ବଜାର ବନ୍ଦ ରହିଥିବା ବେଳେ ଲୋକମାନଙ୍କ ଯାତାୟତରେ ମଧ ହ୍ରାସ ପାଇଥିଲା। ସଂଧ୍ୟାରେ ସାରା ସହରରେ ଚନ୍ଦ୍ର ଗ୍ରହଣ ପାଇଁ ଜନଶୂନ୍ୟ ହୋଇଯାଇଥିଲା ଏବଂ ଦୋକାନ ବଜାର ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା।

## ବିଇଓଙ୍କ ସମେତ ୪ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର

ପୋଡ଼ାଗଡ,୭।୯(ସମିସ): କୋରାପୁଟ ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲାସ୍ତରୀୟ ଗୁରୁଦିବସ ପାଳନ ଅବସରରେ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍‌ର ଚାରି ଶିକ୍ଷକଙ୍କ ସମେତ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ)ଙ୍କୁ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଦଶମନ୍ତପୁର ବ୍ଲକ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃପା ସିନ୍ଧୁ ବାଘ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ, ନନ୍ଦିଗାଁ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମୋନାଜ ସୁନାନି, ମୁଜାଙ୍ଗ ପଞ୍ଚାୟତ ଅନ୍ତର୍ଗତ ରୁଞ୍ଜାଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଧରଣୀ ଧର ରଣା ଜିଲ୍ଲାସ୍ତରୀୟ ଗୁରୁ ଦିବସରେ ପୁରସ୍କୃତ ହୋଇଛନ୍ତି। ଜିଲ୍ଲାସ୍ତରୀୟ ଗୁରୁ ଦିବସରେ ମୁଖ୍ୟଅତିଥି ଭାବେ କୋରାପୁଟ ଜିଲ୍ଲାପାଳ ମୋନାଜ ସତ୍ୟୱାନ ମହଜ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ଉପସ୍ଥିତ ଥିଲେ।

## ନାଲ୍‌କୋ ଏସ୍‌ଭିଏମ୍‌ରେ ରକ୍ତଦାନ ଶିବିର

ସେମିଳିଗୁଡା/ଦାମନଯୋଡି,୭।୯(ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡିସ୍ଥିତ ନବରତ୍ନ କମ୍ପାନୀ ନାଲକୋର ସରସ୍ୱତୀ ବିଦ୍ୟାମନ୍ଦିରରେ ଗୁରୁଦିବସ ପାଳନ ଅବସରରେ ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ମିଳିତ ଆନୁକୁଲ୍ୟରେ ଏକ ରକ୍ତଦାନ ଶିବିରର ଆୟୋଜିତ୍ ହୋଇଯାଇଛି। ବିଦ୍ୟା ମନ୍ଦିରର ବରିଷ୍ଠ ଶିକ୍ଷକ ତଥା ଯୁବ ରେଡକ୍ରସ ଜିଲ୍ଲା ସଂଯୋଜକ ଡକ୍ଟର ନରେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ନାଲକୋର ମହାପ୍ରବନ୍ଧକ ତଥା ଏସଭିଏମ୍‌ର ପରିଚାଳନା ସମିତିର ବିତ୍ତ ସଭ୍ୟ ପ୍ରଶାନ୍ତ କୁମାର ମହାରଣା ନିଜେ ରକ୍ତଦାନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିଥିଲେ। ନାଲକୋ ବିଦ୍ୟାମନ୍ଦିର ସଭାପତି ତଥା ସିଜିଏମ୍ ମାଇନ୍ସ ପୁରୁଷୋତ୍ତମ ମହାନ୍ତ, ସଂପାଦକ ଡଃ ଚିତ୍ତରଂଜନ ମିଶ୍ର, ଅଧ୍ୟକ୍ଷ ଡ଼ଃ ଶୁଭ୍ରାଂଶୁ ଶେଖର ବାହିନୀପତି, ପି .କେ ମହାରଣା, ଜି ଏମ ଫାଇନାନ୍ସ ପି କେ ମହାରଣା, ଚନ୍ଦ୍ର ମୋହନ ମହାନ୍ତ, ମହାପ୍ରବନ୍ଧକ ଶଙ୍କର ସେନଗୁପ୍ତା,ଏଫବିଡିଓ କୋରାପୁଟ ଶାଖାର ସଂଯୋଜିକା ସ୍ନିଗ୍ଧାରାଣୀ ମିଶ୍ର ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ। ଉକ୍ତ ଶିବିରରୁ ସମୁଦାୟ ୪୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କୋରାପୁଟ ଶହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ରକ୍ତ କେନ୍ଦ୍ରର ଷ୍ଟାଫ ରଞ୍ଜିତ ସାହୁ, ମନୋରଞ୍ଜନ ସୁନା, ସଞ୍ଜୟ ସିଂ ରକ୍ତ ସଂଗ୍ରହ କରିଥିଲେ। ଡଃ ନରେଶ ଚନ୍ଦ୍ର ସାହୁ, ଡକ୍ଟର ନିରୋଦ କୁମାର ପ୍ରଧାନ, ରଚନା, ସ୍ମୃତି, ନାରାୟଣ ଲାମତା, ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ। ଏଥି ସହିତ ବିଦ୍ୟାମନ୍ଦିର ଅଡିଟୋରିୟମରେ ଅଧ୍ୟକ୍ଷ ଡଃ ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ଅଧ୍ୟକ୍ଷତାରେ ଗୁରୁଦିବସ ଉପଲକ୍ଷେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ପରିଚାଳନା ସମିତିର ସଭପତି ପୁରୁଷୋତ୍ତମ ମହନ୍ତ, ସମ୍ପାଦକ ଡ଼ଃ ଚିତ୍ତରଞ୍ଜନ ମିଶ୍ର, ପ୍ରଶାନ୍ତ କୁମାର ମହାରଣା, ନିମନ୍ତ୍ରିତ ଅତିଥି ଭାବେ ଚନ୍ଦ୍ର ମୋହନ ମହାନ୍ତ, ମହାପ୍ରବନ୍ଧକ ଶଙ୍କର ସେନଗୁପ୍ତା, ସ୍ନିଗ୍ଧା ମିଶ୍ର ଓ ଶ୍ରୀ ପ୍ରଦୀପ କୁମାର ଜଗତୀ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଡଃ ଗୋଧୂଳି ଦୋରା, ଅନୁରାଧା ପାଟନାକୁନି ଓ ଉଦ୍ଧବ ପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଡ଼ଃ ସ୍ୱାତୀ ଚାଟାର୍ଜୀ ସଭା ପରିଚାଳନା କରିଥିଲେ। ପରିଶେଷରେ ଅନୁଜା ସରକାର ଓ ପ୍ରଜ୍ଞା ପାଣିଗ୍ରାହୀଙ୍କ ଉଦ୍ୟମରେ ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସଙ୍ଗୀତ ଶିକ୍ଷକ ବୃନ୍ଦାବନ ଖଣ୍ଡୁଆଳ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏଫ୍‌ବିଡିଓ ତରଫରୁ ଆବଶ୍ୟକୀୟ ସହାୟତା ପ୍ରଦାନ କରାଯାଇଥିଲା।

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

କୋରାପୁଟ,୭।୯(ସମିସ): କୋରାପୁଟ ବ୍ଲକ୍ କେନ୍ଦାର ପଞ୍ଚାୟତ କୁସୁମଗୁଡ଼ାଠାରେ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଡଲିଆମ୍ବ ଓ ବେଲଗୁଡ଼ା ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବାବେଳେ ଡଲିଆମ୍ବ ଚାମ୍ପିଅନ୍ ହୋଇଥିଲା। କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ୧୦ ହଜାର ଏବଂ ଉପବିଜେତା ବେଲଗୁଡ଼ା ଦଳକୁ ୭ ହଜାର ଟଙ୍କା ସହ ଟ୍ରଫି, ସିଲ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ରଘୁ ଜାନି, ବିଜୁ ଜନତା ଦଳ ବ୍ଲକ ସଭାପତି ମଣ୍ଟୁ ବେନିଆ, ପଞ୍ଚାୟତ ସଭାପତି ନୀଳ ଖରା, ସଞ୍ଜୀବ ଖରା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ସମାଜସେବୀ ରୁବେନ ଖରା ଓ ଘାସି ମାଛଙ୍କ ନେତୃତ୍ୱରେ କ୍ରୀଡ଼ା ଆୟୋଜନ ହୋଇଥିଲା।

## ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ନବରଙ୍ଗପୁର/ନନ୍ଦାହାଣ୍ଡି,୭।୯(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୧୦ଜଣ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡଙ୍ଗରଭେଜା ନୋଡ଼ାଲ ହାଇସ୍କୁଲ ପରିସରରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ସେହିପରି ଗୁରୁ ଦିବସ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ନନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଅବସର ପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନୁର୍ଜୟ ମାଝୀ ଓ ବିଆରସିସି ଉତ୍ତମା ହରିଜନ ଓ ନନ୍ଦାହାଣ୍ଡି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଗୋଲତି କୁମାର ସାଗରିଆ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ନାଗେଶ୍ୱରୀ ପଟ୍ଟନାୟକ ପରିଚାଳନା କରିଥିବାବେଳେ ବିବରଣୀ ପାଠ ସମ୍ପାଦକ ରମେଶ ଚନ୍ଦ୍ର ତ୍ରିପାଠୀ କରିଥିଲେ। ଏହି ଅବସରରେ ଅବସର ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ନରସିଂହ ପଣ୍ଡା, ଜଗବନ୍ଧୁ ମାଝୀ, ଭୀମସେନ ମୁଦୁଲି, ଈଶ୍ୱରୀ ରଥ, ଏ. ସାରଳା ଦେବି, ମାଧୁରୀ ନିବେଦିତା ମହାନ୍ତି, ମମତା ନାୟକ, ପ୍ରଣତି ସାହୁ, ପ୍ରମୋଦ ଦାସ, ନନ୍ଦାହାଣ୍ଡି ଶିକ୍ଷକ ସଂଘର ସମସ୍ତ କର୍ମକର୍ତ୍ତା ଓ ସମସ୍ତ ସିଆରସିସି ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସ୍ଥାନୀୟ ଡଙ୍ଗର ଭେଜା ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ସଂଘର ସମ୍ପାଦକ ବିଘ୍ନ ରାଜ ପାତ୍ର, ଦୁର୍ଗା ମାଧବ ଦାଶ, ବିଷ୍ଣୁ ପାଣିଗ୍ରାହୀ, ସଂକେଶ ତ୍ରିପାଠୀ, ପ୍ରହଲ୍ଲାଦ ତ୍ରିପାଠୀ, ଗୀତାଞ୍ଜଳି ବେଜ, ଇତିଶ୍ରୀ ପରିଛା, ମଧୁସୁଦନ ହରିଜନ, ବୃନ୍ଦାବନ ପାଢ଼ୀ, ମୀନକେତନ ବାଗ, ଅନନ୍ତ ମିଶ୍ର, ହିମାଂଶୁ ଗୌଡ଼, ଭୁବନେସ ନାୟକ, ଶିଭାସିସ, ରବୀନ୍ଦ୍ର, ନାରାୟଣ, ଟି ସୁରିୟା ରାଓ, ଲକ୍ଷ୍ମୀ ସାହୁ, ପ୍ରଦୀପ, ନାରାୟଣ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ୧୬ ବିଦ୍ୟାର୍ଥୀ ପୁରସ୍କୃତ

ସୁନାବେଡ଼ା,୭।୯(ସମିସ): ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ସୁନାବେଡ଼ା ପୌର ପରିଷଦର କଲ୍ୟାଣ ମଣ୍ଡପଠାରେ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ୨ଟି ବର୍ଗରେ ବିଭିନ୍ନ ପ୍ରତିଯୋଗିତା ଅୟୋଜନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ଚିତ୍ରାଙ୍କନ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଦେବାଂଶୀ କୁଲଦୀପ ପ୍ରଥମ ସ୍ଥାନ ଓ ବରିଷ୍ଠ ବର୍ଗରେ ଆଦ୍ୟାଶା ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ସେହିପରି ନୃତ୍ୟରେ ପ୍ରତିଜ୍ଞା ପ୍ରିୟଦର୍ଶିନୀ ବୁଗୁଡ଼ାଇ, ବର୍ଷାରାଣୀ ବଡେଇ, ଶୁଭସ୍ମିତା ନାୟକ, ଇପ୍ସିତା ପ୍ରଧାନ, ଆସ୍ଥା ସମ୍ମାରେଡି, ଜାଗୃତି ସାହୁ, ଜାଙ୍କସିନି ସାହୁ, ଆରାଧ୍ୟା ନାୟକ, ଜାଗୃତି ସିଂହ, ସୋନାକ୍ଷୀ ରାଉତ, ଏସ.ବି. ମାହିରା, ନନ୍ଦିନୀ ଆଇକତ, ଦେବାଂଶୀ କୁଲଦୀପ ପ୍ରମୁଖ ୧୬ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସଫଳତା ପାଇଁ ପ୍ରାଚୀନ କଳା ଓ ସଂସ୍କୃତି ପରିଷଦ ର ସଭାପତି ଶେଖ ଇବ୍ରାହିମ, ସମ୍ପାଦକ ମନୋଜ କୁମାର ମୁଦୁଲି, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସଚିବ ଅନୁରାଗ ପାତ୍ର, ପରିଚାଳନା ସଚିବ ତାପସ କୁମାର ମଲ୍ଲିକ, ଶିକ୍ଷୟିତ୍ରୀ ହୃଦାଞ୍ଜଳି ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।

## ପଡିଆରେ ବଢୁଛି ବେଆଇନ ମଦ ବିକ୍ରି

# ମାର୍କେଟ କମ୍ପ୍ଲେକ୍ସ ଉପର ମହଲା ପାଲଟିଛି ମଦ୍ୟପଙ୍କ ଆଡ୍ଡାସ୍ଥଳୀ

ମାଲକାନଗିରି,୭।୯(ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକରେ ବେଆଇନ ମଦ ବିକ୍ରି ବଢ଼ିବାରେ ଲାଗିଥିବା ବେଳେ ମଦ୍ୟପଙ୍କ ପ୍ରାଦୁର୍ଭାବ ମଧ ବଢ଼ିବାରେ ଲାଗିଛି। ସରକାରୀ ନିୟମ ଅନୁଯାୟୀ, କେବଳ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନୀ ହିଁ ମଦ ବିକ୍ରୟ କରିବା କଥା, କିନ୍ତୁ ପଡିଆ ବ୍ଲକ୍‌ସଦରରେ ଅନେକ ଦୋକାନୀ ଓ ଲୋକେ ନିଜ ଘରେ ଏବଂ ଦୋକାନରେ ମଦ ରଖି ଚୋରାରେ ମଦ ବିକ୍ରୟ କରୁଥିବା ଅଭିଯୋଗ ହୋଇଛି। ଯାହା ଫଳରେ ଯୁବପୀଢ଼ୀ ପଥ ଭ୍ରଷ୍ଟ ହେଉଥିବା ବେଳେ ମଦ୍ୟପମାନେ ବିଭିନ୍ନ ସ୍ଥାନରେ ମଦର ଆସର ଜମାଉ ଥିବା ଅଭିଯୋଗ ହୋଇଛି। ଏପରିକି ବ୍ଲକ ସଦରରେ ଥିବା ମାର୍କେଟ କମ୍ପେଲକ୍ସର ଉପର



ମହଲାକୁ ମଧ ମଦ୍ୟପମାନେ ନିଜର ଅ#। ସ୍ଥଳୀ କରି ଦେଇଥିବା ଦେଖିବାକୁ ମିଳିଛି। ଏହି ମାର୍କେଟ କମ୍ପେଲକ୍ସର ଉପର ମହଲାଟି ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ପ୍ରାୟ ୪ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବାବେଳେ ଉପର ମହଲାରେ କୌଣସି ଦୋକାନ ଖୋଲା ଯାଇନଥିବାରୁ ତାହାକୁ ମଦ୍ୟପମାନେ ନିଜର ଅ#। ଭାବେ ବ୍ୟବାହର କରୁଥିବା ଦେଖିବାକୁ ମିଳିଛି। ଅନେକ ଚୋରା ମଦ ବେପାରୀଙ୍କ ଯୋଗୁଁ ଅଞ୍ଚଳରେ ମଦ୍ୟପଙ୍କ ସଂଖ୍ୟା ବଢିବାରେ ଲାଗିଥିବା ସ୍ଥାନୀୟବାସୀନ୍ଦା ଅଭିଯୋଗ କରିଛନ୍ତି। ଏସବୁ ଉପରେ ରୋକ ଲାଗିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ପୁଲିସ ପ୍ରଶାସନ ଓ ସ୍ଥାନୀୟ ବ୍ଲକ୍ ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ବ୍ଲକ୍ କଳା ସଂସ୍କୃତି ସଂଘର ଗୁରୁଦିବସ

କୋଷାଗୁମୁଡା,୭।୯(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍‌ର ସନ୍ତୋଷପୁର ପଞ୍ଚାୟତ ସଦର ମହକୁମାର ଆଦର୍ଶ କଲ୍ୟାଣ ମଣ୍ଡପଠାରେ ରାଜଚାଉଁରୀଆ ଦେଶିଆ ନାଟଗୁରୁ ଓ ବ୍ଲକ୍ କଳା ସଂସ୍କୃତି ସଂଘର ଗୁରୁଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୨୬ଗୋଟି ପଞ୍ଚାୟତ ସହ ନବରଙ୍ଗପୁର ଜିଲ୍ଲାର ୭ ଗୋଟି ବ୍ଲକ୍‌ର ଶତାଧିକ ନାଟଗୁରୁ, ଗୀତକୁଡ଼ିଆ, ଲୋକ ସଙ୍ଗୀତକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଲ୍ୟାମ୍ପସ ପରିଚାଳନା କମିଟି ନିଲମ୍ବିତ

ମାଥିଲି,୭।୯ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ଲ୍ୟାମ୍ପସରେ ଦୀର୍ଘଦିନ ଧରି ଚାଲୁଥିଲା ମହାଦୁର୍ନୀତି । ବେନିୟମ ନିଯୁକ୍ତି ଅଭିଯୋଗରେ ପରିଚାଳନା କମିଟିକୁ ନିଲମ୍ବିତ କରାଯାଇଛି । ସୂଚନା ଅନୁସାରେ ମାଲକାନଗିରି ସହକାରୀ ସମିତିର ଉପ-ନିବନ୍ଧକ ଚିଠି ସଂଖ୍ୟା ୫୯୭/୦୬,୦୯,୦୨୫ ଦ୍ୱାରା ମାଥିଲି ଲ୍ୟାମ୍ପସର ପରିଚାଳନା କମିଟିକୁ ନିଲମ୍ବନ କରାଯାଇଛି ।ସ୍ୱାମୀ ନିର୍ଦ୍ଦେଶକ, ନିଜ ପତ୍ନୀକୁ କମିଟିର ସଭାନେତ୍ରୀ ଭାବେ ବେନିୟମ ଚୟନ କରିଥିଲେ । ସେହିପରି ସ୍ୱାମୀ ନିର୍ଦ୍ଦେଶକ ଥିବା ବେଳେ ତାଙ୍କ ପତ୍ନୀଙ୍କୁ ଉପ ସଭାନେତ୍ରୀ କରାଯାଇଥିଲା । ନିର୍ଦ୍ଦେଶକ ଥିବା ବେଳେ ତାଙ୍କ ପତ୍ନୀକୁ ଲ୍ୟାମ୍ପସର ବ୍ୟବସ୍ଥାବକ (ଏମିଡି) ଭାବେ ବେନିୟନ ଭାବେ ନିଯୁକ୍ତି କରାଯାଇଥିଲା । ସେହିପରି ଅନ୍ୟ ଜଣେ ସ୍ୱାମୀ ନିର୍ଦ୍ଦେଶକ ଥିବା ବେଳେ ତାଙ୍କ ପତ୍ନୀଙ୍କୁ ଡାଟା ଅପରେଟର ଭାବେ ନିଯୁକ୍ତି ଦିଆଯାଇଛି । ଏହି ନିଯୁକ୍ତି ମାଧ୍ୟମରେ ବହୁ ପରିମାଣର ଅର୍ଥ ଆତ୍ମସାତ, ବେନିୟବ ଭାବେ କର୍ମଚାରୀ ନିଯୁକ୍ତି କରିଥିବା ଅଭିଯୋଗ ହେଉଥିଲା । ଚାଷୀ ମାନଙ୍କୁ ସାର ବଣ୍ଟନରେ ଅନିୟମିତତା ହୋଇଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି । ଏହି ମହା ଦୁର୍ନୀତି ଓ ଅନିୟମିତତାକୁ ନେଇ ଲ୍ୟାମ୍ପସର ସହକାରୀ ସମିତିରେ ଅଭିଯୋଗ ହୋଇଥିଲା । ତଦନ୍ତ ବେଳେ ସତ୍ୟତା ମିଳିବାରୁ ପରିଚାଳନା କମିଟିକୁ ନିଲମ୍ବନ କରାଯାଇଥିବା ଉପ ନିବନ୍ଧକଙ୍କ ଚିଠିରେ ଉଲ୍ଲେଖ ରହିଛି । ସ୍ଥାନୀୟ ଲୋକେ କହିଛନ୍ତି ଲ୍ୟାମ୍ପସ ଚାଷୀଙ୍କ ଆର୍ଥିକ ସହାୟକ ସଂସ୍ଥା । ଏହାକୁ ବ୍ୟକ୍ତିଗତ ସ୍ୱାର୍ଥ ଓ ପରିବାରବାଦ ନିଯୁକ୍ତି ମାଧ୍ୟମରେ ଦୁର୍ନୀତିର କେନ୍ଦ୍ର କରାଯାଇଥିବା ଅତ୍ୟନ୍ତ ଦୁଃଖଦ । ନିଲମ୍ବନ ପରେ ନୂଆ ଲ୍ୟାମ୍ପସ ପ୍ରଶାସନିକ ବ୍ୟବସ୍ଥା ଗଠନ କରାଯିବ । ଦୁର୍ନୀତିରେ ଜଡିତ ଥିବା ସମସ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସହକାରୀ ସମିତି ପକ୍ଷରୁ ଚିଠିରେ ଉଲ୍ଲେଖ କରାଯାଇଛି ।

# ସମ୍ମାନିତ ହେଲେ ହସ୍ତଶିଳ୍ପୀ ହିମାଂଶୁ ପାଣ୍ଡିଆ



ରାୟଗଡ଼ା,୭।୯(ସମିସ): ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଲାଉ ସଂଗ୍ରହ କରି ସେଥିରେ ବିଭିନ୍ନ ପ୍ରକାର ଘର ସଜା ଉପକରଣ ଓ ଅନ୍ୟାନ୍ୟ ଆକୃତିର ନୂତନ ହସ୍ତଶିଳ୍ପର ଉଦ୍‌ଭାବନା କରିଥିବା ରାୟଗଡ଼ାର ପ୍ରସିଦ୍ଧ ହସ୍ତଶିଳ୍ପୀ ହିମାଂଶୁ ଶେଖର ପାଣ୍ଡିଆଙ୍କୁ ହସ୍ତଶିଳ୍ପାଦିତ୍ୟ ଶିଳ୍ପୀସମ୍ମାନରେ ସମ୍ମାନିତ କରାଯାଇଛି । ପୁରୀ ଠାରେ ଗୁରୁ ଦିବସରେ ପାରମ୍ପରିକ ହସ୍ତଶିଳ୍ପ ଗୁରୁକୁଳ, ଭଣ୍ଡାରୀକୁଦା, ବ୍ରହ୍ମଗିରୀ, ପୁରୀ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଗୁରୁ ପୂଜନ ତଥା ବାର୍ଷିକ ଉତ୍ସବ ପାଳନ ହୋଇଥିଲା । କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାର ମହାନ୍ ଶିଳ୍ପୀଙ୍କୁ ହସ୍ତଶିଳ୍ପ କ୍ଷେତ୍ରରେ ସେମାନଙ୍କର ଭୂମିକା ଓ ଅବଦାନ ତଥା ନୂତନ ସୃଷ୍ଟିକୁ ନେଇ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ରାୟଗଡ଼ା ଜିଲ୍ଲାରୁ ଲାଉ କ୍ରାଫ୍ଟକୁ ନେଇ ନୂତନ ହସ୍ତଶିଳ୍ପର ଏକ ସୃଷ୍ଟିକର୍ତ୍ତା ଭାବେ ଆନ୍ତର୍ଜାତୀୟ ସ୍ତରରେ ପରିଚିତ ଥିବା ହସ୍ତଶିଳ୍ପୀ ହିମାଂଶୁ ଶେଖର ପାଣ୍ଡିଆଙ୍କୁ ଏହି ହସ୍ତଶିଳ୍ପାଦିତ୍ୟ ଶିଳ୍ପୀସମ୍ମାନରେ ସମ୍ମାନିତ କରାଯାଇଛି । କାର୍ଯ୍ୟକ୍ରମରେ ସଭାମୁଖ୍ୟ ସମରେନ୍ଦ୍ର ସାହୁ (କିଟ୍-ଟିବିଆଇ,ଉପଦେଷ୍ଟା)ଙ୍କ ସମେତ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ନିଫ୍ଟ ଭୁବନେଶ୍ୱରର ନିର୍ଦ୍ଦେଶକ ରାଜେଶ କୁମାର ଝା, ହସ୍ତଶିଳ୍ପ ସେବା କେନ୍ଦ୍ର ସହ ନିର୍ଦ୍ଦେଶକ ଭୁବନ ଭାସ୍କର ଏବଂ ପୁରୀ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟର ସହ ଉପନିର୍ଦ୍ଦେଶକ ବିଷ୍ଣୁପଦ ମାରାଣ୍ଡି ଏବଂ ଅନ୍ୟ ବରଣ୍ୟ ଅତିଥିମାନେ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥିଙ୍କ ଠାରୁ ଶ୍ରୀ ପାଣ୍ଡିଆ ସମ୍ମାନିତ ହୋଇଥିଲେ । ଅନୁଷ୍ଠାନର ସଂପାଦକ ତଥା ରାଜ୍ୟ ନମୁନା ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ (ନଥା ଚାନ୍ଦୁଆ) ଶିଳ୍ପୀ କୃଷ୍ଣଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମହିଳା ସୁରକ୍ଷା ସଚେତନତା ସଭା

ମାଲକାନଗିରି,୭।୯(ସମିସ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ସ୍ଥିତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପୁଲିସ ବିଭାଗ ତରଫରୁ ମହିଳା ସୁରକ୍ଷା ଓ ଆତ୍ମହତ୍ୟାରୁ ନିବୃତ ରହିବା ଉଦ୍ଦେଶ୍ୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ପୋଲିସ ଅଧିକାରୀ ଅଜିତ ସିଂ ବରିହା ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ମଙ୍ଗଳା ମାଡୀ, ଲ୍ୟାମ୍ପସ ସଭାପତି ଗୋପୀ ପାଙ୍ଗୀ, ଫାଣ୍ଡି ଅଧିକାରୀ କୃଷ୍ଣଚନ୍ଦ୍ର ହିଆଲ, ସମାଜସେବୀ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଭଗବାନ ସାହୁ ଓ ସ୍ଥାନୀୟ ପିଇଓ ରେବତୀନାଥ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । 'ଆମ ପୋଲିସ' ର ଏଭଳି ସଚେତନତା କାର୍ଯ୍ୟକ୍ରମକୁ ଜନସାଧାରଣ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ କୁଡୁମୁଲୁଗୁମ୍ମା ଫାଣ୍ଡିର କନେଷ୍ଟବଳ ନେପାଳ ଚନ୍ଦ୍ର ସାହୁ, ଜୟସିଂହ ପୂଜାରୀ, ଗୃହରକ୍ଷୀ ସଭାପତି ଝୋଡିଆ, ବିରେନ୍ଦ୍ର କୁଆସୀ ଓ ରାମଚନ୍ଦ୍ର ମାଣ୍ଡି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିଥିଲେ ।

# ଆମିଷ ବଜାର ସ୍ଥାପନ ପାଇଁ ସ୍ଥାନ ନିରୂପଣ



କୁଡୁମୁଲୁଗୁମ୍ମା,୭।୯(ସମିସ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତର ସରପଞ୍ଚ ମଙ୍ଗଳା ମାଡୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ରେବତୀନାଥ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ କବାଟ ବନ୍ଦ ନିକଟରେ ଥିବା ସରକାରୀ ଜାଗାରେ ଆମିଷ ବଜାର ପାଇଁ ସ୍ଥାନ ନିରୂପଣ କରାଯାଇଛି । ସବୁ ଆମିଷ ଦ୍ରବ୍ୟ ଗୋଟିଏ ଜାଗାରେ ଖୋଲିବା ପାଇଁ ଏଭଳି ନିଷ୍ପତ୍ତି ହୋଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀ ମାଝୀ କହିଛନ୍ତି । ସରପଞ୍ଚ ଶ୍ରୀ ମାଡୀ କହିଛନ୍ତି ଯେ, ସେ ଯୁଦ୍ଧକାଳୀନ ଭିତିରେ ଆମିଷ ବଜାର ସ୍ଥାପନ ପାଇଁ ପ୍ରାଥମିକତା ଦେବେ । ସେଠାରେ ୮ ଗୋଟି ମାର୍କେଟ ସେଡ୍ ନିର୍ମାଣ ସହ ଉକ୍ତ ସ୍ଥାନରେ ବିଜୁଳି ଓ ପାଣି ସହଯୋଗ ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି ।

# ୫ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ରାୟଗଡ,୭।୯(ସମିସ ): ରାୟଗଡ଼ା ଜିଲ୍ଲାରେ ୟୁଡାଇଜ ପ୍ଲସ୍ ତଥ୍ୟ ଦେଇ ନପାରିବାରୁ ୫ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ । ବାରମ୍ବାର ତାଗିଦ ସତ୍ତ୍ୱେ ସରକାରୀ ନିୟମ ନମାନିବାରୁ ୫ ପ୍ରଧାନ ଶିକ୍ଷକଙ୍କୁ ମହଙ୍ଗା ପଡିଛି । ଜିଲ୍ଲାର କାଶୀପୁର ବ୍ଲକ ରେଙ୍ଗା ସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ, କୋଲନରା ବ୍ଲକ ଭୋଇମଡା ସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ, ପିଣ୍ଡାପଦରସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ, ରାୟଗଡ଼ା ବ୍ଲକ କୁଲି ସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ, ଓ କୁମତଲପେଟାସ୍ଥିତ ଶ୍ରୀ ଉଗ୍ରତାର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନୋଟିସ୍ ଜାରିକରିବା ସହ ସେମାନଙ୍କର ଦରମା ବନ୍ଦ କରାଯାଇଛି । ପ୍ରତିଦିନ ସ୍କୁଲରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ସଂପୂର୍ଣ୍ଣ ତଥ୍ୟ ଶିକ୍ଷା ବିଭାଗର ୟୁଡାଇଜ ପ୍ଲସ୍ ପୋର୍ଟାଲରେ ଅପଲୋଡ କରିବାର ନିୟମ ରହିଛି । ଏ ନେଇ ଭିଡିଓ କନଫରେନ୍ସ, ହ୍ୱାଟ୍ସ୍‌ଆପ୍‌ରେ ମ୍ୟାସେଜ ଦିଆଯାଉଥିଲେ ମଧ୍ୟ କିଛି ପ୍ରଧାନ ଶିକ୍ଷକ ଏହାକୁ ବେଖାତିର କରି ତଥ୍ୟ ଦେଉନଥିଲେ । ରେଙ୍ଗା ସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ୨୪୨ ଜଣ ପିଲାଙ୍କ ମଧ୍ୟରୁ ୧୫୨ ଜଣଙ୍କ ତଥ୍ୟ ୟୁଡାଇଜ୍ ପ୍ଲସ ପୋର୍ଟାଲରେ ଅପଲୋଡ କରିନଥିଲେ । ସେହିପରି ଭୋଇମଡା ୟୁଜିଏଚଏସରେ ୧୨୨ ପିଲାଙ୍କ ମଧ୍ୟରୁ ୧୧୪, କୁଲି ୟୁଜିଏଚଏସରେ ୨୦୬ ଜଣଙ୍କ ମଧ୍ୟରୁ ୨୦୫ ଜଣ, ପିଣ୍ଡାପଦର ୟୁଜିଏସଏସର ୧୪୦ରୁ ୯୧ ଏବଂ କୁମତଲପେଟା ଶ୍ରୀ ଉର୍ଗତାରା ନୋଡାଲ ଉଚ୍ଚ ବିଦ୍ୟାଳୟର ୩୪୧ ରୁ ୨୮୮ ଛାତ୍ରଛାତ୍ରୀଙ୍କ ତଥ୍ୟ ଅପଲୋଡ କରିନଥିବାରୁ ଏଭଳି ପଦକ୍ଷେପ ନେଇଛନ୍ତି ଜିଲା ଶିକ୍ଷାଧିକାରୀ । ସଂପୃକ୍ତ ୫ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ଦୁଇ ଦିନର ଦରମା ମଧ୍ୟ ବନ୍ଦ କରାଯାଇଛି ।

# ଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

ଗୁଣୁପୁର, ୭।୯ (ସମିସ): ଗୁଣୁପୁର ସହରର ୧ ନମ୍ବର ୱାର୍ଡ ବୃନ୍ଦାବତୀ ନଗର ଠାରେ ଘରେ କେହି ନଥିବା ଦେଖି କଳାକନା ବାଲାଇଲେ ଦୁର୍ବୃତ୍ତ । ଭଡା ଘରେ ଦୀର୍ଘ ଚାରି ବର୍ଷ ରହିଆସୁଥିଲେ ଆକାଶ କୁମାର ପରିଛା । ସେ ତାଙ୍କ ପରିବାରକୁ ନେଇ ବାହାରକୁ ଯାଇଥିଲେ । ୬ ଦିନ ପରେ ସେ ଗୁଣୁପୁର ପହଞ୍ଚି ନିଜ ଘର କବାଟ ଖୋଲିବା ବେଳେ ତାଲା ତାଡି ଦିଆଯାଇ ସମସ୍ତ ଆସବାବ ପତ୍ର ଫିଙ୍ଗା ଫୋପଡ଼ା ହୋଇଯିବା ସହ ଅନେକ୍ ସମାଗ୍ରୀ ଓ ନଗଦ ଟଙ୍କା ଚୋରି ହୋଇଯାଇଛି । ଘଟଣା ସମ୍ପର୍କରେ ସେ ସ୍ଥାନୀୟ ପୁଲିସକୁ ଖବର ଦେବା ସହ ଘର ଭିତରକୁ ଯାଇ ଦେଖିବା ବେଳକୁ ଆନୁମାନିକ ନଗଦ ଏକ ଲକ୍ଷ ଟଙ୍କା, ୩ ତୁଳା ସୁନା ସହ କିଛି ରୂପାର ଅଳଙ୍କାର ଚୋରି କରି ନେଇଥିବା ଜଣାପଡିଥିଲା । ଗୁଣୁପୁର ପୁଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି ।

# ସାପକାମୁଡ଼ାରେ ମହିଳା ସରପଞ୍ଚଙ୍କ ମୃତ୍ୟୁ

ରାୟଗଡ଼ା,୭।୯(ସମିସ): ସାପକାମୁଡାରେ ରାୟଗଡ଼ା ସଦର ବ୍ଲକ କୁଲି ଗ୍ରାମ ପଞ୍ଚାୟତର ମହିଳା ସରପଞ୍ଚ ମାଙ୍ଗୀ କାଡ୍ରକାଙ୍କ ମୃତ୍ୟୁ ଘଟିଛି । ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତିରେ କୁଲି ପଞ୍ଚାୟତର ସରପଞ୍ଚ ମାଙ୍ଗି କାଡ୍ରାକ ନିଜ ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କ ଡାହାଣ ଗୋଡକୁ କାମୁଡିଥିଲା । ସ୍ୱାମୀ ସୁରୀ କାଡ୍ରାକା ତୁରନ୍ତ ଆମ୍ବୁଲାନ୍ସ ସାହାଯ୍ୟରେ ରାୟଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଣି ଭର୍ତି କରିଥିଲେ । କିନ୍ତୁ ତାଙ୍କର ପରଲୋକ ହୋଇଯାଇଥିଲା । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ରାୟଗଡ଼ ଜିଲ୍ଲା ସରପଞ୍ଚ ମହାସଂଘ ସଭାପତି ତାମାରାଓ ବିଡ଼ିକା, ବ୍ଲକ ଅଧକ୍ଷା, ଉପାଧକ୍ଷ ଓ ଅନ୍ୟ ବ୍ୟକ୍ତି ବିଶେଷମାନେ ସେଠାରେ ପହଞ୍ଚି ଶୋକ ପ୍ରକାଶ କରିଛନ୍ତି ।

# ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ



ବାଲିମେଳା/କୋରୁକୋଣ୍ଡା,୭।୯(ସମିସ): ବିବାହର ପ୍ରତିଶ୍ରୁତି ଦେଇ ଓର୍କେଲ ଥାନା ଅଧିନସ୍ଥ ଅଞ୍ଚଳର ଜଣେ ୧୯ ବର୍ଷୀୟ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ କୋରାପୁଟ ଜିଲ୍ଲା ବରିଗୁମା ଥାନା ଅଧିନସ୍ଥ ବିଜାପୁର ଗ୍ରାମର ବେଣୁଧର ହରିଜନଙ୍କ ପୁଅ ମୋହନ ହରିଜନ(୨୩)ଙ୍କୁ ଗିରଫ କରାଯାଇଛି । ସୂଚନା ମୁତାବକ ପୀଡ଼ିତା କିଛି ମାସ ପୂର୍ବେ ବରିଗୁମା ଅଞ୍ଚଳରେ ଥିବା ତାଙ୍କର ଜଣେ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ । ସେଠାରେ ଏହି ଝିଅ ସହ ମୋହନର ସାକ୍ଷାତ ହୋଇଥିଲା । ଝିଅର ସରଳତାର ସୁଯୋଗ ନେଇ ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ସେ ଶାରୀରିକ ସମ୍ପର୍କ ରଖିଥିଲେ । ଏହାର କିଛିଦିନ ପରେ ଉକ୍ତ ଝିଅକୁ ବାହା ହେବା ପାଇଁ ମୋହନ ମନା କରିବା ସହିତ ତାଙ୍କର ଫୋନ ଆଉ ରିସିଭ କରିନଥିଲେ । ସେ ଗତ ମେ ମାସ ୧ ତାରିଖ ଦିନ ଓର୍କେଲ ଥାନାରେ ଦ୍ୱାରସ୍ତ ହୋଇ ମୋହନଙ୍କ ବିରୁଦ୍ଧରେ ଏନେଇ ଲିଖିତ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଭିତ୍ତି କରି ପୁଲିସ ପକ୍ଷରୁ ଥାନାରେ କେସ ନମ୍ବର -୧୩୨/୨୦୨୫ରେ ଦଫା ୬୯ ବିଏନ ଏସରେ ଏକ ମାମଲା ରୁଜୁ ହୋଇଛି । ସମ୍ପୃକ୍ତ ଯୁବକକୁ ଧରିବା ପାଇଁ ପୁଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି । ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଅଜିତ ସିଂ ବରିହାଙ୍କ ନେତୃତ୍ୱରେ ପୁଲିସର ସ୍ୱତନ୍ତ୍ର ଟିମ ଗତକାଲି ବିଜାପୁର ଗ୍ରାମରେ ପହଞ୍ଚି ମୋହନକୁ ତାଙ୍କ ଗ୍ରାମରୁ ଗିରଫ କରି ଥାନାକୁ ଆଣିଥିଲେ । ରବିବାର ସକାଳେ ତାଙ୍କୁ ପୁଲିସ ପକ୍ଷରୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ଥାଉକି ପୂର୍ବରୁ ପୁଲିସ ପକ୍ଷରୁ ପୀଡିତା ଝିଅର ଡାକ୍ତରୀ ମାଇନା କରାଯିବା ସହ କୁଡୁମୁଲୁଗୁମ୍ମା କୋର୍ଟରେ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଯାଇ ତାଙ୍କର ବୟାନ ରେକର୍ଡ କରାଯାଇଥିଲା । ଏହି ଘଟଣାର ତଦନ୍ତ ଏସ୍‌ଆଇ ହରପ୍ରିୟା ଶବର ଜାରୀ ରଖିଥିବା ଥାନା ଅଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ଛାତ୍ରୀଙ୍କ ସୁରକ୍ଷାକୁ ନେଇ ସଚେତନତା ଶିବିର

କାଶୀପୁର,୭।୯(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟ ପରିସରରେ କାଶୀପୁର ପୁଲିସ ତରଫରୁ ଛାତ୍ରୀ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାଶୀପୁର ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଛାତ୍ରୀସୁରକ୍ଷା ସଚେତନତା ଶିବିରରେ ଏସଆଇ ବିକାଶ ପଟେଲ, ଏସଆଇ ପ୍ରଶାନ୍ତ କୁମାର ସ୍ୱାଇଁ, ସଂଧ୍ୟାରାଣୀ ତିର୍କୀଙ୍କ ସହ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହିଥିଲେ । ଶିବିରରେ ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଶେଷରେ ବିଦ୍ୟାଳୟର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟତ୍ରୀ ଧନ୍ୟବାଦ୍ ଦେଇଥିଲେ । ପୁଲିସର ଏଭଳି ସଚେତନତା କାର୍ଯ୍ୟକୁ ବୁଦ୍ଧିଜୀବି ମହଲରେ ପ୍ରଶଂସା କରାଯାଇଛି ।

# ଦୁର୍ଗା ପୂଜା ପ୍ରସ୍ତୁତି ବୈଠକ

ନନ୍ଦପୁର, ୭।୯ (ସମିସ): ନନ୍ଦପୁର ସଦର ମହକୁମାର ଜଗତ ଜନନୀ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ଦୁର୍ଗା ପୂଜା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂଜା ପରିଚାଳନା ନେଇ ଏକ କମିଟି ଗଠନ କରାଯାଇଛି । ପୂଜା ପରିଚାଳନା କମିଟିର ସଭାପତି ସୁନିଲ କୁମାର ସାହୁ, ସମ୍ପାଦକ ମହେଶ୍ୱର ସମାରଡି, କୋଷାଧକ୍ଷ ଭାବେ ଲୋକନାଥ ଖିଲ ମନୋନୀତ ହୋଇଥିବା ବେଳେ ଏହି କମିଟିରେ ୧୦ ସଦସ୍ୟ ରହିଛନ୍ତି । ସେମାନେ ହେଲେ ଶଙ୍କର ପାଙ୍ଗି, ପୂର୍ଣ୍ଣ ସମାରଡି, ମଦନ ଖିଲ, ରବୀନ୍ଦ୍ର ସମାରଡି, ଗଣେଶ ପାଙ୍ଗି, ରଘୁନାଥ ଗୁଣ୍ଡା, ଦିଲୀପ ପାଙ୍ଗି, ବଳରାମ ପାଙ୍ଗି, କେଶବ ସମାର ଡି ଲକ୍ଷ୍ମଣ ଗୁଣ୍ଡା ।

■ ବ୍ରିଜ୍ ତଳୁ ଦୋକାନ ହଟାଇବାକୁ ନିର୍ଦ୍ଦେଶ

# ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କଲେ ବ୍ୟବସାୟୀ



ରାୟଗଡ଼ା,୭।୯(ସମିସ): ରାୟଗଡ଼ା ସହରର ଫ୍ଲାଏ ଓଭରବ୍ରିଜର ଶୋଚନୀୟ ଅବସ୍ଥାରେ ସୁଧାର ଆଣିବା ପାଇଁ ମରାମତି କାର୍ଯ୍ୟ ଆରମ୍ଭ ହେବ । ଏହାର ତଳେ ଥିବା ବିଭିନ୍ନ ଉଠା ଦୋକାନୀଙ୍କୁ ଖାଲି କରିବା ପାଇଁ ରାୟଗଡ଼ା ପୌର ପରିଷଦକୁ ଚିଠି କରିଛି ଜାତୀୟ ରାଜପଥ ବିଭାଗ । ଉକ୍ତ ଚିଠିକୁ ଭିତ୍ତି କରି ଶନିବାର ପୌର ପରିଷଦ ନିର୍ବାହୀ ଅଧିକାରୀ କୁଲଦୀପ କୁମାରଙ୍କ ନେତୃତ୍ୱରେ ଏକ ଟିମ୍ ଫ୍ଲାଏ ଓଭର ବ୍ରିଜ ତଳେ ରହିଥିବା ଉଠା ଦୋକାନୀମାନଙ୍କୁ ନିଜର ଦୋକାନ ସ୍ଥାନାନ୍ତରିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୩ଦିନ ମଧ୍ୟରେ ସମସ୍ତ ଦୋକାନ ଖାଲି କରି ଅନ୍ୟତ୍ର ଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅପରପକ୍ଷେ ଦୀର୍ଘ ବର୍ଷ ଧରି ଫ୍ଲାଏ ଓଭର ବ୍ରିଜ ତଳେ ଜୋତା ଦୋକାନ, ସାର ଦୋକାନ, ଲୁଗା ଦୋକାନ, ମୋବାଇଲ ଦୋକାନ ସମେତ ବିଭିନ୍ନ ପନିପରିବା ଦୋକାନ କରି ପରିବାର ଭରଣପୋଷଣ କରୁଥିବା ବ୍ୟବସାୟୀ ଅନ୍ୟତ୍ର ଜାଗା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେମାନଙ୍କୁ ଥଇଥାନ ପାଇଁ ଜାଗା ନମିଳିଲେ ପରିବାର ଭରଣପୋଷଣ କିଭଳି କରିବେ ବୋଲି କହିଛନ୍ତି । ଏନେଇ ପୌର ନିର୍ବାହୀ ଅଧିକାରୀ କୁଲଦୀପ କୁମାରଙ୍କୁ ପଚାରିବାରୁ ଜାତୀୟ ରାଜପଥ ଫ୍ଲାଏ ଓଭରବ୍ରିଜ ମରାମତି କରାଯିବ । ତେଣୁ ଉକ୍ତ ଦୋକାନ ସବୁ ଖାଲି କରିବାକୁ ନିର୍ଦ୍ଦେଶ ରହିଛି ବୋଲି କହିଛନ୍ତି । ସେମାନଙ୍କ ଥଇଥାନ ନେଇ ଏଯାଏଁ କୌଣସି ନିର୍ଦ୍ଦେଶ ଆସିନଥିବା ଜଣାପଡ଼ିଛି ।

# ପିଣ୍ଡାପଦର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍

କୋଲନରା,୭।୯(ସମିସ): ରାୟଗଡ଼ ଜିଲ୍ଲା କୋଲନରା ବ୍ଲକ୍ ପିଣ୍ଡା ପଦର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ମାତ୍ର ତିନି ଦିନ ଭିତରେ ଅଲଗା ଅଲଗା କାରଣ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଦୁଇଦୁଇ ଥର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ସରକାରୀ କାର୍ଯ୍ୟରେ ଅବହେଳା ପାଇଁ ପ୍ରଥମ କାରଣ ଦର୍ଶାଅ ନୋଟିସ୍ ଚିଠି ସଂଖ୍ୟା ୫୩୦୫/୨୦୨୫ ତା ୦୩-୦୯-୨୦୨୫ରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଜାରି କରାଯାଇଥିଲା । କାରଣ ଦର୍ଶାଅ ନୋଟିସର ଜବାବ ଦାଖଲ ନକରିବା ଇତ୍ୟାଦି କାରଣରୁ ଜିଲ୍ଲା ଶିକ୍ଷା ବିଭାଗ ଚିଠି ସଂଖ୍ୟା ୫୪୦୪/୨୦୨୫ ତା ୦୬-୦୯-୨୦୨୫ରେ ଦ୍ୱିତୀୟ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ତାଙ୍କୁ ତିନି ଦିନ ମଧ୍ୟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଗତକାଲି ସରକାରୀ ଉଚ୍ଚ ବିଦ୍ୟାଳୟ, ପିଣ୍ଡା ପଦର ଠାରେ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହେଉଥିଲା । ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ ରାୟଗଡ଼ ପହଞ୍ଚିଥିଲେ । ବିଦ୍ୟାଳୟର ବିଭିନ୍ନ ଅବ୍ୟବସ୍ଥା ଦେଖି ସେ ସଙ୍ଗେ ସଙ୍ଗେ ଗୋଷ୍ଠୀ ଶିକ୍ଷା ଅଧିକାରୀ, କୋଲନରାଙ୍କୁ ପିଣ୍ଡାପଦର ଡକାଇବା ସହ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମସ୍ତ ନଥିପତ୍ର, ଶ୍ରେଣୀଗୃହ, ମଧ୍ୟାହ୍ନ ଭୋଜନ ଚାଉଳ ଓ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ସମସ୍ତ ଜିନିଷପତ୍ର ତଦାରଖ କରିଥିଲେ । ମଧ୍ୟାହ୍ନ ଭୋଜନ ଚାଉଳ ଅସୁରକ୍ଷିତ ଅବସ୍ଥାରେ ଥିବା ଓ ଶ୍ରେଣୀ ଗୃହ ଥାଉ ଥାଉ ବିପଦ ସଙ୍କୁଳ କୋଠାରେ ଶ୍ରେଣୀ ପରିଚାଳନା ହେଉଥିବା ଜାଣି ବିରକ୍ତି ପ୍ରକାଶ କରିଥିଲେ ।

# ଗୁଡାରି ସରସ୍ୱତୀ ବିଦ୍ୟା ମନ୍ଦିରରେ ଗୁରୁ ଦିବସ



ଗୁଡାରୀ,୭।୯ (ସମିସ): ଗୁଡାରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗତ ଶୁକ୍ରବାର ଗୁରୁ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଗୁରୁ ଭାବେ ଗୋପୀନାଥ ଗୌଡ଼ ଏବଂ ନରସିଂହ ମିଶ୍ରଙ୍କୁ ବିଦ୍ୟାଳୟ ତରଫରୁ ନିମନ୍ତ୍ରଣ କରାଯାଇଥିଲା । ଅତିଥିଙ୍କୁ ପ୍ରଧାନ ଆଚାର୍ଯ୍ୟ ସମ୍ମାନିତ କରିଥିଲେ । ଏହି ଅବସରରେ ବିଦ୍ୟାଳୟପରିସରରେକୁନିବିଜ୍ଞାନମେଳାରଆୟୋଜନକରାଯାଇଥିଲା । ଏଥିରେ ୪୬ ଜଣଛାତ୍ରଛାତ୍ରୀ ଭାଗ ନେଇଥିଲେ । ବିଚାରକ ଭାବେ ପ୍ରଭାତ କୁମାର ପତି ଏବଂ ଲଳିତ ପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା । ପ୍ରଧାନ ଆଚାର୍ଯ୍ୟ ଶ୍ରୀ ସାହୁ ସହଯୋଗ କରିଥିବା ବେଳେ ଗୁରୁଜୀ ଗୁରୁମା ଧନ୍ୟବାଦ ଜଣାଇଥିଲେ.

# ଭୁଶୁଡ଼ିଲା କାନ୍ଥ, ଅଳ୍ପକେ ବର୍ତ୍ତିଲେ ପରିବାର



କଲ୍ୟାଣସିଂହପୁର,୭।୯(ସମିସ): ଲଗାଣ ବର୍ଷାରେ ଭୁଶୁଶୁଲା କାନ୍ଥ । ଅଳ୍ପକେ ବର୍ତ୍ତିଲେ ପରିବାର । କଲ୍ୟାଣସିଂହପୁର ବ୍ଲକ ନାରାୟଣପୁର ପଞ୍ଚାୟତର ବନ୍ଧୁଗୁଡା ଗ୍ରାମର ରମେଶ କୌଶଲ୍ୟାଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିଛି । ସୌଭାଗ୍ୟ ବଶତଃ ପରିବାର ଲୋକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସୂଚନା ଅନୁଯାୟୀ, ଆଜି ପ୍ରବଳ ବର୍ଷା ହୋଇଥିଲା । ଏହି ସମୟରେ ପରିବାର ଲୋକ ଘର ଭିତରେ ରହିଥିଲେ । ଲଗାଣ ବର୍ଷା ଯୋଗୁଁ ପୂର୍ବରୁ ଓଦା ହୋଇଥିବା ଘର କାନ୍ଥ ଭୁଶୁଡ଼ି ପଡ଼ିଥିଲା । କାନ୍ଥ ପଡ଼ିବା ସମୟରେ ଶବ୍ଦ ହେବାରୁ ପରିବାର ଲୋକ ଗୋଟିଏ କୋଣରେ ଚାପି ହୋଇ ରହିଥିଲେ । ତେବେ କାନ୍ଥ ଭୁଶୁଡ଼ି ପଡ଼ିବାରୁ ବର୍ଷା ପାଣିରେ ଘର ଭିତରେ ଥିବା ଖାଦ୍ୟ ସାମଗ୍ରୀ ଓ ଲୁଗାପଟା ବିଭିନ୍ନ ସାମଗ୍ରୀ ଭିଜି ନଷ୍ଟ ହୋଇଯାଇଥିଲା । ତୁରନ୍ତ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି ।

# ଭାଗବତ ଜନ୍ମ ଉତ୍ସବ ପାଳିତ

କୋଲନର, ୭।୯(ସମିସ): ଜଗନ୍ନାଥ ସଂସ୍କୃତି ପ୍ରଚାର ଓ ପ୍ରସାର କରିବା ପରିପ୍ରେକ୍ଷୀରେ ଆଜି ରାୟଗଡା ବ୍ଲକ ଅମଲାଭଟ୍ଟା ଛକ ନିକଟସ୍ଥ ଶ୍ରୀ ଶ୍ରୀ ଅନନ୍ତ ନାରାୟଣ ଜଗନ୍ନାଥ ମନ୍ଦିରରେ ମନ୍ଦିରର ଅଧିଷ୍ଠାତ୍ରୀ ସୁଶ୍ରୀ କ୍ରିଷ୍ଣା ସୁକାନ୍ତି ନାୟକଙ୍କ ତତ୍ତ୍ୱାବଧାନରେ ଭାଗବତ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଭାଗବତ ଜନ୍ମ ଉତ୍ସବରେ ମନ୍ଦିର ପରିସରରେ ଭକ୍ତ ମାନେ ସମୂହ ଭାଗବତ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୁଶ୍ରୀ ଜାନକୀ ଲତା ମହାପାତ୍ର, ଶାନ୍ତିଲତା ପାଣି, ବିଦ୍ୟାଧର ଦାସ, ଚିତ୍ତରଞ୍ଜନ ଜେନା, ତେଜିନାଜେନା, ପ୍ରଭାତବେହେରା, ବିଜୟଦୀକ୍ଷିତ, ସୁଷମାବେହେରା, ରମାମଣୀନାୟକ, ପଙ୍କଜନାୟକ, ତିଳତମା ନାୟକ, ରାମ ନାରାୟଣ ସାହୁ ଏବଂ ମନ୍ଦିରର ସମସ୍ତ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ ।

ଯାଇ ପାରିଲାନି ଗାଡ଼ି

# ଭାରରେ ବୋହିଲେ ୫ କିଲୋମିଟର



ମାଲକାନଗିରି/ମାଥିଲି,୭।୯(ସମିସ):

ମାଲକାନଗିରି ଜିଲ୍ଲାରେ ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁଁ ବୁହା ହେଲେ ରୋଗୀ । ରୋଗୀ ପାଇଁ ଦେବଦୂତ ସାଜିଲେ ସ୍ୱାସ୍ଥ୍ୟ ସୁପରଭାଇଜର । ପରିବାର ଲୋକଙ୍କ ସହ ସ୍ୱାସ୍ଥ୍ୟ ସୁପରଭାଇଜର ମିଶି ଦୁର୍ଗମ ଅଞ୍ଚଳରୁ ମହିଳା ରୋଗୀଙ୍କୁ ଭାରରେ ବୋହି ଆଣିଲେ ୫ କିଲୋମିଟର । ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଦୁର୍ଗମ ତୁଳସୀ ଗାଁରୁ ଅସୁସ୍ଥ ଥିବା ମହିଳାଙ୍କୁ ରାସ୍ତା ଖରାପ ଯୋଗୁ ବୋହି ଆଣିଛନ୍ତି ସାଲିମି ସୁପରଭାଇଜର ହରେକୃଷ୍ଣ ପାତିକା । ତୁଳସୀ ଗାଁର ମଙ୍ଗଳଦେଇ ଦୁରୁଆ ଦୀର୍ଘଦିନରୁ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବାରୁ ଘରେ ରହିଥିଲେ । ବର୍ଷା ଯୋଗୁଁ ସ୍ୱାସ୍ଥ୍ୟକେନ୍ଦ୍ର ଆସିବା ସମ୍ଭବ ନ ଥିଲା । ତେବେ ହଠାତ୍ ଶରୀର ଅସୁସ୍ଥ ହେବାରୁ ଗ୍ରାମବାସୀ ଓ ପରିବାର ଲୋକେ ସ୍ୱାସ୍ଥ୍ୟ ସୁପରଭାଇଜର ଶ୍ରୀ ପାତିକା ମଙ୍ଗଳଦେଇଙ୍କୁ ଏକ ଭାର ଯୋଗେ ବୋହି ପକ୍କା ସଡ଼କ ଯାଏଁ ଆଣିଥିଲେ । ସେଠାରୁ ସ୍ୱାସ୍ଥ୍ୟ ବିଭାଗର ଗାଡି ସହାୟତାରେ ମାଥିଲି ସବ୍‌ଡିଭିଜନ ମେଡିକାଲକୁ ଆଣି ଭର୍ତ୍ତି କରିଥିଲେ । ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ମାଲକାନଗିରି ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ମିଳିଛି ।

# ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମ ଉଦ୍‌ଯାପିତ



ନବରଙ୍ଗପୁର, ୭। ୯(ସମିସ): ଆଦି କର୍ମଯୋଗୀ ଅଭିଯାନ ଅଧିନରେ ତ୍ରି-ଦିବସୀୟ ଆବାସିକ ଜିଲ୍ଲା ପ୍ରକ୍ରିୟା ପ୍ରୟୋଗଶାଳା ସମ୍ପୂର୍ଣ୍ଣ ହୋଇଯାଇଛି । ଅନ୍ତିମ ଦିବସରେ ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଉପସ୍ଥିତ ରହି ସମସ୍ତ ବ୍ଲକ ପ୍ରମୁଖ ପ୍ରଶିକ୍ଷକ ତଥା ସମସ୍ତ ଆଦି-କର୍ମଯୋଗୀ ମାନଙ୍କୁ ସେବା, ସମର୍ପଣ ଓ ସଂକଳ୍ପ ସହିତ ଆମ ସମାଜର ଅଭିନ୍ନ ଅଙ୍ଗ ଆଦିବାସୀ ସମ୍ପ୍ରଦାୟର ଐତିହ୍ୟ ଓ ମର୍ଯ୍ୟାଦାର ସୁରକ୍ଷା, ନ୍ୟାୟ, ସମାନତା ଓ ଏକତାକୁ ପ୍ରୋତ୍ସାହନ ଦେଇ ଜୀବନବ୍ୟାପୀ ଶିକ୍ଷାର୍ଥୀ ଭାବେ ନିଜର କର୍ତ୍ତବ୍ୟ ସାବ୍ୟସ୍ତ ପାଇଁ ଏହି ମାର୍ଗକୁ ଅଙ୍ଗୀକାର କରିବାରେ ଦୃଢ଼ ପ୍ରତିବଦ୍ଧତା ବ୍ୟକ୍ତ କରିବାକୁ ସାମୂହିକ ପ୍ରତିଜ୍ଞା ପାଠ କରାଇଥିଲେ । ଆସନ୍ତା ୧୦ ତାରିଖ ମଧ୍ୟରେ ବ୍ଲକସ୍ତରୀୟ ଅଧିକାରୀମାନଙ୍କ ନିମନ୍ତେ ପ୍ରତ୍ୟେକ ବ୍ଲକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନେତୃତ୍ୱରେ ଦ୍ୱି-ଦିବସୀୟ ବ୍ଲକ ପ୍ରକ୍ରିୟା ପ୍ରୟୋଗଶାଳା ଅନୁଷ୍ଠିତ ହେବ । ସାପ୍ତାହିକ ପ୍ରତି ସୋମବାର "ଆଦି ସେବା ସମୟ", ପୂର୍ବାହ୍ନ ୧୧:୦୦ ରୁ ଅପରାହ୍ନ ୨:୦୦, ବିଭାଗ ଯୋଗାଯୋଗ ଏବଂ ନାଗରିକ ସନ୍ଦେହମୋଚନ ଉଦ୍ଦେଶ୍ୟରେ ଏବଂ ମାସିକ ଚତୁର୍ଥ ଶନିବାର "ଜନ ସମ୍ବାଦ" ଦିନ ପୂର୍ବାହ୍ନ ୧୧:୦୦ ରୁ ଅପରାହ୍ନ ୩:୦୦, ଅଭିଯୋଗ ସମୀକ୍ଷା, ଯୋଜନା ପ୍ରଦାନ, ଏବଂ ଗୋଷ୍ଠୀ ଆଲୋଚନା ଉଦ୍ଦେଶ୍ୟରେ ଅଭିଯାନର ପରିକଳ୍ପନା ବିଷୟରେ ଆଲୋଚନା କରାଯାଇଥିଲା ।



# ପୁଲିସ ଜାଲରେ ବିହାରୀ ସାଇବର ଠକ

## ସାରା ଦେଶରୁ ୧୫ କୋଟିରୁ ଊର୍ଦ୍ଧ୍ୱ ଠକେଇ ■ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ଖୋଲି କରୁଥିଲେ ଲୁଟ୍

ଭୁବନେଶ୍ୱର,୭।୯ (ସମିସ):

ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଖୋଲି କୋଟି କୋଟି ଟଙ୍କା ଠକେଇ କରୁଥିବା ଜଣେ ବିହାରୀ ଠକ ସମେତ ୫ଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ସମୀର କୁମାର ଦୁବେ, ବିଡିଏ କଲୋନୀର ଭଗବାନ ସାହୁ, ଚିରଞ୍ଜିବୀ ରାଉତ, ଅମିତାରାଣୀ ରାଉତ ଏବଂ ଆକାଂକ୍ଷା ରାଉତ। ଦୁଇଟି ମାମଲାରେ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଛୁରି, ମୋବାଇଲ, ଏଟିଏମ୍ କାର୍ଡ ଆଦି ଜବତ କରାଯାଇଛି।





ଭଗବାନ, ଚିରଞ୍ଜିବୀ, ଅମିତାରାଣୀ ଏବଂ ଆକାଂକ୍ଷା ଗୋଟିଏ ପରିବାରର। ସେମାନେ କିଛିଦିନ ତଳେ ପ୍ରୟାଗରାଜ ଯାଇଥିଲେ। ସେଠାରେ ସାଇବର ଠକ ସମୀର ସହ ଭେଟ ହୋଇଥିଲେ। ସମୀର ତାଙ୍କୁ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଦେବାକୁ କହିଥିଲେ। ଯାହା ବଦଳରେ ସେମାନେ ୧.୪ ପ୍ରତିଶତ ଟଙ୍କା ଦିଆଯିବ ବୋଲି କହିଥିଲେ। ଲୋଭରେ ପଡ଼ି ଅମିତାରାଣୀ ପରିବାର ଠକକୁ ବ୍ୟାଙ୍କ ଆକାଉଣ୍ଟ ଦେଇଥିଲେ। ଫଳରେ ଠକ ଏହି ଆକାଉଣ୍ଟ ନେଇ କୋଟି କୋଟି ଟଙ୍କା ଠକେଇ କରିଥିଲା। ସେହି ଆକାଉଣ୍ଟଗୁଡ଼ିକରେ ଅଧିକ ଠକେଇ ହେବା ପରେ ବ୍ୟାଙ୍କ ମ୍ୟାନେଜର ତାଗିଦ କରିଥିଲେ। ଯାହାଫଳରେ ସେମାନେ କିଛି ଦିନ ହେବ ରହିଯାଇଥିଲେ। କିନ୍ତୁ ଅମିତାରାଣୀ ପରିବାରକୁ ଠକ ସମୀର ଆକାଉଣ୍ଟ ବାବଦକୁ ଟଙ୍କା ଦେଇନଥିଲେ। ଯେଉଁଥି ପାଇଁ ଅମିତାରାଣୀ ଓ ଅନ୍ୟମାନେ ଯୋଜନା କରି ସମୀରକୁ ଭୁବନେଶ୍ୱରକୁ ଡାକିଥିଲେ। ସମୀର ୫ ତାରିଖରେ ଭୁବନେଶ୍ୱର ଆସିବା ପରେ ହୋଟେଲ ସାଇକ୍ରିଷ୍ଟାରେ ରହିଥିଲେ। ୪ଜଣ ଅଭିଯୁକ୍ତ ଠକ ସମୀରଙ୍କୁ ଦେଖା କରିବାକୁ ଡାକି ଛୁରି ଦେଖାଇ ଅପହରଣ କରି ନେଇଥିଲେ। ଏକ ଅଜଣା ଜାଗାରେ ରଖି ମାଡ଼ ମାରିବା ସହ ମୋବାଇଲ୍ ଫୋନ୍, ଏଟିଏମ୍ କାର୍ଡ ରଖି ୨୫ଲକ୍ଷ ମୁଣ୍ଡ ଜାମିନ୍ ମାଗିଥିଲେ। ହେଲେ ସାଇବର ଠକ କୌଶଳକ୍ରମେ ରହୁଥିବା ହେଟେଲ ମ୍ୟାନେଜରଙ୍କୁ ଫୋନ୍ କରି ଜଣାଇ ଦେଇଥିଲେ। ହୋଟେଲ ମାଲିକ ତୁରନ୍ତ ଚନ୍ଦାକା ପୁଲିସକୁ କହିଥିଲେ। ପୁଲିସ ଖବର ପାଇ ସମୀରଙ୍କୁ ଉଦ୍ଧାର କରିବା ପରେ ପୂରା ଘଟଣା ପଦାକୁ ଆସିଥିଲା। ଅପହରଣ ଏବଂ ମୁଣ୍ଡ ଜମିନ୍ ମାମଲାରେ ପୁଲିସ ୪ଜଣଙ୍କୁ ବାନ୍ଧିଥିବାବେଳେ ସାଇବର ଠକେଇ ମାମଲାରେ ସମୀରଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତଙ୍କ ଠାରୁ ୩ଟି ଆକାଉଣ୍ଟ ଠାବ ହୋଇଛି। ଗୋଟିଏରେ ୫କୋଟି ଠାବ ହୋଇଥିବା ବେଳେ ଆଉ ଗୋଟିଏ ଆକାଉଣ୍ଟରେ ୩କୋଟି ଏବଂ ଅନ୍ୟ ଆକାଉଣ୍ଟରେ ୨କୋଟି ଠାବ ହୋଇଛି। ପ୍ରତି ଆକାଉଣ୍ଟରେ କୋଟି କୋଟି ଟଙ୍କା ସାଇବର ଠକେଇ ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ଆଉ କେଉଁ କେଉଁ ରାଜ୍ୟର ଲୋକମାନଙ୍କୁ ଏମାନେ ଠକେଇ କରିଛନ୍ତି ସେ ଦିଗକୁ ନେଇ ସାଇବର ଥାନା ପୁଲିସ ଖୋଳତାଡ଼ କରୁଛି। ରାଜ୍ୟ ବାହାର ପୁଲିସ ସହ କମିସନରେଟ୍ ପୁଲିସ ଯୋଗାଯୋଗ କରିଛି। ଆବଶ୍ୟକ ପଡ଼ିଲେ ସାଇବର ଠକଙ୍କୁ ରିମାଣ୍ଡରେ ଅଣାଯିବ। ଓଡ଼ିଶାରେ ଏମାନଙ୍କ ଦ୍ୱାରା ଯେଉଁମାନେ ଠକେଇର ଶିକାର ହୋଇଛନ୍ତି କମିସନରେଟ୍ ପୁଲିସରେ ଏତଲା ଦେବାକୁ ଅପିଲ କରିଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା। ପୁଲିସକୁ ଭୁଆଁ ବୁଲାଇବା ପାଇଁ ଅମୀତାରାଣୀ ଭିନ୍ନ କଥା କହିଥିଲା। ପ୍ରୟାଗରାଜରେ ଭେଟ ହେବା ପରେ ସମୀରଙ୍କ ପରିବାର ଓଡ଼ିଶା ଆସି ପୁଣି ତାଙ୍କ ସହ ବୁଲିଯାଇଥିଲେ। ଏପରିକି ସୋଲାର ପ୍ରୋଜେକ୍ଟ କରିବା ବାହାନାରେ ତାଙ୍କୁ ୩ଟି ଆକାଉଣ୍ଟ ନେଇଥିଲେ। ଏହି ଆକାଉଣ୍ଟରେ ସେ ଠକେଇ ଟଙ୍କା ଆଣୁଥିବା ସେ ଜାଣି ନ ଥିବା କହିଥିଲେ। ହେଲେ ପୁଲିସ ତଦନ୍ତ କରିବା ପରେ ସତ ପଦାକୁ ଆସିବା ପରେ ୫ଜଣଙ୍କୁ ଗିରଫ କରାଯାଇଛି।

**ଦୁଇଟି ମାମଲାରେ ୫ ଜଣଙ୍କୁ ଧରିଛି ପୁଲିସ**

## ଚନ୍ଦ୍ରଗ୍ରହଣରେ ଆମିଷ ଖାଇବା ମହଙ୍ଗା ପଡ଼ିଲା

# ଘର ଭଙ୍ଗାରୁଜା ସହ ମାଲିକଙ୍କୁ ପିଟିଲେ

ଭୁବନେଶ୍ୱର,୭।୯ (ସମିସ): ଚନ୍ଦ୍ରଗ୍ରହଣରେ ରାଜଧାନୀରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଲିଙ୍ଗରାଜ ଥାନା ନାଗେଶ୍ୱର ଟାଙ୍ଗୀରେ ହେତୁବାଦୀମାନେ ଏକାଠି ହୋଇ ଆମିଷ ଭୋଜି କରି ଖାଉଥିଲେ। ହେଲେ ଏହାକୁ ବିରୋଧ କରୁଥିବା କିଛି ଗୋଷ୍ଠୀ ଆସି ସେଠାରେ ହୋ ହାଲ୍ଲା କଲେ। ଯାହାଫଳରେ ହେତୁବାଦୀ ଏବଂ ଅନ୍ୟଗୋଷ୍ଠୀ ମୁହାଁମୁହିଁ ହେବା ପରେ ତୁମୁଳକାଣ୍ଡ ଘଟିଥିଲା। ପରସ୍ପରକୁ ଆକ୍ରମଣ କରିବା ସହ ଭଙ୍ଗାରୁଜା କରିବା ସହ ଘର ମାଲିକଙ୍କୁ ମାଡ଼ ମାରିଥିଲେ। ଏ ନେଇ ଥାନାରେ ଟିକିନା ବେହେରା ଏବଂ ଅନ୍ୟମାନେ ଅଭିଯୋଗ କରିଥିବା ବେଳେ ଅନ୍ୟ ପଟରୁ ମଧ୍ୟ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ କରୁଛି ପୁଲିସ।

ସୂଚନା ଅନୁସାରେ, ହେତୁବାଦୀମାନେ ଚନ୍ଦ୍ରଗ୍ରହଣ ସମୟରେ ଖାଦ୍ୟ ନିଷେଧକୁ ବିରୋଧ କରୁଥିଲେ। ସେମାନେ ଅନ୍ଧ ବିଶ୍ୱାସ ନୁହେଁ ବିଜ୍ଞାନକୁ ବିଶ୍ୱାସ କରିବାକୁ କହିଥିଲେ। ତେଣୁ ଚନ୍ଦ୍ର ଗ୍ରହଣରେ ଆମିଷ ଖାଇବା ପାଇଁ ନାଗେଶ୍ୱର ଟାଙ୍ଗୀରେ ଭୋଜିର ଆୟୋଜନ କରିଥିଲେ। ଏ ନେଇ ସେମାନେ ସୋସିଆଲ ମିଡିଆରେ ତାଙ୍କ ଆମିଷ ଭୋଜିରେ ଯୋଗ ଦେବାକୁ କହିଥିଲେ। ଭୋଜି କରି ଖାଇବା ସମୟରେ କିଛି ଗୋଷ୍ଠୀ ଏହାକୁ ବିରୋଧ କରିଥିଲେ। ଏପରିକି ରୋଷେଇ ହୋଇଥିବା ଖାଦ୍ୟକୁ ଫିଙ୍ଗିବାକୁ କହି ହୋ ହାଲ୍ଲା କରିଥିଲେ। ଯାହାଫଳରେ ବିରୋଧ କରୁଥିବା ଗୋଷ୍ଠୀଙ୍କ ଭିଡିଓ ଜଣେ ମହିଳା କରିଥିଲେ। ହେଲେ ବିରୋଧୀ ଗୋଷ୍ଠୀ ଉକ୍ତ ମହିଳାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ପରେ ଜବରଦସ୍ତ ଘର ଭିତରେ ପଶି ଭଙ୍ଗାରୁଜା କରି ଏକାଧିକ ହେତୁବାଦୀଙ୍କୁ ମାଡ଼ ମାରିଥିଲେ। ଏହାକୁ ଘର ମାଲିକ ବିରୋଧ କରିବାରୁ ତାଙ୍କୁ ମଧ୍ୟ ମାଡ଼ ହୋଇଥିଲା। ଖବର ପାଇ ଲିଙ୍ଗରାଜ ଥାନା ଅଧିକାରୀ ଏବଂ ଅନ୍ୟ କର୍ମଚାରୀ ପହଞ୍ଚି ଉଭୟଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା।

**ହେତୁବାଦୀ ଏକାଠି ହୋଇ କରୁଥିଲେ ଆମିଷ ଭୋଜି**

# ମାଆକୁ ପ୍ରେମ ନିବେଦନ, ଝିଅକୁ ଅସଦାଚରଣ



ଭୁବନେଶ୍ୱର,୭।୯ (ସମିସ): ମାଆକୁ ପ୍ରେମ ନିବେଦନ ଓ ଝିଅକୁ ଅସଦାଚରଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସୁନ୍ଦରପଦା ବୈଷ୍ଣୋମାତା ବିହାରରେ ରହୁଥିବା ଯାଜପୁର ଧନୀପୁରର ପ୍ରଦୀପ ଓରଫ୍ ପ୍ରିୟବ୍ରତ ରାୟ (୩୬)। ପୁଲିସ ସୂଚନା ଅନୁସାରେ, ଅଭିଯୋଗକାରୀ ବିଧବା ହୋଇଥିବା ବେଳେ ସେ ତାଙ୍କ ଦୁଇ ଝିଅଙ୍କ ସହିତ ରହୁଛନ୍ତି। ପ୍ରଦୀପ ପୂର୍ବରୁ ବିବାହିତ ହୋଇଥିବା ବେଳେ ୫ ବର୍ଷ ହେବ ଅଭିଯୋଗକାରିଣୀଙ୍କ ଘରେ ରହୁଥିଲା। କିଛି ବର୍ଷ ପୂର୍ବେ ପ୍ରଦୀପ ଅଭିଯୋଗକାରିଣୀଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ ମଧ୍ୟ ସେ ପ୍ରତ୍ୟାଖ୍ୟାନ କରିଥିଲେ। ଏହା ପରେ ତାଙ୍କୁ ବଦନାମ କରିଥିଲେ ଓ ତାଙ୍କ ଝିଅମାନଙ୍କ ଉପରେ ଖରାପ ନଜର ରଖିବାକୁ ଆରମ୍ଭ କରିଥିଲେ। ଗତମାସ ୨୬ ତାରିଖରେ ଯେତେବେଳେ ଅଭିଯୋଗକାରିଣୀ ଓ ତାଙ୍କ ବଡ଼ ଝିଅ କ୍ୟାପିଟାଲ ହସ୍ପିଟାଲ ଯାଇଥିଲେ। ୧୩ ବର୍ଷୀୟା ସାନ ଝିଅ ଘରେ ଏକା ଥିଲା। ଏକାକୀ ଥିବାର ସୁଯୋଗ ନେଇ ପ୍ରଦୀପ ତାଙ୍କୁ ଅସଦାଚରଣ କରିଥିଲା। ଅଭିଯୋଗକାରିଣୀଙ୍କ ଚେତାବନୀ ସତ୍ତ୍ୱେ ତାଙ୍କ ଝିଅମାନଙ୍କ ସହିତ ଦୁର୍ବ୍ୟବହାର କରିବାକୁ ବାରମ୍ବାର ଚେଷ୍ଟା କରିଥିଲା। ଏ ନେଇ ଅଭିଯୋଗକାରୀ ଏୟାରଫିଲ୍ଡ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ପ୍ରଦୀପକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

# ନିର୍ମାଣ ସାମଗ୍ରୀ ଉପରେ ଜିଏସ୍‌ଟି ହ୍ରାସ

## ସୁଲଭ ଗୃହ ନିର୍ମାଣ ଏବଂ ସହରାଞ୍ଚଳ ଭିତ୍ତିଭୂମିକୁ ପ୍ରୋତ୍ସାହନ କରିବ- ମନ୍ତ୍ରଣାଳୟ

ଭୁବନେଶ୍ୱର,୭।୯ (ସମିସ): ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ (ଏମଓଏଚୟୁଏ) ପ୍ରମୁଖ ନିର୍ମାଣ ସାମଗ୍ରୀ ଉପରେ ସଦ୍ୟତମ ବସ୍ତୁ ଏବଂ ସେବା ଟିକସ (ଜିଏସଟି) ହାର ହ୍ରାସକୁ ପ୍ରଶଂସା କରିଛି। ଏହା ଗୃହ ନିର୍ମାଣକୁ ଅଧିକ ସୁଲଭ କରିବା ସହିତ ଭିତ୍ତିଭୂମି ଖର୍ଚ୍ଚ ହ୍ରାସ କରିବା ଏବଂ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମନ୍ତ୍ରଣାଳୟ କହିଛି ଯେ ଏହି ପଦକ୍ଷେପ ସରକାରଙ୍କର ସମସ୍ତଙ୍କ ପାଇଁ ଗୃହ ମିଶନ ସହିତ ସମ୍ପୂର୍ଣ୍ଣ ସମନ୍ୱିତ ଏବଂ ସ୍ମାର୍ଟ ସିଟି, ମେଟ୍ରୋ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ସହରାଞ୍ଚଳ ଭିତ୍ତିଭୂମି ବିକାଶ ପଦକ୍ଷେପକୁ ମଧ୍ୟ ସମର୍ଥନ କରିବ। ସର୍ବାଧିକ ଉଲ୍ଲେଖନୀୟ ପରିବର୍ତ୍ତନ ମଧ୍ୟରୁ ସିମେଣ୍ଟ ଉପରେ ଜିଏସଟି ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି। ନିର୍ମାଣ କ୍ଷେତ୍ରରେ ସିମେଣ୍ଟ ସବୁଠାରୁ ବଡ଼ ଇନପୁଟ। ଖର୍ଚ୍ଚ ମଧ୍ୟରୁ ଗୋଟିଏ, ଯାହା ନିର୍ମାଣ ଖର୍ଚ୍ଚର ୧୫-୨୦ପ୍ରତିଶତ ଏବଂ ମୋଟ ପ୍ରକଳ୍ପ ଖର୍ଚ୍ଚର ପ୍ରାୟ ୧୧ପ୍ରତିଶତ ଅଟେ। ଏହି ହ୍ରାସ ଦ୍ୱାରା ସରକାରୀ ଏବଂ ବେସରକାରୀ ପ୍ରକଳ୍ପର ମୂଲ୍ୟ ହ୍ରାସ ପାଇବ, ସରକାରୀ ଖର୍ଚ୍ଚର ଦକ୍ଷତା ବୃଦ୍ଧି ହେବ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଭଳି ସୁଲଭ ଗୃହ ଯୋଜନାକୁ ପ୍ରୋତ୍ସାହନ ମିଳିବ। ସିମେଣ୍ଟ-ବଣ୍ଡେଡ୍ ପାର୍ଟିକିଲ୍ ବୋର୍ଡ, ଝୋଟ ପାର୍ଟିକିଲ୍ ବୋର୍ଡ ଏବଂ ଅନ୍ୟାନ୍ୟ ଏପରି ସାମଗ୍ରୀ ଉପରେ ଜିଏସଟି ୧୨ପ୍ରତିଶତ ରୁ ୫ପ୍ରତିଶତ ହ୍ରାସ କରାଯାଇଛି। ଗୃହ, ପ୍ରିଫାବ୍ ଗଠନ ଏବଂ ଫର୍ଣ୍ଣିଚରରେ ବ୍ୟାପକ ଭାବରେ ବ୍ୟବହୃତ, ପାର୍ଟିକିଲ୍ ବୋର୍ଡ କମ ମୂଲ୍ୟର ନିର୍ମାଣ ପାଇଁ ଅତ୍ୟାବଶ୍ୟକ। ସେହିପରି, ମାର୍ବଲ୍ ଏବଂ ଗ୍ରାନାଇଟ୍ ବ୍ଲକ୍ ଉପରେ ଜିଏସଟି ୧୨ପ୍ରତିଶତ ରୁ ୫ପ୍ରତିଶତକୁ ହ୍ରାସ କରାଯାଇଛି। ଏହି ପଦକ୍ଷେପ ଫ୍ଲୋରିଂ ଏବଂ ଟାଇଲିଂ ଖର୍ଚ୍ଚ ହ୍ରାସ କରିବ, ଯାହା ଗୃହ ନିର୍ମାଣକୁ ଅଧିକ ସୁଲଭ କରିବ।

ବାଲି-ଲାଇମ୍ ଇଟା ଏବଂ ଇଟା ନିର୍ମାଣ ସହିତ ଜଡିତ କାର୍ଯ୍ୟ ଉପରେ ଜିଏସଟି ୧୨ପ୍ରତିଶତ ରୁ ୫ପ୍ରତିଶତକୁ ହ୍ରାସ କରାଯାଇଛି। ଇଟା ନିର୍ମାଣର ମେରୁଦଣ୍ଡ ଭାବରେ କାମ କରୁଥିବାରୁ, ବିଶେଷକରି ଗ୍ରାମୀଣ କ୍ଷେତ୍ରରେ, ଏହି ପଦକ୍ଷେପ ଛୋଟ ଘର ନିର୍ମାଣ ଖର୍ଚ୍ଚ ହ୍ରାସ କରିବ ଏବଂ ପକ୍କା ଗୃହ ନିର୍ମାଣକୁ ପ୍ରୋତ୍ସାହିତ କରିବ। ଗୃହ ନିର୍ମାଣ ବ୍ୟତୀତ, ସରକାର କମନ୍ ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ (ସିଇଟିପି) ଦ୍ୱାରା ସେବା ଉପରେ ଜିଏସଟି ୧୨ପ୍ରତିଶତ ରୁ ୫ପ୍ରତିଶତକୁ ହ୍ରାସ କରିଛନ୍ତି। ଏହା ଶିଳ୍ପ ଏବଂ ପୌରପାଳିକାକୁ କେନ୍ଦ୍ରୀକୃତ ବର୍ଜ୍ୟବସ୍ତୁ ପରିଚାଳନା, ପ୍ରଦୂଷଣ ହ୍ରାସ ଏବଂ ସ୍ଥାୟୀ ସହରାଞ୍ଚଳ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍ସାହିତ କରିବ ବୋଲି ଆଶା କରାଯାଉଛି। ଜିଏସଟି ହାର ହ୍ରାସ ଗୃହ ନିର୍ମାଣକୁ ଅଧିକ ସୁଲଭ କରିବ, ଭିତ୍ତିଭୂମି ପ୍ରତିଯୋଗିତାକୁ ସୁଦୃଢ଼ କରିବ ଏବଂ ସ୍ଥାୟୀ ସହରୀକରଣକୁ ତ୍ୱରାନ୍ୱିତ କରିବ ବୋଲି ମନ୍ତ୍ରଣାଳୟ ସୂଚନା ପ୍ରଦାନ କରିଛି।

# ନାବାଳିକା ଅପହରଣକାରୀ ଗିରଫ



ଭୁବନେଶ୍ୱର, ୭।୯ (ସମିସ): ନାବାଳିକାକୁ ଅପହରଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହି ଜନତା ନଗରର ଅମ୍ଳାନ ଇନ୍ଦ୍ରଜିତ (୧୯)। ପୁଲିସ ସୂଚନାନୁସାରେ, ଅଭିଯୋଗକାରିଣୀ ତାଙ୍କ ପରିବାର ସହିତ ଭୁବନେଶ୍ୱର ସାଲିଆ ସାହି ଅଞ୍ଚଳରେ ରହୁଛନ୍ତି। ସେହି ଅଞ୍ଚଳରେ ରହୁଥିବା ଅମ୍ଳାନ ପ୍ରାୟ ଦେଢ଼ ବର୍ଷ ହେବ ତାଙ୍କ ନାବାଳିକା ଝିଅ ସହ ସମ୍ପର୍କରେ ରହିଥିଲା। ବାପାମାଆ ସମ୍ପର୍କକୁ ବିରୋଧ କରିବାରୁ ଗତ ୩୦ ତାରିଖ ଦିନ ଅମ୍ଳାନ ନାବାଳିକାକୁ ବିବାହ କରିବାର ପ୍ରଲୋଭନ ଦେଖାଇ ଅପହରଣ କରି ବଡ଼ମ୍ବାସ୍ଥିତ ଘରକୁ ନେଇଯାଇଥିଲା। ଖୋଜାଖୋଜି ପରେ ଝିଅକୁ ନ ପାଇ ମାଆ ମୈତ୍ରୀ ବିହାର ଥାନାରେ ଏତଲା ଦେଇଥିଲେ। ପୁଲିସ ଆଜି ଜୟଦେବ ବିହାରରୁ ନାବାଳିକାକୁ ଉଦ୍ଧାର କରିବା ସହ ଅମ୍ଳାନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ପୋଖରୀରେ ବୁଡ଼ି ଅଷ୍ଟମ ଶ୍ରେଣୀ ଛାତ୍ର ମୃତ

ଭୁବନେଶ୍ୱର,୭।୯ (ସମିସ): ଭୀମଟାଙ୍ଗୀ ଅଞ୍ଚଳରେ ଅଘଟଣ ଘଟିଛି। ପୋଖରୀରେ ବୁଡ଼ି ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ପ୍ରାଣ ହରାଇଛନ୍ତି। ମୃତକ ହେଉଛନ୍ତି କାର୍ଗିଲ ବସ୍ତି ମଦନମୋହନ ସାହିର ଲୋକନାଥ ସେଠୀ। ମିଳିଥିବା ସୂଚନା ଅନୁସାରେ, ପରିବାର ସହ ରହୁଥିବା ଲୋକନାଥ ଅନେକ ସମୟରେ ଘର ଛାଡ଼ି ପଳାନ୍ତି। ଥାନାରେ ଅଭିଯୋଗ ହେବାପରେ ପୁଲିସ ମଧ୍ୟ ତାଙ୍କୁ ଏକାଧିକ ଥର ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଲୋକନାଥ ଗତକାଲି ସକାଳେ ଖାଇ ସାରି ଘରୁ ବାହାରି ଯାଇଥିଲେ ମଧ୍ୟ ରାତିରେ ଫେରିନଥିଲେ। ଆଜି ଦିନବେଳା ଲୋକନାଥ ଭୀମେଶ୍ୱର ମନ୍ଦିରର ଭୀମକୁଣ୍ଡ ପୋଖରୀରେ ଗାଧୋଉଥିବା ଲୋକମାନେ ଦେଖିଥିଲେ। ହେଲେ ଅପରାହ୍ଣରେ ସେ ପୋଖରୀରେ ଭାସୁଥିବା ଖବରପାଇ ଏୟାରଫିଲ୍ଡ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପ୍ରଦୀପ ସେବା ଟ୍ରଷ୍ଟ ସହାୟତାରେ ଲୋକନାଥଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଲୋକନାଥଙ୍କ ମାଆ ଚିତ୍ରା ସେଠୀଙ୍କ ଅଭିଯୋଗ ଆଧାରରେ ଏୟାରଫିଲ୍ଡ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ

# ଧରାପଡ଼ିଲେ ଉତ୍ତରପ୍ରଦେଶର ୨ ମହିଳା

ଭୁବନେଶ୍ୱର,୭।୯ (ସମିସ): ରେଳ ଷ୍ଟେସନ ଦେଇ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ କରୁଥିବା ଦୁଇ ମହିଳାଙ୍କୁ ଗିରଫ କରିଛି ଭୁବନେଶ୍ୱର ଜିଆରପି। ଗିରଫ ମହିଳା ହେଲେ ଉତ୍ତରପ୍ରଦେଶର ନୀଲମ ଦେବୀ (୩୦) ଓ ରବିତା ଦେବୀ (୨୫)। ପୁଲିସ ସୂଚନା ଅନୁସାରେ, ରେଳ ଷ୍ଟେସନ ଦେଇ ଗଞ୍ଜେଇ ଚାଲାଣ ହେଉଥିବା ନେଇ ରବିବାର ଭୋରରୁ ଜିଆର୍‌ପି ଥାନାକୁ ଖବର ମିଳିଥିଲା। ଜିଆର୍‌ପି ଥାନାର ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱର ରେଳ ଷ୍ଟେସନରେ ଚଢ଼ଉ କରିଥିଲା। ପ୍ଲାଟଫର୍ମରୁ ନୀଲମ ଓ ରବିତାଙ୍କୁ ଅଟକ ରଖି ସହ ସେମାନଙ୍କ ଠାରୁ ୨ଟି ଟ୍ରଲି ବ୍ୟାଗ ଜବତ କରିଥିଲା। ଯାଞ୍ଚ ପରେ ୨ ଟ୍ରଲି ବ୍ୟାଗରୁ ୧୬ କିଲୋ ଗଞ୍ଜେଇ ଜବତ କରିଥିଲା। ଏ ନେଇ ଜିଆରପି ଥାନା ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି।



# ପାର୍ବଣ ପୂର୍ବରୁ ସକ୍ରିୟ ଅପରାଧୀ

ଭୁବନେଶ୍ୱର,୭।୯ (ସମିସ):

ପାର୍ବଣ ପୂର୍ବରୁ ଅଶାନ୍ତ ହେଉଛି ରାଜଧାନୀ। କେଉଁଠି ଗୋଷ୍ଠୀ ସଂଘର୍ଷରୁ ହଣାକଟା ଯାଏଁ କଥା ଗଲାଣି ତ ଆଉ କେଉଁଠି ବୋମାମାଡ଼ ହେଲାଣି। କେବଳ ଗଣେଶ ପୂଜାରେ ପଥରଗାଡ଼ିଆ ଠାରୁ ଆରମ୍ଭ କରି ଚନ୍ଦକା ଓ ଯାଁଳା ଯାଏଁ ଏବଂ ପାତ୍ରପଡ଼ା ଠାରୁ ୟୁନିଟ୍ ୯ ଯାଏଁ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଗଣେଶ ପୂଜା ସରି ଯାଇଥିବାବେଳେ ଆଗକୁ ଦୁର୍ଗାପୂଜା ସାଙ୍ଗକୁ ପାର୍ବଣର ମାହୋଲ ଆହୁରି ଜମିବ। ଧୀରେ ଧୀରେ ସହରରେ ଗହଳି ବଢ଼ୁଥିବା ବେଳେ ତାଳଦେଇ ଅପରାଧ ବି ବଢ଼ି ଚାଲିଛି। ପାର୍ବଣ ଋତୁରେ ଅପରାଧ ନିୟନ୍ତ୍ରଣ ସହିତ ସହରବାସୀଙ୍କ ସୁରକ୍ଷା, ଅପରାଧ ଦମନ ଓ ପୂଜାକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବା ଲାଗି କମିସନରେଟ୍ ପୁଲିସ ପାଇଁ ଏକ ଚ୍ୟାଲେଞ୍ଜ ହୋଇ ଉଭା ହୋଇଛି। ବାରମ୍ବାର ଅପରାଧ ଘଟୁଥିବାରୁ ସହରରେ ଜେଲ୍ ଫେରନ୍ତା, ଦାଗୀ ଓ ଅଭ୍ୟାସଗତ ଅପରାଧୀମାନେ ସକ୍ରିୟ ଥିବା ସ୍ପଷ୍ଟ ହୋଇଛି। ଜେଲ୍‌ରୁ ମୁକୁଳିବା ପରେ କିଛି ଯୁବକଙ୍କୁ ନେଇ ଗ୍ୟାଙ୍ଗ୍ ଗଢ଼ି ଅପରାଧ ଲାଗି ରଣନୀତି ପ୍ରସ୍ତୁତ କରୁଛନ୍ତି। ନିଜ ଅଞ୍ଚଳରେ ବଟି ଓ ଭାଇଗିରି ଦେଖାଇ ଟଙ୍କା ମାଗିବା, ନିଶା କାରବାର ଓ ବନ୍ଧୁକ ଚାଲାଣ ଆଦି ହେବାର ଆଶଙ୍କା ଦେଖାଦେଇଛି।

**ପୁଲିସକୁ ଟେନ୍‌ସନ୍ ଅପରାଧ ନିୟନ୍ତ୍ରଣ**

**ଜେଲ୍ ଫେରନ୍ତା ଓ ପେସାଦାରଙ୍କ ଉପରେ ନଜର**

ଗଣେଶ ପୂଜାର ୪ ଦିନ ପୂର୍ବରୁ ଅର୍ଥାତ୍ ଅଗଷ୍ଟ ୨୨ ତାରିଖ ରାତିରେ ଫୁଲେଶ୍ୱରୀ ବସ୍ତିରେ ବୋମାମାଡ଼ ହୋଇଥିଲା। ଦୁଇ ଗୋଷ୍ଠୀ ମଧ୍ୟରେ ପୂର୍ବରୁ ରହିଥିବା ବିବାଦରୁ ଏହି ବୋମାମାଡ଼ ହୋଇଥିବା ଭରତପୁର ଥାନାରେ ଅଭିଯୋଗ ହୋଇଥିଲା। ଗଣେଶ ଭସାଣିବେଳେ ପଥରଗାଡ଼ିଆ, ଚନ୍ଦକା, ପାତ୍ରପଡ଼ା ଓ ୟୁନିଟ୍ ୯ରେ ଗୋଷ୍ଠୀ ସଂଘର୍ଷ ହୋଇଥିବା ବେଳେ ଏକାଧିକ ଆହତ ହୋଇଥିଲେ। ଗୋଷ୍ଠୀ ସଂଘର୍ଷରୁ ଯାଁଳାରେ ରାତି ଅଧରେ ବୋମାମାଡ଼ କରିଥିଲେ ଦୁର୍ବୃତ୍ତ। ସେହିପରି ଗତ ୩ ତାରିଖ ସନ୍ଧ୍ୟାରେ ବାପୁଜୀନଗରରେ ଆତଙ୍କ ଖେଳାଇ ଥିଲେ ଦୁର୍ବୃତ୍ତ।





ପୂର୍ବ ଶତ୍ରୁତାକୁ ନେଇ ରାଜମହଲର ରାଜେଶକୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। କେବଳ ହଣାକଟା କି ବୋମାମାଡ଼ ନୁହେଁ, ବରଂ ଲୁଟେରା ଗ୍ୟାଙ୍ଗ ମଧ୍ୟ ଏବେ ସକ୍ରିୟ ହେଉଛନ୍ତି। ନିକଟରେ ଚନ୍ଦକା ଥାନା ଅଞ୍ଚଳରେ ଆତଙ୍କ ଖେଳାଇଛନ୍ତି ଆପାର୍ଟମେଣ୍ଟ ଲୁଟେରା। ଗୋଟିଏ ଦିନରେ ଦଲୁଆ ଅଞ୍ଚଳରେ ଥିବା ଦୁଇଟି ଆପାର୍ଟମେଣ୍ଟର ୬ଟି ଫ୍ଲାଟରୁ କଳାକନା ବୁଲାଇଥିଲେ। ସେପଟେ କାର କାଚ ଭଙ୍ଗା ଲୁଟେରା ମଧ୍ୟ ରାଜଧାନୀରେ ସକ୍ରିୟ ଅଛନ୍ତି। ନିକଟରେ ଜନପଥରେ ପାର୍କିଂ ହୋଇଥିବା କାର କାଚ ଭାଙ୍ଗି ସୁନା ମୁଦି, ସୁନା କାନ ଫୁଲ, ନଗଦ ଟଙ୍କା, ଲାପଟପ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଲୁଟି ନେଇଥିଲେ। ମାତ୍ର ୨ ସପ୍ତାହ ମଧ୍ୟରେ ଏତେସବୁ ଘଟଣା କମିସନରେଟ୍ ପୁଲିସର ଅପରାଧ ନିୟନ୍ତ୍ରଣ ଦିଗରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ନୂଆ ଅପରାଧୀମାନେ ପୁଲିସର ଚିନ୍ତାକୁ ଦି'ଗୁଣା କରିଛନ୍ତି। ଭାଇଗିରି ଓ ଟଙ୍କା ଲୋଭରେ ସେମାନେ ଅପରାଧ ଦୁନିଆରେ ପାଦ ଥାପୁଛନ୍ତି। ଆଉ କିଛି କ୍ଷେତ୍ରରେ ଜିଲ୍ଲା ବାହାରର ଅପରାଧୀମାନେ ଭୁବନେଶ୍ୱରକୁ ଆସି ଲୁଟ୍‌ପାଟ୍ ଓ ଅପରାଧ ଘଟାଇ ପୁଣି ଜିଲ୍ଲା ପାର୍ ହୋଇଯାଉଛନ୍ତି। ତେଣୁ ସେମାନଙ୍କୁ ଚିହ୍ନଟ କରିବା ସହ ମୁକାବିଲା କରିବା କମିସନରେଟ୍ ପୁଲିସ ଲାଗି ଆହ୍ୱାନ ହୋଇଛି। ପାର୍ବଣ ଋତୁରେ ଆଇନ୍‌ଶୃଙ୍ଖଳା, ଭିଡ଼ ପରିଚାଳନା, ଅପରାଧୀ ଦମନ କରିବା ପୁଲିସ ଲାଗି ଏବେ ଚ୍ୟାଲେଞ୍ଜ ହୋଇ ଉଭା ହୋଇଛି।

## ଫୋକସ୍‌ରେ ରାଜ୍ୟ ବାହାରର ଅପରାଧୀ



ପୂଜା ଆସିଲେ ରାଜ୍ୟ ବାହାର ଅପରାଧୀମାନେ ଭୁବନେଶ୍ୱରକୁ ଛୁଟି ଆସନ୍ତି। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ସହ ପାର୍ବଣ ମାହୋଲରେ ରାଜ୍ୟ ବାହାର ଅପରାଧୀମାନେ ଆତଙ୍କ ଖେଳାନ୍ତି। ଗଣେଶ ପୂଜାଠାରୁ ବର୍ଷ ସରିବା ପର୍ଯ୍ୟନ୍ତ ରାଜ୍ୟ ବାହାରର ଅପରାଧୀମାନେ ଭୁବନେଶ୍ୱରରେ ରହି ଗୋଟିଏ ପରେ ଗୋଟିଏ ଅପରାଧ ଖେଳାଇଥାନ୍ତି। ବେଲୁନ୍, ପ୍ଲାଷ୍ଟିକ୍ ସାମଗ୍ରୀଗୁଡ଼ିକୁ ପୂଜା ମଣ୍ଡପ ନିକଟରେ ବିକ୍ରି କରିଥା'ନ୍ତି। ସୁବିଧାସୁଯୋଗ ଦେଖି ମଣ୍ଡପ ନିକଟରୁ ଛିନ୍‌ତାଇ କରିପାରନ୍ତି। ପଶ୍ଚିମବଙ୍ଗ, ବିହାର, ରାଜସ୍ଥାନରୁ ଆସି ଏଠାରେ ଲୁଟ୍‌ପାଟ୍ କରୁଥିଲେ। ଛୋଟ ଛୁରି ଧରି ବେକରୁ ସୁନାଚେନ୍, ପକେଟ୍‌ରୁ ମୋବାଇଲ୍ ଫୋନ୍ ଓ ନଗଦ ଟଙ୍କା ଆଦି ଲୁଟ୍‌ପାଟ୍ କରିବାର ଆଶଙ୍କା ରହିଛି। ସେହିପରି ସହରରେ ପୂଜା ଆରମ୍ଭରୁ ଛିନ୍‌ତାଇ, ଏଟିଏମ୍ ଲୁଟ୍, ଘରେ ପଶି ଡକାୟତି ସହ ଅନ୍ୟାନ୍ୟ ଅପରାଧ ଘଟିଲାଣି। ପାର୍ବଣ ଆରମ୍ଭ ହୋଇଯାଇଥିବା ମଣ୍ଡପକୁ ଆସିଥିବା ଶ୍ରଦ୍ଧାଳୁଙ୍କୁ ମହିଳା ଓ ନାବାଳିକା ଲୁଟେରାମାନେ ଟାର୍ଗେଟ୍ କରିପାରନ୍ତି। ଠାକୁରଙ୍କୁ ଦର୍ଶନ କରିବା ବାହାନାରେ ଲୁଟ୍‌ପାଟ୍ କରି ଆତଙ୍କ ଖେଳାଇପାରନ୍ତି। ନିକଟରେ ତାମିଲନାଡୁର 'ତ୍ରିଚି' ଗ୍ୟାଙ୍ଗର ଆତଙ୍କ ଦେଖିବାକୁ ମିଳିଥିଲା। କାହାଠାରୁ ସୁନାଚେନ୍ ଝାମ୍ପି ନେଇଥିଲେ ତ ଆଉ କାହାଠାରୁ ଭ୍ୟାନିଟି ଲୁଟ୍ କରିବାର ଆଶଙ୍କା ରହିଛି। ଗତବର୍ଷଗୁଡ଼ିକ ଭଳି ଏବର୍ଷ ମଧ୍ୟ ରାଜ୍ୟ ବାହାରୁ ଅପରାଧୀମାନେ ଆସି ଭୁବନେଶ୍ୱରରେ ଅପରାଧ ଡେରା ପକାଇଲେଣି।



# ଆଜି ସରିବ ଓୟୁଏଟି କୁଳପତିଙ୍କ କାର୍ଯ୍ୟକାଳ

ଭୁବନେଶ୍ୱର, ୭।୯ (ସମିସ):




ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ କାର୍ଯ୍ୟକାଳ ଆସନ୍ତାକାଲି ଅର୍ଥାତ୍ ସୋମବାର ଦିନ ସରିବ। ତାଙ୍କ ସ୍ଥାନରେ ନୂତନ କୁଳପତି ନିଯୁକ୍ତି ପାଇଁ ସରକାର ଏଯାଏଁ ପ୍ରକ୍ରିୟା ଆରମ୍ଭ କରି ନାହାନ୍ତି। କେବେ ସୁଦ୍ଧା ନୂତନ କୁଳପତି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ, ସେନେଇ କେହି ମୁହଁ ଖୋଲୁ ନାହାନ୍ତି। କୌଣସି ଆଇନଗତ ପ୍ରତିବନ୍ଧକ ନ ଥିଲେ ମଧ୍ୟ ସରକାର କାହିଁକି ନୂତନ କୁଳପତି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରୁ ନାହାନ୍ତି, ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାରି ମଧ୍ୟରେ କାର୍ଯ୍ୟକାଳ ୬ମାସ ପର୍ଯ୍ୟନ୍ତ ବଢ଼ାଇବାକୁ ସରକାର ଯୋଜନା କରୁଥିବା ଜଣାପଡ଼ିଛି।

କୁଳପତିଙ୍କ କାର୍ଯ୍ୟକାଳ ବଢ଼ିବା ଚର୍ଚ୍ଚା କ୍ୟାମ୍ପସ୍‌ରେ ଉଷ୍ମତା ଭରିଛି। ସରକାର ଭାରପ୍ରାପ୍ତ କୁଳପତି ଦାୟିତ୍ୱ ଅନ୍ୟ କାହାକୁ ନ୍ୟସ୍ତ କରିବେ ନା କାର୍ଯ୍ୟକାଳ ବଢ଼ାଇବେ ସେ ସମ୍ପର୍କରେ ସମସ୍ତଙ୍କ ନଜର ରହିଛି। ଏହାରି ମଧ୍ୟରେ କୁଳପତିଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାକୁ ଶାସକ ଦଳର ଏକ ପ୍ରଭାବଶାଳୀ ଗୋଷ୍ଠୀ ଲବି ଜୋରଦାର କରିଛନ୍ତି। ନୂତନ ନିଯୁକ୍ତି ପର୍ଯ୍ୟନ୍ତ ତାଙ୍କୁ ନିଯୁକ୍ତ କଲେ ପରିଚାଳନାରେ ତ୍ରୁଟି ହେବନାହିଁ ବୋଲି ସେମାନେ ଯୁକ୍ତି ବାଢ଼ୁଛନ୍ତି। ଅପରପକ୍ଷରେ ଅନ୍ୟ ଏକ ଗୋଷ୍ଠୀ ପ୍ରଫେସର ରାଉଳଙ୍କ କାର୍ଯ୍ୟକାଳ ବୃଦ୍ଧି ନ କରିବାକୁ ଦାବି କରୁଛନ୍ତି। ତାଙ୍କ ମତରେ କୁଳପତି ନିଯୁକ୍ତି ନେଇ କୌଣସି ଆଇନ୍‌ଗତ ପ୍ରତିବନ୍ଧକ ନ ଥିବାରୁ ତାଙ୍କୁ ପୁନଃ ନିଯୁକ୍ତି ଦିଆଗଲେ

## ନୂତନ ନିଯୁକ୍ତି ପାଇଁ ଆରମ୍ଭ ହୋଇନି ପ୍ରକ୍ରିୟା

## ସରକାରଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ନଜର

ସମସ୍ୟା ଉପୁଜିପାରେ। ମାମଲା ଅଦାଲତକୁ ଗଲେ ସରକାର ମଧ୍ୟ ଛନ୍ଦି ହେବାର ଆଶଙ୍କା ରହିଛି। ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତି କରିବା ମାମଲା କୋର୍ଟରେ ପହଞ୍ଚିବା ପରେ ସେହି ନିଯୁକ୍ତିକୁ ରଦ୍ଦ କରାଯାଇଛି। ଏପରିକି ଆଇନ୍‌ରେ ପରିବର୍ତ୍ତନ କରିବାକୁ ମଧ୍ୟ ପଡ଼ିଛି। ଏଣୁ ଏପରି ପରିସ୍ଥିତି ଉପୁଜିଲେ ସରକାର ନିନ୍ଦିତ ହେବାର ଆଶଙ୍କା କରି କାର୍ଯ୍ୟକାଳ ବୃଦ୍ଧିକୁ ଏହି ଗୋଷ୍ଠୀ ବିରୋଧ କରୁଛି।

ଅପରପକ୍ଷରେ ରାଜ୍ୟର ପ୍ରଥମ ଓ ଏକମାତ୍ର କୃଷି ବିଶ୍ୱବିଦ୍ୟାଳୟର କୁଳପତିଙ୍କ ନିଯୁକ୍ତି ବେଆଇନ୍ ଦର୍ଶାଇ କୁଳାଧିପତି ତଥା ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ ହେଉଛି। ପୂର୍ବରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଅଭିଯୋଗ କରିଥିବାବେଳେ ଗତ ସପ୍ତାହରେ ଷ୍ଟୁଡେଣ୍ଟ ଏଗେନ୍‌ଷ୍ଟ କରପସନ୍‌ର ଆବାହକ ରାଜ୍ୟପାଳଙ୍କୁ ଅଭିଯୋଗ କରିଛନ୍ତି। ଏକାଧିକ ଅଭିଯୋଗ ପରେ ସରକାର କେଉଁ ନିଷ୍ପତ୍ତି ନେଉଛନ୍ତି, ତା ଉପରେ ସମସ୍ତଙ୍କ ନଜର ରହିଛି।

# ଓଡ଼ିଶା ଲେଖିକା ସଂସଦର ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୭।୯ (ସମିସ): ଓଡ଼ିଶା ଲେଖିକା ସଂସଦର ପ୍ରତିଷ୍ଠା ଦିବସ ବୁଦ୍ଧମନ୍ଦିର ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨ଶହରୁ ଊର୍ଦ୍ଧ୍ୱ ଲେଖକ ଲେଖିକା ଯୋଗ ଦେଇଥିଲେ। ଏହି ସଭାରେ ସଂସଦର ସଭାପତି ଡ. ଶକୁନ୍ତଳା ବଳିୟାରସିଂ ସଭାପତିତ୍ୱ କରିଥିଲେ। ସମ୍ପାଦିକ ଡ. ସଂଘମିତ୍ରା ଭଞ୍ଜ, ଉପସଭାପତି ଗୋଲାପ ମଞ୍ଜରୀ କର, ସଂଗଠନ ସମ୍ପାଦିକା ଡ. ସୁଚେତା ରାଉତ, ସୁଜାତା ମହାପାତ୍ର, ବାଲେଶ୍ୱରର ସିନ୍ଧୁସେନ ଓ କାନନବାଳା ପଟ୍ଟନାୟକ ପ୍ରମୁଖ ଲେଖିକା ଉଦ୍‌ବୋଧନ ଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ଡ. ଶକୁନ୍ତଳା ବଳିୟାର ସିଂଙ୍କ ଇଂରାଜୀରେ ଅନୁଦିତ ପୁସ୍ତକ ପୁସ୍ତକ 'ଦେବୀ' ରେବା ପଟ୍ଟନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହାର ସମୀକ୍ଷା କରିଥିଲେ ଶିକ୍ଷାବିତ୍ ନିର୍ମଳା ମହାପାତ୍ର। ଲେଖିକା ନିର୍ମଳା ମହାପାତ୍ରଙ୍କ ଦୁଇଟି ପୁସ୍ତକ 'ପାଣିଓହଳା ତଳେ' ଓ 'ଅବସରାୟନ' ଉନ୍ମୋଚିତ ହୋଇଥିଲା। କମଳ କୁମାରୀ ଦାଶ ଏହାର ସମୀକ୍ଷା କରିଥିଲେ। ବିଭିନ୍ନ ଜିଲ୍ଲାରୁ ଆସିଥିବା ଆବାହିକା ମାଧୁରୀ ଅଧିକାରୀ, ମମତା ନାଗ, ଡ. ସିନ୍ଧୁ ସେନ୍, ଡ. ପ୍ରମୋଦିନୀ ହୋତାଙ୍କୁ ସଂସଦ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶେଷରେ କାନନବାଳା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଉତ୍କଳ ବୁଦ୍ଧିଜୀବୀ ଫୋରମ୍ ପକ୍ଷରୁ ସ୍ମୃତିସଭା

ଭୁବନେଶ୍ୱର,୭।୯ (ସମିସ): ନିଖିଳ ଉତ୍କଳ ବୁଦ୍ଧିଜୀବୀ ଫୋରମ୍ ପକ୍ଷରୁ ସମାଜସେବୀ ଓ ଶିକ୍ଷାବିତ୍ ବୁଦ୍ଧଦେବ ଜେନାଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମାଜସେବା ଓ ଶିକ୍ଷାର ପ୍ରଚାର ପ୍ରସାର କରିଥିବା ବ୍ୟକ୍ତି ସଦାସ୍ମରଣୀୟ ବୋଲି ଫୋରମର ଉପସଭାପତି ଅଧିବକ୍ତା ତାପସ କୁମାର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବୈଜ୍ଞାନିକ ଏମ୍.ସି. ମଲ୍ଲିକ, ଶିକ୍ଷାବିତ ଯୁଧିଷ୍ଠିର ପଣ୍ଡା, ସସ୍ମିତା ଜେନା ସମାଜସେବୀ ବ୍ରଜେନ୍ଦ୍ର ଦ୍ୱିବେଦୀ, ଆଶିଷ ଜେନା, ପ୍ରଜ୍ଞା ପାରମିତା ଜେନା, କ୍ଷିତୀଶ ଚନ୍ଦ୍ର ପରିଡ଼ା ପ୍ରମୁଖ ତାଙ୍କର ସ୍ମୃତିଚାରଣ କରିଥିଲେ। ଏହି ସ୍ମୃତି ସଭାରେ ପୁଷ୍ପାଞ୍ଜଳି ପ୍ରଧାନ ଓ କୁମାର ସାନୁ ଭଜନ ପରିବେଷଣ କରିବା ସହ ନାମ ସଂକୀର୍ତ୍ତନ କରାଯାଇଥିଲା।

# ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୭।୯ (ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)ର ୪୩ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, ଶିକ୍ଷା ହିଁ ସମୃଦ୍ଧ ଭାରତର ମାନଦଣ୍ଡ। ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ ଗଠନ ପାଇଁ ସିଏଚ୍‌ଏସ୍‌ଇ ତ୍ରୁଟିଶୂନ୍ୟ ପରୀକ୍ଷା ବ୍ୟବସ୍ଥା ଆପଣାଇଥିବା କହିବା ସହ ନିରନ୍ତର ସହଯୋଗ କରୁଥିବା ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ଓ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ)ର ଅଧ୍ୟକ୍ଷ ଶ୍ରୀକାନ୍ତ ତରାଇ ପ୍ରମୁଖ ଉପସ୍ଥିତ ରହି ପରୀକ୍ଷା ସଂସ୍କାର ଓ ପରିଷଦର କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପରିଷଦର ସ୍ମରଣିକା 'ପ୍ରଜ୍ଞା' ଓ ଏନଏସଏସର ବାର୍ଷିକ ବିବରଣୀ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଛନ୍ତି। ଏହାସହ ଏସ୍‌ଜିଏଫ୍‌ଆଇ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶେଷରେ ପରିଷଦ କର୍ମଚାରୀଙ୍କ ପକ୍ଷରୁ ସାମାଜିକ ନାଟକ "ଗୁରୁଦକ୍ଷିଣା" ପରିବେଷଣ କରାଯାଇଛି। ବିଭାଗୀୟ ଅନୁ ସଚିବ ଶୁଭ୍ରବାଳା ବେହେରା ପରିଚାଳନା କରିଥିବା ଏହି କାର୍ଯ୍ୟକ୍ରମରେ ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ପରୀକ୍ଷା ନିୟନ୍ତ୍ର ଡ. ପ୍ରଶାନ୍ତ କୁମାର ପରିଡ଼ାଙ୍କ ସମେତ ବହୁ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ହୋପ୍ ଫାଉଣ୍ଡେସନ୍ ତରଫରୁ ହୋପ୍ ସେବା ସମ୍ମାନ ପ୍ରଦାନ



ଭୁବନେଶ୍ୱର,୭।୯ (ସମିସ): ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହୋପ୍ ଫାଉଣ୍ଡେସନ ତରଫରୁ ରବିବାର ସ୍ଥାନୀୟ କଳ୍ପନା ଅଞ୍ଚଳରେ ଥିବା ଭଞ୍ଜକଳା ମଣ୍ଡପ ଠାରେ ୪ର୍ଥ ହୋପ୍ ସେବା ସମ୍ମାନ-୨୦୨୫ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବିଧାୟକ ଡ. ଫକୀର ମୋହନ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ଜଗନ୍ନାଥ ପ୍ରଧାନ, ରୁଦ୍ର ନାରାୟଣ ସାମନ୍ତରାୟ ଏବଂ ସନ୍ନ୍ୟାସ କୁମାର ବେହେରା ପ୍ରମୁଖ ଯୋଗଦେଇ ସମାଜ ସେବାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୪୦ ଜଣଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ କୁମାରୀ ଅର୍ପିତା ଉପସ୍ଥାପନା ଏବଂ ମଞ୍ଚ ପରିଚାଳନା କରିଥିବା ବେଳେ ଫାଉଣ୍ଡେସନ୍‌ର ଯୁଗ୍ମ ସମ୍ପାଦକ ସଞ୍ଜୟ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଫାଉଣ୍ଡେସନ୍‌ର ସଭାପତି ବିକ୍ରମ ନାୟକ ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ କରିବା ସହିତ ଉପସ୍ଥିତ ସମସ୍ତ ମହାନୁଭବ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅସରାଏ ବର୍ଷାରେ ବାଲକାଟି ଉବୁଟୁବୁ



ବାଲିଅନ୍ତା/ଧଉଳି,୭।୯ (ସମିସ): ଲଘୁଚାପ ଜନିତ ବର୍ଷାରେ ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପଶାସନ ପଞ୍ଚାୟତର ବିଭିନ୍ନ ୱାର୍ଡ ଏବେ ଜଳାର୍ଣ୍ଣବ ହୋଇଛି। ଏହି ପଞ୍ଚାୟତର ବସନ୍ତପେଡ଼ି ବ୍ରାହ୍ମଣ ସାହି, ନନ୍ଦଘର ଭୋଇ ସାହି, ପାଟରାବାଗ ଭୋଇସାହି, ମଲ୍ଲିକସାହି, ଜାଗେଶ୍ୱରୀ କଲୋନୀ, ନାହାକସାହି ଆଦି ସାହିରେ ବର୍ଷାଜଳ ଲହଡ଼ି ମାରୁଛି। ଏପରିକି ଘରୁ ବାହାରିଲେ ପାଣି। ସେହି ଆବର୍ଜନା ଓ ଅପରିଷ୍କାର ପାଣିରେ ଯାତାୟାତ କରୁଛନ୍ତି ସମ୍ପୃକ୍ତ ଗ୍ରାମବାସୀ। ଏହି ସମସ୍ୟା ଦୀର୍ଘଦିନ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ସମାଧାନ ହୋଇପାରିନାହିଁ। ସେହିପରି ଏହି ବର୍ଷାଜଳ ନିଷ୍କାସନ ନିମନ୍ତେ ଡ୍ରେନେଜ ବିଭାଗ ପକ୍ଷରୁ ପୁରୀ ମୁଖ୍ୟ କେନାଲରେ ୨ଟି ସଫେଇ ନାଳ ନିର୍ମାଣ କରାଯାଇଥିଲା। ସେହି ନାଳ ଦେଇ ପଞ୍ଚାୟତ ଓ ବାଲକାଟି ବଜାର ସମସ୍ତ ବର୍ଷାଜଳ ନିଷ୍କାସିତ ହୋଇ ଧନୁଆରେ ପଡିଥାଏ। ମାତ୍ର ଦୀର୍ଘଦିନ ଧରି ଏହି ସଫେଇ ନାଳ ସଫା ହୋଇନାହିଁ। ଯାହାଦ୍ୱାରା ବର୍ଷାଜଳ ନିଷ୍କାସନ ହେବାରେ ବାଧା ସୃଷ୍ଟି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଲୋକେ ଅନ୍ୟ ଉପାୟ ନ ପାଇ ସେହି ପାଣିରେ ଯାତାୟାତ କରୁଛନ୍ତି। ଡେଙ୍ଗୁ ଓ ହଇଜା ଭଳି ସଂକ୍ରାମକ ରୋଗର ଭୟ ରହିଛି। ଏପରିକି ସମ୍ପୃକ୍ତ ସାହିରେ ସରୀସୃପ ପ୍ରାଣୀ ମଧ୍ୟ ଲୋକଙ୍କ ଘରକୁ ପ୍ରବେଶ କରୁଥିବା ଦେଖାଯାଇଛି। ଫଳରେ ଲୋକେ ଭୟଭୀତ ଅବସ୍ଥାରେ ଚଳପ୍ରଚଳ କରୁଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଲାଗିରହିଥିବା ଏହି ସମସ୍ୟାକୁ ଦୃଷ୍ଟି ଦେବାପାଇଁ ସାଂସଦ, ସ୍ଥାନୀୟ ବିଧାୟକ, ଜିଲ୍ଲାପ୍ରଶାସନ, ବ୍ଲକ ପ୍ରଶାସନଙ୍କ ନିକଟରେ ଦାବି ଜଣାଇଛନ୍ତି। ଆଗାମୀ ଦିନରେ ଏହାର କୌଣସି ସମାଧାନ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ।

# ସ୍ନେକ୍ ହେଲ୍ପ ଲାଇନ ସଦସ୍ୟଙ୍କୁ ସିପିଆର୍ ପ୍ରଶିକ୍ଷଣ



ଭୁବନେଶ୍ୱର,୭।୯ (ସମିସ): ସାପ କାମୁଡ଼ା ରୋଗୀ ଅନେକ ସମୟରେ ଚିକିତ୍ସା ସୁଯୋଗ ପାଇବା ପୂର୍ବରୁ ପ୍ରାଣ ହରାଇଥାନ୍ତି। ତେଣୁ ସେମାନଙ୍କୁ କିଭଳି ଯଥାସମ୍ଭବ କମ୍ ସମୟରେ ଡାକ୍ତରଖାନାରେ ପହଞ୍ଚାଇ ଚିକିତ୍ସା ସେବା ଯୋଗାଇ ଦିଆଯିବ, ସେ ଦିଗରେ କ'ଣ ସତର୍କତା ଅବଲମ୍ବନ କରାଯିବ ସେ ସମ୍ପର୍କରେ ୩୨ଜଣ ସାପ ଉଦ୍ଧାରକାରୀ ସଦସ୍ୟଙ୍କୁ ସିପିଆର୍ ପ୍ରଶିକ୍ଷଣ ଦିଆଯାଇଛି। ବିଏମ୍‌ସି ଡାକ୍ତରଖାନା ତରଫରୁ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ମାନିକୁଇନ ସାହାଯ୍ୟରେ ବେସିକ୍ ଲାଇଫ ସପୋର୍ଟ ଏବଂ ସିପିଆର୍ ଟ୍ରେନିଂ ଦିଆଯାଇଥିଲା। ଡାକ୍ତର ଆଶୁତୋଷ କର ବିଏଲ୍‌ଏସ୍ ଏବଂ ସିପିଆର୍‌ର ଉପାଦେୟତା ସମ୍ପର୍କରେ ବୁଝାଇଥିଲେ। ଡାକ୍ତର ନିରଞ୍ଜନ ପାଢ଼ୀ ଜରୁରୀ ପରିସ୍ଥିତିରେ ସିପିଆର ଦେଇ ଜୀବନ କାଳରେ ଜଣେ ରୋଗୀଙ୍କ ଜୀବନ ବଞ୍ଚାଇବାରେ ସହାୟକ ହେବା କାଇଁ ସାପ ଉଦ୍ଧାରକାରୀଙ୍କୁ ଆହ୍ୱାନ ଦେଇଥିଲେ। ସିଡିଏମ୍‌ଓ ଡାକ୍ତର ସିଦ୍ଧାର୍ଥ ଶଙ୍କର ରାୟ ଜରୁରୀ ପରିସ୍ଥିତିରେ ସ୍ଥିର ମସ୍ତିଷ୍କରେ କାମ କରି ଏଇ ସିପିଆର ଦ୍ୱାରା ଅନେକ ରୋଗୀଙ୍କ ଜୀବନ ବଞ୍ଚାଇବା ସମ୍ଭବ ହୋଇଛି ବୋଲି କହିଥିଲେ। ସ୍ନେକ୍ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି ଆମେ ଆମର ସ୍ୱେଚ୍ଛାସେବୀଙ୍କୁ ନିୟମିତ ଅନ୍ତରାଳରେ ବିଶେଷଜ୍ଞଙ୍କ ଦ୍ୱାରା ଟ୍ରେନିଂ ଦେଇ ସେମାନଙ୍କର ଦକ୍ଷତା ବୃଦ୍ଧି କରାଇ ଥାଉ ବୋଲି କହିଥିଲେ।

# ଟଙ୍କପାଣିରେ ଗଣ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୭।୯ (ସମିସ): ବିଏମ୍‌ସି ପକ୍ଷରୁ ଗଣସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଜନ ସଚେତନତା ସହ ଗଣ ସଫେଇ କାର୍ଯ୍ୟକ୍ରମ କରାଯାଉଛି। ଏହି କ୍ରମରେ ୫୮ୱାର୍ଡ ଅନ୍ତର୍ଗତ ଟଙ୍କପାଣି ରୋଡରେ ଗଣସଫେଇ ସହ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସ, କମିସନର ଚଞ୍ଚଳ ରାଣା, ଷ୍ଟାଣ୍ଡିଂକମିଟିର ଅଧ୍ୟକ୍ଷ ବିରଞ୍ଚିନାରାୟଣ ମହାସୂପକାର, କର୍ପୋରେଟର ନମିତା ମହାପାତ୍ର, ଅତିରିକ୍ତ କମିସନର କୈଳାଶ ଚନ୍ଦ୍ର ଦାସ, ଡେପୁଟି କମିସନର ଏନ୍ ଗଣେଶ ବାବୁ ଏବଂ ଟିମ୍ ବିଏମ୍‌ସି ସହ ସ୍ଥାନୀୟ ଲୋକେ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ରାସ୍ତା କଡର ସଫେଇ ସାଙ୍ଗକୁ, ଲାଇଟ୍ ମରାମତି, ଡାଳଉଞ୍ଚା, ନିର୍ମାଣ ଓ ଭଗ୍ନାବଶେଷ ବର୍ଜ୍ୟର ପରିଚାଳନା, ବୁଦା ସଫେଇ ଇତ୍ୟାଦି କାର୍ଯ୍ୟକ୍ରମ କରାଯାଥିଲା। ଏହା ସହିତ ଏହାସାଙ୍ଗକୁ, ଚିଲି ପୋଖରୀ ବସ୍ତିର ନାଗରିକଙ୍କୁ ଭେଟି ପରିମଳ ଏବଂ ଆନୁସଙ୍ଗିକ ବିଷୟରେ ଆଲୋଚନାମାନ କରିଥିଲେ ମେୟର ଓ କମିସନର। ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରି ଗଢିତୋଳିବାକୁ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଛନ୍ତି ମେୟର ଓ କମିସନର। ଏଥିପାଇଁ ଜନ ସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ଲୋକେ ସଚେତନ ହେବା ସହ ନିଜର ପରିବେଶକୁ ସ୍ୱଚ୍ଛ ରଖିବା ସହ ଅନ୍ୟମାନଙ୍କୁ ସଚେତନ କରାଇବା ପାଇଁ ମେୟର ଅନୁରୋଧ କରିଛନ୍ତି।

## ଗୁରୁ କେଲୁଚରଣ ମହାପାତ୍ର ସମ୍ମାନ ଉତ୍ସବର ତୃତୀୟ ସନ୍ଧ୍ୟା

# ଭାରତନାଟ୍ୟମ୍ ଏବଂ ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର





ଭୁବନେଶ୍ୱର,୭।୯ (ସମିସ):

ଭାରତନାଟ୍ୟମ୍ ଗୁରୁ-ଶିଷ୍ୟ ଯୋଡ଼ି ସମ୍ରାଟ ଦତ୍ତ ଏବଂ ସାନ୍ତନୁ ରାୟଙ୍କ ଦ୍ୱାରା ଭାରତନାଟ୍ୟମ୍ ନୃତ୍ୟ ସହିତ ଚିନ୍ମୟୀ ଦ୍ୱାରକନାଥ ଏବଂ ତାଙ୍କ ଲଳିତ କଳା ମନ୍ଦିର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ କୋଲକାତାର ସମୃଦ୍ଧ ଭାରତନାଟ୍ୟମ୍ ପରମ୍ପରାକୁ ଅନୁପ୍ରାଣିତ କରୁଥିବା ପ୍ରଶଂସିତ ଗୁରୁ-ଶିଷ୍ୟ ଯୋଡ଼ି ସମ୍ରାଟ ଦତ୍ତ ଏବଂ ସାନ୍ତନୁ ରାୟଙ୍କ ଦ୍ୱାରା ଭାରତନାଟ୍ୟମ୍ ନୃତ୍ୟ ଉପସ୍ଥାପନା ସହିତ ଆରମ୍ଭ ହୋଇଥିଲା। ସେମାନଙ୍କର ଉପସ୍ଥାପନା ଦଶମହାବିଦ୍ୟା, ସମ୍ରାଟ ଦତ୍ତଙ୍କ ଦ୍ୱାରା ଏକ ଗବେଷଣାତ୍ମକ ନୃତ୍ୟଶିଳ୍ପ, ତନ୍ତ୍ର ଅନୁସାରେ ପରାଶକ୍ତିର ୧୦ଟି ରୂପକୁ ଚିତ୍ରଣ କରିଥିଲା। ଦାସ-ରାଗମାଳିକା ଏବଂ ତାଳମାଳିକା ଉପରେ ଆଧାରିତ, ଦଶ ଦେବୀ - କମଳା, କାଳୀ, ତାରା, ବଗଳାମୁଖୀ, ଭୈରବୀ, ଭୁବନେଶ୍ୱରୀ, ଧୂମାବତୀ, ମାତଙ୍ଗୀ, ଛିନ୍ନମସ୍ତା ଏବଂ ଷୋଡଶୀଙ୍କ ଏହି ଅନ୍ୱେଷଣ ମାନବ ଅସ୍ତିତ୍ୱର ପରମ ପ୍ରକୃତି ଏବଂ ଆମର ଭାବପ୍ରବଣ ବର୍ଣ୍ଣାଳିକୁ ପରିଭାଷିତ କରିଥିଲା। ଅବସର ଥିଲା ସୃଜନ - ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଦ୍ୱାରା ଆୟୋଜିତ ୩୧ତମ ଗୁରୁ କେଲୁଚରଣ ମହାପାତ୍ର ସମ୍ମାନ ଉତ୍ସବର ତୃତୀୟ ସନ୍ଧ୍ୟା। ଏହି ନୃତ୍ୟ, ସଙ୍ଗୀତ ଏବଂ ସମ୍ମାନ ଉତ୍ସବର ତୃତୀୟ ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ଗୁରୁ. ଅରୁଣା ମହାନ୍ତି, ସମାଜସେବୀ ତଥା ବିଜେପି ନେତା ପ୍ରିୟ ରଞ୍ଜନ ଦାସ ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଚିନ୍ମୟୀ ଦ୍ୱାରକନାଥ ଏବଂ କୋଏମ୍ବାଟୁରର ଲଳିତ କଳା ମନ୍ଦିରର ଶିଳ୍ପୀମାନେ ଦଳଗତ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମଟିକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

# ମହିଳା ସାଂସ୍କୃତିକ ସଂଗଠନ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ନାଗରିକ କନ୍‌ଭେନସନ୍




ଭୁବନେଶ୍ୱର, ୭।୯ (ସମିସ): ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଓଡ଼ିଶା ରାଜ୍ୟ କମିଟି ଆନୁକୂଲ୍ୟରେ ସ୍ଥାନୀୟ ଲୋହିଆ ଏକାଡେମୀଠାରେ ଏକ ନାଗରିକ କନ୍‌ଭେନ୍‌ସନ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଏବଂ ବର୍ତ୍ତମାନ ନ୍ୟାସନାଲ ଲ' ବିଶ୍ୱବିଦ୍ୟାଳୟର ପ୍ରଫେସର ରୀତା ରାୟ, ପୂର୍ବତନ ବିଚାରପତି ମନୋରଞ୍ଜନ ମହାନ୍ତି, ଏଆଇଏମ୍‌ଏସ୍‌ଏସ୍‌ର ସାଧାରଣ ସମ୍ପାଦିକା ଛବି ମହାନ୍ତି, କଲିକତା ଆର୍‌ଜିକର ଆନ୍ଦୋଳନର ଅନ୍ୟତମ ପ୍ରମୁଖ ନେତୃତ୍ୱ ଡା. ମ୍ରିଦୁଲ ସରକାର, ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ବୀରେନ୍ଦ୍ର ନାୟକ, ଲେଖିକା ଡ. ବାସନ୍ତୀ ମହାନ୍ତି, ଡା. ମୋହିନୀ ସିହ୍ନା, ଅଭିନେତ୍ରୀ ଭାସ୍ୱତୀ ବସୁ, ଡା. ସ୍ୱପ୍ନ ବେଉରିଆ, ଛାତ୍ରୀ ପ୍ରତିନିଧି ମୋନାଲିସା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନର ରାଜ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକ କନ୍‌ଭେନ୍‌ସନ୍‌ର ଭିତ୍ତିପତ୍ର ଉପସ୍ଥାପନ କରିଥିଲେ। କନ୍‌ଭେନ୍‌ସନ୍‌ରେ ବକ୍ତାମାନଙ୍କ ମତାମତ ଭିତ୍ତିରେ ସୌମ୍ୟାଶ୍ରୀ, ବଳଙ୍ଗା ନାବାଳିକା, ସୁଭଦ୍ରା ପପିଲି ସମେତ ସମ୍ପ୍ରତି ରାଜ୍ୟରେ ଘଟିଥିବା ବହୁ ବେଦନାଦାୟକ ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ କଠୋର ଶାସ୍ତି ପ୍ରଦାନ, ଶିକ୍ଷାନୁଷ୍ଠାନ ଓ କର୍ମକ୍ଷେତ୍ର ସମେତ ସର୍ବତ୍ର ନାରୀ, ଛାତ୍ରୀ ଓ ଶିଶୁମାନଙ୍କ ନିରାପତ୍ତା ସୁନିଶ୍ଚିତ କରିବା, ମାଦକଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ତଥା ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରିବାକୁ କନ୍‌ଭେନ୍‌ସନ୍ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ସକାଳ
THE SAKALA



**ନିହଲପ୍ରସାଦ ନବକାଶିପୁର ଖଣିରେ ଅଘଟଣ**

# ଡ୍ରିଲିଂ ବେଳେ ବିଟ୍ ଭାଙ୍ଗି ପେଟରେ ପଶିଗଲା, ଶ୍ରମିକ ମୃତ

ଢେଙ୍କାନାଳ/ଗଁଦିଆ, ୭ ।୯ (ସମିସ)

ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନିହଲପ୍ରସାଦ ନିକଟ ନବକାଶିପୁର କଳା ମୁଗୁନି ପଥର ଖଣିରେ କମ୍ପ୍ରେସରରେ ପଥର ଫଟାଇବା ପାଇଁ ଡ୍ରିଲିଂ କରୁଥିବା ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ତେବେ ଘଟଣାକୁ ଚପାଇଦେବାକୁ ଉଦ୍ୟମ କରାଯାଇଥିବା ବେଳେ ପୁଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

ନିହଲପ୍ରସାଦ ଅଞ୍ଚଳରେ ବର୍ଷ ବର୍ଷ ଧରି ବେଆଇନ ଭାବେ ପଥର ଖଣିରୁ କଳା ମୁଗୁନି ପଥର ଉତ୍ତୋଳନ ପାଇଁ କମ୍ପ୍ରେସର ସାହାଯ୍ୟରେ ପଥର ଫଟାଇବା କାର୍ଯ୍ୟ ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ନବକାଶିପୁର ପଥର କ୍ୱାରି ଅଞ୍ଚଳରେ ରବିବାର ନିକଟସ୍ଥ ପିଙ୍ଗୁଆ ବାଲିକିଆରୀ ଗ୍ରାମର ଜିତୁ ତିରିଆ (୩୦) କମ୍ପ୍ରେସର ମେସିନରେ ପଥର ଫଟାଇବା ପାଇଁ ଡ୍ରିଲିଂ କରୁଥିଲେ। ଏହି ସମୟରେ କମ୍ପ୍ରେସର ବିଟ୍ ଭାଙ୍ଗିଯିବା ସହ ଜିତୁଙ୍କ ପେଟର ପଶିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସଂରକ୍ଷିତ ରଖିଛି। ଅନ୍ୟ ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜିତୁ କାମ କରୁଥିବା ସମୟରେ ତଳକୁ ଖସିପଡ଼ିବାରୁ ତାଙ୍କ ପେଟରେ ଶାବଳ ପଶିଯାଇ ଗୁରୁତର ଆହତ ହୋଇଥିଲେ। ଏ ନେଇ ମୃତ ଜିତୁଙ୍କ ପତ୍ନୀ ଯମୁନା ତିରିଆ ନିହଲପ୍ରସାଦ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଯେ ସବୁଦିନ ପରି ଜିତୁ ଉକ୍ତ ଖଣିକୁ କାମ କରିବାକୁ ଯାଇଥିଲେ। ତେବେ କାମ କରୁଥିବା ସମୟରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଏହି ଅଘଟଣ ଘଟିଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଧୀରେନ ସ୍ୱାଇଁ କହିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ଚାପିଦେବାକୁ ଜୋରସୋର ଉଦ୍ୟମ ଚାଲିଥିବା ବେଳେ ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସେହିପରି ଜିଲ୍ଲା ଶ୍ରମ ଆୟୁକ୍ତ ଏବଂ ଖଣି ବିଭାଗ ତରଫରୁ ମଧ ତଦନ୍ତ ଜାରି ରହିଛି। ଏହି ଖଣି ଅଜିତ ସାହୁଙ୍କ ନାମରେ ଥିବା କନିଷ୍ଠ ଖଣି ଅଧିକାରୀ ପ୍ରକାଶ କରିଛନ୍ତି। ଏଭଳି ଘଟଣା ନିହଲପ୍ରସାଦରେ ବାରମ୍ବାର ଘଟୁଥିବ ବେଳେ ପୁଲିସ, ପ୍ରଶାସନ, ଖଣିବିଭାଗ ଏବଂ ଶ୍ରମ ବିଭାଗର ଅପାରଗତା ଯୋଗୁଁ ଖଣିମାଫିଆ କୋଟି କୋଟି ଟଙ୍କା ମୁନାଫା କମାଉଥିବା ବେଳେ ନିରୀହ ଶ୍ରମିକଙ୍କ ଜୀବନ ବାଜିରେ ଲାଗୁଛି।

# ବିଦାୟ ନେଲେ ବିଘ୍ନବିନାଶକ






ଭୁବନ, ୭ ।୯ (ସମିସ): ଭୁବନରେ ରବିବାର ଗଣେଶ ଭସାଣି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ମେଲଣ ପଡ଼ିଆରୁ ମେଢ଼ଗୁଡ଼ିକ କ୍ରମାନ୍ୱୟରେ ଭସାଣି ଉଦ୍ଦେଶ୍ୟରେ ବାହାରିଥିଲେ। କାଳୀବଜାର, ଲତବିଲ, ନୂଆବଜାର, ଗୁଜୁରିହାଟ, ଦୁର୍ଗାଛକ, ଲକ୍ଷ୍ମୀଛକ, ବଣିଆସାହି, ବାହ୍ମଣୀ ଛକ, ବଡ଼ହାଟ ପରିକ୍ରମା କରି ଯାଇଥିଲେ। ରବିବାର ଛୁଟିଦିବସ ହୋଇଥିବାରୁ ଏହାକୁ ଦେଖିବା ପାଇଁ ପ୍ରମୁଖ ଛକଗୁଡିକରେ ଲୋକଙ୍କ ନାହିଁ ନ ଥିବା ଗହଳି ଦେଖିବାକୁ ମିଳିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ବିଭିନ୍ନ ସ୍ଥାନରେ କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ, ଭୁବନ ଥାନାଧିକାରୀ ଜିତେନ୍ଦ୍ର ମଲ୍ଲିକ, କାମାକ୍ଷାନଗର ଥାନାଧିକାରୀ, କଙ୍କଡ଼ାହାଡ଼ ଥାନାଧିକାରୀ, ମହାବିରୋଡ ଥାନାଧିକାରୀଙ୍କ ନେତୃତ୍ୱରେ ୧୫ ଅଫିସର ଓ ୧୦ ପ୍ଲାଟୁନ ଫୋର୍ସ ନିୟୋଜିତ କରାଯାଇଥିଲା।

**● ୪୮୮ ବର୍ଗ ସଙ୍ଘ ତରଫରୁ ଆଭାସୀ ବୈଠକ**

## ଦାବି ପୂରଣ ପାଇଁ ସରକାରଙ୍କୁ ନିବେଦନ

ଢେଙ୍କାନାଳ, ୭ ।୯ (ସମିସ): ୪୮୮ ବର୍ଗ ଅଧ୍ୟାପକ କର୍ମଚାରୀ ସଂଘ ଢେଙ୍କାନାଳ ଜିଲ୍ଲା ଶାଖା ତରଫରୁ ଏକ ଆଭାସୀ ବୈଠକ ଜିଲ୍ଲା ସଭାପତି ପ୍ରଦୀପ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପେନସନ ଏବଂ ଚାକିରି ସର୍ତ୍ତାବଳୀ ପାଇଁ ସଙ୍ଘ ତରଫରୁ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇଥିଲା। ୪୮୮ ବର୍ଗ ଅଧ୍ୟାପକ କର୍ମଚାରୀଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରିବାରେ ସରକାରଙ୍କ ଟାଳଟୁଳ ନୀତି, ବିଳମ୍ବିତ ପ୍ରକ୍ରିୟା, ଶିକ୍ଷକ କର୍ମଚାରୀମାରଣ ନୀତିକୁ ନିନ୍ଦା କରାଯାଇଥିଲା। ଦୀର୍ଘ ୩୫ ବର୍ଷ ଧରି କାର୍ଯ୍ୟ କରିବା ପରେ ଅବସର ପରେ ଖାଲି ହାତରେ ଫେରିବା ଦୁଃଖଦାୟକ ପରିସ୍ଥିତି ବୋଲି ମତ ପ୍ରକାଶ ପାଇଥିଲା। ପେନସନ, ଗ୍ରାଚ୍ୟୁଇଟି, ଅବସରକାଳୀନ ସୁବିଧା ନାହିଁ। ଶହ ଶହ ଅଧ୍ୟାପକ କର୍ମଚାରୀ ଅବସର ପରେ ଦୁର୍ଦ୍ଦିନ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସ୍ୱାସ୍ଥ୍ୟ ସେବାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଦୁର୍ବାର ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ରାଜ୍ୟ ସଭାପତି ଡ. ପ୍ରଶାନ୍ତ କୁମାର ପ୍ରଧାନ, ସତ୍ୟନାରାୟଣ ସାହୁ, ପ୍ରିୟରଞ୍ଜନ ରଥ, ବନମାଳୀ ବାରିକ, ଅଜୟ ଦାସଙ୍କ ସହ ଡ. ଅନିଲ କୁମାର ଜେନା, ପ୍ରଭାତ କୁମାର ଜେନା, ସୁବାସ ପତି, ରଶ୍ମିରଞ୍ଜନ ସେନାପତି, ପାର୍ଥ ସ୍ୱାଇଁ, ହୃଦାନନ୍ଦ ବେହେରା, ଅଲେଖ ଚନ୍ଦ୍ର ପାତ୍ର, ତପନ ସାହୁ, ସୁରେଶ ଚନ୍ଦ୍ର ମିଶ୍ର, ଲକ୍ଷ୍ମୀଧର ମିଶ୍ର, ବିମଳେନ୍ଦୁ ପ୍ରଧାନ, ପ୍ରସନ୍ନ କୁମାର ମୁଦୁଲି, ସରୋଜ କୁମାର ବିଶ୍ୱାଳ, ପ୍ରସନ୍ନ କୁମାର ନାୟକ, ସୁଧାଂଶୁ ଶେଖର ପାତ୍ର, ଲଳିତ କୁମାର ସାହୁ, ବିନୟ କୁମାର ସାହୁ, ତରଣୀସେନ ସାମଲ, ନୀଳକଣ୍ଠ ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରବୀର କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**● କୁକୁଡ଼ାକୁ ନେଇ ମହାଭାରତ**

## ଭାଇ ଭାଇ ମଧ୍ୟରେ ମାରପିଟ୍; ୩ ଗୁରୁତର

କାମାକ୍ଷାନଗର, ୭ ।୯ (ସମିସ): କାମାକ୍ଷାନଗର ଥାନା ବାଙ୍ଗୁରା ଗାଁରେ କୁକୁଡ଼ାକୁ ନେଇ ମହାଭାରତ ସୃଷ୍ଟି ହୋଇଛି। କୁକୁଡ଼ା ଚରିବାକୁ ନେଇ ଭାଇ ଭାଇ ଭିତରେ ମାରପିଟ ହୋଇ ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ



ବାଙ୍ଗୁରା ଗ୍ରାମର ଡାକ ଦେହୁରୀଙ୍କ କୁକୁଡ଼ା ଘର ନିକଟରେ ଚରୁଥିବା ବେଳେ ତାଙ୍କ ବଡ଼ବାପା ପୁଅ ଭାଇ ହଟିଆ ଦେହୁରୀଙ୍କ ପିଣ୍ଡା ଉପରକୁ ଚଢ଼ିଯାଇଥିଲା। ଏ ନେଇ ହଟିଆଙ୍କ ସ୍ତ୍ରୀ ନଛି ଦେହୁରୀ ଓ ଡାକଙ୍କ ସ୍ତ୍ରୀ ଧଳା ଦେହୁରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଘଟଣା ଉଗ୍ରରୂପ ନେଇ ଉଭୟ ପରିବାର ମଧ୍ୟରେ ଭୀଷଣ ମାରପିଟ ହୋଇଥିଲା। ଟାଙ୍ଗିଆ ଓ ଠେଙ୍ଗାରେ ଉଭୟ ପକ୍ଷ ପରସ୍ପରକୁ ଆକ୍ରମଣ କରିଥିଲେ। ଏଥିରେ ଧଳା ଦେହୁରୀଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିବା ବେଳେ ହଟିଆଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଛି। ହଟିଆଙ୍କ ସ୍ତ୍ରୀ ନଛି ଦେହୁରୀଙ୍କ ମୁଣ୍ଡ, ଅଣ୍ଟା ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ସେମାନଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଦଧିବାମନଜୀଉ ମଠରେ ଭାଗବତ ଜନ୍ମୋତ୍ସବ ପାଳିତ

ଢେଙ୍କାନାଳ, ୭ ।୯ (ସମିସ): ସ୍ଥାନୀୟ ଦଧିବାମନଜୀଉ ମଠ ପରିସରରେ ଭାଗବତ ପରିଷଦ ସଦସ୍ୟଙ୍କ ଦ୍ୱାରା ଭାଗବତ ଜନ୍ମ ପାଳିତ ହୋଇଛି। ଚୈତନ୍ୟ ମହାପ୍ରଭୁଙ୍କ ପାଦପଦ୍ମ ଭାଗବତ ମହାପୁରାଣ, ଅନ୍ୟାନ୍ୟ ପୂଜା ସହ ବୈଷ୍ଣବମାନଙ୍କୁ ଯଥାବିଧି ଆରାଧନା, ପୂଜା ଓ ହୋମାଦି କାର୍ଯ୍ୟକ୍ରମ, ନାମସଂକୀର୍ତ୍ତନ କରାଯାଇ ଏକ ଭକ୍ତିମୟ ପରିବେଶରେ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭାଗବତ ଗାଦି ପୂଜକ ଅଖିଳ ତ୍ରିପାଠୀ ଓ କୁନା ଶତପଥୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଦାମୋଦର ସାହୁ, ବିରଞ୍ଚି ପଟ୍ଟନାୟକ, ନୃସିଂହ ଚରଣ ପାଣି, ପ୍ରସନ୍ନ ସାହୁ, ନିତ୍ୟାନନ୍ଦ ପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ଭାଗବତ ଜନ୍ମ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିବା ପରିଷଦର କର୍ମକର୍ତ୍ତା ଗୁଣନିଧି ପାତ୍ର ଜଣାଇଛନ୍ତି।

# ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଭାଗିତା ବୈଠକ

ଢେଙ୍କାନାଳ, ୭ ।୯ (ସମିସ): ସଦର ବ୍ଲକ ମୋଟରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାକୁଡ଼ିଭାଗ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଏଫଏଲଏନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମାସିକ ସହଭାଗିତା ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ବିଷ୍ଣୁ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ସଦର ବିଆରସିସି ଦେବବ୍ରତ ନାଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ବୈଠକରେ ସେପ୍ଟେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ବିଦ୍ୟାଳୟର ଭୌତିକ ଓ ଶୈକ୍ଷିକ ପରିବେଶର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ, ଭାଷା ଓ ସଂଖ୍ୟା ଜ୍ଞାନର ପାଠ ଯୋଜନା ପ୍ରସ୍ତୁତି ଓ ଉପସ୍ଥାପନା, ଶିକ୍ଷଣ ସୋପାନ ରେଜିଷ୍ଟର ପୂରଣ ପଦ୍ଧତି ଆଦି ବିଷୟରେ ଆଲୋଚନା ହୋଇଥିଲା। ସିଆରସିସି ଅର୍ଜୁନ ନାୟକ ସାଧନ କର୍ମୀ ଭାବେ ଯୋଗଦେଇ ବୈଠକ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର ଓ କଳ୍ପନା ବାରିକ ମୌଳିକ ସଂଖ୍ୟାଜ୍ଞାନ ଉପରେ ଏବଂ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସେଠୀ ଓ ମିନତୀ ସାହୁ ମୌଳିକ ସାକ୍ଷରତା ଉପରେ ପାଠ ଯୋଜନା ପ୍ରସ୍ତୁତ କରି ବୈଠକରେ ଉପସ୍ଥାପନା କରିଥିଲେ। ଶିକ୍ଷକ ସନ୍ତୋଷ ଧଳ, ଶିକ୍ଷୟିତ୍ରୀ ଶୋଭାଶ୍ରୀ ଦଳେଇ ଓ ସ୍ନିଗ୍ଧାମୟୀ ନାୟକ ସହଯୋଗ କରିଥିଲେ।




# ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା

କାମାକ୍ଷାନଗର, ୭ ।୯ (ସମିସ): କାମାକ୍ଷାନଗର ସହର ଜେଏମପି ମଡେଲ ସ୍କୁଲରେ ଦ୍ୱିତୀୟ ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ତାଏକ୍ୱୋଣ୍ଡୋ ଆସୋସିଏସନ ତରଫରୁ ଆୟୋଜିତ ଏହି ଦିନିକିଆ ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଏହାକୁ ଉଦଘାଟନ କରିବା ସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଓଡ଼ିଶା ତାଏକ୍ୱୋଣ୍ଡୋ ଆସୋସିଏସନର ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ, ଜେଏମପି ମଡେଲ ପବ୍ଲିକ ସ୍କୁଲ ଅଧକ୍ଷ ଦୀନେଶ କୁମାର ସେନାପତି, ଢେଙ୍କାନାଳ ଜିଲ୍ଲା ତାଏକ୍ୱୋଣ୍ଡୋ ଆସୋସିଏସନ ସଭାପତି ଆଇନଜୀବୀ ପ୍ରଦ୍ୟୁମ୍ନ କୁମାର ନାୟକ, କୋଷାଧ୍ୟକ୍ଷ ଆଇନଜୀବୀ ଚିତ୍ରସେନ ନାୟକ, ନୀଳମଣି ନାୟକ, ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ବୟସ ବର୍ଗରେ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ପ୍ରଦାନ କରାଯାଇଥିଲା। ଜିଲ୍ଲାର ସୁନାମଧନ୍ୟ ତାଏକ୍ୱୋଣ୍ଡୋ ପ୍ରଶିକ୍ଷକ ଚନ୍ଦନ ସ୍ୱାଇଁ ଏହି ପ୍ରତିଯୋଗିତା ଆୟୋଜନ କରିଥିଲେ।

# ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ଢେଙ୍କାନାଳ, ୭ ।୯ (ସମିସ): ଢେଙ୍କାନାଳ ସଦର ବ୍ଲକ ଲେଖକ ସଂସଦରେ ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରଜ୍ଞାନ ମିଶନର ସ୍ୱାମୀ ଆବନେୟନନ୍ଦଜୀ ଓ ଗୁରୁ ନିଷ୍ଠାନନ୍ଦଜୀ



କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଜ୍ଞାନ ମିଶନର ପ୍ରମୁଖ ଜିଲ୍ଲା ସଂଯୋଜକ ଦୀପ୍ତୀଶ ପଟ୍ଟନାୟକ, ଭୁବନାନନ୍ଦ ସାହୁ ଓ ଯୁଧିଷ୍ଠିର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତିଯୋଗୀତାରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରାୟ ୩୫ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। 'କ' ବିଭାଗର ରୁଷାଲି ପଟ୍ଟନାୟକ, ଶ୍ରୁତିଶ୍ରୀ ବିଦ୍ୟା, ମୋହିତ ଦାସ, 'ଖ' ବିଭାଗର ବିଦ୍ୟାଙ୍ଗୀ ଦେବସ୍ମିତା, ସିୟା ସମ୍ପୂର୍ଣ୍ଣା ମହାନ୍ତି, ଅର୍ପିତା ସାହୁ, 'ଗ' ବିଭାଗରେ ଶ୍ରେୟାଂଶୀ ପଣ୍ଡା, ସ୍ନେହାଶିଷ ପାଣିଗ୍ରାହୀ, କ୍ରିଷ୍ଣାଙ୍ଗୀ ପାତ୍ର ଓ 'ଘ' ବିଭାଗରେ ସୌମ୍ୟା ମିଶ୍ର, ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ସମସ୍ତ ପ୍ରତିଯୋଗୀଙ୍କୁ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ଲିଖିତ ପୁସ୍ତକ ପ୍ରଦାନ କରାଯାଇଥିଲା। ସମାଜସେବୀ ରମାକାନ୍ତ ରଥ ଗୀତା ଉପରେ ବକ୍ତବ୍ୟ ରଖିଥିଲେ। ବିଚାରକ ଭାବେ ପ୍ରମୋଦ କୁମାର ବରାଳ, ଆରତୀ ମିଶ୍ର, ଲୀନା ପଟ୍ଟନାୟକ, ଡ. ନିରଞ୍ଜନ ଦାସ, ସତ୍ୟନାରାୟଣ ଦ୍ୱିବେଦୀ, ବିଭୁପ୍ରସାଦ ପାଣି ଓ ରୂପଶୀ ମିଶ୍ର ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଦୀପ୍ତୀଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପରଜଙ୍ଗରେ ଭାଗବତ ଜନ୍ମ ପାଳିତ

ପରଜଙ୍ଗ, ୭ ।୯ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ରବିବାର ଭାଗବତ ଟୁଙ୍ଗି ସମେତ ଲୋକଙ୍କ ଘରେ ଭାଦ୍ରବ ପୂର୍ଣ୍ଣିମା ଅବସରରେ ଭାଗବତ ଜନ୍ମ ପାଳିତ ହୋଇଯାଇଛି। ଏହି କ୍ରମରେ ବାରିହାପୁର ଗ୍ରାମର ଭାଗବତପ୍ରେମୀ ଭାଗବତ ଜନ୍ମ ପାଳନ କରିଛନ୍ତି। ଶତାଧିକ ଭାଗବତପ୍ରେମୀ ଗ୍ରାମର ମା' କନକଦୁର୍ଗା ମନ୍ଦିର ପରିସରରେ ଥିବା ଭାଗବତ ଟୁଙ୍ଗିରେ ପୂଜାର୍ଚ୍ଚନା କରି ଭାଗବତ ଜନ୍ମ ପାଳନ କରିଥିଲେ। ଚନ୍ଦ୍ରଗ୍ରହଣ ରହିଥିବାରୁ ପ୍ରାତଃ ସମୟରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା, ହୋମଯଜ୍ଞ କରାଯାଇ ନିର୍ଦ୍ଧାରିତ ସମୟ ପୂର୍ବରୁ ପୂର୍ଣ୍ଣାହୁତି ଦିଆଯାଇଥିଲା। ଗଣେଶ ବ୍ରହ୍ମାଚାର୍ଯ୍ୟ ଓ ବିଭୂତି ବ୍ରହ୍ମାଚାର୍ଯ୍ୟ ପୂଜାର୍ଚ୍ଚନା କରିଥିବା ବେଳେ ମାଗତା ଭୂତିଆ ଓ ତାଙ୍କ ସହଧର୍ମିଣୀ



ବାସନ୍ତୀ ଭୂତିଆ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମର ନିରାକାର ପ୍ରଧାନ, କୁମୁଦ ଚନ୍ଦ୍ର ସାହୁ, କାଶୀନାଥ ସାହୁ, ପ୍ରଦୀପ କୁମାର ସାହୁ, ଅଞ୍ଜନ କୁମାର ମହାରଣା, ରଘୁନାଥ ସାହୁ, ନୀହାର ରଞ୍ଜନ ସାହୁ, ଅରୁଣ କୁମାର ସାହୁଙ୍କ ସମେତ ଶତାଧିକ ଭାଗବତପ୍ରେମୀ ସହଯୋଗ କରିଥିଲେ।

## ଗଞ୍ଜେଇ ବ୍ୟବସାୟୀ ଗିରଫ



ପରଜଙ୍ଗ, ୭ ।୯ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଧିକାରୀ ଧୀରେନ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ସରାଙ୍ଗ ଫାଣ୍ଡି ଅଧିକାରୀ ସୌଭାଗ୍ୟ ପାଣି ଓ ଏସଆଇ ସୁଶ୍ରୀ ଅନାମିକାଙ୍କ ନେତୃତ୍ୱରେ ପୁଲିସ ଚଢ଼ଉ କରି ଗଞ୍ଜେଇ ବ୍ୟବସାୟୀ ଗିରୀଶ ଚନ୍ଦ୍ର ବେହେରା (୫୫) ଙ୍କୁ ଗିରଫ କରିଛି। ଗିରୀଶ ନିକଟରୁ ୧ କେଜି ୨ ଶହ ଗ୍ରାମ ଓଜନର ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ଥାନା ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ବେହେରା ସୂଚନା ଦେଇଛନ୍ତି।

## ମହାଦେବ ମନ୍ଦିର ବେଢ଼ା ନିର୍ମାଣ କାର୍ଯ୍ୟ ଆରମ୍ଭ

ଢେଙ୍କାନାଳ, ୭ ।୯ (ସମିସ): ସଦର ବ୍ଲକ ମଣ୍ଡାପାଳ ଗ୍ରାମସ୍ଥିତ ମଣ୍ଡଳେଶ୍ୱର ମହାଦେବଙ୍କ ମନ୍ଦିର ଚତୁଃପାର୍ଶ୍ୱ ବେଢ଼ା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି।



ବେଢ଼ା କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିବା ମାନବ କଲ୍ୟାଣ ଚାରିଟେବୁଲ୍ ଫାଉଣ୍ଡେସନର ପ୍ରଦୀପ କୁମାର ଦାସଙ୍କ ଦ୍ୱାରା ପୂଜାପାଠ କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଗ୍ରାମ ସଭାପତି ଧରଣୀଧର ବ୍ରହ୍ମ, ସମ୍ପାଦକ ସାରଙ୍ଗଧର ରାଜ, ବିଜୟାନନ୍ଦ ବ୍ରହ୍ମ, ସୁରେଶ ବରାଳ, ପ୍ରକାଶ ଚନ୍ଦ୍ର ରାଜ, ଅଶୋକ ବ୍ରହ୍ମ, ସର୍ବେଶ୍ୱର ବ୍ରହ୍ମ, ମହେନ୍ଦ୍ର ପ୍ରଧାନ, ବୁଲୁ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## ସାହିତ୍ୟ ପରିଷଦ ପକ୍ଷରୁ ଜଗନ୍ନାଥ ଦାସ ଜୟନ୍ତୀ ପାଳିତ



ଢେଙ୍କାନାଳ, ୭ ।୯ (ସମିସ): ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ ହାଉସିଂ ବୋର୍ଡ କଲୋନୀସ୍ଥିତ ସଂସ୍କୃତି ଭବନରେ ଭାଗବତ ପ୍ରଣେତା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ଡ. ଦୁର୍ଗାମାଧବ ପୃଷ୍ଟି ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସମ୍ପାଦକ କବି ବାହାଦୁର ପାଟସାହାଣୀ ସ୍ୱାଗତ ଭାଷଣ ଦେବା ସହ ଜଗନ୍ନାଥ ଦାସଙ୍କ ଦ୍ୱାରା ରଚିତ ଓଡ଼ିଆ ଭାଗବତ ଓଡ଼ିଶାର ବେଦ ତଥା ଏକ ଅନନ୍ୟ ସାହିତ୍ୟ କୃତି ବୋଲି କହିଥିଲେ। ଡ. ପୃଷ୍ଟି ଭାଗବତର ବିଭିନ୍ନ ପଦ୍ୟାବଳୀ, ଭଗବାନ ଓ ମନୁଷ୍ୟ ମଧ୍ୟରେ ସମ୍ପର୍କ ଓ ଭାଗବତ ଏକ ଉତ୍କୃଷ୍ଟ ମାନବବାଦୀ ଗ୍ରନ୍ଥ ଯାହାକି ସମଗ୍ର ବିଶ୍ୱରେ ବିରଳ ବୋଲି କହିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ ପରିଡ଼ା, ଅଧ୍ୟାପକ ସରୋଜ ନାୟକ, ଗଁଦିଆ ବ୍ଲକ ସଭାପତି ଡ. ସମୀର ସାହୁ, ନଗର କମିଟି ସଭାନେତ୍ରୀ ଡ. କବିତା ମହାନ୍ତି, ନଗର କମିଟି ସମ୍ପାଦିକା ନିବେଦିତା ରଥ, ସଭ୍ୟା ନନ୍ଦକେଶ୍ୱରୀ ନାଥ, ନଗର କମିଟି ଉପସଭାନେତ୍ରୀ ସଞ୍ଜୁକ୍ତା ଶରଣ, କବି କେଶବ ବେହେରା, ପ୍ରଭାତ କୁମାର ସାହୁ, ସନାତନ ବାରିକ, ପ୍ରମୋଦ କୁମାର ଲେଙ୍କା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି କହିଲେ ଯେ ଓଡ଼ିଆ ଭାଗବତ ଗ୍ରନ୍ଥ ଠାକୁର ରୂପେ ଘରେ ଘରେ ପୂଜା ପାଉଛି। ଅନୁଷ୍ଠାନର ଢେଙ୍କାନାଳ ଜିଲ୍ଲା ଉପ-ସଭାନେତ୍ରୀ ପ୍ରଭାତୀ ମହାପାତ୍ର ଉକ୍ତ ପ୍ରସଙ୍ଗରେ ବକ୍ତବ୍ୟ ରଖିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଡ୍ ଲଭର୍ସ ପକ୍ଷରୁ ପ୍ରଥମଥର 'ଫୁଡ୍ ଫେଷ୍ଟା'

ଢେଙ୍କାନାଳ, ୭ ।୯ (ସମିସ): ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲରେ ଫୁଡ୍ ଲଭର୍ସ ପକ୍ଷରୁ ଜିଲ୍ଲାରେ ପ୍ରଥମ କରି ଆସନ୍ତା ୧୯ ତାରିଖ ଏକ ଖାଦ୍ୟ ପ୍ରତିଯୋଗିତା ଫୁଡ୍ ଫେଷ୍ଟା ଅନୁଷ୍ଠିତ ହେଉଛି। ପାରମ୍ପରିକ ପିଠା ଓ ନିରାମିଷ ତରକାରୀକୁ ନେଇ ୨ଟି ବିଭାଗରେ ଏହି ପ୍ରତିଯୋଗିତା ହେବ। ଏଥିରେ କଟକ, ଭୁବନେଶ୍ୱର, ଢେଙ୍କାନାଳ ଓ ଅନୁଗୋଳ ଆଦି ଅଞ୍ଚଳରୁ ଖାଦ୍ୟ ପ୍ରସ୍ତୁତି ବିଶେଷଜ୍ଞମାନେ ବିଚାରକ ଭାବେ ଯୋଗଦେବେ। ୧୦ ତାରିଖରୁ ଅନଲାଇନ ପଞ୍ଜୀକରଣ ହେବ। ଏଥିପାଇଁ ୧୦୦ଟଙ୍କା ଦେୟ ରଖାଯାଇଛି। ପ୍ରତ୍ୟେକ ବିଭାଗରେ ୧୫ଜଣ ଲେଖାଏଁ ପ୍ରତିଯୋଗୀ ରହିବେ। ପ୍ରଥମେ ପଞ୍ଜୀକରଣ କରିଥିବା ପ୍ରତିଯୋଗୀଙ୍କୁ ଅଗ୍ରାଧିକାର ଦିଆଯିବ। ସଂଖ୍ୟା ପୂରଣ ହେଲେ ପଞ୍ଜୀକରଣ ବନ୍ଦ କରାଯିବ। ପ୍ରତିଯୋଗୀମାନଙ୍କୁ ଆପରନ ଓ କ୍ୟାପ ପ୍ରଦାନ କରାଯିବ। ଭାଗ ନେବାକୁ ଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। ୨ଟି ବିଭାଗରେ ପ୍ରଥମ ୩ ଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସବିଶେଷ ତଥ୍ୟ ପାଇଁ ୮୨୪୯୨୦୫୧୩୬ ମୋବାଇଲ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ପାରମ୍ପରିକ ଖାଦ୍ୟ ଓ ଖାଦ୍ୟ ପ୍ରସ୍ତୁତିକୁ ଏହା ପ୍ରୋତ୍ସାହନ ବୋଲି ରବିବାର ପୂର୍ବାହ୍ନରେ ଜିଲ୍ଲା ସାମ୍ବାଦିକ ସଂଘରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂସ୍ଥା ପକ୍ଷରୁ ଲକ୍ଷ୍ମୀକାନ୍ତ ସାହୁ ସୂଚନା ଦେଇଛନ୍ତି। ଏହି ଅବସରରେ ପ୍ରତିଯୋଗିତାର ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ବରିଷ୍ଠ ସଦସ୍ୟ ବିନୋଦ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।




# ୧ ଲକ୍ଷ ଟଙ୍କାରେ ଗଣେଶଙ୍କ ଆଣ୍ଠୁଲଡୁ ନିଲାମ

ପରଜଙ୍ଗ, ୭ ।୯ (ସମିସ)

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ପ୍ରସିଦ୍ଧ ଗଣେଶ ପୂଜା ୧୧ ଦିନ ଧରି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ପରଜଙ୍ଗ ବଜାରରୁ ଯାଇଥିବା ବ୍ଲକ ରାସ୍ତାରେ ୮ଟି ଓ ପରଜଙ୍ଗ ଗାଁ ଭିତରେ ୨ଟି ପୂଜା ମଣ୍ଡପରେ ୧୧ ଦିନ ଧରି ଶ୍ରୀ ଗଣେଶଙ୍କ ପୂଜା ହୋଇଥିଲା। ଦର୍ଶକଙ୍କ ମନୋରଞ୍ଜନ ଗଣେଶ ପୂଜା କମିଟି ଓ ଉର୍ଜା ଟ୍ରଷ୍ଟ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ସହଯୋଗରେ ୩ଦିନ ଧରି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଭଜନ ସମାରୋହ, ଶୁକ୍ରବାର ମେଲୋଡି ଏବଂ ଶନିବାର ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। ବିଭିନ୍ନ ଦିବସରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ତହସିଲଦାର ମନୋରଞ୍ଜନ ସାହୁ, ବିଡିଓ ସୌଭାଗ୍ୟ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଧାନଶିକ୍ଷକ ନାରାୟଣ ବିନାୟକ, ପରଜଙ୍ଗ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ସନାତନ ସାମଲ, ପ୍ରାକ୍ତନ ପ୍ରଧାନଶିକ୍ଷକ ଯୁଗଳ କିଶୋର ନାୟକ, ପରମାନନ୍ଦ ଦଳବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶନିବାର ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ପ୍ରଥମେ ମଞ୍ଚ ଉପରେ ଅତିଥି, ସମସ୍ତ ପୂଜା କମିଟି କାର୍ଯ୍ୟକର୍ତ୍ତା ଓ ହଜାର ହଜାର ଦର୍ଶକଙ୍କ ଉପସ୍ଥିତିରେ ଶ୍ରୀଗଣେଶଙ୍କ ଆଣ୍ଠୁଲଡୁ ନିଲାମ କରାଯାଇଥିଲା। ୫ ହଜାର ଟଙ୍କାରୁ ଡାକ ଆରମ୍ଭ ହୋଇ ୧ ଲକ୍ଷ ଟଙ୍କାରେ ଲଡୁ ନିଲାମ ହୋଇଥିଲା। ବଜରଙ୍ଗୀ ପୂଜା କମିଟି ଓ ରେଡ ନାଇଟ କ୍ଲବ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଶେଷରେ ବଜରଙ୍ଗୀ ପୂଜା କମିଟି ୧ ଲକ୍ଷ ଟଙ୍କାରେ ଆଣ୍ଠୁଲଡୁ ନିଲାମ ନେଇଛି। ଏଥିରେ ଉର୍ଜା ଟ୍ରଷ୍ଟ ସଭାପତି ଦୀପକ କୁମାର ଗୋଛାୟତ, ରଞ୍ଜନ ଦଳବେହେରା, ସନ୍ତୋଷ ସାହୁଙ୍କ ସମେତ ସମସ୍ତ ଯୁବଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରବିବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି।



# ୪୬ ଗ୍ରାମ ବ୍ରାଉନସୁଗର ଓ ଗଞ୍ଜେଇ ଜବତ, ୪ ଗିରଫ

ବାଲେଶ୍ୱର, ୭।୯ (ସମିସ)

ବାଲେଶ୍ୱର ଜିଲାରେ ନିଶା ବେପାର କ୍ରମଶଃ ବଢି ଚାଲିଥିବା ବେଳେ ନିଶା ଚୋରା ଚାଲାଣ ମଧ୍ୟ ଆହେତୁକ ବୃଦ୍ଧି ପାଇଛି। ଆଜି ବାଲେଶ୍ୱର ଜିଲ୍ଲାର ୪ଟି ବିଭିନ୍ନ ଥାନା ପକ୍ଷରୁ ଚଢାଉ କରାଯାଇ ସମୁଦାୟ ୪୬ ଗ୍ରାମର ବ୍ରାଉନ ସୁଗର ସହ ୧ କେଜି ଗଞ୍ଜେଇ ଜବତ କରାଯିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ନେଇ ବାଲେଶ୍ୱର ଜିଲ୍ଲା ପୁଲିସ ପ୍ରେସ ଇସ୍ତାହାର ମାଧ୍ୟମରେ ସୂଚନା ଦେଇଛି।

ପଶ୍ଚିମବଙ୍ଗ ସୀମାନ୍ତ ବାଲେଶ୍ୱର ଜିଲ୍ଲାରେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଭାୟା ଜଳେଶ୍ୱର ହୋଇ ବ୍ରାଉନସୁଗର ଚୋରା ଚାଲାଣ ହେଉଛି। ଏମିତି କି ବାଲେଶ୍ୱର ଜିଲାରୁ ସଡ଼କ ପଥରେ ବିଭିନ୍ନ ଜିଲା ସମେତ ରାଜଧାନୀକୁ ମଧ୍ୟ ବ୍ରାଉନସୁଗର ଚୋରା ଚାଲାଣ ହେଉଛି। ବ୍ରାଉନସୁଗାର ଚୋରା ଚାଲାଣ ହୋଇ ଓଡ଼ିଶାରେ ପହଞ୍ଚୁଥିବାବେଳେ ଚୋରା ଚାଲାଣର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ପୁଲିସ କିମ୍ବା ଅବକାରୀ ବିଭାଗ ସଫଳ ହେଉନଥିବା ଜଣାପଡିଛି। ବେଆଇନ ନିଶା କାରବାର ଚାଲିଥିବା ବେଳେ ପୁଲିସ ସୁରାକ ପାଉନି ନା ଜାଣି ଜାଣି ମନ୍ଦ ଉଦ୍ଦେଶ୍ୟ ରଖି ଧରିବାକୁ ମନ ବଳାଉନି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଏମିତି କି ବଡ ବଡ ବେପାରୀ ବଦଳରେ ଛୋଟ ଛୋଟ ନିଶା ବ୍ୟବସାୟୀଙ୍କୁ ଧରି ପୁଲିସ ଏବଂ ଅବକାରୀ ବିଭାଗ ବାଃ ନେଉଛି, ଫଳରେ ଅଳ୍ପ ପରିମାଣରେ ବ୍ୟବସାୟ କରୁଥିବା ବେପାରୀ ଦିନେ କି ୨ ଦିନ ନହେଲେ ସପ୍ତାହେ ମଧ୍ୟରେ କୋର୍ଟରୁ ଜାମିନରେ ଆସି ପୁଣି ସେହି ନିଶା ବ୍ୟବସାୟରେ ଲିପ୍ତ ରହୁଥିବାର ଜଣା ପଡିଛି। ଆଜି ସହଦେବଖୁଣ୍ଟା ଥାନା ପୁଲିସ ୧୬. ୫୦ ଗ୍ରାମର ବ୍ରାଉନ ସୁଗର ଏବଂ ୯୫୦୦ ଟଙ୍କା ଜବତ କରିବା ସହ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ସେହିପରି ବସ୍ତା ଥାନା ପୁଲିସ ୩୦ ଗ୍ରାମର ବ୍ରାଉନ ସୁଗାର ସହ ନିଶା କାରବାରରେ ବ୍ୟବହୃତ ଗୋଟିଏ ମଟର ସାଇକେଲ ଏବଂ ଗୋଟିଏ ମୋବାଇଲ ଫୋନ ଜବତ କରିଥିବା ବେଳେ ଜଣେ ଯୁବକଙ୍କୁ ଗିରଫ କରିଥିବା ଜଣାପଡିଛି। ସଦର ଥାନା ପୁଲିସ ୫୦୪ ଗ୍ରାମର ଗଞ୍ଜେଇ ସହ ଜଣେ ଯୁବକକୁ ଗିରଫ କରିଥିବା ବେଳେ ଚାନ୍ଦିପୁର ଥାନା ପୁଲିସ ୬୧୦ ଗ୍ରାମର ଗଞ୍ଜେଇ, ୨୧୦୦ ଟଙ୍କା ଜବତ ସହ ଜଣେ ଯୁବକଙ୍କୁ କରିଛି। ବାଲେଶ୍ୱର ଜିଲ୍ଲା ପୋଲିସର ୪ଟି ଥାନାରେ ୪ଟି ମାମଲା ସହ ସମୁଦାୟ ୪୬.୫୦ ଗ୍ରାମର ବ୍ରାଉନସୁଗର ସହ ୧ କେଜି ୧୧୪ ଗ୍ରାମର ଗଞ୍ଜେଇ ଜବତ କରିବାରେ ସଫଳ ହୋଇଥିବା ନେଇ ପୁଲିସ ପ୍ରେସ ରିଲିଜ ମାଧ୍ୟମରେ ସୂଚନା ଦେଇଛି।

## ରାସ୍ତା ମରାମତି ନାଁରେ ଟଙ୍କା ଚଳୁ

**ଗ୍ରାମବାସୀଙ୍କ ଅଭିଯୋଗ**

ଜଳେଶ୍ୱର ବ୍ଲକ, ୭।୯ (ସମିସ) : ସ୍ଥାନୀୟ ବର୍ତ୍ତନା ଗ୍ରାମ ପଞ୍ଚାୟତର ୪ନମ୍ବର୍ ୱାଡର୍ର ଦକ୍ଷିଣ ସାହି ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ୱାର୍ଡ ବାସୀ ବାରମ୍ବାର ସରପଞ୍ଚଙ୍କଠାରୁ ଆରମ୍ଭ କରି ସମସ୍ତ ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ରାସ୍ତା ମରାମତି ପାଇଁ କହିଥିଲେ ମଧ୍ୟ କେହି ଶୁଣିବାର ନା ନେଉ ନାହାନ୍ତି। ଇତିମଧ୍ୟରେ ୨୦୨୪-୨୫ ଆର୍ଥିକ ବର୍ଷରେ ନଭେମ୍ବର ମାସରେ ପଞ୍ଚାୟତ ୧୫ତମ ସିଏଫ୍ସି ଫଣ୍ଡରୁ ୪୩ ହଜାର ୨୧୦ ଟଙ୍କା ମରାମତି ନାମରେ ମୁରଲୀ ଜେନାଙ୍କ ଘରଠାରୁ ବର୍ତ୍ତନା ୟୁପି ସ୍କୁଲ ପର୍ଯ୍ୟନ୍ତ କାର୍ଯ୍ୟ ବାବଦରେ ଅର୍ଥ ଖର୍ଚ୍ଚ ହୋଇଛି କିନ୍ତୁ ଗ୍ରାମବାସୀଙ୍କ କହିବା କଥା ମାତ୍ର ୨ ଟ୍ରିପ ଟ୍ରାକ୍ଟର ଯୋଗେ ଗୋଡ଼ି ଓ ଗୋଟିଏ ଟ୍ରିପ୍ ଭଙ୍ଗା ଇଟା ବିଛାଇ ୪୩ ହଜାର ଟଙ୍କା ସରକାରୀ ତହବିଲରୁ ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଉଠାଇ ନେଇଛନ୍ତି। ଏ ନେଇ ଗ୍ରାମର ବିଜୟ ସାମଲ, ତପନ ଜେନା, ରବୀନ୍ଦ୍ର ଜେନା, ଅକ୍ଷୟ ଜେନା, ଶ୍ରୀକାନ୍ତ ଜେନା, ଚନ୍ଦନ ଜେନା, ନମିତା ଜେନା, ମଧୁସୂଦନ ଜେନା, ଅଞ୍ଜଳି ଜେନା, ଆରତୀ ଜେନା, ପୁଷ୍ପଲତା ଜେନା ପ୍ରମୁଖ ଗ୍ରାମବାସୀ ଉକ୍ତ କାର୍ଯ୍ୟର ତଦନ୍ତ କରି ସଂପୃକ୍ତ ଅଧକାରୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆଜି ଜଳେଶ୍ୱର ବିଡ଼ିଓଙ୍କ ପାଖରେ ଦାବି ଜଣାଇଛନ୍ତି। ବର୍ତ୍ତନା ସରପଞ୍ଚଙ୍କ ପ୍ରତିନିଧି ପଦ୍ମଲୋଚନ ବେହେରାଙ୍କୁ ପଚାରିବାରୁ କାର୍ଯ୍ୟ ଠିକ୍ କରିଛୁ ଓ ସେହି ଅନୁଯାୟୀ ବିଲ୍ ମିଳିଛି ବୋଲି କହିଥିଲେ।

## ବାଲି ଉଠାଇବା ପାଇଁ ନଦୀକୁ ପକ୍କାରାସ୍ତା ନିର୍ମାଣ

ଜଳେଶ୍ୱର, ୭।୯ (ସମିସ): ସୁବର୍ଣ୍ଣରେଖା ନଦୀରେ ବନ୍ୟାପାଣି କମି ନ ଥିବା ବେଳେ ବାଲିମାଫିଆମାନେ ଚୋରା ବାଲି ଉଠାଇବା



ପାଇଁ ନଦୀକୁ ରାସ୍ତା ତିଆରି କରିବା ଆରମ୍ଭ କରିଦେଲେଣି। ଜଳେଶ୍ୱର ବ୍ଲକ ଶିଖରପୁର ପଂଚାୟତର ସୁଖଦୁଖିଆ, ମଥୁରାନାଥ ଗ୍ରାମର ନଦୀକୂଳରେ ସ୍ଥାନୀୟ କିଛି ଲୋକ ଭଙ୍ଗା ଇଟା, ପଥର, ବାଲି ପକାଇ ପକ୍କା ରାସ୍ତା ତିଆରି କରିବା ଆରମ୍ଭ କରିଛନ୍ତି। ଚଳିତ ବର୍ଷ ନଦୀରୁ ଚୋରା ବାଲି ଉଠାଉଥିବା ରାସ୍ତା ଗୁଡିକୁ ମାଇନିଂ ବିଭାଗ ଦ୍ୱାରା ଜେସିବି ଲଗାଇ କଟାଯାଇଥିବା ବେଳେ ଚଳିତବର୍ଷ ନଦୀରୁ ପାଣି କମିନଥିବା ବେଳେ ରାସ୍ତା ତିଆରି ଆରମ୍ଭ ହୋଇଗଲାଣି। ନଦୀକୂଳିଆ ବିଭିନ୍ନ ଗ୍ରାମ ଗୁଡିକରେ ଡଙ୍ଗାରେ ବାଲି ଉଠାଣ ଚାଲିଛି କିନ୍ତୁ ମାଇନିଂ ବିଭାଗର ନିଦ ଭାଙ୍ଗୁନାହିଁ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ନଦୀଗର୍ଭରେ ଚଡ ଥିବା ଜାଗାରୁ ବାଲି ଆଣି ମାଫିଆ ମାନେ ଚଢାଦାମରେ ବାଲି ବିକ୍ରି କରୁଥିବାର ଦେଖିବାକୁ ମିଳୁଛି। ସୁବର୍ଣ୍ଣରେଖା ନଦୀ କୂଳରେ ଥିବା ବହୁ ଗ୍ରାମରେ ଡଙ୍ଗାରେ ଦିନସାରା ବାଲି ଉତ୍ତୋଳନ ଚାଲିଥିବା ବେଳେ ମାଇନିଂ ବିଭାଗର କନିଷ୍ଠ ଅଧିକାରୀ ଗୋଟିଏ ଡଙ୍ଗା ଧରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ଓ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ପ୍ରଥମତଃ ଜଳେଶ୍ୱର ଅଞ୍ଚଳରେ ଖଣି ବିଭାଗର କୌଣସି କାର୍ଯ୍ୟାଳୟ ସ୍ଥାୟୀ ଭାବରେ ଖୋଲା ଯାଇ ନ ଥିବାରୁ ମାଫିଆ ମାନଙ୍କୁ ବେଶ ସୁହାଉଛି। ଫଳରେ ଦିନରାତି ଏହି ଦ୍ରବ୍ୟର ଖୋଲାଖୋଲି ଚୋରା ଚାଲାଣ ହେବା ସହିତ ବିଭିନ୍ନ ରାଜ୍ୟକୁ ମଧ୍ୟ ଚାଲାଣ କରି ମାଫିଆମାନେ ମାଲେମାଲ ହେଉଥିବା ବେଳେ ରାଜ୍ୟ ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଗ୍ରାମ ପାଖ ନଦୀକୂଳରୁ ବାଲି ଉତ୍ତୋଳନ ଦ୍ୱାରା ଗ୍ରାମଗୁଡିକ ପ୍ରତି ବିପଦ ଦେଖା ଦେଇଥିବାବେଳେ ଏହାକୁ ତୁରନ୍ତ ବନ୍ଦ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନିକ ଅଧିକାରୀ ତଥା ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।

## ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନରେ ଜାତୀୟସ୍ତରୀୟ ଆଲୋଚନାଚକ୍ର




ଭୋଗରାଇ, ୭।୯ (ସମିସ): ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ପରିଷଦ ଓ ପଦାର୍ଥବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ଜାତୀୟସ୍ତରୀୟ ଆଲୋଚନାଚକ୍ର ଉଦଯାପିତ ହୋଇଛି। ପଦାର୍ଥ ବିଜ୍ଞାନର ଅଗ୍ରଗତି ଓ ଆହ୍ୱାନ ସଂପର୍କକୁ ନେଇ ଅନୁଷ୍ଠିତ ହେଉଥିବା ଏହି ଆଲୋଚନାଚକ୍ରରେ ଦ୍ୱିତୀୟ ଦିନ ପ୍ରଥମ ଅଧିବେଶନରେ ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରଫେସର ପ୍ରଭଞ୍ଜନ ମଲ୍ଲିକ, କୃତିମ ବୁଦ୍ଧିମତାର ଗବେଷକ ପ୍ରଫେସର ଅଶ୍ୱୀନ କୁମାର ରାଜ, ସମ୍ବଲପୁର ସରକାରୀ ମହାବିଦ୍ୟାଳୟର ପ୍ରଫେସର ରାକେଶ କୁମାର ସାହୁ, ଝାଡଖଣ୍ଡ ଧାନବାଦ ଆଇଆଇଟି ପ୍ରଫେସର ଡ. ଉମାକାନ୍ତ ତ୍ରିପାଠୀ, ବୁର୍ଲା ଭିଏସଏସଇଟିର ପ୍ରଫେସର ଡ. ଏକ କେ ପଟ୍ଟନାୟକ, ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ପ୍ରମୁଖ ବହୁମୂଲ୍ୟ ସଂଦର୍ଭ ମାନ ଉପସ୍ଥାପନା କରିବା ସହିତ ବିତର୍କରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦୁର୍ଗାପୁର ଏନଆଇଟି ପ୍ରଫେସର ଡ. ଶୁକଦେବ ସାହୁ ସଭାପତିତ୍ୱ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମିଶ୍ରଙ୍କ ପୌରହିତ୍ୟ ଅନୁଷ୍ଠିତ ଏହି ଅଧିବେଶନରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଫକୀର ମୋହାନ ବିଶ୍ୱବିଦ୍ୟାଳୟ କୁଳପତି ତଥା ଦୁଇଦିନିଆ ଆଲୋଚନାଚକ୍ରର ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗ ଦେଇ ଏହି ଆଲୋଚନାଚକ୍ର ଛାତ୍ରଛାତ୍ରୀ, ଗବେଷକ, ଗବେଷିକା, ଅଧ୍ୟାପକ ଅଧ୍ୟାପିକା ମାନଙ୍କ ଜ୍ଞାନର ପରିସୀମା ବୃଦ୍ଧି କରିପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଦୁର୍ଗାପୁର ଏନଆଇଟି ପ୍ରଫେସର ଶୁକଦେବ ସାହୁ ଯୋଗ ଦେଇ ଶିକ୍ଷାନୁଷ୍ଠାନରେ ଗବେଷଣା ସମ୍ବନ୍ଧୀୟ ଆଲୋଚନାଚକ୍ର କିପରି ସମାଜର ଉନ୍ନତିରେ ସହାୟକ ହୋଇଥାଏ ତାହା ମତ ରଖିଥିଲେ। ଏଥିରେ ଅଧ୍ୟାପିକା ଶ୍ୱେତାପଦ୍ମାସିନୀ ପାତ୍ର ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ ଓ ବିବରଣୀ ପାଠ କରିଥିବାବେଳେ ସାଂଗଠନିକ ସଂପାଦକ ପ୍ରଫେସର ତପନ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଉକ୍ତ ଆଲୋକନାଚକ୍ର ଡ. ଉମାକାନ୍ତ ସାମଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ମହାବିଦ୍ୟାଳୟର ଗବେଷଣା ଉନ୍ନୟନ ସେଲ ନିର୍ଦ୍ଦେଶକ ଡ. ଧୀରେନ୍ଦ୍ର କୁମାର ଜେନା, ଅଇକ କ୍ୟୁଏସିର ସଂଯୋଜକ ପ୍ରଫେସର ରଣଜିତ ମଣ୍ଡଳଙ୍କ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରଫେସର ଜଗଦୀଶ ଚନ୍ଦ୍ର ଗିରି, ପଦାର୍ଥବିଜ୍ଞାନ ମୁଖ୍ୟ ପ୍ରଫେସର ଦିଲ୍ଲୀପ କୁମାର ଜେନାଙ୍କ ମାର୍ଗଦର୍ଶନରେ ହୋଇଥିଲା। ଅଧ୍ୟାପକ ଡ. ବିଜୟ କେତନ ପଟ୍ଟନାୟକ, ତ୍ରିବେଣୀ ଧଡା, ଡ. ଅନୁପ କୁମାର ସାମଲ, ଡ. ନୀଳକଣ୍ଠ ଖଣ୍ଡା, ଦୀନକୃଷ୍ଣ ଗିରି, ଶୁଚିସ୍ମିତା କର, ଚତୁର୍ଭୁଜ ଘଡାଇ, ଦୁଷ୍ମନ୍ତ ଦାସ, ଶିବ ସୁନ୍ଦର ପାତ୍ର, ତପନ ରାଉଳ, ନୟନ ପ୍ରଧାନ, ବ୍ରଜବିହାରୀ ପତି, ଦେବାଶିଷ ପଣ୍ଡା, ସୁକୁମାର ମହାନ୍ତି, ଆଶୁତୋଷ ନାୟକ, ସତ୍ୟଜିତ ମଲ୍ଲିକ, ପ୍ରଶାନ୍ତ ଦାସ, ପ୍ରଶାନ୍ତ ଜେନା, ପ୍ରଦୀପ ଜେନା, ସୁରଜ ଚାନ୍ଦ, ସୁଶାନ୍ତ ମହାନ୍ତି ସହିତ ଶିକ୍ଷକ ଅଣଶିକ୍ଷକ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ସଙ୍ଗୀତ ନିର୍ଦ୍ଦେଶକ ବିମଳେନ୍ଦୁ ଦାସ ମହାପାତ୍ରଙ୍କ ପରଲୋକରେ ଶୋକ

ଜଳେଶ୍ୱର, ୭।୯ (ସମିସ): ଉତ୍ତର ବାଲେଶ୍ୱର ଅଞ୍ଚଳର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ, ଲେଖକ ତଥା ଯାତ୍ରା କଳାକାର ବିମଳେନ୍ଦୁ ଦାସ ମହାପାତ୍ରଙ୍କ ପରଲୋକରେ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ବିମଳେନ୍ଦୁ ଦାସ ମହାପାତ୍ର ଜଳେଶ୍ୱର ପୌରାଂଚଳର ୭ନଂ ୱାର୍ଡ ଶାସନବାଡ



ଗ୍ରାମର ଜଣେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ, ସଙ୍ଗୀତ ଲେଖକ, କଣ୍ଠଶିଳ୍ପୀ ତଥା ଜଣେ ଯାତ୍ରା କଳାକାଳ ଭାବେ ନିଜ ଅଂଚଳରେ ତଥା ପଶ୍ଚିମବଙ୍ଗ ଅଂଚଳରେ ଖ୍ୟାତି ଅର୍ଜନ କରିଥିଲେ। ଆଜି ୭ତାରିଖ ସକାଳ ୯ଟାରେ ଶାସନବାଡସ୍ଥିତ ନିଜ ବାସଭବନରେ ୭୨ବର୍ଷ ବୟସରେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ତାଙ୍କର ଦୁଇ ଝିଅ ଓ ଜଣେ ପୁଅ ରହିଛନ୍ତି। ତାଙ୍କର ଅନ୍ତିମ ଦର୍ଶନ ପାଇଁ ଗ୍ରାମବାସୀ ତଥା ଜଳେଶ୍ୱର ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସୁବର୍ଣ୍ଣରେଖା ନଦୀକୂଳରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ବନ ବିଭାଗ ପକ୍ଷରୁ ଚାରା ବିତରଣ ଅଭିଯାନ

ଜଳେଶ୍ୱର, ୭।୯(ସମିସ): ଆଗାମୀ ୧୭ ତାରିଖରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ଗୋଟିଏ ଗଛ ମାଁଙ୍କ ନାମରେ ରୋପଣ ଲାଗି ବନ ବିଭାଗ ପକ୍ଷରୁ ବ୍ୟାପକ ଚାରା ବିତରଣ ଅଭିଯାନ ଆରମ୍ଭ ହୋଇଛି। ସେହି ଦିନରେ ୭୫ ଲକ୍ଷ ବୃକ୍ଷ ରୋପଣ ନିମନ୍ତେ ବନ ବିଭାଗ ପକ୍ଷରୁ ଯୋଜନା ରଖାଯାଇଛି। ବାଲେଶ୍ୱର ଜିଲ୍ଲା ମୁଖ୍ୟ ଜିଲ୍ଲା ଅଧିକାରୀଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ରେଞ୍ଜ ଅଧୀନରେ ଥିବା ବନ୍ୟାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ରାଇବଣିଆ ଅନ୍ତର୍ଗତ ଧାନ ଘେରାଠାରେ ୧୪ଟି ପଞ୍ଚାୟତକୁ ଶୁକ୍ରବାରଠାରୁ ଚାରା ବିତରଣ କରାଯିବ ସହ ପ୍ରତ୍ୟେକ ପଞ୍ଚାୟତକୁ ୫ଶହ ଲେଖାଏଁ ଚାରା ବିତରଣ କରାଯିବାର ଲକ୍ଷ୍ୟ ରହିଛି। ଏ ନେଇ ସମଗ୍ର ଜଳେଶ୍ୱର ରେଞ୍ଜର ୮୫ ପଞ୍ଚାୟତରେ କରଞ୍ଜ, ଅର୍ଜୁନ, ନିମ୍ବ, ଜାମୁ, ବାହାଡ଼ା, ଅସନ, ଫଣଫଣା, ବରୋକୋଳି, ଶିଶୁ, ମେହଗାନି, ପାଟୁଲି, ଅଶୋକ ଇତ୍ୟାଦି ୧୫ ପ୍ରକାର ଚାରା ବଣ୍ଟନ କରାଯାଉଛି। ରାଇବଣିଆ ବନ କାର୍ଯ୍ୟାଳୟ ତରଫରୁ ଫରେଷ୍ଟର ପ୍ରହ୍ଲାଦ ନାୟକ, ଦିଲ୍ଲିପ ସିଂ, ଗାର୍ଡ ସୁଲୋଚନା ବେହେରା ଇନ୍ଭୁଲବ ସ୍କ୍ୱାଡ୍ ଶିବ ମହାନ୍ତି, ହରେକୃଷ୍ଣ ବେହେରା, ଉଜ୍ୱଳ ଦାସ୍, ସୁରେଶ ଦାସ୍, ନିମାଇଁ ବେହେରା ପ୍ରମୁଖ ଉପସ୍ଥିତ ରହି ଚାରା ବିତରଣରେ ସହଯୋଗ କରିଥିଲେ।

## କଂଗ୍ରେସର କର୍ମୀ ସମ୍ମିଳନୀ



ନୀଳଗିରି, ୭।୯ (ସମିସ): ନୀଳଗିରି ଡାକ ବଙ୍ଗଳା ପରିସରରେ ସଂଗଠନ ସୃଜନ ଅଭିଯାନ କ୍ରମରେ ନୀଳଗିରି ନିର୍ବାଚନ ମଣ୍ଡଳୀ ପାଇଁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଶ୍ରେୟସ୍ ଏମ୍ ପଟେଲ୍ ,ଏମ୍ ପି , ହସନ୍ କର୍ଣ୍ଣାଟକ ତଥା ଏ ଆଇ ସି ସି ପର୍ଯ୍ୟବେକ୍ଷକ ଯୋଗ ଦେଇଥିଲେ। ତାଙ୍କ ସହିତ ରବୀନ୍ଦ୍ର ମଲ୍ଲିକ ପି ସି ସି ପର୍ଯ୍ୟବେକ୍ଷକ, ବିପ୍ଳବ ଚୌଧୁରୀ , ସୌମ୍ୟ ଗୋପାଳ ନାୟକ ପି ସି ସି ସହ ପର୍ଯ୍ୟବେକ୍ଷକ ଯୋଗ ଦେଇଥିବା ବେଳେ ବାଲେଶ୍ୱର କଂଗ୍ରେସ କମିଟିର ଉପସଭାପତି ଗୋପୀନାଥ ପାଢ଼ୀ ଉକ୍ତ କର୍ମୀ ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ସଭାପତି ଚୟନ ପାଇଁ ନୀଳଗିରି ନିର୍ବାଚନ ମଣ୍ଡଳୀର ନୀଳଗିରି ବ୍ଲକ୍, ଓଉପଦା ବ୍ଲକ୍, ବାହାନଗାର ପାଞ୍ଚଟି ପଞ୍ଚାୟତ ତଥା ନୀଳଗିରି ଏନ ଏ ସି ର ୧୩ ଟି ୱାର୍ଡର ନେତା ଓ କର୍ମୀ ଙ୍କ ସହିତ ଶ୍ରୀ ପଟେଲ୍ ଏକ ରୁଦ୍ଧଦ୍ୱାର ବୈଠକରେ ମତାମତ ବିନିମୟ କରିଥିଲେ। ଏହି ସମ୍ମିଳନୀରେ ନୀଳଗିରିର ବରିଷ୍ଠ କଂଗ୍ରେସ ନେତାଙ୍କ ମଧ୍ୟରେ ପୂର୍ବତନ ପିସିସି ସଦସ୍ୟ ସମରେନ୍ଦ୍ର ଦାସ, ସଦାଶିବ ରଥ, ଦୀପ୍ତିକାନ୍ତ ମହାପାତ୍ର ଏବଂ ଯୁବନେତାଙ୍କ ମଧ୍ୟରେ ଆଶିଷ ପଟ୍ଟନାୟକ, ଯୋଗେଶ୍ୱର ବେହେରା, ଇଂ ରଞ୍ଜନ ଦାସ, ବିଶ୍ୱନାଥ ଦାସ ପ୍ରମୁଖ ବହୁ ଯୁବନେତା ଏବଂ ସମସ୍ତ ପଞ୍ଚାୟତର ତୃଣମୂଳ ସ୍ତରର କର୍ମୀମାନେ ଯୋଗଦେଇ ଥିଲେ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାରେ କୀର୍ତ୍ତିଚନ୍ଦ୍ର ହାଇସ୍କୁଲର ରେକର୍ଡ



ବାଲିଆପାଳ/କାଳିପଦା, ୭।୯ (ସମିସ): ପବିତ୍ର ଗୁରୁ ଦିବସ ଅବସରରେ ଓଡିଶା ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ମୁଖ୍ୟମନ୍ତ୍ରୀ ଶିକ୍ଷକ ସମ୍ମାନ ପୁରସ୍କାର ପାଇବାରେ ରେକର୍ଡ କରିଛନ୍ତି ବାଲିଆପାଳ ପଂଚାୟତସମିତି ଅଧୀନସ୍ଥ କୀର୍ତ୍ତିଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ନାରାୟଣପୁର। ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର ଭାବେ ସୁଶ୍ରୀ ସଂଗୀତା ରାଉତ, ସାହିତ୍ୟ କ୍ଷେତ୍ରରେ ଓ ହରିପଦ ବାରିକ, ଗଣିତ କ୍ଷେତ୍ରରେ ଉତ୍ତମ ଶିକ୍ଷାଦାନ ତଥା ସ୍ୱଦକ୍ଷତା ପାଇଁ ରାଜ୍ୟସ୍ତରୀୟ ପୁରସ୍କାର ରାଜଧାନୀରେ ଅନୁଷ୍ଠିତ ବିଶାଳ ମୁଖ୍ୟମନ୍ତ୍ରୀ ଶିକ୍ଷା ସମାରୋହରେ ମୁଖ୍ୟମନ୍ତ୍ରୀଙ୍କ କରକମଳରୁ ପ୍ରମାଣପତ୍ର, ଉପଢୌକନ ଓ ସିଲ ସହ ୪୦.୦୦୦ ଟଙ୍କା ପାଇ ବିଦ୍ୟାଳୟକୁ ଗୌରବ ପ୍ରଦାନ କରିଛନ୍ତି ଯାହାର ଶ୍ରେୟ ସେ ପ୍ରଧାନ ଶିକ୍ଷକ ଗୋଲୋକ ଚନ୍ଦ୍ର ପଟ୍ଟାୟତ, ପରିଚାଳନା ସମିତି ଓ ପିଲାମାନଙ୍କୁ ଦେଇଥିବା ବେଳେ ସେଇ ବିଦ୍ୟାଳୟରୁ ୬ ଜଣ ଜିଲ୍ଲାସ୍ତରୀୟ ଶିକ୍ଷକ ସମ୍ମାନ ପୁରସ୍କାର ପ୍ରମାଣପତ୍ର, ଉପଢୌକନ, ସିଲ ତଥା ୨୫୦୦୦ ଅର୍ଥରାଶି ପାଇଛନ୍ତି । ସନ୍ଧ୍ୟାରାଣୀ ପ୍ରଧାନ, ହିନ୍ଦି, ଶୁଭଶ୍ରୀ ଜେନା ଓ ଶକୁନ୍ତଳା ମାଝୀ ଇଂରାଜୀ, କାମ ହାଁସଦା, ସାହିତ୍ୟ, ହରିପ୍ରସାଦ ସୋରେନ, ଗଣିତ ତଥା ପୀତବାସ ଗିରି, କ୍ରୀଡା କ୍ଷେତ୍ରରେ ସଫଳତା ପାଇଁ ବାଲେଶ୍ୱର ସ୍ଥିତ ଗାନ୍ଧୀ ସ୍ମୃତି ଭବନରେ ଅନୁଷ୍ଠିତ ଭବ୍ୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ପୁରସ୍କୃତ ହୋଇ ବିଦ୍ୟାଳୟକୁ ଗୌରବାନ୍ୱିତ କରିବା ସହ ବାଲିଆପାଳ ମାଟି ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ।

## ଜୟରାମପୁର ଆଞ୍ଚଳିକ ସାଧନ କେନ୍ଦ୍ରରେ ମାସିକ ଭାଗିଦାରୀ ବୈଠକ



ଭୋଗରାଇ, ୭।୯ (ସମିସ): ଭୋଗରାଇ ବ୍ଲକ ଜୟରାମପୁର ଆଞ୍ଚଳିକ ସାଧନ କେନ୍ଦ୍ରରେ ଥିବା ନାରାୟଣପୁର ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଭାଗିଦାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜୟରାମପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ସ୍ୱାଗତ କୁମାର ସୁର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ପଙ୍କଜାକ୍ଷ ପଣ୍ଡା, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଜେନା, ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ, ପୂର୍ବତନ ସିଆରସିସି ଉତ୍ତମ କୁମାର ସାମଲ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଏବିଇଓ ଜ୍ୟୋତ୍ସ୍ନାରାଣୀ ପଣ୍ଡା ମାସିକ ଭାଗିଦାରୀ ବୈଠକରେ ଗୁରୁତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ଜୟରାମପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ୧୪ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ୧୧ଟି ବିଦ୍ୟାଳୟର ଏଫ୍ ଏଲ ଏନ, ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସେପ୍ଟେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ବହୁ ଶ୍ରେଣୀ ପରିଚାଳନା, ଶିକ୍ଷକ ସମାବେଶ, ରେଜିଷ୍ଟ୍ରାର ନିପୁଣ ସପ୍ତାହ ଆଦି ସମ୍ବନ୍ଧରେ ଆଲୋଚନା ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଦୁଇ ବାଇକ ଆରୋହୀ ଗୁରୁତର

ରାଜଘାଟ, ୭।୯ (ସମିସ): ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥର ବସ୍ତା ବାଇପାସ ନିକଟରେ ଭାରସାମ୍ୟ ହରାଇ ଡିଭାଇଡରକୁ ଧକ୍କା ଦେଇ ଦୁଇ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ରବିବାର ପୂର୍ବାହ୍ଣ ସମୟରେ ଏକ ବାଇକରେ ଦୁଇ ଜଣ ବାଲେଶ୍ୱର ପଟୁ ଜଳେଶ୍ୱର ଅଭିମୁଖେ ଯାଉଥିବା ସମୟରେ ବାଇକ ଭାରସାମ୍ୟ ହରାଇ ଡିଭାଇଡରକୁ ଧକ୍କା ଦେଇ ଦୂରକୁ ଛିଟିକି ପଡ଼ିଥିଲେ। ଫଳରେ ଚାଳକ ସମେତ ପଛରେ ବସିଥିବା ଅନ୍ୟ ଜଣେ ବ୍ୟକ୍ତି ଜଣକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡ଼ିରହିଥିଲେ। ଜାତୀୟ ରାଜପଥ ପହରା ପୁଲିସ ପହଞ୍ଚି ଉଭୟ ଗୁରୁତରଙ୍କୁ ଉଦ୍ଧାର କରି ବସ୍ତା ହସ୍ପିଟାଲକୁ ପଠାଇଥିଲା। ଯୁବକ ଦ୍ୱୟ ରାଇବଣିଆ ଥାନା ଅନ୍ତର୍ଗତ ହାତୀଗଡ଼ ଅଞ୍ଚଳର ପ୍ରଦୀପ ମହାନ୍ତି ଓ ଲିପୁନ ଦାସ ବୋଲି ଜଣାପଡ଼ିଛି। ବସ୍ତା ପୁଲିସ ପହଞ୍ଚି ଗାଡ଼ିଟିକୁ ଜବତ୍ କରି ଘଟଣାର ତଦନ୍ତ ଚଳାଇଛି।

## ସମାଜସେବୀଙ୍କ ଦେହାନ୍ତରେ ଶୋକସଭା

ରାଜଘାଟ, ୭।୯ (ସମିସ): ସ୍ଥାନୀୟ ଅଞ୍ଚଳର ଜଣେ ସମାଜସେବୀ, ଯୁବ ବ୍ୟବସାୟୀ, ସେବା ସମବାୟ ସମିତିର ବୋର୍ଡ ସଦସ୍ୟ ତଥା ବଜାର କମିଟି ସହ ସଂପାଦକ କମଳାକାନ୍ତ ସୁର(୫୩)ଙ୍କ ଦେହାନ୍ତ ଘଟିଛି। ଏହି ପରିପ୍ରେକ୍ଷୀରେ ସିଦ୍ଧେଶ୍ୱର ନୋଡାଲ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଓ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ରବିବାର ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷ ପରିସରରେ ଏକ ସ୍ମୃତିଚାରଣ ସଭାର ଆୟୋଜନ ହୋଇଥିଲା। ଶିକ୍ଷକ ରମେଶ ଚନ୍ଦ୍ର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଡାକ କର୍ମଚାରୀ ରାଜକିଶୋର ମହାନ୍ତି, ଉମେଶ ଚନ୍ଦ୍ର ପ୍ରଧାନ, ବରିଷ୍ଠ ସ୍ତ୍ରୀ ରୋଗ ବିଶେଷଜ୍ଞ ଦିଲ୍ଲୀପ ପାତ୍ର, ସେବା ସମବାୟ ସମିତି ସଭାପତି ଦୀପକ ସାହୁ, ପୂର୍ବତନ ସରପଞ୍ଚ ଶମ୍ଭୁନାଥ ସେଠୀ, ଦୀନବନ୍ଧୁ ସେଠୀ, ଶୁଭ୍ରାଂଶୁ ଶେଖର ପଣ୍ଡା, ସାମ୍ବାଦିକ ସୀତାକାନ୍ତ ଦାସ, ବେଣୁଧର ଦାସ, ବସନ୍ତ ଭଦ୍ର, ଜଗତ କୁମାର ଗିରି ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ସୁରଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ନୀଳଗିରି, ୭।୯ (ସମିସ): ରବିବାର ସକାଳେ ନୀଳଗିରି ଉପଖଣ୍ଡ ଅଧିନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଦ୍ୱାରିକା ଖୁମକୁଟ ଗାଁର ପଦ୍ମଲୋଚନ ସୋରେନ (୩୫) ନିଜ ଗାଁ ପାଖ ବିଲକୁ ଯାଉଥିବାବେଳେ ଲୁଚି ରହିଥିବା ଏକ ଭାଲୁ ଅତର୍କିତ ଭାବେ ଆକ୍ରମଣ ଫଳରେ ପଦ୍ମଲୋଚନ ଶରୀର କ୍ଷତ ବିକ୍ଷତ ହୋଇଥିବା ବେଳେ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଭାଲୁ ସହିତ ବିଲରେ ସାମ୍ନା ସାମ୍ନି ହେବାପରେ ସୋରେନ ଭାଲୁ ପାଖରୁ ରକ୍ଷା ପାଇବାପାଇଁ ଚିତ୍କାର କରିବା ସହ ଲଢିଥିଲା। ପରେ ଭାଲୁଟି ଛାଡି ସେଠାରୁ କୁଳଡିହା ଅଭୟାରଣ୍ୟ ଆଡକୁ ଚାଲିଯାଇଥିଲା। ଗୁରୁତର ଭାବେ ପଦ୍ମଲୋଚନକୁ ପରିବାର ଲୋକେ ଓ ସ୍ଥାନୀୟ ଲୋକେ ଘଟଣା ସ୍ଥଳରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ।

## ନୀଳଗିରି-ବଉଳଗଡ଼ିଆ ରାସ୍ତା ମରଣଯନ୍ତା



ନୀଳଗିରି, ୭।୯ (ସମିସ)

ନୀଳଗିରି-ପଞ୍ଚଲିଙ୍ଗେଶ୍ୱର-ବଉଳଗଡିଆ ପୂର୍ତ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ସଂଯୋଗ କରୁଥିବାରୁ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ ପୀଠକୁ। ସେମାନେ ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର, କୁଳଡିହା ବୁଲିବାକୁ ଆସିବାବେଳେ ପଞ୍ଚଲିଙ୍ଗେଶ୍ୱର ପୀଠକୁ ଆସିବାକୁ ଭୁଲନ୍ତି ନାହିଁ। ମାତ୍ର ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ ପାଇଁ ସରକାର ଉଦାସୀନ ରହିବା ପରିତାପର ବିଷୟ। ନୀଳଗିରି ବଉଳଗଡିଆ ରାସ୍ତା ଅବସ୍ଥା ଏବେ ବେହାଲ୍ ହୋଇ ପଡିଛି। ଦୈନିକ ଉକ୍ତ ରାସ୍ତା ଦେଇ ଭାରିଯାନ ଯିବାଆସିବା କରିବା ସହ ବାରିପଦାରୁ ଭୁବନେଶ୍ୱର ବହୁ ଲୋକ ଯାତାୟତ କରନ୍ତି। ରାସ୍ତା ମରଣଯନ୍ତା ପାଲଟିଥିବା ଫଳରେ ଉକ୍ତ ରାସ୍ତା ଉପରେ ନିର୍ଭର କରି ଯାତାୟାତ କରୁଥିବା ସାଧାରଣ ଲୋକ, ଛୋଟବଡ଼ ଯାନବାହାନ, ପର୍ଯ୍ୟଟକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ଦୁର୍ଘଟଣାରେ ବହୁ ଲୋକ ଶିକାର ହେଉଛନ୍ତି। ମାତ୍ର ରାସ୍ତାର ଦୂରାବସ୍ଥା ପାଇଁ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି।

୨୦୨୩ ମାର୍ଚ୍ଚ ୧୬ରେ ୨୮ କୋଟି ୪୧ ଲକ୍ଷ ୫୦ ହଜାର ଟଙ୍କା ଉକ୍ତ ରାସ୍ତାପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁରପ୍ରାପ୍ତ ହୋଇ କାର୍ଯ୍ୟାଦେଶ ମିଳିଥିଲା। ଯାହା ୨୦୨୪ ମସିହା ଏପ୍ରିଲ ୧୫ ସୁଦ୍ଧା ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଅବଧି ଥାଇ ଜୈନିକ ଠିକା ସଂସ୍ଥାକୁ କାର୍ଯ୍ୟଭାର ଅର୍ପଣ କରାଯାଇଥିଲା। ମାତ୍ର କୁଳଡିହା ଅଭୟାରଣ୍ୟ ଇକୋ ସେନସିଟିଭ ଜୋନ କଟକଣା ପାଇଁ ବନ ବିଭାଗର ହସ୍ତକ୍ଷେପ ଏବଂ ବିରୋଧ କାରଣରୁ ଉକ୍ତ ସଂସ୍ଥା କାମଛାଡି ଚାଲିଯିବା ସହିତ ନିଜର କ୍ଷତିପୂରଣ ପାଇଁ ଅଦାଲତରେ ଆଶ୍ରିତ ହୋଇଛନ୍ତି। ପୂର୍ବରୁ ଉକ୍ତ ରାସ୍ତା ମରାମତି ଦାବିରେ ନୀଳଗିରି ସିପିଆଇ, ସିପିଆଇ(ଏମ) ପକ୍ଷରୁ ରାସ୍ତାରୋକ କରିଥିଲେ ମଧ୍ୟ ରାସ୍ତା ମରାମତି କରିବାର ପ୍ରତିଶ୍ରୁତି ଦେବା ଓ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଗତ ଜୁନ ୨ ତାରିଖ ନିର୍ମାଣ ବିଭାଗ ମୁଖ୍ୟଯନ୍ତ୍ରୀ ଓଡିଶାଙ୍କୁ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟା ର ସମାଧାନ କରିବା ପାଇଁ ଚିଠି ଲେଖିଥିଲେ ବି ଏହାର କିଛି ସୁଫଳ ମିଳି ପାରିନାହିଁ। ଏ ସମ୍ପର୍କରେ ନୀଳଗିରି ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ଜେନାଙ୍କୁ ପଚାରିବାରୁ କହିଥିଲେ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ସନ୍ତୋଷ ପଣ୍ଡା ଅବସର ନେଇ ଯାଇଥିବାରୁ ଆମ ପାଖରେ କନିଷ୍ଠଯନ୍ତ୍ରୀ ଅଭାବ ଅଛନ୍ତି। ଏ ସମ୍ପର୍କରେ ନୀଳଗିରି ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ଜେନାଙ୍କୁ ପଚାରିବାରୁ କହିଥିଲେ ଉକ୍ତ ଠିକାସଂସ୍ଥା ଅଦାଲତରେ ଆଶ୍ରୟ ନେଇଥିବାରୁ ନୂତନ ଭାବେ ଟେଣ୍ଡର ପ୍ରକ୍ରିୟା ହୋଇପାରୁ ନାହିଁ। ଅଦାଲତର ରହିତାଦେଶ ଉଠିବା ପୂର୍ବରୁ ଏବେ ବିଭାଗ ପକ୍ଷରୁ ବଡବଡ ଖାଲ ଗୁଡିକୁ ବର୍ଷା କମିଗଲେ ମରାମତି କରିବୁ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ଶିକ୍ଷକ ଗଣେଶ ଚନ୍ଦ୍ର ଜେନା

ରାଜଘାଟ, ୭।୯ (ସମିସ): ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗ ଦାନ ତଥା ଶିକ୍ଷା କ୍ଷେତ୍ରରେ ଅଭିନବ କାର୍ଯ୍ୟ ପାଇଁ ବସ୍ତା ବ୍ଲକ ଭେଲୋରା ସିଆରସିସି ଭାବେ କାର୍ଯ୍ୟରତ ଆଦର୍ଶ ବର୍ଣ୍ଣବୋଧ ଶିକ୍ଷକ ଭାବେ ପରିଚିତ ଗଣେଶ ଚନ୍ଦ୍ର ଜେନା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ସେ ୨୦୦୭ରେ ଶିକ୍ଷକ ଭାବେ ବସ୍ତା ଗୋଷ୍ଠୀ ଶିକ୍ଷା ବିଭାଗରେ ନିଯୁକ୍ତି ପାଇଥିଲେ। ନୂତନ ଢଙ୍ଗରେ ଶିକ୍ଷା, ସେବା, ପରିବେଶ, ସ୍ୱାସ୍ଥ୍ୟ ଏମିତି ଅନନ୍ୟ କାର୍ଯ୍ୟକ୍ରମ ତାଙ୍କୁ ନୂଆ ପରିଚୟ ଦେଇ ଥିଲା। ଏହି ପୁରସ୍କାର ପାଇବା ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଶିକ୍ଷକ ସମନ୍ୱୟ ସମିତି, ଶିକ୍ଷକ ସଂଘ, ମିଡ଼ିଆ ଫୋରମ, ବିଦ୍ୟାଳୟ ପରିଚାଳନା କମିଟି, ସହକର୍ମୀ ଶିକ୍ଷକ, ଶିକ୍ଷୟତ୍ରୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କଲେ ଗ୍ରାମବାସୀ



ଖଇରା,୭ ।୯ (ସମିସ): ଗତ ୫ତାରିଖରେ ରାଷ୍ଟ୍ରପତିଙ୍କ ନିକଟରୁ ସମ୍ବର୍ଦ୍ଧିତ ହୋଇଥିବା ଗରସଙ୍ଗ ଗ୍ରାମର ଜାତୀୟ ଶିକ୍ଷକ ପୁରସ୍କାରପ୍ରାପ୍ତ ଶିକ୍ଷକ ଇଂ ସୁରେଶ କୁମାର ମହାନ୍ତିଙ୍କୁ ରବିବାର ଦିନ ଶୁଭେଚ୍ଛୁ, ଶିକ୍ଷାବିତ ତଥା ଗ୍ରାମବାସୀ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଗରସଙ୍ଗ ସରପଞ୍ଚ ରାଜେନ୍ଦ୍ର କୁମାର ଦାସଙ୍କ ଆବାହକତ୍ୱରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ଖିଲାର ସଭାପତିତ୍ୱ କରିଥିଲେ। ରାମଚନ୍ଦ୍ର ଉଚ୍ଚ ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିବ ପ୍ରସାଦ ବଳ, ଅନନ୍ତ ପ୍ରସାଦ ଉପାଧ୍ୟାୟ, କୃଷ୍ଣଚନ୍ଦ୍ର ଜେନା, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ବଡଜୟିପୁର ସରପଞ୍ଚ ପ୍ରତିନିଧି ଭରତ ଚନ୍ଦ୍ର ମହାନ୍ତି, ନାରାୟଣ ପ୍ରସାଦ ଜେନା, ରାମଚନ୍ଦ୍ର ପହୀ, ପ୍ରଦୀପ କୁମାର ବାରିକ, ମଧୁସୂଦନ ସେଠୀଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। ସ୍କିଲ ଇଣ୍ଡିଆ ଓ ଉଦ୍ୟମିକା ବିକାଶ ମନ୍ତ୍ରଣାଳୟ ପକ୍ଷରୁ ବୃତ୍ତିଗତ ତାଲିମରେ ଉତ୍କର୍ଷତା ପାଇଁ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ଆୟୋଜିତ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିକ୍ଷକ ଇଂ ସୁରେଶ ମହାନ୍ତିଙ୍କୁ ମାନପତ୍ର, ମେଡାଲ ଓ ୫୦ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ।

## ଆଞ୍ଚଳିକ ବ୍ରାହ୍ମଣ ସମିତି ପକ୍ଷରୁ ଭାଗବତ ଜନ୍ମ ପାଳନ

ଖଇରା, ୭ ।୯ (ସମିସ): ଇନ୍ଦ୍ରପୂର୍ଣ୍ଣିମା ଅବସରରେ ଆଞ୍ଚଳିକ ବ୍ରାହ୍ମଣ ସମିତି ପକ୍ଷରୁ ଖଇରା ଆଖଣ୍ଡଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୧୦ମ ବାର୍ଷିକ ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇ ଯାଇଛି। ସ୍ଥାୟୀ ସଭାପତି ଜଳଧର ମିଶ୍ର ଏଥିରେ ପୌରୋହିତ୍ୟ କରିଥିଲେ। ଭାଗବତ ପାଠ ଦ୍ୱାରା ଦିବ୍ୟ ଚେତନା ଉପଲବ୍ଧି କରାଯିବା ସହ ଈଶ୍ୱରଙ୍କ ସାନିଧ ଲାଭ କରାଯାଇ ପାରିବ ବୋଲି



ବକ୍ତାମାନେ ପ୍ରକାଶ କରିଥିଲେ। କୃଷ୍ଣଚନ୍ଦ୍ର ପତ୍ରୀ ପ୍ରାକ୍ ସୂଚନା ଓ ରମାକାନ୍ତ ଶତପଥୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଶିଷ୍ଟ ପ୍ରବଚକ ଭାବେ ନେମାଳ ମଠର ସନ୍ୟାସୀ ନାରାୟଣ ବାବା ଭାଗବତ ଉପରେ ତତ୍ୱପୂର୍ଣ୍ଣ ଆଲୋଚନା ରଖିଥିଲେ।

## ସର୍ବସାଧାରଣ ସମ୍ପତ୍ତି ନିଲାମ କାର୍ଯ୍ୟକ୍ରମ

ଚନ୍ଦନେଶ୍ୱର, ୭।୯(ସମିସ) : ଭୋଗରାଇ ବ୍ଲକ କାନ୍ଥଭଉଁରୀ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତକୁ ହସ୍ତାନ୍ତର ହୋଇଥିବା ସର୍ବସାଧାରଣ ସମ୍ପତ୍ତି ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପତ୍ର ସଂଖ୍ୟା ୪୩୯୦ ମୂଳେ କାନ୍ଥଭଉଁରୀ ପଞ୍ଚାୟତ ୪ଟି ସର୍ବସାଧାରଣ ପୋଖରୀ ରହିଥିବାବେଳେ ବିଚିତ୍ରପୁର ନୀଳ ପୋଖରୀ, କାନ୍ଥଭଉଁରୀର ହରିଦାସ ତୁଆ, ରତନ ଦାସ ପୋଖରୀ, ଭଦ୍ରି ତୁଆ ମଧ୍ୟରୁ ନୀଳପୋଖରୀ ଓ ଭଦ୍ରି ତୁଆ ନିଲାମ କାର୍ଯ୍ୟ ଶେଷ ହୋଇଛି। ନୀଳପୋଖରୀ ବର୍ଷକୁ ୫୨ ହଜାର ହିସାବରେ ୩ ବର୍ଷକୁ ସର୍ବାଧିକ ୧ଲକ୍ଷ ୫୬ ହଜାର ଟଙ୍କାରେ ବିଚିତ୍ରପୁର କାଳୀ ମାତା ସ୍ୱୟଂ ସହାୟିକା ଗୋଷ୍ଠୀ ନିଲାମ ନେଇଛନ୍ତି। ଭଦ୍ରିତୁଆ ବର୍ଷକୁ ୭ ହଜାର ୭ ଶହ ପଚାଶ ଟଙ୍କାର ହିସାବରେ ୩ ବର୍ଷରେ ୨୩ ହଜାର ଦୁଇ ଶହ ପଚାଶ ଟଙ୍କାରେ ଦିଆଯାଇଛି। ବାକି ରହିଥିବା ଦୁଇଟି ପୋଖରୀ ନିଲାମ ନେବା ପାଇଁ କେହି ଉପସ୍ଥିତ ନ ଥିବାରୁ ନିଲାମ ପରେ ହେବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦ ମହାନ୍ତି ପ୍ରକାଶ କରିଛନ୍ତି। ନିଲାମ କାର୍ଯ୍ୟକ୍ରମରେ ପଞ୍ଚାୟତର ସରପଞ୍ଚ କିରଣବାଳା ଜେନା, ସମିତି ସଭ୍ୟ ପ୍ରଦୀପ କୁମାର ଦାସ, ଶ୍ରଦ୍ଧାପୁର ସେବା ସମବାୟ ସମିତିର ସଭାପତି ଗୁଣାକର ମାଝୀ, ଶ୍ରୀହରି ଜେନା, ସତ୍ୟ ସାମଲ, ରାଜକୁମାର ପାତ୍ର, ବନମାଳୀ ବେହେରା ଓ ରବୀନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସୁବର୍ଣ୍ଣରେଖା ରାଇବଣିଆ ରୋଟାରୀ କ୍ଲବକୁ ଅନ୍ତର୍ଜାତୀୟ ସମ୍ମାନ

ଜଳେଶ୍ୱର ବ୍ଲକ, ୭।୯ (ସମିସ): ଜଳେଶ୍ୱରର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସୁବର୍ଣ୍ଣରେଖା ରାଇବଣିଆ ରୋଟାରୀ କ୍ଲବକୁ ୨୦୨୪-



୨୫ ରୋଟାରୀ ବର୍ଷ ପାଇଁ ଅନ୍ତର୍ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। କ୍ଲବର ୭ମ ଅଧିଷ୍ଠାନ ଦିବସ ପାଳନ ଅବସରରେ ନୂଆବଜାରସ୍ଥିତ ଭଞ୍ଜ ଭବନ ପରିସରରେ ଆୟୋଜିତ ଉତ୍ସବରେ ବିଦାୟୀ ସଭାପତି ସୁଧୀର କୁମାର କର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଦାୟୀ ସମ୍ପାଦକ ସୁକୁମାର ରଣା କ୍ଲବର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ରୋଟାରୀ ଜିଲ୍ଲା ୩୨୬୨ର ନିର୍ବାଚିତ ଗଭର୍ଣ୍ଣର (୨୦୨୭-୨୮) ଇନ୍ଦ୍ରଜିତ ସାହୁ ରୋଟାରୀ ଇଣ୍ଟରନ୍ୟାସନାଲ ସଭାପତି (୨୦୨୪-୨୫) ଷ୍ଟିଫେନ ଏ ୟୁରୀକଙ୍କ ଦ୍ୱାରା ପ୍ରଦତ୍ତ ରୋଟାରୀ କ୍ଲବ ଅଫ ସୁବର୍ଣ୍ଣରେଖା ରାଇବଣିଆକୁ କ୍ଲବ୍ ଏକଲେନ୍ସ ଆୱାର୍ଡ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ଆସିଷ୍ଟାଣ୍ଟ ଗଭର୍ଣ୍ଣର ରୋଟାରିଆନ ଶିରିଶ ଚନ୍ଦ୍ର ବାରିକ ଓ ରୋଟାରୀ କ୍ଲବ ଭଦ୍ରକର ପୂର୍ବତନ ସଭାପତି ମାଙ୍ଗିଲାଲ ବଲଦେବା ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୨୦୨୫-୨୬ ରୋଟାରୀ ବର୍ଷ ନିମନ୍ତେ କ୍ଲବର ସଭାପତି ରୂପେ ପ୍ରାଣକୃଷ୍ଣ ଗିରି ଓ ସମ୍ପାଦକ ରୁପେ ସଂଗ୍ରାମ କେଶରୀ ପରିଡ଼ା ନିଜ ନିଜର ଦାୟିତ୍ୱ ଗ୍ରହଣ କରିଥିଲେ।

## 'ସଖୀ' ୱାନ୍ ଷ୍ଟପ୍ ସେଣ୍ଟରରୁ ଫେରାର ଘଟଣା

# ଯୁବତୀ ଉଦ୍ଧାର; ନାବାଳିକା ଅନ୍ତେବାସୀଙ୍କ ମିଳିନି ପତ୍ତା

ବାଲେଶ୍ୱର, ୭।୯ (ସମିସ)



'ସକାଳ' ପ୍ରଭାବ

ବାଲେଶ୍ୱର ଜିଲ୍ଲାର "ସଖୀ' ୱାନ ଷ୍ଟପ ସେଣ୍ଟରରୁ ୨ ଅନ୍ତେବାସୀ ଫେରାର ହେବା ଘଟଣାରେ ଖବର ପ୍ରସାରଣ ପରେ ଆକ୍ସନ ମୋଡକୁ ଆସିଛି ବାଲେଶ୍ୱର ଟାଉନ ଥାନା ପୁଲିସ। "ସଖୀ' ୱାନ ଷ୍ଟପ ସେଣ୍ଟରରୁ ଫେରାର ହୋଇଥିବା ଭଦ୍ରକ ଧାମନଗର ଅଞ୍ଚଳର ଯୁବତୀ ନିରୁପମା ଦଲେଇ (୧୯) ଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିବା ଜଣାପଡିଛି। ହେଲେ ଦୀର୍ଘ ୯ ଦିନ ପରେ ବି ଏଯାଏ ତାଙ୍କ ସହ ଫେରାର ହୋଇଥିବା ନାବାଳିକାଙ୍କ ପତ୍ତା ମିଳିନି।

ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ "ସଖୀ' ୱାନ ଷ୍ଟପ ସେଣ୍ଟର ରହିଛି। ଯାହା ବ୍ୟକ୍ତିଗତ ଓ ସାର୍ବଜନୀନ ସ୍ଥାନରେ ମହିଳା, ଯୁବତୀ ଏବଂ ନାବାଳିକା ଉପରେ ହୋଇଥିବା ହିଂସାରୁ ସୁରକ୍ଷା ସହ ନାରୀ ମାନଙ୍କୁ ସାହାଯ୍ୟ ଓ ସମର୍ଥନ ପ୍ରଦାନ, ଚିକିତ୍ସା, ଆଇନ, ମନୋବିଜ୍ଞାନୀଙ୍କ ଓ କାଉନସିଲ ଆଦି ସହଯୋଗ ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଖୋଲା ଯାଇଛି। ସେଠାରେ ଭଦ୍ରକ ଧାମନଗର ଅଞ୍ଚଳର ୧୯ ବର୍ଷୀୟା ଯୁବତୀ ନିରୁପମା ଦଲେଇଙ୍କୁ ପୁଲିସ ଉଦ୍ଧାର କରି ଛାଡ଼ିଥିଲା । ସେହିପରି ଗତ ଜୁଲାଇ ମାସ ୨୨ରେ ଜଣେ ନାବାଳିକା ନିଖୋଜ ହେବା ନେଇ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲା। ଅଭିଯୋଗର ଦୀର୍ଘ ୧ ମାସ ଧରି ଖୋଜାଖୋଜି ପରେ ଜଳେଶ୍ୱର ପୁଲିସ ଅଗଷ୍ଟ ୨୨ ତାରିଖରେ ସ୍ଥାନୀୟ ଅଞ୍ଚଳରୁ ଉଦ୍ଧାର କରିବାରେ ସଫଳ ହୋଇଥିଲା। ପୁଲିସ କୋର୍ଟର ବିଚାରପତିଙ୍କ ନିକଟରେ ନାବାଳିକାଙ୍କ ବୟାନ ରେକର୍ଡ ପରେ ଶିଶୁ ମଙ୍ଗଳ କମିଟିରେ ହାଜର କରିଥିଲା, ପରେ ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶ କ୍ରମେ ସୁରକ୍ଷା ଦୃଷ୍ଟିକୋଣରୁ ନାବାଳିକାଙ୍କୁ ଫକୀର ମୋହନ ମେଡିକାଲ ପରିସରରେ ଥିବା ସଖୀ ୱାନ ଷ୍ଟପ ସେଣ୍ଟରରେ ଛାଡ଼ିଥିଲା ପୁଲିସ। ହେଲେ ସୁରକ୍ଷା ବ୍ୟବସ୍ଥାର ଢିଲା ପାଇଁ ଗତ ୨୯ ତାରିଖରେ ଗଣେଶ ଠାକୁର

### ସେଣ୍ଟର ସିସିଟିଭି କ୍ୟାମେରା ଯାଞ୍ଚ ଦାବି

ଭସାଣୀ ଚାଲିଥିବା ବେଳେ ସନ୍ଧ୍ୟା ସମୟରେ ଉଭୟ ଯୁବତୀ ଏବଂ ନାବାଳିକା ଅନ୍ତେବାସୀ ଫେରାର ହୋଇ ଯାଇଥିଲେ। ପରେ ଉଭୟ ଅନ୍ତେବାସୀ ତାଲା ଖୋଲି ପଳାଇ ଯାଇଥିବା ନେଇ "ସଖୀ ୱାନ ଷ୍ଟପ ସେଣ୍ଟର' କର୍ତ୍ତୃପକ୍ଷ ବାଲେଶ୍ୱର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଦୀର୍ଘ ୯ ଦିନ ଧରି ଚୁପ ବସିଥିବା ବେଳେ ଉଦ୍ଧାର କରିବାରେ ବିଫଳ ହୋଇଥିଲା। ଏନେଇ ଆଜି 'ସଖୀ ୱାନ ଷ୍ଟପ ସେଣ୍ଟର ସୁରକ୍ଷା ଢିଲା" ଶୀର୍ଷକ ତଥ୍ୟ ଭିତ୍ତିକ ଖବର "ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବାର କିଛି ଘଣ୍ଟା ମଧ୍ୟରେ ଟାଉନ ଥାନା ପୁଲିସ ଆକ୍ସନ ମୋଡକୁ ଆସିବା ସହ ଫେରାର ଭଦ୍ରକ ଧାମନଗର ଅଞ୍ଚଳର ନିରୂପମା ଦଲେଇ ବିବାହ କରିଥିବାରୁ ଶିଳ୍ପାଞ୍ଚଳ ଥାନା ଅଧୀନ ତାଙ୍କ ଶଶୁର ଘରୁ ଉଦ୍ଧାର କରିବା ସହ ବୟାନ ରେକର୍ଡ କରିଥିବା ଜଣାପଡିଛି। ହେଲେ ମାମଲାକୁ ୯ ଦିନ ବିତିଥିଲେ ସୁଦ୍ଧା ଏଯାଏ ଜଳେଶ୍ୱର ଅଞ୍ଚଳର ନିଖୋଜ ଅନ୍ତେବାସୀଙ୍କ ପତ୍ତା ପାଇନି ଟାଉନ ଥାନା ପୁଲିସ। ସେପଟେ ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ କର୍ମଚାରୀ ଶୌଚଳୟକୁ ଯାଇଥିବା ବେଳେ ଉଭୟ ଅନ୍ତେବାସୀ ସେଣ୍ଟରରୁ ତାଲା ଖୋଲି ଫେରାର ହୋଇଯାଇଥିବାର ସେଣ୍ଟର କର୍ତ୍ତୃପକ୍ଷ ଗୋପାଳକୃଷ୍ଣ କର କହୁଛନ୍ତି। ସେଣ୍ଟରରେ ଲାଗିଥିବା ସିସିଟିଭି କ୍ୟାମେରାକୁ ତଦନ୍ତ ପରିସରକୁ ନିଆଗଲେ ଅନ୍ତେବାସୀ ତାଲା ଖୋଲି ଯାଇଥିଲେ ନା ଗେଟ ଖୋଲି କର୍ତ୍ତୃପକ୍ଷ ଛାଡ଼ିଥିଲେ ଏବଂ କିଭଳି ସେଦିନ ସୁରକ୍ଷା ବ୍ୟବସ୍ଥା ଥିଲା ତାହା ଜଣାପଡ଼ନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟଣାରେ ରାସ୍ତାରୋକ



ଭୋଗରାଇ, ୭।୯ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ହାଟ ଠାରେ ବାଇକ ଦୁର୍ଘଟଣାରେ ଜନୈକ ଯୁବକଙ୍କ ମୃତ୍ୟୁକୁ କେନ୍ଦ୍ରକରି ସ୍ଥାନୀୟ ଜନସାଧାରଣ ଆଜି ମୃତ ବ୍ୟକ୍ତିଙ୍କ ଶବ ରଖିବା ସହ ଟାୟାରଜାଳି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଭୋଗରାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଦୁର୍ଘଟଣା ଘଟାଇ ଥିବା ବାଇକ ଚାଳକଙ୍କ ଦାବି ମୁତାବକ କ୍ଷତିପୂରଣ ଦେବାରୁ ସ୍ଥିତି ଶାନ୍ତ ପଡିଥିଲା। ସୂଚନା ଏହିକି ଯେ ଭୋଗରାଇ ବ୍ଲକ ରସଲପୁର ଗ୍ରାମର ଅଟୋ ଚାଳକ ଜଗନ୍ନାଥ ବେହେରା (୩୮) ଗତ ଶୁକ୍ରବାର ସନ୍ଧ୍ୟାରେ ଭୋଗରାଇ ହାଟରୁ ସ୍କୁଟିରେ ଘରକୁ ଫେରୁଥିବା ବେଳେ ଏକ ଲୁଗା ଦୋକାନ ନିକଟରେ ଏକ ବୁଲେଟ ଚାଳକ ତାଙ୍କ ସ୍କୁଟିକୁ ଜୋରରେ ଧକ୍କା ଦେବାରୁ ସେ ରାସ୍ତାରୁ ଛିଟିକି ପଡି ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ

### ପ୍ରତିଶ୍ରୁତି ପରେ ରାସ୍ତାରୋକରୁ ହଟିଲେ ଆନ୍ଦୋଳନକାରୀ

ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପରେ ତାଙ୍କୁ କଟକ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସଂଜ୍ଞାହୀନ ଥିବାବେଳେ ଶନିବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିବାର ଡାକ୍ତର ଘୋଷଣା କରିଥିଲେ। ରବିବାର ସେଠାରେ ବ୍ୟବଛେଦ ପରେ ଶବ ଗାଁରେ ପହଞ୍ଚିବା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଥାନାଛକ-ରସଲପୁର ରାସ୍ତା ଭୋଗରାଇ ହାଟ ଠାରେ ଶବ ରଖି ଟାୟାର ଜାଳି ୪ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ଉକ୍ତ ହାଟ ଠାରେ ଦ୍ରୁତ ଗାଡିଚାଳନାକୁ ବିରୋଧ କରି ବଜାର ବାସୀ ମଧ୍ୟ ଆନ୍ଦୋଳନରେ ସାମିଲ ହୋଇଥିଲେ। ମୃତକଙ୍କ ଉପରେ ତାଙ୍କ ପରିବାର ଆଠଜଣ ନିର୍ଭର ଶୀଳ ଥିଲା ବେଳେ ତାଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ।

● କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ

## କର୍କଟ ମାଡୁଛି ସତର୍କ ରୁହନ୍ତୁ: ଡା. ସରୋଜ ଦାସ ମଜୁମଦାର



ଭୋଗରାଇ, ୭।୯(ସମିସ): ଭୋଗରାଇ ବ୍ଲକ ପସରବିନ୍ଧା ପଞ୍ଚାୟତ ଆଉସା ଛକରେ ଏକ କର୍କଟ ରୋଗ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁମନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଏମସର କର୍କଟ ରୋଗର ବିଶେଷଜ୍ଞ ପ୍ରଫେସର ଡାକ୍ତର ସରୋଜ କୁମାର ଦାସ ମଜୁମଦାର ଯୋଗଦେଇ ଦେଶର କୋଣ ଅନୁକୋଣରେ ହେଉଥିବା କର୍କଟ ରୋଗର କାରଣ ଓ ନିରାକରଣ ବିଷୟରେ ଆଲୋକପାତ କରିଥିଲେ। ଶରୀରକୁ ନିୟମିତ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ରହିଛି। କେବଳ ସେତିକି ନୁହେଁ ଜୀବନ ଶୈଳୀର ପରିବର୍ତ୍ତନ କ୍ଷେତ୍ରରେ ମଧ୍ୟ ଲୋକମାନେ ସଜାଗ ରହିବା ଆବଶ୍ୟକ। ଏଥିପ୍ରତି ଦୃଷ୍ଟି ଦେଲେ ସମାଜର ପ୍ରତ୍ୟେକ ମଣିଷ ସୁସ୍ଥ ଜୀବନ ଜାପାନ କରିପାରିବେ। ଅନ୍ୟପକ୍ଷରେ ବର୍ତ୍ତମାନ ଦେଶର କୋଣ ଅନୁକୋଣରେ ବିଭିନ୍ନ କାରଣରୁ କ୍ୟାନ୍ସର ବା କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କର୍କଟ ରୋଗର ଲକ୍ଷଣ ଦେଖିଲା ମାତ୍ରେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। କାରଣ ପ୍ରାଥମିକ ଅବସ୍ଥାରେ ରୋଗ ଚିହ୍ନଟ ହେଲେ ଏବଂ ତାର ଉପଯୁକ୍ତ ଚିକିତ୍ସା ହେଲେ ଜଣେ ରୋଗୀ ସୁସ୍ଥ ହୋଇପାରିବ। ସମ୍ମାନିତ ଅତିଥି କଟକ ଡିଆଇସି ଜେନେରାଲ ମ୍ୟାନେଜର ବିପିନ କୁମାର ଦେହୁରୀ, ବିଶିଷ୍ଟ ପରିବେଶବିତ୍ ରାମନାରାୟଣ ଦାସ ମଜୁମଦାର, ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଳାଇ, ଟୁକୁରୀହାଜିରା ସରପଞ୍ଚ ଉପେନ୍ଦ୍ର ସାହୁ, ବିଶିଷ୍ଟ ସମାଜସେବୀ ସତିଶ ପରିଡ଼ା, ମଙ୍ଗଳା ମାତା ଫାଉଣ୍ଡେସନର ସଭାପତି ଭାଗବତ ରଣା, ବିକାଶ ରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ଲୋକଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ରବିନ୍ଦ୍ର କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ପ୍ରାୟ ପାଞ୍ଚ ଶହରୁ ଅଧିକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ଶେଷରେ ପସରବିନ୍ଧା ସମିତି ସଭ୍ୟ ପଙ୍କଜ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ମସ୍ତିଷ୍କଘାତରେ ଅକାଳ ବିୟୋଗ

ଜଳେଶ୍ୱର, ୭।୯(ସମିସ): ଜଳେଶ୍ୱର ବ୍ଲକ ଅଧିନ ନଛିମପୁର ପଞ୍ଚାୟତ ଆମ୍ବିଳିଅଠା ଗ୍ରାମର ମନୋରଞ୍ଜନ ଦେ(୬୨)ଙ୍କ ମସ୍ତିଷ୍କଘାତ ରୋଗରେ ଅକାଳ ବିୟୋଗ ଘଟିଛି। ଶନିବାର ରାତ୍ରିରେ ବନ୍ଧୁଙ୍କ ଘରେ ଭୋଜି ଖାଇ ଶୋଇଥିବା ବେଳେ ଭୋର, ବିଛଣାରେ ଷ୍ଟ୍ରୋକର ଶୀକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ନିକଟସ୍ଥ ଜିକେ ଭଟ୍ଟର ହସ୍ପିଟାଲକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବାଲେଶ୍ୱର ଡାକ୍ତର ଖାନାକୁ ସ୍ଥାନାନ୍ତରିତ କରାଯାଇଥିଲେ ମଧ୍ୟ ସେଠାରେ ସକାଳ ୯ଟା ସମୟରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ ମଞ୍ଜୁଲତା, ଝିଅ ରଶ୍ମୀରେଖା ଗିରି, ଜ୍ୱାଇଁ ଲକ୍ଷ୍ମୀକାନ୍ତ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଏକମାତ୍ର ପୁତ୍ର ରୁପରଞ୍ଜନ ଦେ ମୁଖାଗ୍ନି ଦେଇଥିଲେ।

## ବାଇକ ସହ ଦେଶୀମଦ ଜବତ, ଜଣେ ଗିରଫ

ସୋର, ୭।୯ (ସମିସ): ସୋର ଅବକାରୀ ବିଭାଗ ତରଫରୁ ଫଟାଅର୍ଜୁନ ଛକ ନିକଟରେ ଚଢ଼ାଉ କରି ବାଇକ ସହ ଦେଶୀମଦ ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏକ ଟିମ ଫଟାଅର୍ଜୁନ ଛକ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବାଲେଶ୍ୱରରୁ ସୋର ଅଭିମୁଖେ ଆସୁଥିବା ବାଇକକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଉକ୍ତ ବାଇକରେ ୧୮୦ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିପାରି ମଦ, ବାଇକକୁ ଜବତ କରିବା ସହିତ କେଶରୀପୁର ଗ୍ରାମର ରାଜେନ୍ଦ୍ର ମଲ୍ଲିକକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏଏସଆଇ ବସନ୍ତ ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।

## ବରିଷ୍ଠ କଂଗ୍ରେସ ନେତାଙ୍କ ଦେହାନ୍ତ

ନୀଳଗିରି, ୭।୯ (ସମିସ): ନୀଳଗିରି ବଣସୀମା ବରହମପୁର ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର ବେହେରାଙ୍କ (୭୧) ବୟସରେ ଦେହାନ୍ତ ହୋଇଯାଇଛି। ଦୀର୍ଘ ଦିନ ଧରି ମଧୁମେହ ରୋଗରେ ଆକ୍ରାନ୍ତ ହୋଇଥିଲେ। ରବିବାର ଦିନ ତାଙ୍କ ବାସଭବନ ଧରମପୁର ରେ ଦେହାନ୍ତ ହୋଇଥିବା ବେଳେ ଖବରପାଇ ବହୁ ବରିଷ୍ଠ କଂଗ୍ରେସ ନେତା ଶେଷ ଦର୍ଶନ କରିଛନ୍ତି। ସେ ୧୯୯୭ ରେ କଂଗ୍ରେସ ଦଳର ସରପଞ୍ଚ ହୋଇଥିଲେ। ନୀଳଗିରି କଂଗ୍ରେସ ଦଳ ପକ୍ଷରୁ ମରଶରୀର ଉପରେ କଂଗ୍ରେସର ଦଳୀୟ ପତାକା ପକାଯାଇଥିଲା। ଏହି ଅବସରରେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, କଂଗ୍ରେସର ଯୁବନେତା ଆଶିଷ ପଟ୍ଟନାୟକ, ତପନ ରାଉତ, ଅକ୍ଷୟ ବେହେରା, ଯଶୋଦା ନନ୍ଦନ ସିଂହ, ମିଲା ବେହେରା, ସୁରେନ୍ଦ୍ର ଦାସ, ସୁରେଶ ଶଙ୍ଖୁଆ, ରାମ ଜେନା, ଶତ୍ରୁଘ୍ନ ପୃଷ୍ଟି, କୁଳମଣି ନାୟକ, ଯୋଶଦାରାଣି ନାୟକ, ସମେତ ଦୁର୍ଗା ପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଅମର ଆତ୍ମାର ସଦଗତି କାମନା କରିଥିଲେ। ବଡ଼ ପୁତ୍ର ଅନୀଲ ବେହେରା ମୁଖାଗ୍ନି ଦେଇଥିଲେ।

## ବାଲିଆପାଳ ବ୍ଲକର ସାମୂହିକ ଖେଳ ଶିକ୍ଷକଙ୍କ ବୈଠକ

ବାଲିଆପାଳ, ୭।୯(ସମିସ): ବାଲିଆପାଳ ବ୍ଲକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ସାମୁହିକ କ୍ରୀଡା ଶିକ୍ଷକ ମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଆବାହକ ମନୋଜ କୁମାର ଜେନାଙ୍କ ସଭାପତିତ୍ୱରେ ଉକ୍ତ ବୈଠକରେ ବାଲିଆପାଳ ବ୍ଲକର ସଭାପତି ଶିବଶଙ୍କର ମଜୁମୁଦାର, ସଂପାଦକ ଦେବେନ୍ଦ୍ର ନାଥ ଗିରି ଏବଂ ଆଶିଷ ଗୋପାଲ ଦାସ ଉପସ୍ଥିତ ଥିଲେ। ଦୀର୍ଘ ୧୩ ବର୍ଷ ଧରି ସ୍ୱଳ୍ପ ପାରିଶ୍ରମିକରେ ବିଦ୍ୟାଳରେ ଖେଳ ସମସ୍ତ କାର୍ଯ୍ୟ ସଂପାଦନ କରିଆସୁଛନ୍ତି। ମାତ୍ର ସରକାର ସେମାନଙ୍କୁ ଅଦ୍ୟାବଧି ନିୟମିତ କରୁନାହିଁ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜୟ ଦାସ, ହେମନ୍ତ କୁମାର ପରିଡା, ଉତ୍ତମ କୁମାର ବିଶ୍ୱାଳ, ରାଜେଶ ଗିରି, ସୁଶାନ୍ତ ଦାସ, ପଦ୍ମଲୋଚନ ବାରିକ, ନିଶାନ୍ତ ବେହେରା, ଅରବିନ୍ଦ ପଢିଆରୀ, ରଞ୍ଜନ ସାହୁ, ସନ୍ଦୀପା ବିଶ୍ୱାଳ, ସୁମତୀ ସି, ଆରତୀ ସାହୁ, ଶାନ୍ତିଲତା ଦାସ, ମମିତାରାଣୀ ଜେନା ଉପସ୍ଥିତ ଥିଲେ।

## ଭାଗବତ ଆଶ୍ରମରେ ଗୁରୁ ଦିବସ

ଲଙ୍ଗଳେଶ୍ୱର, ୭।୯(ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା କୁଣ୍ଡୁଳି ପଞ୍ଚାୟତ ନିମପଦା ଠାରେ ଭାଗବତ ଆଶ୍ରମରେ ଗୁରୁ ଦିବସ ପାଳିତ ହୋଇଯାଇଛି । ସର୍ବ ପ୍ରଥମେ ଭଗବାନ ଶ୍ରୀକୃଷ୍ଣ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା ପରେ ମୁଖ୍ୟ ପୁରୋଧା ଗୁରୁ ଶ୍ରୀ ରାମହରି ଜେନାଙ୍କୁ ସମସ୍ତ ହରି ଭକ୍ତ ଶଙ୍ଖ ହୁଳହୁଳି କରି ଗୁରୁଙ୍କୁ ପୂଜା କରିଥିଲେ। ଏଥିରେ ଉକ୍ତ ଅନୁଷ୍ଠାନର ମୃତ୍ୟୁଞ୍ଜୟ ସାହୁ, ସୁଦାମ ଚରଣ ଭୂୟାଁ, ଲମ୍ବୋଦର ଧଳ, ଶଙ୍କର୍ଷଣ ମଲ୍ଲିକ, ବେଣୁଧର ପାଢୀ, ପଦ୍ମ ଲୋଚନ ବେହେରା, ମଲ୍ଲିକା ପାତ୍ର, କନକ ସେନାପତି, ଶାନ୍ତିଲତା ସାହୁ, ବୀଣାପାଣି ନାୟକ, ରୁଦ୍ରାଣୀ ସେଠୀ, ବାସନ୍ତି ସାହୁ, ଗାୟତ୍ରୀ ସାହୁ, ରେବତୀ ବେହେରା, ପଦ୍ମାବତୀ ସାହୁ, କାଞ୍ଚନ ବେହେରା, ସୁମତି ସାହୁ ପ୍ରମୁଖ ଉପସ୍ଥିତ ହୋଇ ଗୁରୁଙ୍କୁ ପୂଜାର୍ଚ୍ଚନା କରିଥିଲେ ।

● ବିଜୁସ୍ମୃତି ଭବନ ନିର୍ମାଣ

## ନିମ୍ନମାନର ଇଟା ବ୍ୟବହାର ନ କରିବାକୁ ନିର୍ଦ୍ଦେଶ



ଜଳେଶ୍ୱର, ୭।୯ (ସମିସ): ଜଳେଶ୍ୱର ମ୍ୟୁନିସିପାଲିଟିର ୧୨ନଂ ୱାର୍ଡ ଧାରାଷ୍ଟକ ମୌଜାରେ ୧କୋଟି ୬୪ଲକ୍ଷ ଟଙ୍କା ବ୍ୟୟରେ ବିଜୁ ସ୍ମୃତି ଭବନ ନିର୍ମାଣ ଚାଲିଛି। ଜଳେଶ୍ୱରର ଗର୍ବ ଓ ଗୌରମମୟ ଏହି ସ୍ମୃତିଭବନରେ ନିମ୍ନ ମାନର, ଓଦାଳିଆ ଓ ଭଙ୍ଗା ଇଟା ଗୁଡିକୁ ବ୍ୟବହାର ନେଇ କେତେକ ଅଭିଯୋଗ ପରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, ଅଧିକ୍ଷଣ ଯନ୍ତ୍ରୀ ସୁଶିଲ କୁମାର ମୁର୍ମୁ ଓ ଅମିନ ଚନ୍ଦନ କୁମାର ଦତ୍ତ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସରଜମିନ ତଦନ୍ତ ପରେ ଉକ୍ତ ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାରଙ୍କୁ ଚିଠି ନଂ ୨୬୨୦ ଅନୁଯାୟୀ ଏପରି ନିମ୍ନମାନର ଇଟା ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ତିନିବର୍ଷ ମଧ୍ୟରେ ଶତକଡ଼ା ୯୦% ବ୍ୟବହୃତ ସାଇ ବ୍ରିକ୍ସ ନାମକ ଇଟା ବହୁଳ ଭାବରେ ବ୍ୟବହାର କରାଯାଉଥିବାର ରାଜନୈତିକ ଉଷ୍ମତା ବୃଦ୍ଧି ଦେଖାଦେଇଛି। ଉକ୍ତ ଇଟା ନିମ୍ନ ମାନର ବୋଲି ଏବେ ଜଣାପଡୁଛି ତେବେ ପୂର୍ବରୁ ଦୀର୍ଘଦିନ ଧରି ପୌରାଂଚଳରେ ନିର୍ମାଣ ହୋଇ ଆସିଥିବା ବିଭିନ୍ନ ପ୍ରକଳ୍ପ ଗୁଡିକର ସ୍ଥିତି ଓ ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନ ଉଠୁଛି। ତେଣୁ ଏହିସବୁ ନିର୍ମାଣ କାର୍ଯ୍ୟର ସ୍ଥାୟିତ୍ୱ ଓ ସ୍ଥିତି ଉପରେ ଉଚ୍ଚସ୍ତରୀୟ ତଦନ୍ତ ହେବାର ଆବଶ୍ୟକତା ରହିଛି।

# ମୋରମ ଓ ମାଟି ମାଫିଆଙ୍କ ପାଇଁ ବଢୁଛି ଲୋକଙ୍କ ଦୁର୍ଦ୍ଦଶା

ରୂପସା, ୭।୯ (ସମିସ)



ରୂପସା ଓ ଏହାର ଆଖପାଖ ଅଞ୍ଚଳରେ ଏବେ ମାଟି ଓ ମୋରମ ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢୁଥିବାରୁ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଅଞ୍ଚଳର ଲୋକେ ବସ୍ତା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରୂପର ପାଟପୁର ବଜାର ଠାରୁ ଲଛମନଖୁଣ୍ଟା ପର୍ଯ୍ୟନ୍ତ ନିର୍ମାଣ କରାଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାରେ କିଛି ଅସାମାଜିକ ବ୍ୟକ୍ତି ତଥା ମୋରମ ଓ ମାଟି ମାଫିଆ ମାନେ ସରକାରୀ ସଂରକ୍ଷିତ ଜଙ୍ଗଲ ଜମିରୁ ମାଟି ଓ ମୋରମ ଖନନ କରି ୪୦୦ ଫୁଟରୁ ୧୦୦୦ ଫୁଟ ବିଶିଷ୍ଟ ବଡ଼ ବଡ଼ ଡମ୍ପର ଓ ହାଇୱା ଗାଡି ଦ୍ୱାରା ମାଟି ଓ ମୋରମ ଚାଲାଣ କରୁଛନ୍ତି। ଫଳରେ ରାସ୍ତା ଗୁଡ଼ିକ ସଂପୂର୍ଣ୍ଣ ନଷ୍ଟ ହୋଇଯିବା ସହିତ ରାସ୍ତା ପାଶ୍ୱର୍ରେ ଜଳନିଷ୍କାସନ ପାଇଁ ଥିବା ଡ୍ରେନ ଗୁଡିକ ମଧ୍ୟ ଭାଙ୍ଗିରୁଜି ଦେଇଛନ୍ତି। ଯାହା ଫଳରେ ବର୍ଷାଦିନରେ ଏହି ଡ୍ରେନ ଦ୍ୱାରା ଜଳ ନିଷ୍କାସନ ହେଉଥିବା ବେଳେ ଏବେ ଏଥିରେ ଜଳ ନିଷ୍କାସନ ହୋଇ ନ ପାରି ପାଶ୍ୱର୍ସ୍ଥ ଗୃହଗୁଡିକୁ ଏହି ବର୍ଷାଜଳ ପଶି ଜନଜୀବନ ଅସ୍ତବ୍ୟସ୍ତ କରିଦେଉଛି। ରାସ୍ତାରେ ଅସଂଖ୍ୟ ଖାଲ ହୋଇଯିବା ଯୋଗୁଁ ସାଧାରଣ ଲୋକଙ୍କ ସହିତ ପିଲାଙ୍କର ସ୍କୁଲ ଓ କଲେଜ ଯିବାରେ ନାନା ଅସୁବିଧା ସୃଷ୍ଟି ହେଉଛି। ଜରୁରୀ କାଳୀନ ସମୟରେ ଆମ୍ବୁଲାନ୍ସ ଓ ଦମକଳ ଗାଡି ମଧ୍ୟ ଏଥିରେ ଯିବାଆସିବା ଅସମ୍ଭବ ହୋଇପଡୁଛି। ଏପରିକି ପ୍ରତ୍ୟେକଦିନ ଛୋଟବଡ଼ ଦୁର୍ଘଟଣାମାନ ଘଟି ଲୋକମାନେ ଆହତ ହେଉଛନ୍ତି। ଘଟଣା ସମ୍ପର୍କରେ ଲୋକେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ଜଙ୍ଗଲବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏଯାବତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏଣୁ ଆଜି ସ୍ଥାନୀୟ ଲୋକମାନେ ବସ୍ତା ତହସିଲଦାର ସୁଶାନ୍ତ ପଟ୍ଟନାୟକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହିତ ପ୍ରଶାସନ ଏହି ବିଷୟକୁ ଗୁରୁତ୍ୱର ସହ ବିଚାର କରି ଏକ ଉଚ୍ଚ କ୍ଷମତା ସଂପନ୍ନ କମିଶନ ଦ୍ୱାରା ଘଟଣାର ତଦନ୍ତ କରାଇ ମୋରମ ଓ ମାଟି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ ନକଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଲୋକେ କଡା ଚେତାବନୀ ଦେଇଛନ୍ତି। ଏହି ଅଭିଯୋଗର ନକଲ ବିଭାଗୀୟ ମନ୍ତ୍ରୀ, ଜିଲ୍ଲାପାଳ, ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ଜଙ୍ଗଲ ବିଭାଗ ଅଧିକାରୀ, ରାଜ୍ୟ ମାନବ ଅଧିକାର କମିଶନରଙ୍କ ନିକଟକୁ ମଧ୍ୟ ପଠା ଯାଇଛି।

### ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଦାବିପତ୍ର



# ଶେଷହେଲା ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣି







**କଟକ, ୭।୯(ସମିସ)**

ସହରର ବିଭିନ୍ନ ପୂଜା ମଣ୍ଡପରୁ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ମେଲାଣି ନେଉଛନ୍ତି ଗଜାନନ। ଧୁମ୍‌ଧାମରେ ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣି ଶେଷ ହୋଇଛି। ଗଜାନନଙ୍କ ପୂଜାକୁ କଟକ ବାସିନ୍ଦା ବେଶ ଜାକଜମକରେ କରିଥିବାବେଳେ ବିଘ୍ନବିନାଶକଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ବିଦାୟ ଦିଆଯାଇଛି। ଆଜି ସକାଳୁ କଟକରର ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣି ଆରମ୍ଭ ହୋଇଥିଲା। ୩୧୦ଟି ମେଢ଼ ବିସର୍ଜନ ପାଇଁ ପୁଲିସ ପକ୍ଷରୁ ତାଲିକା ପ୍ରସ୍ତୁତ ହୋଇଥିବା ବେଳେ ସକାଳୁ ଭସାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସାହି ସାହିରେ ବାଜା, ବାଣ ଓ ଆକର୍ଷଣୀୟ ଆଲୋକ ସଜ୍ଜାରେ ମେଢ ଗୁଡ଼ିକୁ ଦେଖିବାକୁ ରାସ୍ତା କଡ଼ରେ ଭିଡ଼ ଲଗାଇଥିଲେ ସହରବାସୀ। ଶିଙ୍ଘ ବାଜା, ଦୁଲୁଦୁଲି, ମାଦାଳ, ପଞ୍ଜାବୀ ବାଜା, ଘଣ୍ଟ ସାଂଗକୁ ବ୍ୟାଣ୍ଡ ବାଜାରେ କମ୍ପିଥିଲା ସାରା ସହର। ପୁରୀଘାଟ ସମେତ ସହରର ୯ଟି ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଦ୍ୱିତୀୟ ପର୍ଯ୍ୟାୟରେ ଛୋଟବଡ଼ ୩୧୦ଟି ମୂର୍ତ୍ତି ବିସର୍ଜିତ ହୋଇଛନ୍ତି।

ଗତ ରବିବାର ପ୍ରଥମ ପ୍ରଥମ ପର୍ଯ୍ୟାୟ ଭସାଣି ଉତ୍ସବ କରାଯାଇଥିଲା। କମିଶନରେଟ୍ ପୁଲିସ ଦ୍ୱାରା ପଞ୍ଜିକୃତ ହୋଇଥିବା ୩୮୦ଟି ମେଢ଼ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବିସର୍ଜିତ ହୋଇଥିଲେ। ଏବଂ ଛୋଟ ଛୋଟ ମଣ୍ଡପଗୁଡ଼ିକରେ ପୂଜା ପାଉଥିବା ପାଖାପାଖି ୫୦ରୁ ଅଧିକ ମୂର୍ତ୍ତି ମଧ ବିସର୍ଜନ କରାଯାଇଥିଲା। ଆଜି ଦ୍ୱିତୀୟ ପର୍ଯ୍ୟାୟରେ ୩୧୦ଟି ମୂର୍ତ୍ତି ବିସର୍ଜନ କରାଯିବା ପରେ ସହରରେ ମୋଟ୍ ୬୯୦ଟି ମେଢ଼ ବିସର୍ଜିତ ହୋଇଛନ୍ତି। ପୂର୍ବ ପରି ବିଭିନ୍ନ କ୍ଲବ୍‌ର ଶୋଭାଯାତ୍ରା ସକାଳ ୯ଟାରୁ ଆରମ୍ଭ ହୋଇଥିଲା। ରାତି ୯ଟାରେ ବ୍ୟାଣ୍ଡ ବାଜା ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା। କେବଳ ଢ଼ୋଲ ଘଣ୍ଟ ବଜାଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କ୍ଲବ୍ ଗୁଡ଼ିକ ପକ୍ଷରୁ ମୂର୍ତ୍ତି ବିସର୍ଜନ କରା ଯାଇଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ସହର ସାରା ପୂର୍ବନିଷ୍ପତ୍ତି ଅନୁଯାୟୀ ୨୫ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଥିଲେ।

**୩୧୦ ମୂର୍ତ୍ତି ବିସର୍ଜିତ**









## କ୍ରିପ୍ଟୋ କରେନ୍ସି ଆଳରେ ଠକେଇ: ଅଭିଯୁକ୍ତ ଗିରଫ

**କଟକ, ୭।୯(ସମିସ):** ଜଗତପୁର ବହୁଗ୍ରାମ ଅଞ୍ଚଳର ସୁବାସଚନ୍ଦ୍ର ବେହେରା (୩୬)ଙ୍କୁ ସାଇବର ଠକ କ୍ରିପ୍ଟୋ କରେନ୍ସିରେ ଅର୍ଥ ବିନିଯୋଗ କରାଇବାକୁ କହି ଲକ୍ଷାଧିକ ଟଙ୍କା ଠକି ନେଇଥିଲା। ମୋଟ୍ ୧୩ଲକ୍ଷ ୭୨ହଜାର ଟଙ୍କା ସୁବାସଙ୍କ ଆକାଉଣ୍ଟରୁ କଟିଯିବା ପରେ ସେ ସାଇବର ଥାନାରେ ଏତଲା ଦେଇଥିଲେ। ସାଇବର ଥାନା ପୁଲିସ ଏହି ଘଟଣାର ତଦନ୍ତ ଚଳାଇ ଆଜି ଅଭିଯୁକ୍ତ ଅନୁରାଗ ପଟ୍ଟନାୟକ (୨୧)କୁ ଗିରଫ କରିଛି। ତା'ଘର ଝାରସୁଗୁଡ଼ାରେ ବୋଲି ଜଣାପଡ଼ିଛି। ତା' ନିକଟରୁ ବ୍ୟାଙ୍କ୍ ଚେକ୍, ପ୍ୟାନକାର୍ଡ, ଆଧାରକାର୍ଡ ଏବଂ ଏକାଧିକ ସିମ୍ କାର୍ଡ ଜବତ କରାଯାଇଛି।





ପୁଲିସ ସୂତ୍ରରୁ ପ୍ରକାଶ ଯେ ଅଭିଯୋଗକାରୀ ସୁବାସଙ୍କୁ ଟେଲିଗ୍ରାମ୍ ଚ୍ୟାନେଲ୍‌ରେ ଏକ ଲିଙ୍କ୍ ଆସିଥିଲା। ଚ୍ୟାନେଲ୍ ପରିଚାଳନା କରୁଥିବା ବ୍ୟକ୍ତି ଜଣକ ନିଜକୁ ନିଶା ସିଂ ବୋଲି ପରିଚୟ ଦେଇଥିଲା। ଯଦି କ୍ରିପ୍ଟୋ କରେନ୍ସିରେ ଅର୍ଥ ବିନିଯୋଗ କରନ୍ତି, ତେବେ ଟଙ୍କା ଦ୍ୱିଗୁଣିତ ହୋଇଯିବ ବୋଲି କୁହାଯାଇଥିଲା। ଏଥିରେ ପ୍ରଲୋଭିତ ହୋଇ ସୁବାସ ୧୩ଲକ୍ଷ ୭୨ହଜାର ଟଙ୍କା ପ୍ରଦାନ କରି ଦେଇଥିଲେ। ଏହାପରେ ସମ୍ପୃକ୍ତ ସଂସ୍ଥା ସହିତ ଆଉ ଯୋଗାଯୋଗ ହୋଇ ପାରିନଥିଲା। ଠକାମିର ଶିକାର ହୋଇଥିବା ସ୍ପଷ୍ଟ ହୋଇ ସୁବାସ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ସାଇବର ଥାନା ପୁଲିସ ତଦନ୍ତ ଚଳାଇ ଅଭିଯୁକ୍ତ ଅନୁରାଗକୁ ଗିରଫ କରିଥିବା ଜଣାପଡ଼ିଛି।

## ସିଏମ୍‌ସି କମିସନରଙ୍କ କଟକ ପ୍ରେସ୍ କ୍ଲବ୍ ପରିଦର୍ଶନ



**କଟକ, ୭।୯(ସମିସ):** କଟକ ପ୍ରେସକ୍ଲବ ଗୃହର ନବୀକରଣ କାର୍ଯ୍ୟ ଗତ ଜାନୁଆରୀରେ ଉଦଘାଟିତ ହୋଇଥିବା ବେଳେ କଟକ ମହାନଗର ନିଗମ (ସିଏମସି)ର କମିସନର କୀରଣଦୀପ କୌର ସାହୋତା ଗୁରୁବାର ଅପରାହ୍ଣରେ ଏହାକୁ ପରିଦର୍ଶନ କରିଛନ୍ତି। ଏହି ଅବସରରେ କ୍ଲବ ଗୃହରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କଟକ ପ୍ରେସକ୍ଲବ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ପୂର୍ବକ ସ୍ୱାଗତ କରାଯାଇଥିଲା। ରାଜ୍ୟର ସର୍ବ ପୁରାତନ ଏହି ପ୍ରେସକ୍ଲବର ଅବଶିଷ୍ଟ ଆବଶ୍ୟକତା ତୁରନ୍ତ ପୂରଣ କରିବା ଲାଗି ପ୍ରେସ କ୍ଲବ ପକ୍ଷରୁ ଦାବି କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଲୋକ କୁମାର ନାୟକ କ୍ଲବର ଇତିହାସ ଏବଂ ଆଗାମୀ ଦିନର କାର୍ଯ୍ୟପନ୍ଥା ସଂକ୍ରାନ୍ତରେ ସୂଚନା ପ୍ରଦାନ କରିଥିଲେ। ସ୍ଥାନୀୟ କର୍ପୋରେଟର ଅରୁନ୍ଧତୀ କର, ସିଟି ଇଂଜିନିୟର ଅତନୁ ସାମନ୍ତଙ୍କ ସମେତ ବିଭାଗୀୟ ଅଧୀକାରୀଙ୍କ ସହ କମିଶନର ନବୀକରଣ କାର୍ଯ୍ୟର ତଦାରଖ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାମ୍ବାଦିକ ରୋହନ ମହାନ୍ତି, ବିଶ୍ୱଜିତ ଧଳ, ପ୍ରତାପ ଚନ୍ଦ୍ର ସେନାପତି, ପ୍ରଶାନ୍ତ ମହାନ୍ତି, ପ୍ରଣବ ନନ୍ଦୀ, ରବୀନ୍ଦ୍ର ପାଢ଼ୀ, ଉମାକାନ୍ତ ଜେନା, ଲକ୍ଷ୍ମୀଧର ସାହୁ, ଆକାଶ ସ୍ୱାଇଁ, ମହମ୍ମଦ ଜାଭେଦ ପ୍ରମୁଖ ଉପସ୍ଥିତ ଥିଲେ।

## ଡା. ଶକ୍ତିପ୍ରସାଦ ଦାସଙ୍କୁ ଆନ୍ତର୍ଜାତିକ ସମ୍ମାନ



**କଟକ, ୭।୯(ସମିସ):** ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ଓଲଟପୁରସ୍ଥିତ 'ନିରତାର'ର ପୂର୍ବତନ ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ, ବିଶ୍ୱର ସର୍ବବୃହତ୍ତ ଅସ୍ଥିଶଲ୍ୟ ସଂଘ 'ସିକଟ୍' ଦ୍ୱାରା ଶ୍ରେଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଭାବେ ସମ୍ମାନିତ କରାଯାଇଛି। ବିଶେଷକରି ଶିଶୁ ଅସ୍ଥିଶଲ୍ୟ ଚିକିତ୍ସା କ୍ଷେତ୍ରରେ ତାଙ୍କ ବିଶେଷ ଅବଦାନର ସ୍ୱୀକୃତି ସ୍ୱରୂପ ତାଙ୍କୁ ଏହି ସମ୍ମାନ ସ୍ପେନ୍‌ର ରାଜଧାନୀ ମାଦ୍ରିଦ୍ ଠାରେ ଆୟୋଜିତ ଚଳିତ ବର୍ଷର ବାର୍ଷିକ ସମ୍ମିଳନୀ ଅବସରରେ ପ୍ରଦାନ କରାଯାଇଛି। ଜନ୍ମଗତ ବିକଳାଙ୍ଗ ଥିବା ଶିଶୁମାନଙ୍କର (ଯେଉଁମାନଙ୍କର ହାତ ନ ଥାଏ) କିଭଳି ଭାବରେ ଏକ ସ୍ୱତନ୍ତ୍ର ଚିକିତ୍ସା ପଦ୍ଧତି ମାଧ୍ୟମରେ ସଫଳ ଚିକିତ୍ସା କରାଯାଇ କାର୍ଯ୍ୟକ୍ଷମ ହୋଇ ପାରୁଥିବା ଏକ ନୂତନ ପଦ୍ଧତି ଉପରେ ତାଙ୍କର ଗବେଷଣାଲବ୍ଧ ତଥ୍ୟ ସମ୍ବଳିତ ସନ୍ଦର୍ଭଟି ଉଚ୍ଚ ପ୍ରଶଂସିତ ହେବା ସହିତ ଗତ ୫ ତାରିଖରେ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ 'ସିକଟ୍'ର ସଭାପତି ଇଂଲଣ୍ଡର ଡା. ବିକାଶ ଖଣ୍ଡୁଜା ଓ ସମ୍ପାଦକ ମାର୍କ ପାଟରସନ୍ ଡା. ଦାସଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ।

## ହୋପ୍ ଏଜ୍ ପକ୍ଷରୁ ପ୍ରାକୃତିକ ଚିକିତ୍ସା ଶିବିର

**କଟକ, ୭।୯(ସମିସ):** ହୋପ ଏଜ ଟ୍ରଷ୍ଟ ପକ୍ଷରୁ ହେଲଥ ଭିଲେ ସହାୟତାରେ ଆଜି ସିଡିଏ ସେକ୍ଟର -୭ସ୍ଥିତ ଆଶ୍ରୟ ଦି ସେଲଟର ପରିସରରେ ପ୍ରାକୃତିକ ଚିକିତ୍ସା ଶିବିର ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାକୃତିକ ଚିକିତ୍ସା ଓ ଯୋଗ ବିଶାରଦ ଡ. ମିଲିନ୍ଦ ପରାସର ଏଥିରେ ଯୋଗଦେଇ କହିଲେ ଯେ ସମସ୍ତ ପ୍ରକାର ଶାରୀରିକ ଓ ମାନସିକ ବ୍ୟାଧି ପ୍ରକୃତିକ ଚିକିତ୍ସା ପଦ୍ଧତି ଓ ଯୋଗ ଅଭ୍ୟାସ ଦ୍ୱାରା ପ୍ରସମିତ ହୋଇପାରିବ। ତେବେ ଏଥିପାଇଁ ଉନ୍ନତମାନର ଜୀବନଶୈଳୀ ପାଳନ କରିବାକୁ ହେବ ବୋଲି ସେ ପ୍ରକାଶ କରିଥିଲେ। ଉପସଭାପତି ବିଜୟ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଟ୍ରଷ୍ଟି ଡ. ସତ୍ୟ ରାୟ ସ୍ୱାଗତ ଭାଷଣ ଦେବା ସହ ପ୍ରାକୃତିକ ଚିକିତ୍ସାର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଇଂ କେ.କେ. ଦାସବର୍ମା, କୈଳାଶ ଚନ୍ଦ୍ର ମିଶ୍ର, ପିକେ ସାହୁ, ଶଶିଭୂଷଣ ପ୍ରଧାନ ଓ କେଦାରନାଥ ଜାଲି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୁଗ୍ମ ସମ୍ପାଦିକା ସୁଜାତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



## ଦୁର୍ଗାପୂଜା ପାଇଁ 'ସିଙ୍ଗଲ ୱିଣ୍ଡୋ' ଗୋଟିଏ ଦିନ ବୃଦ୍ଧି

**କଟକ, ୭।୯(ସମିସ):** ଆସନ୍ତା ଦୁର୍ଗାପୂଜା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାକୁ ଗୋଟିଏ ଦିନ ବୃଦ୍ଧି କରାଯାଇଛି। ପୂଜା କମିଟି ଗୁଡ଼ିକର ଅନୁରୋଧ ଅନୁଯାୟୀ, ପୂଜା ପେଣ୍ଡାଲ ଏବଂ ଗେଟ ନିର୍ମାଣ ପାଇଁ ଅନୁମତି ନିମନ୍ତେ କରାଯାଇଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ସୋମବାର ୮ ତାରିଖ ଦିନ ମଧ କାର୍ଯ୍ୟକ୍ଷମ ରହିବ। ବାରବାଟୀ ପ୍ୟାଲେସରେ ଏହି ସିଙ୍ଗଲ ୱିଣ୍ଡୋ ଜାରି ରହିବ। ଏହାପରେ ଆଉ କୌଣସି ପ୍ରକାରର ସମୟ ଅବଧି ବୃଦ୍ଧିକୁ ଅନୁମତି ଦିଆଯିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।



## ଖାନନଗର-ମଧୁପାଟଣା ରାସ୍ତା ବିପର୍ଯ୍ୟସ୍ତ

**କଟକ, ୭।୯(ସମିସ):** ଖାନନଗର ପଟୁ ମଧୁପାଟଣାକୁ ସଂଯୋଗ କରିଥିବା ରାସ୍ତା ଖାଲଖମାରେ ଭର୍ତ୍ତି ହୋଇରହିଛି। ମାଛମାର୍କେଟ ପୂର୍ବରୁ ସମ୍ପୂର୍ଣ୍ଣ ରାସ୍ତାରୁ ପିଚୁ ଉଠି ଧୂଳି, ବାଲି, ଗୋଡ଼ିରେ ଭରି ଯାଇଥିବା ବେଳେ ମଧୁପାଟଣା ଟ୍ରାଫିକ ନିକଟରେ ବଡବଡ ଗର୍ତ୍ତ ବାଟୋଇଙ୍କ ପାଇଁ ବିପଦ ସୃଷ୍ଟି କରୁଛି। କଟକରେ ଏବେ ପାର୍ବଣ ଋତୁ ପାଳନ ହେଉଛି। ଗଜାନନଙ୍କ ପୂଜା ଶେଷ ହୋଇ ପର୍ଯ୍ୟାୟକ୍ରମେ ଭସାଣି ଉତ୍ସବ ହେଉଛି। ଆଉ କିଛି ଦିନ ପରେ ଆରମ୍ଭ ହେବ ଦୁର୍ଗାପୂଜା। ମାତ୍ର ଏଭଳି ପରିସ୍ଥିତିରେ ପ୍ରଶାସନର ଦୂରଦର୍ଶିତା ଅଭାବ ଯୋଗୁଁ କଟକର ପ୍ରମୁଖ ଛକରେ ଯାତାୟାତକୁ ନେଇ ସମସ୍ୟା ହେଉଛି। ଏପରିକି ରାସ୍ତାର ଦୂରବସ୍ଥା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ଗତ କିଛି ଦିନ ତଳେ ପୂଜା ପ୍ରସ୍ତୁତି ପୂର୍ବରୁ ଏହି ରାସ୍ତାକୁ ମରାମତି କରାଯାଇଥିଲା। ମାତ୍ର କିଛି ଦିନର ବର୍ଷାର ଏହି ତାଳି ପକା କାମ ଧୋଇ ହୋଇଯାଇଛି। ଏହାକୁ ତୁରନ୍ତ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

**ପାର୍ବଣ ଋତୁରେ ପ୍ରଶାସନର ନିଘା ନାହିଁ**
**ହୋଇଥିଲା ତାଳିପକା କାମ, ଧୋଇଦେଲା ବର୍ଷା**





# ନଦୀପାଣିରେ ଭାସିଯାଇ ଯୁବକ ନିଖୋଜ

**ସାଲେପୁର,୭ ।୯ (ସମିସ):** ନଦୀକୁ ଗାଧୋଇଯାଇ ପାଣିରେ ଭାସିଯାଇ ଜଣେ ଯୁବକ ନିଖୋଜ ହୋଇଯାଇଥିବା ଜଣାଯାଇଛି। ସାଲେପୁର ଦମକଳ ବାହିନୀ ଓ ଜପକୁଦ ଫାଣ୍ଡି ପୁଲିସ ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ଯୁବକ ଜଣଙ୍କ ପତ୍ତା ମିଳି ନ ଥିଲା। ସାଲେପୁର ବ୍ଲକ ନରଦା ପଞ୍ଚାୟତ କୁକୁଡାଙ୍ଗ ଗ୍ରାମର କଲ୍ୟାଣ କାନୁନଗୋଙ୍କ ପୁତ୍ର ବିଭୂପ୍ରସାଦ (୩୬) ଆଜି ଦିନ ପ୍ରାୟ ୩ଟା ସମୟରେ ବିରୂପା ନଦୀକୁ ଗାଧୋଇ ଯାଇଥିବା ବେଳେ ନଦୀପାଣିରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଏ ସଂପର୍କରେ ସ୍ଥାନୀୟ ଗ୍ରାମବାସୀ ସାଲେପୁର ଦମକଳ ବାହିନୀ ଓ ଜପକୁଦ ଫାଣ୍ଡିକୁ ଅବଗତ କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ନଦୀବନ୍ଧରେ ଶହ ଶହ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି।

# ପାନୀୟଜଳ ପ୍ରକଳ୍ପ ପାଇପ୍ ଚୋରି ଅଭିଯୋଗ

**ଭଦ୍ରେଶ୍ୱର,୭।୯ (ସମିସ):** ଭଦ୍ରେଶ୍ୱର ଥାନା ଗୋପାଳପୁର ଗ୍ରାମପଞ୍ଚାୟତ ବେଗୁନିଆପଦା ଗ୍ରାମରେ ରଖାଯାଇଥିବା ମାହାଙ୍ଗା ମେଗା ପାନୀୟ ଜଳ ପ୍ରକଳ୍ପର ଲକ୍ଷାଧିକ ଟଙ୍କା ମୂଲ୍ୟର ପାଇପ ଚୋରି ହୋଇଯାଇଥିବାର ଅଭିଯୋଗ ହୋଇଛି। ଭଦ୍ରେଶ୍ୱର ଥାନା ଗୌଡଗୋପ ଗ୍ରାମର ଚିତ୍ତରଞ୍ଜନ ଶତପଥୀ ମାହାଙ୍ଗା ମେଗା ପାନୀୟ ଜଳ ପ୍ରକଳ୍ପର ଜଣେ ସବ କଣ୍ଟ୍ରାକ୍ଟର ରୂପେ କାର୍ଯ୍ୟ କରନ୍ତି। ଶ୍ରୀ ଶତପଥୀ ବେଗୁନିଆପଦା ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ପାଇପ ବିଛାଇବା ନିମନ୍ତେ ରଖିଥିଲେ। ତେବେ କେହି ଦୁର୍ବୃତ୍ତ ଏହି ପାଇପଗୁଡିକୁ ଚୋରିକରି ନେଇଯାଇଥିବାର ଶ୍ରୀ ଶତପଥି ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚୋରି ପାଇପର ଆନୁମାନିକ ମୂଲ୍ୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ସେ ଅଭିଯୋଗ କରିଛନ୍ତି।

# ଗଞ୍ଜେଇ ଜବତ, ଜଣେ ଗିରଫ



**ଫୁଲନଖରା, ୭।୯ (ସମିସ):** ୪୨ମୌଜା ଥାନା ଅନ୍ତର୍ଗତ କଞ୍ଚୁଣିଆ ବେଣ୍ଟକାର ଅଞ୍ଚଳରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟରୁ ୩ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ୪୨ମୌଜା ଥାନା ପୁଲିସ ଜବତ କରିଛି। ଦୀର୍ଘ ଦିନରୁ ଚୋରା ଗଞ୍ଜେଇ କାରବାରରେ କଞ୍ଚୁଣିଆ ଗ୍ରାମର କୈଳାସ ମଲ୍ଲିକ (୫୬) ଲିପ୍ତ ଥିଲା। ରାଜ୍ୟରେ ନିଶା କାରବାରକୁ ସଂପୂର୍ଣ୍ଣ ରୋକିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଅପରେସନ୍ ପ୍ରହାର କାର୍ଯ୍ୟକ୍ଷମ ହୋଇଛି। ଅପରେସନ୍ ପ୍ରହାର ଜରିଆରେ ଶିକ୍ଷାନୁଷ୍ଠାନ ନିକଟରେ ଗଞ୍ଜେଇ ବେପାର ହେଉଥିବାର ଖବର ପାଇ ୪୨ମୌଜା ପୁଲିସ ୩ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ଏହି ନିଶା ବେପାରରେ ଲିପ୍ତ କୈଳାସ ମଲ୍ଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଆଇଆଇସି ଓମ୍ ପ୍ରକାଶ ମହାନ୍ତି ସୂଚନା ପ୍ରଦାନ କରିଛନ୍ତି।

# ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ପ୍ରସ୍ତୁତି

**ନରସିଂହପୁର,୭।୯ (ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ପ୍ରଜ୍ଞାନ ମିଶନ କାର୍ଯ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମିଶନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କିଭଳି ସୁଚାର ରୂପେ ନରସିଂହପୁର ମହାବିଦ୍ୟାଳୟ ପରିସରରେ ଗୀତା ଆବୃତ୍ତି ପାଇଁ ତୃତୀୟ ଶ୍ରେଣୀରୁ ସ୍ନାତକ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ଏଥିରେ ଭାଗ ନେଇପାରିବେ। ସେମାନଙ୍କର ସମସ୍ତ ବ୍ୟବସ୍ଥା, କ୍ରିୟାଯୋଗ ଗୁରୁ ପ୍ରଜ୍ଞାନାନନ୍ଦ ଗିରିଙ୍କ ନୀତିନିୟମ, ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଅବଗତ କରାଯିବ ସହିତ ଆସନ୍ତା ୧୪ ତାରିଖରେ କିଭଳି ସୁଚାର ଭାବେ ଅନୁଷ୍ଠାନ ହେବା ନେଇ ଆଲୋଚନା ହୋଇଥିଲା।

## ବିପିଏମ୍-ସଭାନେତ୍ରୀ-ସମ୍ପାଦିକାଙ୍କ ଅସାଧୁ ମେଣ୍ଟ

# ଜିପିଏଲ୍ଏଫ୍ ଜମାଖାତାରୁ ୬ ଲକ୍ଷ ଟଙ୍କା ତୋଷାରପାତ

**ଭଦ୍ରେଶ୍ୱର,୭।୯ (ସମିସ):** ମହିଳା ସଶକ୍ତୀକରଣ ନିମନ୍ତେ ସରକାର ଯୋଜନା ଉପରେ ଯୋଜନା ପ୍ରଣୟନ କରୁଛନ୍ତି। ଏଥିନିମନ୍ତେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ତେବେ ଏହି ଅର୍ଥକୁ ସୂଚାରୁ ରୂପେ ଖର୍ଚ୍ଚ କରାଇବା ଦାୟିତ୍ୱରେ ଥିବା ଦୁର୍ନୀତିଖୋର ସରକାରୀ ବାବୁଙ୍କ ଅପାରଗତା ଯୋଗୁ ବହୁ ଅର୍ଥ ବାଟମାରଣା ହେଉଥିବାର ଦେଖିବାକୁ ମିଳିଛି। ଯାହାର ଏକ ନଗ୍ନ ନମୂନା କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଓଡିଶା ଜୀବିକା ମିଶନ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ମହିଳାମାନଙ୍କ ନିମନ୍ତେ ଆସୁଥିବା ଲକ୍ଷ ଲକ୍ଷ ଟଙ୍କା ତୋଷରପାତ କରାଯାଇଥିବାର ଅଭିଯୋଗ ହୋଇଛି। ଏହି ଅର୍ଥ ତୋଷରପାତର ମୁଖ୍ୟ କାର୍ପଟଦାର ସାଜିଛନ୍ତି ଓଡିଶା ଜୀବିକା ମିଶନ କାର୍ଯ୍ୟାଳୟର ବିପିଏମ ବାବୁ। ସାଥୀରେ ରହିଛନ୍ତି ପଞ୍ଚାୟତ ମହାସଙ୍ଘର ସମ୍ପାଦିକା ଓ ସଭାନେତ୍ରୀ। ସୂଚନା ମୁତାବକ ମାହାଙ୍ଗା ବ୍ଲକ ଓଡିଶା ଜୀବିକା ମିଶନ ଅଧୀନରେ ଭଦ୍ରେଶ୍ୱର ପଞ୍ଚାୟତସ୍ତରୀୟ ମହାସଙ୍ଘ ରହିଛି। ଏଥିରେ ୧୬ ଜଣ ଇସି ମେମ୍ବର ରହିଛନ୍ତି। ଅପରପକ୍ଷରେ ଦୁଇ ଜଣ ସଭାନେତ୍ରୀ ଓ ସମ୍ପାଦିକା ମଧ୍ୟ ରହିଛନ୍ତି। ତେବେ ଏହି ସମ୍ପାଦିକା ଓ ସଭାନେତ୍ରୀ ବିପିଏମଙ୍କ ନିର୍ଦ୍ଦେଶରେ ବ୍ୟାଙ୍କ ଜିପିଏଲଏଫ ଜମା ଖାତାରୁ ଅସଦ ଉପାୟରେ ଅର୍ଥ ଉଠାଣ କରିଥିବାର ଅଭିଯୋଗ ହୋଇଛି।

**ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ୧୬ ଜଣ ଇସି ମେମ୍ବର**

ଏ ସମ୍ପର୍କରେ ସୁରାଗ ପାଇ ପଞ୍ଚାୟତର ୧୬ଜଣ ଇସିମେମ୍ବର କଟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ନେଇ ଜିଲ୍ଲାପାଳ ତଦନ୍ତ ନିର୍ଦ୍ଦେଶ ଦେବା ପରେ ବିପିଏମ ଅଡୁଆରେ ପଡିଛନ୍ତି। ଖୋଲତାଡ ପରେ ଜଣାପଡିଛି ଯେ ଇସି ସଭ୍ୟାଙ୍କ ଅଗୋଚରରେ ଜିପିଏଲଏଫ ଜମାଖାତାରୁ ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଣ ହୋଇଛି। ଯେଉଁ ଅର୍ଥରାଶିରୁ ପଞ୍ଚାୟତ ଜିପିଏଲଏଫ ଜମାଖାତାକୁ ୪ଜଣ ଇସି ମେମ୍ବରଙ୍କ ବ୍ୟକ୍ତିଗତ ଜମାଖାତାକୁ ୪ ଲକ୍ଷ ୩୦ହଜାର ଟଙ୍କା ଆସିଛି। ପରେ ଆସିଥିବା ଟଙ୍କା ସମ୍ପାଦିକା ସଭାନେତ୍ରୀ ବିଭିନ୍ନ ଆଳ ଦେଖାଇ ଇସି ମେମ୍ବରଙ୍କଠାରୁ ନେଇଯାଇଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଲ୍ୟାପଟପ କିଣା ପାଇଁ ୫୦ ହଜାର ଟଙ୍କା ଜିପିଏଲଏଫ ଆକାଉଣ୍ଟରୁ ଉଠାଯାଇଥିବା ବେଳେ ଲ୍ୟାପଟପର ଚିହ୍ନବର୍ଣ୍ଣ ମିଳୁନାହିଁ। ଅପରପକ୍ଷରେ ଜିପିଏଲଏଫ ଆକାଉଣ୍ଟରୁ ପଞ୍ଚାୟତର ବିଭିନ୍ନ ଲୋକଙ୍କ ବ୍ୟକ୍ତିଗତ ଜମାଖାତାକୁ ଯାଇଛି ହଜାର ହଜାର ଟଙ୍କା। ତେବେ ପଞ୍ଚାୟତର ଜିପିଏଲଏଫ ଆକାଉଣ୍ଟରୁ ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଣ ହୋଇସାରିଥିଲେ ମଧ୍ୟ ଇସି ମେମ୍ବରଙ୍କୁ କୌଣସି ଅର୍ଥର ହିସାବ ଦିଆଯାଇ ନ ଥିବାର ଅଭିଯୋଗ ହୋଇଛି। ଯାହାକୁ ନେଇ ବିବାଦ ଘେରରେ ଓଡିଶା ଜୀବିକା ମିଶନର ବିପିଏମଙ୍କ ସହ ଉଭୟ ସଭାନେତ୍ରୀ ଓ ସମ୍ପାଦିକା ରହିଥିବାର ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକ୍କାୟିତ ଦୁର୍ନୀତିର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଭଟ୍ଟାରିକାଙ୍କ ମନ୍ଦିର ଛୁଇଁଲା ମହାନଦୀର ତୃତୀୟ ବନ୍ୟାଜଳ



**ବଡମ୍ବା, ୭।୯ (ସମିସ):** ବଡମ୍ବା ବ୍ଲକର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକା ମନ୍ଦିରକୁ ପ୍ରବେଶ କଲା ଚଳିତ ବର୍ଷର ତୃତୀୟ ବନ୍ୟା ଜଳ। ମହାନଦୀର ଉପର ମୁଣ୍ଡରେ ଥିବା ହୀରାକୁଦ ଜଳଭଣ୍ଡାରରୁ ୨୦ଟି ଗେଟ ଖୋଲିବା ଫଳରେ ମହାନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଯାହାଫଳରେ କଟକ ବଡମ୍ବାର ଅଧିଷ୍ଠାତ୍ରୀ ଦେବୀ ମହାମାୟା ଭଟ୍ଟାରିକାଙ୍କ ମନ୍ଦିର ସ୍ପର୍ଶ କରିଛି ବନ୍ୟା ଜଳ। ମା' ଭଟ୍ଟାରିକା ସୁରକ୍ଷିତ ଅଛନ୍ତି। ମନ୍ଦିର ବେଢ଼ାରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶାସନ ସଜାଗ ରହିଥିବା ବେଳେ ସତର୍କ ସୂଚନା ଫଳକ ମଧ୍ୟ ଲଗାଯାଇଛି। ମନ୍ଦିର ସେବାୟତ ଓ ଦେବୋତ୍ତର ଅଧିକାରୀ ସଜାଗ ଅଛନ୍ତି।

# ଶିକ୍ଷା କେନ୍ଦ୍ରରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ଟାଙ୍ଗୀ,୭ ।୯ (ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଆଞ୍ଜୁଆ ଗ୍ରାମସ୍ଥ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଲୋକସେବା ଫାଉଣ୍ଡେସନର ଆନୁକୂଲ୍ୟରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ତଥା ଗୁରୁଦିବସ ଏବଂ ବ୍ଲକସ୍ତରୀୟ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲୋକସେବା ଫାଉଣ୍ଡେସନର ଅଧ୍ୟକ୍ଷ ହିମାଂଶୁ ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ବ୍ଲକ ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ଦାସ ଓ ସରୋଜିନୀ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସିଆରସିସି ସମରେନ୍ଦ୍ର ଷଡ଼ଙ୍ଗୀ ଓ ଜ୍ଞାନରଞ୍ଜନ ଲେଙ୍କା, ଗରୁଡ଼ଗାଁ ପଞ୍ଚାୟତ ସଭାପତି ତାପସ ବେହେରା ଓ କନ୍ହେଇପୁର ପଞ୍ଚାୟତ ସମିତି ଅନନ୍ତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ କ୍ଷେତ୍ରବାସୀ ତ୍ରିପାଠୀ, ପ୍ରଭାକର ପ୍ରଧାନ, ଅରୁଣ ଶତପଥି, ଭାସ୍କର



ପ୍ରଧାନ, ଅଶୋକ ମଲ୍ଲିକ, କୈଳାସ ଚନ୍ଦ୍ର ମଲ୍ଲିକ, ଜୀବନ ସ୍ୱାଇଁ, ନିରୁପମା ସ୍ୱାଇଁ, ଜୀବନାନନ୍ଦ ଦାସ ଓ ପ୍ରତିମା ବେହେରାଙ୍କ ସମେତ ୨୫ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଶିକ୍ଷା କେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରାକ୍ତନ ସିଆରସିସି ଜ୍ଞାନରଞ୍ଜନ ଲେଙ୍କା ଧନ୍ୟବାଦ ଦେଇଥିଲେ। ଯୁବ ସମାଜସେବୀ ଶଶିକାନ୍ତ ମହାନ୍ତି ଓ ଶିକ୍ଷା କେନ୍ଦ୍ର ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଗଣେଶ ପୂଜା ମଣ୍ଡପ ବୁଲିଲେ ଉଚ୍ଚଶିକ୍ଷା ମନ୍ତ୍ରୀ



**ସାଲେପୁର,୭ ।୯ (ସମିସ):** ସାଲେପୁର ବ୍ଲକର ବିଭିନ୍ନ ଗଣେଶ ପୂଜାମଣ୍ଡପ ପରିଦର୍ଶନ କରିବା ସହ ଏଭଳି ଆଡମ୍ବରପୂର୍ଣ୍ଣ ଆକର୍ଷଣୀୟ ପୂଜା ମଣ୍ଡପର ଆୟୋଜକଙ୍କୁ ପ୍ରଶଂସା କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। କେନ୍ଦ୍ରାପଡା ଜିଲ୍ଲାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସାଲେପୁର ରାସ୍ତାଦେଇ କଟକ ଫେରୁଥିବା ବେଳେ ପଦ୍ମପୁରଠାରେ ସାଲେପୁର ବିଜେପି ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ପରେ ମନ୍ତ୍ରୀ ଶ୍ରୀ ସୂରଜ ଶତାଧିକ କର୍ମୀଙ୍କ ମଧ୍ୟରେ ଗଣେଶ ମଣ୍ଡପ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ଚଇନି, ମୁନା ଜେନା, ଚିତ୍ତରଞ୍ଜନ ଶତପଥି, ପ୍ରିୟରଞ୍ଜନ ମହାପାତ୍ର, ପ୍ରଭାତ ସ୍ୱାଇଁ, ଦିଲ୍ଲୀପ ରାଉତ, ବାବୁ ଦାସ, ରାଜେଶ ରାଉତ, ଜନ୍ମେଜୟ ସାହୁ, ଧର୍ମାନନ୍ଦ ସାହୁ, ଅନୁସୟା ଘଡେଇ, ସନାତନ ଦାଶ, ପ୍ରତ୍ୟୁଷ ଦାସଙ୍କ ସମେତ ପୂଜା କମିଟିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗୋଡ଼ିଝରିଆରେ ଭାଗବତ ଜନ୍ମ ଉତ୍ସବ



**ତିଗିରିଆ,୭।୯ (ସମିସ):** ତିଗିରିଆ ବ୍ଲକ ଭିରୁଡା ଗ୍ରାମ ପଞ୍ଚାୟତ ଅଧୀନ ଗୋଡିଝରିଆ ଗ୍ରାମ ଭାଗବତ ମଣ୍ଡପ ଠାରେ ରବିବାର ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଚନ୍ଦ୍ର ଗ୍ରହଣ ଆଜି ଦିନ ୧୨ଟା ୫୭ ମିନିଟରୁ ପାକ ନିଷେଧ ପାଇଁ ଆଜି ସକାଳ ୬ଟା ୩୦ମିନିଟ୍ ସମୟରେ ଭାଗବତ ମଣ୍ଡପ ଠାରେ ଗ୍ରାମର ସମସ୍ତ ଭାଗବତ ପ୍ରେମୀ ଭକ୍ତ ବୃନ୍ଦ ଏକତ୍ରିତ ହୋଇ ଭାଗବତ ବାସୁଦେବଙ୍କ ପୂଜାର୍ଚ୍ଚନା କରିବା ସହ ସଂକୀର୍ତ୍ତନ କରଥିଲେ। ସକାଳ ୭ଟା ୩୦ମିନିଟରେ ହୋମଯଜ୍ଞ କରାଯାଇ ଶ୍ରଦ୍ଧାଳୁମାନେ ପୁଷ୍ପାଞ୍ଜଳି ଦେଇଥିଲେ। ଶେଷରେ ସମସ୍ତ ଗ୍ରାମବାସୀଙ୍କୁ ପ୍ରସାଦ ବଣ୍ଟନ କରାଯିବା ସହ ଭାଗବତ ଜନ୍ମ ଉତ୍ସବକୁ ସମାପନ କରାଯାଇଥିଲା। ଉତ୍ସବକୁ ଗ୍ରାମର ଜିତେନ୍ଦ୍ର ସାହୁ, ଅଖିଳମୋହନ ସାହୁ ଆୟୋଜନ କରିଥିବା ବେଳେ ଗ୍ରାମର ଗୋକୁଳାନନ୍ଦ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରତାପ ସାହୁ, ଭ୍ରମରବର ସାହୁ, ଅମୀନ ସାହୁ, ନାଥ ବାରିକ, ସୁଧାକର ସାହୁ, ମହେଶ୍ୱର ସାହୁ, ଅଜୟ ସାହୁ, ଶିକର ବେହେରା ଆଦି ବହୁ ସଦସ୍ୟ ସହଯୋଗ କରିଥିଲେ।

# ଗୋରୁ ଚମଡ଼ା ବୋଝେଇ ଗାଡ଼ି ଜବତ

**ସାଲେପୁର,୭ ।୯ (ସମିସ):** ଏକ ପିକ୍ଅପ ଭ୍ୟାନ୍‌ରେ ଗୋରୁ ଚମଡା ବୋଝେଇ କରି ସାଲେପୁର ଅଭିମୁଖେ ଆସୁଥିବା ବେଳେ କେନ୍ଦୁପାଟଣା ଛକ ନିକଟରେ ସ୍ଥାନୀୟ ଲୋକେ ଓ ବଜରଙ୍ଗୀ ଦଳ କର୍ମୀମାନେ ପିକ୍ଅପ ଭ୍ୟାନ୍ ଅଟକାଇ ସାଲେପୁର ପୁଲିସ ଜିମା ଦେବା ସହ ଡ୍ରାଇଭରକୁ ମଧ୍ୟ ପୁଲିସ ଜିମା ଦିଆଯାଇଛି। ସାଲେପୁର ପୁଲିସ ଚମଡା ବୋଝେଇ ପିକ୍ଅପ ଭ୍ୟାନ୍‌କୁ ଜବତ କରିବା ସହ ଚାଳକକୁ ଅଟକ ରଖିଥିବା ଜଣାଯାଇଛି। ଏକ ପିକ୍ଅପ ଭ୍ୟାନ୍ ନଂ-ଓଡି ୦୫ ଏଡବ୍ଲୁ ୬୫୬୨ଟି ଗୋରୁ ଚମଡା ଭର୍ତ୍ତି କରି କେନ୍ଦ୍ରାପଡାରୁ କଟକ ଅଭିମୁଖେ ଯାଉଥିବା ବେଳେ କେନ୍ଦୁପାଟଣା ଛକ ନିକଟରେ ସ୍ଥାନୀୟ ଲୋକେ ଓ ବଜରଙ୍ଗୀ ଦଳ କର୍ମୀମାନେ ଗାଡିଟିକୁ ଅଟକାଇ ସାଲେପୁର ପୁଲିସ ଜିମା ଦେଇଥିବା ଜଣାଯାଇଛି। ସାଲେପୁର ପୁଲିସ ଚମଡା ବୋଝେଇ ଗାଡିଟିକୁ ଜବତ କରିବା ସହ ଚାଳକକୁ ଅଟକ ରଖିଥିବା ଜଣାଯାଇଛି।



# ଟାଙ୍ଗୀ ଅଞ୍ଚଳରେ ଭାଗବତ ଜନ୍ମ ଓ ଇନ୍ଦ୍ରୋତ୍ସବ

**ଟାଙ୍ଗୀ,୭ ।୯ (ସମିସ):** "ପରମ ଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ'। ଏହାକୁ ଆଧାରକରି ଶ୍ରୀମଦ୍ ଭାଗବତ ପୁରାଣର ଜନ୍ମ ଓ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳରେ ଭାବ ଭକ୍ତିର ସହ ପାଳିତ ହୋଇଯାଇଛି। ଚନ୍ଦ୍ରଗ୍ରହଣ ଯୋଗୁଁ ଅପରାହ୍ନ ୧ଟା ପୂର୍ବରୁ ସମସ୍ତ ଦେବନୀତି ସଂପନ୍ନ ହୋଇଥିବାବେଳେ କୋଟସାହି ପଞ୍ଚାୟତ ମଠସାହିରେ ଆୟୋଜିତ ଉତ୍ସବ ଚର୍ଚ୍ଚାରେ ରହିଛି। ମଠସାହି ନିବାସୀ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀଧର ସାହୁଙ୍କ ପରିବାର ପକ୍ଷରୁ ଶତାଧିକ ବର୍ଷ ଧରି ଉକ୍ତ ଉତ୍ସବ ପାଳିତ ହୋଇଆସୁଥିବାବେଳେ ଶତାଧିକ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଛନ୍ତି।



# ସପନପୁରରେ ଆଞ୍ଚଳିକ ଚାଷୀ ସୁରକ୍ଷା ମଞ୍ଚ ଗଠିତ

**ଟାଙ୍ଗୀ,୭ ।୯ (ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ସପନପୁର ମହିମା ଅଲେଖ ପର୍ଯ୍ୟଟନସ୍ଥଳରେ ଫସଲ ସୁରକ୍ଷା ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ ପ୍ରମୋଦ କୁମାର ଜଟଙ୍କ ଆହ୍ୱାନକ୍ରମେ ମହିମା ଅଲେଖ ସାଧୁ ଶୁକଦେବ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ହରମୋହନ ପ୍ରଧାନ, ପ୍ରାକ୍ତନ ସଭ୍ୟ ଧନେଶ୍ୱର ନାୟକ ଓ ଉଦ୍ୟାନବିତ ପ୍ରଶାନ୍ତ ବସ୍ତିଆ ଯୋଗଦେଇଥିଲେ। ଶାଳଗାଁ, ସଫା, କରଞ୍ଜି, ଗରୁଡ଼ଗାଁ, ବ୍ରହ୍ମପୁର ଓ କନ୍ହେଇପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ହାତୀ, ବାରହା, ମଇଁଷି ଆଦି ବନ୍ୟଜନ୍ତୁ ଧାନ ଓ ବିଭିନ୍ନ ଫସଲ ନଷ୍ଟ କରୁଛନ୍ତି। ଏଥିପାଇଁ ସରକାରଙ୍କ ନିକଟରେ



ଦାବି ଜଣାଇବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆଞ୍ଚଳିକ ଚାଷୀ ସୁରକ୍ଷା ମଞ୍ଚ ଗଠନ କରାଯାଇଥିଲା। ମଞ୍ଚର ଆବାହକ କମିଟିରେ ସମ୍ପୃକ୍ତ ପଞ୍ଚାୟତଗୁଡିକରେ ୪ଜଣ ଲେଖା ସଦସ୍ୟ ମନୋନୀତ କରାଯାଇଥିଲା। ଆଗାମୀ ଦିନରେ ବଡ଼ କୃଷକ ସମାବେଶ କରାଯାଇ ସରକାରଙ୍କ ନିକଟରେ ଦାବି କରାଯିବ ବୋଲି ଜଣାପଡିଛି। ଉକ୍ତ ବୈଠକକୁ ସମାଜସେବୀ ଗଙ୍ଗାଧର ବେହେରା ପରିଚାଳନା କରିଥିବାବେଳେ ରକ୍ଷ୍ୟାନନ୍ଦ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସୁବାସଚନ୍ଦ୍ର ବେହେରା, ମାଧବଚନ୍ଦ୍ର ମହାନ୍ତି, ଚିନ୍ମୟ ଧଳ, ଗଣେଶ୍ୱର ନାୟକଙ୍କ ସମେତ ୫୦ଜଣ ଯୋଗଦେଇଥିଲେ।

## ଡିଜିଟାଲ ପ୍ରମାଣପତ୍ର ନାହିଁ

# ଭିନ୍ନକ୍ଷମଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା

**ନିଶ୍ଚିନ୍ତକୋଇଲି, ୭।୯ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ସୁକରପଡ଼ା ପଞ୍ଚାୟତର ଅକ୍ଷୟ କୁମାର ନାୟକ(୫୬) ଏବଂ ସଂଗୀତା ସ୍ୱାଇଁ(୨୦) ସରକାରଙ୍କ ବର୍ଦ୍ଧିତ ହାରରେ ଭତ୍ତା ପାଉ ନ ଥିବା ଅଭିଯୋଗ କରିଛନ୍ତି। ଅକ୍ଷୟଙ୍କ ପାଖରେ ଶତ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ରହିଥିôବା ବେଳେ ସଂଗୀତାଙ୍କ ପାଖରେ ୯୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ରହିଛି। ସରକାରଙ୍କ ପକ୍ଷରୁ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ ଓ ବୃଦ୍ଧା ଏବଂ ୮୦ଶତକଡ଼ାରୁ ଉଦ୍ଧ୍ୱର୍ ଭିନ୍ନକ୍ଷମ ପ୍ରମାଣପତ୍ର ଥିବା ହିତାଧିକାରୀଙ୍କୁ ୩ ହଜାର ୫୦୦ଟଙ୍କା ଭତ୍ତା ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଏହି ଦୁଇ ଭିନ୍ନକ୍ଷମଙ୍କ ନିକଟରେ ସମସ୍ତ କାଗଜପତ୍ର ରହିଥିଲେ ମଧ୍ୟ ବିଗତ ୧୫ ମାସ ହେବ ସେ ବର୍ଦ୍ଧିତ ହାରରେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ଦୁଇ ଭିନ୍ନକ୍ଷମଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହାତଲେଖା ପ୍ରମାଣପତ୍ର ଯୋଗାଇ ଦିଆଯାଇଥିଲା। ଏହି ପ୍ରମାଣପତ୍ର ବଳରେ ସେ ବର୍ତ୍ତମାନ ମାସିକ ୧୨୦୦ ଟଙ୍କା ଲେଖାଏ ଭତ୍ତା ପାଉଛନ୍ତି। ବର୍ଦ୍ଧିତ ହାରରେ ଭତ୍ତା ପାଇବା ପାଇଁ ବହୁବାର ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ ମଧ୍ୟ ତାଙ୍କ ଦୁଃଖ କେହି ଶୁଣୁ ନାହାନ୍ତି। ଏହି ଦୁଇ ଭିନ୍ନକ୍ଷମଙ୍କ ନିକଟରେ ଡ଼ିଜିଟାଲ ପ୍ରମାଣପତ୍ର ନ ଥିବାରୁ ସେମାନଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ଦିଆଯାଉ ନ ଥିବା କାର୍ଯ୍ୟାଳୟ ପକ୍ଷରୁ ଜଣାଯାଇଛି। ଏହି ଦୁଇ ଭିନ୍ନକ୍ଷମଙ୍କର କେହି ସହଯୋଗୀ ନ ଥିବାରୁ ସେମାନେ କିପରି ମାନୁଆଲ ପ୍ରମାଣପତ୍ରକୁ ଡ଼ିଜିଟାଲ ପ୍ରମାଣପତ୍ର କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଭିନ୍ନକ୍ଷମ ସଂଗୀତା ପିତାଙ୍କ ମୃତ୍ୟୁ ହୋଇଥିଲା ବେଳେ ସେ ତାଙ୍କ ମା'ଙ୍କ ପାଖରେ ଅତ୍ୟନ୍ତ ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି।

ବର୍ତ୍ତମାନ ମହରଗ ଦୁନିଆରେ ୧୨୦୦ ଟଙ୍କାରେ ଔଷଧ ଓ ଅନ୍ୟାନ୍ୟ ଖର୍ଚ୍ଚ କରିବା ସମ୍ଭବ ପର ହେଉନାହିଁ। ସେହିଭଳି ଶତ ପ୍ରତିଶତ ଭିନ୍ନକ୍ଷମ ଅକ୍ଷୟ ମଧ୍ୟ ମାସିକ ୧୨୦୦ ଟଙ୍କା ଭତ୍ତାରେ ବହୁ ଦୁଃଖ କଷ୍ଟରେ ଚଳୁଛନ୍ତି। ସରକାରଙ୍କ ପକ୍ଷରୁ ୩୫୦୦ଟଙ୍କା ବର୍ଦ୍ଧିତ ଭତ୍ତା କରାଯାଇଥିଲେ ମଧ୍ୟ କର୍ମଚାରୀଙ୍କ ଅସହଯୋଗ ଯୋଗୁଁ ଏମାନେ ଭତ୍ତା ପାଇପାରୁ ନାହାଁନ୍ତି। କେବଳ ଏହି ଦୁଇ ଭିନ୍ନକ୍ଷମ ବ୍ୟକ୍ତି ନୁହନ୍ତି। ବ୍ଲକ ଅଞ୍ଚଳରେ ବହୁ ଭିନ୍ନକ୍ଷମମାନେ ବର୍ଦ୍ଧିତ ହାରରେ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ଏଭଳି ଭିନ୍ନକ୍ଷମଙ୍କୁ ଡ଼ିଜିଟାଲ ପ୍ରମାଣପତ୍ର ପ୍ରଦାନ କରିବାରେ ସରକାରୀ ଅଫିସରମାନେ ସହଯୋଗ କରିବା ପାଇଁ ଦାବି ହୋଇଛି।





## ମୃତ ନାବାଳକଙ୍କ ପରିବାରକୁ ସହାୟତା

ଖଲ୍ଲିକୋଟ, ୭।୯(ସମିସ): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ସାବୁଲିଆ ଗ୍ରାମରେ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଥିବା ସାବୁଲିଆ ବଜାର ସାହିର ସନ୍ୟାସୀ ନାହାକଙ୍କ ପୁଅ ମାନସ ନାହାକ(୧୭)ଙ୍କ ପରିବାରକୁ ଶନିବାର ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ତହସିଲଦାର ଡି.ମାଲେଶ୍ୱର ପାତ୍ର ଓ ବିଡ଼ିଓ ଦେବାଶିଷ ସାମଲ ଭେଟି ସମବେଦନା ଜଣାଇଥିଲେ। ଏଥିସହ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଜେପି ଯୁବନେତା ଅରୁଣ କୁମାର ଖୁଣ୍ଟିଆ, ମଣ୍ଡଳ ସଭାପତି ମିଟୁ ସ୍ୱାଇଁ, ପଙ୍କଜ ମାଝୀ, ମଣ୍ଡଳ ସମ୍ପାଦକ ସୁନିଲ କୁମାର ପଲେଇ, ଅଟଳ ଯୁବ ବାହିନୀ ସଂଯୋଜକ ସୁଭଜିତ୍ କୁମାରଙ୍କ ସହ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

## କଂଗ୍ରେସର ସାଂଗଠନିକ ସୃଜନ ଅଭିଯାନ

ରମ୍ଭା, ୭।୯(ସମିସ): ରମ୍ଭାରେ କଂଗ୍ରେସର ସାଂଗଠନିକ ସୃଜନ ଅଭିଯାନ କାର୍ଯ୍ୟକ୍ରମ ମହିଳା ନେତ୍ରୀ ସୁଜ୍ଞାନୀ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଏଆଇସିସି ପ୍ରଭାରୀ ରାମଲାଲ ଜାକ, ସମ୍ମାନିତ ଅତିଥି ରୂପେ ପୂର୍ବତନ ବିଧାୟକ ଜାଖବ ପ୍ରଧାନ, ପିସିସି ସଭ୍ୟ ବିଜନ ନାୟକ, ଜଳେଶ୍ୱର ନାୟକ, କୋଡିନେଟର ତ୍ରିନାଥ ବେହେରା, ସହ କୋଡିନେଟର ରଶ୍ମି ପଟ୍ଟନାୟକ, ଗଞ୍ଜାମ ଜିଲ୍ଲା ପୂର୍ବ ଭାଗ ଦିଗପହଣ୍ଡି ମହିଳା ସଭାପତି ବନଜା ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ବୃନ୍ଦାବନ ଖଟେଇ ଉପସ୍ଥିତ ରହିଥିଲେ। ନୂତନ ଜିଲ୍ଲା ସଭାପତି ଚୟନ ପାଇଁ ବୈଠକରେ ଆଲୋଚନା ହୋଇଥିଲା।

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ

ଧରାକୋଟ, ୭।୯(ସମିସ): ଧରାକୋଟ ବ୍ଲକ ସମ୍ମିଳନୀ କକ୍ଷରେ ମନରେଗା ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ସମଗ୍ର ଶିକ୍ଷା ଅଭିଯାନର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଉପ ଜିଲ୍ଲାପାଳ ଉମା ଶଙ୍କର ବେହେରା, ଜିଲ୍ଲା ସାମାଜିକ ସମୀକ୍ଷା ଅଧିକାରୀ ଡ ରବୀନ୍ଦ୍ର ନାଥ ମଲାଣ, ତହସିଲଦାର ଲମ୍ବୋଦର ମାରାଣ୍ଡି, ଭାରପ୍ରାପ୍ତ ବିଡିଓ ସୁଶିଲ ପଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, ଏବିଇଓ ସୌରୀ ଶଙ୍କର ବେହେରା, ରେଞ୍ଜର ପ୍ରମୋଦ କୁମାର ପଣ୍ଡା, ଯୋଗାଣ ନୀରିକ୍ଷକ ସଞ୍ଜୟ ମଲିକ, ଉପାଧ୍ୟକ୍ଷ ମନୋଜ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଏପିଓ ନନ୍ଦିନୀ ଦାସ ବିବରଣୀ ପାଠ କରିଥିଲେ। ୨୦୨୪-୨୫ର ମନରେଗା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ସମଗ୍ର ଶିକ୍ଷା ଉପରେ ଆଲୋଚନା ହୋଇଥିଲା। ପଞ୍ଚାୟତ ସ୍ତରରେ ହୋଇଥିବା କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରାଯାଇ ଅସମ୍ପୂର୍ଣ୍ଣ କାମ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମନରେଗା ବିଭାଗର ବିଏସ୍ଏ ଭଗବାନ ପଣ୍ଡା, ଅମେସ ବେହେରା, ସଞ୍ଜୀବ ରାଉଳ, ଦୀପକ ପଟ୍ଟନାୟକ, ଆଶୁତୋଷ ପ୍ରଧାନ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ ସଙ୍ଘର ଜିଲ୍ଲାସ୍ତରୀୟ ସମ୍ମିଳନୀ

ସୋରଡ଼ା, ୭।୯(ସମିସ): ଗଞ୍ଜାମ ଜିଲ୍ଲା ବିଜୁ ପଟ୍ଟନାୟକ ବରିଷ୍ଠ ନାଗରିକ ସଙ୍ଘର ତୃତୀୟ ବାର୍ଷିକ ସାଧାରଣ ଅଧିବେଶନବ ସ୍ଥାନୀୟ ସୀତାରାମ ରଙ୍ଗମଞ୍ଚ ଗୃହରେ ଆୟୋଜନ ହୋଇଛି। ସମ୍ପାଦକ ଉମାଚରଣ ଦାସ ସଂଯୋଜନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀ, ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ସୁନୀଲ କୁମାର ଭତ୍ରା, ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ବ୍ରହ୍ମପୁରର ଇନ୍ଦୁ ଭୂଷଣ ପଟ୍ଟନାୟକ, ସୋରଡ଼ା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି କେଦାର ଚନ୍ଦ୍ର ବେହେରା ଜିଲ୍ଲାର ଅନ୍ୟତମ ଶାଖା ତଥା ଖଲି ପାତ୍ର ସଭାପତି ଧରାକୋଟ, ଅଭିମନ୍ୟୁ ପଟ୍ଟନାୟକ ସଭାପତି ବେଲଗୁଣ୍ଠା, ଗଣେଶ ରଥ ସଭାପତି ଆସ୍କା, ବ୍ରହ୍ମପୁର ସଙ୍ଘର କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟକାନ୍ତ ପାତ୍ର, ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ବିଷୋୟୀ, ଦିଲ୍ଲୀପ କୁମାର ତ୍ରିପାଠୀ ସଭାପତି ଓ ବାସୁଦେବ ନାୟକ ସମ୍ପାଦକ ଶେରଗଡ଼, ଶ୍ରୀନିବାସ ରାଉଳ ସମ୍ପାଦକ କୁକୁଡ଼ାଖଣ୍ଡି, ସୂର୍ଯ୍ୟକାନ୍ତ ଗୌଡ଼ ସଭାପତି କୋଦଳା, ତ୍ରିନାଥ ଗୌଡ଼ ସଭାପତି ବିଜୁ ପଟ୍ଟନାୟକ ବରିଷ୍ଠ ନାଗରିକ ମଞ୍ଚ ସୋରଡା ଆଦି ମଞ୍ଚ ।ସିନ ରହିଥିବା ବେଳେ ଅତିଥି ମାନଙ୍କ ଦ୍ୱାରା ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସଂଘର ଅନ୍ୟତମ ସଦସ୍ୟ ଯଥା ସନ୍ତୋଷ କୁମାର ସାମନ୍ତରାୟ, ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ଉମାଚରଣ ଦାସ ପ୍ରମୁଖ ଅନ୍ୟ ସଦସ୍ୟ ମାନେ ସହଯୋଗ କରି ପରିଚାଳନା କରିଥିଲେ।

## ଶିକ୍ଷା ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

କୋଦଳା, ୭।୯(ସମିସ): ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟର ଶିକ୍ଷା ବିଭାଗ ତରଫରୁ +୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ରଘୁନାଥ ମୁଦୁଲି ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଓଡ଼ିଆ ବିଭାଗୀୟ ମୁଖ୍ୟ ରଞ୍ଜୁବାଳା ନନ୍ଦ, ଇତିହାସ ବିଭାଗୀୟ ମୁଖ୍ୟ ବିନୋଦ କୁମାର ମିଶ୍ର, ସାଗର ଚାନ୍ଦ ପାତ୍ର, ସପନ କୁମାର ଦାଶ ଆଜିର ଦିବସର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ପ୍ରଦୀପ କୁମାର ପଣ୍ଡା ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଏକ ଆଦର୍ଶ ଛାତ୍ରଛାତ୍ରୀର କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ଶିକ୍ଷା ବିଭାଗର ଅଧ୍ୟାପିକା ସାଗରିକା ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ଦ୍ୱିତୀୟ ବର୍ଷର ଛାତ୍ରୀ ତେଜ୍‌ମୟୀ ସାହୁ ଏବଂ ବର୍ଷା ଭୂୟାଁ ସ୍ୱାଗତ ସଙ୍ଗୀତ ଗାଇଥିବା ବେଳେ ଶିବାନୀ ବିଶ୍ୱାଳ ଏବଂ ସଙ୍ଗୀତା ଦାଶ ବିଦାୟ ସଙ୍ଗୀତ ଗାନ କରିଥିଲେ।

## ପୂର୍ବତନ ପ୍ରଧାନଶିକ୍ଷକଙ୍କ ପରଲୋକ



କୁକୁଡାଖଣ୍ଡି, ୭।୯(ସମିସ): ପବିତ୍ର ଗୁରୁ ଦିବସରେ କୁକୁଡ଼ାଖଣ୍ଡି ରଥଚକଡ଼ା ସାହିସ୍ଥିତ ନିଜ ବାସଭବନରେ ଜଣେ ପୂର୍ବତନ ପ୍ରଧାନଶିକ୍ଷକଙ୍କ ହୃଦ୍‌ରୋଗରେ ପରଲୋଗ ଘଟିଛି। ସେ ହେଲେ କୃପାସିନ୍ଧୁପୁର (ଶାସନ) ଗ୍ରାମର ସରକାରୀ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ କାପଲ ପୀତାମ୍ବର (୮୫)। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ ଓ ନାତୁଣୀ ସହିତ ପରିବାରବର୍ଗଙ୍କ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଭଞ୍ଜନଗରରୁ ଦୂର ହେବ ଟ୍ରାଫିକ୍ ସମସ୍ୟା

# ମିଳିତ ଚଢ଼ଉ; ହଟିଲା ଉଠା ଦୋକାନ

ଭଞ୍ଜନଗର, ୭।୯ (ସମିସ)



ଶନିବାର ଭଞ୍ଜନଗର ଏନ୍‌ଏସି ପକ୍ଷରୁ ଉଭୟ ପୁଲିସ ଓ ପ୍ରଶାସନର ମିଳିତ ସହଯୋଗରେ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ପ୍ରତ୍ୟେକ ଦୋକାନୀ ଟ୍ରେଡ୍ ଲାଇସେନ୍ସ କରିବା ବାଧ୍ୟତାମୂଳକ କରାଯାଇଛି। ଯେଉଁ ଦୋକାନୀ ଲାଇସେନ୍ସ କରିନାହାନ୍ତି ସେସବୁକୁ ସିଲ୍ କରାଯାଇଛି। ଓଡିଆରେ ଦୋକାନର ନାମ ଫଳକ ଲେଖିନଥିବା ବହୁ ଦୋକାନୀଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି। ପ୍ରତି ଦୋକାନରୁ ବେଆଇନ୍ ପଲିଥିନ୍ ଜବତ କରାଯାଇ ଜରିମାନା ହୋଇଛି। ଭଞ୍ଜନଗର ସହରରେ ଶନିବାର ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଏନ୍‌ଏସି ପକ୍ଷରୁ ସହରରେ ଜବରଦଖଲମୁକ୍ତ ପାଇଁ ଶନିବାର ଉଭୟ ପ୍ରଶାସନ ଓ ପୁଲିସର ମିଳିତ ଚଢ଼ଉ କରିଥିଲା। ବସ୍‌ଷ୍ଟାଣ୍ଡ ପରିସରରେ ଥିବା ସମସ୍ତ ଉଠା ଦୋକାନକୁ ଘଣ୍ଟାଏ ଭିତରେ ଉଠିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ବସ୍‌ଷ୍ଟାଣ୍ଡ ପରିସରରେ ଟ୍ରେଡ୍ ଲାଇସେନ୍ସ ନଥାଇ ଦୋକାନ କରିଥିବା ବହୁ ଦୋକାନ ଘରକୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଏନ୍‌ଏସି କର୍ମଚାରୀମାନେ ସିଲ୍ କରିଥିଲେ। ଅନେକ ଦୋକାନୀଙ୍କ ଠାରୁ ଜରିମାନା ମଧ୍ୟ ଆଦାୟ କରାଯାଇଥିଲା। ରାସ୍ତାକଡ଼ରେ ପନିପରିବା ଓ ଫଳ ବେପାର କରୁଥିବା ସମସ୍ତ ଦୋକାନୀଙ୍କୁ ତୁରନ୍ତ ଚାଲିଯିବାକୁ କୁହାଯାଇଥିଲା। ଅନେକ ଦୋକାନୀଙ୍କ ସାମଗ୍ରୀକୁ ଏନ୍‌ଏସି କର୍ତ୍ତୃପକ୍ଷ ନିଜ ଗାଡ଼ିରେ ଉଠାଇ ଦେଇଥିଲେ। ଯେଉଁ ଉଠାଦୋକାନୀମନେ ସନ୍ଧ୍ୟାରେ ଠେଲା ପକାନ୍ତି ସେମାନେ ରାସ୍ତାକଡ଼ରେ ଛାଡି ଯାଇଥିବା ଠେଲାଗାଡ଼ି ସନ୍ଧ୍ୟାରେ ନପାଇ ହତଚକିତ ହୋଇପଡ଼ିଛନ୍ତି। ଏନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମୁରଲୀକୃଷ୍ଣ ପଣ୍ଡା ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ବାରମ୍ବାର ତାଗିଦ୍ ସତ୍ତ୍ୱେ ସହରର ଆର୍‌ଏମ୍‌ସି ପରିସରରେ ଥିବା ଖାଲି ଜାଗାକୁ କେହି ବେପାରୀ ନଯାଇ ରାସ୍ତାଉପରେ ବସି ଜାମ କରୁଛନ୍ତି। ଫଳରେ ଟ୍ରାଫିକ୍ ସମସ୍ୟା ଗୁରୁତର ହେଉଛି। ଏଣୁ ଉଠାଦୋକାନୀ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଛି। ଚଢ଼ଉରେ ଅତିରିକ୍ତ ତହସିଲଦାର ଅବିନାଶ ମାହାର, ଥାନା ଅଧିକାରୀ ଜୀବନାନନ୍ଦ ଜେନା, ଏନ୍‌ଏସିର ବହୁ କର୍ମଚାରୀଙ୍କ ସମେତ ବହୁ ପୁଲିସ ଓ ଆଇଆରବି ଯବାନ ଉପସ୍ଥିତ ଥିଲେ।

## ଅଗ୍ନିଶମ ସେବାକେନ୍ଦ୍ର ପରିଦର୍ଶନ କଲେ ୟୁରୋ ସ୍କୁଲ ଛାତ୍ରଛାତ୍ରୀ



ଛତ୍ରପୁର, ୭।୯(ସମିସ): ଛତ୍ରପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ୟୁରୋ ସ୍କୁଲର ମୁଖ୍ୟ ରଞ୍ଜନ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ପ୍ରିନ୍ସିପାଲ ତପସ୍ୱିନୀ ସାହୁଙ୍କ ତତ୍ତ୍ୱାବଧାନରେ ସ୍କୁଲର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀ ଛତ୍ରପୁର ଅଗ୍ନିଶମ ସେବା କେନ୍ଦ୍ର ପରିଦର୍ଶନ କରି ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସେବା ସମ୍ପର୍କରେ ଜ୍ଞାନ ଆହୋରଣ କରିଥିଲେ। ଛତ୍ରପୁର ଅଗ୍ନିଶମ ସେବା କେନ୍ଦ୍ରର ଆସିଷ୍ଟାଣ୍ଟ ଫାୟାର ଅଫିସର ଧନଞ୍ଜୟ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ହାବିଲଦାର ପ୍ରଭାକର ଜେନା ଏବଂ ଅନ୍ୟ କର୍ମଚାରୀ ପିଲାଙ୍କୁ ନିଆଁ କିପରି ଲାଗେ ଓ ଏହାକୁ ଲିଭାଇବା ପାଇଁ କଣ କରାଯିବା ଉଚିତ ବୁଝାଇଥିଲେ। ଅଗ୍ନିଶମ କର୍ମଚାରୀ ବିଭାଗର ବିଭିନ୍ନ ଯନ୍ତ୍ରପାତିକୁ ବ୍ୟବହାର କରି କିପରି ବିପର୍ଯ୍ୟୟ ସମୟରେ ଲୋକଙ୍କ ଧନଜୀବନ ସୁରକ୍ଷିତ ରଖନ୍ତି ବୁଝାଇଥିଲେ। ଏହା ସହିତ ଅଗ୍ନିଶମ ବିଭାଗକୁ କିପରି ବିପର୍ଯ୍ୟୟ ସମୟରେ କଲ୍ କରିବ କହିଥିଲେ।

## ୧୪ରୁ ମା' ରାମଚଣ୍ଡୀ ପୀଠରେ ଦୁର୍ଗାପୂଜା

ଗଞ୍ଜାମ, ୭।୯(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡ଼ା ପଞ୍ଚାୟତ ନୀଳାଦ୍ରିପୁର ଗ୍ରାମ ସ୍ଥିତ ପର୍ବତ ଶିଖରେ ଅବସ୍ଥିତ ମା'ରାମଚଣ୍ଡୀଙ୍କ ପୀଠରେ ଷୋଡଶ ଦିନାତ୍ମକ ଶାରଦୀୟ ଦୁର୍ଗୋତ୍ସବ ଚଳିତ ମାସ ୧୪ରୁ ଆରମ୍ଭ ହୋଇ ୨୯ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ମା'ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ, ପୂଜା କମିଟି ଓ ପରିଚାଳନା କମିଟି ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ପୂଜା ସମୟରେ ଆଇନ ଶୃଙ୍ଖଳା ଓ ଭକ୍ତମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ ନିୟୋଜିତ କରିବା ଲାଗି ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର ଏବଂ ଛତ୍ରପୁର ଆଇଆଇସିଙ୍କୁ ଲିଖିତ ଅବଗତ କରାଯାଇଛି। ମନ୍ଦିର ଟ୍ରଷ୍ଟ, ପୂଜା କମିଟି ଓ ପରିଚାଳନା କମିଟି ତରଫରୁ ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ନାୟକ, ପୂଜା କମିଟି ସଭାପତି ସିଏଚ ଦୟାନନ୍ଦ ରେଡ୍ଡୀ, ସଂଯୋଜକ କମଳ ପଣ୍ଡା, ବରିଷ୍ଠ ପରାମର୍ଶଦାତା ତ୍ରିପତି ବାଲାଜୀ ମିଶ୍ର, ବିମ୍ବାଧର ଚର୍ଚ୍ଚୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ତିନି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ବେଲଗୁଣ୍ଠା, ୭।୯(ସମିସ): ବେଲଗୁଣ୍ଠା ବ୍ଲକର ୩ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ସେମାନେ ହେଲେ ଗାଙ୍ଗପୁର ଶରତଚନ୍ଦ୍ର ଫଣ୍ଡ ସ୍ମାରକୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅବନୀ କୁମାର ଷଡ଼ଙ୍ଗୀ, ନାଟଙ୍ଗା ଦୀନବନ୍ଧୁ ବିଦ୍ୟାପୀଠର ଶିକ୍ଷକ ପ୍ରଭାତ କୁମାର ଗୌଡ଼ ଏବଂ ବାଣତୁମ୍ବ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଷ୍ଣୁରାଣୀ ଡାକୁଆ। ସମସ୍ତ ତିନି ଶିକ୍ଷକ ଶିକ୍ଷୟିତ୍ରୀ ଛତ୍ରପୁର ଅନ୍‌ସ୍ଲୋରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଗୁରୁ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲାପାଳଙ୍କ ଠାରୁ ପ୍ରଶଂସାପତ୍ର ଏବଂ ଟ୍ରଫି ଗ୍ରହଣ କରିଥିଲେ। ପୁରସ୍କାର ପାଇଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସୋରଡା ବିଧାୟକ ନୀଳମଣି ବିଷୋୟୀ, ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ରଥ, ଏବିଇଓ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ପ୍ରତିଭା ରଥ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସାହୁ, ମନୋଜ ଘଡାଇ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଛୋଟାବସା -ବରପଲ୍ଲୀ ରାସ୍ତା ଶୋଚନୀୟ



ଗଞ୍ଜାମ, ୭।୯(ସମିସ): ଗଞ୍ଜାମ ବ୍ଲକ ପୋଇରାଶୀ ପଞ୍ଚାୟତ ଛୋଟାବସା-ବରପଲ୍ଲୀ ଆର୍‌ଡି ରୋଡ଼ ଖାଲଖମାରେ ପରିପୂର୍ଣ୍ଣ ହୋଇପଡ଼ିଛି। ଅନ୍ୟପଟେ ଗଛଲତା ରାସ୍ତା ଉପରକୁ ମାଡ଼ି ଆସି ସଂକୁଚିତ ହୋଇପଡ଼ିଥିବାରୁ ଯାନବାହନ ଯିବାଆସିବାରେ ସମସ୍ୟା ହେଉଛି। ବରପଲ୍ଲୀ, ଭୁଆଁଭୂଇଁ ଓ କଣ୍ଟିଆପଲ୍ଲୀ ପ୍ରମୁଖ ଗ୍ରାମର ୬ ହଜାର ଲୋକ ଉକ୍ତ ରାସ୍ତା ଉପରେ ନିର୍ଭର କରୁଛନ୍ତି। ଏନେଇ ସ୍ଥାନୀୟ ସମାଜସେବୀ କବିରାଜ ବେହେରା ଉକ୍ତ ରାସ୍ତା ନିର୍ମାଣ ନେଇ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ତୁରନ୍ତ ଉକ୍ତ ରାସ୍ତା ନିର୍ମାଣ ନେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ଅଭିଯାନ




ପୋଲସରା, ୭।୯(ସମିସ): ପୋଲସରା ମ୍ୟୁନିସିପାଲିଟି ପୂର୍ତ୍ତ ବିଭାଗ ଡକବଙ୍ଗଳାରେ ଶନିବାର କଂଗ୍ରେସ ଦଳ ପକ୍ଷରୁ ସଂଗଠନ ସୃଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଆଇସିସି ସମ୍ପାଦକ ତଥା ମହାରାଷ୍ଟ୍ରର ପିସିସି ଉପସଭାପତି ସଚିନ ନାଇକ ମୁଖ୍ୟଭାବେ ଯୋଗଦେଇ ଦଳୀୟ ସଂଗଠନ ଉପରେ ଆଲୋଚନା କରଥିଲେ। ଏଆଇସିସି ସମ୍ପାଦକ ନାଇକ କଂଗ୍ରେସ ଦଳ କିଭଳି ଅଧିକରୁ ଅଧିକ ମଜଭୁତ ହୋଇ ଆଗକୁ ବଢ଼ିବ ସେନେଇ ଦଳୀୟ କର୍ମୀଙ୍କ ସହିତ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ଦଳର ଜିଲ୍ଲା ସହ ସଂଯୋଜକ ଦେବକାନ୍ତ ଶର୍ମା, ଆଇନଜୀବୀ ଅଗସ୍ତି ବରାଡ଼, ପୋଲସରା ବ୍ଲକର ପର୍ଯ୍ୟବେକ୍ଷକ ଅଞ୍ଜନା ତ୍ରିପାଠୀ, ରୋହିତ ମହାପାତ୍ର, ହରପ୍ରସାଦ ବେହେରା, ଚନ୍ଦ୍ରଧ୍ୱଜ ସାହୁ, ଦୁର୍ଗାଚରଣ ସାହୁ, ରଘୁନାଥ ସାହୁ, ପ୍ରଶାନ୍ତ ଆଚାର୍ଯ୍ୟ ପ୍ରମୁଖ ସମେତ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ତହସିଲ ପକ୍ଷରୁ ପଟ୍ଟା ବଣ୍ଟନ ମେଳା



ପୁରୁଷୋତ୍ତମପୁର, ୭।୯(ସମିସ): ପୁରୁଷୋତ୍ତମପୁର ତହସିଲ କାର୍ଯ୍ୟାଳୟ ପରିସରରେ ପଟ୍ଟା ବଣ୍ଟନମେଳା ତହସିଲଦାର ବିନୋଦ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଛତ୍ରପୁର ଉପଜିଲ୍ଲାପାଳ ଡ.ଶିବାଶିଷ ବରାଳ, ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ଏନ୍‌ଏସି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ଅତିରିକ୍ତ ତହସିଲଦାର ସଙ୍ଗୀତା ସେଠୀ, ବିଇଓ କିଶୋର ଚନ୍ଦ୍ର ବେହେରା ଯୋଗଦେଇଥିଲେ। ଏହି ଅବସରରେ ୭୭୦ଟି ପଟ୍ଟା ବଣ୍ଟନ କରାଯାଇଥିଲା।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଗଞ୍ଜାମ, ୭।୯(ସମିସ): ସ୍ଥାନୀୟ ମା' ରାମଚଣ୍ଡୀ ଶକ୍ତି ପୀଠରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ



ବିଜେପିର ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର, ଜିଲ୍ଲା ସଭାପତି ସରୋଜ ସାବତ, ବ୍ରହ୍ମପୁରର ସମାଜସେବୀ ଶିବ ପ୍ରସାଦ ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଶାନ୍ତ ନାୟକ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୂଜା କମିଟି ସଭାପତି ଦୟାନନ୍ଦ ରେଡ୍ଡୀ, ଉପସଭାପତି ଦିବାକର ନାୟକ, ଶିବରାମ ନାୟକ, ରାଜେନ୍ଦ୍ର ପଲେଇ, ବରିଷ୍ଠ ପରାମର୍ଶଦାତା ତ୍ରିପତି ବାଲାଜୀ ମିଶ୍ର, ସୁଧୀର ମହାରଣା, କୋଷାଧ୍ୟକ୍ଷ କୁଞ୍ଜ ନାୟକ ଓ ଗୋବର୍ଦ୍ଧନ ନାୟକଙ୍କ ସହିତ ମନ୍ଦିର ଚର୍ତୁପାର୍ଶ୍ୱ ବୁଲି ଦେଖିଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ଗୁରୁଦିବସ

ଛତ୍ରପୁର, ୭।୯(ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ କେରାଣ୍ଡିତୋଳା ନାରାୟଣପୁର ବରିଷ୍ଠ ନାଗରିକ ମଞ୍ଚ



ତରଫରୁ ଏବଂ ଗ୍ରାମର ଯୁବ ଗୋଷ୍ଠୀ ତରଫରୁ ଗୁରୁଦିବସ ପାଳିତ ହୋଇଯାଇଛି। ଗ୍ରାମର ବରିଷ୍ଠ ତଥା ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ଏବଂ ତାଙ୍କର ଛାତ୍ର ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକ ମଞ୍ଚର ସଭାପତି ନରହରି ପ୍ରଧାନ, କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ସାହୁ, ସମ୍ପାଦକ ଗଗନ ବିହାରୀ ସାହୁ, ଯୁବ ସମାଜ ସେବୀ ବିକ୍ରମ ପାଣିଗ୍ରାହୀ, ଅମରେଶ୍ୱର ସାହୁ, ଶିବ ପାଣିଗ୍ରାହୀ, ସନ୍ତୋଷ ପ୍ରଧାନ ପ୍ରମୁଖ ଆଶୀର୍ବାଦ ଗ୍ରହଣ କରିଥିଲେ।

## ଦକ୍ଷତା ବୃଦ୍ଧି ତାଲିମ ଶିବିର

ଭଞ୍ଜନଗର, ୭।୯(ସମିସ): ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁକୁଡ଼ା ପାଳନ ଉପରେ ୫ ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରୁ ୪୦ ଜଣ ଅଗ୍ରଣୀ ଚାଷୀ ଯୋଗ ଦେଇଥିଲେ। ସେମାନଙ୍କୁ କୁକୁଡ଼ା ପାଳନର ବିଭିନ୍ନ ଦିଗ ଉପରେ ତାଲିମ ଦିଆଯାଇଥିଲା। ଚାଷୀମାନେ ନିଜ ହାତରେ ଅଣ୍ଡାଫୁଟା ଯନ୍ତ୍ରର ପରିଚାଳନା, ଚିଆଁ ବ୍ରିଡିଂ ଓ ମୃତ ପକ୍ଷୀଙ୍କ ପୋଷ୍ଟମର୍ଟମ କରିବା ଶିଖିଥିଲେ। ଏହି ତାଲିମ ଦ୍ୱାରା ଚାଷୀମାନେ ନିଜର ଜ୍ଞାନ ଓ ଦକ୍ଷତା ବୃଦ୍ଧି ସହ ସରକାରୀ ଯୋଜନା ବିଷୟରେ ଅବଗତ ହୋଇଥିବାରୁ ଖୁସି ପ୍ରକାଶ କରିଥିଲେ। ଆଗକୁ ଏପରି ଅଧିକ ତାଲିମ ଆୟୋଜନ ପାଇଁ କୃଷି ବିଜ୍ଞାନ କେନ୍ଦ୍ର ଅଧିକାରୀଙ୍କୁ ଅନୁରୋଧ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ପ୍ରାଣୀ ବୈଜ୍ଞାନିକ ଡା. ସିଦ୍ଧାର୍ଥ ରଣବିଜୁଳି ଏହି ତାଲିମ ପ୍ରଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର କର୍ମଚାରୀ ବନଜା ତ୍ରିପାଠୀ ଓ ପୂଜାରାଣୀ ବିଶୋଇ ସହାୟତା କରିଥିଲେ।

# ଠାକୁରାଣୀ ଯାତ୍ରା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ

ଦିଗପହଣ୍ଡି, ୭।୯(ସମିସ)

ଦିଗପହଣ୍ଡି ସହରର ଆରାଧ୍ୟା ମା' ବୁଢ଼ୀ ଠାକୁରାଣୀଙ୍କ ପବିତ୍ର ଶାରଦୀୟ ଯାତ୍ରା ମହୋତ୍ସବ ନିମନ୍ତେ ବଜାରସାହି ଗାନ୍ଧୀଛକ ସ୍ଥିତ ଅସ୍ଥାୟୀ ଯାତ୍ରାପୀଠରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଆସନ୍ତା ୩୦ ତାରିଖରୁ ୮ ଦିନ ବ୍ୟାପୀ ଏହି ଯାତ୍ରା ଅନୁଷ୍ଠିତ ହେବ। ଗୁରୁବାର ବିଳମ୍ବିତ ରାତିରେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ମା'ବୁଢ଼ୀ ଠାକୁରାଣୀ ମନ୍ଦିରରେ ପଣ୍ଡିତ ସନାତନ ରଥ ଶର୍ମାଙ୍କ ତତ୍ତ୍ୱାବଧାନରେ ମା'ଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମା'ଙ୍କ ଆଜ୍ଞାମାଳକୁ ବାଉଁଶ ଖୁଣ୍ଟିରେ ବନ୍ଧାଯାଇ ଆତସବାଜି ସହ ଶୋଭାଯାତ୍ରାରେ ବଜାର ସାହି ପରିକ୍ରମା କରାଯାଇ ବିଳମ୍ବିତ ରାତିରେ ଅସ୍ଥାୟୀ ଯାତ୍ରା ପୀଠକୁ ଅଣାଯାଇଥିଲା। ସେଠାରେ ବିଧି ମୁତାବକ ପୂଜାର୍ଚ୍ଚନା କରାଯିବା ପରେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଥିଲା। ଯାତ୍ରା ପରିଚାଳନା କମିଟି ସଭାପତି ବିକାଶ ପଶୁପାଳକ, ଉପସଭାପତି ଆଲୁ. ସୁଶାନ୍ତ, ସମ୍ପାଦକ ବିଚିତ୍ରାନନ୍ଦ ପଟ୍ଟନାୟକ, ସହ ସମ୍ପାଦକ ତଥା କାଉନସିଲର ଦୀପକ କୁମାର ମିଶ୍ର, କୋଷାଧ୍ୟକ୍ଷ ଆଶିଷ କୁମାର ପଟ୍ଟନାୟକ, ସହ କୋଷାଧ୍ୟକ୍ଷ କେ. ରାଜେନ୍ଦ୍ର, ଉପଦେଷ୍ଟା ଶିବ ଶଙ୍କର ମହାକୁଡ, ସତ୍ୟ ନାରାୟଣ ଦାଶ, ଏନ୍‌ଏସି ନଗରପାଳ ପ୍ରଫୁଲ୍ଲ ପଣ୍ଡା, ଓକିଲ ସଂଘର ପୂର୍ବତନ ସଭାପତି ହରପ୍ରସାଦ ରଥ, ଅର୍ଦ୍ଧ. ଗୋବିନ୍ଦ, କୁରେଶୁ ମହାରଣା, ପ୍ରଦୀପ କୁମାର ପଣ୍ଡା, କାଉନସିଲର ନୀଳମାଧବ ଗୌଡ଼, ସୁଶାନ୍ତ କୁମାର ପାତ୍ର, ରବୀନ୍ଦ୍ର କୁମାର ମାର୍ଥା, କେ. କୁନା ଏବଂ ଦୁର୍ଗା ମେକାପ ସମେତ ସହରବାସୀ ଶୁଭଖୁଣ୍ଟି ଶୋଭାଯାତ୍ରାରେ ଉପସ୍ଥିତ ଥିଲେ।



## ସୁନ୍ଦର ହସ୍ତାକ୍ଷର ପ୍ରତିଯୋଗିତା

କୋଦଳା, ୭।୯(ସମିସ): ସ୍ଥାନୀୟ ତାଳସର ସରସ୍ୱତୀ ଶିଶୁ ମନ୍ଦିରରରେ ସୁନ୍ଦର ହସ୍ତାକ୍ଷର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ତୃତୀୟ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ତାଳସର ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରାଜୁ ସାହୁ ଯୋଗଦେଇ ପ୍ରତିଯୋଗୀମାନଙ୍କ ସ୍ଥାନ ନିରୂପଣ କରିଥିଲେ। ଇନ୍ଦ୍ରାଣୀ ଭୂୟାଁ ପ୍ରଥମ, ଡି. ପ୍ରିୟଦର୍ଶିନୀ ପ୍ରଧାନ ଦ୍ୱିତୀୟ ଓ ଲିପିସ୍ମିତା ସେଠି, ତୃତୀୟ ସ୍ଥାନ ଅଧିକାର କରି କୃତିତ୍ୱ ଅର୍ଜନ କରିଥିଲେ। ଅନୁଷ୍ଠାନର ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ଦ୍ୱିତୀୟ ଆଞ୍ଚଳିକ କ୍ରୀଡ଼ା ପ୍ରତିଯୋଗିତା



ପାତ୍ରପୁର, ୭।୯(ସମିସ): ପାତ୍ରପୁର କରୁଣାକର ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ଆଞ୍ଚଳିକ କ୍ରୀଡ଼ା ପ୍ରତିଯୋଗିତା ପ୍ରଧାନ ଶିକ୍ଷକ କବିରାଜ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ପୃଷ୍ଟି, ମହନ୍ତ ପରାଙ୍କୁଶ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ନାରାୟଣ କହଁର, ବୁରାତାଲ ପ୍ରଧାନ ଶିକ୍ଷକ ନିରଞ୍ଜନ ରାଉଳ, ପୂର୍ବତନ କ୍ରୀଡା ସମ୍ପାଦକ ଅରୁଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବି. ନୂଆଗାଁ, ଭୀମପୁର, ଖରଣିପଡ଼ା, କେଲୁଆ ପ୍ରମୁଖ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

ସକାଳ THE SAKALA



## ଧନ୍ଦାମୂଳକ ଶିକ୍ଷାରେ ଅଣଓଡ଼ିଆ ପ୍ରୀତି

# ଭବିଷ୍ୟତ ଶିକ୍ଷାଦାନ ନେଇ ସନ୍ଦିହାନ ଶିକ୍ଷକ

ଧାମନଗର, ୭ ।୯ (ସମିସ):




ଉଚ୍ଚବିଦ୍ୟାଳୟ ତଥା ହାଇସ୍କୁଲରେ ଚାଲିଥିବା ଧନ୍ଦାମୂଳକ ଶିକ୍ଷାକୁ ଅଣଓଡ଼ିଆ କମ୍ପାନିଙ୍କ ହାତକୁ ଦିଆଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଅନ୍ଧାରରେ ରଖି ବିଭାଗୀୟ ଅଧିକାରୀମାନେ ଅଣଓଡ଼ିଆ କମ୍ପାନିଗୁଡ଼ିକ ସହ ଗତ ମାସରେ ରାଜିନାମା କରିଛନ୍ତି । ଏହାଦ୍ୱାରା ବର୍ତ୍ତମାନ କାର୍ଯ୍ୟରତ ୨,୧୨୦ଜଣ ଧନ୍ଦାମୂଳକ ଶିକ୍ଷକଙ୍କ ଚାକିରି ତଥା ଜୀବନଜୀବିକା ବିପନ୍ନ ହୋଇପଡ଼ିଛି ବୋଲି ଅଭିଯୋଗ ହୋଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ନିୟମ ଅନୁଯାୟୀ ରାଜ୍ୟ ସରକାରଙ୍କ ନିଯୁକ୍ତି ଦେବାର ରହିଥିଲେ ମଧ୍ୟ ତାହାକୁ ଲାଗୁ କରାଯାଉ ନାହିଁ; ବରଂ ଚୁକ୍ତିଭିତିକ କିମ୍ବା ଆଉଟ୍‌ସୋର୍ସିଂ ପଦ୍ଧତିରେ ରାଜ୍ୟର ୧,୫୪୩ଟି ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷା ପ୍ରଦାନ ପାଇଁ ୨୧ଟି ଅଣଓଡ଼ିଆ କମ୍ପାନିକୁ ନିୟୋଜିତ କରାଯାଇଛି । ଏହାଦ୍ୱାରା ବର୍ତ୍ତମାନ କାର୍ଯ୍ୟରତ ୨,୧୨୦ ଜଣ ଧନ୍ଦାମୂଳକ ଶିକ୍ଷକଙ୍କ ଜୀବିକା ବିପନ୍ନ ହୋଇପଡ଼ିଛି । ୯ ବର୍ଷ ଧରି କାର୍ଯ୍ୟରତ ଏହି ଶିକ୍ଷକଙ୍କୁ ଅସ୍ଥାୟୀ ଚାକିରିରେ ରଖିବାକୁ ନେଇ ସେମାନେ ଚିନ୍ତିତ ହୋଇପଡ଼ିଛନ୍ତି । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଉପରେ ସନ୍ଦେହ ସୃଷ୍ଟି ହୋଇଛି । ଗଣଶିକ୍ଷା ବିଭାଗର ଯେଉଁ ଅଧିକାରୀମାନେ କମ୍ପାନିଗୁଡ଼ିକ ସହ ରାଜିନାମା କରିଛନ୍ତି ସେମାନେ ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରିନାହାନ୍ତି କି ନିୟମ ସମ୍ପର୍କରେ ଜଣାଇ ନାହାନ୍ତି ବୋଲି ଅଭିଯୋଗ ଉଠୁଛି । ତେଣୁ ରାଜିନାମାକୁ ତୁରନ୍ତ ବାତିଲ୍ ସହ ଦୋଷୀ ଅଧିକାରୀଙ୍କ ବିରୋଧରେ ତଦନ୍ତ କରିବାକୁ ଦାବି ହୋଇଛି । ରାଜ୍ୟ ସରକାର ଘଟଣାରେ ତୁରନ୍ତ ହସ୍ତକ୍ଷେପ କରିବା ସହ ଶିକ୍ଷା ବ୍ୟବସ୍ଥା ପ୍ରତି ଜନତାଙ୍କ ବିଶ୍ୱାସ ଫେରାଇ ଆଣିବାକୁ ଧନ୍ଦାମୂଳକ ଶିକ୍ଷକମାନେ ଦାବି କରିଛନ୍ତି ।

## ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ

### ■ ସ୍ଥାୟୀ ସମାଧାନ ଦାବି

ଧାମନଗର, ୭ ।୯ (ସମିସ): "ସକାଳ' ଖବର କାଗଜରେ ଖବର ପ୍ରସାରଣ ପରେ ତତ୍ପର ହୋଇଛି ପୂର୍ତ୍ତ ବିଭାଗ । ଜାତୀୟ ରାଜପଥ ୧୬ ନମ୍ବର ତଥା ଧାମନଗର ଛକଠାରୁ ଧାମନଗର ବଡ଼ ବଜାର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ମଝିରେ ଖାଲଖମା ସୃଷ୍ଟି ହୋଇ ମରଣଯନ୍ତା ପାଲଟିଥିଲା । ବିଗତ ୧୦ ବର୍ଷ ମଧ୍ୟରେ ସବୁଠୁ ଅଧିକ ଜରାଜୀର୍ଣ୍ଣ ଓ ବିପଦ ସଙ୍କୁଳ ହୋଇଥିଲା ଏହି ବ୍ୟସ୍ତବହୁଳ ରାସ୍ତା । ଏହି ରାସ୍ତା ସମ୍ପର୍କରେ ଅଜଣା ଆରୋହୀ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି କେତେ ଯେ ଖଣ୍ଡିଆ ଖାବଡା ହୋଇଛନ୍ତି ତାର ହିସାବ କହିହେବ ନାହିଁ । ହାତ ଗଣତି କେତେ ଜଣଙ୍କର ଜୀବନ ମଧ୍ୟ ଯାଇଛି । ଯାହା ହେଉନା କାହିଁକି ବାରମ୍ବାର "ସକାଳ"ଖବର କାଗଜରେ ଖବର ପ୍ରସାରଣ ପରେ ତତ୍ପର ପୂର୍ତ୍ତ ବିଭାଗ ଅଧିକାରୀ ଏବଂ ଯନ୍ତ୍ରୀ ମୁଖ୍ୟରାସ୍ତା ଏବେ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି । ସେଥିପାଇଁ ଧନ୍ୟବାଦ ଜଣାଇଛନ୍ତି ଆରୋହୀ । କିନ୍ତୁ ବାକି ରହିଲା ଏହାର ସ୍ଥାୟୀ ସମାଧାନ କେବେ ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ସଡ଼କ ଅବସ୍ଥା ପ୍ରତି ପୂର୍ତ୍ତ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ, ଭଦ୍ରକ ଜିଲ୍ଲାପାଳ ଏବଂ ଧାମନଗର ବିଧାୟକ ତଥା ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସ୍ଥାୟୀ ସମାଧାନ କରିବା ପାଇଁ ବୁଦ୍ଧିଜୀବୀ ସହ ବିଭିନ୍ନ ମହଲରୁ ଦାବି କରିଛନ୍ତି ।

## କଂକ୍ରିଟ ସ୍ଲାବ୍ ଖସି ୩ ଆହତ

ବାରିକପୁର, ୭।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ଓଭରବ୍ରିଜଠାରେ କଂକ୍ରିଟ ସ୍ଲାବ ଖସିବାରୁ ଏଥିରେ ୩ ଜଣ ଆହତ ହୋଇଛନ୍ତି । ରବିବାର ଅପରାହ୍ନ ପ୍ରାୟ ୪.୩୦ ମିନିଟ୍ ସମୟରେ ଜଳମଣ୍ଡୁଆ ପଞ୍ଚାୟତ ଗୁଣ୍ଡୁପୁର ଗ୍ରାମର ତନୁଜ କୁମାର ଜୀ ତାଙ୍କ ପତ୍ନୀ ଓ ଛୋଟ ଝିଅକୁ ବାଇକରେ ଧରି ଭଦ୍ରକ ପଟୁ ଘରକୁ ଫେରୁଥିଲେ । ଏହି ସମୟରେ ବାରିକପୁର ଓଭରବ୍ରିଜ ସଂଲଗ୍ନ ରାସ୍ତା ପାର୍ଶ୍ୱରୁ ଏକ କଂକ୍ରିଟ ସ୍ଲାବ ତିନି ଜଣଙ୍କ ଉପରେ ପଡ଼ି ଯାଇଥିଲା । ଏଥିରେ ତନୁଜଙ୍କ ପତ୍ନୀ ଗୁରୁତର ହୋଇଥିବା ଜଣାପଡିଛି । ସ୍ଥାନୀୟ ଲୋକମାନେ ସେମାନଙ୍କୁ ଭଦ୍ରକ ଡ଼ାକ୍ତରଖାନାରକୁ ପଠାଇଥିବା ଜଣାପଡିଛି । ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥା ଡିବିଏଲ କମ୍ପାନୀ ଦୀର୍ଘ ଦିନ ହେବ ଓଭରବ୍ରିଜ ମରାମତି କାର୍ଯ୍ୟ କରୁଛି । ଅତି ସଙ୍କଟାପନ୍ନ ଭାବେ ଏଠାରେ ଦୈନିକ କାର୍ଯ୍ୟ ହେଉଥିବା ବେଳେ ଅନେକ ସମୟରେ ଏଥିପାଇଁ ବିଭିନ୍ନ ପ୍ରକାରର ଦୁର୍ଘଟଣା ଘଟୁଛି । କମ୍ପାନୀର ଦାୟିତ୍ୱହୀନ କାର୍ଯ୍ୟ ଯୋଗୁଁ ଲୋକମାନେ ଦୁର୍ଘଟଣାରେ ଶିକାର ହେଉଥିବା ଅଭିଯୋଗ ହେଉଛି । ଏହା ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଇନ୍ଦୁପୂର୍ଣ୍ଣିମା ଓ ଭାଗବତ ଜନ୍ମୋତ୍ସବ ପାଳିତ

ଭଣ୍ଡାରିପୋଖରୀ, ୭।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଭାଗବତ ଟୁଙ୍ଗୀରେ ରବିବାର ଇନ୍ଦୁପୂର୍ଣ୍ଣିମା ଅବସରରେ ଭାଗବତ ଜନ୍ମୋତ୍ସବ ପାଳନ କରାଯାଇଛି । ମହାପୁରୁଷ ଅତିବଡ଼ି ଜଗନ୍ନାଥ ଦାସ ଇନ୍ଦୁପୂର୍ଣ୍ଣିମାରେ ଭାଗବତ ରଚନା ସମ୍ପୂର୍ଣ୍ଣ କରିଥିବା ସ୍ମୃତିରେ ଭାଗବତ ଜନ୍ମୋତ୍ସବ ପାଳନ କରାଯାଇଛି । ଏହି ଉପଲକ୍ଷେ ସରସଦା ଭାଗବତ ଟୁଙ୍ଗୀ ପରିଚାଳନା କମିଟି ଆନୁକୂଲ୍ୟରେ ସକାଳେ ଉପସଭାପତି ଉମାକାନ୍ତ ପାତ୍ରଙ୍କ ଦ୍ୱାରା କଳସ ପୂଜନ କରାଯାଇଥିଲା । ଦ୍ୱାଦଶ ସ୍କନ୍ଧ ଭାଗବତର ସୂଚୀ ଅଧ୍ୟାୟ ପଠନ ସମାପ୍ତ କରାଯିବା ସହ ଆଗାମୀ ବର୍ଷ ପାଇଁ ଭାଗବତ ପଠନ ଆରମ୍ଭ କରାଯାଇଥିଲା । ପୂଜକ ରାମଚନ୍ଦ୍ର ପତି ଭାଗବତ ପଠନ କରି ସ୍ରୋତାଙ୍କୁ ଭାବାର୍ଥ ବୁଝାଇଥିଲେ । ସହ ଆଗାମୀ ବର୍ଷ ପାଇଁ ଭାଗବତ ପଠନ ଆରମ୍ଭ କରାଯାଇଥିଲା । ମଧ୍ୟାହ୍ନରେ ଆରତି, ପୂର୍ଣ୍ଣାହୁତି, ପୁଷ୍ପାଞ୍ଜଳି ଓ ବଡଭୋଗ ଲାଗି ହୋଇଥିଲା । ସ୍ରୋତାମାନେ ଭାଗବତ ଶ୍ରବଣ କରି ମଧ୍ୟାହ୍ନରେ ପ୍ରସାଦ ସେବନ କରିଥିଲେ । ଏହି ଅବସରରେ ନାମସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଭାଗବତ ଟୁଙ୍ଗି ପରିଚାଳନା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ୩୯ତମ ଆଧ୍ୟାତ୍ମିକ ଉତ୍ସବ ପାଇଁ ଗ୍ରାମବାସୀମାନେ ସହଯୋଗ କରିଥିଲେ । ସେହିପରି ବରାହନୂଆପଡା ଗ୍ରାମର ମା'ବୁଢ଼ି ଜାଗୁଲାଇ ଭାଗବତ ଟୁଙ୍ଗୀ ପକ୍ଷରୁ ଭାଗବତ ପାଠ ଓ ହରିହାଟ ଅନୁଷ୍ଠିତ ହୋଇଯାଇଛି । ଭାଗବତପ୍ରେମୀ ବାସନ୍ତି ନାୟକଙ୍କ ସଂଯୋଜନାରେ ପୂଜକ କାଳନ୍ଦୀ ଦାଶ ଭାଗବତ ଗାଦି ପୂଜାର୍ଚ୍ଚନା କରାଯାଇଥିଲା । ୬୪ ଜଣ ଭାଗବତପ୍ରେମୀ ପ୍ରଦୀପ ପ୍ରଜ୍ୱଳନ କରି ଭାଗବତ ପାଠ କରିଥିଲେ । ଗ୍ରାମ ସଙ୍କୀର୍ତ୍ତନମଣ୍ଡଳୀ ପକ୍ଷରୁ ନାମ ସଙ୍କୀର୍ତ୍ତନ ଓ ଭଜନ ଜଣାଣ ପରିବେଷଣ କରାଯାଇଥିଲା । ସାନଶାସନ ପଞ୍ଚାୟତର ତେନ୍ତୁଳିଆଠାରେ ବାଞ୍ଛାନିଧି ମାଝୀଙ୍କ ଦ୍ୱାରା ପ୍ରତିଷ୍ଠିତ ଭାଗବତ ଟୁଙ୍ଗୀର ୧୧୫ତମ ଉତ୍ସବ ପାଳିତ ହୋଇଥିଲା । ଏହି ଉପଲକ୍ଷେ ଭାଗବତ ମାହାତ୍ମ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ବାବଲପୁର ଭାଗବତ ଟୁଙ୍ଗୀ, ମଣିନାଥପୁର ନୂଆସାହି ଭାଗବତ ଟୁଙ୍ଗୀରେ ଭାଗବତ ଜନ୍ମୋତ୍ସବ ଭାବଭକ୍ତି ସହକାରେ ପାଳନ ହୋଇଛି ।

## ବ୍ରାଉନସୁଗର ଜବତ; ୨ ଗିରଫ

ଭଦ୍ରକ,୭।୯ (ସମିସ): ଚାରିଘରିଆ ଆଦିବାସୀ ସାହି ଅଞ୍ଚଳରେ ବ୍ରାଉନସୁଗର କାରବାର କରିବାକୁ ଆସିଥିବା ବେଳେ ଦୁଇଜଣ ଅଭିଯୁକ୍ତଙ୍କୁ ଠାବ କରି ହେପାଜତକୁ ନେଇଛି ଟାଉନ ପୁଲିସ । ସେମାନଙ୍କଠାରୁ ୧୬.୫୬ଗ୍ରାମ ଧଳାଜହର ଜବତ ହୋଇଛି । ମୋବାଇଲ ଫୋନ ଓ ୧୦ ହଜାର ଟଙ୍କା ଜବତ ହୋଇଛି । ଏମାନଙ୍କ ସହ ଆଉ କେଉଁମାନେ କାରବାରରେ ସମ୍ପୃକ୍ତ ସେଥିନେଇ ଖୋଳତାଡ଼ କରୁଛି ପୁଲିସ । ଗିରଫଦ୍ୱୟ ହେଲେ, ତପନ ପାତ୍ର ଓ ଖଗେଶ୍ୱର ପଣ୍ଡା ।

## ପ୍ରସିଦ୍ଧ ଶ୍ରୀଅନନ୍ତ ନାରାୟଣ ପୂଜାବ୍ରତ



ଭଦ୍ରକ,୭ ।୯ (ସମିସ): ଭଦ୍ରକ ସହର ଅନ୍ତର୍ଗତ ନରିପୁର (ଅସ୍ତଳ) ଗ୍ରାମରେ ପ୍ରତିବର୍ଷ ଅନନ୍ତ ବ୍ରତରେ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜୋତ୍ସବ ଅନୁଷ୍ଠିତ ହୋଇଥାଏ । ସେପ୍ଟେମ୍ବର ୬ ତାରିଖ ଶନିବାର ଅନନ୍ତ ବ୍ରତ ପୂଜାରେ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସାଳନ୍ଦୀ ଘାଟରୁ କଳସ ଆସିବା ପରେ ଘଟ ସ୍ଥାପନ ପରେ ନରିପୁର ଅସ୍ତଳ ଗ୍ରାମ ଚଳଚଞ୍ଚଳ ହେଲାଣି । ଅନନ୍ତ ନାରାୟଣଙ୍କ ପୂଜା ପାଇଁ ସମସ୍ତେ ଲାଗି ପଡ଼ିଛନ୍ତି । ଏଠାରେ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ମନ୍ଦିରରେ ବିଗ୍ରହଙ୍କୁ ଦେଖିବା ଲାଗି ଓ ଏଠାରେ ବ୍ରତ ପାଳନ ପାଇଁ ଭକ୍ତଙ୍କ ଭିଡ଼ ଲାଗିଥାଏ । ପ୍ରଭୁ ଅନନ୍ତଙ୍କ ନିକଟରେ ଯିଏ ଯାହା ମନସ୍କାମନା କରେ ତାହାର ମନବାଞ୍ଛା ପୂରଣ ହୋଇଥାଏ । ଭଦ୍ରକ ସହର ନରିପୁର (ଅସ୍ତଳ) ଗ୍ରାମନିବାସୀ ସ୍ୱର୍ଗତ କ୍ଷେତ୍ରମୋହନ ନାୟକ ଓ ତାଙ୍କ ସାଙ୍ଗ ସ୍ୱର୍ଗତ ପୁରୁଷୋତ୍ତମ ପଢ଼ିଆରୀ ଦୁହେଁ ବନ୍ତ ବ୍ଲକ ଅନ୍ତର୍ଗତ ମଙ୍ଗୁଲି ଗ୍ରାମର ଏକ ତିନିଛକ ରାସ୍ତାରେ ତମ୍ବା ନାଗ, ବ୍ରତ ଆଦି ପାଇ ସ୍ୱର୍ଗତ ନାୟକ ତାଙ୍କ ଘରକୁ ଆଣିଥିଲେ । କ୍ଷେତ୍ରମୋହନ ଓ ତାଙ୍କ ପତ୍ନୀ ଜଞ୍ଜାଳି ଦେବୀ ଠାକୁରଙ୍କୁ ପୂଜାର୍ଚ୍ଚନା କରି ଆସୁଥିବା ବେଳେ ତାଙ୍କ ପୁତ୍ର ସୁରେନ୍ଦ୍ର ଓ ପୁତ୍ରବଧୂ ହରିପ୍ରିୟା ଦୈନନ୍ଦିନ ନୀତିପୂଜା କରୁଥିଲେ । ଘର ପାଖ ଚଉଁରାମୂଳରେ ସ୍ୱତନ୍ତ୍ର ଠାକୁର ଘର ନିର୍ମାଣ ଚାଲୁଥିବା ବେଳେ ୧୯୭୯ ମସିହା ଅକ୍ଷୟ ତୃତୀୟା ଦିନ ଅନନ୍ତଶଯ୍ୟା ବିଶିଷ୍ଟ ମୂର୍ତ୍ତି ପ୍ରତିଷ୍ଠା କରିବାକୁ ସ୍ୱପ୍ନାଦେଶ ପାଇ ଏହି କାର୍ଯ୍ୟ ସମ୍ପନ୍ନ କରିଥିଲେ । ତିହିଡ଼ି ଥାନା ଅଧୀନ ପାଳିଆ ନୂଆନନ୍ଦ ସାନ ହାଟୁଆରୀ ଗ୍ରାମର ମୂର୍ତ୍ତିକାରିଗର ବାବାଜୀ ପୁଷ୍ଟିଙ୍କୁ ସ୍ୱପ୍ନାଦେଶ ହେବାରୁ ସେ ବିଗ୍ରହମାନ ଗଢ଼ିଥିଲେ ବୋଲି କୁହାଯାଏ । ଏହି ପରମ୍ପରାକୁ ପାଥେୟ କରି ପାଳିତ ହେଉଥିବା ଅନନ୍ତ ନାରାୟଣଙ୍କ ପୂଜା ଦିନକୁ ଦିନ ଲୋକପ୍ରିୟତା ଅର୍ଜନ କରୁଛି ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ସରୋଜ ଓଝା

ଭଦ୍ରକ, ୭ ।୯ (ସମିସ): ସରୋଜ କୁମାର ଓଝା ୨୦୨୪-୨୫ ଶିକ୍ଷାବର୍ଷର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ତିହିଡ଼ି ବ୍ଲକ୍ ପାଇଁ ଗୌରବ ଆଣିଦେଇଛନ୍ତି । ମନ୍ତ୍ରବାସୁଳୀ ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବରେ ଶ୍ରୀ ଓଝା ଏବେ କାର୍ଯ୍ୟରତ ଅଛନ୍ତି । ଜିଲ୍ଲାସ୍ତରୀୟ ପବିତ୍ର ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଏହି ଅଭିନନ୍ଦନ ଉତ୍ସବ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଦ୍ରକ ସଭାଗୃହରେ ଆୟୋଜିତ ହୋଇଥିଲା । ମୁଖ୍ୟଅତିଥି ଭାବରେ ଭଦ୍ରକ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ସରୋଜ କୁମାର ଦତ, ଡେପୁଟି ଜିଲ୍ଲାପାଳ ଡ. କାର୍ତ୍ତିକନାଥ ମଣ୍ଡଳ, ଜିଲ୍ଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ରାଉଳ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ତୃପ୍ତିମୟୀ ପାତ୍ର ଓ ଧରଣୀଧର ପାତ୍ରଙ୍କ ସମେତ ତିହିଡ଼ି ବ୍ଲକ୍ ଶିକ୍ଷାଧିକାରିଣୀ ସୂର୍ଯ୍ୟଶିଖା ମହାନ୍ତି ଓ ଅନ୍ୟ ମାନ୍ୟଗଣ୍ୟ ଅଧିକାରୀ ମଞ୍ଚାସୀନ ଥିଲେ । ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଏବଂ ଆଦର୍ଶ ଶିକ୍ଷକ ସମେତ ଏକାଧାରରେ କବି ଓ ଲେଖକ ଶ୍ରୀ ଓଝା ଜଣେ ଚର୍ଚ୍ଚିତ ଚେହେରା । ନିକଟରେ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ଆଣି ବେଶ୍ ପ୍ରଶଂସାର ପାତ୍ର ପାଲଟିଛନ୍ତି ।

## ମହିଳାଙ୍କୁ ବସ୍ତ୍ର ବଣ୍ଟନ

ତିହିଡ଼ି, ୭ ।୯ (ସମିସ): ତିହିଡି ବ୍ଲକ୍ ପୀରହାଟ ଅଞ୍ଚଳର ଦୁଃସ୍ଥ, ଅସହାୟ ଓ ଅବହେଳିତ ମଣିଷଙ୍କ ସାଥୀ ତଥା ଜଣେ ଦରଦୀ ଓ ହୃଦୟବାନ ମଣିଷ ଭାବେ ପରିଚିତ ସ୍ୱର୍ଗତ ବିଭୂତି ଭୂଷଣ ସେନାପତିଙ୍କ ସ୍ମୃତିରେ ଅଗ୍ରଣୀ ସାମାଜିକ ସେବା ସଙ୍ଗଠନ 'ପ୍ରଦେଶ ସେବା ସଙ୍ଗଠନ' ପକ୍ଷରୁ ଅସହାୟ ମହିଳା ମାନଙ୍କୁ ବସ୍ତ୍ର ବଣ୍ଟନ କରାଯାଇଛି । ଏହି ଉପଲକ୍ଷେ ପୀରହାଟ ପାଢୀସାହିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗଠନର ସଭାପତି ରଞ୍ଜନ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ କୋଷାଧ୍ୟକ୍ଷ ଆର୍ତ୍ତବଲ୍ଲଭ ବାରିକ, ଅକ୍ଷୟ ରଣା, ପ୍ରହ୍ଲାଦ ପାଣିଗ୍ରାହୀ, ସମୀର ଓଝା. ବିଶ୍ୱଜିତ ସେନାପତି, ନରେନ୍ଦ୍ର ମହାନ୍ତି ଓ ଧୀରେନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ମୋଟ ୬୭ ଜଣ ଅସହାୟ ମହିଳାଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା । ସ୍ୱର୍ଗତ ସେନାପତିଙ୍କ ସାନପୁଅ ବ୍ରଜକିଶୋର ସେନାପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା



ଭଦ୍ରକ, ୭।୯ (ସମିସ): ଭଦ୍ରକ ନୂଆବଜାରସ୍ଥିତ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ସକାଳ ୧୦ଟାରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଜ୍ଞାନ ମିଶନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୧୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଗୀତାର ୫ମ ଅଧ୍ୟାୟରୁ ୧୦ମ ଅଧ୍ୟାୟ ପର୍ଯ୍ୟନ୍ତ ଶ୍ଳୋକ ଆବୃତ୍ତି କରିଥିଲେ । ୪ଟି ବିଭାଗରେ ପ୍ରତିଯୋଗୀଙ୍କୁ ଭାଗ କରାଯାଇଥିବା ବେଳେ ପ୍ରତି ବିଭାଗରୁ ୩ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । କ ବିଭାଗରେ ଏସ୍‌ବିଡିଇଣ୍ଟର୍ନ୍ୟାସନାଲ ସ୍କୁଲର ସାନ୍‌ଭି ମହାନ୍ତି ପ୍ରଥମ, ଖ ବିଭାଗରେ ସେହି ସ୍କୁଲର ଶ୍ରେୟା ପଣ୍ଡା, ଗ ବିଭାଗରେ ଆଦର୍ଶ ବିଦ୍ୟାଳୟର ଶୁଭାଙ୍ଗୀନ ସାମନ୍ତ, ଘ ବିଭାଗରେ ଭଗରଥି ଦାସ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ବିଚାରକ ଭାବେ ନିତ୍ୟାନନ୍ଦ ମିଶ୍ର, ଦୈତାରୀ ଦୀକ୍ଷିତ, ଅଜୟ କୁମାର ନାୟକ, ଦୁର୍ଗା ଦାସ, ଅନ୍ନପୂର୍ଣ୍ଣା ଦେବୀ ଯୋଗ ଦେଇଥିଲେ । ପ୍ରଜ୍ଞାନ ମିଶନର ରବିନାରାୟଣ ଦାସ, ଜଗବନ୍ଧୁ ସାହୁ, ବିଭୁକଲ୍ୟାଣ ସ୍ୱାଇଁ ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ସୂର୍ଯ୍ୟପ୍ରଭା ସାହୁ, ମାଧବ ବେହେରା, ଦୀପ୍ତି ସାହୁ, ସଙ୍ଗୀତା ସାହୁ, ଜଗଦୀଶ ସାମଲ ପ୍ରମୁଖ ସହଯୋଗ କରିଥିଲେ ।

## ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ସମାରୋହ

ଧାମନଗର,୭ ।୯ (ସମିସ): ଧାମନଗର ଏନଏସି ଅନ୍ତର୍ଗତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆତ୍ମଜ୍ୟୋତି ଭବନରେ ଗୁରୁ ପୂଜନ ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ପରିଚାଳିକା ବ୍ରହ୍ମ କୁମାରୀ ଅନୁପମାଙ୍କ ସହ ମୁଖ୍ୟଅତିଥି ଭାବେ ଏସଡିପିଓ ତ୍ରିଲୋଚନ ସେଠୀ ଯୋଗ ଦେଇଥିଲେ । ଏଥିରେ ଅବସରପ୍ରାପ୍ତ ଶିକ୍ଷକ ସୁବାସଚନ୍ଦ୍ର ବାରିକ, ବିଜୟଲକ୍ଷ୍ମୀ ନାୟକ, ଶରତଚନ୍ଦ୍ର ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଶିକ୍ଷାବିତ ଶଚୀକାନ୍ତ ପଣ୍ଡା, ନିରାକାର ଧଳ, ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷାବିତ ମହେଶ୍ୱର ସ୍ୱାଇଁ ସଭା ସଞ୍ଚାଳନ କରିଥିବା ବେଳେ ଶିକ୍ଷକ ମନୋଜ ସିଂହ ମଞ୍ଚ ଆମନ୍ତ୍ରଣ, ହେମେନ୍ଦ୍ର ନାଥ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟ ଶିକ୍ଷକ ରତ୍ନାକର ମହାପାତ୍ରଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଶିକ୍ଷାବିତ ଅଭିମନ୍ୟୁ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଉଠାଣ



ଭଣ୍ଡାରିପୋଖରୀ, ୭ ।୯ (ସମିସ): ଭାଗବତ ଜନ୍ମ ଓ ଇନ୍ଦୁପୂର୍ଣ୍ଣିମା ଅବସରରେ ଚଳିତ ବର୍ଷ ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି ପାଇଁ ରବିବାର ପୂର୍ବାହ୍ନ ୧୦ଟାରେ ମାଟି ଉଠା ପର୍ବ ପାଳନ କରାଯାଇଛି । ଜଗନ୍ନାଥ ବଜାର ବଣିକସଂଘ ମାଳଦା ପକ୍ଷରୁ ଆୟୋଜିତ ମା' ଗଜଲକ୍ଷ୍ମୀ ପୂଜା ପାଇଁ କର୍ତ୍ତା ଭାବେ ସୁଦୀପ୍ତା ଶତପଥୀ ଓ ଅନିଲ୍ ଶତପଥୀ ସଂକଳ୍ପ କରି ମାଟି ଉଠା ପର୍ବ ପାଳନ କରାଯାଇଛି । ପୂଜକ ଭାବେ ବିଜୟ ତ୍ରିପାଠୀ, ବଣିକସଂଘର ସଭାପତି ଚନ୍ଦ୍ରଶେଖର ମହାନ୍ତି, ସଂପାଦକ ରାଜେନ୍ଦ୍ର ଶତପଥୀ, କମଳାକାନ୍ତ ସାମଲ, ଅଜୟ ବାରିକ, ନିଶିକାନ୍ତ ସୁତାର, ନିରାକାର ବେଉରିଆ, ଅଦ୍ୱୈତ ପରିଡ଼ା, ଦେବାଶିଷ ପଣ୍ଡା, ସୁଦାମ ଦାସ, ଶ୍ୟାମସୁନ୍ଦର ଦାସ, ନିରଞ୍ଜନ ବେଉରିଆ, ଲଳିତ ନାୟକ, ଧିରେନ୍ଦ୍ର ନାୟକ, ଦୁର୍ଯ୍ୟୋଧନ ଦାସ, ଗୋପାଳ କୁଅଁର, ମୁନୀବର ଧଳ, କୁନା ସାହୁ ସହଯୋଗ କରିଥିଲେ ।

## 'ସଫଳ ମଣିଷ ହେବା ପାଇଁ ଗୁରୁଙ୍କ ଆଶୀର୍ବାଦ ଲୋଡ଼ା'

ଭଦ୍ରକ, ୭ ।୯ (ସମିସ): ଶିକ୍ଷକମାନେ ହେଉଛନ୍ତି ସୁସ୍ଥ ସମାଜର ନିର୍ମାଣକାରୀ, ଉତ୍ତମ ଛାତ୍ରଛାତ୍ରୀ ଗଢି ତୋଳିବାରେ ଶିକ୍ଷକଙ୍କର ଭୂମିକା ଅତୁଳନୀୟ । ତେଣୁ ପ୍ରତ୍ୟେକ ସଫଳ ମଣିଷ ହେବା ପାଇଁ ଜଣେ ଗୁରୁର ଆଶୀର୍ବାଦ ନିହାତି ଆବଶ୍ୟକ । ଆଧୁନିକ ଯୁଗରେ ମଣିଷ ଯେତେ ବିକାଶ କଲେ ମଧ୍ୟ ଗୁରୁର ସ୍ଥାନ କେହି ନେଇ ପାରିବେ ନାହିଁ ବୋଲି ପବିତ୍ର ଗୁରୁଦିବସ ଅବସରରେ ଓଡିଶା ତେଜସ୍ୱିନୀ ମହିଳା ସଂଗଠନ ଓ ସ୍ୱରାଜବାର୍ତ୍ତା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଅତିଥିମାନେ ମତ ଦେଇଛନ୍ତି । ଜିଲ୍ଲା ସଂସ୍କୃତି ଭବନ ପରିସରରେ ଗତ ଶୁକ୍ରବାର ସନ୍ଧ୍ୟା ୭ଟାରେ ଗୁରୁଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ବିଶିଷ୍ଟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ମୁଖ୍ୟବକ୍ତା ଭାବେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ଇଂ ଅଭୟ ସୂତାର, ଅଧ୍ୟକ୍ଷ ନିହାର ରଞ୍ଜନ କର ପ୍ରମୁଖ ଯୋଗ ଦେଇଥିଲେ । ସଂଗଠନ ଉପସଭାପତି ମନୋରମା ରାୟ ମଞ୍ଚ ଆମନ୍ତ୍ରଣ, ଉପଦେଷ୍ଟା ଜାନକୀ ପାଢ଼ୀ ଅତିଥି ପରିଚୟ ପ୍ରଦାନ, ସଭାନେତ୍ରୀ କଳ୍ପନା ଜେନା ପ୍ରାରମ୍ଭିକ ସୂଚନା, ସମ୍ପାଦିକା ଅଞ୍ଜନା ମିଶ୍ର ସମ୍ପାଦକୀୟ ବିବରଣୀ, ସହ ସମ୍ପାଦିକା ଗାୟତ୍ରୀ ସେଠୀ, ଆବାହକ ରେଣୁବାଳା ଖିଲାର, ସଦସ୍ୟା ରିତାଞ୍ଜଳି ମହାରଣା, ରେଣୁକା ନାୟକ, ସଦସ୍ୟ କୃଷ୍ଣଚନ୍ଦ୍ର ବେହେରା ଅତିଥିଙ୍କୁ ସ୍ୱାଗତ କରିଥିଲେ । ସାଂସ୍କୃତିକ ସମ୍ପାଦକ ରିଚିସ୍ମିତା ମହାନ୍ତିଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କଣ୍ଠଶିଳ୍ପୀ କୁମାର ଗୌତମ ଗୁରୁ ବନ୍ଦନା ଗାନ କରିଥିଲେ । ଉପଦେଷ୍ଟା ଦୀପ୍ତିମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ୩୭ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉପଦେଷ୍ଟା ଦୀପାଳି ମିଶ୍ର, ଆବାହକ ରେଣୁବାଳା ଖିଲାର, ଉପସଭାପତି ଚଇତାଳି ଖିଲାର, ଆଇନଜୀବୀ ଅଞ୍ଜୁବାଳା ରାଉତ, ଚିତ୍ରଶିଳ୍ପୀ ପ୍ରଭାତ ଜେନା, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ବେହେରା, ଟୁଲୁ ରାୟ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ ।

## ତରବରିଆ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ

ବାରିକପୁର/ମଞ୍ଜୁରୀ ରୋଡ, ୭ ।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକରେ ଆୟୋଜିତ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତା ତରବରିଆ ଭାବେ ହୋଇଥିବା ଅଭିଯୋଗ ହେଉଛି । ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚଳିତ ମାସ ୧ ଓ ୨ ତାରିଖ ମଞ୍ଜୁରୀ ସ୍କୁଲଠାରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ୧୪ ବର୍ଷରୁ କମ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପିଲା ଭାଗ ନେଇଥାଆନ୍ତି । ଏହାଛଡା ୧୭ ବର୍ଷରୁ କମ ବୟସର ଅଷ୍ଟମଠାରୁ ଦ୍ୱାଦଶ ଶ୍ରେଣୀ ଯାଏଁ ଛାତ୍ରଛାତ୍ରୀ ମଧ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ନିୟମ ରହିଛି । ଅତି ବେପରୁଆ ଭାବେ ଏହାକୁ ଆୟୋଜନ କରାଯାଇଥିବା ଅଭିଯୋଗ ହୋଇଛି । ଏଥିରେ କେବଳ ହାଇସ୍କୁଲର କିଛି କ୍ରୀଡ଼ା ଶିକ୍ଷକଙ୍କୁ ସୀମିତ ଭାବେ ଛାତ୍ରଛାତ୍ରୀଙ୍କୁ ଆଣିବା ପାଇଁ କୁହାଯାଇଥିଲା । ଉପଯୁକ୍ତ ସୂଚନା ଅଭାବରୁ ସଂଖ୍ୟାଧିକ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ପ୍ରତିଯୋଗିତାରୁ ବଞ୍ଚିତ ହୋଇଥିବା ଜଣାପଡିଛି । ଏପରିକି ଯେଉଁ ବିଦ୍ୟାଳୟଠାରେ ଦ୍ୱାଦଶ ଶ୍ରେଣୀ ଶିକ୍ଷା ରହିଛି ସେଠିକାର ବିଦ୍ୟାର୍ଥୀମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନଥିବା ଅଭିଭାବକ ମହଲରୁ ଜଣାଯାଇଛି । ବ୍ଲକର ଏକମାତ୍ର ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ମଧ୍ୟ ଏଥିରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ଏଭଳି ମନମାନି ଆୟୋଜନକୁ ଅନେକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ନାପସନ୍ଦ କରିଛନ୍ତି । ଏବିଇଓ ଅକ୍ଷୟ କୁମାର ଜେନାଙ୍କ ମତାମତ ନେବାରୁ ସେ ଏଥିରେ ସନ୍ତୋଷଜନକ ଉତ୍ତର ଦେଇ ନପାରି କଥାକୁ ଏଡାଇ ଯାଇଥିଲେ । ପ୍ରକୃତ ଘଟଣା ଜାଣିବା ପାଇଁ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେଠାରୁ କୌଣସି ଉତ୍ତର ମିଳି ନଥିଲା ।

## ଏସ୍‌ବିଆଇ ନୂଆ ବଜାର ପକ୍ଷରୁ ଗୁରୁ ପୂଜନ କାର୍ଯ୍ୟକ୍ରମ

ଭଦ୍ରକ, ୭ ।୯ (ସମିସ):




ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଷ୍ଟେଟ୍ ବେଙ୍କ ଅଫ ଇଣ୍ଡିଆ, ନୂଆ ବଜାର ଶାଖା ପକ୍ଷରୁ ଗୁରୁଦିବସ ଉପଲକ୍ଷେ ଗୁରୁପୂଜନ କାର୍ଯ୍ୟକ୍ରମ ଏସବିଆଇ ଶାଖା ପ୍ରବନ୍ଧକ ନିଗମାନନ୍ଦ ନାୟକଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ବିପଦଭଞ୍ଜନ ପାଢ଼ୀ ବେଦପାଠ ଓ ମୁକୁନ୍ଦକୃଷ୍ଣ ଦାସ ମହାରାଜ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ପ୍ରଫେସର ଅଟଳ ବିହାରୀ ନାୟକ ଗୁରୁ ସାକ୍ଷାତ୍ ଈଶ୍ୱର ଏବଂ ଜଣେ ଗୁରୁ ଆଦର୍ଶବାଦୀ ହେଲେ ସୁସ୍ଥ ସମାଜ ଗଢ଼ି ଉଠିବ ବୋଲି ମତ ବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଡଃ ନିତ୍ୟାନନ୍ଦ ମିଶ୍ର, ଡଃ ମନୀନ୍ଦ୍ର ମହାନ୍ତି, ନିହାର ରଂଜନ କର, ଡଃ ନିରଞ୍ଜନ ଦାଶ ଓ ଡଃ ଗିରିଜା ଶଙ୍କର ପତି ପ୍ରମୁଖ ଯୋଗଦାନ କରିଥିଲେ । ନୂଆ ବଜାର ଶାଖା ପକ୍ଷରୁ ଶତାଧିକ ଆଦର୍ଶ ଶିକ୍ଷକ ଓ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ମନୋରମା ଆ.ର୍ଯ୍ୟ, ଶୈଳେନ୍ଦ୍ର ନାରାୟଣ ପାଢ଼ୀ, ନିଳିମା ପଣ୍ଡା, କିଶୋର ପାଣିଗ୍ରାହୀ, ବିଜୟବହଳୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ନିରନ ନାୟକ, ରତିକାନ୍ତ ବେହେରା, ମନୋଜ କୁମାର ସାହୁ, ରବୀନ୍ଦ୍ର ହୋତା, ଅରବିନ୍ଦ ଦିକ୍ଷୀତ, ବର୍ଣ୍ଣିତା ମିଶ୍ର, ଶୁଭ୍ରଜିତ୍ ମିଶ୍ର, ବିମ୍ବାଧର ସେନାପତି, ରତ୍ନରାଜ ଅକ୍ଷୟ ପ୍ରଭୃତି ଶିକ୍ଷକ ଓ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶାଖାର କ୍ଷେତ୍ର ପରି.ଳିକା ସଂଘମିତ୍ରା ଆ.ର୍ଯ୍ୟ, ମାନସ ରଂଜନ ସାହୁ, କ୍ରିଷ୍ଣାରାଣୀ ନାୟକ, ଅମର ବାରିକ, ଚିନ୍ମୟଦାସ ମହପାତ୍ର, ବିଜୟ କ, ସତ୍ୟଜିତ୍ ମଲ୍ଲିକ, ସସ୍ମିତା ନାୟକ, ଶିକ୍ଷାବିତ୍ ଅଭୟ ଦାସ ପ୍ରମୁଖ ସଭା ପରିଚାଳନା କରିଥିବା ବେଳେ ମନୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାଗବତ ଜନ୍ମଉତ୍ସବ

ଭଦ୍ରକ, ୭ ।୯ (ସମିସ): ଭଦ୍ରକ ପୌରାଞ୍ଚଳ ଅନ୍ତରଗତ ଅପ୍ରତିବିନ୍ଧା(ଏଲଖା)ଠାରେ ପ୍ରତିବର୍ଷ ପରି ଏ ବର୍ଷ ଭାଗବତ ଜନ୍ମ ଉତ୍ସବ ମହାଡ଼ମ୍ବରରେ ପାଳନ ହୋଇଯାଇଛି । ସାଳନ୍ଦୀନଦୀରୁ ଘଟ ଉଠାଇ କଳସ ସ୍ଥାପନ କରାଯିବା ପରେ ପୂଜକ ବୁଲୁ ମିଶ୍ର କରି ଥିବା ବେଳେ ସଂକଳ୍ପରେ ପ୍ରକାଶଚନ୍ଦ୍ର ବେହେରା ଓ ସହଧର୍ମିଣୀ ଯଶୋଦା ନାଥ ବସିଥିଲେ । ପୂଜା ପରେ ପ୍ରସାଦ ସେବନ ହୋଇଥିଲା । ଗ୍ରାମବାସୀଙ୍କ ପକ୍ଷରୁ ସର୍ବପର୍ଶୁରାମ ମହାନ୍ତି, ନବକିଶୋର ସାହୁ, ଗୋବର୍ଦ୍ଧନ ପଲେଇ, ବାଇଧର ପଲେଇ ବାବନ ମହୁରୀ ଦେବେଶ ମହାନ୍ତି, ରାଜେନ୍ଦ୍ର ବେହେରା, ଦିଲ୍ଲୀପ ପଣ୍ଡା, ସୁନନ୍ଦା ଜେନା,ଦାଶରଥି ସାହୁ, ପ୍ରଶାନ୍ତ ସାହୁ, କଣକଲ, କନଲତା ମହାନ୍ତି, ମମତା ବେହେରା ପ୍ରମୁଖ ସହଯୋଗ କରିଥିଲେ ।

ସକାଳ THE SAKALA



## ଶାଳପଡ଼ା ପଞ୍ଚାୟତ ଦିବ୍ୟାଙ୍ଗ ଭତ୍ତା କେଳେଙ୍କାରୀ

# ୫୨ ଜଣଙ୍କ ମଧ୍ୟରୁ ୪ ଜଣ ଅସଲି, ୨୯ ଜାଲ୍

ଭାପୁର,୭।୯ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଶାଳପଡା ପଞ୍ଚାୟତରେ ମାଳମାଳ ଜାଲ ଦିବ୍ୟାଙ୍ଗ ଭତ୍ତା ହିତାଧିକାରୀ ଥିବାର ଅଭିଯୋଗ ପରେ ଜିଲ୍ଲା ସ୍ତରୀୟ ଯାଞ୍ଚ କରାଯାଇଛି। ପଞ୍ଚାୟତର ୫୨ ଜଣ ଭିନ୍ନକ୍ଷମ ଭତ୍ତା ହିତାଧିକାରୀଙ୍କ ମଧ୍ୟରୁ ୨୯ ଜଣ ସମ୍ପୂର୍ଣ୍ଣ ନକଲି ଓ ୪ ଜଣ ଅସଲି ବୋଲି ଜଣାପଡିଛି। ଅନ୍ୟ ୧୯ ଜଣ ସେମାନେ ଭତ୍ତା ପାଇବା ପାଇଁ ପୁନର୍ବାର ଡାକ୍ତରୀ ପ୍ରମାଣପତ୍ର ପ୍ରଦାନ କରିବାକୁ କୁହାଯାଇଛି। ଭାପୁର ବ୍ଲକ ଶାଳପଡା ପଞ୍ଚାୟତରେ ମାଳମାଳ ଜାଲ ଭିନ୍ନକ୍ଷମ ଭତ୍ତା ହିତାଧିକାରୀ ଥିବାର ଅଭିଯୋଗ ହୋଇ ଆସୁଥିଲା। ସେମାନେ ଏହି ଜାଲ ପ୍ରମାଣ ପତ୍ର ମାଧ୍ୟମରେ ୩୫୦୦ ଟଙ୍କା ଭତ୍ତା ପାଉଥିଲେ। ଏହି ହିତାଧିକାରୀଙ୍କ ବିରୁଦ୍ଧରେ ସେହି ପଞ୍ଚାୟତର ଅନେକ ବ୍ୟକ୍ତି ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ତଦନ୍ତ ପାଇଁ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟକୁ ଏହି ଭିନ୍ନକ୍ଷମ ପ୍ରମାଣପତ୍ର ଯାଞ୍ଚ ପାଇଁ ପଠାଯାଇଥିଲା। ଏହାର ସତ୍ୟତା ଯାଞ୍ଚ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଗତମାସ ୨୧ ତାରିଖରେ ଚିଠି ନମ୍ବର ୩୯୩୩ ରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଉପରୋକ୍ତ ତଥ୍ୟ ଜଣାଇଛନ୍ତି। ଏହି ଚିଠି ଅନୁଯାୟୀ ପଞ୍ଚାୟତ ସୌରଭ ପଣ୍ଡା, ଆଶାମଣୀ ପଣ୍ଡା, ଜମୁନା ପଣ୍ଡା ଓ ସବିତା ପ୍ରଧାନ ଅସଲି ହିତାଧିକାରୀ ହୋଇଥିବାବେଳେ ୨୯ ଜଣଙ୍କ ପ୍ରମାଣ ପତ୍ର ସମ୍ପୂର୍ଣ୍ଣ ଜାଲ ଓ ଅନ୍ୟ ୧୯ ହିତାଧିକାରୀ ଆଉ ଥରେ ନୂତନ ଭାବେ ପ୍ରମାଣ ପତ୍ର ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

**୧୯ ପୁନର୍ବାର ପ୍ରମାଣପତ୍ର ପ୍ରଦାନ କରିବେ**

## ଶ୍ରୀଅନ୍ନ ଅଭିଯାନ ମହାଘୋଟାଲା

# ଦୁଇ ଏନ୍‌ଜିଓ ଉପରେ ଲାଗିଲା ଅଙ୍କୁଶ

ନୟାଗଡ଼,୭।୯ (ସମିସ)

- ଓଡ଼ଗାଁ ଓ ନୂଆଗାଁରେ ବୁଲିଲାନି ରଥ
- ଆରମ୍ଭ ହେବ କେଳେଙ୍କାରୀ ଖୋଳତାଡ଼
- ବଦଳିବେ ଜିଲ୍ଲା ସ୍ତରୀୟ ଅଧିକାରୀ

ନୟାଗଡ଼ ଜିଲ୍ଲାରେ ଶ୍ରୀଅନ୍ନ ଅଭିଯାନ ଯୋଜନାରେ ମହାଘୋଟାଲା ହୋଇଥିବାବେଳେ ଏହାକୁ ଜିଲ୍ଲା କୃଷି ବିଭାଗ ଆଦୌ ଗୁରୁତ୍ୱ ଦେଉନଥିଲା। ଗତ ୨ ତାରିଖ ନୋଡାଲ ଅଫିସର ନନ୍ଦିନ ଦଳେଇ ନୟାଗଡ଼ ଆସି ଏନଜିଓ ଗୁଡ଼ିକର କାର୍ଯ୍ୟପନ୍ଥାକୁ ଛାନଭିନ୍ କରିବା ପରେ ଦୁଇଟି ଏନଜିଓ ଉପରେ ଅଙ୍କୁଶ ଲଗାଇଥିବା ସୂଚନା ମିଳିଛି। ନୟାଗଡ଼ ଜିଲ୍ଲାରେ ମାଣ୍ଡିଆ ଚାଷ ନହୋଇ କେବଳ କାଗଜପତ୍ର ଚାଷ ହେଉଥିବା ନେଇ ବାରମ୍ବାର ଅଭିଯୋଗ ଆସିଥିଲା। ଯାହାକୁ ନେଇ ଗତ ୨ ତାରିଖରେ ନୋଡାଲ ଅଫିସରଙ୍କ ଉପସ୍ଥିତିରେ ୫ଟି ବ୍ଲକ ପାଇଁ ୫ଟି ସଚେତନତା ରଥ ଶୁଭାରମ୍ଭ କରାଯାଇଥିଲା। ମଧ୍ୟାହ୍ନରେ ନୋଡାଲ ଅଫିସର ବିଭିନ୍ନ ବ୍ଲକ ପରିଦର୍ଶନ କରିବା ପରେ ଓଡ଼ଗାଁ ଓ ନୂଆଗାଁରେ ଚାଷ ନହୋଇ କେବଳ କାଗଜପତ୍ରରେ ଶ୍ରୀଅନ୍ନ ଅଭିଯାନ ଚାଲିଥିବା ଦେଖିବାକୁ ପାଇଥିଲେ। ଯାହାକୁ ନେଇ ନୋଡାଲ ଅଫିସର ଦୁଇ ଏନଜିଓ ନୂଆଗାଁର ହାମସ୍ ଏବଂ ଓଡ଼ଗାଁରେ କାର୍ଯ୍ୟରତ ଏନଜିଓ ଇ-ଇକୋ ସଲ୍ୟୁସନ୍ ଉପରେ ପ୍ରତିବନ୍ଧକ ତଥା ଅଙ୍କୁଶ ଲଗାଇଥିବା ସୂଚନା ମିଳିଛି। ଏହି ଦୁଇ ଏନଜିଓଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହା ସହିତ ଦୁଇଟି ବ୍ଲକରେ ସଚେତନତା ରଥ ବୁଲିବା ବନ୍ଦ କରାଯାଇଥିବା ଜଣାପଡ଼ିଛି। ଏହା ସହିତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଉପରେ ମଧ କାର୍ଯ୍ୟାନୁଷ୍ଠାନ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ନୟାଗଡ଼ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଯେତିକି ମାଣ୍ଡିଆ ଚାଷ କରାଯାଉଥିବା ନେଇ ତଥ୍ୟ ପ୍ରଦାନ କରାଯାଉଛି, ବାସ୍ତବରେ ତାହାର ୧୦ ପ୍ରତିଶତ ଜମିରେ ଚାଷ ହେଉନଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ଅନୁଦାନକୁ ଏନଜିଓମାନେ ହଡ଼ପ କରି ଚାଲିଛନ୍ତି।

## ● ଜଣେ ବ୍ୟକ୍ତି; ଦୁଇଟି ସ୍ଥାନରୁ ଦରମା

# ବାପ ପୁଅଙ୍କ ଖେଳରେ କୃଷି ବିଭାଗ ଜଳକା

ନୟାଗଡ଼,୭।୯ (ସମିସ): ନୟାଗଡ଼ ଜିଲ୍ଲା କୃଷି ବିଭାଗକୁ ଜଳକା ସଜାଇ ଲୁଟି ଚାଲିଛନ୍ତି ବାପା ଓ ପୁଅ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଅଧିନସ୍ଥ ଶ୍ରୀଅନ୍ନ ଅଭିଯାନ ପାଇଁ ବିଭିନ୍ନ ଏନ୍‌ଜିଓକୁ ଦାୟିତ୍ୱ ଦିଆଯାଇଛି। ମାତ୍ର ଏହାକୁ ସୁଯୋଗ ଭାବି ବାପା ଓ ପୁଅ ଉଭୟ ମିଶି ଦିଅଁ ଖାଇ ଠାକୁର ଖାଇଦେବାକୁ ବସିଲେଣି। ନୟାଗଡ଼ ଜିଲ୍ଲାରେ ଶ୍ରୀଅନ୍ନ ଅଭିଯାନରେ ହୋଇଥିବା କେଳେଙ୍କାରୀର ମୁଖ୍ୟ କାର୍ପଟଦାର ଇ-ଇକୋ ସଲ୍ୟୁସନ ଓଡ଼ଗାଁ ବ୍ଲକ ପୂର୍ବତନ କୋଡିନେଟର ଚନ୍ଦନ ପୃଷ୍ଟି ଏବଂ ତାଙ୍କ ବାପା ତ୍ରିଲୋଚନ ପୃଷ୍ଟି ଏଭଳି କେଳେଙ୍କାରୀ କରିଥିବା ଜଣାପଡ଼ିଛି। ଉଭୟ ବାପା ଓ ପୁଅ ଗୋଟିଏ ଏନଜିଓରେ କାର୍ଯ୍ୟ କରି ଗତବର୍ଷ ବ୍ୟାପକ ପରିମାଣର କେଳେଙ୍କାରୀ କରିଥିବା ପ୍ରମାଣ ଆଧାରରେ "ସକାଳ"ରେ ଖବର ପ୍ରକାଶ ପାଇଥିଲା। ଯାହାକୁ ନେଇ ଚନ୍ଦନ ଶ୍ରୀଅନ୍ନ ଅଭିଯାନରୁ ନିଜକୁ ଦୂରେଇ ନେଇ ମକା ମିଶନ ଦଶପଲ୍ଲା ବ୍ଲକ କୋଡିନଟେର ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ତାଙ୍କ ବାପା ତ୍ରିଲୋଚନ ପୃଷ୍ଟି ଏବେ ବି ଶ୍ରୀଅନ୍ନ ଅଭିଯାନ ଓଡ଼ଗାଁ ବ୍ଲକରେ ସିଆର୍‌ପି ଭାବେ କାର୍ଯ୍ୟ କରୁଥିବା ବେଳେ ଅର୍ଗାନିକ୍ ଚାରା ରୋପଣ ଉପରେ କାର୍ଯ୍ୟ କରୁଥିବା ସିଲବାଇ ଟେକ୍ ଏନଜିଓରେ ମଧ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ତ୍ରିଲୋଚନା ପୃଷ୍ଟି ଶ୍ରୀଅନ୍ନ ଅଭିଯାନ ଦ୍ୱାରା କୃଷି ବିଭାଗରୁ ଦରମା ପାଉଥିବା ବେଳେ ସିଲବାଇ ଟେକ୍ ଏନଜିଓରୁ ମଧ ଦରମା ପାଉଥିବା ସୂଚନା ମିଳିଛି। ଜଣେ ବ୍ୟକ୍ତି କିଭଳି ସ୍ଥାନରେ କାର୍ଯ୍ୟ କରି ଦରମା ପାଉଛନ୍ତି, ତାହା ସମସ୍ତଙ୍କୁ ଆଚମ୍ବିତ କରିଛି। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଉଭୟ ବାପା ଓ ପୁଅଙ୍କ ବିରୁଦ୍ଧରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅପରାଧିକ ମାମଲା କରିବାକୁ ଦାବି ହେଉଛି। ଚାଷୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇ ଉଭୟ ବାପା ଓ ପୁଅ ନିଜ ସ୍ୱାର୍ଥ ପାଇଁ ସରକାରୀଙ୍କ ଯୋଜନାକୁ ଦଳି ମକଚି ଖାଇ ଚାଲିଥିବା ଅଭିଯୋଗ ହୋଇଛି।

## ନଗର ବିଜେଡି ସଭାପତିଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

# ଅମୂଲ୍ୟ ନୟାଗଡ଼ ପାଇଁ ଅମୂଲ୍ୟ ଥିଲେ



ନୟାଗଡ଼,୭।୯ (ସମିସ): ଅବସରପ୍ରାପ୍ତ ପୁଲିସ ଅଧିକାରୀ ତଥା ନଗର ବିଜେଡି ସଭାପତି ଅମୂଲ୍ୟ ମହାନ୍ତିଙ୍କ ପରଲୋକରେ ଆଜି ବ୍ଲକ ସଭାଗୃହଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ପ୍ରତାପ ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତି ସଭାରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ପୌର ପରିଷଦ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାରେ ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ସାମ୍ବାଦିକ ଯୋଗ ଦେଇ ଅମୂଲ୍ୟ ମହାନ୍ତି ନୟାଗଡ଼ ପାଇଁ ଅମୂଲ୍ୟ ଥିଲେ ମତବ୍ୟକ୍ତ କରିଥିଲେ। ଶ୍ରୀଯୁକ୍ତ ମହାନ୍ତିଙ୍କ ଜନ୍ମ ଜଗତସିଂହପୁର ଜିଲ୍ଲାରେ ହୋଇଥିଲେ ବି ସେ ନିଜକୁ ସର୍ବଦା ନୟାଗଡ଼ିଆ ବୋଲି କହି ଆସୁଥିଲେ। ନୟାଗଡ଼ ପ୍ରତି ତାଙ୍କର ଅହେତୁକ ଭଲପାଇବା, ନୟାଗଡ଼ ବାସୀଙ୍କ ପ୍ରତି ଆବେଗ ସର୍ବଦା ପ୍ରତିପାଦିତ ହୋଇ ଆସିଛି। ସେ ଜଣେ ସମାୟାନୁବର୍ତ୍ତୀ, ସୁନାମଧନ୍ୟ ଓ ନିଷ୍ପାପର ବ୍ୟକ୍ତିତ୍ୱ ଥିଲେ ବୋଲି ଅନେକ ମତ ରଖିଛନ୍ତି। ନୟାଗଡ଼ ବିଧାୟକ ଡ. ସାହୁ ତାଙ୍କ ବକ୍ତବ୍ୟରେ ଅମୂଲ୍ୟ ମହାନ୍ତି ମୃତ୍ୟୁକୁ ଜିତିଗଲେ ବୋଲି କହିଛନ୍ତି। ଏହି ବୈଠକରେ ଜିଲ୍ଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର, ବରିଷ୍ଠ ନାଗରିକ ବିଶ୍ୱନାଥ ନାୟକ, ରୁଦ୍ରପ୍ରସନ୍ନ ରଥଙ୍କ ସମେତ ବହୁ କାଉନସିଲର ଉପସ୍ଥିତ ରହିଥିଲେ।

# ସାର ଅଭାବ ନେଇ ଚିନ୍ତାରେ ଚାଷୀ

ଓଡ଼ଗାଁ,୭।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଏବଂ ଏନ୍‌ଏସି ଅଞ୍ଚଳରେ ସାର ଅଭାବ ନେଇ ଚାଷୀ କୂଳ ଏବେ ଚିନ୍ତାରେ ପଡିଯାଇଛନ୍ତି। ଓଡ଼ଗାଁ ବ୍ଲକର କୌଣସି କୃଷି ସେବା ସମବାୟ ସମିତିରେ ଆଦୌ ସାର ନଥିବା ବେଳେ ଘରୋଇ ଡିଲର ମାନଙ୍କ ପାଖରେ ଗଚ୍ଛିତ ସାର ଧରପଗଡ ଭୟରେ ବିକ୍ରି ନକରି ଲୁଚାଇ ରଖିଛନ୍ତି। ସାର ଥାଇ ମଧ ନଥିଲା ଭଳି ସମସ୍ୟା ଦେଖାଦେଇଛି। ଜୈବିକ ସାର ଏକ ପ୍ରକାର ଲୋପ୍ ପାଇବାକୁ ଯାଉଥିବା ବେଳେ ରସାୟନ ସାର ଉପରେ ନିର୍ଭରଶୀଳ ଚାଷୀ ଜମିକୁ କମଣି କରି ଆବଶ୍ୟକ କାର୍ଯ୍ୟ ସାରି ପ୍ରାୟ ୧୫ ଦିନ ହେଲା ସାର ପାଇଁ ଅନାଇ ରହିଛି। ସାର ପ୍ରୟୋଗ ପରେ ଧାନ ଗଛ ପିଲଧରି ବୁଦାହେବା ସହିତ ଧାନଗଛ ସଠିକ୍ ଗର୍ଭଧାରଣ କରିବ। ଫଳରେ ଚାଷୀ ଉଚିତ୍ ଅମଳ କରିପାରିବ। କିନ୍ତୁ ଏବେ ତାହା ସନ୍ଦିହାନ। ଦିନ ସବୁ ଅତିକ୍ରାନ୍ତ ହୋଇ ଚାଲିଥିବା ବେଳେ ସରକାରଙ୍କ ଉଦାସୀନତା ମନୋଭାବ ଚାଷିମାନଙ୍କୁ ବ୍ୟଥିତ କରିବା ସ୍ୱାଭାବିକ। ଏପରି ସମସ୍ୟା ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ଦେଖାଯାଇଛି।ଉଦାହରଣ ସ୍ୱରୂପ ଗୋଟିଏ କୃଷି ସମବାୟ ସମିତିରେ ଯଦି ୫ଶହ ଚାଷୀ ଚାଷ କାର୍ଯ୍ୟ କରୁଛନ୍ତି ଚାଷୀଙ୍କ ସଂଖ୍ୟା ପରିବର୍ତ୍ତେ ସେମାନଙ୍କ ଚାଷ ଜମିର ପରିମାଣ ଆଧାରରେ ସାର ଯୋଗାଣ ହେଉ, ଅଥବା ଯୋଗାଣରେ ଅଭାବ ନରଖି ସାରକୁ ଖୋଲାବଜାରରେ ବିକ୍ରି ପାଇଁ ଅନୁମତି ପ୍ରଦାନ କଲେ କେତେକାଂଶରେ ଚାଷୀମାନଙ୍କ ସମସ୍ୟା ଲାଘବ ହୁଅନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ନତୁବା ସମୟ ଅନୁସାରେ ସରକାର ବଦଳିବ ହେଲେ ଚାଷୀର ସମସ୍ୟାରେ କୌଣସି ପରିବର୍ତ୍ତନ ହେବନାହିଁ।

# ମହାନଦୀ ଗର୍ଭକୁ ନ ଯିବାକୁ ବୁଲିଲା ପ୍ରଚାର ଗାଡ଼ି

ଗଣିଆ,୭।୯ (ସମିସ): ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ଗଣିଆ ବ୍ଲକ ପ୍ରଶାସନ ତରଫରୁ ପ୍ରଚାର ଗାଡି ବୁଲିଥିବା ଜଣାପଡିଛି। ମହାନଦୀର ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ହିରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଛି। ଫଳରେ ହିରାକୁଦର ଗେଟ୍ ଖୋଲାଯାଇ ଜଳ ନିଷ୍କାସନ ହେଉଛି। ମହାନଦୀରେ ଜଳସ୍ତର ବୃଦ୍ଧି ଘଟୁଥିବାରୁ ମହାନଦୀ ଭିତରକୁ ନଯିବାକୁ ପ୍ରଶାସନ ତରଫରୁ ନିବେଦନ କରାଯାଇଛି। ପ୍ରଚାର ଗାଡି ମାଧ୍ୟମରେ ଗଣିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯାଇଥିବା ଜଣାପଡ଼ିଛି। ବିଶେଷକରି ନଦୀକୁ ମାଛମାରି ନଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ଗଣିଆ ଦେଇ ମହାନଦୀ ପ୍ରବାହିତ ହେଉଥିବା ବେଳେ ନଦୀକୂଳିଆ ଗ୍ରାମବାସୀମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ସୂଚନା ଯୋଗ୍ୟ ଯେ ଗତ କିଛିଦିନ ତଳେ ମହାନଦୀରୁ ଏକ କୁମ୍ଭୀର ବୃଉଙ୍ଗ ନଦୀକୁ ଚାଲି ଆସିଥିବା ବେଳେ କୁମ୍ଭୀର ଖଣି ଠାରେ ଗ୍ରାମବାସୀ ମାନେ କୁମ୍ଭୀରକୁ ଦେଖି ବନବିଭାଗକୁ ଖବର ଦେଇଥିଲେ। କୁମ୍ଭୀରର ଗତିବିଧିକୁ ଲକ୍ଷ୍ୟ କରିବାକୁ ନନ୍ଦନକାନନ ଜୁଲୋଜିକାଲ ସର୍ଭେ ଟିମ ଆସି ବିଭିନ୍ନ ଅଞ୍ଚଳରେ ସର୍ଭେ କରିଥିଲେ।

# ବାଲ୍ୟ ବିବାହ ରୋକିଲା ଚାଇଲ୍ଡ ଲାଇନ୍

ନୟାଗଡ଼,୭।୯ (ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ଅନ୍ତର୍ଗତ ଟଭାପଲ୍ଲୀ ଗାଁରେ ଏକ ବାଲ୍ୟ ବିବାହ ହେଉଥିବା ଖବର ପାଇ ଚାଇଲ୍ଡ ଲାଇନ ଓ ପୁଲିସ ଚଢ଼ଉ କରି ଏହାକୁ ବନ୍ଦ କରିଛି। ଟଭାପଲ୍ଲୀ ଗାଁର ବିକାଶ ମେହେନା ଜଣେ ୧୬ ବର୍ଷ ବୟସ୍କା ନାବାଳିକାକୁ ବିବାହ କରିବାକୁ ସମସ୍ତ ପ୍ରସ୍ତୁତି ସରିଥିଲା। ନାବାଳିକା ଜଣଙ୍କ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଝିଅଟି ୩ଦିନ ହେଲା ପୁଅ ଘରକୁ ଚାଲି ଆସିଥିଲା। ଆଜି ବିବାହ ପାଇଁ ପ୍ରସ୍ତୁତି ସରିଥିବା ବେଳେ ଚାଇନ ଲାଇନ କର୍ମଚାରୀ ଝିଅକୁ ଉଦ୍ଧାର କରି ଜିଲ୍ଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଇଥିଲେ। ଝିଅକୁ ନୟାଗଡ଼ ସଖି କେନ୍ଦ୍ରରେ ରଖାଯାଇଥିବା ସୂଚନା ମିଳିଛି। ଚଢ଼ଉରେ ବିଭୁତି ଭୂଷଣ ସାହୁ, ସୁଜାତା ବେହେରା, ମହୀପୁର ଫାଣ୍ଡିର କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଦଶପଲ୍ଲା କଂଗ୍ରେସ ସଂଗଠନ ସୃଜନ ଅଭିଯାନ

ଦଶପଲ୍ଲା,୭।୯ (ସମିସ): ଅଖିଳ ଭାରତ କଂଗ୍ରେସ କମିଟି ଆହ୍ୱାନରେ ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ଆଜି ଦଶପଲ୍ଲାରେ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମୈତ୍ରୀ ସମ୍ମିଳନୀ କକ୍ଷରେ ଦଶପଲ୍ଲା ବ୍ଲକ କଂଗ୍ରେସ କମିଟିର ଶତାଧିକ କଂଗ୍ରେସ କର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସଂଯୋଜକ ସତ୍ୟବ୍ରତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାଂଗଠନିକ କାର୍ଯ୍ୟକ୍ରମରେ ଏଆଇସିସି ପର୍ଯ୍ୟବେକ୍ଷକ ଭାବରେ ସଂଗ୍ରାମ ମହାନ୍ତି ଯୋଗଦେଇ କର୍ମୀଙ୍କ ମନୋବଳ ବୃଦ୍ଧି କରିବା ସହିତ ମାର୍ଗ ଦର୍ଶନ ଦେଇଥିଲେ। ଅନ୍ୟତମ ମଞ୍ଚାସନ ଅତିଥି ଭାବରେ ବରିଷ୍ଠ କଂଗ୍ରେସ ନେତା ମନୋଜ ସାହୁ, ସରୋଜ ପରିଡ଼ା, ହୁସେନ୍ ଖାନ୍, ବିଭୁ ମିଶ୍ର, ରଣଜିତ୍ ଦାସ ପ୍ରମୁଖ ତୃଣ ମୂଳ ସ୍ତରରେ ଦଳୀୟ ସଂଗଠନକୁ ମଜବୁତ୍ ନିମନ୍ତେ ଉପାଦେୟ ମତ ରଖିଥିଲେ। ନଗର ସଭାପତି ଆଇନଜୀବୀ ବିନୟ ମିଶ୍ର, ବ୍ଲକ ସଭାପତି ବୁଲୁ ପରିଡ଼ା, ମହିଳା କଂଗ୍ରେସ ନେତ୍ରୀ ଉମାରାଣୀ ପାଣି, ରାଜୀବ ମିଶ୍ର, ନାରାୟଣ ସାହୁ, ରମେଶ ପରିଡ଼ା, ସୁଶାନ୍ତ ସାହୁ, ଉପେନ୍ଦ୍ର ନାୟକ, ଲାଲା ଗୁରୁ, କିଶୋର ପଣ୍ଡା, ନକୁଳ ପାତ୍ର, ବାଟି ନାୟକ, ଅଶୋକ ଚୌଧୁରୀ ପ୍ରମୁଖ ସକ୍ରିୟ କଂଗ୍ରେସ ନେତା ମାନେ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




## ପୂରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ପୂଜନ ଓ ସମ୍ବର୍ଦ୍ଧନା

# ଶିକ୍ଷା ଆନ୍ଦୋଳନର ଅନ୍ୟତମ ପୁରୋଧା ଅଲେଖ୍ ସାର୍




ନୟାଗଡ଼,୭।୯ (ସମିସ): ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ପ୍ରାକ୍ତନ ଶିକ୍ଷକ, ଶିକ୍ଷକ ଆନ୍ଦୋଳନର ପ୍ରମୁଖ ନେତା ତଥା ଦକ୍ଷ ଶିକ୍ଷା ସଙ୍ଗଠକ ଅଲେଖ ବେହେରାଙ୍କୁ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ପୂଜନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି। ବର୍ଷୀୟାନ ଶିକ୍ଷକ ଲିଙ୍ଗରାଜ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ପରିଚାଳନା କରିଥିଲେ ପ୍ରାକ୍ତନ ଛାତ୍ର ବିଶ୍ୱନାଥ ମହାପାତ୍ର। ଅଧ୍ୟାପିକା ନୀଳିମା ନନ୍ଦ ସର୍ବପ୍ରଥମେ ଗୁରୁବନ୍ଦନା ପାଠ କଲାପରେ ଗୁରୁଜୀଙ୍କ ଶତାଧିକ ପୁରାତନ ଛାତ୍ର ଛାତ୍ରୀ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ ପୂର୍ବକ ଗୁରୁ ପ୍ରଣାମ କରିଥିଲେ।। ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଓ ଦଶପଲ୍ଲାର ବିଧାୟକ ରମେଶ ଚନ୍ଦ୍ର ବେହେରା ଗୁରୁ ଶିଷ୍ୟ ସମ୍ପର୍କର ପବିତ୍ର ବନ୍ଧନ, ଗୁରୁ ପୂଜନର ମହନୀୟ ପରମ୍ପରା ଓ ଶିକ୍ଷକ ଅଲେଖ ବେହେରାଙ୍କ ଶୈକ୍ଷିକ ଅବଦାନ ଉପରେ ଆଲୋକପାତ କରିଥିଲେ। ଏଥିରେ ବିଶିଷ୍ଟ ସାହିତ୍ୟିକ ଡ. ପ୍ରେମାନନ୍ଦ ମହାପାତ୍ର, ଅଧ୍ୟାପିକା ଡ. କନକଲତା ମହାପାତ୍ର, ପଣ୍ଡିତ ଗୌରାଙ୍ଗ ରଥ, ଶଙ୍କର୍ଷଣ କର, ଏସ୍‌ଏ ଖାଲିକ୍, ଡ. ଭଗବାନ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଗୁରୁ ପୂଜନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପ୍ରାକ୍ତନ ଛାତ୍ର ପ୍ରଧାନୀ ବୃନ୍ଦାବନ ମହାପାତ୍ର, ନିରଞ୍ଜନ ସାହୁ, ବିଶ୍ୱନାଥ ମିଶ୍ର, ପ୍ରଦୀପ୍ତ କୁମାର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଧରାମହାପାତ୍ର, ମଞ୍ଜୁଲତା ମହାପାତ୍ର ଓ ସୁରେନ୍ଦ୍ର ନାଥ ପ୍ରଧାନ ପ୍ରମୁଖ। ଅନ୍ୟତମ ଅତିଥି ବ୍ରଜେନ୍ଦ୍ର ହାଇସ୍କୁଲର ହେଡମାଷ୍ଟର ଉମାକାନ୍ତ ସେଠୀ ଏହି ଗୁରୁ ପୂଜନ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ।

## ନୟାଗଡ଼ ନିର୍ବାଚନ ମଣ୍ଡଳୀ

# ମୂଳ ବିଜେପି ଓ ଦଳଡିଆଁ ବିଜେପି ଦୁଇଗୋଷ୍ଠୀ

ନୟାଗଡ଼,୭।୯ (ସମିସ)




ନିର୍ବାଚନ ପରଠାରୁ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ବିଜେପି ଦୁଇଗୋଷ୍ଠୀ ହୋଇ କାର୍ଯ୍ୟ କରୁଛି। ଯାହା ଚର୍ଚ୍ଚା ଓ ଆଲୋଚନା ହେଉଥିଲା, ତାହା ଏହି ଦୁଇ ଦିନ ମଧ୍ୟରେ ସ୍ପଷ୍ଟ ହୋଇଯାଇଛି। ଦଳଡିଆଁ ବିଜେପି ଏବଂ ମୂଳ ବିଜେପି ଭାବେ ଜଣାଶୁଣା ହୋଇ ଦୁଇ ଗୋଷ୍ଠୀ କାର୍ଯ୍ୟ କରୁଥିଲେ। ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଗତ ସାଧାରଣ ନିର୍ବାଚନରେ

**ମଙ୍ଗ ଧରିବାକୁ ସକ୍ରିୟ ହେଲେଣି ସନ୍ତୋଷ**

ନାରୀନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ପ୍ରାର୍ଥୀ ହୋଇଥିଲେ। ସମସ୍ତ ଏକଜୁଟ ହୋଇ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ ନିର୍ବାଚନ ପରେ ସମସ୍ତେ ଦୁଇ ଗୋଷ୍ଠୀ ହୋଇଗଲେ। ପ୍ରତ୍ୟୁଷାଙ୍କ ଶିବିରରେ ରହିଥିବା ନେତା ଓ କର୍ମୀ ସମସ୍ତେ ବିଜେଡିରୁ ବିଜେପିକୁ ଆସିଛନ୍ତି। ଦୁଇ ଦିନ ତଳେ ପୂର୍ବତନ ସାଂସଦ ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ଶ୍ରାଦ୍ଧ ବାର୍ଷିକ ପାଳନରେ ପ୍ରତ୍ୟୁଷାଙ୍କ ଶିବିରରେ ଦମ ନଥିବା ଭଳି ଅନୁମାନ ହେଲା। ବାଚସ୍ପତି ସୁରମା ପାଢ଼ୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଅତିଥି ହୋଇଥିବା ବେଳେ ଆୟୋଜିତ ରକ୍ତଦାନ ଶିବିରରେ ମାତ୍ର ୨୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଯାହା ଦଳୀୟ ସଂଗଠନର ଦୁର୍ବଳତାକୁ ପ୍ରତିପାଦିତ କରିଥିଲା। ଗତକାଲି ନୟାଗଡ଼ର ଜଣାଶୁଣା ଯୁବନେତା ସନ୍ତୋଷ ପ୍ରଧାନ ଏକ ସାଂଗଠନିକ ସଭା ଆହ୍ୱାନ କରିଥିଲେ। ଏହି ସଭାରେ ମୂଳ ବିଜେପିର ସମସ୍ତ କାର୍ଯ୍ୟକର୍ତ୍ତା, ନେତା ଓ କର୍ମୀ ଯୋଗ ଦେଇଥିଲେ। ଆୟୋଜିତ ବୈଠକରେ ସିଧାସଳଖ ଭାବେ ପ୍ରତ୍ୟୁଷାଙ୍କ ଶିବିରକୁ ଟାର୍ଗେଟ କରାଯାଇଥିବା ଦେଖିବାକୁ ମିଳିଛି। ସନ୍ତୋଷଙ୍କ କାର୍ଯ୍ୟକ୍ରମ ପ୍ରେସ୍ ବାର୍ତ୍ତାରୁ ଏହା ସ୍ପଷ୍ଟ ହୋଇଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଦଳୀୟ ବିଶୃଙ୍ଖଳା, ନେତ୍ରୀଙ୍କ ଅନୁପସ୍ଥିତିରେ ଅନ୍ୟଦଳରୁ ଆସି ମାମଲତକାର ସାଜିଥିବା କୁଚକ୍ରୀମାନେ ବିଜେପିର ନୀତି ଆଦର୍ଶ ଜଳାଞ୍ଜଳି ଦେଇ ନିଜ ବ୍ୟକ୍ତିଗତ ଲାଭ ପାଇଁ ବିଜେଡି ଲୋକଙ୍କୁ ରାଜନୈତିକ ସଂରକ୍ଷଣ ଦେଇ ଦଳକୁ ବଦନାମ କରିବା ସହିତ, ପୁରୁଖା କର୍ମୀଙ୍କୁ ଅଣଦେଖା କରିବାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା କୁହାଯାଇଛି। ଉକ୍ତ ସଭାରେ ଶହ ଶହ ସଂଖ୍ୟାରେ ବିଜେପି କର୍ମୀ ଯୋଗ ଦେଇ ସନ୍ତୋଷଙ୍କ ଉପରେ ଆସ୍ଥା ପ୍ରକଟ କରିଥିବା ବେଳେ ଆଗାମୀ ପଞ୍ଚାୟତ ନିର୍ବାଚନ ସନ୍ତୋଷଙ୍କ ନେତୃତ୍ୱରେ ଲଢ଼ିବାକୁ ମତ ପ୍ରକାଶ ପାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସଦସ୍ୟ ତଥା ଯୁବ ଓ କୃଷକନେତା ଭାବେ ପରିଚିତ ସନ୍ତୋଷ ପ୍ରଧାନଙ୍କ ନିର୍ବାଚନ ମଣ୍ଡଳୀରେ ଦବଦବା ରହିଛି। ସନ୍ତୋଷ ମଙ୍ଗ ଧରିବାକୁ ପ୍ରସ୍ତୁତ ବୋଲି ଉକ୍ତ ସଭାରୁ ସ୍ପଷ୍ଟ ହୋଇଛି। ଉକ୍ତ ସଭାରେ ବିଜେପି ନେତା କୃପାସିନ୍ଧୁ ଗୌଡ଼, ନୃସିଂହ ଚରଣ ମହାପାତ୍ର, ବସନ୍ତ ପଟ୍ଟନାୟକ, ସଞ୍ଜୟ କୁମାର ନାୟକ, ଅଜୟ ନାୟକ, ସ୍ନେହରଞ୍ଜନ ବଳିଆରସିଂଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ନିଜର ମତ ପ୍ରକାଶ କରିଥିବା ସୂଚନା ମିଳିଛି। ଏହି ସଭାକୁ ନେଇ ଜିଲ୍ଲା ବିଜେପିରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଏହି ସଭା ଜରିଆରେ ବିଜେପି ନେତାମାନେ କୁଆଡ଼େ ବିଜେପି ନାଁରେ ଚାନ୍ଦା ଆଦାୟ କରି ନିଜ ସ୍ୱାର୍ଥ ସାଧନ କରୁଥିବା ବ୍ୟକ୍ତିଙ୍କୁ ଟାର୍ଗେଟ କରାଯାଇଛି ବୋଲି ଆଲୋଚନା ହେଉଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଦଳଡିଆଁ ବିଜେପି ଏବଂ ମୂଳ ବିଜେପି ମଧ୍ୟରେ କିଭଳି ସମନ୍ୱୟ ରକ୍ଷା କରି ଜିଲ୍ଲା ସଭାପତି ତାପସ କୁମାର ମାର୍ଥା କାର୍ଯ୍ୟ କରିବେ ବୋଲି ଆଲୋଚନା ଜୋର ଧରିଛି।

## ପ୍ରଶାସନ ଶୁଣିଲାନି

# ଗ୍ରାମବାସୀ କଲେ ରାସ୍ତା ମରାମତି



ଭାପୁର,୭।୯ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ରାକମା ପଞ୍ଚାୟତରୁ ବାଉଁଶବାଟୀ ପଞ୍ଚାୟତକୁ ସମ୍ବଯୋଗ କରୁଥିବା ବାଦିଲୋ ମାନପୁର ଦେଇ ଛେଳିଆ ରାସ୍ତାଟି ମରଣଯନ୍ତା ପାଲଟିଥିଲା। ଏନେଇ ଉପରୋକ୍ତ ତିନି ଗ୍ରାମବାସୀମାନେ ବ୍ଲକ ପ୍ରଶାସନ ଓ ବିଧାୟକଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କେହି କର୍ଣ୍ଣପାତ କରିନଥିଲେ। ବର୍ତ୍ତମାନ ସରପଞ୍ଚଙ୍କ ପ୍ରତିନିଧି ଓ ବାଦିଲୋ ଗ୍ରାମର ଯୁବକମାନେ ନିଜେ ଅର୍ଥ ଓ ଶ୍ରମ ଦେଇ ଏହି ରାସ୍ତା ମରାମତି କରିଛନ୍ତି। ଏକ କିଲୋମିଟରରୁ ଊର୍ଦ୍ଧ୍ୱ ଏହି ରାସ୍ତା କାଦୁଅ ପଙ୍କ ହୋଇ ମରଣଯନ୍ତା ପାଲଟି ଥିଲା। କାଦୁଅ ପଚପଚ ହୋଇଥିବାରୁ ବାଧ୍ୟ ହୋଇ ଗ୍ରାମବାସୀମାନେ ବହୁ କଷ୍ଟରେ ଯିବା ଆସିବା କରୁଥିଲେ। ଏନେଇ ରାକମା ପଞ୍ଚାୟତ ସରପଞ୍ଚ ସନ୍ତୋଷୀ ବେହେରାଙ୍କୁ ଜଣାଇବା ପରେ ରାସ୍ତା ମରାମତି ପାଇଁ କୌଣସି ଫଣ୍ଡ ନଥିବା କହିଥିଲେ ବ୍ଲକ ପ୍ରଶାସନ ଚାହିଁଲି ଅର୍ଥ ଦେଇ ପାରିବ ବୋଲି କହିଥିଲେ। ବ୍ଲକ ପ୍ରଶାସନ ଓ ବିଧାୟକ କୌଣସି ପଦକ୍ଷେପ ନ ନେବାରୁ ରାକମା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମାଧବ ବେହେରା ୫୦ ହଜାର ଟଙ୍କା ନିଜ ପକେଟରୁ ଦେଇ ତିନୋଟି ହାଇୱା। ଡଷ୍ଟ ତାପଙ୍ଗରୁ ମଗାଇ ରାସ୍ତାରେ ପକାଇଛନ୍ତି। ଏହି ଡଷ୍ଟକୁ ବାଦିଲୋ ଗ୍ରାମର ନାଗାର୍ଜୁନ ବେହେରା, ଚନ୍ଦୁ ବେହେରା, ଚନ୍ଦନ ବେହେରା, ନନ୍ଦୁ ବେହେରା, ଉଦ୍ଧବ ସେଠୀ, ବିପିନ ବେହେରା ଓ ପବନା ବେହେରା ତିନି ଦିନ ଧରି ଶ୍ରମଦାନ କରି ରାସ୍ତା ମରାମତି କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

## ଜଟଣୀ ଗଣେଶ ପୂଜାର ଭସାଣି ଉତ୍ସବ

# ୪୫ ପୂଜା ପେଣ୍ଡାଲର ଗଣପତିଙ୍କ ହରି-ହର ଭେଟ

ଜଟଣୀ,୭।୯ (ସମିସ)

ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜାର ରବିବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ସହରର ମୁଖ୍ୟ ୪୫ଟି ପୂଜା ପେଣ୍ଡାଲର ପ୍ରଭୁ ଗଣପତିଙ୍କ ସ୍ଥାନୀୟ ସୀତାରାମ ଛକରେ ହୋଇଥିଲା ହରି-ହର ଭେଟ । ରବିବାର ଚନ୍ଦ୍ରଗ୍ରହଣ ପଡୁଥିବାରୁ ଅନେକ ପୂଜା ମଣ୍ଡପ ଶନିବାରଠାରୁ ଦେବନୀତି ଅନୁଯାୟୀ ବିସର୍ଜନ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା । ରବିବାର ପାରମ୍ପରିକ ରୀତିନୀତି ଅନୁଯାୟୀ ବିସର୍ଜନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ସମସ୍ତ ପୂଜା ମଣ୍ଡପ ଦ୍ୱାରା ପ୍ରଭୁଙ୍କ ମେଲାଣି ସମୟରେ ବାଘ ନାଚ, ଘୋଡ଼ା ନାଚ, ନାଗା ନାଚ, ସମ୍ବଲପୁରୀ, ପଞ୍ଜାବୀ ଓ ଆଦିବାସୀ ନାଚ ସହିତ ମହୁରୀ ଆଦି ବାଜାର ତାଳେ ତାଳେ ଜଟଣୀ ସହର ମଧ୍ୟରେ ଭକ୍ତ ଓ ଭଗବାନ ଏକାଠି ହୋଇଥିବା ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା । ବାଣ, ବାଜା ଓ ରୋଷଣୀ ସହିତ ଲକ୍ଷାଧିକ ଜନସମାଗମ ମଧ୍ୟରେ ବିଦାୟ ନେଲେ ପ୍ରଭୁ ଗଜାନନ ।



ଜଟଣୀ ଅଞ୍ଚଳର ୨୦୦ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପରୁ ଦୀର୍ଘ ୧୧ ଦିନର ବିଭିନ୍ନ ପ୍ରତିଯୋଗିତାରେ ମେଲାଣି ନେଲେ ପ୍ରଭୁ ଗଜାନନ । ପାର୍ବଣ ମଧ୍ୟରେ ଠାକୁରଙ୍କ ରୀତିନୀତି ଅନୁସାରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ସହିତ ମିନାବଜାର, ଭଜନ, ଅପେରା ଆୟୋଜନ କରାଯାଇଥିଲା । ପୂଜା ମଣ୍ଡପ ମଧ୍ୟରୁ ସ୍ଥାନୀୟ ପୋଷ୍ଟ ଅଫିସ ଛକ ଏବଂ ଗୋପବନ୍ଧୁ ଛକ ପକ୍ଷରୁ ଲଡ୍ଡୁ ନିଲାମ ପ୍ରକ୍ରିୟା କରାଯାଇଥିଲା । ଅନ୍ୟପକ୍ଷରେ ଶୃଙ୍ଖଳିତ ଭାବେ ପୂଜା ପରିଚାଳିତ ପାଇଁ ମେଲାଣି ଉତ୍ସବରେ ଭାଗନେବା ଲାଗି ପୂଜା ପେଣ୍ଡାଲର ପ୍ରଶାସନିକ ଅନୁମତିପତ୍ର ରହିଥିବା ଜଣାପଡ଼ିଛି । ଗୋପବନ୍ଧୁ ଛକ, ପୋଷ୍ଟ ଅଫିସ ଛକ, ବିନାୟକ କ୍ଲବ୍, ହରିଭାଇନା ଛକ, ସୀତାରାମ ଛକ, ନୀଳଚକ୍ର ମାର୍କେଟ୍, ବଡ଼ ବଜାର, ମାଛ ଓ ପରିବା ମାର୍କେଟ୍, ମେଡିକାଲ୍ ଛକ, ମହୁଲଗୁଡ଼ିଆ ଛକ ଆଦି ଛୋଟବଡ଼ ୪୫ଟି ପୂଜା ମଣ୍ଡପ ଏହି କ୍ରମରେ ସୀତାରାମ ଛକଠାରେ ରବିବାର ସନ୍ଧ୍ୟାରେ ଏକତ୍ରିତ ହେବାପରେ ସେଠାରେ ଭସାଣି ଉତ୍ସବ କମିଟିର ସଭାପତି ତଥା ଜଟଣୀର ପୂର୍ବତନ ପୌରାଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ ରୀତିନୀତି ଅନୁଯାୟୀ ମେଲାଣି ଦେଇଥିଲେ । ଶନିବାରଠାରୁ ଉତ୍ସବ କମିଟିର ସଭାପତି ଶ୍ରୀ ରାଉତରାୟ ସମସ୍ତ ପୂଜା ମଣ୍ଡପ ବୁଲି ଗୁଆ, ନଡ଼ିଆ, ଭୋଗହାଣ୍ଡି ପ୍ରଦାନ କରି ନିମନ୍ତ୍ରଣ କରିଥିଲେ । ଏହି ଅବସରରେ ଜଟଣୀ ମୁଖ୍ୟ ରାସ୍ତାକଡ଼ରେ ଗଜାନନଙ୍କୁ ମେଲାଣି ଦେବା ପାଇଁ ବିଜେଡି ଜିଲ୍ଲା ସଭାପତି ତଥା ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ, ନଗରପାଳ ଅନନ୍ତ ବେହେରାଙ୍କ ସହିତ ବହୁ ବିଜେଡି କର୍ମୀ ସମସ୍ତ ପୂଜା ମଣ୍ଡପରେ ଗଜାନନଙ୍କୁ ମେଲାଣି ଦେଇଥିଲେ ।

ସେହିପରି ଉତ୍କଳ ଦଳିତ ମହାସଂଘ, ନଗର କଂଗ୍ରେସ, ମାରୱାଡ଼ି ଯୁବ ସଂଘ, ନାଗରିକ କମିଟି, ଭାରତୀୟ ଜନତା ପାର୍ଟି, କର୍ମ ମନ୍ଦିର ଆଦି ସଂଗଠନ ପକ୍ଷରୁ ସମସ୍ତ ପୂଜାମଣ୍ଡପକୁ ରୀତିନୀତି ଅନୁସାରେ ମେଲାଣି ଦିଆଯାଇଥିଲା । ଏଥି ସହିତ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । କମିସନରେଟ୍ ପୁଲିସର ୫ ଜଣ ଏସିପି, ୧୨ ଜଣ ଇନ୍ସପେକ୍ଟର, ୪୨ ଜଣ ଏସ୍ଆଇ ଏବଂ ଏଏସ୍ଆଇ, ୧୬୦ଜଣ ହୋମ୍‌ଗାର୍ଡଙ୍କ ସମେତ ମୋଟ୍ ୧୬ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା । ଶାନ୍ତିଶୃଙ୍ଖଳା ସହିତ ମେଲାଣି ଉତ୍ସବକୁ ପାଳନ କରିବା ଲାଗି କମିସନରେଟ୍ ପୁଲିସ ପକ୍ଷରୁ ପୂଜା ପେଣ୍ଡାଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଦୂଷଣମୁକ୍ତ ମୂର୍ତ୍ତି ବିସର୍ଜନ ଲାଗି ପୌର ପରିଷଦ ପକ୍ଷରୁ ସ୍ଥାନୀୟ ଷଣ୍ଢପୁର ମୌଜା ଅଞ୍ଚଳରେ ୪ଟି ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଥିଲା । ଶବ୍ଦ ପ୍ରଦୂଷଣ ଲାଗି ଭସାଣି ଉତ୍ସବରେ ଡିଜେ ସାଉଣ୍ଡ ପ୍ରତି ଆଇନ କଡ଼ାକଡ଼ି କରାଯାଇ ଡିଜେକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିଲା । ଭସାଣି ପାଇଁ ଭାରୀଯାନ ଚଳାଚଳ ଉପରେ କଟକଣା କରାଯାଇଥିଲା । ଏହି କ୍ରମରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିସର୍ଜନ ଉତ୍ସବ ପାଳନ ହୋଇଥିଲା । ଏହି ଅବସରରେ ସୋମବାର ଜଟଣୀ ସହର ବନ୍ଦ ରହିବାର ସୂଚନା ଦିଆଯାଇଛି ।

## ଗଣେଶ ଭସାଣିରେ ଦୁଲୁକିଲା ନିରାକାରପୁର

ନିରାକାରପୁର,୭।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ପୂର୍ବରୁ ନରେନ୍ଦ୍ରପୁର ସାହି ୟୁନାଇଟେଡ୍ କ୍ଲବ୍ ଭସାଣି ଶେଷ ହୋଇଥିବାବେଳେ ରବିବାର ପାଣ୍ଡବପାଟଣା ପ୍ରଗତି କ୍ଲବ୍, ଗେଟ୍ ବଜାର ନିକଟ ଯାଜପୁର ରୋଡ୍‌ସ୍ଥିତ ଇଗଲ କ୍ଲବ୍ ପୂଜା କମିଟି, ପଦ୍ମପୁର ଗଣେଶ ପୂଜା କମିଟି ଓ ମରିଆ ପାଟଣା ପୂଜା କମିଟି ଦ୍ୱାରା ଆୟୋଜିତ ବିରାଟକାୟ ଗଣେଶ ମେଢ଼କୁ ବିରାଟ ପଟୁଆରରେ ବିସର୍ଜନ କରାଯାଇଛି । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଚଗୀତର ତାଳେ ତାଳେ କ୍ଲବ୍‌ର ସଦସ୍ୟମାନଙ୍କ ସହିତ ଗ୍ରାମବାସୀ ଅତି ଆନନ୍ଦ ଉଲ୍ଲାସରେ ଝୁମିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହିତ ଟ୍ରାଫିକ୍ ପରିଚାଳନା ପାଇଁ ନିରାକାରପୁର ପୁଲିସ ବ୍ୟାପକ ବନ୍ଦୋବସ୍ତ କରିଥିଲେ । ସବୁ ପୂଜା କମିଟି ସଭ୍ୟମାନେ ଏହି ଭସାଣି ଶୋଭାଯାତ୍ରାରେ ଭାଗନେଇଥିଲା ।



## ଟ୍ରିପଲ 'ଏ'ରେ ଗୁରୁ ଦିବସ



ଖୋର୍ଦ୍ଧା,୭।୯ (ସମିସ): ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ'ରେ ଗୁରୁ ଦିବସ ବିଦ୍ୟାଳୟର ପ୍ରତିଷ୍ଠାତା ଡ. ନନ୍ଦକିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି । ଗୁରୁଙ୍କ ଉପରେ ଆଧାରିତ ଏକ ଆବାହନ ସଂଗୀତ ବିଦ୍ୟାଳୟର ସଂଗୀତ ବିଭାଗ ସଂଯୋଜନାରେ ଗାନ କରାଯିବା ସହ ନୃତ୍ୟ ଓ ଗୀତରେ ପରିବେଶ ଗୁରୁମୟ ହୋଇଯାଇଥିଲା । ଛାତ୍ରଛାତ୍ରୀମାନେ ଗୁରୁମାନଙ୍କର ପୂଜ୍ୟପୂଜା କରିବା ସହ ଗୁରୁ-ଶିଷ୍ୟ ପରମ୍ପରା ଉପରେ ଆଧାରିତ ଏକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ । ଗୁରୁ ଦିବସର ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା କେକ୍ କଟାଯାଇଥିଲା । ଦିବସଟିକୁ ଆହୁରି ମଧୁର କରିବା ପାଇଁ ପିଲାମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ବିଦ୍ୟାଳୟର କ୍ରୀଡ଼ା ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା । ଏହି ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷା ଡ. ଦୀପ୍ତିମୟୀ ମହାନ୍ତି, ଇଷ୍ଟେଟ୍ ମ୍ୟାନେଜର ଚିତ୍ତରଞ୍ଜନ ପଟ୍ଟନାୟକ, ଆସୋସିଏଟ୍ ଡାଇରେକ୍ଟର ମିତାଲି ପରିଡ଼ା, ଏନ୍‌ଡିଏ ମୁଖ୍ୟ ସୁବେଦାର ମେଜର ଶୁଶାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ସଭାକୁ ଚତୁର୍ଥ ଶ୍ରେଣୀର ସାଇମୁକ୍ତା ଓ ଶ୍ରଦ୍ଧାସଗୁନ ଏବଂ ଦ୍ୱାଦଶ ଶ୍ରେଣୀର ପ୍ରଶାନ୍ତ ଓ ସ୍ନେହା ପରିଚାଳନା କରିଥିବାବେଳେ ଚତୁର୍ଥ ଶ୍ରେଣୀର ଛାତ୍ରୀ ଦିବ୍ୟାଂଶୀ ଓ ଏକାଦଶ ଶ୍ରେଣୀର ସମାପିକା ଧନ୍ୟବାଦ ଅର୍ପଣ କରିଥିଲେ ।

## ସିଗ୍‌ମା ସ୍କୁଲରେ ଗୁରୁ ଦିବସ ପାଳିତ



ଖୋର୍ଦ୍ଧା,୭।୯ (ସମିସ): ଖୋର୍ଦ୍ଧା ବିଡିଏ କଲୋନୀସ୍ଥିତ ସିଗ୍‌ମା ପବ୍ଲିକ ସ୍କୁଲ୍‌ରେ ଗୁରୁ ଦିବସ ପାଳିତ ହୋଇଛି । ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସଂଖ୍ୟା ବିଜ୍ଞାନୀ ଦୀପ୍ତି ରଥ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଏକାଗ୍ରତା, ଅଧ୍ୟୟନ ଏବଂ ଦୈନନ୍ଦିନ କାର୍ଯ୍ୟରେ ସଂଖ୍ୟାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଯୋଗଦେଇ ଭାରତ ପ୍ରଥମ ଉପରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନୀ ଏବଂ ଗୁରୁ ଦିବସ ଉପରେ ପର୍ଯ୍ୟାଲୋଚନା କରିଥିଲେ । ଛାତ୍ରୀ ଆଦ୍ୟାଶ୍ରୀ ମହାପାତ୍ର ଏବଂ କାଜଲ ପୃଷ୍ଟିଙ୍କ ସଂଯୋଜନାରେ ସମସ୍ତ ଛାତ୍ରଛାତ୍ରୀ ଅନୁଷ୍ଠାନର ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଗୁରୁବନ୍ଦନା ନୃତ୍ୟ ମାଧ୍ୟମରେ ପୂଜା କରି ସେମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ଶ୍ଳୋକ ଆବୃତ୍ତି ପ୍ରତିଯୋଗିତାରେ କୃତୀ ଶିଶୁମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ ।

## ମୃତ ଡ୍ରାଇଭରଙ୍କ ପରିବାରକୁ ସହାୟତା

ବାଣପୁର,୭।୯ (ସମିସ): ବାଣପୁର ଡ୍ରାଇଭର ସଂଘ ଏକ ମହାନତା କାର୍ଯ୍ୟ କରି ପ୍ରଶଂସିତ ହୋଇଛି । ବାହାର ରାଜ୍ୟରେ ପ୍ରାଣ ହରାଇଥିବା ବାଣପୁର ଅଞ୍ଚଳର ଜଣେ ଡ୍ରାଇଭରଙ୍କ ପରିବାରକୁ ସହାୟତାର ହାତ ବଢ଼ାଇଛି । ପ୍ରାୟ ଦୁଇ ସପ୍ତାହ ପୂର୍ବେ ବାହାର ରାଜ୍ୟରେ ବାଣପୁର ବ୍ଲକ୍ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ହଜ ଗ୍ରାମର ଚାଳକ ନୀଳମଣି ବେହେରାଙ୍କ ଦେହାନ୍ତ ହୋଇଯାଇଥିଲା । ତାଙ୍କ ବିୟୋଗ ଖବର ଶୁଣି ବାଣପୁର ଡ୍ରାଇଭର ସଂଘ ମର୍ମାହତ ହୋଇ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ତାଙ୍କ ପରିବାର ସଦସ୍ୟଙ୍କୁ ୩୦ହଜାର ଟଙ୍କା ସହାୟତା ରାଶିର ଏକ ଚେକ୍ ପ୍ରଦାନ କରିଥିଲେ ।

## ଶିକ୍ଷା ପାଇଁ ପଲ୍ଲୀରୁ ଜାପାନ ଗଲେ ଛାତ୍ର



ନିରାକାରପୁର,୭।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ଗୋଡ଼ିପଡ଼ା ପଞ୍ଚାୟତ ଲହଙ୍ଗା ଗ୍ରାମର ଦଶମ ଶ୍ରେଣୀ ଛାତ୍ର ଶିକ୍ଷା ପାଇଁ ଜାପାନ ଗସ୍ତ କରି ଫେରିଛନ୍ତି । ମୁଗମଣ୍ଡା ଦେବଗୁରୁ ଆଦର୍ଶ ବିଦ୍ୟାଳୟରେ ଗୋଡ଼ିପଡ଼ା ଲହଙ୍ଗା ଗ୍ରାମର ଓଁ ନାରାୟଣ ପ୍ରଧାନ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ପକ୍ଷରୁ ଏକ ଶିକ୍ଷା ପ୍ରତିଷ୍ଠାନ ଜାପାନ ଯିବା ନେଇ ଏକ ପରୀକ୍ଷା କରାଇଥିଲେ । ଏଥିରେ ଓଡ଼ିଶାର ୧୦ ଜଣ ଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରିଥିଲେ । ୮ ଜଣ ଛାତ୍ରଛାତ୍ରୀ ଜାପାନ ଯାଇଥିଲେ । ସେମାନଙ୍କ ସହିତ ଓଁ ନାରାୟଣ ପ୍ରଧାନ ଖୋର୍ଦ୍ଧା ଜିଲ୍ଲାର ଲହଙ୍ଗା ଗ୍ରାମରୁ ଯାଇଥିଲେ । ଜାପାନର ଶିକ୍ଷା ବ୍ୟବସ୍ଥା, ଶୃଙ୍ଖଳା, ସ୍ୱଚ୍ଛତା, ଆତ୍ମନିର୍ଭରଶୀଳତା, ଟେକ୍ନୋଲୋଜି ବ୍ୟବସ୍ଥା ଉପରେ ଛାତ୍ରଛାତ୍ରୀ ଜ୍ଞାନ ଅର୍ଜନ କରିଛନ୍ତି । ଗତ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଜାପାନ ଗସ୍ତ କରି ଫେରିଛନ୍ତି । ଏନେଇ ଗୋଡ଼ିପଡ଼ା ପଞ୍ଚାୟତରେ ଖୁସିର ଲହରୀ ଖେଳିଯାଇଛି ।

## ବାଲୁଗାଁ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ବାଲୁଗାଁ,୭।୯ (ସମିସ): ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟ ପରିସରସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ୱାଧୀନ ମଞ୍ଜରୀ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅତିଥି ଭାବେ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା, ଏସ୍ଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ, ଏସ୍ଆଇ ଜ୍ୟୋସ୍ନା ସାହୁ, ବିଦ୍ୟାଳୟର ଶିକ୍ଷକ ଗୋପୀନାଥ ପ୍ରଧାନ ପ୍ରମୁଖ ସାମିଲ୍ ହୋଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ । ବାଲ୍ୟବିବାହଠାରୁ ଦୂରେଇ ରହିବାକୁ ପରାମର୍ଶ ଦେବା ସହିତ ଦୁର୍ଘଟଣାରୁ ସୁରକ୍ଷା ଓ ସାଇବର ଠକଙ୍କ ଦ୍ୱାରା ଅର୍ଥ ଲୁଟ୍‌ର ଶିକାରରୁ ନିଜକୁ କିପରି ସୁରକ୍ଷିତ ରଖିବ, ସେ ସମ୍ପର୍କରେ ଉପସ୍ଥିତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ । ସର୍ବଦା ରାସ୍ତାର ବାମ ପାର୍ଶ୍ୱରେ ଯାତାୟାତ କରି ଟ୍ରାଫିକ୍ ନିୟମ ମାନିବା, ଅସାମାଜିକ ବ୍ୟକ୍ତିଙ୍କଠାରୁ ସର୍ବଦା ଦୂରେଇ ରହିବା, ଅନ୍ୟାୟ କାର୍ଯ୍ୟକୁ ବିରୋଧ କରିବା ପାଇଁ ପ୍ରଚେଷ୍ଟା କରିବା ସହ ଆବଶ୍ୟକ ସ୍ଥଳେ ପୁଲିସକୁ ଅବଗତ କରାଇବା ଓ ଜୀବନରେ ଉଚିତ୍ ଶିକ୍ଷା ଗ୍ରହଣ କଲେ ଜଣେ ଛାତ୍ର କିମ୍ବା ଛାତ୍ରୀ ବିଦ୍ୟାଳୟ ସହିତ ନିଜର ବାପାମାଆଙ୍କ ନାମ ରଖିପାରିବ ଆଦି ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏଥିରେ ବାଲୁଗାଁ ଉଚ୍ଚ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଓ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସାମିଲ୍ ହୋଇଥିଲେ ।

## ଆର୍‌ଏସ୍‌ଏସ୍ ପକ୍ଷରୁ ବିଦ୍ୟାର୍ଥୀ ସମ୍ମିଳନୀ

ବେଗୁନିଆ,୭।୯ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍) ପକ୍ଷରୁ ବେଗୁନିଆ ମହାବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏଥିରେ ବେଗୁନିଆ ଖଣ୍ଡ କାର୍ଯ୍ୟବାହ ଡ. ଭାସ୍ୱର ବାଗମିତା ପରିଡ଼ାଙ୍କ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୁରୀ ବିଭାଗ କାର୍ଯ୍ୟବାହ ପ୍ରସନ୍ନ କୁମାର ସେନାପତି ମୁଖ୍ୟ ଅତିଥି ଓ ପୁରୀ ବିଭାଗ ମୁଖ୍ୟ ମାର୍ଗ ସଂଯୋଜକ ସୁଜାତ ନାରାୟଣ ଶାନ୍ତିକାମୀ ଅତିଥି ଭାବେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଆଦର୍ଶ ଜୀବନଚର୍ଯ୍ୟାକୁ ପାଳନ କରିବା ପାଇଁ ଶପଥପାଠ କରିଥିବାବେଳେ ଜୟୀ ରାଜଗୁରୁ ଶାଖା ମୁଖ୍ୟ ଶିକ୍ଷକ ଶୁଭ୍ରଜିତ୍ ସାହୁ ଓ ବେଗୁନିଆ ଖଣ୍ଡ ଶାରୀରିକ ପ୍ରମୁଖ ଆଶୁତୋଷ ପଣ୍ଡା ପରିଚାଳନା କରିଥିଲେ ।

## ୭୦ ହଜାର ଟଙ୍କାର ବାଣ ଓ ସରଞ୍ଜାମ ଜବତ, ଦୁଇ ଗିରଫ

ବେଗୁନିଆ,୭।୯ (ସମିସ): ପାର୍ବଣ ଋତୁ ଆରମ୍ଭ ହୋଇଥିବାରୁ ପ୍ରଶାସନ ପକ୍ଷରୁ ଲାଇସେନ୍ସଧାରୀ କେବଳ ବାଣ ପ୍ରସ୍ତୁତି ଓ ବିକ୍ରି କରିବାକୁ ଅନୁମତି ପତ୍ର ପାଇଛନ୍ତି । ତେବେ ବେଆଇନ ଭାବେ ଲୁଚିଛପି ବାଣ ପ୍ରସ୍ତୁତି ଓ ବିକ୍ରି ହେଉଥିବା ପୁଲିସ ନିକଟରେ ଅଭିଯୋଗ ହୋଇଥିଲା । ଏଥିରେ ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନେତୃତ୍ୱରେ ପୁଲିସ ଲେଖନପୁର ଗ୍ରାମରେ ପହଞ୍ଚି ଶେଷଦେବ ମାର୍ଥା ଓ ରବୀନ୍ଦ୍ର ସାହୁଙ୍କ ଘରେ ଚଢ଼ଉ କରିଥିଲେ । ତାଙ୍କଠାରୁ ମୋଟ୍ ୭୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ବାଣ ଓ ଆବଶ୍ୟକୀୟ ସରଞ୍ଜାମ ଜବତ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ସୂଚନା ମିଳିଛି ।

## 'ଭାଗବତ ପଠନରେ ମୁକ୍ତିର ମାର୍ଗ ପ୍ରଶସ୍ତ ହୁଏ'

ଖୋର୍ଦ୍ଧା,୭।୯ (ସମିସ): ଭାବ, ଜ୍ଞାନ, ବ୍ରହ୍ମ, ତତ୍ତ୍ୱର ସମାହାର ହେଉଛି ଭାଗବତ । ଚିନ୍ମୟ ଚିଦଘନ ରସମୟ କୃଷ୍ଣ ଆନନ୍ଦ ରୂପିଣୀ ରାଧାଙ୍କର ଚରିତ୍ର ହିଁ ଭାଗବତ ବୋଲି ଶ୍ରୀଶ୍ରୀ ରାଧାବଲ୍ଲଭ ଦେବଙ୍କ ମନ୍ଦିରରେ ଅନୁଷ୍ଠିତ ଶ୍ରୀମଦ୍ ଭାଗବତ ପାରାୟଣର ଅନ୍ତିମ ଦିବସରେ ଭକ୍ତି ବେଦାନ୍ତ ବୋଧାୟନ ମହାରାଜ ପ୍ରବକ୍ତା ଭାବରେ ଯୋଗଦେଇ କହିଥିଲେ । ଭାଗବତ ହେଉଛି ଓଡ଼ିଆ ଜାତି ପକ୍ଷରେ ବେଦ ପରି ପବିତ୍ର ଯାହା ଓଡ଼ିଶାରେ ସାଂସ୍କୃତିକ ବିପ୍ଳବ ସୃଷ୍ଟି କରିପାରିଛି । ଭାଗବତ ପଠନରେ ମୁକ୍ତିର ମାର୍ଗ ପ୍ରଶସ୍ତ ହୋଇଥାଏ । ଏହି ପବିତ୍ର ଭାଗବତ ପାରାୟଣରେ ପ୍ରତ୍ୟହ ସାଧୁପ୍ରଭୁ ପାରାୟଣ ଆଚାର୍ଯ୍ୟ ଭାବେ ଭାଗବତପାଠ କରୁଥିଲେ । ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମକୁ ଭାଗବତ ପ୍ରଚାର ସମିତିର କର୍ମକର୍ତ୍ତା, ଅଧ୍ୟାପକ ସୁଶାନ୍ତ ମିଶ୍ର, ରବି ନାରାୟଣ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ହରି ପ୍ରସାଦ ଦୋରା, ଲାଲା କାଶୀନାଥ ରାୟ, ଚିତ୍ତରଞ୍ଜନ ଦାସ, ସୂର୍ଯ୍ୟ ନାରାୟଣ ପାତ୍ର, ଅବନୀ କୁମାର ଦାସ ପରିଚାଳନା କରିଥିଲେ । ପ୍ରତ୍ୟହ ଏହି ଭାଗବତ କାର୍ଯ୍ୟକ୍ରମରେ ପ୍ରଚାର ସମିତିର ସଭାପତି ଅମୂଲ୍ୟ କୁମାର ମହାନ୍ତି, ଅଜିତ୍ ପଟ୍ଟନାୟକ ଓ ସମସ୍ତ ସଭ୍ୟ ଯୋଗଦେବା ସହ ଖୋର୍ଦ୍ଧା ସହର ଓ ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ଭାଗବତ ପ୍ରେମୀ ଯୋଗଦେଇଥିଲେ ।



## ଚନ୍ଦନ ସାହିରେ ଭାଗବତ ଜନ୍ମୋତ୍ସବ

ଭୂଷଣ୍ଡପୁର,୭।୯ (ସମିସ): ଟାଙ୍ଗୀ ବ୍ଲକ୍‌ର ବାଲିପାଟପୁର ଗ୍ରାମପଞ୍ଚାୟତର ଦେଉଳ ସାହି ଓ ଚନ୍ଦନ ସାହିରେ ଅବସ୍ଥିତ ଭାଗବତ ଗୃହରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭାଗବତଙ୍କ ଜନ୍ମ ଉତ୍ସବ ପାଳିତ ହୋଇଛି । ଭାଦ୍ରବ ମାସର ଶୁକ୍ଳ ପକ୍ଷ ପୂର୍ଣ୍ଣିମା ତିଥିରେ ଇନ୍ଦ୍ରୋତ୍ସବ, ଭାଗବତ ଜନ୍ମ ଭାଗବତ ପୂର୍ଣ୍ଣିମା ସହିତ ଚଳିତ ବର୍ଷ ପୂର୍ଣ୍ଣ ଗ୍ରାସ ଚନ୍ଦ୍ରଗ୍ରହଣ ହେତୁ ଯଥାଶୀଘ୍ର ଗ୍ରହଣ କଟକଣା ପୂର୍ବରୁ ଭାଗବତଙ୍କ ସମସ୍ତ ପୂଜାବିଧି ସମ୍ପନ୍ନ ହୋଇଥିଲା । ବୈଦିକ ବ୍ରାହ୍ମଣ ନିରଞ୍ଜନ ବାହିନୀପତିଙ୍କ ଦ୍ୱାରା ସମସ୍ତ ପୂଜାବିଧି ଓ ହୋମଯଜ୍ଞ କରାଯାଇ ସମାଜର କଲ୍ୟାଣ ନିମିତ ଆହୁତି ପ୍ରଦାନ କରାଯାଇଥିଲା । କର୍ତ୍ତା ଭାବେ ଭାଗବତ ଗୃହର ସଭାପତି ଗୋଲକ ବିହାରୀ ପଟ୍ଟନାୟକ ବସିଥିବାବେଳେ ସାହିର ବିଭୁତି ବରାଳ, ଦେବେନ୍ଦ୍ର ନାୟକ, ବସନ୍ତ ବେହେରା, ସୁଦର୍ଶନ ବରାଳ ସହଯୋଗ କରିଥିଲେ ।



# ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଦାବି



ଟାଙ୍ଗୀ,୭।୯ (ସମିସ): ଚିଙ୍ଗୁଡ଼ି ମାଫିଆଙ୍କ ଦ୍ୱାରା ଚିଲିକାରେ ଗଢ଼ି ଉଠିଥିବା ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଦାବିରେ ମତ୍ସ୍ୟଜୀବୀ ମହାସଂଘ ସରକାରଙ୍କୁ ଚେତାବନୀ ଦେଇଛି । ୧୫ ଦିନ ମଧ୍ୟରେ ପ୍ରତିକାର ବ୍ୟବସ୍ଥା ନ ହେଲେ ଚିଲିକାର ୧୮ଟି ଅଞ୍ଚଳରେ ଥିବା ଚିଙ୍ଗୁଡ଼ି ଘେରିକୁ ୩ ହଜାର ମତ୍ସ୍ୟଜୀବୀ ୫ଶହ ଡଙ୍ଗା ସାହାଯ୍ୟରେ ଘେରେ ଉଚ୍ଛେଦ କରିବାକୁ ବାଧ ହେବେ ବୋଲି ମତ୍ସ୍ୟଜୀବୀ ମହାସଂଘ ସଭାପତି ଶ୍ୟାମସୁନ୍ଦର ବେହେରା ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି ।

ସୂଚନାଯୋଗ୍ୟ, ଚିଙ୍ଗୁଡ଼ି ମାଫିଆମାନେ ଚିଲିକାର ଡାଲତୋଳା ନାସି, କଣ୍ଟିବଣିଆ ନୂଆଗାଁ, ବୁଧିବର ନାସି, ବୋରିଆକୁଦ ନାସି, ପାନଖିଆ, ପାଣ୍ଡା ନାସି, କୃଷ୍ଣପ୍ରସାଦ ଜେଟି ନିକଟ, ଚଢ଼େଇବଣି, ଜଅଁବଲ, ବଳଙ୍ଗା, ଶେରିସାହି, ଡାଲପହଣ୍ଡା, ଚିଖିଲି, ଚକ୍ରକୋଟ, ସାପିଆ, କୁରୁପାଳ, ନୂଆପଡ଼ା, ଗୁରୁବାଇ ଅଞ୍ଚଳରେ ବେଆଇନ ଚିଙ୍ଗୁଡ଼ି ଘେରି ଫଳରେ ୪ ଲକ୍ଷ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ଅଢ଼େଇ ଲକ୍ଷ ମତ୍ସ୍ୟଜୀବୀ କେରଳ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଭଳି ବିଭିନ୍ନ ରାଜ୍ୟରେ ଦାଦନ ଖଟୁଥିବାବେଳେ ଏହାର ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ୧୯୯୩ ନଭେମ୍ବର ୨୩ରେ ହାଇକୋର୍ଟ, ୧୯୯୨ ଡିସେମ୍ବର ୧୧ରେ ସୁପ୍ରିମ୍ କୋର୍ଟ ଓ ୧୯୯୯ରେ ରାଜ୍ୟ ସରକାରଙ୍କ ହାଉସିଂ କମିଟି ଚିଲିକାରେ ଚିଙ୍ଗୁଡ଼ି ଚାଷକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରିଥିବା ଏପରିକି ଯିଏ ଚିଙ୍ଗୁଡ଼ି ଚାଷ କରିବା ଜଣାପଡ଼େ, ତେବେ ସେମାନଙ୍କ ବିରୁଦ୍ଧରେ ଆଇନଗତ ପଦକ୍ଷେପ ନେବାକୁ କଡ଼ା ନିର୍ଦ୍ଦେଶ ଥିଲେ ମଧ୍ୟ ସରକାରଙ୍କ ବଡ଼ପଣ୍ଡାଙ୍କ ଛତ୍ରଛାୟା ତଳେ ଥିବା ମାଫିଆମାନେ ବେଧଡ଼କ ଘେରି କରିଥିବା ସଭାପତି ଶ୍ରୀ ବେହେରା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଗତ ଜୁଲାଇ ୬ ତାରିଖରେ ପୁରୀ ଜିଲ୍ଲାପାଳଙ୍କୁ ଚିଲିକା ମତ୍ସ୍ୟଜୀବୀ ମହାସଂଘ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ କୃଷ୍ଣପ୍ରସାଦ ତହସିଲ୍‌ଦାର ଆଇନକୁ ଆଖିଠାର ଭଳି କାର୍ଯ୍ୟ କରୁଥିବା ଅଭିଯୋଗ ମଧ୍ୟ ହୋଇଛି । ଯଦି ୧୫ ଦିନ ମଧ୍ୟରେ ସରକାର ଚିଙ୍ଗୁଡ଼ି ଘେରି ଉଚ୍ଛେଦ ନ କରନ୍ତି ତେବେ ମତ୍ସ୍ୟଜୀବୀମାନେ ଘେରି ଉଚ୍ଛେଦ କରିବେ ଓ ଏଥିରେ କୌଣସି ଅପ୍ରିତିକର ପରିସ୍ଥିତି ଉପୁଜିଲେ ସରକାର ଦାୟୀ ରହିବେ ବୋଲି ସଭାପତି ଶ୍ରୀ ବେହେରା, ସମ୍ପାଦକ କାଳନ୍ଦି ବେହେରା, କେଦାରନାଥ ଜେନା, ଦୁଃଖିଶ୍ୟାମ ବେହେରା, ରଙ୍କନାଥ ବେହେରା, ଫାଲ୍‌ଗୁନି ଜାଲି, ରଙ୍କନାଥ ଜେନା, ତପନ ବେହେରା, ବିରଞ୍ଚି ବେହେରା, ରତନ ବେହେରା, ବନମାଳି ବାଲା, ଭୀମସେନ ବେହେରା ପ୍ରମୁଖ ଦାବି କରିଛନ୍ତି ।

### ଚିଲିକା ମତ୍ସ୍ୟଜୀବୀ ମହାସଂଘର ସରକାରଙ୍କୁ ଚେତାବନୀ

# 'ଫିଟ୍ ଇଣ୍ଡିଆ ସାଇକେଲିଂ' ଅଭିଯାନ

ଜଟଣୀ,୭।୯ (ସମିସ): ଦେଶବ୍ୟାପୀ ଫିଟ୍ ଇଣ୍ଡିଆ ଆନ୍ଦୋଳନ ସହିତ ସମନ୍ୱୟ ରଖି ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ "ସାଇକଲ୍ ଉପରେ ରବିବାର' ବା ସଣ୍ଡେ ଅନ ସାଇକଲ୍ ବ୍ୟାନରରେ ଏକ ସ୍ୱତନ୍ତ୍ର ସାଇକ୍ଲୋଥନ୍-୨୦୨୫ ସଚେତନତା ଅଭିଯାନ ଆୟୋଜନ କରିଛି । ଏହି ପ୍ରୟାସର ଲକ୍ଷ୍ୟ ହେଉଛି ରେଳ କର୍ମଚାରୀ ଏବଂ ସମାଜ ମଧ୍ୟରେ ଶାରୀରିକ ଓ ମାନସିକ ସୁସ୍ଥତା ଏବଂ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା । ଫିଟ୍ ଇଣ୍ଡିଆ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ କ୍ରୀଡ଼ା ସଂଗଠନ(ଇକୋର୍ଷା) ଦ୍ୱାରା ଷ୍ଟାଡିୟମ୍‌ଠାରୁ ଆଇଆଇଟି ପର୍ଯ୍ୟନ୍ତ ଯାଇ ପୁଣି ସେଠାରୁ ଫେରି ୧୦ କି.ମି. ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଖୋର୍ଦ୍ଧା ରୋଡ୍ ଇକୋର୍ଷା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ରେଳମଣ୍ଡଳର ସମସ୍ତ ବରିଷ୍ଠ ଅଧିକାରୀ, କ୍ରୀଡ଼ାବିତ୍ ଓ ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଅଂଶଗ୍ରହଣ କରିଥିଲେ ।



## ବେଲଡିହ ବ୍ରିଜ୍ ନିର୍ମାଣ ବନ୍ଦ ଯୋଗୁଁ ଦୁର୍ଦ୍ଦଶା ଭୋଗୁଛନ୍ତି ୭୦ ପରିବାର, ପ୍ରଶାସନ ନିରବ

# କାର୍ଯ୍ୟ ବନ୍ଦକୁ ନେଇ ଗ୍ରାମରେ ଉତ୍ତେଜନା

ବାଣପୁର/ଗମ୍ଭାରୀମୁଣ୍ଡା,୭।୯ (ସମିସ)

ବାଣପୁର ବ୍ଲକ୍ ୧୪ନଂ ଜିଲ୍ଲା ପରିଷଦ ଜୋନ୍ ଅନ୍ତର୍ଗତ ଆୟତପୁର ପଞ୍ଚାୟତର ବେଲଡିହ ଗ୍ରାମର ମୁଖ୍ୟରାସ୍ତାସ୍ଥିତ ଏକ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଏବେ ଦୀର୍ଘ ୬ ମାସ ହେବ ବନ୍ଦ ଥିବା ଯୋଗୁଁ ଗ୍ରାମର ୭୦ଟି ବସ୍ତିର ପରିବାର ଲୋକଙ୍କ ଦୁର୍ଦ୍ଦଶା କହିଲେ ନସରେ । ପୁରାତନ ବ୍ରିଜ୍ ଭାଙ୍ଗି ପଡ଼ିଥିବାବେଳେ ଠିକାଦାରଙ୍କ ଅବହେଳା ଯୋଗୁଁ ଏବେ ସେଠାରେ ଏକ ବିରାଟ ଘାଇ ସୃଷ୍ଟି ହୋଇ ସେହି ରାସ୍ତାରେ ଆଣ୍ଠୁଏ ଉଚ୍ଚରେ ପାଣି ସୁଅ ଛୁଟୁଛି । ଏନେଇ ଉକ୍ତ ୭୦ଟି ପରିବାରର ଲୋକେ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ଏବଂ ନେତା ମନ୍ତ୍ରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିବା ସହ ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରେ ଏବେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି ।

ସୂଚନା ମୁତାବକ, ବେଲଡିହ ଗ୍ରାମରେ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ବସ୍ତି ଥିବାବେଳେ ଗ୍ରାମର ପଶ୍ଚିମ ପାର୍ଶ୍ୱରେ ପ୍ରାୟ ୭୦ ବସ୍ତିର ଲୋକେ ବସବାସ କରନ୍ତି । ସେହି ପଶ୍ଚିମ ପାର୍ଶ୍ୱର ସାହିକୁ ଯିବା ରାସ୍ତାରେ ଜରିପଡ଼ା ନାମକ ଏକ ନାଳ ପଡୁଥିବାବେଳେ ସେଠାରେ ଏକ ପରିତ୍ୟକ୍ତ ବ୍ରିଜ୍ ଥିଲା । ଉକ୍ତ ବ୍ରିଜ୍‌କୁ ପୁନରୁଦ୍ଧାର ନିମନ୍ତେ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଆସୁଥିବାବେଳେ ବ୍ରିଜ୍ ନିର୍ମାଣ ନିମନ୍ତେ ବିଜେଡି ସରକାର ସମୟରେ ପ୍ରାୟ ୮୦ ଲକ୍ଷ ଟଙ୍କା ମଞ୍ଜୁର ହୋଇ ବ୍ରିଜ୍ ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲା । ଉକ୍ତ ବ୍ରିଜ୍ ନିର୍ମାଣ ଲାଗି ଗତ ମାର୍ଚ୍ଚ ମାସରେ କାର୍ଯ୍ୟ ଆରମ୍ଭ କରି ଠିକାଦାର ପୁରୁଣା ବ୍ରିଜ୍‌ଟିକୁ ଭାଙ୍ଗି ଦେଇ କାର୍ଯ୍ୟ ଆରମ୍ଭ କରିବା ପରେ ବର୍ତ୍ତମାନ ଦୀର୍ଘ ୬ମାସ ହେବ କାମ ବନ୍ଦ ରହିଥିବାରୁ ଏଯାବତ୍ ସେଠାରେ ବ୍ରିଜ୍ ନିର୍ମାଣ କାର୍ଯ୍ୟ ସମାପନ ହୋଇପାରିଲା ନାହିଁ । ବର୍ତ୍ତମାନ ବର୍ଷା ଦିନରେ ଉକ୍ତ ଜରିପଡ଼ା ନାଳ ଦେଇ ପ୍ରାୟ ୩ ଫୁଟ୍ ଉଚ୍ଚରେ ପାଣି ସୁଅ ଛୁଟୁଥିବାବେଳେ ଉକ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଫଳରେ ୭୦ ବସ୍ତି ପରିବାର ଲୋକେ ଏକପ୍ରକାର ଅଞ୍ଚଳରୁ ବିଚ୍ଛିନ୍ନ ହୋଇ ପଡ଼ିଛନ୍ତି । ଏପରିକି ପିଲାମାନେ ସ୍କୁଲ କଲେଜ ଯିବା ଏକପ୍ରକାର ବନ୍ଦ ହୋଇ ପଡ଼ିଥିବାବେଳେ ରୋଗୀଙ୍କୁ ଡାକ୍ତରଖାନାକୁ ନେବାରେ ଲୋକେ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି । ଲୋକଙ୍କ ଯାତାୟାତ ନିମନ୍ତେ ଠିକାଦାର ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରିଥିଲେ ମଧ୍ୟ ତାହା ଖାଲୁଆ ସ୍ଥାନରେ ହୋଇଥିବାରୁ ସ୍ୱଳ୍ପ ବର୍ଷାରେ ଉକ୍ତ ରାସ୍ତାରେ ପ୍ରାୟ ଅଣ୍ଟାଏ ଉଚ୍ଚରେ ପାଣି ସୁଅ ଛୁଟୁଛି । ଫଳରେ ଉକ୍ତ ରାସ୍ତାରେ ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇ ଗ୍ରାମର ୭୦ ପରିବାର ଏବେ ବିଚ୍ଛିନ୍ନାଞ୍ଚଳ ଭଳି ରହି ଦୁର୍ଦ୍ଦଶା ଭୋଗୁଛନ୍ତି । କିଛିଦିନ ପୂର୍ବେ ଜଣେ ବୟସ୍କ ରୋଗୀଙ୍କୁ ଚିକିତ୍ସା ପାଇଁ ସେହି ପାଣି ଭିତରେ ବାଣପୁର ଡାକ୍ତରଖାନାକୁ ନେଉଥିବା ସମୟରେ ରାସ୍ତାରେ ପଡ଼ିଯାଇ ତାଙ୍କର ଅବସ୍ଥା ଆହୁରି ଗୁରୁତର ହୋଇପଡ଼ିଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ଗ୍ରାମବାସୀ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଖୋଦ୍ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀଙ୍କୁ ନିଜର ଦୁଃଖ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ । ବ୍ରିଜ୍ ନିର୍ମାଣ କାର୍ଯ୍ୟ ହେଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇ ଏବେ ଉତ୍ତେଜନା ପ୍ରକାଶ ପାଇଛି । ଲୋକଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ଗୁରୁତ୍ୱର ସହ ନେଇ ଯଥାଶୀଘ୍ର ବ୍ରିଜ୍ ନିର୍ମାଣ କାର୍ଯ୍ୟ ସମ୍ପାଦନ କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି ।





## ବାଂଶରିଆପାଟଣା ଗାଁରେ ଚୋରାରେ ବିକ୍ରି ହେଉଛି ମଦ

# ଦୋକାନ ଘେରିଲେ ଉତ୍ତ୍ୟକ୍ତ ମହିଳା

ରାଜକନିକା,୭।୯ (ସମିସ):



ଗାଁରେ ଚୋରାରେ ମଦ ବିକ୍ରି ନେଇ ତାତିଛନ୍ତି ମହିଳା। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ରାଜକନିକା ବ୍ଲକ କୋରନ୍ଦ ପଞ୍ଚାୟତ ବାଂଶରିଆପାଟଣା ଗ୍ରାମରେ। ଗ୍ରାମର ଶତାଧିକ ମହିଳା ଏକାଠି ହୋଇ ଚୋରାରେ ବିକ୍ରି ହେଉଥିବା ଦୋକାନ ଘେରଉ କରି ଚେତାବନୀ ଦେଇଛନ୍ତି। ଆଗକୁ ଯଦି ମଦ ବିକ୍ରି ହୁଏ, ତେବେ ଦୋକାନ ଭାଙ୍ଗିଦେବାକୁ ଧମକ ଦେଇଥିବା ଜଣାପଡ଼ିଛି।

ବାଂଶରିଆପାଟଣା ଗ୍ରାମ କମିଟି ସଭ୍ୟ ତଥା ସରପଞ୍ଚଙ୍କ ପ୍ରତିନିଧି ରଞ୍ଜନ ସେଠୀଙ୍କ ନେତୃତ୍ୱରେ ଗାଁର ଶତାଧିକ ମହିଳା ଏକତ୍ରିତ ହୋଇଥିଲେ। ଗାଁରେ ତିନି ଯାଗାରେ ଚୋରା ମଦ ବିକ୍ରିକୁ ବନ୍ଦ କରାଯାଉ ବୋଲି ପିକେଟିଂ କରି ବିକ୍ରି କରୁଥିବା ତିନୋଟି ଦୋକାନ ଉପରେ ଚଢ଼ଉ କରି ଆଗାମୀ ଦିନରେ ମଦ ବିକ୍ରି ନ କରିବାକୁ ଚେତାବନୀ ଦେଇଥିଲେ। ମହିଳାଙ୍କ କହିବା କଥା, ଗାଁ ଭିତରେ ମଦ ବିକ୍ରି ହେବା ଦ୍ୱାରା ଗାଁ ପରିବେଶ ନଷ୍ଟ ହେବା ସହ ଆମମାନଙ୍କ ଧନଜୀବନ ନଷ୍ଟ ହେଉଛି। ଗାଁର ଝିଅବୋହୂ ବାହାରକୁ ବାହାରି ପାରିନାହାନ୍ତି। ସ୍କୁଲ କଲେଜ ଛାତ୍ରଙ୍କ ଉପରେ ଖରାପ ପ୍ରଭାବ ପକାଉଛି। ହାତ ପାହାନ୍ତାରେ ମଦ ମିଳୁଥିବାରୁ ସ୍ୱାମୀ, ପୁଅମାନେ ମଦଖାଇ ଘରେ ବିଭିନ୍ନ ସମସ୍ୟା ସୃଷ୍ଟି କରୁଛନ୍ତି। ଘରର ରୋଜଗାରିଆ ପୁରୁଷ ମଦଖାଇ ସମସ୍ତ ପଇସା ବରବାଦ କରୁଛନ୍ତି। ଫଳରେ ଘରେ ଚଳିବାକୁ ପଇସା ଅଣ୍ଟୁନି। ଏମିତି ପରିସ୍ଥିତିକୁ ସାମ୍ନା କରି ଅତିଶୟ ହେବାରୁ ରବିବାର ଗାଁର ଆମେ ଶତାଧିକ ମହିଳା ଏକଜୁଟ୍ ହୋଇ ପ୍ରତିବାଦ କରି ଗାଁରେ ମଦ ବିକ୍ରିକୁ ବାରଣ କରୁଛୁ। ଯଦି ଆଜିଠାରୁ ଆମ ଗାଁରେ ମଦ ବିକ୍ରି ହୁଏ, ତେବେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଦେବକୀ ମାଝୀ, ଚପଳା ବେହେରା, ମଞ୍ଜୁଲତା ଦାସ, ଦୀପ୍ତିମୟୀ ଲେଙ୍କା, ସବିତା ମାଝୀ, ଶଶୀକଳା ଲେଙ୍କା, ଭାରତୀ ବେହେରା, ଚମ୍ପାବତୀ ବେହେରା, ଜୟନ୍ତୀ ଲେଙ୍କା, ସୁପ୍ରିୟା ବେହେରା, ତିଲୋତ୍ତମା ସାହୁ, ଶାନ୍ତିଲତା ରାଉତ, ସକୁନ୍ତଳା ସାହୁ, ଇତିଶ୍ରୀ ବେହେରା, ମିନତୀ ରାଉତ, କନକଲତା ବେହେରା, ବନୀତା ସାହୁ, ସୁକାନ୍ତୀ ସାହୁ, ସୁକାନ୍ତୀ ଦାଶ, ଯଶୋବନ୍ତୀ ରାଉତ, ପଦ୍ମାବତୀ ବେହେରା, ପୁଷ୍ପଲତା ବେହେରା, ମିନତୀ ବେହେରା, ମଧୁମିତା ବେହେରା, ଉମାବତୀ ବେହେରା, ବିଦ୍ୟୁଲତା ବେହେରା, ଶଶୀରେଖା ଗୁଡ୍ଡୁ, ଶକୁନ୍ତଳା ବେହେରା, ବସୁମତୀ ବେହେରା, ଅନସୂୟା ଗୁଡ୍ଡୁ, ଉର୍ମିଳା ଗୁଡ୍ଡୁ, ମାଧବୀ ଲେଙ୍କା, ସରସ୍ୱତୀ ନାୟକ, ଜୟନ୍ତୀ ବେହେରା, ଶଶୀବାଳା ମାଝୀ ପ୍ରମୁଖ ଶତାଧିକ ମହିଳା ଆଜି ଚୋରା ମଦ ବିକ୍ରି ପ୍ରତିବାଦରେ ସାମିଲ ଥିଲେ।

## ବାସୁଦେବ ମଠରେ ଭାଗବତ ଜନ୍ମ ଉତ୍ସବ



ପଟ୍ଟାମୁଣ୍ଡାଇ/ମାଳିପୁର,୭।୯ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ସଂସାରଫଳ ବାସୁଦେବ ମଠରେ ପବିତ୍ର ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ପ୍ରଭୁଙ୍କ ନିତିକାନ୍ତି ବୈଦିକ ରୀତି ଅନୁସାରେ ସମ୍ପନ୍ନ ହୋଇଥିଲା। ପରମ ଶାସ୍ତ୍ର ଭାଗବତ ଯୁଗେ ଯୁଗେ ପ୍ରତିଟି ଓଡ଼ିଆଙ୍କ ଆଧ୍ୟାତ୍ମିକ ଭାବଧାରାକୁ ଉଜ୍ଜୀବିତ କରି ରଖିବା ସହିତ ଶ୍ରୀମଦ୍ ଭାଗବତବାଣୀ ପ୍ରତ୍ୟେକଙ୍କୁ ଦିଗ୍‌ଦର୍ଶନ ଦେଇଆସୁଥିବାରୁ ଭାଗବତର ଗରୀମାମୟ ଅଧ୍ୟାୟକୁ ଯୁବପିଢ଼ି ଅନୁକରଣ କରିବା ଉଚିତ ବୋଲି ପଣ୍ଡିତ ଚିତ୍ତରଞ୍ଜନ ପଣ୍ଡା, ରବୀନ୍ଦ୍ର ଦାଶ ପ୍ରମୁଖ ଆଲୋଚନା କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ମା' ଗଛ ମଙ୍ଗଳା ପଞ୍ଚମୁଖୀ କୀର୍ତ୍ତନ ମଣ୍ଡଳୀ କୀର୍ତ୍ତନ ପରିବେଷଣ କରିଥିଲେ। ପ୍ରଜ୍ଞା ଭାରତୀ ରାଉତରାୟ, ବିଜୟାଲକ୍ଷ୍ମୀ ରାଉତରାୟ, ସୁଧାଂଶୁ ରାଉତରାୟ, ପାର୍ଥ ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଂସାର ପଞ୍ଚାୟତରେ ଭାଗବତ ସପ୍ତାହ

କେନ୍ଦ୍ରାପଡ଼ା,୭।୯ (ସମିସ):କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କଂସାର ପଞ୍ଚାୟତର ଯୋଡିଚଉଁରା ପୀଠରେ ଭାଗବତ ଗାଦି ଅନୁଷ୍ଠିତ ହୋଇଛି। ଦୀର୍ଘଦିନ ଧରି ଏଠାରେ ଭାଗବତ ସପ୍ତାହ ଅନୁଷ୍ଠିତ ହେଉଛି। ବାସୁଦେବ ଜନ୍ମଦିନ ଅବସରରେ ଭାଗବତ ସପ୍ତାହ ପାଳନ ହୋଇଛି। ରୀତିନୀତି ଅନୁଯାୟୀ ନୀତିକାନ୍ତି, ହୋମଯଜ୍ଞ କାର୍ଯ୍ୟ କରାଯାଇଛି। ସନ୍ତୋଷ ନାୟକ, ଗୌରାଙ୍ଗ ସାହୁ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, କ୍ଷେତ୍ରବାସୀ ପରିଡା, ପ୍ରଭାକର ପରିଡା, ପ୍ରଶାନ୍ତ ବେହେରା, ମନୋରଞ୍ଜନ ସାହୁଙ୍କ ସମେତ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇ ଶାନ୍ତିଶୃଙ୍ଖଳାର ସହ କାର୍ଯ୍ୟ ସମାପନ କରିଥିଲେ।

## ବସନ୍ତ ବିଶ୍ୱାଳଙ୍କ ଶ୍ରାଦ୍ଧୋତ୍ସବରେ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା,୭।୯ (ସମିସ): ବସନ୍ତ କୁମାର ବିଶ୍ୱାଳ ସ୍ମୃତି ସଂସଦ ସଭାପତି ଫକୀର ଚରଣ ଖଟୁଆଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଉପମୁଖ୍ୟ ମନ୍ତ୍ରୀ ତଥା ନବ ଉତ୍କଳର ନିର୍ମାତା ବସନ୍ତ କୁମାର ବିଶ୍ୱାଳଙ୍କର ୨୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏହି ସଭାରେ ଅତିଥିମାନେ ତାଙ୍କର ବହୁମୁଖୀ ପ୍ରତିଭା ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ ବରିଷ୍ଠ ନାଗରିକ ଗୋପାଳ ମହାଳିକ, ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ ମହାନ୍ତି, ସମ୍ପାଦକ ସୁଶୀଳ ସାମଲ, କାଉନସିଲର ରମେଶ ଦାସ, ମହେନ୍ଦ୍ର ପରିଡ଼ା, ତରୁଣ ପ୍ରଧାନ, ରତ୍ନାକର ସାହୁ, ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରମେଶ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଗୋବରୀ ନଦୀ ଘାଟରେ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ତିଳତର୍ପଣ ହୋଇଥିଲା।

## ବନ୍ୟା ପାଣି ଘେରରେ ରାଜନଗରର ୪ ପଞ୍ଚାୟତ

ରାଜନଗର, ୭।୯ (ସମିସ): ବ୍ରାହ୍ମଣୀରେ ଚତୁର୍ଥଥର ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢାଇଦେଇଛି। ରାଜନଗର ବ୍ଲକର ବନ୍ଧପଡା, ଓସ୍ତିଆ, ବେଲପାଳ, ରାଜପୁର ପଞ୍ଚାୟତ ପାଣି ଘେରରେ ରହିଛି।



୧୫ରୁ ଅଧିକ ଗାଁ ରାସ୍ତା ଉପରେ ୪/୬ ଫୁଟର ବନ୍ୟା ପାଣି ଚାଲୁଛି । ଓସ୍ତିଆ ପଞ୍ଚାୟତର ନଗଡ ଗାଁ ରାସ୍ତା ଉପରେ ୫ ଫୁଟର ପାଣି ଚାଲୁଛି। ଗାଁ ଦାଣ୍ଡରେ ବନ୍ୟା ପାଣି ଲହଡି ଭଙ୍ଗୁଥିବାରୁ ୩୦୦ ପରିବାର ବନ୍ୟା ଘେରରେ ରହିଛନ୍ତି। ରାଜନଗର ବ୍ଲକର ବନ୍ଧପଡା ପଞ୍ଚାୟତର ଚକିବାଙ୍କ, ଗୋବିନ୍ଦପୁର, ସନ୍ଥପଡା, ଟାଙ୍ଗଣଡୈଳା, ଫିରିକିଦାଣ୍ଡି, ଓସ୍ତିଆ ପଞ୍ଚାୟତର ଓସ୍ତିଆ, ବନ୍ଧପାଟଣା, ନଗଡ, ଭଗବାନପୁର, ରାଜପୁର ପଞ୍ଚାୟତର ରାଜପୁର, ଚନ୍ଦନପୁର, ବେଲପାଳ ପଞ୍ଚାୟତ ସମ୍ପୂର୍ଣ୍ଣ ଭାବେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଦାଣ୍ଡି ବଳଭଦ୍ରପୁର ରାସ୍ତାରେ ୪ ଫୁଟ ଉଚ୍ଚର ବନ୍ୟା ପାଣି ଚାଲୁଛି। ବଳଭଦ୍ରପୁର-ରାଜପୁର ରାସ୍ତାରେ ୩ ଫୁଟ ଉଚ୍ଚତାର ପାଣି ଚାଲୁଛି। ଓସ୍ତିଆ, ବେଲପାଳ ବଜାରରେ ଥିବା ଦୋକାନ ବନ୍ୟା ପାଣି ଘେରରେ ରହିଛି।

## ମହାକାଳପଡ଼ା ବସ୍‌ଷ୍ଟାଣ୍ଡ ଚଟାଣ ଦବିଲା

ମହାକାଳପଡ଼ା,୭।୯ (ସମିସ): ମହାକାଳପଡ଼ା ବସ୍‌ଷ୍ଟାଣ୍ଡ ଭିତର ଚଟାଣ ଦବିଯାଇଛି। ବସ୍‌ଷ୍ଟାଣ୍ଡର ପ୍ରବେଶ ଫାଟକ ସାମ୍ନା ପାଶ୍ୱର୍ ପାଚେରି ପାଖରେ ବାଲି ଧସି ଫେବର୍ ବ୍ଲକ୍‌ଗୁଡିକ ଦବିଯାଇଛି। ପ୍ରସ୍ଥାନ ଫାଟକ ନିକଟ ସ୍ଥାନରେ ବି ଫେବର ବ୍ଲକ ଦବିଯାଇଛି। ନିମ୍ନମାନର କାମ ଯୋଗୁଁ ଏଭଳି ଅବସ୍ଥା ହୋଇଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଡେରାବିଶ, ୭।୯ (ସମିସ): ଖମୋଳ ପଞ୍ଚାୟତ ଅନ୍ତର୍ଗତ ବଡ଼ଫୋଗଳ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ନଟରାଜ ନାୟକ (୮୦)ଙ୍କ ଗୁରୁଦିବସ ଦିନ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଜଣେ ଆଦର୍ଶ ଶିକ୍ଷକ ଭାବେ ୨୮ ବର୍ଷ ଧରି ଦାନପୁର ଉପ୍ରା ବିଦ୍ୟାଳୟରେ ଶିକ୍ଷାଦାନ କରି ଅବସର ନେଇଥିଲେ। ସେ ଚଳଚଞ୍ଚଳ ଥିଲେ।ଏପରିକି ସେ ସାଇକଲରେ ନିକଟସ୍ଥ ବାଲିଆ ବଜାର ଯାଇଥିଲେ। ଅପରାହ୍ନରେ ଘରେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ସେହିଠାରେ ଟଳିପଡ଼ିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ସତ୍ୟନାରାୟଣ ମୁଖାଗ୍ନି ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ମାଛ ଧରିବାକୁ ଯାଇ ମାଆପୁଅ ନିଖୋଜ

ରାଜନଗର,୭।୯ (ସମିସ): ରାଜନଗର ବ୍ଲକ୍ ଗୁପ୍ତି ପଞ୍ଚାୟତ ଦେବନାରାୟଣପୁର ଗ୍ରାମର ଅଞ୍ଜନା ମିର୍ଦ୍ଧା ଓ ତାଙ୍କ ପୁଅ ରତୀନ୍ଦ୍ର ମିର୍ଦ୍ଧା ମାଛ ଧରିବାକୁ ଯାଇଥିବାବେଳେ ଘରକୁ ଫେରିନାହାନ୍ତି। ଭିତରକନିକା ସୀମାବର୍ତ୍ତୀ ଘଞ୍ଚ ଜଙ୍ଗଲ ଭିତରେ ପ୍ରଭାବିତ ନାଳକୁ ମାଛ ଧରିବାକୁ ଯାଇଥିଲେ। ପରିବାର ଲୋକ ଉଭୟ ମାଆପୁଅ ନିଖୋଜ ଥିବା ନେଇ ପ୍ରଥମେ ରାଜନଗର ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଗୁପ୍ତି ଫରେଷ୍ଟର ବିଭୂତି ତରାଇ ଓ ବନ ବିଭାଗ କର୍ମଚାରୀ ବହୁତ ଖୋଜାଖୋଜି କରିବା ପରେ ମାଆପୁଅଙ୍କୁ ନ ପାଇ ଫେରିଆସିଛନ୍ତି। ଏହି ଘଟଣାରେ ପରିବାର ଲୋକଙ୍କ ମଧ୍ୟରେ ନାନା ଆଶଙ୍କା ପ୍ରକାଶ ପାଇଛି।

## ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ



ପଟ୍ଟାମୁଣ୍ଡାଇ,୭।୯ (ସମିସ): ଓଡ଼ିଶାର ସର୍ବବୃହତ ପଞ୍ଚକଳା ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର୍) ପକ୍ଷରୁ ଗୁରୁଦିବସ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନସିପୁର-ବଡ଼ମୂଳବସନ୍ତସ୍ଥ ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର ପରିସରରେ ଗୁରୁଶ୍ରୀ ସୁଶାନ୍ତ ପାଣିଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଗୁରୁଶ୍ରୀ ସମୀର ରଞ୍ଜନ ଦାସ, ରମେଶ କୁମର ଦେ ଓ ଅନୁଷ୍ଠାନର ସାଧାରଣ ସମ୍ପାଦକ ଦୟାନିଧି ବଳ ଓ ସଂଗଠନ ସମ୍ପାଦକ ଧ୍ରୁବଚରଣ ସାହୁ ପ୍ରମୁଖ ଯୋଗଦେଇ ଶିଷ୍ୟର ପ୍ରଗାଢ଼ ନିଷ୍ଠା ଓ ସାଧନା ବଳରେ ଅମାପ ଧୈର୍ଯ୍ୟ ଓ ଭରସାର ଅନବରତ ପ୍ରତିଫଳନ ହିଁ ଗୁରୁଙ୍କ ଉପଯୁକ୍ତ ଗୁରୁତ୍ୱ ଉପସ୍ଥାପନ କରେ ବୋଲି ବକ୍ତବ୍ୟ ରଖିଥିଲେ। ଏ ଅବସରରେ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ଓ ଗୁରୁବନ୍ଦନା, ପ୍ରାନ୍ତଲଗ୍ନରେ ଅନୁଷ୍ଠାନର ଶତାଧିକ ଖଡ଼ିଛୁଆଁ-ପଞ୍ଚକଳା ଶିଳ୍ପୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚସ୍ଥ ହେବା ସହିତ ବାର୍ଷିକ ପ୍ରମାଣପତ୍ର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସ୍ୱନାମଧନ୍ୟ ମଞ୍ଚ ଉପସ୍ଥାପକ ସାଇ ସ୍ୱରାଜ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କଳାକାର ବୈଶାଖୀ ରାଉତ, ବିଶ୍ୱମୋହିନୀ ଦାସ, ପ୍ରିୟଙ୍କା ବେହେରା, ବିଶ୍ୱଜିତ ଦାସ, ପ୍ରମୋଦ ସାହୁ, ସରୋଜ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଗୁରୁ ବନ୍ଦନା, ଦେବୀ ବନ୍ଦନା, ବୃନ୍ଦବାଦ୍ୟ, ଓଡ଼ିଶୀ ମଙ୍ଗଳାଚରଣ ଓ ବଟୁନୃତ୍ୟ, ସମ୍ବଲପୁରୀ ଡାଲଖାଇ ନାଚ ଓ ଓଡିଶୀ ମେଳଗାୟନ ରାଗ ଶଙ୍କରାଭରଣ ଆଦି ଅନୁଷ୍ଠାନର ଶିଳ୍ପୀ ସାଇ ସମୀକ୍ଷା ସାହୁ, ସୁଶ୍ରୀ ସମନ୍ୱିତା ଦାଶ, ପ୍ରତୀକ୍ଷା ମହାନ୍ତି, ଶୁଭଶ୍ରୀ ସେଠୀ ପ୍ରମୁଖ ପଞ୍ଚକଳା ଶିଳ୍ପୀ ପରିବେଷଣ କରିଥିଲେ।

## ସିଆର୍‌ସିସି ରାଜେଶଙ୍କୁ ଶିକ୍ଷା ପୁରସ୍କାର

କେନ୍ଦ୍ରାପଡ଼ା,୭।୯ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଏକମାତ୍ର ସିଆରସିସି ଭାବେ ମାର୍ଶାଘାଇ ବ୍ଲକ୍ ରାଏଚନ୍ଦ କ୍ଲଷ୍ଟରର ସିଆରସିସି ରାଜେଶ ବାରିକ କେନ୍ଦ୍ରାପଡ଼ା ଜିଲ୍ଲାର



ଶ୍ରେଷ୍ଠ ସିଆରସିସି ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଏହି ପୁରସ୍କାର ପ୍ରଦାନ କରିଛନ୍ତି। ବିଦ୍ୟାଳୟରେ ନାମ ଲେଖାଇ ନ ଥିବା ପିଲାଙ୍କ ନାମ ଲେଖାଇବାରେ ଅଭିଭାବକ ଓ ପିଲାଙ୍କୁ ସଚେତନ କରିବା, ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ସୁଚାରୁରୂପେ ପରିଚାଳନା କରିବା, ବିଦ୍ୟାଳୟର ଡିଜିଟାଲ ଯୋଜନା କାର୍ଯ୍ୟକାରୀ ପାଇଁ ସହଯୋଗ କରିବା, ଉନ୍ନତ ଶିକ୍ଷାଦାନ ପାଇଁ ଶିକ୍ଷକ ଡିଜିଟାଲ ଲେସନ ପ୍ରସ୍ତୁତ ଆଦି କରିପାରିଛନ୍ତି। ଶ୍ରୀ ବାରିକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବାରୁ ମାର୍ଶାଘାଇ ମଣ୍ଡଳ ଶିକ୍ଷାଧିକାରୀ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଓ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ସିଆରସିସି ଓ କର୍ମଚାରୀ ଅଭିନନ୍ଦନ ଜଣାଇଛନ୍ତି।

## ବଜାଜ ଆଲିଆଞ୍ଜ ଶାଖା ପକ୍ଷରୁ ବନ୍ଧୁମିଳନ



ପଟ୍ଟାମୁଣ୍ଡାଇ, ୭।୯ (ସମିସ): ପଟ୍ଟାମୁଣ୍ଡାଇ ବଜାଜ ଆଲିଆଞ୍ଜ କାର୍ଯ୍ୟାଳୟ ପରିସରରେ ବଜାଜ ଆଲିଆଞ୍ଜ କ୍ଲବ ଆଇସିଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଡିଏମ୍ ରଞ୍ଜିତ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ଗ୍ରୁପର ସମସ୍ତ ଆଇସି ଯୋଗଦେଇଥିଲେ। ପଟ୍ଟାମୁଣ୍ଡାଇ ବଜାଜ ଆଲିଆଞ୍ଜ ଶାଖା ପରିଚାଳକ ଶୁଭପ୍ରସାଦ ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସମସ୍ତ ଆଇସିଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହି ବନ୍ଧୁମିଳନ ଉତ୍ସବରେ ଅମୂଲ୍ୟ ପ୍ରଧାନ, ବିଶ୍ୱଜିତ ମହାନ୍ତି, ପୁଲକଦେବ ପାଣ୍ଡବ, ସବିର ମହାଳିକ, ନରେନ୍ଦ୍ର ଧଳ, ସମୀର ମଲ୍ଲିକ, ବୀରକିଶୋର ସ୍ୱାଇଁ ପ୍ରମୁଖ କ୍ଲବ ଆଇସି ଯୋଗଦେଇ ନିଜର ମତାମତ ପ୍ରଦାନ କରିଥିଲେ।

### କୁମ୍ଭକର୍ଣ୍ଣ ନିଦ୍ରାରେ କୃଷି ବିଭାଗ

## ଧାନ ଫସଲରେ ପୋକ, ଚାଷୀ ହତାଶ

ପଟ୍ଟାମୁଣ୍ଡାଇ, ୭।୯ (ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳ ଏକ ପ୍ରାକୃତିକ ବିପର୍ଯ୍ୟସ୍ତ ଅଞ୍ଚଳ। ଏଠାକାର ଚାଷୀ ବିପର୍ଯ୍ୟୟର ସାଥୀ ପାଲଟିଛନ୍ତି। ବାରମ୍ବାର ଲଗାଣ ବର୍ଷା ଓ ଲଗାତର ୪ଥର ବନ୍ୟା ଯୋଗୁଁ ବ୍ୟାପକ ଫସଲହାନୀ ଘଟିଛି। ଫଳରେ ଚାଷୀ ଦାଣ୍ଡର ଭିକାରି ହୋଇଛନ୍ତି। ଏସବୁ ସତ୍ତ୍ୱେ ଚାଷୀଙ୍କ ପିଛା ଛାଡୁନି ଦୁର୍ଦ୍ଦଶା। ବନ୍ୟାଞ୍ଚଳ ବ୍ୟତୀତ ଭେଡ଼ା ଅଞ୍ଚଳର ଚାଷୀ ବହୁ ଆଶା କରି ଧାନଚାଷ କରିଥିଲେ। କିନ୍ତୁ ଭାଗ୍ୟ ସାଥ ଦେଲାନି। ସମ୍ପ୍ରତି ଧାନ ଫସଲରେ ପୋକ ଲାଗି ଗଛ ମରିବାକୁ ବସିଲାଣି। କୃଷି ବିଭାଗ କୌଣସି ପ୍ରତିକାରମୂଳକ ବ୍ୟବସ୍ଥା କରି ନ ଥିବା ଅଭିଯୋଗ ହେଉଛି।

ଉନ୍ନତମାନର ବିହନ ଅଭାବ ଯୋଗୁଁ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଥିବାବେଳେ ସାରର ଉତ୍କଟ ଅଭାବ ଓ କଳା ବଜାରୀ ଚାଷୀଙ୍କ ଆଖିରେ ଲୁହ ଆଣି ଦେଇଛି। ବିହନ, ସାର ଓ କୀଟନାଶକ କ୍ରୟ କରିବାରେ ଚାଷୀ ଶୋଷଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ସମ୍ପ୍ରତି ବହୁ ଆଶା ନେଇ ଧାନଚାଷ କରିଥିବା ଚାଷୀ ପୁଣି ଚିନ୍ତାରେ ପଡିଛନ୍ତି। ଏବେ ଧାନ ଗଛରେ ରୋଗ ପୋକ ଆବିର୍ଭାବକୁ ନେଇ ଚାଷୀ ହରଡ଼ଘଣାରେ ପଡ଼ିଛନ୍ତି। ରୁଆ ବେଉସା ସାରି ଦ୍ୱିତୀୟ ପର୍ଯ୍ୟାୟ ସାର ଦେବା ବେଳକୁ ଧାନ ଗଛରେ ରୋଗ ପୋକ ଦେଖାଦେଇଛି। ସମ୍ପ୍ରତି ଧାନ ଗଛରେ ଗଣ୍ଠି ରୋଗ, ପତ୍ରପୋଡ଼ା ରୋଗ ଆଦି ବିଭିନ୍ନ ରୋଗପୋକ ଯୋଗୁଁ ଧାନଗଛ ନଷ୍ଟ ହେବାକୁ ଲାଗିଛି। ଚାଷୀ ଧାର କରଜ କରି ବିହନ, ସାର ଓ କୀଟନାଶ କିଣି ଚାଷ କରିଥିଲେ ମଧ୍ୟ ଧାନ ଫସଲ ଅବସ୍ଥା ଦେଖି ସଂପୂର୍ଣ୍ଣ ଭାଙ୍ଗିପଡିଛି। ଚାଷ ଓ ଚାଷୀଙ୍କ ସଂକଟ ସମୟରେ କୃଷି ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ପଟ୍ଟାମୁଣ୍ଡାଇର କୌଣସି କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କୁ ଫସଲ ରକ୍ଷା ପାଇଁ ଉଚିତ ପରାମର୍ଶ ଓ ସହାୟତା ପ୍ରଦାନ କରିବା ଦେଖାଯାଉନାହିଁ। ଏଥିପାଇଁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାର ଓ କୃଷି ବିଭାଗ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।

## ଭାଗବତ ଟୁଙ୍ଗିରେ ସମ୍ବର୍ଦ୍ଧନା ଉତ୍ସବ

ପଟ୍ଟାମୁଣ୍ଡାଇ, ୭।୯ (ସମିସ): ଇନ୍ଦୁପୂର୍ଣ୍ଣିମା ଭାଗବତ ଜନ୍ମ ପୁଣ୍ୟତିଥିରେ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ଗାଁରେ ଥିବା ଭାଗବତ ଟୁଙ୍ଗି ପରିକ୍ରମା କରାଯାଇ ନିୟମିତ ଭାଗବତ ପାଠ କରୁଥିବା ବ୍ୟକ୍ତିଙ୍କୁ ଉପଢୌକନ ଓ ଫୁଲମାଳ ଦିଆଯାଇ ସମ୍ବର୍ଦ୍ଧିତ କରାଯିବା ସହିତ ଶ୍ରୋତାଙ୍କୁ ରସାବଳି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୁଣୁପୁରପାଟଣାସ୍ଥ ଦାରୁବ୍ରହ୍ମଙ୍କ ଭାଗବତ ଟୁଙ୍ଗୀ ମହନ୍ତ ପ୍ରଭାକର ତରାଇ, ଗଙ୍ଗାରାମପୁର ସିଦ୍ଧ ପରମହଂସ ଭାଗବତ ଗାଦି ମହନ୍ତ ତ୍ରିଲୋଚନ ରଣାଙ୍କ ସମେତ କୃତ୍ତିବାସ ତରାଇ, ବଙ୍ଗାଳୀ ତରାଇ ଓ ନଗେନ୍ଦ୍ର ତରାଇ, ମାନପାଟଣା ଭାଗବତ ଗାଦି ମହନ୍ତ ପ୍ରଫୁଲ୍ଲ ଦାସ, କଦଳୀପାଟଣା ଭାଗବତ ଗାଦି ମହନ୍ତ ମହେଶ୍ୱର ନାୟକ ଓ ନିର୍ମଳ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋମଳ ବୟସରେ ଆଧ୍ୟାତ୍ମିକ ଚିନ୍ତାଧାରାକୁ ଆପଣେଇ ପ୍ରତ୍ୟହ ଭାଗବତ ଓ ଗୀତା ପାଠ କରୁଥିବା ଗୁଣୁପୁରପାଟଣା ଗ୍ରାମର ୧୨ ବର୍ଷୀୟ ଛାତ୍ର ଦୁର୍ଗାପ୍ରସାଦ ପାତ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିବାବେଳେ ମୟୂରଭଞ୍ଜ ବାଙ୍ଗିରିପୋଷୀର ଦୃଷ୍ଟିହୀନ ଭାଗବତ ପ୍ରଚାରକ ଜୟରାମ ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଗବତ ଟୁଙ୍ଗୀକୁ ବଞ୍ଚାଇ ରଖି ଆଧ୍ୟାତ୍ମିକତା



ଜରିଆରେ ପଥଭ୍ରଷ୍ଟ ଯୁବପିଢ଼ିକୁ ସଂସ୍କାର ପଥକୁ ଆଣିବା ଓ ନବାଗତ ଛାତ୍ରଛାତ୍ରୀଙ୍କ ଏକାଗ୍ରତା ବୃଦ୍ଧି କରିବା ନିମନ୍ତେ ଗାଁ ଗାଁ ବୁଲି ପ୍ରଚାର କରାଯାଇଥିଲା। ଏହି ସଂସ୍କାରଧର୍ମୀ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ଦମନ ମହାନ୍ତି, ସମ୍ପାଦକ ରାଜେଶ ବାରିକ, ସଂସ୍କୃତି ବିଭାଗ ଅଧିକାରୀ ସଞ୍ଜୀବ ତରାଇ, ଅତିରିକ୍ତ ସଭାପତି ସଂଗ୍ରାମ ଦାସ, ସାଧାରଣ ସମ୍ପାଦକ ସତ୍ୟବ୍ରତ ପ୍ରଧାନ, ସୁରେନ୍ଦ୍ର ପରିଡା, ଦେବେନ୍ଦ୍ର ନାୟକ, ମଦନ ଦାସ, ଆଲୋକ ଦାସ ଓ ବିଭୁତି ପ୍ରଧାନ ପ୍ରମୁଖ ସାମିଲ ଥିଲେ।



## ୧୮ ଟି ମଣ୍ଡପରେ ମା' ଖୁଦୁରୁକୁଣୀ ଓଷା

ଡେରାବିଶ, ୭।୯ (ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ଗୋଲରାହାଟ, ବାଲିଆ, କାଉପଡ଼ା ଓ ଚାଟରାଚକଡ଼ା ପଞ୍ଚାୟତର ୧୮ ଟି ପୂଜା ମଣ୍ଡପରେ ପୂଜା ପାଉଛନ୍ତି ମା' ଖୁଦୁରୁକୁଣୀ। ରବିବାର ଶେଷ ପାଳି ପୂଜା ହୋଇଥିବାବେଳେ ସୋମବାର ସକାଳୁ ଏ ସମସ୍ତ ପୂଜା ମଣ୍ଡପରୁ ମା'ଙ୍କ ମୃଣ୍ମୟ ମୂର୍ତ୍ତିକୁ ଗୋଲରାହାଟ ପଞ୍ଚାୟତର ଦୁମୁକାହାଟଠାରେ ଅନୁଷ୍ଠିତ ହେବାକୁ ଥିବା ମେଳଣକୁ ନିଆଯିବ। ଏହି ସମସ୍ତ ପୂଜା ମଣ୍ଡପ ଆକର୍ଷଣୀୟ ଆଲୋକମାଳାରେ ସଜ୍ଜିତ କରାଯାଇଥିବାବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା।

# କଳାବ୍ୟାଜ୍ ପିନ୍ଧି ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ

ଡେରାବିଶ, ୭।୯ (ସମିସ):



ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ୧୪ ଦଫା ଦାବି ନେଇ ଦୀର୍ଘଦିନ ଧରି ଦାବି କରିଆସୁଥିଲେ ସୁଦ୍ଧା ଏଯାଏ ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆଯାଇନାହିଁ। ସରକାରଙ୍କ ଏପରି ଉଦାସୀନତା ବିରୁଦ୍ଧରେ ସଂଘର ଆହ୍ୱାନକ୍ରମେ ପ୍ରାଣୀ ଚିକିତ୍ସା ସେବା ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଗତ ୨୫ ତାରିଖଠାରୁ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଥିବା ଦେଖାଯାଇଛି। ଜିଲ୍ଲାର ୨୭ ଜଣ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଓ ପ୍ରାଣୀ ଚିକିତ୍ସକ (ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ) ଏହି ଆନ୍ଦୋଳନରେ ସାମିଲ ହୋଇ କଳା ବ୍ୟାଜ୍ ପରିଧାନ କରି କାର୍ଯ୍ୟ କରୁଛନ୍ତି। ରାଜ୍ୟ ସଂଘ ପକ୍ଷରୁ ପ୍ରାଣୀ ଚିକିତ୍ସକଙ୍କ ବିଭିନ୍ନ ଦାବିପୂରଣ ନେଇ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଥିଲେ ସୁଦ୍ଧା ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବାରୁ କଳାବ୍ୟାଜ୍ ପରିଧାନ କରି ଆନ୍ଦୋଳନ କରାଯାଉଛି ବୋଲି ଡେରାବିଶ ବ୍ଲକ୍ ପ୍ରାଣୀଧନ କାର୍ଯ୍ୟାଳୟ ପରିସରରେ ହୋଇଥିବା ପ୍ରତିବାଦ ସଭାରେ ଆନ୍ଦୋଳନକାରୀ ପ୍ରାଣୀଧନ ଅଧିକାରୀ ସୂଚନା ଦେଇଥିଲେ।

ପ୍ରାଣୀ ପାଳକ ନିଶୁଳ୍କ ଚିକିତ୍ସା ସେବା, ୨୪ ଘଣ୍ଟିଆ ବିଶେଷଜ୍ଞ ସେବା, ରେଫରାଲ ସୁବିଧା ସେବା ଓ ଦ୍ୱାରଦେଶରେ ଚିକିତ୍ସା ସେବା ଇତ୍ୟାଦି କାର୍ଯ୍ୟ କରିଆସୁଥିଲେ ମଧ୍ୟ ସରକାର ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟରେ ୫ ହଜାର ଡାକ୍ତରଙ୍କ ଆବଶ୍ୟକତା ଥିବାବେଳେ ମାତ୍ର ୧୩୦୦ ଡାକ୍ତର ଉକ୍ତ ଦାୟିତ୍ୱ ତୁଲାଇବା, ଚାକିରି କ୍ଷେତ୍ରରେ ପଦୋନ୍ନତିର ସୁବିଧା ନ ଥିବା, ପାଖାପାଖି ୪୦ ପ୍ରତିଶତ ଅଧସ୍ତନ କର୍ମଚାରୀ ପଦବୀ ଖାଲି ରହିଥିବା ଇତ୍ୟାଦି ସମସ୍ୟା ରହିଥିଲେ ସୁଦ୍ଧା ସରକାର ଏ ଦିଗରେ ପଦକ୍ଷେପ ନେଉ ନ ଥିବାରୁ ସେମାନେ ବିଭିନ୍ନ ସମୟରେ ବିନା ଦୋଷରେ ସାଧାରଣଙ୍କ ରୋଷର ଶିକାର ହେଉଥିବା ନେଇ ଏହି ସଭାରେ ପ୍ରାଣୀଧନ ଚିକିତ୍ସକ କ୍ଷୋଭ ବ୍ୟକ୍ତ କରିଥିଲେ। ଏପରିକି ପ୍ରତି ବ୍ଲକ୍‌ରେ ଏବେ ଶହ ଶହ ସଂଖ୍ୟାରେ ଉଦ୍ୟୋଗୀ ପ୍ରାଣୀ ପାଳନ ଯୋଜନାରେ ଲାଭାନ୍ୱିତ ହେବା ପାଇଁ ଆବେଦନ କରୁଛନ୍ତି। ଏହାର ସଠିକ ଯାଞ୍ଚ ପାଇଁ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରତିଦିନ ନିଜସ୍ୱ ଖର୍ଚ୍ଚରେ ଦୂରଦୂରାନ୍ତରେକୁ ଯାଇ ଆର୍ଥିକ କ୍ଷତି ସହୁଛନ୍ତି। ତେଣୁ ଏହି ଆର୍ଥିକ କ୍ଷତିରୁ ବଞ୍ଚିବା ପାଇଁ ସଂଘ ବହୁବାର ମନ୍ତ୍ରୀ ଓ ପ୍ରଶାସକଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପ୍ରତିଶ୍ରୁତି ମିଳିଥିଲେ ସୁଦ୍ଧା ଏଯାଏ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଆନ୍ଦୋଳନକାରୀ ନିଜ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେମାନଙ୍କ ସମସ୍ତ ଦାବି ପୂରଣ ପାଇଁ ସରକାର ପଦକ୍ଷେପ ଗ୍ରହଣ ନ କଲେ, ଏହି ଆନ୍ଦୋଳନକୁ ଆଗାମୀ ଦିନରେ ଆହୁରି ତୀବ୍ର କରାଯିବ ବୋଲି ଡେରାବିଶ ବ୍ଲକ ପ୍ରାଣୀ ଚିକିତ୍ସକ ଦିଲ୍ଲୀପ କୁମାର ସେଠୀଙ୍କ ସମେତ ସମସ୍ତ ୨୭ ଜଣ ଆନ୍ଦେଳନକାରୀ ପ୍ରାଣୀ ଚିକିତ୍ସକ ଚେତାବନୀ ଦେଇଛନ୍ତି।

## ବସନ୍ତ ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧ ଦିବସ ପାଳିତ

# 'କର୍ମକୁ ଜୀବନରେ ବ୍ରତ କରିଥିଲେ ବସନ୍ତ'

ଜଗତସିଂହପୁର,୭।୯ (ସମିସ)



ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା କର୍ମବୀର ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧୋତ୍ସବ ବସନ୍ତ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ପାଳିତ ହୋଇଯାଇଛି। ଏ ଅବସରରେ ଏକ ସର୍ବଦଳୀୟ ସ୍ମୃତିସଭା ସ୍ମୃତି ସଂସଦ ଆବାହକ ଅଦ୍ୱୈତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ଓଡ଼ିଶା ରାଜନୀତିରେ ବସନ୍ତ ବିଶ୍ୱାଳଙ୍କ ଭଳି ନେତା ବିରଳ ବୋଲି କହିବା ସହିତ ବାସ୍ତବରେ ସ୍ୱର୍ଗତ ବସନ୍ତବାବୁ କର୍ମକୁ ନିଜ ଜୀବନରେ ବ୍ରତ ଭାବେ ଗ୍ରହଣ କରିଥିବା ପ୍ରକାଶ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଗୁରୁକଲ୍ୟାଣ ମହାପାତ୍ର ଯୋଗଦେଇ ବସନ୍ତ ବିଶ୍ୱାଳଙ୍କ କର୍ମମୟ ଜୀବନ, ସମାଜର ଦୁସ୍ଥ ଓ ଅବହେଳିତ ଲୋକଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ତାଙ୍କର ବଳିଷ୍ଠ ଉଦ୍ୟମ ଓ ସମଗ୍ର ଓଡ଼ିଶାରେ ତାଙ୍କ ସମୟରେ ହୋଇଥିବା ବିକାଶ କାର୍ଯ୍ୟର ସ୍ମୃତିଚାରଣ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ, ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର, ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ପଞ୍ଚାୟତ ସମିତି ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ସାମାଜିକ କର୍ମୀ ହେମନ୍ତ ରଥ ଓ ଦିଲ୍ଲୀପ ଲେଙ୍କା ପ୍ରମୁଖ ଯୋଗଦେଇ ଜଗତସିଂହପୁର ଜିଲ୍ଲା ପାଇଁ ବସନ୍ତ ବିଶ୍ୱାଳଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। କଟକରେ ରିଙ୍ଗରୋଡ୍ ନିର୍ମାଣ, ଓଭରବ୍ରିଜ ଓ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ବସନ୍ତ ବିଶ୍ୱାଳଙ୍କ ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟଶୈଳୀ ତାଙ୍କୁ ଚିରସ୍ମରଣୀୟ କରି ରଖିବ ବୋଲି ମତପ୍ରକାଶ ପାଇଥିଲା।

ନିକୁଞ୍ଜ କିଶୋର ବେହେରା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବସନ୍ତ କୁମାର ବିଶ୍ୱାଳଙ୍କ ବିଷୟରେ ଆଲୋଚନା କରିଥିଲେ। ସଂସଦର ସଭ୍ୟ ପୂର୍ବତନ ପାରିଷଦ ପ୍ରଶାନ୍ତ ମଲ୍ଲିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏ ଅବସରରେ ଚଳିତ ବର୍ଷ ଜିଲ୍ଲାର ମାଟ୍ରିକ ଟପ୍ପର ଧୃତିଚରଣ ସ୍ୱାଇଁ, +୨ କଳା, ବିଜ୍ଞାନ, ବାଣିଜ୍ୟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁଇଜଣ ସ୍ୱତନ୍ତ୍ର ସମ୍ବର୍ଦ୍ଧିତ ପ୍ରତିଭା ବିଶିଷ୍ଟ ଶିକ୍ଷାବିତ୍ ବୈରାଗୀ ଚରଣ ସ୍ୱାଇଁ, ନାଉଗାଁର ପୂର୍ବତନ ସରପଞ୍ଚ ତଥା ବିଶିଷ୍ଟ ଶିକ୍ଷାବିତ୍ ବିଚିତ୍ରାନନ୍ଦ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ମୃତି ସଂସଦ ପକ୍ଷରୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସରପଞ୍ଚ ଲିପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳ ୮ଟାରେ ସ୍ଥାନୀୟ କଲେଜ ଛକ ନିକଟରେ ତିଳତର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ନିରଞ୍ଜନ ସେନ, ନାରାୟଣ ନାୟକ, ସଂଜୀବ ମିଶ୍ର, ସୁନୀଲ ମାଟିଆ, ରଶ୍ମିରଞ୍ଜନ ତ୍ରିପାଠୀ, ରାକେଶ ରାଉତ, ଦେବେନ୍ଦ୍ର ବେହେରା, ଅଜିତ ବାଘ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ପୂର୍ବତନ ପାରିଷଦ ଦିଲ୍ଲୀପ ସିଂହ, ସୁବାସ ସାହୁ, ପାରିଷଦ ମନୋଜ ମହାନ୍ତି, ଜଗଦାନନ୍ଦ ପଡ଼ିଆରୀ, ସରପଞ୍ଚ ଭଗତ ତାରେଣିଆ, ମାନସ ବିଶ୍ୱାଳ, ଧୀରେନ୍ଦ୍ର ବେହେରା, ପାବନୀ ଭୋଇ, ମନୋରଞ୍ଜନ ମହାପାତ୍ର, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ପରିଡା, ସୌମ୍ୟଦର୍ଶୀ ରାୟ, ବାନାମ୍ବର ବେହେରା, ସର୍ବେଶ୍ୱର ପଣ୍ଡା, ରମାକାନ୍ତ ମହାନ୍ତି, ଇଲୁ ବେହେରା, ନେତ୍ରାନନ୍ଦ ବଡୁ, ଜଗବନ୍ଧୁ ବଡୁ, ଆଶିଷ ମହାପାତ୍ର, ଦେବଦତ୍ତ ଦାସ, ମୁରଲୀଧର ଭୋଇ, ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ପୋଲମୁଣ୍ଡା ଛକରୁ ଟ୍ରାନ୍ସଫର୍ମର ସ୍ଥାନାନ୍ତର ଦାବି

ରଘୁନାଥପୁର,୭।୯ (ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଗୁଆଳିପୁର ଗ୍ରାମର ପୋଲମୁଣ୍ଡା ଛକ ଅଞ୍ଚଳର ପେଣ୍ଠ ସ୍ଥଳ। ପୋଲମୁଣ୍ଡା ଛକ ରାସ୍ତା ଦେଇ ଚତୁପାର୍ଶ୍ୱକୁ ଢଳେଇ ରାସ୍ତା ରହିଛି। ଛକର ଚାରିପାଖରେ ବହୁ ଲୋକଙ୍କ ଘର, ଲକ୍ଷ୍ମୀ ମଣ୍ଡପ ଓ ବିଭିନ୍ନ ଦୋକାନ ରହିଛି। ଫଳରେ ସକାଳୁ ରାତ୍ର ପର୍ଯ୍ୟନ୍ତ ଏହି ଛକରେ ସର୍ବଦା ଲୋକଙ୍କ ଗହଳି ଲାଗିଥାଏ। ୫୦ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ଏହି ଛକ ନିକଟରେ ବିଦ୍ୟୁତ୍ ବିଭାଗର ଏକ ଟ୍ରାନ୍ସଫର୍ମର ବସାଯାଇ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ତେବେ ଲୋକ ସଂଖ୍ୟା ବୃଦ୍ଧି ସାଙ୍ଗକୁ ରାସ୍ତା ପ୍ରଶସ୍ତିକରଣ ହେବା ଦ୍ୱାରା ସେଠାରୁ ଟ୍ରାନ୍ସଫର୍ମର ଉଠାଇ ଟେଲି ଛକ ନିକଟରେ ବସାଇବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଥିଲେ ବି ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ଏହି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚତୁର୍ପାର୍ଶ୍ୱର ସୁରକ୍ଷା ବାଡ଼ ନ ଥିବାରୁ ସେଠାକୁ ଗୋରୁଗାଈ, ଛେଳି ଓ ବୁଲା କୁକୁର ପଶି ମୃତ୍ୟୁର ଶୀକାର ହେଉଛନ୍ତି। ଏପରିକି ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଅବହେଳାରୁ ଟ୍ରାନ୍ସଫର୍ମର ଉପରରୁ ତଳ ପର୍ଯ୍ୟନ୍ତ ଘାସ ଓ ଅନାବନା ଗଛ ସବୁ ମାଡ଼ି କୃତ୍ରିମ ଜଙ୍ଗଲ ସୃଷ୍ଟି କଲାଣି। ଯଦ୍ୱାରା ଲୋକଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ପ୍ରତିବର୍ଷ ଲକ୍ଷ୍ମୀପୂଜାରେ ବିଭିନ୍ନ ଦୋକାନ ବଜାର ଏଠାରେ ଖୋଲା ହେଉଥିବାରୁ ଦର୍ଶକ ଓ ଗ୍ରାହକଙ୍କ ପାଇଁ ଏହା ବିପଦ ସୃଷ୍ଟି କରିଥାଏ। ତେଣୁ ଏଠାରୁ ଟ୍ରାନ୍ସଫର୍ମର ସ୍ଥାନାନ୍ତର କରାଯିବାକୁ ଦାବି



ହେଉଛି। ଆଗାମୀ ଦିନରେ ଯଦି ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଲମୁଣ୍ଡାରୁ ଉଠା ନ ଯାଏ, ତେବେ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଗ୍ରାମର ମୁରବି ଜ୍ଞାନରଞ୍ଜନ ପଟ୍ଟନାୟକ, ସର୍ବେଶ୍ୱର ପଟ୍ଟନାୟକ, ରବୀନ୍ଦ୍ର ନାଥ ସ୍ୱାଇଁ, ସୁଧାଂଶୁ ପଟ୍ଟନାୟକ, ଅଶୋକ ପଟ୍ଟନାୟକ, ତପନ ମହାରଣା, ଆଶୀର୍ବାଦ ସ୍ୱାଇଁ, ମାଉନା ସ୍ୱାଇଁ, ଅଜିତ କୁମାର ମହାରଣା, ସଞ୍ଜୟ କୁମାର ସ୍ୱାଇଁ, ମାନସ ପଟ୍ଟନାୟକ, ବିଜୟ କୁମାର ସ୍ୱାଇଁ, ରାଜେଶ ପଟ୍ଟନାୟକ, ଧର୍ମଦେବ ଦାସ ଓ କେଶବ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

**● ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ଅଷ୍ଟମ ସଂସ୍କରଣ**

## ଐତିହ୍ୟାନୁରାଗୀଙ୍କ ଇଶାଣେଶ୍ୱର ମହାଦେବ ମନ୍ଦିର ପରିଦର୍ଶନ

ଜଗତସିଂହପୁର,୭।୯ (ସମିସ): ଆଜି ପବିତ୍ର ଭାଗବତ ଜନ୍ମ ତଥା ଇନ୍ଦୁ ପୂର୍ଣ୍ଣମୀ ଅବସରରେ ପୂର୍ବ ସାତୋଟି ସଂସ୍କରଣ ଭଳି "ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ଅଷ୍ଟମ ସଂସ୍କରଣ ମଧ୍ୟ ଖୁବ୍ ସୁନ୍ଦର ଓ ଚିତ୍ତାକର୍ଷକ ଭାବେ ସମ୍ପନ୍ନ ହୋଇଛି। ଏହି ପବିତ୍ର ଦିନରେ ଐତିହ୍ୟାନୁଗ୍ରାହୀ ବନ୍ଧୁ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଷ୍ଟିମଲ୍ଲିକାପୁର ଗ୍ରାମର ଇଶାଣେଶ୍ୱର ମହାଦେବ ମନ୍ଦିର ପରିଦର୍ଶନ କରିଛନ୍ତି।




ଏହି ମନ୍ଦିର ପରିସରରେ ଅଷ୍ଟମ/ନବମ ଶତାବ୍ଦୀର କେତେକ ବିରଳ ପ୍ରତୀମା ଦେଖିବାକୁ ମିଳେ। ତନ୍ମଧ୍ୟରେ ଚତୁର୍ଭୁଜ ଭୈରବ, ଅଷ୍ଟଭୁଜା ଚାମୁଣ୍ଡା, ଉମାମହେଶ୍ୱର, ଆସ୍ତିକଜରତ୍କାରୁ ଆଦିଙ୍କ ମୂର୍ତ୍ତି ରହିଛି। ଏତଦ୍‌ବ୍ୟତୀତ ମନ୍ଦିର ଗର୍ଭଗୃହକୁ ଲାଗି ପାଶ୍ୱର୍ ଦେବଦେବୀ ରୂପେ ଗଣେଶ, କାର୍ତ୍ତିକ ଓ ପାର୍ବତୀଙ୍କ ବହୁ ପ୍ରାଚୀନ ମୂର୍ତ୍ତି ମଧ୍ୟ ଏଠାରେ ଦେଖିବାକୁ ମିଳେ। ଚୂଡ଼ାରେ ଥିବା କଳା ମୁଗୁନି ପଥରର ପ୍ରାଚୀନ ଦଧିନଉତି ଓ ମନ୍ଦିର ପ୍ରବେଶ ପଥରେ ଥିବା ପ୍ରାଚୀନ ଶିଳାଲେଖ ହେଉଛି ଏହି ମନ୍ଦିରର ପ୍ରମୁଖ ଆକର୍ଷଣ। ମନ୍ଦିରର ମୁଖ୍ୟ ପୂଜକ ଶଙ୍କର ପଣ୍ଡା ଓ ତାଙ୍କ ସାନଭାଇ ଶିବ ପଣ୍ଡା ମନ୍ଦିରର ପୂଜାବିଧି, ରୀତିନୀତି ଓ ଗଜପତି କପିଳେନ୍ଦ୍ର ଦେବଙ୍କ ସହିତ ଜଡ଼ିତ ଥିବା କାଞ୍ଚିଆ-କପିଳା ଉପାଖ୍ୟାନ ସମ୍ପର୍କରେ ଥିବା ଲୋକକଥାକୁ ନେଇ ଅନେକ ତଥ୍ୟ ପ୍ରଦାନ କରିଥିଲେ। ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ସଂଗଠକ ଶ୍ରୀକାନ୍ତ ସିଂହ ମନ୍ଦିର ସମ୍ପର୍କରେ ତଥ୍ୟ ସମ୍ବଳିତ ଅନେକ ଜଣାଅଜଣା କଥା ଉପସ୍ଥାପନା କରିଥିଲେ। ଅନୁଷ୍ଠାନର ବୟୋଜ୍ୟେଷ୍ଠ ସଦସ୍ୟ ହେମନ୍ତ କୁମାର ନାୟକ, ବିଶ୍ୱରଞ୍ଜନ ଦେହୁରୀ ଓ କୈଳାସ ବାବୁଙ୍କ ତତ୍ତ୍ୱାବଧାନରେ "ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ଅଷ୍ଟମ ସଂସ୍କରଣ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଐତିହ୍ୟାନୁରାଗୀ ତ୍ରିଲୋଚନ ସ୍ୱାଇଁ, ସମ୍ବିତ ସିଂହ, ଦେବାଶିଷ ପାତ୍ର, ହୃଦାନନ୍ଦ ବେହେରା, ବସନ୍ତ ମଞ୍ଜରୀ ଦାସ, ଦିନେଶ, ରତିରଞ୍ଜନ, ଅମର ପାତ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଟାଇମ୍ସ ଗୁରୁକୁଳରେ ଗୁରୁପୂଜନ

ଜଗତସିଂହପୁର,୭।୯ (ସମିସ): ଜଗତସିଂହପୁର ସହର ଉପକଣ୍ଠସ୍ଥ ତରଡାପଡ଼ାସ୍ଥ ଟାଇମ୍ସ ଗୁରୁକୁଳ ପରିସରରେ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ ଅବସରରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ ସଭାପତିତ୍ୱ କରିଥିଲେ। ଏଥିରେ ଜଗତସିଂହପୁର ସାରସ୍ୱତ ପରିଷଦ ସଭାପତି ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ଗୁରୁପୂଜନର ଆବଶ୍ୟକତା ସଂପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଇମ୍ସ ଗୁରୁକୁଳର ଶିକ୍ଷୟିତ୍ରୀ ପୂଜାରାଣୀ ବରିକ, ଲକ୍ଷ୍ମୀପ୍ରିୟା ସାହୁ, ଏଲିନା ଦାସ, ଚିନ୍ମୟ ରାୟ, ସୌମ୍ୟା ଶୁଭଦର୍ଶିନୀ, ଶର୍ମିଷ୍ଠା ପ୍ରିୟଦର୍ଶିନୀ ଓ ପୁଣ୍ୟ ବିନୟ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସୁଶ୍ରୀ ଅଞ୍ଜୁଷା ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁରୁ ଗୌରବ ରସାନନ୍ଦ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

ତିର୍ତ୍ତୋଲ, ୭।୯ (ସମିସ): ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ରସାନନ୍ଦ ସାହୁଙ୍କ ସ୍ମୃତିଚାରଣ ସଭା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଶିଳନ୍ଦୀ-ଖଦୋଳସ୍ଥ ତାଙ୍କ ବାସଭବନରେ ଡଃ ବସନ୍ତ ମଞ୍ଜରୀ ଦାସଙ୍କ ସଂଯୋଜନାରେ ଓ ଜଗନ୍ନାଥପୁର ପୁରାତନ ଛାତ୍ର ସଂସଦ ସଭାପତି ଜଗନ୍ନାଥ ଖଣ୍ଡୁଆଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପଣ୍ଡିତ ରବିନାରାୟଣ ପଣ୍ଡା ବେଦ ପାଠ କରିଥିଲେ। ମୁଖ୍ୟଅତିଥି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ବରିଷ୍ଠ ସାହିତ୍ୟିକା ସୌଭାଗିନୀ ରାୟ, ମୁଖ୍ୟବକ୍ତା ପଣ୍ଡିତ ନାଗୁଚରଣ ଦେବତା, ବିଶିଷ୍ଟ ଅତିଥି ଆଇନଜୀବୀ ଡଃ ବୀରନାରାୟଣ ପାତ୍ର ଜଣେ ଶିକ୍ଷାବିତ ଓ ଦିଗଦର୍ଶକଙ୍କୁ ହରାଇଲେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ



ଅତିଥି ଭାବେ ଏରସମା-ବାଲିକୁଦା ବିଧାୟକ ସାରଦା ପ୍ରସନ୍ନ ଜେନା, ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାଧର ବିଶ୍ୱାଳ, ସାଂସଦଙ୍କ ପ୍ରତିନିଧି ସୁନନ୍ଦ ବିଶ୍ୱାଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରସନ୍ନ ମଲ୍ଲିକ, ହେମନ୍ତ ନାୟକ, ଆଇନଜୀବୀ ସୁଧୀର ଖୁଣ୍ଟିଆ, ଅବସରପ୍ରାପ୍ତ ଅଧ୍ୟକ୍ଷ ଜଗନମୋହନ ସାହୁ, ଶିକ୍ଷାବିତ ବାବାଜୀ ନାୟକ, କିଶୋର ଶତପଥୀ, ଅବସରପ୍ରାପ୍ତ ଶିକ୍ଷାଧିକାରୀ କୈଳାସ ମହାନ୍ତି, ଶିକ୍ଷାବିତ ହରିଶ୍ଚନ୍ଦ୍ର ସେଣ, ରଜ ମହୋତ୍ସବ ସମ୍ପାଦକ ସଂଗ୍ରାମ କେଶରୀ ସ୍ୱାଇଁ, ପରିଚାଳନା ସମ୍ପାଦକ ବାବାଜୀ ମଲ୍ଲିକ, ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ରଜ ମହୋତ୍ସବ କମିଟି ସଭାପତି ତଥା ସ୍ୱର୍ଗତ ସାହୁଙ୍କ କନିଷ୍ଠ ପୁତ୍ର ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କବି ବୈଦ୍ୟନାଥ ସାହୁ, ସତ୍ୟବ୍ରତ ନାୟକ, ଆଲୋକ ନାୟକ ପ୍ରମୁଖ କବିତା ପାଠ କରିଥିଲେ।

## ବସନ୍ତ ବିଶ୍ୱାଳଙ୍କ ଶ୍ରାଦ୍ଧୋତ୍ସବ



ନାଉଗାଁ, ୭।୯ (ସମିସ): ନାଉଗାଁ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଓ କର୍ମବୀର ବସନ୍ତ ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏ ଅବସରରେ ବ୍ଲକ କଂଗ୍ରେସ ପକ୍ଷରୁ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା। ବ୍ଲକ କଂଗ୍ରେସ ସଂଯୋଜକ ବିଚିତ୍ରା ନନ୍ଦ ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନେତାମାନେ ସ୍ୱର୍ଗତ ବିଶ୍ୱାଳଙ୍କ ରାଜନୈତିକ କୌଶଳ, ସଂଗଠନାତ୍ମକ କ୍ଷମତା ଓ ସାଧାରଣ ଲୋକଙ୍କ ପ୍ରତି ସେବାଭାବକୁ ସ୍ମରଣ କରିଥିଲେ। ବସନ୍ତ ବାବୁଙ୍କ ଆଦର୍ଶ ଓ ନିଷ୍ଠା ସଦା କାର୍ଯ୍ୟକର୍ତ୍ତାଙ୍କୁ ପ୍ରେରଣା ଦେଇଆସୁଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସୁନୀଲ କୁମାର ମାଟିଆ, ପ୍ରୀତମ ପରିଜା, ମନୋଜ ନାୟକ, ଚରଣ ଲେଙ୍କା, ସୁଶାନ୍ତ ଦାସ, କାଳନ୍ଦୀ ରାଉତ, କାର୍ତ୍ତିକ ନାୟକ ପ୍ରମୁଖଙ୍କ ସହ ସ୍ଥାନୀୟ କଂଗ୍ରେସ କର୍ମୀ ଓ ସାଧାରଣ ଲୋକ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ପୋଡ଼ିଗଲେ ଶ୍ରମିକ

ପାରାଦୀପ,୭।୯ (ସମିସ): ଆଜି ଅପରାହ୍ନରେ ପାରାଦୀପ ଇଫ୍‌କୋ ରେଲୱେ ସାଇଟରେ ଉପରେ ଚଢ଼ି ରଙ୍ଗ କାମ କରୁଥିବା ଜଣେ ଶ୍ରମିକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପୋଡ଼ିଯାଇଛନ୍ତି। ତାଙ୍କ ଦେହର ପାଖାପାଖି ୪୦ ଭାଗ ପୋଡ଼ିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଅଠରବାଙ୍କୀ ମେଡିକାଲ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯିବା ପରେ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ଏସିବି ମେଡିକାଲ ସ୍ଥାନାନ୍ତରିତ କରାଯାଇଛି। ପାରାଦୀପ ବଳିଝରା ନିକଟସ୍ଥ ରେଲୱେ ସାଇଡିଂରେ ଶ୍ରମିକ ଜଣଙ୍କ ଉପରେ ଚଢ଼ି ରଙ୍ଗ କାମ କରୁଥିବାବେଳେ କୌଣସି କାରଣରୁ ବିଦ୍ୟୁତ ସଂସ୍ପର୍ଶରେ ଆସି ଗଳି ପଡିଥିଲେ। ତାଙ୍କର ଗୋଡ ଓ ହାତର ବହୁ ଭାଗ ପୋଡ଼ିଯାଇଥିବା ଜଣାପଡିଛି।

## ମଣ୍ଡଳସ୍ତରୀୟ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ




ରଘୁନାଥପୁର,୭।୯ (ସମିସ): ରଘୁନାଥପୁର ଅନ୍ତର୍ଗତ କୁଆମଙ୍ଗା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ରଘୁନାଥପୁର ଶିକ୍ଷାମଣ୍ଡଳରେ ଶିକ୍ଷକଙ୍କ ପକ୍ଷରୁ ପୂଜ୍ୟପୂଜାଙ୍କୁ ସମ୍ମାନ ଜଣାଇ ଏକ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ ଆୟୋଜିତ ହୋଇଛି। ରଘୁନାଥପୁର ମଣ୍ଡଳ ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ଓ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା)ର ମିଳିତ ସହଯୋଗରେ ଆୟୋଜିତ ସମାରୋହରେ ପିଷ୍ଟାର ସଭାପତି ଦେବାଶିଷ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ରଘୁନାଥପୁର ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀମତୀ ମଧୁସ୍ମିତା ପତି, ସମ୍ମାନିତ ଅତିଥି ଭାବେ ମଣ୍ଡଳ ସହଶିକ୍ଷାଧିକାରୀ ଆଶୁତୋଷ ବାନାର୍ଜୀ ଯୋଗ ଦେଇଥିଲେ। ଏହି ଉତ୍ସବରେ ରାଜ୍ୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବା ଜିଲ୍ଲା ଶିକ୍ଷକ ଓ ଶିକ୍ଷକ ପ୍ରତିଷ୍ଠାନ ଜଗତସିଂହପୁରର ଅଧ୍ୟକ୍ଷ ରମେଶ ଚନ୍ଦ୍ର ମଲ୍ଲିକ, ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଥିବା ରଘୁନାଥପୁର ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଓ ଜିଲ୍ଲା ସ୍ତରରେ ପୁରସ୍କୃତ ହୋଇଥିବା ରଘୁନାଥପୁର ମଣ୍ଡଳର ସରକାରୀ ଶିକ୍ଷକ ସାନ୍ତନୁ କୁମାର ପାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ନେତା ଜୟପ୍ରକାଶ ପଣ୍ଡା, ବିଶ୍ୱନାଥ ଦାସ, ସୁକାନ୍ତ କୁମାର ଦ୍ୱିବେଦୀ ଉପସ୍ଥିତ ଥିଲେ। ପିଷ୍ଟାର ମଣ୍ଡଳ ସମ୍ପାଦକ ଭାସ୍କର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

## ବଳରାମପୁର ରାସ୍ତାରେ ପାଣି, ସାଧାରଣରେ ଅସନ୍ତୋଷ

କୁଜଙ୍ଗ,୭।୯ (ସମିସ): କୁଜଙ୍ଗ ପଞ୍ଚାୟତର ବଳରାମପୁର ବାସେଳୀ ମନ୍ଦିର ନିକଟରୁ କୁଜଙ୍ଗ ମସ୍‌ଜିଦ୍ ଛକକୁ ଯୋଗ କରୁଥିବା ରାସ୍ତା ଦୁଇଟିରେ ପାଣି ଜମି ରହୁଛି। ବିଗତ ଦିନରେ ରାସ୍ତାରେ ଅଧିକ ପାଣି ଜମି ରହୁଥିଲା। ଏ ନେଇ ସମାଜସେବୀ ଶ୍ରୀନିବାସ ମହାନ୍ତି ଓ ଗ୍ରାମର ବହୁ ମୁରବୀ ଅଭିଯୋଗ ପରେ ରାସ୍ତା ମରାମତି ହେବା ସହ ଉଚ୍ଚ ମଧ୍ୟ ହୋଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ସମାନ୍ୟ ବର୍ଷାରେ ଓ ବର୍ଷା ପରେ ଦୀର୍ଘଦିନ ଧରି ପାଣି ଜମି ରହୁଛି। ଏପରି କିଛି ବ୍ୟକ୍ତିଙ୍କ ନର୍ଦ୍ଦମା ପାଣି ଓ ବର୍ଜ୍ୟ ପାଣି ମଧ୍ୟ ରାସ୍ତାକୁ ଛଡ଼ାଯାଉଛି। ଫଳରେ ଏହି ରାସ୍ତା ଦେଇ ଗ୍ରାମ ଦେବତୀ ବଜ୍ର ମହାକାଳୀଙ୍କ ମନ୍ଦିର, ଶତାୟୁ ଶିକ୍ଷାନୁଷ୍ଠାନ ବଳରାମପୁର ୟୁପି ସ୍କୁଲ ଓ ଏପରିକି ବିବି ହାଇସ୍କୁଲ ଓ ଅନ୍ୟାନ୍ୟ ବେସରକାରୀ ସ୍କୁଲକୁ ଯାତାୟତ କରୁଥିବା ଛାତ୍ରଛାତ୍ରୀ, ସାଧାରଣ ଲୋକ ଓ ମହିଳା ବହୁ ସମସ୍ୟା ଭୋଗୁଛନ୍ତି। ଏହି ରାସ୍ତାର ଜଳ ନିଷ୍କାସନର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସଙ୍କ ପକ୍ଷରୁ ଓ ବଜ୍ରମହାକାଳୀ କମିଟି ପକ୍ଷରୁ ଦାବି ହୋଇଛି।

## ଜୟବଡ଼ ଜଗନ୍ନାଥ ମନ୍ଦିରରେ ଭାଗବତ ଜନ୍ମ ଉତ୍ସବ

ଜଗତସିଂହପୁର,୭।୯ (ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଜୟବଡ଼ସ୍ଥ ଶ୍ରୀଜଗନ୍ନାଥ ମନ୍ଦିରରେ ଭାଗବତ ଜନ୍ମ ଉତ୍ସବ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି। ଶ୍ରୀଜଗନ୍ନାଥ ଭାଗବତ ଚେତନା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ପରିଷଦର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଯୋଗ ଦେଇଥିଲେ। ଏ ଅବସରରେ ସୂର୍ଯ୍ୟପୂଜା, ଭାଗବତ ପୂଜା, ହୋମଯଜ୍ଞ ଓ ଶ୍ରୀଜୀଉଙ୍କୁ ୧୦୮ ତୁଳସୀ ଅର୍ପଣ କରାଯାଇଥିଲା। ପରେ ଗୋଟିଏ ଅଧ୍ୟାୟ ଭାଗବତ ପଠନ ଓ ଏହି ଉତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭାଗବତ ଚେତନା ପରିଷଦର ସଭାପତି ଡଃ ରଘୁନାଥ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସମ୍ପାଦକ ଗୌରୀପ୍ରସାଦ ନାୟକ, ପ୍ରେମାନନ୍ଦ ପଢିହାରୀ, ରବୀନ୍ଦ୍ରନାଥ ସାହୁ, ବିବେକାନନ୍ଦ ନାୟକ, ସାରଦା ପ୍ରସନ୍ନ ଆଚାର୍ଯ୍ୟ, ମାଧବାନନ୍ଦ ପତି, ପ୍ରଦୀପ୍ତ କୁମାର ପଟ୍ଟନାୟକ, ଭଗବାନ ବିଶ୍ୱାଳ, ଝରେନ୍ଦ୍ର ନାୟକ, ରଶ୍ମିରଞ୍ଜନ ମହାନ୍ତି, ମହେଶ୍ୱର ପରିଜା, ସଚିଦାନନ୍ଦ ପଢିହାରୀ, ମୁରଲୀଧର ଦାସ, ଚିତ୍ତରଞ୍ଜନ ମିଶ୍ର, ଗୌରାଙ୍ଗ ମୁଦୁଲି ଓ ପ୍ରକାଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଭାଗବତର ଉପାଦେୟତା ଓ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ।

**● ଅପହରଣ କରି ବଟି ମାଗିବା ଘଟଣା**

## ନ୍ୟାୟ ଅପେକ୍ଷାରେ ଅଭିଯୋଗକାରୀ

ପାରାଦୀପ,୭।୯ (ସମିସ): ଅପହରଣ ପରେ ଜବରଦସ୍ତ ବଟି ମାଗିବା ଘଟଣାକୁ ନେଇ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଜଣାପଡିଛି। ଅଭିଯୋଗକାରୀ ଛତିଶଗଡ଼ ରାୟପୁରର ଅରୁଣ ଅଗ୍ରୱାଲ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଭଣଜାକୁ ଅପହରଣ ପରେ ଫୋନରେ ବଟି ମାଗିଛନ୍ତି ଦୁଇ ବ୍ୟକ୍ତି। ଅରୁଣ ଅଗ୍ରୱାଲଙ୍କ ଭଣଜା ପାରାଦୀପର କାହ୍ନା ରିସର୍ଟରେ ରହୁଥିବାବେଳେ ତାଙ୍କୁ ଜଣେ ବ୍ୟକ୍ତିଙ୍କ ଫୋନ ଆସିଲା। ସେ ନିଜକୁ ଟୁଟୁ ପରିଚୟ ଦେଇ କାଲିର ଲୋଡିଂ ପାଇଁ ଟଙ୍କା ନେବାକୁ ତଳକୁ ଆସିବାକୁ କହିଥିଲେ। ଭଣଜା ତଳକୁ ଆସିଥିବାବେଳେ ଫୋନ କରିଥିବା ଟୁଟୁ ଓ ଅନ୍ୟ ୪/୫ ଜଣ ସହଯୋଗୀ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ତାଙ୍କୁ କାର ଭିତରକୁ ଟେକି ନେଇଥିଲେ। ପରେ ଅଭିଯୁକ୍ତମାନେ ଫୋନ୍ କରି ବଟି ମାଗିଥିଲେ। ଏହି ଅପରାଧ ପଛରେ ଏଏମଏନଏସରୁ ରାୟଗଡ଼କୁ ପଠାଯାଇଥିବା ସାମଗ୍ରୀ ସହିତ ବିବାଦ ରହିଥିବା ସେ ଜାଣିବାକୁ ପାଇଥିଲେ। ସେଠାକୁ ଯାଇଥିବା ସାମଗ୍ରୀ ସଟେଜ ବାବଦକୁ ୩ ଲକ୍ଷ ୩୭ ହଜାର ଟଙ୍କା ଟ୍ରାନ୍ସପୋର୍ଟ କାଟି ଦେଇଥିବାରୁ ଏହାକୁ ପୁନଃ ପେମେଣ୍ଟ ପାଇଁ ଅଭିଯୁକ୍ତ ଦାବି କରିଥିଲେ। ନ ଦେଲେ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ପରିବାର ଚାପ ଓ ଭଣଜାର ଜୀବନ ପ୍ରତି ଭୟ ଯୋଗୁଁ ସେମାନେ ଦାବି କରିଥିବା ଟଙ୍କା ସେ ତୁରନ୍ତ ଦେବାକୁ ବାଧ ହୋଇଥିଲେ। ଏ ନେଇ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଶ୍ରୀ ଅଗ୍ରୱାଲ ଦାବି କରିଛନ୍ତି।

## ପାରାଦୀପରେ କଂଗ୍ରେସ ରାଜନୀତି ସରଗରମ

# ସକ୍ରିୟ ମହିଳା ନେତ୍ରୀ ଦାବି କରୁଥିବା ମନୋରମାଙ୍କୁ ବିରୋଧ

ପାରାଦୀପ,୭।୯ (ସମିସ)

ପାରାଦୀପ କଂଗ୍ରେସ ରାଜନୀତି ଏବେ ସରଗରମ ହୋଇଛି। ଜଣେ ସକ୍ରିୟ ମହିଳା କଂଗ୍ରେସ ନେତ୍ରୀ ଦାବି କରୁଥିବା ମନୋରମା ଖଟୁଆଙ୍କୁ ପାରାଦୀପ ନଗର କଂଗ୍ରେସ ପକ୍ଷରୁ ବିରୋଧ କରାଯାଉଛି। ଏଭଳି ବିରୋଧକୁ ହଜମ କରିପାରୁନାହାନ୍ତି ମନୋରମା। ଏହି ଘଟଣାକୁ ନେଇ ଗତ କିଛିଦିନ ଧରି ପାରାଦୀପ କଂଗ୍ରେସ ରାଜନୀତି ଏକ ପ୍ରକାର ଗୋଳିଆ ହୋଇଯାଇଛି। ବାପି ସର୍ଖେଲ କଂଗ୍ରେସ ଛାଡ଼ି ବିଜେଡିରେ ମିଶିବା ପରେ କିଏ ପାରାଦୀପ ନିର୍ବାଚନମଣ୍ଡଳୀ କଂଗ୍ରେସର ମଙ୍ଗୁଆଳ, ତାକୁ ନେଇ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି।

ନୂଆ କରି ପାଦ ଥାପିଥିବା ନିରଞ୍ଜନ ନାୟକଙ୍କୁ ମନୋରମା ଓ ତାଙ୍କ ସହଯୋଗୀ ନେତା ବୋଲି ସହଜରେ ଗ୍ରହଣ କରିପାରୁନାହାନ୍ତି। ଏଭଳି ଦ୍ୱନ୍ଦ୍ୱ ଏବେ ପାରାଦୀପ କଂଗ୍ରେସରେ ମୁଣ୍ଡ ଟେକିଛି। ପାରାଦୀପ ନଗର କଂଗ୍ରେସ ପକ୍ଷରୁ ଆୟୋଜିତ ସଂଗଠନ ସୃଜନ କାର୍ଯ୍ୟକ୍ରମରେ ମନୋରମା ଖଟୁଆଙ୍କୁ ଡକା ନ ଯିବା ଓ ତାଙ୍କ ସମର୍ଥକ ରବୀନ୍ଦ୍ର ମଲ୍ଲିକଙ୍କୁ ନିଜେ ନିରଞ୍ଜନ ନାୟକ ଠେଲାପେଲା କରିବା ଓ କାର୍ଯ୍ୟକ୍ରମରୁ ବାହାର କରିଦେବା ଘଟଣା ଏବେ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଏ ନେଇ ଉଭୟ ପକ୍ଷରୁ ଥାନା ପର୍ଯ୍ୟନ୍ତ ମଧ୍ୟ କଥା ଯାଇଛି। ପରସ୍ପର ବିରୋଧରେ ଅଭିଯୋଗ କରାଯାଇଛି। ଜଣେ ସକ୍ରିୟ ଓ ଶୃଙ୍ଖଳିତ ମହିଳା କଂଗ୍ରେସ ଦାବି କରୁଥିବା ମନୋରମା ଖଟୁଆ ୨୦୨୪ ସାଧାରଣ ନିର୍ବାଚନରେ ଦଳକୁ ଜିତାଇବାକୁ ଅଣ୍ଟା ଭିଡ଼ିଥିବାବେଳେ ଏବେ ତାଙ୍କୁ କାହିଁକି ବିରୋଧ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଧାନସଭା କ୍ଷେତ୍ରରେ ଦଳୀୟ ପ୍ରାର୍ଥୀ ହୋଇଥିବା ନିରଞ୍ଜନ ନାୟକଙ୍କୁ ସେ ସାଧାରଣ ନିର୍ବାଚନରେ ନିର୍ବାଚନ ପ୍ରଚାରଠାରୁ ଆରମ୍ଭ କରି ବୁଥ ଜଗିବା ପର୍ଯ୍ୟନ୍ତ ସବୁଥିରେ ତାଙ୍କର ସମ୍ପୃକ୍ତି ରହିଥିଲା ବୋଲି ମନୋରମା କହିଛନ୍ତି। ଯାହା ଦଳୀୟ ପ୍ରାର୍ଥୀ ହୋଇଥିବା ନିରଞ୍ଜନ ନାୟକଙ୍କ ସହିତ ନିର୍ବାଚନ ପ୍ରଚାରର ଫଟୋ ଏବେ ତାଙ୍କର ନଗର କଂଗ୍ରେସ ସହିତ ସମ୍ପୃକ୍ତିକୁ ପ୍ରମାଣିତ କରୁଛି। ମନୋରମାଙ୍କୁ ସଂଗଠନ ସୃଜନ କାର୍ଯ୍ୟକ୍ରମକୁ ଡକା ନ ଗଲେ ମଧ୍ୟ ସେ ତାଙ୍କର ସମର୍ଥକଙ୍କ ସହିତ କାର୍ଯ୍ୟକ୍ରମରେ ପହଞ୍ଚିଥିଲେ। ଜିଲ୍ଲା ସଭାପତି ଚୟନ ପାଇଁ କର୍ମୀଙ୍କ ସହିତ କେନ୍ଦ୍ର ପର୍ଯ୍ୟବେକ୍ଷକ ଆଲୋଚନା ସମୟରେ ମନୋରମାଙ୍କ ସମର୍ଥକ କୁହାଯାଉଥିବା ରବୀନ୍ଦ୍ର ମଲ୍ଲିକ କିଛି କହିବା ପାଇଁ ପ୍ରୟାସ କରୁଥିବାବେଳେ ତାଙ୍କୁ ବିରୋଧ କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ନେଇ ପୁଲିସର ସହାୟତା ନିଆଯାଇଥିଲା ଓ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଅନ୍ୟପକ୍ଷରେ ମନୋରମାଙ୍କ ବାପି ସର୍ଖେଲଙ୍କ ସହିତ ରହିଥିବା ରାଜନୈତିକ ଓ ବ୍ୟକ୍ତିଗତ ସମ୍ପର୍କକୁ ନେଇ ପାରାଦୀପ ନଗର କଂଗ୍ରେସ ମନୋରମାଙ୍କୁ ବିରୋଧ କରୁଥିବା କୁହାଯାଉଛି। ଯେହେତୁ ମନୋରମା ବାପିଙ୍କୁ ଆଗରୁ ମାନି ଆସିଛନ୍ତି, ତାଙ୍କ ନିର୍ଦ୍ଦେଶରେ ମନୋରମା କଂଗ୍ରେସ ପାଇଁ ଦୀର୍ଘଦିନ କାମ କରିଛନ୍ତି। ପୋସ୍କୋ କମ୍ପାନୀ ଆସିଥିବା ସମୟରେ ମନୋରମା ବାପିଙ୍କ ସହିତ ମଧ୍ୟ ଥିଲେ। ବାପି ସର୍ଖେଲ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡ଼ି ବିଜେଡିରେ ମିଶିଛନ୍ତି। ତେଣୁ ମନୋରମାଙ୍କ ସହିତ ବାପିଙ୍କର ରହିଥିବା ଏହି ଘନିଷ୍ଠତା ଓ ବ୍ୟକ୍ତିଗତ ସମ୍ପର୍କକୁ ନଗର କଂଗ୍ରେସ କର୍ମୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଯାହାକି ଏବେ ପାରାଦୀପ ନଗର କଂଗ୍ରେସରେ ଦ୍ୱନ୍ଦ୍ୱ ଦେଖାଦେଇଛି ଓ ପାରାଦୀପ ଅଞ୍ଚଳରେ କଂଗ୍ରେସର ରାଜନୈତିକ ଆଲୋଚନାର ପ୍ରସଙ୍ଗ ପାଲଟିଛି।

**ଅନ୍‌ଲାଇନ୍ ପାର୍ସଲ ଠକେଇ**

# ବରିଷ୍ଠ ନାଗରିକଙ୍କଠାରୁ ୨.୪୫ ଲକ୍ଷ ଟଙ୍କା ଲୁଟ୍

**ବାରିପଦା, ୭।୯ (ସମିସ)**

ଏକ ସାଧାରଣ ସ୍ପିଡ୍ ପୋଷ୍ଟ ପାର୍ସଲ ଟ୍ରାକ୍ ପ୍ରୟାସରୁ ଜଣେ ୨ ଲକ୍ଷ ୪୫ ହଜାର ଟଙ୍କା ହରାଇଛନ୍ତି। ବାରିପଦା ସହରର ମଧୁବନର ୯ନଂ. ୱାର୍ଡ ବାସିନ୍ଦା କୁଞ୍ଜବନ ପୃଷ୍ଟି (୬୮) ମୟୂରଭଞ୍ଜ ସାଇବର କ୍ରାଇମ ଓ ଆର୍ଥିକ ଅପରାଧ ଥାନାରେ ଏନେଇ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଗତ ୩ ତାରିଖ ସକାଳେ ଶ୍ରୀ ପୃଷ୍ଟି ଏକ ସ୍ପିଡପୋଷ୍ଟ ପାର୍ସଲ ପଠାଇଥିଲେ। ପାର୍ସଲ ବିଳମ୍ବ ହେବାରୁ ସେ ଅନଲାଇନରେ ଟ୍ରାକ୍ କରିବାକୁ ଚେଷ୍ଟା କରିଥିଲେ। ସେ ଗୁଗଲ ସର୍ଚ୍ଚ ମାଧ୍ୟମରେ ଇଣ୍ଡିଆ ପୋଷ୍ଟର ୱେବସାଇଟ ଖୋଜିଥିଲେ; କିନ୍ତୁ ଭୁଲବଶତଃ ଏକ ନକଲି ୱେବସାଇଟ୍‌ରେ ପହଞ୍ଚିଥିଲେ। ପରେ ସେ ନକଲି ୱେବସାଇଟରେ ରସିଦ ନମ୍ବର ଦେବାରୁ ତୁରନ୍ତ ତାଙ୍କ ମୋବାଇଲରେ ଏକ ଅଜଣା ନମ୍ବରରୁ କଲ ଆସିଥିଲା। କଲର ଦାବିଦାର ଜଣେ ଗ୍ରାହକ ସେବା ପ୍ରତିନିଧି ଭାବେ ପରିଚୟ ଦେଇ ତାଙ୍କୁ ସ୍ପିଡ ପୋଷ୍ଟ ସିପମେଣ୍ଟ ନମ୍ବର ପ୍ରଦାନ କରିବାକୁ କହିଥିଲେ; ଯାହା ଶ୍ରୀ ପୃଷ୍ଟି ଦେଇଥିଲେ। ପରେ ତାଙ୍କ ମୋବାଇଲ ଫୋନ୍ ହ୍ୟାକ୍ ହୋଇ ସମସ୍ତ କଲ୍ ଏବଂ ଟେକ୍ସଟ ମେସେଜ ତାଙ୍କ ଅଜାଣତରେ ଠକଙ୍କ ପାଖକୁ ଡାଇଭର୍ଟ ହେବା ଆରମ୍ଭ ହୋଇଥିଲା। ପ୍ରାୟ ଦୁଇ ଘଣ୍ଟା ପରେ ତାଙ୍କ ଷ୍ଟେଟ ବ୍ୟାଙ୍କ ଆକାଉଣ୍ଟରୁ ୨ ଲକ୍ଷ ୪୫ ହଜାର ଟଙ୍କା ଠକେଇ ହୋଇଥିବା ଜାଣିବାକୁ ପାଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ପେମେଣ୍ଟ ଆପ୍‌’ରେ ୨୧ ହଜାର ଟଙ୍କା ଠକେଇ

**ବାରିପଦା:** ଡିଜିଟାଲ ପେମେଣ୍ଟ ଠକେଇ ହୋଇଥିବା ନେଇ ବାରିପଦା ପ୍ରଫୁଲ୍ଲ ନଗରର ବାସିନ୍ଦା ଲିଙ୍ଗରାଜ ବେହେରା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପାଇ ତଦନ୍ତ କରୁଛି। ଶ୍ରୀ ବେହେରାଙ୍କୁ ଏକ ଅଜଣା ନମ୍ବର (୯୨୪୧୫୬୨୮ ୯ ୯)ରୁ କଲ ଆସିଥିଲା। କଲର ତାଙ୍କୁ କହିଥିଲେ ଯେ ସେ ଫୋନ ପେ’ ମାଧ୍ୟମରେ ୩୫ହଜାର ଟଙ୍କା ଗ୍ରହଣ କରିବେ; ଯାହାକୁ ପରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ପଠାଇବାକୁ ପଡ଼ିବ। ଏହି ପ୍ରଲୋଭନରେ ପଡ଼ି ଶ୍ରୀ ବେହେରା ତାଙ୍କର ଫୋନ ପେ’ ଆପ୍ଲିକେସନ ଖୋଲିବାରୁ ଏକ ଲିଙ୍କ ପାଇ କଲରଙ୍କ ନିର୍ଦ୍ଦେଶ ଅନୁସାରେ ସେ କ୍ଲିକ କରିଥିଲେ। କିନ୍ତୁ ଟଙ୍କା ଗ୍ରହଣ କରିବା ପରିବର୍ତ୍ତେ, ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨୧ ହଜାର ଟଙ୍କା ତୁରନ୍ତ କଟିଯାଇଥିଲା। ପରେ ସେ ଠକେଇ ହୋଇଥିବା ଜାଣି ପୁଲିସର ଦ୍ୱାରସ୍ଥ ହୋଇଥିଲେ।

# ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ୍

**ଶୁକ୍ରୁଲି, ୭।୯ (ସମିସ):** ମୟୂରଭଞ୍ଜ ଜିଲ୍ଲାର ଶେଷ ସୀମାରେ ରହିଛି ରରୁଆଁ ଥାନା। ଏହି ଥାନାକୁ ଲାଗିରହିଛି କେନ୍ଦୁଝର ଜିଲ୍ଲା ଏବଂ ପଡ଼ିଶା ରାଜ୍ୟ ଝାଡ଼ଖଣ୍ଡ। ଥାନା ଅଧୀନରେ ରରୁଆଁ ବ୍ଲକର ୩ଟି ଏବଂ ଶୁକ୍ରୁଲି ବ୍ଲକର ୧୦ଟି ପଞ୍ଚାୟତ ରହିଅଛି। କିନ୍ତୁ ଅନେକ ସମୟରେ ଶୁକ୍ରୁଲି ବ୍ଲକରେ ଡକାୟତି ଏବଂ ଚୋରି ହେବା ସ୍ୱତ୍ତେ ବି ସେଭଳି ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ଏମିତି କି ମା’ କିଚକେଶ୍ୱରୀ ମନ୍ଦିରରୁ ଦୁଇ ଦୁଇ ଥର ଚୋରି ହେଇଛି। ଖିଚିଂ ବ୍ୟାଙ୍କ ପାଖରୁ ମହିଳାଙ୍କ ଠାରୁ ବାଇକରେ ଟଙ୍କା ଛଡ଼ାଇ ନେଇଛନ୍ତି। ଶୁକ୍ରୁଲି ବଜାରରେ ମୋବାଇଲ ଦୋକାନ ହେଉ କିମ୍ବା ଅନ୍ୟାନ୍ୟ ଦୋକାନରୁ ଚୋରି ହେଉଥିଲେ ବି କାର୍ଯ୍ୟାନୁଷ୍ଠାନ ସେଭଳି ଗ୍ରହଣ କରାଯାଇନାହିଁ। ବ୍ଲକରେ ଦିନକୁ ଦିନ ଅପରାଧ ବୃଦ୍ଧି ପାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ହେବାରେ ଲାଗିଛି। ପୁଣି ଶୁକ୍ରବାର ରାତି ୯ଟା ପାଖାପାଖି ବନ୍ଧୁକ ଓ ଭୁଜାଲି

**ଅପରାଧ ବୃଦ୍ଧି ପାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ**

ଦେଖାଇ ଲୁଟି ନେଇଛନ୍ତି ଲକ୍ଷାଧିକ ଟଙ୍କା। ଏଭଳି ଘଟଣା ରରୁଆଁ ଥାନା ଅନ୍ତର୍ଗତ ପାଣ୍ଡରଶିଳ ଗାଁରେ ଘଟିଛି। ଗାନ୍ଧୀ ଭେରାଇଟି ଷ୍ଟୋରର ମାଲିକ ଦୋକାନ ବନ୍ଦ କରିବା ବେଳେ ତିନି ଦୁର୍ବୃତ୍ତ ବନ୍ଧୁକ ଏବଂ ଭୁଜାଲି ଦେଖାଇ ଆତଙ୍କ ସୃଷ୍ଟି କରିଥିଲେ। ଦୁର୍ବୃତ୍ତମାନେ ବନ୍ଧୁକ ଏବଂ ଭୁଜାଲି ଦେଖାଇ ଦୋକାନ ମାଲିକ ମାୟାଧର ସାହୁ ଏବଂ ତାଙ୍କ ଷ୍ଟାଫ୍‌ଙ୍କ ପାଖରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବାର ଅଭିଯୋଗ ହେଇଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏବେ ଆତଙ୍କ ଖେଳିଯାଇଛି। ବିଶେଷ କରି ବ୍ୟବସାୟୀମାନେ ଅସୁରକ୍ଷିତ ମନେ କରୁଛନ୍ତି। ଅପର ପକ୍ଷେ ରରୁଆଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ସିସିଟିଭି ଭିଜୁଆଲ ଯାଞ୍ଚ କରିବା ସହିତ ତଦନ୍ତ ଜାରି ରଖିଛନ୍ତି। ଏନେଇ ଶୁକ୍ରୁଲି ବ୍ଲକର ଜିଲ୍ଲା ପରିଷଦ ସଭ୍ୟ ବିକାଶ ରଞ୍ଜନ ସିଂ କହିଛନ୍ତି ଯେ, ବ୍ଲକରେ ଅନେକ ସମୟରେ ଡକାୟତି ଏବଂ ଚୋରି ହେଉଥିଲେ ବି ପୁଲିସର କାର୍ଯ୍ୟାନୁଷ୍ଠାନ ସେଭଳି ଦେଖିବାକୁ ମିଳୁନାହିଁ। ଏଥିପ୍ରତି ଯଦି ସରକାର ଗୁରୁତ୍ୱ ନ ଦେବେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାବି ଜଣାଇଲା ଓଡ଼ିଶା କୁଡୁମୀ ସେନା

**କରଞ୍ଜିଆ, ୭।୯ (ସମିସ):** ଓଡ଼ିଶା କୁଡୁମୀ ସେନା ତରଫରୁ ଦିଲ୍ଲୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟସଭା ସାଂସଦ ମମତା ମହାନ୍ତଙ୍କ ଉପସ୍ଥିତିରେ ଓଡ଼ିଶା କୁଡୁମୀ ସେନାର ଶତାଧିକ ନେତୃବୃନ୍ଦ କେନ୍ଦ୍ରମନ୍ତ୍ରୀଙ୍କୁ ତାଙ୍କ ଦିଲ୍ଲୀସ୍ଥିତ ବାସଭବନରେ ଭେଟିଥିଲେ। ଓଡ଼ିଶା କୁଡୁମୀ ସେନା ତରଫରୁ ରାଜ୍ୟ ଘାଟି ମହିଳା ସଭାନେତ୍ରୀ ପ୍ରତିଭା ମହାନ୍ତ, ରାଜ୍ୟ ସମ୍ପାଦକ ଲାଲମୋହନ ମହାନ୍ତ, ଜିଲ୍ଲା ସମ୍ପାଦକ ତରଣିସେନ୍ ମହାନ୍ତ, ମମତା ମହାନ୍ତ, ସବିତା ମହାନ୍ତ, ବିରେନ୍ଦ୍ର ମହାନ୍ତ ଏବଂ ଦିଲ୍ଲୀ କୁଡୁମୀ ସମାଜ ସଭାପତି ଅମିତ୍ କୁମାର ମହାତୋ ସାମିଲ୍ ଥିଲେ। ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି ବହୁତ୍ ଶୀଘ୍ର ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ କୁଡୁମାଲି



ସଭାପତି ଦିବ୍ୟସିଂହ ମହାନ୍ତ, ସାଧାରଣ ସମ୍ପାଦକ ଦୁର୍ଗାଚରଣ ମହାନ୍ତ, ରାଜ୍ୟ ଉପଦେଷ୍ଟା ଅଶୋକ କୁମାର ମହାନ୍ତ, ରତ୍ନାକର ମହାନ୍ତ, ରାଜ୍ୟ ଆଇନ ପରାମର୍ଶ ଦାତା ଜଗମୋହନ ମହାନ୍ତ, ମୟୂରଭଞ୍ଜ ଜିଲ୍ଲା ସଭାପତି ଫଣ୍ଟୁସ୍ ମହାନ୍ତ, କେନ୍ଦୁଝର ଜିଲ୍ଲା ସଭାପତି ତ୍ରିଲୋଚନ ମହାନ୍ତ, ବାମନ ବିଭାଗ ଖୋଲିବ। ଯାହାକୁନେଇ ଓଡ଼ିଶା କୁଡୁମୀ ସେନା ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତ ଖୁସିବ୍ୟକ୍ତ କରିଥିଲେ। ଏଥିସହିତ କୁଡୁମୀ ସେନା ଏବଂ କୁଡୁମୀ ଜାତିକୁ ପୁନଃ ଆଦିବାସୀ ମାନ୍ୟତା ପ୍ରଦାନ ନହେବା ଯାଏ କୁଡୁମୀ ସେନା ଚୁପ ବସିବ ନାହିଁ ବୋଲି ସୂଚନା ଦେଇଛନ୍ତି।

# ବଜ୍ରପାତ ମୃତ୍ୟୁଜନିତ ସଚେତନତା କାର୍ଯ୍ୟକ୍ରମ




**କରଞ୍ଜିଆ, ୭।୯ (ସମିସ):** କରଞ୍ଜିଆ ବ୍ଲକ ଅନ୍ତର୍ଗତ କାଦଡିହା ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ଡ. ଜ୍ୟୋତିର୍ମୟୀ ତ୍ରିପାଠୀଙ୍କ ସଭାପତିତ୍ୱରେ ବଜ୍ରପାତ ଓ ଘଡଘଡିଜନିତ ମୃତ୍ୟୁହାର କମ୍‌କରିବା ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଷ୍ଟର ଟ୍ରେନର ଭାବରେ ଅଧ୍ୟାପକ ଓ ଯୁବ ରେଡକ୍ରସ ପରାମର୍ଶଦାତା ମାନସ ରଞ୍ଜନ ବେହେରା ଯୋଗଦେଇ ବଜ୍ରପାତ ସମୟରେ ଓ ପରେ କ’ଣ କରିବା ଉଚିତ ସେ ନେଇ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ବଜ୍ରପାତ ସମୟରେ ଓ ପରେ ପ୍ରାଥମିକ ଉପଚାର ସମ୍ବନ୍ଧରେ ପ୍ରାଥମିକ ଉପଚାର ମାଷ୍ଟର ଟ୍ରେନର ମାନସ ରଞ୍ଜନ ବେହେରାଙ୍କ କୌଶଳ ଦେଖାଇଥିଲେ। ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ର ମନୋରଞ୍ଜନ ନାଏକ, ସାଗର ସେଠୀ, ଛାତ୍ରୀ ରୀମା ନାଏକ, ନେହାସ୍ମୀତା ମହାନ୍ତ, ରୂପାଲି ବାରିକ ସହଯୋଗ କରିଥିଲେ। ଅଧ୍ୟାପକ ରଞ୍ଜନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ



**ବଡ଼ସାହି, ୭।୯ (ସମିସ):** ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ତୃତୀୟ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖୁଣ୍ଟାପାଳ କ୍ଲଷ୍ଟରର ସିଆରସିସି ଜଗଦୀଶ ଚନ୍ଦ୍ର ହାବୋଡ଼ାଙ୍କ ସଂଯୋଜନା କରିଥିବା ବେଳେ ପ୍ରଧାନଶିକ୍ଷକ ଅମିତାଭ ମିଶ୍ରଙ୍କ ପୌରୋହିତ୍ୟ କରିଥିଲେ। ବୈଠକରେ ଉଲ୍ଲାସ ଆପ ରେଜିଷ୍ଟ୍ରେସନ ଏସ୍‌ଏଚ୍ ଭିଆର ରେଜିଷ୍ଟ୍ରେସନ, ୟୁଡାଇସ ପ୍ଲାସ, ଫୁଡ୍ ସିକ୍ୟୁରିଟି ଆକ୍ଟ ଅନୁଯାୟୀ ଶିକ୍ଷାର୍ଥୀଙ୍କୁ ଏମଡିଏମ ବଣ୍ଟନ ଏବଂ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ପାଇଁ ପଦକ୍ଷେପ ନେବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଖୁଣ୍ଟାପାଳ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ରସାନନ୍ଦ ବେହେରା, ପ୍ରତାପ ଧଡ଼ା, ମାନସ ବାରିକ, ଭୂପତି ଦାସ, ମଙ୍ଗଳ ସିଂ ଏବଂ ଶିକ୍ଷୟିତ୍ରୀ ମିଲି ମହାନ୍ତ, ସୁମିତ୍ରା ତରେଇ ପ୍ରମୁଖ ଉପସ୍ଥିତଥିଲେ।

# କଂଗ୍ରେସର ସୃଜନ ବୈଠକ

**ରାସଗୋବିନ୍ଦପୁର, ୭।୯ (ସମିସ):** ଶନିବାର ମୂଷାମାରି ସାଇକ୍ରିଷ୍ଣା କଲ୍ୟାଣ ମଣ୍ଡପଠାରେ କଂଗ୍ରେସ ସଂଗଠନର ସୃଜନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏଆଇସିସି ସଦସ୍ୟ ଅଖିଳେଶ ଶୁକ୍ଲା ଯୋଗଦେଇଥିଲେ। ସେ ରାସଗୋବିନ୍ଦପୁର ଛକରେ ପହଞ୍ଚିବା ପରେ ବରିଷ୍ଠ ନେତା ପ୍ରଭାସ କର ମହାପାତ୍ର, ମୟୂରଭଞ୍ଜ ପୂର୍ବ ଜିଲ୍ଲା ସଂଯୋଜକ ଅରବିନ୍ଦ ଦାସଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କୋର୍ଡିନେଟର ଅରବିନ୍ଦ ଦାସ, ଜ୍ୟୋତିପ୍ରକାଶ ରଥ, ପ୍ରଭାସ କର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ନୀତି ମୁକ୍ତ ସମାଜ ଗଠନ ପାଇଁ ସଚେତନତା



**ବାରିପଦା, ୭।୯ (ସମିସ):** ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅଧୀନ ବିଚିତ୍ରପୁର ଗ୍ରାମରେ କରପସନ୍ ଫ୍ରୀ ଓଡ଼ିଶା ତରଫରୁ ଦୁର୍ନୀତି ମୁକ୍ତ ସମାଜ ଗଠନ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କରପସନ୍ ଫ୍ରୀ ଓଡ଼ିଶାର ପ୍ରତିଷ୍ଠାତା ତଥା ପୂର୍ବତନ ଲୋକାୟୁକ୍ତ ସଦସ୍ୟ ଡଃ ଦେବବ୍ରତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ କଲେଜ, ବାରିପଦାର ଅବସରପ୍ରାପ୍ତ ଅଧ୍ୟକ୍ଷ ହରିହର ଦାସ ମୁଖ୍ୟଅତିଥି ଭାବେ, କରପସନ୍ ଫ୍ରୀ ଓଡ଼ିଶାର ସଦସ୍ୟ ଦେବବ୍ରତ ହୋତା ମୁଖ୍ୟବକ୍ତା, ବ୍ରହ୍ମାକୁମାରୀ ଗୀତା ବିଶେଷ ଅତିଥି, ବିଚିତ୍ରପୁର ଇକୋ-ଟୁରିଜିମର ସଭାପତି ଶମ୍ଭୁନାଥ ମାଝୀ ଓ ସମାଜସେବୀ ବଳରାମ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକ ଦୁର୍ନୀତି ମୁକ୍ତ ସମାଜ ଗଠନ କରିବା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ମା’, ଭାଇ ଭଉଣୀମାନେ ଦୁର୍ନୀତି ମୁକ୍ତ ସମାଜ ଗଠନ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ଏହି ଅବସରରେ ପରିବେଶ ଓ ବୃକ୍ଷ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସଞ୍ଜୟ ମହାନ୍ତି, ବନପାଳଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଦୁର୍ନୀତି ମୁକ୍ତ ସମାଜ ଗଠନ ନିମନ୍ତେ ସମସ୍ତେ ଶପଥପାଠ କରିଥିଲେ।

# ଖୁଣ୍ଟା ଡିଗ୍ରୀ କଲେଜର ପ୍ରତିଷ୍ଠା ଦିବସ



**କୁଆମରା, ୭।୯ (ସମିସ):** ଖୁଣ୍ଟା ଡିଗ୍ରୀ କଲେଜର ଶନିବାର ୩୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ପୂର୍ବତନ ରାଜ୍ୟସଭା ସାଂସଦ ବୀରଭଦ୍ର ସିଂ, ମୁଖ୍ୟବକ୍ତା କବି ତଥା ବରିଷ୍ଠ ସାମ୍ବାଦିକ କବି ବିଷ୍ଣୁ ଶତପଥୀ ଏବଂ ସମ୍ମାନିତ ଅତିଥି ଙ୍କ ପ୍ରଫୁଲ୍ଲ ଚନ୍ଦ୍ର ମାଝୀ ଏବଂ କାର୍ଯ୍ୟକ୍ରମ ସଂଗଠନର ସମ୍ପାଦକ ଅଧ୍ୟାପିକା ହିରଣ୍ମୟୀ ଶତପଥୀ ଯୋଗଦେଇ ଫଳ ଭାରରେ ଯେଭଳି ବୃକ୍ଷ ନଇଁ ପଡେ, ସେପରି ଜ୍ଞାନ ଓ ଗୁଣ ଭାରରେ ମଣିଷ ନଇଁଯାଏ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। କଲେଜ ପ୍ରତିଷ୍ଠା ସମୟରେ ଯେଉଁମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରୁ ସନ୍ନ୍ୟାସୀ ଚରଣ ମହାନ୍ତି, ମନ୍ମଥ କୁମାର ଜେନା, ପ୍ରତାପ ଚନ୍ଦ୍ର ରଥ, ନଳମଣୀ ଦାସ, ପ୍ରଦୀପ କୁମାର ଚୌଧୁରୀ ପ୍ରମୁଖଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ସେହିପରି ୨୦୨୪-୨୫ର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଥିବା ଛାତ୍ର ପାର୍ଥବୀର ଗିରି, ଛାତ୍ରୀ ଅନନ୍ୟା ବାରିକ ଓ ଆରତୀ ମୁର୍ମୁଙ୍କୁ କଲେଜ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ପ୍ରମୋଦ କୁମାର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ମାନଗୋବିନ୍ଦ ଖିଲାର, ତପନ କୁମାର ବାରିକ, ଅଶ୍ୱିନୀ କୁମାର ମିଶ୍ର, ଶୁଭମ ସାସମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହାତୀ ଉପଦ୍ରବ; ବ୍ୟାପକ କ୍ଷତି



**ବୈଶିଙ୍ଗା, ୭।୯ (ସମିସ):** ବେତନଟୀ ରେଞ୍ଜ୍ ଅଧୀନ ଦହିକୋଟୀ ପଞ୍ଚାୟତର ଭାଲିଆ ଗାଁରେ ହାତୀପଲର ଉପଦ୍ରବ ଯୋଗୁଁ ବ୍ୟାପକ କ୍ଷତି ଘଟିଛି। ସୂଚନା ମୁତାବକ, ଅଶନବଣି ସଂରକ୍ଷିତ ଜଙ୍ଗଲ ଓ ଏହାର ସଂଲଗ୍ନ ପ୍ରସ୍ତାବିତ ଭାଲିଆ ସଂରକ୍ଷିତ ଜଙ୍ଗଲରେ ୧୨ ଟିକିଆ ହାତୀପଲ କିଛିଦିନ ଧରି ବିଚରଣ କରୁଥିଲେ। ଗୁରୁବାର ବିଳମ୍ବିତ ରାତିରେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଧାନକ୍ଷେତ ପରିବର୍ତ୍ତେ ଭାଲିଆ ଗାଁରେ ପଶିଥିଲେ। ଫଳରେ ଗ୍ରାମବାସୀ ପିଲାଛୁଆ ଧରି ଜୀବନ ବଞ୍ଚାଇଥିଲେ ମଧ୍ୟ ହାତୀପଲ ଏକାଧିକ ଘର ଭାଙ୍ଗି ଦେଇଛନ୍ତି। ଗ୍ରାମର ଚନ୍ଦ୍ରମୋହନ ମହାନ୍ତ ଓ ଲଚ୍ଛମନ ମହାନ୍ତଙ୍କ ଘରର କାନ୍ଥ ଭାଙ୍ଗି ଦେଇଛନ୍ତି। ଘର ଚାରିପଟୁ ଘେରାଇ ହାତୀପଲ ଆକ୍ରମଣ କରିଥିବା ବେଳେ ଲଚ୍ଛମନ ପରିବାରବର୍ଗଙ୍କୁ ନେଇ ଜଣେ ବ୍ୟକ୍ତିଙ୍କ ଘରେ ଆଶ୍ରୟ ନେଇଥିଲେ। ଘରେ ଥିବା ସମସ୍ତ ଧାନ, ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ସେହିଭଳି ଭାଲିଆ ଗାଁର ବାଡିବଗିଚାରେ ଥିବା କଦଳୀ ଏବଂ ବ୍ୟାପକ ପନିପରିବା ଚାଷକୁ ମଧ୍ୟ ନଷ୍ଟ କରିପକାଇଛନ୍ତି।

# କଲେଜ ପରିସରରୁ ଗଛ କାଟିନେଲେ ଦୁର୍ବୃତ୍ତ

**ବୈଶିଙ୍ଗା, ୭।୯ (ସମିସ):** ବେତନଟୀ କଲେଜ ପଛପଟ ପଟାସ ଜଙ୍ଗଲରେ କିଛି ମୂଲ୍ୟବାନ ଶାଗୁଆନ ଗଛ ଥିବା ବେଳେ ଉକ୍ତ ମୂଲ୍ୟବାନ ଗଛ ସମେତ ମେତ ଏକାଧିକ ଗଛକଟାକୁ ନେଇ କଲେଜର କର୍ତ୍ତୃପକ୍ଷ ଶନିବାର ବେତନଟୀ ଥାନାରେ ଏତଲା ଦାଏର କରିଛନ୍ତି। ସୂଚନା ମୁତାବକ କଲେଜଜମିର କିଛିଅଂଶରେ ବେଆଇନ ଭାବରେ ଜବରଦଖଲକରି କିଛି ଲୋକେ ବସବାସ କରୁଛନ୍ତି। ଜନୈକ ବ୍ୟକ୍ତି କଲେଜ ଜମିରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ସମେତ ଏକାଧିକ ଗଛଗୁଡିକୁ ବିନା ଅନୁମତିରେ ବେଆଇନ ଭାବରେ କାଟି ପକାଇଥିଲେ। ଏହାକୁ ନେଇ କଲେଜ ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତ ଏତଲା ଦାଏର କରିଥିଲେ। ବେତନଟୀ ପୁଲିସ ଘଟଣାସ୍ଥଳ ପରିଦର୍ଶନ କରି ସରଜମିନ ତଦନ୍ତ କରିଥିବା ବେଳେ ଏନେଇ ଅଧିକ ତଦନ୍ତ ଜାରି ରଖିଛି।



# କୁଡୁମୀ ସେନା ପକ୍ଷରୁ କଳାଦିବସ ପାଳିତ




**ବାରିପଦା, ୭।୯ (ସମିସ)**

କୁଡୁମୀ ଜାତିକୁ ୧୯୫୦ ମସିହା ସେପ୍ଟେମ୍ବର ୬ ତାରିଖରେ ଆଦିବାସୀ ବର୍ଗରୁ ବାଦ ଦିଆଯାଇଥିବାରୁ ଏହାର ପ୍ରତିବାଦରେ ପ୍ରତିବର୍ଷ ୬ ସେପ୍ଟେମ୍ବର ଦିନକୁ କୁଡୁମୀ ସେନା କଳା ଦିବସ ଭାବରେ ପାଳନ କରିଆସୁଛି। ଏହି ଅବସରରେ ରାଜ୍ୟ ସଭାପତି ଜୈମୁନୀ କୁମାର ମହାନ୍ତଙ୍କ ନେତୃତ୍ୱରେ ମୟୂରଭଞ୍ଜ ସମେତ ଓଡ଼ିଶାରେ ବସବାସ କରୁଥିବା ୧୦ଟି ଜିଲ୍ଲାରେ କଳା ଦିବସ ପାଳନ କରାଯାଇଛି। ବାରିପଦାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଏକ ପ୍ରତିବାଦ ଶୋଭାଯାତ୍ରାରେ ବହୁ ସଂଖ୍ୟକ କୁଡୁମୀ ସମ୍ପ୍ରଦାୟର ଲୋକେ ମଧୁବନ ପଡ଼ିଆରୁ ପାରମ୍ପରିକ ବାଦ୍ୟର ସହ ହାତରେ କଳା ପତାକା, ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। କୁଡୁମୀ ସେନାର ବିବେକାନନ୍ଦ ମହାନ୍ତ, କ୍ଷିରୋଦ ମହାନ୍ତ, ପରେଶ ମହାନ୍ତ, ବିପିନ ମହାନ୍ତ, ସୁବାସ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ସାଇରାମ ମହାନ୍ତ, ବିଶ୍ୱନାଥ ମହାନ୍ତ ପ୍ରମୁଖ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

**ସାରସକଣା:** ସାରସକଣା ବ୍ଲକରେ ଓଡ଼ିଶା କୁଡୁମୀ ସେନା ପକ୍ଷରୁ କଳା ଦିବସ ପାଳନ ହୋଇଛି। କୁଡୁମୀ ସେନାର ବ୍ଲକ ସଭାପତି ମନମିତ ମାନସ କୁମାର ମହାନ୍ତଙ୍କ ନେତୃତ୍ୱରେ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ କୁଡୁମୀ ସମାଜର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସରକାରଙ୍କ ଉଦ୍ଦେଶ୍ୟରେ ବ୍ଲକ ବିଡିଓ ଏବଂ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା ଦେବା ପାଇଁ କୁଡୁମୀ ସେନା ପକ୍ଷରୁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଝାରପୋଖରୀଆ ଠାରୁ ସାରସକଣା ବ୍ଲକ ପର୍ଯ୍ୟନ୍ତ ଏକ ବିଶାଳ ବାଇକ୍ ରାଲି ହୋଇଥିଲା। ମହିଳା ସଭାପତି ବାସନ୍ତୀ ମହାନ୍ତ, ଉପସଭାପତି ହିରାଲାଲ ମହାନ୍ତ, ସମ୍ପାଦକ ମନୋଜ ମହାନ୍ତ, ଯୁବ ସଭାପତି ମୃତ୍ୟୁଞ୍ଜୟ ମହାନ୍ତ, ସହସମ୍ପାଦକ ପାନମଣି ମହାନ୍ତ, ମହିଳା ସମ୍ପାଦକ ସୁଭଦ୍ରା ମହାନ୍ତ, ଯୁବନେତା ସତ୍ୟଜିତ ମହାନ୍ତ, କାର୍ତ୍ତିକ ମହାନ୍ତ, ଧନଞ୍ଜୟ ମହାନ୍ତ, ଯୁବ ନେତା ଜଗଦୀଶ ମହାନ୍ତ, ବିଶୋଇ ବ୍ଲକ ଆରତୀ ମହାନ୍ତ, ତିରିଂ ବ୍ଲକ କ୍ରିଷ୍ଣା ମହାନ୍ତ, ବହଳଦା ବ୍ଲକ ପୂର୍ଣ୍ଣିମା ମହାନ୍ତ, ସାମାଖୁଣ୍ଟା ବ୍ଲକ ସବିତା ମହାନ୍ତ, ବାଙ୍ଗିରିପୋଷୀ ବ୍ଲକ ପିଣ୍ଟୁ ମହାନ୍ତ ଉପସ୍ଥିତ ଥିଲେ। ଅନ୍ୟତ୍ରରେ ଓଡ଼ିଶା କୁଡୁମୀ ସେନାର ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତ, ସାଧାରଣ ସମ୍ପାଦକ ଦୁର୍ଗାଚରଣ ମହାନ୍ତ, ରାଜ୍ୟ ସମ୍ପାଦକ ଲାଲମୋହନ ମହାନ୍ତ, ଜିଲ୍ଲା ସଭାପତି ଫଣ୍ଟୁସ୍ ମହାନ୍ତ, ସମ୍ପାଦକ ତରଣୀସେନ ମହାନ୍ତ, ବାମନ୍‌ଘାଟି ମହିଳା ସଭାନେତ୍ରୀ ପ୍ରତିଭା ମହାନ୍ତ, କେନ୍ଦୁଝର ଜିଲ୍ଲା ସଭାପତି ତ୍ରିଲୋଚନ ମହାନ୍ତ, ଉପଦେଷ୍ଟା ରତ୍ନାକର ମହାନ୍ତ, ମମତା ମହାନ୍ତ, ରଜନୀ ମହାନ୍ତ, ସବିତା ମହାନ୍ତ, କୁଡୁମୀ ବିକାଶ ମୋର୍ଚ୍ଚା କେନ୍ଦ୍ରୀୟ ସଭାପତି ଶୀତଲ ଅହୁଦର୍, ଦିଲ୍ଲୀ କୁଡୁମୀ ଆଦିବାସୀ ସମାଜ ସଭାପତି ଅମିତ୍ କୁମାର ମାହାତୋ, ରାଜେଶ ମହାତୋ ବେଙ୍ଗଲ ଏବଂ ସପନ୍ କୁମାର ମହାତୋ ଏବଂ ହଜାର ହଜାର କୁଡୁମୀ ଜାତି ପ୍ରେମୀ ଉପସ୍ଥିତ ହୋଇ ଦିଲ୍ଲୀସ୍ଥିତ ଯନ୍ତର ମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୁଡୁମୀମାନଙ୍କୁ ପୁନଃ ଆଦିବାସୀ ତାଲିକାରେ ସାମିଲ ନକଲେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି କୁଡୁମୀ ସେନା ରାଜ୍ୟ ସଭାପତି ଦିବ୍ୟସିଂ ମହାନ୍ତ। ଓଡ଼ିଶା କୁଡୁମୀ ସେନା, ଓଡ଼ିଶାରୁ ଝାଡ଼ଖଣ୍ଡ ବିକାଶ ମୋର୍ଚ୍ଚା, ଝାଡ଼ଖଣ୍ଡ, କୁଡ଼ମୀ ଆଦିବାସୀ ସମାଜ ଦିଲ୍ଲୀ, କୁଡୁମୀ ସମାଜ ବେଙ୍ଗଲ, କୁଡୁମି ସାଂସ୍କୃତିକ ବିକାଶ ସମିତି ଝାଡ଼ଖଣ୍ଡ ମିଳିତ ଉଦ୍ୟମ୍‌ରେ ଦିଲ୍ଲୀ ଯନ୍ତରମନ୍ତରଠାରେ ଏହି ବିକ୍ଷୋଭ ପାଳନ କରାଯାଇଥିଲା। ଓଡ଼ିଶା କୁଡୁମୀ ସେନା ତରଫରୁ ଦିଲ୍ଲୀ ଯନ୍ତରମନ୍ତର ସହ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ସାରସକଣା ବ୍ଲକରେ ମଧ୍ୟ ପାଳନ କରାଯାଇଅଛି।

# ସ୍ଲରି ପାଇପଲାଇନ ବ୍ୟବସ୍ଥା ଉଚ୍ଛେଦ ଦାବିକଲେ ଅଞ୍ଚଳବାସୀ

ଯୋଡ଼ା, ୭।୯ (ସମିସ)

କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଅଞ୍ଚଳରେ ସ୍ଲରି ପାଇପଲାଇନ ଦ୍ୱାରା ଖଣିଜ ପରିବହନ କରିବା ପାଇଁ ବିଭିନ୍ନ ଖଣି ଓ ଶିଳ୍ପ ସଂସ୍ଥା ପକ୍ଷରୁ ପ୍ରାଥମିକତା ଦିଆଯାଉଛି। ଅପରପକ୍ଷରେ, ଏହାଦ୍ୱାରା ୮ ହଜାରରୁ ଊର୍ଦ୍ଧ୍ୱ ଟ୍ରକ୍ ମାଲିକ ଜୀବନ ଜୀବିକା ହରାଇବାର ଆଶଙ୍କା ରହିଛି। ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ

## ତେଜୁଛି ଅସନ୍ତୋଷ; ଜନଆନ୍ଦୋଳନ ଚେତାବନୀ



ଆର୍ଥିକ ସ୍ଥିତି ପରୋକ୍ଷ ଭାବେ ବ୍ୟାପକ ପ୍ରଭାବିତ ହେବ। ଏହାକୁନେଇ ଏବେ ଖଣି ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ଦେଖାଦେଇଛି। ସରକାର ସ୍ଲରି ପାଇପ ଲାଇନ୍ କୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ଦିଗରେ ସ୍ଲରି ପାଇପ ଲାଇନ୍ ନିର୍ମାଣ କରୁଥିବା ସଂସ୍ଥାକୁ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଞ୍ଚଳବାସୀ ଲିଖିତ ଭାବେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ତଥା ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଛନ୍ତି। ସରକାର ଏ ନେଇ ପଦକ୍ଷେପ ନ ନେଲେ ଜନ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ କଡ଼ା ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଶାଗାସାହି ଏଏମଏନ୍ଏସ ଖଣିରୁ ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ବଡ କାଳୀମାଟି ଅଧୀନସ୍ଥ ଦବୁନାଠାରେ ଥିବା ଏଏମଏନ୍ଏସ କାରଖାନାକୁ ଟ୍ରକ୍ ଯୋଗେ ଲୁହାପଥର ପରିବହନ ହେଉଛି। ଏଥିରେ ଯୋଡା ଖଣି ମଣ୍ଡଳର ହଜାର ହଜାର ଟ୍ରକ୍ ମାଲିକ ପରିବହନ କରି ନିଜର ଜୀବିକା ନିର୍ବାହ କରୁଛନ୍ତି; ମାତ୍ର ଗତ କିଛି ବର୍ଷ ହେବ କମ୍ପାନୀ ପକ୍ଷରୁ ଶାଗାସାହିରୁ ଦବୁନା ପର୍ଯ୍ୟନ୍ତ ମାଟି ଖୋଳି ସ୍ଲରି ପାଇପ ଲାଇନ ବିଛାଇବା କାର୍ଯ୍ୟ ଆରମ୍ଭ କରାଯାଇଛି। ଖଣି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ଯେ ଯୋଡା-ବାମେବାରି ରାଜ୍ୟ ରାଜପଥ କଡ଼ରେ ମାଟି ଖୋଳି ପାଇପ ପୋତା ଯାଉଥିବା ସମୟରେ ଦୁର୍ଘଟଣା ଘଟୁଛି। ଏହା ଦ୍ୱାରା ରାସ୍ତାଟି ଅତ୍ୟନ୍ତ ସଂକୀର୍ଣ୍ଣ ହୋଇ ପଡ଼ୁଛି। ବିପଦପୂର୍ଣ୍ଣ ରାସ୍ତାରେ ଯାନବାହାନ ଚଳାଚଳ ସମୟରେ ଦୁର୍ଘଟଣା ଘଟିବା। ନିକଟ ଅତୀତରେ ଏଭଳି ପାଇପଲାଇନ୍ ପାଇଁ ମାଟି ଖୋଳା ସମୟରେ ପୋତି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ରାସ୍ତାରେ ଲୋକେ ଯାତାୟାତ ସମୟରେ ଗାତରେ ପଡ଼ି ଆହତ ହେଉଥିବା ଦେଖିବାକୁ ମିଳୁଛି। ଏପରି ପରିସ୍ଥିତିରେ ଏଭଳି ବିପଜ୍ଜନକ ଏବଂ ଜୀବନଜୀବିକା ପ୍ରତି ନକାରାତ୍ମକ ପରିସ୍ଥିତି ସୃଷ୍ଟି କରୁଥିବାରୁ ସ୍ଲରି ପାଇପଲାଇନ୍ ବ୍ୟବସ୍ଥା ଉଚ୍ଛେଦ କରିବାକୁ ସ୍ଥାନୀୟ ମଦନ ମୋହନ ବେହେରା, ସନାତନ ବାରିକ, ଦେବଦତ୍ତ ବାରିକ, ମଙ୍ଗଳାଲ ମାଝୀ, କୀର୍ତ୍ତନ ବେହେରା, ସୁରେଶ ମୁଣ୍ଡା, ବସନ୍ତ ପାତ୍ର, ସୁବଳ ମହାନ୍ତ, ଶଶି ପାତ୍ର, ଭଗବାନ ସ୍ୱାଇଁ, ଯତୀନ୍ଦ୍ର ନାଏକ, ରବୀନ୍ଦ୍ର ଖୋମାଣିଆ, ଯଦୁ ମୁଣ୍ଡା, ନନ୍ଦ ବାରିକ, ଉଷା ମଲ୍ଲିକ, ସୁକୁରା ଚାମ୍ପିଆ, ରମେଶ ମୁଣ୍ଡା, ସୁଦର୍ଶନ ମୁଣ୍ଡା ପ୍ରମୁଖ ପ୍ରତିକ୍ରିୟାରେ କହିଛନ୍ତି। ଆଗାମୀ ଦିନରେ ଜନଆନ୍ଦୋଳନର ନିଷ୍ପତ୍ତି ମଧ୍ୟ ନିଆଯାଇଥିବା ସେମାନେ ଗଣମାଧ୍ୟମକୁ ସୂଚୀତ କରିଛନ୍ତି।

## ନାବାଳିକା ଦୁଷ୍କର୍ମ ମାମଲାରେ ଯୁବକ ଗିରଫ



ରାମଚନ୍ଦ୍ରପୁର, ୭।୯ (ସମିସ): ଜଣେ ନାବାଳିକା ଛାତ୍ରୀକୁ ଦୁଷ୍କର୍ମ ଉଦ୍ୟମ କରି ଜେଲ୍ ଗଲା ଯୁବକ। ଘଟଣା ଘଟିଛି ରାମଚନ୍ଦ୍ରପୁର ଥାନାଞ୍ଚଳରେ। ବିଦ୍ୟାଳୟରୁ ଘରକୁ ଫେରୁଥିବା ସମୟରେ ରାସ୍ତାରେ ଏକୁଟିଆ ପାଇ ପ୍ରେମ ନିବେଦନ କରି ବିଫଳ ହେବା ପରେ ଅଶ୍ଳୀଳ ଇଙ୍ଗିତ ସହ ଦୁଷ୍କର୍ମ ଉଦ୍ୟମ କରିଥିଲା। ଅଭିଯୁକ୍ତ ହେଉଛି ସେହି ଗାଁର ଟୁକୁନା ହେମ୍ବ୍ରମ (୩୫)। ଝିଅଟି କୌଣସିକ୍ରମେ ଖସିଆସି ପିତାମାତାଙ୍କୁ ଘଟଣା ସମ୍ପର୍କରେ କହିବାରୁ ପରିବାର ଲୋକ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ପୀଡ଼ିତାର ଡାକ୍ତରୀ ମାଇନା କରିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର



ତୁରୁମୁଙ୍ଗା, ୭।୯ (ସମିସ): ଫୁଟବଲ ଖେଳ ଦେଖି ଫେରୁଥିବା ସମୟରେ ଭାଲୁ ଆକ୍ରମଣରେ ଯୁବକ ଗୁରୁତର ହୋଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପାଟଣା ରେଞ୍ଜ କଣ୍ଟିଆପଡ଼ା ଗ୍ରାମର ଶତ୍ରୁଘ୍ନ ନାଏକଙ୍କ ପୁଅ କୈଳାଶ (୩୦) ଶନିବାର ସନ୍ଧ୍ୟାରେ ସାଙ୍ଗମାନଙ୍କ ସହ ଜାମୁନାଳିଆ ଗ୍ରାମରୁ ଫୁଟବଲ ଖେଳ ଦେଖି ଚାଲି ଚାଲି ଫେରୁଥିବା ସମୟରେ ଏକ ଭାଲୁ ଆସି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ପଛରେ ଆସୁଥିବା ଲୋକେ ପାଟି କରିବାରୁ ଭାଲୁ ଜଙ୍ଗଲ ଭିତରକୁ ପଳାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା କରାଯାଉଛି।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର



ତୁରୁମୁଙ୍ଗା, ୭।୯ (ସମିସ): ପାଟଣା ତହସିଲ ମୂଷାଖୋରୀ ଆରଆଇ ସର୍କଲ ମୂଷାଖୋରୀ ଗ୍ରାମର ଅଭିମନ୍ୟୁ ସେଠୀଙ୍କ ଦୁଇ ବଖରା ଘର ଲଗାଣ ବର୍ଷାରେ ଭାଙ୍ଗି ଯାଇଛି। ଶନିବାର ବର୍ଷା ଯୋଗୁଁ ବତୁରୀ ରହିଥିବା ମାଟି କାନ୍ଥର ଘରର କାନ୍ଥ ଭାଙ୍ଗି ଯାଇଛି। ଅଭିମନ୍ୟୁଙ୍କ ରୋଷେଇ ଘର ଏବଂ ଗୁହାଳ ଘରର କାନ୍ଥ ସଂପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ସେ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଗାୟତ୍ରୀ ପରିବାରର ଜିଲ୍ଲାସ୍ତରୀୟ ବୈଠକ

କେନ୍ଦୁଝର, ୭।୯ (ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ସେଣ୍ଡକାପ ଗାୟତ୍ରୀ ଶକ୍ତିପୀଠରେ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଚନ୍ଦ୍ରଶେଖର ଉପାଧ୍ୟାୟ, ମନୋରଞ୍ଜନ ସାହୁ, ନବୀନ କୁମାର ମହାନ୍ତ, ଗୌତମ ମହାନ୍ତ ସମେତ ସଦର ବ୍ଲକ ଗାୟତ୍ରୀ ପରିଜନ ଭାଇଭଉଣୀ ଉପସ୍ଥିତ ଥିଲେ। ଗାୟତ୍ରୀମନ୍ତ୍ରକୁ ଘରେ ଘରେ ପହଞ୍ଚାଇ ଲୋକଙ୍କ ମଧ୍ୟରେ ସୁଜାଗରଣ ସହ ସମାଜ ମଙ୍ଗଳ ଓ ସମାଜ ସଂସ୍କାର କାର୍ଯ୍ୟକ୍ରମ, ବୃକ୍ଷରୋପଣ, ବାତାବରଣ ପରିଷ୍କାର ଆଦି ଉଦେଶ୍ୟମୂଳକ ପ୍ରସ୍ତାବ କାର୍ଯ୍ୟକାରୀ ସମ୍ପର୍କରେ ଆଲୋଚନା ହୋଇଥିଲା।

## ନାଟକ 'ଲୁହରେ ଭିଜୁଛି ନୂଆ କାହାଣୀ'ର ଶୁଭ ମହୁରତ



ରାମଚନ୍ଦ୍ରପୁର, ୭।୯ (ସମିସ): ଆନନ୍ଦପୁର ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଅଳତି ଦରିଦ୍ର ନାରାୟଣ ବିଦ୍ୟାପୀଠର ୭୦ ବର୍ଷ ପୂର୍ତ୍ତି ଅବସରରେ ପ୍ଲାଟିନିମ୍ ଜୁବିଲି ପାଳନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସାମାଜପୋଯୋଗୀ ନାଟକ ପରିବେଷଣ ହେଉଛି। ପୁରାତନ ଛାତ୍ର ତଥା ନାଟ୍ୟକାର ପ୍ରସନ୍ନ ନାୟକଙ୍କ ଦ୍ୱାରା ଲିଖିତ ନାଟକ ''ଲୁହରେ ଭିଜୁଛି ନୂଆ କାହାଣୀ'ର ଆଜି ଶୁଭ ମହୁରତ ହୋଇଛି। ଜୁବିଲି କମିଟି ସଭାପତି ଡ ରତିକାନ୍ତ ବରାଳଙ୍କ ମାର୍ଗଦର୍ଶନରେ ଚିତ୍ରଶିଳ୍ପୀ ହରେକୃଷ୍ଣ ମହାରଣା, ବରିଷ୍ଠ କଳାକାର ଲମ୍ବୋଦର ମହାରଣା, କୁଶଭଦ୍ର ରାଉଳ, ପ୍ରସନ୍ନ ପଣ୍ଡା, ଲମ୍ବୋଦର ମଲ୍ଲିକ ସମେତ ଅନେକ ଛୋଟବଡ଼ କଳାକାରଙ୍କ ଗହଣରେ ନାଟକର ପୂର୍ବାଭ୍ୟାସ ଆରମ୍ଭ ହୋଇଛି। ଜଲିଉଡ୍ ତଥା ୟୁଟ୍ୟୁବ୍ କଳାକାର ବିଶ୍ୱଭୂଷଣ ପୃଷ୍ଟି ନାଟ୍ୟ ନିର୍ଦ୍ଦେଶନା ଦାୟିତ୍ୱରେ ରହିଛନ୍ତି। ନାଟକ ପ୍ଲାଟିନିୟମ ଜୁବିଲିର ଶେଷ ଦିବସ ଅର୍ଥାତ ନଭେମ୍ବର ୯ ତାରିଖରେ ପରିବେଷଣ ହେବ।

## ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ବାଲିବନ୍ଧ, ୭।୯ (ସମିସ): ଜିଲ୍ଲାସ୍ତରୀୟ ଗୁରୁଦିବସ ପାଳନ ଅବସରରେ ଝୁମ୍ପୁରା ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଚନ୍ଦ୍ରକଳା ସାହୁଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ହୋଇଥିବାରୁ ତାଙ୍କୁ ସିଆରସିସି ତନ୍ମୟ ଗିରିଙ୍କ ନେତୃତ୍ୱରେ କ୍ଲଷ୍ଟରସ୍ତରୀୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅତିଥି ଭାବେ ଏବିଇଓ ଜୟନ୍ତୀଲତା ମଲ୍ଲିକ ଯୋଗ ଦେଇଥିବା ବେଳେ କ୍ଲଷ୍ଟର ସମସ୍ତ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

**ରାମଚନ୍ଦ୍ରପୁର:** ସେହିପରି ଘସିପୁରା ବ୍ଲକ ଅଳତି ପଞ୍ଚାୟତ ବେଲସୁନ୍ଦରୀ ଗ୍ରାମର ଯୁବ ଶିକ୍ଷକ ସୌରାଷ୍ଟ୍ର ରଞ୍ଜନ ମଲ୍ଲିକଙ୍କୁ (୨୭) ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ସଫଳତା ପାଇଁ ତାଙ୍କୁ ତାଙ୍କ ପରିବାର, ସାଙ୍ଗସାଥୀ ଓ ଗ୍ରାମବାସୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

**ଚମ୍ପୁଆ:** ଶିକ୍ଷୟିତ୍ରୀ ପ୍ରୀତିସମ୍ପୂର୍ଣ୍ଣା ସାହୁ ପବିତ୍ର ଗୁରୁ ଦିବସ ଅବସରରେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'ରେ ସମ୍ମାନିତ ହୋଇଛନ୍ତି। ତାଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ବ୍ୟକ୍ତିବିଶେଷ, ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ସହ ଶୁଭେଚ୍ଛା କାମନା କରାଯାଇଛି। ବର୍ତ୍ତମାନ ଘଟଗାଁ ବ୍ଲକ୍ ପଣ୍ଡାପଡ଼ା ଅମ୍ବିକା ଉଚ୍ଚବିଦ୍ୟାଳୟରେ କାର୍ଯ୍ୟରତ ଶ୍ରୀମତୀ ସାହୁ ଚମ୍ପୁଆର ପ୍ରତିଷ୍ଠିତ ବ୍ୟକ୍ତି ଯୋଗେନ୍ଦ୍ର ସାହୁଙ୍କ ନାତୁଣି ଅଟନ୍ତି। ପରିବାର ବର୍ଗ ତଥା ଜିଲ୍ଲାର ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

**ତେଲକୋଇ:** ତେଲକୋଇ ବ୍ଲକର ତିନିଜଣ ପ୍ରଧାନଶିକ୍ଷକ ନିଜର ଶିକ୍ଷାଦାନ ତଥା ବିଦ୍ୟାଳୟ ପରିଚାଳନା କ୍ଷେତ୍ରରେ ଉତ୍କର୍ଷ ନିମନ୍ତେ ଗୁରୁଦିବସରେ ରାଜ୍ୟସ୍ତରୀୟ ଆଦର୍ଶ ଗୁରୁ ସମ୍ମାନ ସମ୍ବର୍ଦ୍ଧନା ସମାରୋହରେ ସର୍ବପଲ୍ଲୀ ଗୁରୁ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ସଫଳତା ନେଇ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ପରିଚାଳନା କମିଟି ସଦସ୍ୟବୃନ୍ଦଙ୍କ ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି। ଉକ୍ତ ଶିକ୍ଷକମାନେ ହେଲେ ତେଲକୋଇ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ ପଇଡା, ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲଳିତ ସାହୁ ଏବଂ ଡିମିରିମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ପ୍ରଧାନ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର



ଆନନ୍ଦପୁର, ୭।୯ (ସମିସ): ଘସିପୁରା ଥାନା ଅନ୍ତର୍ଗତ କନ୍ତୋସ୍ଥିତ ନୂଆପଡାଠାରେ ଭାଲୁ କାମୁଡାରେ ଜଣେ ଯୁବକ ଗୁରୁତର ଆହତ ହୋଇ ଆନନ୍ଦପୁର ଡାକ୍ତରଖାନାରେରେ ଭର୍ତ୍ତି ହୋଇଛନ୍ତି। ସେ ହେଉଛନ୍ତି ଉକ୍ତ ଗ୍ରାମର ସଂକାଳୀ ମୁଣ୍ଡା। ଗାଇ ଚରାଇବାକୁ ନିକଟ ଜଙ୍ଗଲକୁ ଯାଇଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ।

## ବ୍ୟାଟେରୀ ଖରାପ ଯୋଗୁଁ ଗାଡ଼ି ଅଚଳ
## ଅସହାୟ ଅବସ୍ଥାରେ ଭିନ୍ନକ୍ଷମ ବାବନ



ହାଟଡ଼ିହୀ, ୭।୯ (ସମିସ): ଭିନ୍ନକ୍ଷମଙ୍କ ପାଇଁ ସରକାରୀ ସ୍ତରରେ ଉଦାସୀନ ମନୋଭାବ ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ଦୁଇବର୍ଷ ତଳେ ହାଟଡ଼ିହୀ ବ୍ଲକର ଭିନ୍ନକ୍ଷମଙ୍କୁ ମିଳିଥିବା ଅନେକ ବ୍ୟାଟେରୀଚାଳିତ ଗାଡ଼ିଗୁଡ଼ିକର ବ୍ୟାଟେରୀ ଖରାପ ହୋଇଯାଇଥିବା ଅଭିଯୋଗ ହୋଇଛି। ଏଭଳି ଏକ ଉଦାହରଣ ଓରାଳି ଗ୍ରାମରେ ଦେଖାଯାଇଛି। ଗ୍ରାମର ଭିନ୍ନକ୍ଷମ ବାବନ ଜେନା (୬୬)। ଗାଁ ଗାଁ ବୁଲି ଭିକ୍ଷା କରି ଚଳନ୍ତି। ତାଙ୍କର ବ୍ୟାଟେରୀଚାଳିତ ଗାଡ଼ିଟି ଆଜକୁ ଦେଢ଼ ମାସ ହେବ ଖରାପ ହୋଇ ପଡ଼ିଥିବାରୁ ସେ ଘରୁ ବାହାରି କୌଣସି ଜାଗାକୁ ଯାଇପାରୁ ନାହାନ୍ତି। ପୁତ୍ରହୀନ ବୃଦ୍ଧ ବାବନ ଭିକ୍ଷାବୃତ୍ତିରେ ପେଟ ପୋଷୁଥିବା ବେଳେ ଗାଡ଼ିର ବ୍ୟାଟେରୀ ଖରାପ ହେବା ତାଙ୍କ ପାଇଁ ଦୁର୍ଦ୍ଦଶାର ମୁଖ୍ୟ କାରଣ ସାଜିଛି। ଏଭଳି ଅଭିଯୋଗ ନେଇ ସେ ସରପଞ୍ଚ, ବିଡ଼ିଓ ଏପରିକି ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ପାରିନାହିଁ। ତାଙ୍କ ସମସ୍ୟା ବାବଦରେ ଅଭିଯୋଗ କରିଥିଲା ବେଳେ ତାଙ୍କୁ ଦୁର୍ବ୍ୟବହାରର ଶିକାର ହେବାକୁ ପଡ଼ିଛି ବୋଲି ମଧ୍ୟ ସେ କହିଛନ୍ତି। ଏଣୁ ଭିନ୍ନକ୍ଷମ ବାବନଙ୍କ ଗାଡ଼ି ପାଇଁ ଏକ ନୂତନ ବ୍ୟାଟେରୀ ବ୍ୟବସ୍ଥା କରାଗଲେ ସେ ଉପକୃତ ପାଇପାରନ୍ତେ ବୋଲି ଯୁବ ସମାଜସେବୀ ମନୋଜ ବେହେରା କହିଛନ୍ତି।

## ୩ ଟିକିଆ ହାତୀପଲ ଆକ୍ରମଣରେ ବୃଦ୍ଧ ମୃତ

ବାଲିବନ୍ଧ, ୭।୯ (ସମିସ): ଝୁମ୍ପୁରା ବ୍ଲକ ଉଖୁଣ୍ଡା ବନାଞ୍ଚଳ ଟୁକୁଡିହା ପଞ୍ଚାୟତ ବହାପଶି ଗ୍ରାମର ଜଣେ ବ୍ୟକ୍ତି ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ଜଣାପଡିଛି। ମୃତକ ହେଉଛନ୍ତି ଅନାଦି ମହାନ୍ତ (୭୨)। ସୂଚନା ଅନୁସାରେ, କେନ୍ଦୁଝର ସଦର ରେଞ୍ଜରେ ରହିଥିବା ୩ ଟିକିଆ ହାତୀପଲ ଶନିବାର ବିଳମ୍ବିତ ରାତିରେ ଉଖୁଣ୍ଡା ବନାଞ୍ଚଳରେ ପ୍ରବେଶ କରିଥିଲେ। କାଶୀପୁର ଗ୍ରାମ ଦେଇ ଟୁକୁଡିହା ଗ୍ରାମ ଦେଇ ବାର୍ହାପଶି ଗ୍ରାମ ଅଭିମୁଖେ ଯାଉଥିଲେ। ବିଳମ୍ବିତ ରାତିରେ ବାହାପଶି ଗ୍ରାମର ଅନାଦି ଘର ନିକଟରେ ରହିଥିବା ପାଇଖାନାକୁ ଯାଇଥିଲେ। ହାତୀଗୁଡିକ ପାଚେରି ଭାଙ୍ଗି ପଶି ଆସି ଆକ୍ରମଣ କରିବା ଫଳରେ ଅନାଦି ତଳେ ପଡିଯାଇଥିଲେ। ହାତୀମାନେ ତାଙ୍କୁ ଘଟଣାସ୍ଥଳରେ ମାଡ଼ି ଚାଲି ଯାଇଥିଲେ। ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ୩ ଟିକିଆ ହାତୀପଲ ସେଠାରୁ ଆସି ନିଶ୍ଚିନ୍ତପୁର ଜଙ୍ଗଲରେ ରହିଥିବା ଜଣାପଡିଛି। ଏହି ହାତୀଗୁଡିକ ବାରମ୍ବାର ଧନଜୀବନ ହାନି କରି ଚାଲିଥିଲେ ମଧ୍ୟ ସଂପୂର୍ଣ୍ଣ ଭାବରେ ଘୋଉଡାଇବାରେ ବନ ବିଭାଗ ସକ୍ଷମ ହୋଇପାରୁ ନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

## ନଦୁଆଁରେ ଶ୍ରୀଲକ୍ଷ୍ମୀଙ୍କ ମାଟି ଅନୁକୂଳ



ଆନନ୍ଦପୁର, ୭।୯ (ସମିସ): ଘସିପୁରା ବ୍ଲକ ନଦୁଆଁ ଗ୍ରାମରେ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ମାଟି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟିର ସଭାପତି ଅରୁଣ ବେହେରା, ସମ୍ପାଦକ ବିଜୟ ବେହେରାଙ୍କ ତତ୍ତ୍ୱାବଧାନରେ ଫାପୁଡିଆ ନାଳ ନିକଟରୁ ଏହି ମାଟି ପୂଜା କରାଯାଇ ଅନୁକୂଳ ହୋଇଥିଲା। ପୁରୋହିତ ସୁମନ୍ତ ପଣ୍ଡାଙ୍କ ପୂଜାର୍ଚ୍ଚନା ପରେ ଫାପୁଡିଆ ନାଳ ନିକଟସ୍ଥ ଭୂମିକୁ ପୂଜା କରାଯାଇଥିଲା। ସମସ୍ତ ଗ୍ରାମବାସୀ ସହଯୋଗ କରିଥିବା ବେଳେ କମିଟି ସଦସ୍ୟ ବିଶ୍ୱରଂଜନ ବେହେରା, ପ୍ରଶାନ୍ତ ବେହେରା, ଅଜିତ ବେହେରା, ବାପୁନ ବେହେରା, ଦାପ୍ତ ବେହେରା, କବି ବେହେରା, ଅଜୁ ବେହେରା, ବାବୁ ବେହେରା, ଅଜୟ ପାତ୍ର, ରବି ପୃଷ୍ଟି, ପ୍ରଫୁଲ ପାତ୍ର, ଟୁନା ବେହେରା, ବୁଟୁ ବେହେରା, ଭରତ ଜେନା, କୁନ ବେହେରା, ପ୍ରମୋଦ ମଲିକ, ଜଗା ପାତ୍ର, ଶିବୁନ୍ ବେହେରା, କାଠିଆ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ନରସିଂପୁର ଗାଁ ଶ୍ମଶାନ ସଫେଇକଲେ ବଜରଙ୍ଗୀ



ଆନନ୍ଦପୁର, ୭।୯ (ସମିସ): ଘଷିପୁରା ବ୍ଲକ ଭଣ୍ଡାରିଡିହା ପଞ୍ଚାୟତ ନରସିଂପୁର ଗ୍ରାମର ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଯୁବକ ଗ୍ରାମରେ ଥିବା ଶ୍ମଶାନକୁ ସଫେଇ କରି ସ୍ୱଚ୍ଛ ବାତାବରଣ ସୃଷ୍ଟି କରିଛନ୍ତି। ଶ୍ମଶାନର ଅଳିହା ଆବର୍ଜନା ଓ ଗଛଲତା କାଟି ପରିଷ୍କାର କରିଥିବାରୁ ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି। ଅନେକ କାର୍ଯ୍ୟକ୍ରମ କରିବା ପାଇଁ ନରସିଂପୁର ଗ୍ରାମର ଯୁବକମାନେ ନିଷ୍ପତ୍ତି ନେଇଥିବାରୁ ଗ୍ରାମବାସୀ ସାଧୁବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ସିକୁନ ସାଉ, ରଶ୍ମିରଞ୍ଜନ ସାହୁ, ସତ୍ୟରଞ୍ଜନ ମହାରଣା, ଦେବାଶିଷ ସାହୁ, ମଙ୍ଗୁଲୁ ବେଜ୍, ପିଙ୍କୁନୁ ରାଉତ, ପିଙ୍କୁନୁ ଲେଙ୍କା, ତାପସ ବେଜ୍, ମାନସ ବେଜ୍, ଲିକୁନୁ ରାଉତ, ଦେବ ମହାରଣା, ଓମପ୍ରକାଶ ସା, ସୁରଜିତ୍ ସାହୁ, ଶୁଭମ୍ ଜେନା, ଜ୍ଞାନରଞ୍ଜନ ସାହୁ, ପିଣ୍ଟୁ ବଳ, ହିମାଂଶୁ ସାଉ, ଆନନ୍ଦମୟ ସାହୁ ସହଯୋଗ କରିଥିଲେ।

## ଆମିଷବଜାର ଉପରେ ପଡୁନି ଏନ୍ଏସିର ଦୃଷ୍ଟି
# ସହରବାସୀ ନାକେଦମ୍

ଚମ୍ପୁଆ, ୭।୯ (ସମିସ)

ଚମ୍ପୁଆ ଏନ୍ଏସି ସ୍ଥାପନକୁ ଇତିମଧ୍ୟରେ ୧୨ ବର୍ଷ ପୂରି ଯାଇଥିଲେ ମଧ୍ୟ ଏଠାରେ ଏକ ଆମିଷ ବଜାର ନିର୍ମାଣ କାର୍ଯ୍ୟ ଶୀତଳଭଣ୍ଡାରରେ ପଡ଼ି ରହିଛି। ପରିଷଦ ଅଞ୍ଚଳକୁ ସ୍ୱଚ୍ଛ, ସୁନ୍ଦର କରି ଗଢ଼ିତୋଳିବା ପାଇଁ ଅନେକ ପ୍ରଶଂସନୀୟ କାର୍ଯ୍ୟ କରାଯାଉଥିଲେ ମଧ୍ୟ ଆମିଷ ବଜାର ନିର୍ମାଣ ଲକ୍ଷରୁ ବାଟ ହୁଡ଼ିଛି। ଫଳରେ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି।

୩ବର୍ଷ ପୂର୍ବରୁ ଏନେଇ ଜାଗା ଚିହ୍ନଟ କରି ମାଟି ଫିଲିଙ୍ଗ ଓ କଂକ୍ରିଟ ବାଡ଼ ଦିଆଯାଇଛି। ଦିନ ପରେ ଦିନ ଗଡି ଚାଲିଥିଲେ ସୁଦ୍ଧା ଏନ୍ଏସିର ଏ ପ୍ରକଳ୍ପଟି ଆଣ୍ଠେଇ ପଡି ରହିଛି। ବିଶେଷତଃ ଜନସାଧାରଣଙ୍କ ଚାହିଦା ସାଙ୍ଗକୁ ଆମିଷ ଦୋକାନ ବୃଦ୍ଧି ପାଉଥିବାରୁ ଏକ ସ୍ୱତନ୍ତ୍ର ଆମିଷ ବଜାର ନିର୍ମାଣ ପାଇଁ ଏନ୍ଏସି ଆନ୍ତରିକତା ପ୍ରକାଶ କରୁ ନଥିବାରୁ ବାଧହୋଇ ବ୍ୟବସାୟୀମାନେ ୨୦ ନଂ ଜାତୀୟ ରାଜପଥ କଡ଼ରେ ଆମିଷ ଦୋକାନ ଖୋଲି ବ୍ୟବସାୟ କରି ଚାଲିଛନ୍ତି। ଏନ୍ଏସି ଲଗାମ୍ ଲଗାଉ ନଥିବାରୁ ପରିବେଶ ପ୍ରଦୂଷିତ ହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଯେଉଁଥିପାଇଁ ଦୁର୍ଘଟଣା ବଢୁଥିବାର ମଧ୍ୟ ନଜିର ରହିଛି। ମାଛ ବଜାରର ତ୍ରିକୋଣସ୍ଥଳରେ ମୁଖ୍ୟ ବଜାରକୁ ଜାତୀୟ ରାଜପଥ ଯାଇଥିବା ବେଳେ ଅନ୍ୟ ଏକ ରାସ୍ତା ଉପଜିଲ୍ଲାପାଳଙ୍କ ଆବାସିକ ବାସଭବନ ଓ କଚେରି ଏବଂ ଅନ୍ୟ ରାସ୍ତାଟି ମୁସଲିମ ବସ୍ତିକୁ ଯାଇଛି। ଫଳରେ ଆମିଷ ବଜାରର ପୁତିଗନ୍ଧମୟ ପରିବେଶ ସାଧାରଣ ଜୀବନ ଯାତ୍ରାକୁ ଅସହ୍ୟ କରିଛି। ଏହାଛଡା ନିୟନ୍ତ୍ରିତ ବଜାର କମିଟି ତରଫରୁ ଆମିଷ ବଜାରର ଦର ନିର୍ଦ୍ଧାରଣ କରାଯାଉ ନଥିବା ଏବଂ ଓଜନରେ ସ୍ୱଚ୍ଛତା ରହୁ ନଥିବାରୁ ସାଧାରଣ ଉପଭୋକ୍ତାଟି ଅନେକ ସମୟରେ ଠକାମିର ଶିକାର ମଧ୍ୟ ହେଉଛି। ଏନେଇ ସଂପୃକ୍ତ ବିଭାଗଗୁଡିକ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଆମିଷ ବଜାରର ନିର୍ମାଣ ସମ୍ବନ୍ଧରେ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା କହିଥିଲେ କି, ୨୦-୨୫ଟି ମାଛ, ମାଂସ ଦୋକାନ ଗୃହ ପାଇଁ ଖୁବଶୀଘ୍ର ଟେଣ୍ଡର ଆହ୍ୱାନ କରାଯାଇ କାମ ଆରମ୍ଭ କରାଯିବ।



- ଶୀତଳଭଣ୍ଡାରରେ ପଡ଼ିରହିଛି ଆମିଷ ବଜାର ନିର୍ମାଣ କାର୍ଯ୍ୟ
- ଜାତୀୟ ରାଜପଥ କଡ଼ରେ ଖୋଲାଖୋଲି ଚାଲିଛି ମାଂସ ବିକ୍ରି

## ଭାଗବତ ଜନ୍ମୋତ୍ସବରେ ପୁରପଲ୍ଲୀ ଭକ୍ତିଭାବମୟ



ଚମ୍ପୁଆ, ୭।୯ (ସମିସ): ଚମ୍ପୁଆ ବ୍ଲକ ପଡୁଆ ପଞ୍ଚାୟତ ଅନ୍ତର୍ଗତ ବାଲିପଶି ଗ୍ରାମରେ ଶ୍ରୀମଦଭାଗବତ ଜନ୍ମ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଲଳିତ ମହାନ୍ତ, ଉଗ୍ରେସନ ମହାନ୍ତ, ମୋତିଲାଲ ବାରିକ, ଆଦିକର୍ଣ୍ଣ ମହାନ୍ତ, ଅନାଦି ଚରଣ ମହାନ୍ତ, ଦୀନେଶ ମହାନ୍ତ, କୀର୍ତ୍ତନ ମହାନ୍ତ ଓ ରସାନନ୍ଦ ନାଏକ ପରିଚାଳନା ଦାୟିତ୍ୱ ବହନ କରିଥିଲେ। ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ ତ୍ରିପାଠୀଙ୍କ ସହ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଚମ୍ପୁଆ ବାର ଆସୋସିଏସନ ସଭାପତି ତଥା ବିଜେପି ବରିଷ୍ଠ ନେତା ରମେଶ ପ୍ରଧାନ ଯୋଗ ଦେଇଥିଲେ। ଅତିଥିଙ୍କୁ ଗ୍ରାମବାସୀ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ପୂଜାମଣ୍ଡପ ପାଖକୁ ପାଛୋଟି ଆଣିଥିଲେ। ଓଡ଼ିଶାରେ ଭାଗବତ ଟୁଙ୍ଗୀ ପରମ୍ପରା ଅବଲୁପ୍ତ ହେଇଆସୁଥିଲା ବେଳେ କେନ୍ଦୁଝର ଜିଲ୍ଲାର ଚମ୍ପୁଆ ବ୍ଲକ ଅନ୍ତର୍ଗତ ବାଲିପଶି ଗ୍ରାମରେ ଏ ପରମ୍ପରା ଏବେବି ଜୀବିତ ଅଛି ଅତିଥମାନେ ମତ ରଖିଥିଲେ। ଉପଜିଲ୍ଲାପାଳ ଶ୍ରୀ ପରିଡ଼ା ଶ୍ରୀଜଗନ୍ନାଥଙ୍କ ଭକ୍ତି ଉଦ୍ଦେଶ୍ୟରେ ଭଜନ ଗୀତ ଗାନ କରି ଲୋକଙ୍କ ହୃଦୟ କିଣିନେଇଥିଲେ ଏବଂ ଲୋକମାନେ ତାଙ୍କ ଗୀତ ଶୁଣି ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଛି।

**ଆନନ୍ଦପୁର:** ସେହିପରି ଶ୍ରୀଦଧିବାମନଜୀଉଙ୍କ ମାଉସୀ ବାଡ଼ି ଶ୍ରୀଗୁଣ୍ଡିଚା ମନ୍ଦିରରେ ଭାଗବତ ଜନ୍ମ ଉତ୍ସବ ଭାବ ଓ ଭକ୍ତିମୟ ପରିବେଶରେ ପାଳିତ ହୋଇଛି। ପରିଚାଳକ ଗୋପରଞ୍ଜନ ପାଣିଙ୍କ ତତ୍ତ୍ୱାବଧାନରେ ପୂଜକ ମଦନ ମୋହନ ମିଶ୍ର ପୂଜାର୍ଚ୍ଚନା ସହ ଭାଗବତ ପାଠ କରିଥିଲେ। ମାତୃଶକ୍ତି ସହସଂଯୋଜିକା ରେଣୁବାଳା ଦାସ, ଦୁର୍ଗାବାହିନୀ ସାହସଂଯୋଜିକା ମୋନାଲିସା ଦାସ, ପଦ୍ମନାଭ ମିଶ୍ର, ଗୌର ମିଶ୍ର, ମିନାକ୍ଷୀ ଦାସ, କୁମୁଦିନୀ ରଣା, ତିଳୋତ୍ତମା ରଣା, ବିନତି ସିଂ, ରୁକ୍ମଣୀ ଦାସ, ସୁକାନ୍ତି ରଣା, ମାଳତୀ ରଣା, ଗୁଲମଣି ବେହେରା, ଦମୟନ୍ତୀ ରଣା, ଅନୁସୟା ରଣା, କଣ୍ଡେଇ ରଣା, ଚନ୍ଦ୍ରିକା ରଣା, ଦିବ୍ୟଶା ଦାସ, ଆଦ୍ୟଶା ଦାସ, ତପିନା ରଣା, ପୂର୍ଣ୍ଣିମା ରଣା, ପ୍ରିୟଙ୍କା ଭଞ୍ଜ, କୁମୁଦୁଣୀ ପାଢ଼ୀ, ମାଳତୀ ରଣା, ସରସ୍ୱତୀ ବେହେରା, ମିତାଞ୍ଜଳି ବେହେରା, ରତ୍ନମଣି ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ସାର ଟ୍ରକ୍ ଅଟକାଇ ପ୍ରତିବାଦ ଜଣାଇଲେ ଚାଷୀ

ବରଗଡ଼, ୭।୯ (ସମିସ)



## ୟୁରିଆ ସାର ପହଞ୍ଚିବା ପରେ ଛାଡିଲେ ଟ୍ରକ୍

ରାସାୟନିକ ସାରର ସଙ୍କଟ ଏବଂ କଳାବଜାର ଦିନକୁ ଦିନ ସମାଧାନ ହେବା ବଦଳରେ ଆହୁରି ସମସ୍ୟା, ଅସନ୍ତୋଷ, ଧାରଣା, ଆନ୍ଦୋଳନ ବୃଦ୍ଧି ପାଇବାରେ ଲାଗିଛି। ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସାରର ପ୍ରଚୁର ପରିମାଣରେ ମହଜୁଦ ଅଛି ଏବଂ ଯେଉଁଠି ଆବଶ୍ୟକ ସେଠାକୁ ଆମେ ସାର ପଠାଉଥିବାରୁ ଚାଷୀ ବିବ୍ରତ ହେବାର ଆବଶ୍ୟକତା ନାହିଁ ବୋଲି କହିଥିଲେ। ମାତ୍ର ବାସ୍ତବ କ୍ଷେତ୍ରରେ କୃଷକ ସଂଗଠନ ତରଫରୁ ଆନ୍ଦୋଳନ କଲେ ଯାଇ ସେହି ଅଞ୍ଚଳର ଚାଷୀ ସାର ପାଉଛନ୍ତି। ଜିଲ୍ଲାରେ ୩୩ ହଜାର ମେଟ୍ରିକ ଟନ ୟୁରିୟା ସାର ଆବଶ୍ୟକ ବୋଲି କୃଷି ବିଭାଗ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ବର୍ତ୍ତମାନ ସୁଦ୍ଧା ୩୨ ହଜାର ମେଟ୍ରିକ ଟନ ସାର ଯୋଗାଣ ହୋଇଥିଲେ ହେଁ ଆହୁରି ୧୦ ହଜାର ମେଟ୍ରିକ ଟନ ସାର ଆବଶ୍ୟକ ପଡ଼ିପାରେ ବୋଲି କୃଷକ ସଂଗଠନ ଦାବି କରୁଛି। ଶନିବାର ଘେଁସ ସୋସାଇଟି ଅଧୀନସ୍ଥ ଚାଷୀ ସାର ଅଭାବ ବିରୋଧରେ ଘେଁସ ରାସ୍ତା ଦେଇ ଅନ୍ୟ ସୋସାଇଟି ମାନଙ୍କୁ ଯାଉଥିବା ସାର ବୋଝାଇ ୩ଟି ଟ୍ରକକୁ ଅଟକାଇ ଥିଲେ। ଖବର ପାଇ ପୁଲିସ, ଏଆର ଗୋପାଳ ପୃସେଠ, କୃଷି ଅଧିକାରୀ ସୋହେଲା ଅଭିଷେକ ଅଗ୍ରୱାଲ ଏବଂ ତହସିଲଦାର ଶୁଭରଞ୍ଜନ ନାୟକ ଆନ୍ଦୋଳନ କୃଷକ ମାନଙ୍କ ପାଖକୁ ଆସି ଦୀର୍ଘ ୩ ଘଣ୍ଟା ବୁଝାସୁଝା କରିଥିଲେ। ଘେଁସ ସୋସାଇଟିକୁ ଆବଶ୍ୟକ ୟୁରିୟା ସାର ୬୮୦ ପ୍ୟାକେଟ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆସିଥିବା ସାର ବଣ୍ଟନ ମଧ ହେବାରୁ ଅଟକାଇଥିବା ସାର ଟ୍ରକକୁ ଚାଷୀ ଛାଡିଥିଲେ। ଏହି ଆନ୍ଦୋଳନରେ ସଭାପତି ମୁରଲୀ ଭୋଇ, ପ୍ରେମରାଜ ସାହୁ, କିଞ୍ଜିବିହାରୀ ପଧାନ, ସୁଶାନ୍ତ ସାହୁ, ଉମାକାନ୍ତ ଭୋଇ, ଜୟଦେବ ସାହୁ, ଜଗବନ୍ଧୁ ସାହୁ, ଶ୍ୟାମଲାଲ ସାହୁ, ଯୁବରାଜ ପରଧିଆ ଏବଂ ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର, ସୁରେଶ ନିକେଣ୍ଟିଙ୍କ ସମେତ ଶହଶହ ଚାଷୀ ଯୋଗ ଦେଇଥିଲେ। ସେହିପରି ଛୁରିଆପାଲି ପଞ୍ଚାୟତର ଚାଷୀ ମଧ ପଦ୍ମପୁର ସୋସାଇଟିକୁ ଯାଉଥିବା ଟ୍ରକ ଅଟକାଇଥିଲେ। ଆନ୍ଦୋଳନ କରୁଥିବା ଚାଷୀଙ୍କ ପାଖକୁ ତହସିଲଦାର ଏବଂ କୃଷି ଅଧିକାରୀ ପହଞ୍ଚି ଆଲୋଚନା କରିଥିଲେ। ଆଲୋଚନା ବିଫଳ ହେବାରୁ ଚାଷୀ ସାର ନ ପାଇଲେ ଟ୍ରାକକୁ ଛାଡ଼ି ନଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ୩୮୦ ପ୍ୟାକେଟ ସାର ଆସିବା ପରେ ଅଟକାଇ ରଖିଥିବା ଟ୍ରକକୁ ଚାଷୀ ଛାଡିଥିଲେ।

# ଡୁଙ୍ଗୁରିପାଲି ସଡ଼କ ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ



**ପାଇକମାଳ, ୭।୯ (ସମିସ):** ପାଇକମାଳ ଥାନା ଡୁଙ୍ଗୁରିପାଲି ନିକଟରେ ବିଜୁ ଏକ୍ସପ୍ରେସରେ ରବିବାର ଏକ ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ଜଣକ ଡୁଙ୍ଗୁରିପାଲି ଗାଁର ନାଥ ଅଜଗର (୭୫) ବୋଲି ଜଣା ପଡ଼ିଛି। ମାଣ୍ଡୋସିଲ ଗାଁର ଦୁଷ୍ମନ୍ତ ସାହୁ(୩୭) ତାଙ୍କ ପତ୍ନୀ ସହିତ କୌଣସି କାମ ପାଇଁ ପାଇକମାଳ ଯାଇକାମ ସାରି ଘରକୁ ଫେରୁଥିବା ସମୟରେ ଡୁଙ୍ଗୁରିପାଲି ବିଜୁ ଏକ୍ସପ୍ରେସରେ ଜଣେ ବୃଦ୍ଧ ନିକଟସ୍ଥ ପୋଖରୀକୁ ଗାଧୋଇବା ପାଇଁ ଯାଉଥିବା ସମୟରେ ପାଇକମାଳ ପଟୁ ଆସୁଥିବା କାର ବୃଦ୍ଧ ନାଥ ଅଜଗରକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ଜାଣିବା ପରେ ଗାଁବାସୀ ଘଟଣା ସ୍ଥଳକୁ ପହଞ୍ଚି ଗାଡି ଚାଳକକୁ ଅଟକ ରଖି କ୍ଷତିପୂରଣ ଲାଗି ରାସ୍ତାରୋକ କରିଥିଲେ। ଏନେଇ ପାଇକମାଳ ପୁଲିସ ଘଟଣା ସ୍ଥଳକୁ ପହଞ୍ଚି ବୁଝାସୁଝା କଲା ପରେ ତଥା ପାଇକମାଳ ତହସିଲଦାର ସିନ୍ଧୁସୁତା ପାତ୍ର ମୃତକଙ୍କ ପରିବାରକୁ ରେଡକ୍ରସ ତରଫରୁ ଦଶ ହଜାର ଟଙ୍କା ଦେବା ପରେ ରାସ୍ତାରୋକ ହଟିଥିଲା। ଏନେଇ ଗାଡିକୁ ଜବତ କରି ଗାଡି ଚାଳକ ଦୁଷ୍ମନ୍ତ ସାହୁଙ୍କ ନାମରେ ମାମଲା ରୁଜୁ କରି ପଦ୍ମପୁର କୋର୍ଟ ଚାଲାଣ କରାଯାଇଛି। ମୃତକଙ୍କୁ ଶବ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠା ଯାଇଥିବା ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

## ଅଜଣା ବୃଦ୍ଧାଙ୍କ ଶବଦାହ କଲା ସଂଘମିତ୍ରା ଗ୍ରୁପ

**ବରଗଡ଼, ୭।୯ (ସମିସ):** ବାବା କେଦାରନାଥ ମନ୍ଦିରରେ ଦୀର୍ଘ ଦିନ ହେବ ଜଣେ ଅଜଣା ବୟସ୍କା ମହିଳା ଭିକ୍ଷାବୃତ୍ତି କରି ରହିଆସୁଥିଲେ। କିଛି ଦିନ ପୂର୍ବରୁ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅମ୍ବାଭୋନା ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। କିନ୍ତୁ ଶୁକ୍ରବାର ଅପରାହ୍ଣରେ ପୁଣି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବରଗଡ଼ ଖେଦାପାଲି ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ପଠାଯାଇଥିଲା। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ମହିଳା ଜଣଙ୍କର ପରିଚୟ ପାଇଁ ଅମ୍ବାଭୋନା ଥାନା ଅଧିକାରୀ ଅନେକ ଚେଷ୍ଟା କରିଥିଲେ। ଶେଷରେ ମହିଳା ଜଣକ ଭଟଲି ଥାନା ଅଧୀନ ଦଉଲତୁଣ୍ଡା ଗାଁର ଗୋରୀ ମେହେର ବୋଲି ଜଣାପଡ଼ିଥିଲା। ସ୍ଥାନୀୟ ସରପଞ୍ଚଙ୍କୁ ଯୋଗାଯୋଗ କରିବାରୁ ତାଙ୍କର କୌଣସି ସମ୍ପର୍କୀୟ ନଥିବାର ସୂଚନା ମିଳିଥିଲା। ଆଜି ଅମ୍ବାଭୋନା ଥାନା ଏସଆଇ ନିରଞ୍ଜନ ନାଏକ ଏବଂ ଅମ୍ବାଭୋନା ସରପଞ୍ଚଙ୍କ ସହଯୋଗରେ ତାଙ୍କର ଶବ ବ୍ୟବଚ୍ଛେଦ କରି ଅନ୍ତିମ ସତ୍କାର ପାଇଁ ବରଗଡ଼ର ସମାଜସେବୀ ସଂଘମିତ୍ରା ପଟେଲଙ୍କୁ ଯୋଗାଯୋଗ କରାଯାଇଥିଲା। ସ୍ୱେଚ୍ଛାସେବୀ ଅଭୟ ପଣ୍ଡା, ଗଜେନ୍ଦ୍ର ଦାସ, ସଂଘମିତ୍ରା ପଟେଲ, ତରଣୀ ସାହୁ, କରଣ ପଟେଲ, ସନ୍ୟାସୀ ପ୍ରଧାନ ଏବଂ କୈକେଶ ସାହୁଙ୍କ ଦ୍ୱାରା ବରଗଡ଼ ସ୍ଥିତ ଜିରା ନଦୀ କୁଳରେ ଥିବା ଶ୍ମଶାନରେ ତାଙ୍କର ଶବଦାହ କରାଯାଇଥିଲା।

## ତୃତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

**ପାଇକମାଳ, ୭।୯ (ସମିସ):** ବରଗଡ଼ ଜିଲ୍ଲା ପାଇକମାଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ସରକାରୀ ପ୍ରାଥମିକ ବିଦ୍ୟାଳୟ ବାଦିବାହାଲରେ ତୃତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଚେରେଙ୍ଗାଝୁଞ୍ଜି କ୍ଲଷ୍ଟର ସିଆରସିସି ଉଗ୍ରସେନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ବୈଠକରେ ସେପ୍ଟେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡରର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଏହାସହ ଶିକ୍ଷକ ସହଦେବ ମାଝୀ, ଶିକ୍ଷୟିତ୍ରୀ ପଦ୍ମିନୀ ଭୂଏ ନମୁନା ଶ୍ରେଣୀର ଶିକ୍ଷାଦାନ କରିଥିଲେ। କ୍ଲଷ୍ଟରର ୭ଟି ବିଦ୍ୟାଳୟରୁ ୬ଜଣ ପ୍ରଧାନଶିକ୍ଷକଙ୍କ ସହ ୬ଜଣ ଏଫ୍ଏଲଏନ୍ ଶିକ୍ଷକ ଶିକ୍ଷୟିତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜିଲ୍ଲା ସମାଜସେବୀ ସଂଘ ପକ୍ଷରୁ ମାଗଣା ଭୋଜନ

**ବରଗଡ଼, ୭।୯ (ସମିସ):** ଦ୍ୱିତୀୟ ବର୍ଷର ୧୫ ତମ ସପ୍ତାହ ରବିବାର ଜିଲ୍ଲା ସମାଜସେବୀ ସଂଘ, ବରଗଡ଼ର ଉଦ୍ୟମରେ ବରଗଡ଼ ପୁରୁଣା ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ସହଯୋଗୀ ମାନଙ୍କ ପାଇଁ ଭୋଜନର ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମ ଜିଲ୍ଲା ସମାଜସେବୀ ସଂଘର ସଭାପତି ବଳିଷ୍ଠ ଦୁର୍ଗାଙ୍କ ନେତୃତ୍ୱରେ ହୋଇଥିଲା। ସଂଘର ସଦସ୍ୟ, ମିଠାରାମ ସାହୁ, ରାଜେଶ ଶର୍ମା, ରଞ୍ଜନ ସାହୁ, ଅନିଲ ପ୍ରଧାନ, ଶୈଳେଶ ସାମଲ, ବିଭୁତି ଦୀପଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମ ହୋଇଥିଲା।

## ଷ୍ଟ୍ରିଟ୍ ଲାଇଟ୍ ମରାମତି ପାଇଁ ଦାବି

**ପଦ୍ମପୁର, ୭।୯ (ସମିସ):** ପଦ୍ମପୁର ରଜାପଡ଼ାରୁ ଭେଡ଼େଁରିଆ ଛକ ପର୍ଯ୍ୟନ୍ତ ଦୀର୍ଘ ୨ ମାସ ହେବ ରାସ୍ତା ପାର୍ଶ୍ୱରେ ଥିବା ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ। ମୁଖ୍ୟ ରାସ୍ତାରେ ଥାନା, ଡାକ୍ତରଖାନା ରହୁଥିବାରୁ ସାଧାରଣ ଲୋକେ ଦିନରାତି ଯିବାଆସିବା କରିଥାନ୍ତି। ରାତିରେ ଅନ୍ଧାର ରହୁଥିବାରୁ ଜନସାଧାରଣ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ଏନଏସି କର୍ତ୍ତୃପକ୍ଷ ଶୀଘ୍ର ଦୃଷ୍ଟି ଦେଇ ଏହି ଲାଇଟ ତୁରନ୍ତ ମରାମତି କରିବା ପାଇଁ ସାଧାରଣରେ ଦାବି ହୁଏ।

## ବିଜେପୁରରେ କ୍ଲଷ୍ଟରସ୍ତରୀୟ ବୈଠକ

**ବିଜେପୁର, ୭।୯ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ୧୨ଟି କ୍ଲଷ୍ଟରରେ ତୃତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଜାଙ୍ଗି କ୍ଲଷ୍ଟରର ଲେମଧର ସେବାଶ୍ରମ ବିଦ୍ୟାଳୟରେ ସିଆରସିସି ରାଜେଶ୍ୱର ବେହେରାଙ୍କ ଆବାହକତ୍ୱ ଏବଂ ସ୍କୁଲର ପ୍ରଧାନଶିକ୍ଷକ ଅଶୋକ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ବଲ୍ଲଭ ମେହେର ବୁଡାପାଲି ହାଇସ୍କୁଲର ଶିକ୍ଷକ ସଂକୀର୍ତ୍ତନ ବିଶି, ମାନପୁର ସ୍କୁଲର ପ୍ରଧାନଶିକ୍ଷକ ଦିଲ୍ଲୀପ ପୁରୀ ପ୍ରମୁଖ ଅତିଥିବୃନ୍ଦ ଯୋଗଦାନ କରିଥିଲେ। ଶିକ୍ଷକ ଅନ୍ତର୍ଯ୍ୟାମୀ ଭୋଇ, ଶିକ୍ଷୟିତ୍ରୀ ଟିକେଶ୍ୱରୀ ସେଠ, କମିଟି ସଦସ୍ୟ ଶ୍ୟାମ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ତାଳପଦର ସିଆରସିସି ବାସୁଦେବ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଣ୍ଡୋମହୁଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ବୈଠକରେ ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ଯୋଗଦାନ କରିଥିଲେ। ସୀତାରାମ ଦୀପ, ଦୁର୍ବାଦଳ ବଡଗୋଛିଆ, ହେମନ୍ତ ଆରୁକ, ପ୍ରକାଶ ମହାନନ୍ଦ, ନବୀନ ସାହୁ, ପ୍ରଭାତ ସାହୁ, ତ୍ରିନାଥ ସେଠ, ସୁଧାଂଶୁ ଜାଲ, ଡୋଳାମଣି କୁମ୍ଭାର, ପ୍ରଫୁଲ୍ଲ ଭୋଇଙ୍କ ଆବାହକତ୍ୱରେ ବିଭିନ୍ନ କ୍ଲଷ୍ଟରରେ ତୃତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

## ଶିଶୁ କ୍ୟାନସର ସେବା: ବରଗଡ଼ରୁ ଆରମ୍ଭ ହେଲା ଗ୍ରାସରୁଟ୍ସ ମଡେଲ୍

**ବରଗଡ଼, ୭।୯ (ସମିସ):** ଗ୍ରାମୀଣ ସ୍ତରରେ କ୍ୟାନସର ସେବାକୁ ଶକ୍ତିଶାଳୀ କରିବା ଦିଗରେ ଜିଲ୍ଲାସ୍ତରୀୟ କଣ୍ଟିନ୍ୟୁଇଂ ମେଡିକାଲ ଏଜୁକେସନ୍ କାର୍ଯ୍ୟକ୍ରମର ଆୟୋଜନ ବରଗଡ଼ ସିଏଚସି କନଫରେନ୍ସ ହଲ୍‌ରେ କରାଯାଇଛି। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଶିଶୁ କ୍ୟାନସରର ପ୍ରାରମ୍ଭିକ ଚିହ୍ନଟ, ସମୟୋପଯୋଗୀ ରେଫେରାଲ ଏବଂ ଭଲ ପରିଚାଳନା ବିଷୟରେ ପ୍ରଶିକ୍ଷିତ କରିବା ଏହାର ଉଦ୍ଦେଶ୍ୟ ଥିଲା। ଶିବିରକୁ ବରଗଡ଼ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ.କୁବେର ଚନ୍ଦ୍ର ମହାନ୍ତ ଉଦ୍‌ଘାଟନ କରିଥିଲେ। ସିଏମଇର ଆୟୋଜନ ଉମ୍ମିଦେଁ ଓଡ଼ିଶା, ଫାଇଟର୍ସ ଗ୍ରୁପ, ବରଗଡ଼ କେୟାର୍ସ, ଇଣ୍ଡିଆନ ଚାଇଲ୍ଡହୁଡ କ୍ୟାନସର ଇନିସିଏଟିଭ (ଆଇସିସିଆଇ), କେନକିଡ୍ସ-କିଡ୍ସକେନ, ୟୁଆଇଏସସିଏଫ୍, ଲାୟନ୍ସ କ୍ଲବ୍ ଲୋଟସ, ଭୁବନେଶ୍ୱର, ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ସ୍ମାଇଲ, ସଂଯୋଗ, କ୍ରୀୟା ଫାଉଣ୍ଡେସନ, ମହିମା ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନ ସହଯୋଗରେ ଆୟୋଜନ ହୋଇଥିଲା। ଓଡ଼ିଶାର ଭୁବନେଶ୍ୱର ସମ୍ ହସ୍ପିଟାଲର ଶିଶୁ ହେମାଟୋ-ଅଙ୍କୋଲଜିଷ୍ଟ ପ୍ରଫେସର ଡ.ସରୋଜ ପଣ୍ଡା, କିମ୍ସ ହସ୍ପିଟାଲର ପ୍ରଫେସର ଡ.ପଲାଶ ଦାସ, ଏମ୍ସ ଭୁବନେଶ୍ୱରର ଆସିଷ୍ଟାଣ୍ଟ ପ୍ରଫେସର ଡ.ଦେବାଶିଷ ସାହୁ, ବାଗଚି ଶଙ୍କରା କ୍ୟାନସର ସେଣ୍ଟର ଆଣ୍ଡ ରିସର୍ଚ୍ଚ ଇଷ୍ଟିଚ୍ୟୁଟର ଡ.ନିର୍ମଲ୍ୟ ଦେବ, ସୁନାମଧନ୍ୟ ଶିଶୁରୋଗ ବିଶେଷଜ୍ଞ ଡ.ଅର୍ଜୁନ ମେହେର, ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ଶିଶୁରୋଗ ବିଶେଷଜ୍ଞ ଡ.ଆଶୀଷ ଶତପଥି, ଡ.ଅମିତ ଭୋଇ ଏକ ଇଣ୍ଟରାକ୍ଟିଭ୍ ସେସନ୍‌ରେ ବିଳମ୍ବିତ ଡାୟାଗ୍ନୋସିସ୍ ଓ ସଚେତନତାର ଅଭାବକୁ ସବୁଠାରୁ ବଡ ଚ୍ୟାଲେଞ୍ଜ ବୋଲି କହିଥିଲେ। ଉମ୍ମିଦେଁର ଚେୟାରମ୍ୟାନ ତଥା ଆଇସିସିଆଇର ପ୍ରତିନିଧି ନିତାଇ ଗୌର ପାଣିଗ୍ରାହୀ ଉପସ୍ଥିତ ଥିଲେ। ପଶ୍ଚିମ ଓଡ଼ିଶାରେ କ୍ୟାନସର ସେବା ସୀମିତ ଥିବା ଦୃଷ୍ଟିରେ ରଖି ସିଏମଇକୁ ସ୍ଥାନୀୟ ସ୍ତରରେ ଦକ୍ଷତା ବିକେନ୍ଦ୍ରୀକରଣରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଇଛି। ବରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ସରକାରୀ ଓ ବେସରକାରୀ ଶିଶୁରୋଗ ବିଶେଷଜ୍ଞ, ସିଏଚସି ଅଧୀକ୍ଷକ ଓ ମେଡିକାଲ ଅଫିସରମାନେ ଏଥିରେ ଭାଗ ନେଇଥିଲେ। ଶେଷରେ ଫାଇଟର୍ସ ଗ୍ରୁପର ସାଧାରଣ ସମ୍ପାଦକ ଅସୀମା ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁଶ୍ରୀର ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମ



**ବରଗଡ଼, ୭।୯ (ସମିସ):** ପିଲାଙ୍କ ମଧ୍ୟରେ ପୁସ୍ତକ ପଠନର ବାର୍ତ୍ତା ପ୍ରଦାନ କରୁଥିବା ଓ ସେମାନଙ୍କର ହାତ ପାହାନ୍ତାରେ ଓଡ଼ିଆ ଶିଶୁ ସାହିତ୍ୟର ମୂଲ୍ୟବାନ ପୁସ୍ତକ ଓ ପତ୍ରପତ୍ରିକା ପହଞ୍ଚାଇବାରେ ବ୍ରତୀ ଥିବା ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ତରଫରୁ ୧୯୦ ତମ ସଂସ୍କରଣ ସ୍ଥାନୀୟ ନିଶାମଣି ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ଆୟୋଜିତ ହୋଇଛି। ପାଠାଗାରର ସଭାପତି ମନୋରଞ୍ଜନ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତଥା ଶିଶୁ ସାହିତ୍ୟିକ ଡ.ସଙ୍ଗୀତା ରଥ ଯୋଗ ଦେଇଥିଲେ। ପ୍ରଦର୍ଶିତ ପୁସ୍ତକରୁ ପସନ୍ଦ ମୁତାବକ ପୁସ୍ତକ ଚୟନ କରି ପଠିତ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅର୍ଣ୍ଣବ ବାଗ, ବିରାଜ ବେହେରା ଓ ଆୟୁଷ ଚିରଗୁନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପ୍ରମାଣ ପତ୍ର ଓ ପୁସ୍ତକ ସହ ପୁରସ୍କୃତ ହେଇଥିଲେ। କାର୍ଯ୍ୟକ୍ରମକୁ ଆବାହକ ଡ.ରବିନାରାୟଣ ସାହୁ ପରିଚାଳନା କରିଥିଲେ।

## ଛଅ ବର୍ଷୀୟ ସୌରଭ ଚକ୍ଷୁଦାନ କରି ଅମର



**ବରଗଡ଼, ୭।୯ (ସମିସ):** ସୌରଭ ଲୁହା ବୟସ ମାତ୍ର ୬ ବର୍ଷ। ପିତା ଭୋଲାନାଥ ଲୁହା ଓ ମାତା ସୁରେଶ୍ୱରୀ ଲୁହା। ଘର ବରଗଡ଼ର ଏସ.ଡୁମ୍ରେପାଲିରେ ରହିଛି। ଅତ୍ୟନ୍ତ ଗରିବ ପରିବାରରେ ସୌରଭ ଜନ୍ମହୋଇ ଛଅ ବର୍ଷ ବୟସରେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ଏଣୁ ବୁର୍ଲା ଡାକ୍ତରଖାନାକୁ ପରିବାର ଲୋକ ନେଇଥିଲେ। ସେଠାରେ ତାଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ବାପା ଭୋଲାନାଥ ମୃତ୍ୟୁ ପରେ ପୁଅର ଦୁଇ ଆଖିରୁ ଯଦି ଆଉ ଦୁଇ ଜଣ ଏ ରଙ୍ଗୀନ ଦୁନିଆଁ ଦେଖି ପାରିବେ, ତେବେ ପୁଅର ଜନ୍ମ ସାର୍ଥକ ହେବ ବୋଲି ବିଚାର କରିଥିଲେ। ଏହାପରେ ଚକ୍ଷୁ ଦାନ ପାଇଁ ନିଷ୍ଠା ପରିବାରର ସଭାପତି ଅଶ୍ୱିନୀ ତ୍ରିପାଠୀଙ୍କ ସହ ଯୋଗାଯୋଗ କରିଥିଲେ। ବୁର୍ଲା ଡାକ୍ତରଖାନାର ଚକ୍ଷୁ ବିଭାଗର ଡ.ମହେଶ ସାହୁ, ସ୍ମିତି ପଟେଲ ଓ ସୁରେଶ ତ୍ରିପାଠୀଙ୍କ ଉପସ୍ଥିତିରେ ଚକ୍ଷୁଦାନ ପ୍ରକ୍ରିୟା ଶେଷ ହେଇଥିଲା। ସୌରଭଙ୍କର ମୃତ୍ୟୁ ହେଲା ସତ କିନ୍ତୁ ତାଙ୍କ ବାପାଙ୍କର ବିଚାର ବୁଦ୍ଧି ଯୋଗୁଁ ଚିରଦିନ ପାଇଁ ସେ ଅମର ହୋଇଗଲେ।

## ନିଶୁଳ୍କ ଚକ୍ଷୁ ଓ ମଧୁମେହ ପରୀକ୍ଷା ଶିବିର

**ଥୁଆପାଲି, ୭।୯ (ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଲାୟନ୍ସ କ୍ଲବ୍, ଲିଓ କ୍ଲବ୍ ଝରାପାଲି ମାର୍କେଟ ଥୁଆପାଲି ଓ ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁରର ମିଳିତ ସହଯୋଗରେ ଲାୟନ୍ସ କ୍ଲବ୍ ଠାରେ ମାଗଣାରେ ଗରିବ ଲୋକଙ୍କ ପାଇଁ ଚକ୍ଷୁ ଚିକିତ୍ସା ଓ ମଧୁମେହ ରୋଗୀଙ୍କ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଲାୟନ୍ସ କ୍ଲବ୍‌ର ସଭାପତି ଅକ୍ଷୟ ପଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ୧୩୮ଜଣ ଚକ୍ଷୁ ପରୀକ୍ଷା, ୧୦୦ଜଣଙ୍କର ମଧୁମେହ ପରୀକ୍ଷା କରାଯାଇଥିଲା। ମାଗଣାରେ ୭୪ ଜଣଙ୍କୁ ଚଷମା ପ୍ରଦାନ ଓ ୨୧ଜଣ ବୃଦ୍ଧ, ବୃଦ୍ଧାଙ୍କୁ ଚକ୍ଷୁ ଅପରେସନ ପାଇଁ ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁରକୁ ପଠାଯାଇଥିଲା। ଶିବିର ତ୍ରିଲୋଚନ ନେତ୍ରାଳୟ, ସମ୍ବଲପୁର ଡ.ଶସମିତା, ସୁମନ୍ତ ଭୋଇ, ଲିପି, ରୋହିତ, ପ୍ରୀତି, ନିକିତା ପ୍ରମୁଖ ପରିଚାଳନା କରିଥିଲେ। ଲାୟନ୍ସ କ୍ଲବ୍‌ର ପୂର୍ବତନ ସଭାପତି ଅମୀୟ ମେହେର, ହରେକୃଷ୍ଣ ପ୍ରଧାନ, ଶିଶିର ଭୋଇ, ସନ୍ତୋଷ ପାଢ଼ୀ, ଧନପତି ଷଣ୍ଡ, ସନ୍ତୋଷ ପ୍ରଧାନ, ଭୈରବ ଚରଣ ହୋତା, ବିମଳ ଅଗ୍ରୱାଲ, କୁଶ ପଧାନ, ବଳରାମ ସାହାଣୀ, ଯୁରମେଶ, ବିନୟ, ନିଲ, ରାହୁଲ ଚନ୍ଦ୍ରମ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶଙ୍କରଲାଲ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ହତ୍ୟା ଉଦ୍ୟମ ମାମଲାରେ ୩ ଅଭିଯୁକ୍ତଙ୍କୁ ୫ ବର୍ଷ କାରାଦଣ୍ଡ

**ସୋହେଲା, ୭।୯ (ସମିସ):** ସୋହେଲା ସବଜଜ କୋର୍ଟରେ ବିଜେପୁର ଥାନାର ୨୦୨୦ ମସିହାର ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ସବଜଜ ଚିନ୍ମୟୀ ରଥ ବିଜେପୁର ଥାନା ଅଧୀନ ଲେମଧର ଗାଁର ୩ ଅଭିଯୁକ୍ତଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ଦେଶ ସହିତ ୫ ହଜାର ଟଙ୍କା ଜରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଲେମଧର ଗାଁର ପତି ସାହୁ ତାଙ୍କ ଖେତରେ ଚାଲୁଅ ଚାଷ କରିବା ପାଇଁ ପଲହା ପକାଇଥିଲେ। ତାଙ୍କ କ୍ଷେତର ବୋରିଂରୁ ଚାଷ ଜମିକୁ ପାଣି ମଡାଇବା ପାଇଁ ପ୍ଲାଷ୍ଟିକ ପାଣି ପାଇପ ପକାଇଥିଲେ। ଘଟଣା ଦିନ ଅର୍ଥାତ ୨୦୨୦ ଡିସେମ୍ବର୨୮ ତାରିଖ ପତିଙ୍କ ଦୁଇ ପୁଅ ଅନ୍ୱୟ ଓ ଅଜିତ କ୍ଷେତକୁ ବୁଲି ଯାଇଥିଲେ। ସେଠାରେ ପାଣି ପାଇପକୁ କେହି କଣା କରିଥିବା ଦେଖିଥିଲେ। ଘରେ ଘଟଣା ସମ୍ପର୍କରେ ଜଣାଇବା ପରେ ପତି ସାହୁଙ୍କ ବାପା ବଜରଙ୍ଗ ସାହୁ ପାଟିତୁଣ୍ଡ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହା ଶୁଣି ପାଖରେ ଥିବା ଚାଷୀ ସେହି ଗାଁର ବିଦ୍ୟାଧର ସାହୁ, ଭୁତୁଲୁ ସାହୁ ଓ ମିଥୁନ ସାହୁ କାହାକୁ ଗାଳି ଦେଉଛୁ ବୋଲି କହି ଖରାପ ଭାଷାରେ ଓଲଟା ଗାଳିଗୁଲଜ କରିଥିଲେ। ପୂର୍ବରୁ ଜମିବାଡି ନେଇ ଦୁଇ ପକ୍ଷ ମଧ୍ୟରେ ଗଣ୍ଡଗୋଳ କେସ ରହିଥିଲା। ପୂର୍ବର ରାଗକୁ କେନ୍ଦ୍ର କରି ଅଭିଯୁକ୍ତମାନେ ଟାଙ୍ଗିଆ ଓ ବାଡ଼ିରେ ଏମାନଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଥିଲେ। ଏନେଇ ବିଜେପୁର ଥାନାରେ ମାମଲାରୁଜୁ ହୋଇଥିଲା। ମାମଲାର ଶୁଣାଣି କରି ସବଜଜ୍ ଅଭିଯୁକ୍ତମାନଙ୍କୁ ଦଣ୍ଡାଦେଶ ଦେଇଛନ୍ତି। ଅନାଦେୟ ଜରିମାନା ପାଇଁ ୩ମାସ ଅଧିକ କାରାଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି।

## ଲସ୍ତଲା ହାଇସ୍କୁଲର ଶିକ୍ଷକ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର





**ବରଗଡ଼, ୭।୯ (ସମିସ):** ବରଗଡ଼ ଜିଲ୍ଲାର ଲସ୍ତଲା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବୈଲୋଚନ ପଧାନ ଓ ସାମାଜିକ ବିଜ୍ଞାନ ଶିକ୍ଷକ ଯତୀନ୍ଦ୍ର ମେହେରଙ୍କୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷକ ବୈଲୋଚନ ପଧାନଙ୍କ ଶିକ୍ଷାପ୍ରତି ଅବଦାନ ପାଇଁ ଗତବର୍ଷ ଭୁବନେଶ୍ୱରରେ ଏବଂ ଏହି ବର୍ଷ ସାଇନ୍ସ ସେଣ୍ଟର୍ ବରଗଡ଼ରେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଯୁବ ଶିକ୍ଷକ ଯତୀନ୍ଦ୍ର ମେହେରଙ୍କୁ ତାଙ୍କ ଅଭିନବ ଶିକ୍ଷା ପ୍ରଣାଳୀ ତଥା ବିଦ୍ୟାର୍ଥୀ ପ୍ରତିଭାକୁ ପ୍ରୋତ୍ସାହନ ଦେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କାର ପ୍ରଦାନ କରାଯାଇଛି।

## ହାଇ ସିକ୍ୟୁରିଟି ନମ୍ବର୍ ଯାଞ୍ଚ

# ଲୋକଙ୍କ ଅସୁବିଧା ନେଇ ପରିବହନ ଅଧିକାରୀଙ୍କୁ ଅଭିଯୋଗ



ବରଗଡ଼, ୭।୯ (ସମିସ)

ବରଗଡ଼ ଜିଲ୍ଲାର ପ୍ରତ୍ୟେକ ଥାନାଞ୍ଚଳରେ ହାଇ ସିକ୍ୟୁରିଟି ନମ୍ବର୍ ପ୍ଲେଟ ଯାଞ୍ଚ ପ୍ରକ୍ରୟା ଚାଲିଛି। ତିନି ଦିନ ଭିତରେ ଜିଲ୍ଲାର ପ୍ରତ୍ୟେକ ଥାନାରେ ଶହ ଶହ ଗାଡି ଜବତ ହୋଇଛି। ଶନିବାର କିଛି ସଚେତନ ନାଗରିକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ପହଞ୍ଚି ଏହାର ବିରୋଧ କରିଥିଲେ। ଯାଞ୍ଚ ପ୍ରକ୍ରିୟା ସ୍ୱାଗତ ଯୋଗ୍ୟ ବୋଲି କହିବା ସହ ଏହାର ପ୍ରକ୍ରିୟାକୁ ବିରୋଧ କରିଥିଲେ। କିଏ ସନ୍ଧ୍ୟାରେ ମେଡିସିନ ନେବାକୁ, କିଏ ଛୁଆଙ୍କୁ କୋଚିଂ, କିଏ ମାର୍କେଟକୁ ଯାଉଥିବା ବେଳେ ବିଭାଗୀୟ ଅଧିକାରୀ ଫାଇନ କରିବା ସହ ଗାଡି ଗୁଡିକୁ ଜବତ କରି ଥାନାକୁ ନେଇ ଯାଉଛନ୍ତି। ଏ ସବୁ ଯାଞ୍ଚ ପ୍ରକ୍ରିୟା ପୂର୍ବରୁ ଜନ ସାଧାରଣଙ୍କୁ କୌଣସି ସୂତ୍ରରୁ ସଚେତନ କରିବା ଆବଶ୍ୟକ ଥିଲା ବୋଲି କହିବା ସହ ଜବତ ଗାଡ଼ି ସବୁ ଛାଡ଼ିବାକୁ ଦାବି କରିଥିଲେ। ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଜଣାଇ ତୁରନ୍ତ ସମାଧାନ କରାଯିବ ବୋଲି ଏମ୍‌ଭି ଆସି ଜନ୍ ପ୍ରତାପ କୁଲୁ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା ସୀମାନ୍ତରେ ଛତିଶଗଡ଼ ଥିବାରୁ ଚୋରା ଗାଡି ଗୁଡିକରେ ଅପରାଧୀ ମାନେ ଅନାୟାସରେ ଫେରାର ମାରୁଛନ୍ତି। କ୍ରମବର୍ଦ୍ଧିଷ୍ଣୁ ଅପରାଧକୁ ରୋକିବା ପାଇଁ ଜିଲ୍ଲା ପୁଲିସ ପ୍ରଶାସନ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଏମିତି ଧରପଗଡ଼ ଚାଲିଥିବା ଏସପି ପ୍ରହଲ୍ଲାଦ ମୀନା କହିଛନ୍ତି। ଆଗାମୀ ଦିନରେ ହାଇ ସିକ୍ୟୁରିଟି ନମ୍ବର୍ ପ୍ଲେଟ ଯାଞ୍ଚ ପ୍ରକ୍ରିୟାକୁ ଜୋରଦାର କରାଯିବ ବୋଲି ସେ କହିଥିଲେ।

## ଡ୍ରେନ ଆବର୍ଜନାରେ ଚାଷ ନଷ୍ଟ



**ପଦ୍ମପୁର, ୭।୯ (ସମିସ):** ପଦ୍ମପୁର ରଜାପଡ଼ା ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଥିବା ଚାଷ ଜମିରେ ଡ୍ରେନର ଅଳିଆ ଆବର୍ଜନା ଆସି ଚାଷ ଜମିରେ ଗଦା ହେଉଛି। ଫଳରେ ଜମିରେ ଚାଷ ହୋଇପାରୁ ନଥିବା ଚାଷୀ ରମଣୀ ପାଢ଼ୀ ଅଭିଯୋଗ କରିଛନ୍ତି। ଏ ନେଇ ସେ ବାରମ୍ବାର ପଦ୍ମପୁର ଏନଏସିର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ତାଙ୍କ ଅଭିଯୋଗକୁ ଦୃଷ୍ଟି ଦିଆ ଯାଉ ନଥିବା ସେ କହିଛନ୍ତି। ଏହି ଆବର୍ଜନା ଯୋଗୁଁ ତାଙ୍କର ପ୍ରାୟ ୨ଏକର ଚାଷ ଜମିରେ ଚାଷ ହୋଇ ପାରୁ ନଥିବା ଅଭିଯୋଗ କରିଛନ୍ତି। ବରଗଡ଼ ଜିଲ୍ଲାପାଳ ତୁରନ୍ତ ଏହାର ସମାଧାନ କରିବାକୁ ଅନୁରୋଧ ଜଣାଇଛନ୍ତି।

# ବିଭିନ୍ନ ସଂଗଠନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍







## ପଶ୍ଚିମ ଉପଖଣ୍ଡ କୈବର୍ତ୍ତ ସମାଜ

**ପାଇକମାଳ, ୭।୯ (ସମିସ)**

ପାଇକମାଳ ବ୍ଲକ ଛିଦେଇକେଲା କଲ୍ୟାଣ ମଣ୍ଡପରେ ପାଇକମାଳ ବ୍ଲକ ପଶ୍ଚିମ ଉପଖଣ୍ଡ କୈବର୍ତ୍ତ ସମାଜ ବରତୁଣ୍ଡା ସର୍କଲର ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ସଭାପତି କାର୍ତ୍ତିକ ଶେଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ଝାରବନ୍ଧ ବ୍ଲକ ସଭାପତି ପ୍ରମାନନ୍ଦ ଶେଠ, ଭ୍ରମର ଡନସନା, ବାଦିକଟା ସଭାପତି ନନ୍ଦଲାଲ ମାଝୀ, ଗଜେନ୍ଦ୍ର ଶେଠ, କାନ୍ତିଲାଲ ଡନସନା, ମୋହନ ଡନସନା, କିଶୋର ଚନ୍ଦ୍ର ଶେଠ, ପ୍ରାଣକୃଷ୍ଣ ବେରିଆ, ବସୁଦେବ କାଲୋ, ଭରତ ପାଣ୍ଡେ, ଦେବାର୍ଚ୍ଚନ ବଢ଼େଇ, ଚକ୍ରପାଣି ଶେଠ, ଯୁଧିଷ୍ଠିର ଶେଠ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଉପସ୍ଥିତ ଥାଇ ସମ୍ମାନିତ କରାଯାଇଥିଲା। ସଭାରେ ପୂର୍ବ ବୈଠକର ବାର୍ଷିକ ବିବରଣୀ ପଠନ କରାଯାଇଥିଲା। ଉକ୍ତ ସଭାରେ ଝାରବନ୍ଧ ବ୍ଲକ ସଭାପତି, ପାଇକମାଳ ବ୍ଲକର ବାଦିକଟା, ଭେଙ୍ଗରାଜପୁର ଓ ବରତୁଣ୍ଡାକୁ ନେଇ ବ୍ଲକ କମିଟି ଗଠନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପାଇକମାଳ ବ୍ଲକ କମିଟି ଗଠନ କରିବା ପାଇଁ ୯ ଜଣିଆ କୋର କମିଟି ଗଠନ କରାଯାଇଥିଲା। କମିଟିରେ କାର୍ତ୍ତିକ ଶେଠ, କିଶୋର ଚନ୍ଦ୍ର ଶେଠ, ସହଦେବ କାଲୋ, କାନ୍ତିଲାଲ ଡନସନା, ଶୁକଦେବ ବେରିଆ, ଗଜେନ୍ଦ୍ର ଶେଠ, ଦୀପକ ବାଗ, ରବୀନ୍ଦ୍ର କାଲୋ ସମସ୍ତଙ୍କୁ ନେତୃତ୍ୱରେ ଆସନ୍ତା ସେପ୍ଟେମ୍ବର ୨୩ ତାରିଖରେ ମଙ୍ଗଳବାର ବାଦିକଟା ସମଲେଶ୍ୱରୀ ଦେବୀ ପୀଠରେ ବ୍ଲକ କମିଟି ଗଠନ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ମାଁଙ୍କ ପୂଜକ ଶ୍ରୀଧର ଶେଠ ଓ ଚକ୍ରପାଣି ଶେଠ ଅଂଶ ଗ୍ରହଣ କରିଥିଲେ।ଏହି ଅବସରରେ ସଭାପତି କାର୍ତ୍ତିକ ଶେଠ, ସହଧର୍ମିଣୀ ଲତା ଶେଠ, ପୂଜକ ଶ୍ରୀଧର ଶେଠ ତାଙ୍କ ସହଧର୍ମିଣୀ ଯଶୋବନ୍ତି ଶେଠଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।ସମାଜର ସଭାପତି କାର୍ତ୍ତିକ ଶେଠ, ସମ୍ପାଦକ ଶୁକଦେବ ବେରିଆ, କୋଷାଧ୍ୟକ୍ଷରବୀନ୍ଦ୍ର କାଲୋ ସମେତ ସମାଜର ବରିଷ୍ଠ ଭଦ୍ରବ୍ୟକ୍ତି ପରିଚାଳନା ସହଯୋଗ କରିଥିଲେ।

## ସମ୍ବିଧାନ ସଚେତନତା ସଂଗଠନ

**ପଦ୍ମପୁର:** ପଦ୍ମପୁର ଚାରପାଲି ଠାରେ ପ୍ରଥମ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଦାଉଦ କୁଅଁର ମୁଖ୍ୟବକ୍ତା ବିରଞ୍ଚି ବିଭାର, ସମ୍ମାନିତ ଅତିଥି ଭାବେ ମନମୋହନ ତାଣ୍ଡି, ଯୁବ ସମ୍ବାଦିକ ଗୋପବନ୍ଧୁ ଶିକା, ବିଦ୍ୟାଧର ତାଣ୍ଡି, ନିହାରାଜହଂସ, ବ୍ୟାସଦେବ ନାଗ, ଘାସିରାମ କୁମ୍ଭାର, ଦୁବରାଜ ଲୁହାର, ଚନ୍ଦ୍ରମଣି କୁମ୍ଭାର, ସନ୍ତୋଷ ବାରିକ, କେଶବ ହରପାଲ, ଯୋଗଦାନ କରି ବୁଦ୍ଧ ଓ ବାବା ସାହେବ ଆମ୍ବେଦକରଙ୍କୁ ପୁଷ୍ପମାଲ୍ୟ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସୁଶାନ୍ତ କୁଅଁର ପରିଚାଳନା କରିଥିଲେ। ମୁଖ୍ୟଅତିଥି କହିଥିଲେ ସମ୍ବିଧାନର ଅଧିକ ପ୍ରଚାର ପ୍ରସାରର ଆବଶ୍ୟକତା ଅଛି ସମସ୍ତେ ସମ୍ବିଧାନ ପଢ଼ିବାକଥା ବୋଲି ମତ ଦେଇ ଥିଲେ। ମୁଖ୍ୟବକ୍ତା ନୂଆଁଖାଇ ପରମ୍ପରା ଉପରେ ମତରଖିଥିଲେ।କାର୍ଯ୍ୟକ୍ରମରେ ପଞ୍ଚାୟତର ଚାରପାଲି, ଖେମେଡଖାର, ଜାମଖେର, ଲମ୍ବରଜୁନା, ସିଂହିମୁଣ୍ଡା, କେନ୍ଦୁମୁଣ୍ଡା,





ନାଗେନମାଳ, ହଲକାଦାଦର, ଭାଲୁକନା ୯ ଖଣ୍ଡ ଗାଁର ଲୋକ ଯୋଗଦେଇ ଥିଲେ। ଛାତ୍ରଛାତ୍ରୀଙ୍କ ଭିତରେ ଆମ୍ବେଦକରଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା, ଡ୍ୟାନ୍ସ, ଗୀତ, ପ୍ରତିଯୋଗିତା ହୋଇଥିଲା। ପରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ର ଅନୁଷ୍ଠିତ ହୋଇଥିଲା। ଶେଷରେ ଦୁଷ୍ମନ୍ତ କୁଅଁର ଧନ୍ୟବାଦ ଦେଇଥିଲେ

## ଗୁଜରାଟ-ବଡୋଦରା

**ବରଗଡ଼:** ଗୁଜୁରାଟର ବଡୋଦରା ସହରରେ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀ (ଜୁହାର ପରିବାର ଭଡୋଦରାର ସଦସ୍ୟ ବୃନ୍ଦ) ଗଣପର୍ବ ନୂଆଁଖାଇ ପର୍ବ ପାଳନ କରିଥିଲେ। ପଶ୍ଚିମ ଓଡ଼ିଶା ବଲାଙ୍ଗିରର ଖ୍ୟାତନାମା ସଂସ୍କୃତିକ ଅନୁଷ୍ଠାନ କୋଶଲ ଫୋକ ଏକାଡେମୀର କଳାକାରଙ୍କ ସମ୍ବଲପୁରୀ ଗୀତ ବାଦ୍ୟ ଓ ନାଚରେ ସଭିଏଁ ଝୁମିଉଠି ଥିଲେ। କଳାକାରଙ୍କ ଦ୍ୱାରା ପାରିବେଷିତ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଘୁଡକା ନାଚ ଦର୍ଶକଙ୍କ ମନମୋହିଥିଲା। ଏହି ଅବସରରେ ସମସ୍ତେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିଲେ ତଥା ସମ୍ବଲପୁରୀ ଫ୍ୟାଶନ ସୋ କରିଥିଲେ ଓ ସମସ୍ତେ ସମ୍ବଲପୁରୀ ଗୀତ ବାଦ୍ୟ ସହିତ ସମ୍ବଲପୁରୀ ଖାଦ୍ୟର ଭୂୟସି ପ୍ରଶଂସା କରିଥିଲେ। ଜୁହାର ପରିବାର ଭଡୋଦରା ପକ୍ଷରୁ ଗ୍ରୀନ ଇନୀସିଏଟିଭ ଭାବେ 'ଆମର ମାଏଟ' ସ୍ମରଣୀକାର ଇଲୋକ୍ଟ୍ରୋନିକ ପ୍ରତିଲିପି ପ୍ରକାଶିତ ହୋଇଥିଲା।

## କାଂସଡାରେ କୋଶଳ କଳାକାର ସଂଘ

**ପାଇକମାଳ:** କୋଶଳ କଳାକାର ସଂଘ ନୃସିଂହନାଥ ପକ୍ଷରୁ ପାଇକମାଳ ବ୍ଲକ କାଂସଡା ଗାଁରେ ନୂଆଁଖାଇ ଭେଟ୍‌ଘାଟ ୨୦୨୫ ଓ କୀର୍ତ୍ତନ କଳାକାର ସମାବେଶ ଅନୁଷ୍ଠିତ ହୋଇଯାଇଛି।ମହାପ୍ରଭୁ ଶ୍ରୀ ନୃସିଂହନାଥ ଓ ଗୌରାଙ୍ଗ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ପରେ ସଂଘର ସଭାପତି ଟାଇଲ ଚନ୍ଦ୍ର ଭୋଇ ମୁଖ୍ୟଅତିଥି ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ପାଇକମାଲ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ବରିହା ସଭାପତିତ୍ୱ କରିଥିବା ବେଳେ କାଂସଡା ସରପଞ୍ଚ ଉଗ୍ରସେନ ଭୋଇ, ରବି ସାହୁ, ଗୋପୀନାଥ ପ୍ରଧାନ, ନନ୍ଦଲାଲ ନାୟକ, ହୃଦାନନ୍ଦ ଭୋଇ, ଅଲେଖ ସାହୁ, ଝସକେତନ ବଢ଼େଇ, ଚତୁର୍ଭୁଜ ଭୋଇ, ସୁରେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ନୂଆଁଖାଇ ଓ ନୂଆଁଖାଇ ଭେଟ୍‌ଘାଟ ଏବଂ କଳା ସଂସ୍କୃତି ବିଶେଷ କରି କୀର୍ତ୍ତନ କଳାର ପ୍ରଚାର ପ୍ରସାର ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ସମାବେଶରେ ପାଇକମାଲ ବ୍ଲକର ୧୧ଟି ଗାଁର କୀର୍ତ୍ତନ କଳାକାରମାନେ ଯୋଗଦେଇ କୀର୍ତ୍ତନ ପରିବେଷଣ କରିଥିଲେ। ପାନାଲାଲ ସେଠ କୀର୍ତ୍ତନ ସମାବେଶକୁ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଗାଁରୁ ଶତାଧିକ ଲୋକଙ୍କ ସମାଗମ ହୋଇଥିବା ବେଳେ କାଂସଡା ଗାଁର ସମସ୍ତ ଗାଁବାସୀ ଓ ଯୁବକଯୁବତୀ ଅନ୍ନଛତ୍ର ଓ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ବଦାନ୍ୟ ବନ୍ଧୁ

**ବରଗଡ଼:** ମାନବ ସମାଜ ମଧ୍ୟରେ ଥିବା ଅସମାନତାକୁ ଦୂର କରିବା ସହିତ ସମାଜର ଅଧିକ ଦୁଃଖିକୁ ଆନନ୍ଦ ଦେବାର ଦର୍ଶନରହିଛି ନୂଆଁଖାଇରେ ବୋଲି ବରଗଡ଼ ବଦାନ୍ୟ ବନ୍ଧୁ ଆୟୋଜନରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟରେ ମତପ୍ରକାଶ ପାଇଛି। ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଶନିବାର ସନ୍ଧ୍ୟାରେ ବିଭିନ୍ନ ବୃଦ୍ଧଶ୍ରମର ଅନ୍ତେବାସୀଙ୍କ ଗହଣରେ ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆବାହକ ସୁବ୍ରତବିର୍ତ୍ତିଆଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ଗୀତା ମିଶ୍ର, ସାମାଜିକ କର୍ମୀ କଳ୍ପନା ଷଡଙ୍ଗୀ, ବରଗଡ଼ ପୌରଧ୍ୟକ୍ଷା କଳ୍ପନା ମାଝୀ, ସମାଜସେବୀ ଚନ୍ଦ୍ରଶେଖର ବାଗ, ଡାକ୍ତରରାଜେଶ ତ୍ରିପାଠି ପ୍ରମୁଖ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ସ୍ତମ୍ଭକାର ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରି ନୂଆଁଖାଇ ଅନ୍ତର୍ନିହିତ ତତ୍ତ୍ୱକୁ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସୁଧୀର ଗଡ଼ତିଆ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଲୋକଗୀତ, ଲୋକନୃତ୍ୟ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଆଶ୍ରମରୁ ଆସିଥିବା ଅନ୍ତେବାସୀଙ୍କ ନୃତ୍ୟ ପରିବେଷଣ ସହିତ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

## ପ୍ରଜ୍ଞା ପ୍ରବାହ ଚର୍ଚ୍ଚା ତରଫରୁ ଆଲୋଚନାଚକ୍ର

**ପଦ୍ମପୁର, ୭।୯ (ସମିସ):** ପ୍ରଜ୍ଞା ପ୍ରବାହ ଚର୍ଚ୍ଚା କେନ୍ଦ୍ର ଆନୁକୂଲ୍ୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ଆଲୋଚନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ଖରିଆର କଲେଜର ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡ.ଚନ୍ଦ୍ରଶେଖର ଚନ୍ଦ୍ରକାର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଚିନ୍ମୟୀ ବେହେରା ଯୋଗ ଦେଇଥିଲେ। ପ୍ରଜ୍ଞା ପ୍ରବାହର ସଭାପତି ଅଞ୍ଚଳ କଲେଜର ଅଧ୍ୟକ୍ଷ୍ୟ ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଡ.ଟିକେଶ୍ୱର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଡ.ସ୍ୱାଧୀନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହିଳା ପ୍ରମୁଖ ଅଞ୍ଜଳି ଦାଶ ଧନ୍ୟବାଦ ଦେଇଥିବା ବେଳେ ଡ.ବାଞ୍ଛାନିଧି ପଣ୍ଡା ସ୍ୱସ୍ତି ବାଚନ ଓ ଶାନ୍ତି ପାଠ କରିଥିଲେ। ଅଧ୍ୟାପକ ଦିବ୍ୟକିଶୋର ପଣ୍ଡା ସଭା ସଂଯୋଜନା କରିଥିଲେ। ପ୍ରାୟ ପଚାଶ ଜଣ ବୁଦ୍ଧିଜୀବୀ ଉପସ୍ଥିତରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନିଲମ୍ବନର କାରଣ ଜାଣି ନାହିଁ: ପୌରାଧ୍ୟକ୍ଷା

**ପଦ୍ମପୁର, ୭।୯ (ସମିସ):** ପଦ୍ମପୁର ପୌର ଉପାଧ୍ୟକ୍ଷ ଭାରତୀ ପଟ୍ଟନାୟକଙ୍କୁ ବିଜେଡି ଦଳରୁ ନିଲମ୍ବନ କରିବା ପରେ ଉପାଧ୍ୟକ୍ଷ ଭାରତୀ ନିଜର ପ୍ରତିକ୍ରିୟା ଗଣମାଧ୍ୟମରେ ଉପସ୍ଥାପନ କରିଛନ୍ତି। ଏନେଇ ଖବରଦାତା ସମ୍ମିଳନୀରେ ଶନିବାର ଭାରତୀ ଦଳରୁ ତାଙ୍କୁ ସସପେଣ୍ଡ କରାଯିବାର କାରଣ ବିଷୟରେ ସେ ଅଜ୍ଞ ଥିବା କହିଛନ୍ତି। ପଦ୍ମପୁର ଏନଏସିରେ ଏକଛତ୍ରବାଦ ଚାଲିଛି। ଏନଏସି ଅଧ୍ୟକ୍ଷ ପଦ ମହିଳାମାନଙ୍କ ପାଇଁ ସଂରକ୍ଷିତ ଥିଲେ ମଧ୍ୟ ସେ ନାମକୁ ମାତ୍ର ମାଟି କଣ୍ଢେଇ ସଦୃଶ ରହିଛନ୍ତି। ତାଙ୍କ ସ୍ୱାମୀ ସବୁ ପରିଚାଳନା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। କୌଣସି ଦଳ ବିରୋଧୀ କାମ ନ କରି ତାଙ୍କୁ ନିଲମ୍ବିତ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଯଦି ଏନଏସିରେ ହୋଇଥିବା ବେଆଇନ ନିର୍ମାଣ ବିରୋଧରେ ସ୍ୱର ଉତ୍ତୋଳନ କରିବା ଦଳ ବିରୋଧୀ କାମ ତେବେ ପଦ୍ମପୁରବାସୀ ବିଚାର



କରିବେ। ଲୋକମାନଙ୍କ ପାଇଁ ମୁଁ କାମ କରିବି, ଅନ୍ୟାୟକୁ ପ୍ରଶ୍ରୟ ଦେବି ନାହିଁ। ମୁକ୍ତା, ସହରୀ ଯୋଜନା, ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ନିର୍ମିତ ଶୌଚାଳୟ ସବୁଦିନ ଅଚଳ ହୋଇ ପଡ଼ିରହିବା, ପଦ୍ମପୁର ସହର ବରଗଡ଼ ରାସ୍ତାରେ ଆଲୋକ ନ ଥାଇ ଅନ୍ଧାର ରହିବା ଆଦି ସମସ୍ୟାକୁ ଜଣାଇବା କଣ ଭୁଲ ବୋଲି ଭାରତୀ ପ୍ରଶ୍ନ କରିଛନ୍ତି। ସେ ସର୍ବଦା ଲୋକମାନଙ୍କ ସହ ରହି ପଦ୍ମପୁରର ଉନ୍ନତି ପାଇଁ କାମ କରିବେ ବୋଲି କହିଥିଲେ।

## ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି

**ଭେଡେନ, ୭।୯ (ସମିସ):** ଭେଡେନ ବ୍ଲକ ଅଧୀନ ଲୁହଖଣ୍ଡି ପଞ୍ଚାୟତ ସ୍ଥିତ ବରପଦର ଅଛାଣ୍ଡପାଲି ଆଞ୍ଚଳିକ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅବସରପ୍ରାପ୍ତ ଶିକ୍ଷକ ଅଗ୍ନି ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ପୂର୍ବତନ ପ୍ରଧାନଶିକ୍ଷକ ପଞ୍ଚାନନ ବାରିକଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ୧୯୭୬ ମସିହା ଆରମ୍ଭରୁ ଏ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଆସନ୍ତା ୨୦୨୬ ନଭେମ୍ବରରେ ତିନି ଦିନ ଧରି ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରିମାଧର ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ।

## ଲୌଡିଦର୍ହାରେ ଝାରବନ୍ଧ ବ୍ଲକ୍ ଗଣ୍ଡା ସମାଜର ବୈଠକ

**ଝାରବନ୍ଧ, ୭।୯ (ସମିସ):** ଲକ୍ଷେ ଘର ଗଣ୍ଡା ସମାଜ ଝାରବନ୍ଧ ବ୍ଲକର ମାସିକ ସମୀକ୍ଷା ବୈଠକ ଲୌଡିଦର୍ହାରେ ବ୍ଲକ ସଭାପତି ଭୋଜରାଜ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଭୋଜରାଜ ବାଗଙ୍କୁ ଫୁଲ ଉପଢୌକନ ସହିତ ସ୍ୱାଗତ କରାଯାଇ ଥିଲା। ଲୌଡିଦର୍ହା, ଚଣ୍ଡୀଭଟା ଏବଂ କୁମୀର ପଞ୍ଚାୟତର ଆୟବ୍ୟୟ ସମୀକ୍ଷା ପୂର୍ବକ ଝାରବନ୍ଧ ବ୍ଲକର ସମସ୍ତ ପଞ୍ଚାୟତର ବିଭିନ୍ନ ସାମାଜିକ ସମସ୍ୟାର ସମାଧାନ ପାଇଁ ପ୍ରସ୍ତାବ ହୋଇଥିଲା। ଗଣ୍ଡା ସମାଜର ସାମାଜିକ, ଆର୍ଥିକ ଉନ୍ନତି ତଥା ସରକାରୀ ଯୋଜନାରେ ସାମିଲ ହୋଇ କିପରି ସ୍ୱାବଲମ୍ବୀ ହୋଇପାରିବେ ଆଲୋଚନା ହୋଇଥିଲା। ବୈଠକରେ ସମ୍ପାଦକ ରସିକ କୁମ୍ଭାର, ଉପଦେଷ୍ଟା ଭରତ ମହାନନ୍ଦ, ଅଙ୍ଗଦ ମୁଙ୍ଗୁରି, ଗହଲ କୁମ୍ଭାର, ଦୌଲତ ତାଣ୍ଡି କୁମୀର ଗ୍ରାପ ସଭାପତି ମସରାଜ ଲୁହାର, ସମ୍ପାଦକ ଜିଲାନି ଦୀପ, ଲୌଡିଦର୍ହା ଗ୍ରାପ ସଭାପତି ସୁବାଷ ସୁନା, ପଞ୍ଚାୟତର ସାମାଜିକ କର୍ମକର୍ତ୍ତା ଲୋକନାଥ ଛତର, ଦିଲ୍ଲୀପ ସୁନା, କୁମନ୍ତ ରାଜହଂସ, ଶୋଉକିଲାଲ ସୁନା ପ୍ରମୁଖ ସାମିଲ ଥିଲେ।

## ଆଞ୍ଚଳିକ ବ୍ରାହ୍ମଣ ସମାଜ ପକ୍ଷରୁ ଅନନ୍ତ ବ୍ରତ ପୂଜା

**ପଦ୍ମପୁର, ୭।୯ (ସମିସ):** ଆଞ୍ଚଳିକ ବ୍ରାହ୍ମଣ ସମାଜ ତରଫରୁ କନସିଂହାରେ ଅନନ୍ତ ବ୍ରତ ପୂଜା ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ରବିନାରାୟଣ ନାୟକ ସପତ୍ନୀକ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ରାଧେଶ୍ୟାମ ଶତପଥୀ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଉପଦେଷ୍ଟା ହେମନ୍ତ ଶତପଥୀ ସମେତ ସୁଧାଂଶୁ ମିଶ୍ର, ରତ୍ନାକର ଶତପଥୀ, ରାମଚନ୍ଦ୍ର ନାୟକ, ଗଣେଶରାମ ମିଶ୍ର, ସୀତାରାମ ମିଶ୍ର, ଆର୍ତ୍ତତ୍ରାଣ ମିଶ୍ର, ବୃନ୍ଦାବନ ଦାସ, ଲୋକନାଥ ଶତପଥୀ, ହରିବୋଲ ଦାସ ପରିଚାଳନାରେ ସହଯୋଗ କରିଥିଲେ।

# ବିଭିନ୍ନ ସ୍ଥାନରେ ଗୁରୁଦିବସ



## ବୈଦିକ ସ୍କୁଲ

**ବରଗଡ଼, ୭।୯ (ସମିସ)**

ଶିକ୍ଷକ ଦିବସ ଅବସରରେ ବରଗଡ଼ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ୧୫୦ ଜଣ ଶିକ୍ଷକଙ୍କୁ ବୈଦିକ ବିଦ୍ୟାଳୟ ସମୂହ ତରଫରୁ ସ୍ୱାଗତ ଜଣାଇ ଫଳକ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଛି। ବିଦ୍ୟାଳୟ ସମୂହର ବରଗଡ଼ କ୍ୟାମ୍ପସରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ବୈଦିକ ସମ୍ବଲପୁର ହାୟର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ସୁକାନ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ବରଗଡ଼ର ଅଧ୍ୟକ୍ଷା ଗାର୍ଗୀ ଚଟର୍ଜୀ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଓଡ଼ିଆ ଅଧ୍ୟାପକ ଡ.ଶେଷନ ବିଶି ମୁଖ୍ୟ ବକ୍ତା ଭାବେ, ଅଧ୍ୟାପକ ସଂଘମିତ୍ରା ମିଶ୍ର ଅନ୍ୟତମ ବକ୍ତା ଭାବେ, ଅନ୍ୟତମ ସମ୍ମାନିତ ବକ୍ତା ଡ.ପର୍ଶୁରାମ ମିଶ୍ର, ଅବସରପ୍ରାପ୍ତ ରିଡର ଡ.ଉମେଶ ପ୍ରସାଦ ଖାଡଙ୍ଗା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ସହାୟକ ଶିକ୍ଷକ ସୁବାଷ ଚନ୍ଦ୍ର ସାହୁ ଏବଂ ପ୍ରଧାନଶିକ୍ଷକ ଡ.ଅନିରୁଦ୍ଧ କୁରକୁରିଆ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ସାମ୍ବାଦିକ ଜୟ ପ୍ରକାଶ ଶତପଥୀ, ବିଭୁରଞ୍ଜନ ତରାସିଆ, ସକାଳ ଖବରକାଗଜ ଜିଲ୍ଲା ପ୍ରତିନିଧି ସରୋଜ ଷଡଙ୍ଗୀଙ୍କ ସମେତ ଜିଲ୍ଲାର ଶତାଧିକ ଗୁରୁଙ୍କୁ ଉପଢୌକନ ଦେଇ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରେନ୍‌ବୋ ପବ୍ଲିକ୍ ସ୍କୁଲ

**ବରଗଡ଼:** ବରଗଡ଼ ରେନବୋ ପବ୍ଲିକ୍ ସ୍କୁଲ ଏବଂ ରେନବୋ କିଡ୍ସ ପ୍ଲେ ସ୍କୁଲରେ ଶିକ୍ଷକ ଦିବସ ପାଳନ କରାଯାଇଛି। ପ୍ରଧାନଶିକ୍ଷକ ହିମାଂଶୁ ମେହେର ଏବଂ ସଚିବ ଚନ୍ଦନା ରଥ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସରସ୍ୱତୀ ଭିନ୍ନକ୍ଷମ ତାଲିମ କେନ୍ଦ୍ର

**ବରପାଲି:** ବରପାଲି ସରସ୍ୱତୀ ଭିନ୍ନକ୍ଷମ ତାଲିମ କେନ୍ଦ୍ର ପରିସରରେ ସରସ୍ୱତୀ ମହିଳା ସଂଘ ପକ୍ଷରୁ ଗୁରୁ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଚୈତନ୍ୟ ପ୍ରିୟା ବେହେରା ଶୁଭାରମ୍ଭ କରିଥିଲେ। ସଂଘ ସଭାପତି ଲୀଳାବତୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଉପସଭାପତି ପ୍ରତିଭା ବାରିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସଭାପତିଙ୍କ ଦ୍ୱାରା ଅତିଥିଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଶେଷରେ ଦିବ୍ୟାଙ୍ଗ ଶିକ୍ଷାର୍ଥୀ ମାନଙ୍କୁ ମିଷ୍ଟାନ୍ନ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ନିଗ୍ଧାରାଣୀ ଦେବତା, ପୁଷ୍ପା ତ୍ରିପାଠୀ, ବେଦମତୀ ପରିଡ଼ା, ସୌଦାମିନୀ ଖଟୁଆ, ବିଜୟ ଲକ୍ଷ୍ମୀ ତ୍ରିପାଠୀ, ଡ.ସସ୍ମିତା ପଣ୍ଡା, ସୁମନା ଦାଶ, ଅଞ୍ଜଳି ପ୍ରଧାନ,




ସଞ୍ଜୁରାଣୀ ବେହେରା ତଥା ସରସ୍ୱତୀ ଭୌତିକ ଚିକିତ୍ସା ଓ ପୁନର୍ବାସ କେନ୍ଦ୍ରର ପ୍ରଶାନ୍ତ ସାମଲ, ସସୀମ ପଧାନ, ପ୍ରତାପ ବିଶ୍ୱାଳ, ନୂତନ ପଧାନ, ସୁନୀତା କୁମ୍ଭାର ପ୍ରମୁଖ ସହଯୋଗ କରିଥିଲେ।

## ବିକାଶ ହାୟର ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁସନ୍ସ

**ବରଗଡ଼:** ବିକାଶ ହାୟର ଏଜୁକେସ୍ନାଲ ଇଂଷ୍ଟିଚ୍ୟୁସନ୍ସର ପାର୍ବତୀଗିରି ଏକାଡେମିକ୍ ବ୍ଲକ୍ ସ୍ଥିତ କନ୍‌ଭେନ୍‌ସନ୍ ହଲ୍‌ରେ ଡ.ସର୍ବପଲ୍ଲୀ ରାଧାକ୍ରୀଷ୍ଣନ୍‌ଙ୍କ ୧୩୭ତମ ଜନ୍ମତିଥି ଉପଲକ୍ଷେ 'ଗୁରୁପର୍ବ' ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଇଂଷ୍ଟିଚ୍ୟୁସନ୍ସର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା ତଥା ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମେନ୍ ଡି ନାଗେଶ୍ୱର ରାଓ ଉପସ୍ଥିତ ଥିଲେ। ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ସିଏଓ ଇଂ.ଅଜୟ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଉପଦେଷ୍ଟା ପ୍ରସନ୍ନ ଦାଶ, ଅଧ୍ୟକ୍ଷା ଦିପାଞ୍ଜଳି ପଟେଲ, ଅଧ୍ୟକ୍ଷ ଡ.ବିକ୍ରମ ଦାସ, ପ୍ର.ସତ୍ୟବ୍ରତ ମିଶ୍ର, ଡ.ପୂର୍ଣ୍ଣେନ୍ଦୁ ମିଶ୍ର, ଡ.ଶୁଭେନ୍ଦୁ ଶେଖର ମିଶ୍ର, ଡ.ଦିଲିପ ଖମାରି ଏବଂ ଉପାଧ୍ୟକ୍ଷ ଦିପକ ନାୟକ ମଞ୍ଚାସୀନ ଥିଲେ। ବିକାଶ ହାୟର ଏଜୁକେସ୍ନାଲ ଇଂଷ୍ଟିଚ୍ୟୁସନ୍ସ ଅଧୀନ ଅଧ୍ୟାପକ ଅଧ୍ୟାପିକା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଛାତ୍ରଛାତ୍ରୀଙ୍କ ମନୋରଞ୍ଜନ କରିଥିଲେ। ଅଧ୍ୟକ୍ଷ ଡ.କ୍ଷିରୋଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟକ୍ଷ ଡ.ପୂର୍ଣ୍ଣେନ୍ଦୁ ମିଶ୍ର ଏବଂ ଡିନ ଆର୍‌ଏସ୍‌ଭି କ୍ରିଷ୍ଣା ସଂଯୋଜନା ଦାୟିତ୍ୱ ତୁଲାଇଥିଲେ।

## ଗୁରୁ ଦିବସରେ 'ଯମରାଜଙ୍କ ପୃଥିବୀ ଭ୍ରମଣ' ଡ୍ରାମା

**ଝାରବନ୍ଧ:** ଝାରବନ୍ଧ ବ୍ଲକ ନୂଆପଡ଼ା ଗାଁର ମାଁ ବିନ୍ଧ୍ୟବାସିନୀ ସ୍ପୋର୍ଟିଂ ଏବଂ ଜଗନ୍ନାଥ ନାଟ୍ୟ କଳା ପରିଷଦର ମିଳିତ ଆନୁକୂଲ୍ୟରେ ସର୍ବପଲ୍ଲୀରାଧା କ୍ରିଷ୍ଣନଙ୍କ ଜନ୍ମଦିନ ତଥା ଗୁରୁଦିବସ ପାଳନ ହୋଇଯାଇଛି। ଏହି ଅବସରରେ 'ଯମରାଜାଙ୍କ ପୃଥିବୀ ଭ୍ରମଣ' ଡ୍ରାମା ମଞ୍ଚସ୍ଥ ହେବା ସହ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ନାଟ୍ୟ ସଂସଦ ମେନେଜର ଗୋବର୍ଦ୍ଧନ ସାହୁ ଯୋଗଦେଇ ଥିବା ବେଳେ ବିନ୍ଧ୍ୟବାସିନୀ ସ୍ପୋର୍ଟିଂର ସଭାପତି ଅମୃତ ପଟେଲ, ସମ୍ପାଦକ ଜିତେନ୍ଦ୍ର ଧର୍ମବିନାୟକ, କୋଷାଧ୍ୟକ୍ଷ ପ୍ରମୋଦ ଭୋଇ, ଜଗନ୍ନାଥ ନାଟ୍ୟ ସଂସଦ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ବରିହା ଉପସ୍ଥିତ ଥିଲେ। ବନମାଳୀ ରାଉତିଆ ମଞ୍ଚ ପରିଚାଳନା କରିଥିବା ବେଳେ ସଞ୍ଜୟ ପଟେଲ, ବସନ୍ତ ସାହୁ, ଜୟ ବରିହା, ଦୀନବନ୍ଧୁ ଖରସେଲ, ପୁରନ ପାଣ୍ଡେଙ୍କ ସହିତ ଗ୍ରାମବାସୀ ସହଯୋଗ କରିଥିଲେ।









# ୯ରେ ବିଜେଡିର ୮ ଘଣ୍ଟିଆ ବନ୍ଦ ଡାକରା

**ରାଉରକେଲା, ୭।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲାର ବଣାଇଁକୁ ଏନ୍‌ଏସି ଘୋଷଣାରୁ ବାଦ୍ ଦିଆଯିବା ପ୍ରତିବାଦରେ ବିଜେଡି ପକ୍ଷରୁ ଆସନ୍ତା ୯ ତାରିଖରେ ୮ ଘଣ୍ଟିଆ ବଣାଇଁ ବନ୍ଦ ପାଳନ ପାଇଁ ଡାକରା ଦିଆଯାଇଛି। ଆଜି ଏନେଇ ପ୍ରାଶାସନିକ ସ୍ତରରେ ବିଜେଡି ପକ୍ଷରୁ ସୂଚନା ଦିଆଯିବା ସହ ଏହି ଆନ୍ଦୋଳନରେ ପୂର୍ଣ୍ଣ ସହଯୋଗ କରିବା ପାଇଁ ସମସ୍ତ ଜନ ପ୍ରତିନିଧି, ବିଭିନ୍ନ ସଙ୍ଗଠନର ସଦସ୍ୟ, ବୁଦ୍ଧିଜୀବୀଙ୍କୁ ଅନୁରୋଧ କରାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଣାଇଁକୁ ଏନଏସି ଘୋଷଣା କରିସାରିଥିଲେ। କିନ୍ତୁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ବୈମାତୃକ ମନୋଭାବ ପୋଷଣ କରି ବଣାଇଁକୁ ଉପେକ୍ଷା କରୁଛନ୍ତି। ଏଣୁ ଦଳ ତରଫରୁ ଆସନ୍ତା ମଙ୍ଗଳବାର ସକାଳ ୬ ଘଟିକାରୁ ୨ ଘଟିକା ପର୍ଯ୍ୟନ୍ତ ବଣାଇଁ ବନ୍ଦ ଡାକରା ଦିଆଯାଇଛି। ଉକ୍ତ ଦିନ ବିଜୁ ଛକ, ଉପରବହାଲ ଛକ, ନୂଆଗାଁ ଛକରେ ଜାତୀୟ ରାଜପଥ ଅବରୋଧ ସାଙ୍ଗକୁ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଦୋକାନବଜାର ଓ ଗାଡି ଚଳାଚଳ ବନ୍ଦ କରାଯିବ ବୋଲି ପ୍ରେସ ବିବୃତ୍ତିରେ ବିଜେଡି ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଉଲ୍ଲେଖ କରିଛନ୍ତି।

# ୨୫୦ ମେଗା ୱାଟ୍ ଗ୍ରୀଡ୍ ଆଇଲ୍ୟାଣ୍ଡିଂ ସିଷ୍ଟମ୍ କାର୍ଯ୍ୟକ୍ଷମ



**ରାଉରକେଲା, ୭।୯ (ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ବିଦ୍ୟୁତ୍ ବିତରଣ ବିଭାଗ ୨୫୦ ମେଗା ୱାଟ ୟୁନିଟ୍ ଗ୍ରୀଡ୍ ଆଇଲ୍ୟାଣ୍ଡିଂ ସିଷ୍ଟମକୁ ସଫଳତାର ସହ ସିମୁଲେଟ୍ ଏବଂ କାର୍ଯ୍ୟକ୍ଷମ କରିଛି। ଏହି ମାଇଲଖୁଣ୍ଟ କାର୍ଯ୍ୟ ଦକ୍ଷତା ଏବଂ ମୂଲ୍ୟ ନିପୁଣତାରେ ବୃଦ୍ଧି ଆଣିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବା ସହ ଅଧିକ ଲାଭଦାୟକତାରେ ମଧ୍ୟ ଯୋଗଦାନ କରିଛି। ଉଲ୍ଲେଖନୀୟ, ବିଦ୍ୟୁତ୍ ବିତରଣ ବିଭାଗ ଆର୍‌ଏସ୍‌ପିର ଶୀର୍ଷ ପ୍ରବନ୍ଧନର ରଣନୈତିକ ମାର୍ଗଦର୍ଶନ ଏବଂ ପ୍ରେରଣାଦାୟୀ ସମର୍ଥନରେ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ-୧, ପାୱାର ଏବଂ ବ୍ଲୋଇଂ ଷ୍ଟେସନ୍ ଓ ଏନ୍‌ଏସ୍‌ପିସିଏଲ୍ ସହିତ ନିବିଡ ସମନ୍ୱୟ ରଖି ଏହି ଜଟିଳ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସତର୍କତାର ସହିତ ଯୋଜନା ଏବଂ କାର୍ଯ୍ୟକାରୀ କରିଛି। ଏହି ଅବସରରେ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ ଏବଂ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ସମ୍ପୃକ୍ତ ଦଳଙ୍କୁ ଅଭିନନ୍ଦନ ଜଣାଇ ସାମୁଦାୟିକଙ୍କୁ ଆରଏସପିର ବିଜୟ ଧ୍ୱଜାକୁ ସଦା ତରଙ୍ଗାୟିତ କରିବା ଓ ଆରଏସପିକୁ ଉନ୍ନତି ପଥରେ ଆଗେଇ ନେବାକୁ ଆହ୍ୱାନ ଦେଇଛନ୍ତି। ଏକ ଗ୍ରୀଡ୍ ବିଭ୍ରାଟ ସମୟରେ ଉକ୍ତ ବ୍ୟବସ୍ଥା ପରୀକ୍ଷିତ ହୋଇଥିଲା। ଏହାର ସଫଳ କାର୍ଯ୍ୟାନ୍ୱୟନ ପରେ ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ସିପିପି-୨ ବିଭାଗର ଦୁଇଟି କମ୍ ଦକ୍ଷତା ବିଶିଷ୍ଟ ୬୦ ମେଗା ୱାଟ ୟୁନିଟ୍ ବନ୍ଦ କରାଯାଇଛି। ଉଲ୍ଲେଖନୀୟ, ଏହି ୨୫୦ ମେଗା ୱାଟ ଉତ୍ପାଦନକାରୀ ୟୁନିଟ୍ ନା କେବଳ ଉଚ୍ଚ କାର୍ଯ୍ୟଦକ୍ଷତା ସମ୍ପନ୍ନ ଅଟେ ବରଂ ଏହା ଏକ ଅତ୍ୟାଧୁନିକ ସୁବିଧା ମଧ୍ୟ ରହିଛି। ଏହି ୟୁନିଟ୍ ସର୍ବାଧିକ ଉତ୍ପାଦନ କରିବା ସହିତ ୬୦ ମେଗା ୱାଟ୍ ୟୁନିଟ୍ ଗୁଡିକୁ ନିରବଚ୍ଛିନ୍ନ ସଂରକ୍ଷଣରେ ରଖିବା ଦ୍ୱାରା ବାର୍ଷିକ ବ୍ୟବସାୟ ଯୋଜନା ୨୦୨୫-୨୬ ପରିକଳ୍ପନା ଅଧାରରେ କାରଖାନାର ଲାଭଦାୟକତା ଉପରେ ଏକ ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ଆଶା କରାଯାଉଛି।

# ବେଦବ୍ୟାସ ନିୟନ୍ତ୍ରିତ ବଜାରରେ ଓଜନ କଣ୍ଟା ଉଦ୍‌ଘାଟିତ



**ରାଉରକେଲା, ୭।୯ (ସମିସ):** ସ୍ଥାନୀୟ ବେଦବ୍ୟାସ ବଜାର ୟାର୍ଡ ପ୍ରାଙ୍ଗଣରେ ୬୦ ଟନ୍ କ୍ଷମତା ବିଶିଷ୍ଟ ଏକ ଓଜନ କଣ୍ଟା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ବିଧାୟକ ଡ. ରାଜନ ଏକ୍କା ଓ ସମ୍ମାନିତ ଅତିଥି ଭାବେ ପାନପୋଷ ଉପଜିଲ୍ଲାପାଳ ତଥା ପାନପୋଷ ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷ ବିଜୟ କୁମାର ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଓଜନ କଣ୍ଟା ଶୁଭାରମ୍ଭ ପରେ ପିଡିଏସ୍ ଚାଉଳ ଓଜନରେ ସ୍ୱଚ୍ଛତା ଆସିବା ସହ ବାହାର ଟ୍ରକ୍‌ଗୁଡିକ ମଧ୍ୟ ଏହି କଣ୍ଟାରେ ସରକାରୀ ମୂଲ୍ୟରେ ସାମଗ୍ରୀ ଓଜନ କରିପାରିବେ, ଯାହାକି ଅନ୍ୟ କୌଣସି ଘରୋଇ କଣ୍ଟା ଠାରୁ କମ୍ ମୂଲ୍ୟ ବୋଲି ଉପଜିଲ୍ଲାପାଳ ଶ୍ରୀ ନାୟକ କହିଛନ୍ତି। ଏହି ଅବସରରେ ପାନପୋଷ ନିୟନ୍ତ୍ରିତ ବଜାର କମିଟି ଓ ବେଦବ୍ୟାସ ବଜାର କମିଟିର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଗଞ୍ଜେଇ ଜବତ; ମହିଳା ଗିରଫ

**ରାଉରକେଲା, ୭।୯ (ସମିସ):** ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଗଞ୍ଜେଇ ଚାଲାଣ ଅଭିଯୋଗରେ ଗୋପବନ୍ଧୁପାଲି ବସ୍ତିର କୁସୁମ କେରକେଟା (୫୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଠାରୁ ୩ କେଜି ଓଜନର ଗଞ୍ଜେଇ ଓ ୨ ହଜାର ୪୨୦ ଟଙ୍କା ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ରବିବାର ଏସ୍‌ଆଇ ସେବତୀ ସିଂ ନିଜ ଟିମ୍ ସହ ପାଟ୍ରୋଲିଂ କରୁଥିବା ବେଳେ ରେଲୱେ କଲୋନୀ ଇନ୍ଦିରା ନଗର ବସ୍ତି ନିକଟରେ ଥିବା ମହିଳାଙ୍କ ଉପରେ ସନ୍ଦେହ ହୋଇଥିଲା। ସେ ଧରିଥିବା ବ୍ୟାଗ୍ ଯାଞ୍ଚ କରିବା ପରେ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଥିବା ବେଳେ ଜବତ ଗଞ୍ଜେଇର ମୂଲ୍ୟ ପାଖାପାଖି ୩୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି।

## ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦର ନୂଆଁଖାଇ ଭେଟ୍‌ଘାଟ୍

# 'ଭାଇଚାରା ସହ ସାମାଜିକ ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି'





**ରାଉରକେଲା, ୭।୯ (ସମିସ)**

ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ 'ନୂଆଁଖାଇ ଭେଟଘାଟ - ୨୦୨୫' ସ୍ଥାନୀୟ ସିଭିକ୍ ସେଣ୍ଟର୍‌ଠାରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ସ୍ୱରୂପ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ ଓ ରଘୁନାଥପାଲ୍ଲୀର ବିଧାୟକ ଦୁର୍ଗା ଚରଣ ତନ୍ତୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନୁଆଁଖାଇ ଭେଟ୍‌ଘାଟ ମାଧ୍ୟମରେ ଲୋକମାନଙ୍କ ଭିତରେ ଭାଇଚାରା ବଳବତ୍ତର ରହିବା ସହ ସାମାଜିକ ପ୍ରତିବଦ୍ଧତା ସୁଦୃଢ଼ ହେଉଛି ବୋଲି କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ମତବ୍ୟକ୍ତ କରିଥିଲେ। ପଶ୍ଚିମ ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିକୁ ବିକଶିତ କରି ବୃଦ୍ଧିମନ୍ତ କରିବା ପାଇଁ ସାଂସ୍କୃତିକ ପରିଷଦର ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି ବିଧାୟକ ସାରଦା ପ୍ରସାଦ ନାୟକ କହିଥିଲେ। ଭେଟଘାଟ କାର୍ଯ୍ୟକ୍ରମ ପାରମ୍ପରିକ 'ପାହୁର' ଯାତ୍ରା, ମାଆ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ଓ ମହାଆଳତିରୁ ଆରମ୍ଭ ହୋଇଥିଲା। ଏହି ଉପଲକ୍ଷେ ଶ୍ରୀ ପୁଲୀନ ରାଉତରାୟ ଓ ତାଙ୍କ ଦଳଙ୍କ ଦ୍ୱାରା ନୁଆଁଖାଇ ଆଧାରିତ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ହୋଇଥିଲା। ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଢ଼ୀ ପରିଷଦର କାର୍ଯ୍ୟକ୍ରମ ଗୁଡିକର ବିବରଣୀ ଉପସ୍ଥାପନ କରିଥିଲେ। ପରିଷଦର ଇ- ମେଗାଜୀନ 'ଝୁଲକା' ର ସ୍ୱତନ୍ତ୍ର ନୁଆଁଖାଇ ସଂସ୍କରଣ ଏହି ଅବସରରେ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ପରିଷଦର ପ୍ରତିଷ୍ଠାତା ସଦସ୍ୟ ତଥା ସମାଜସେବୀ ସନ୍ୟାସୀ ଯୋଷୀଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଡ. କିଶୋରୀ ଦାଶ, ଶ୍ରୀକାନ୍ତ ଷଡ଼ଙ୍ଗୀ, ଡା. ସୁବୋଧ ମେହେର, ବନ୍ଦନା ବେହେରା, ଆରାଧ୍ୟା ପଣ୍ଡା, ରମେଶ ସୁନା, ସତ୍ୟ ନାୟକ, ଉମେଶ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ପୂର୍ବାହ୍ନରେ କୁଆଁରମୁଣ୍ଡାର ଘୁଙ୍ଗୁର ଡାନ୍ସ ଏକାଡେମୀର କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବନ୍ଦନା ବେହେରା ଓ ଇପ୍ସିତା ପଣ୍ଡା ସଞ୍ଚାଳନ କରିଥିଲା ବେଳେ ସାଂସ୍କୃତିକ ସମ୍ପାଦକ ସୂର୍ଯ୍ୟନାରାୟଣ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସମ୍ବଲପୁରର ଜାତୀୟ ଖ୍ୟାତି ସମ୍ପନ୍ନ କଳାନୁଷ୍ଠାନ 'ପଞ୍ଚବାଦ୍ୟ' ଦ୍ୱାରା ସମ୍ବଲପୁରୀ ରଙ୍ଗାରଙ୍ଗ ବିଚିତ୍ରା କାର୍ଯ୍ୟକ୍ରମ ରାତି ୯ଟା ପର୍ଯ୍ୟନ୍ତ ପରିବେଷଣ କରାଯାଇଥିଲା। ପଦ୍ମପୁରର ପ୍ରତିଭା ସମ୍ପନ୍ନ ଦୂରଦର୍ଶନର ଶିଶୁ କଳାକାର ଆଭା ରାଣୀ ସାହୁ ଚମତ୍କାର ନୃତ୍ୟ ପ୍ରଦର୍ଶନ କରିଥିଲେ। ପରିଷଦର ବରିଷ୍ଠ ସଦସ୍ୟ ଭାଗନା ପାଟି, ଡ. ବିଜୟ ସାହୁ, ଡ. ସନାତନ ପ୍ରଧାନ, ଡ. ଅଜୟ ମିଶ୍ର, ଜୟ ପ୍ରକାଶ ରଥ, ଡାକ୍ତର ବିଜୟ ସାହୁ, ପଦ୍ମଲୋଚନ ବାଗ, ଅଶୋକ ଭଇଁଶା, ଏରିଅର ଜାଲ, ନିବାସ ଦାଶ, ଦେବାଶିଷ ମିଶ୍ର, ଶ୍ରୀପତି ତ୍ରିପାଠୀ, ପ୍ରବୀର ମିଶ୍ର, କେଶବ ସେଠ, ବିମଳ ପ୍ରଧାନ, ଦୁର୍ଗା ସାହୁ, ଡ. ସୁବୋଧ ମେହେର, ମନୋଜ ସେଥ, ଆଲୋକ ମହାପାତ୍ର, ଶୁଭେନ୍ଦୁ ପଣ୍ଡା, ମଦନ ବେହେରା, ଗୌରୀ ପ୍ରଧାନ, ନରେନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ସାଇକଲରେ ପହଞ୍ଚି ସମସ୍ୟା ବୁଝିଲେ ଏସ୍‌ପି





**ରାଉରକେଲା, ୭।୯ (ସମିସ):** ରବିବାର ସକାଳେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ରାଉରକେଲା ରିଙ୍ଗ ରୋଡରେ ସାଇକଲରେ ବୁଲିବା ସହ ବରିଷ୍ଠ ନାଗରିକଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ବୁଝିଥିବା ଦେଖିବାକୁ ମିଳିଥିଲା। ତେବେ ସକାଳୁ ସକାଳୁ ଏସ୍‌ପିଙ୍କୁ ସାଇକେଲରେ ପରିଦର୍ଶନ କରିବା ସାଧାରଣ ଲୋକଙ୍କୁ ଚକିତ କରିଥିବା ବେଳେ ତାଙ୍କୁ ଦେଖିବା ପାଇଁ ଦେଖଣାହାରୀଙ୍କ ମଧ୍ୟରେ ବେଶ୍ କୌତୁହଳ ପରିଲକ୍ଷିତ ହୋଇଥିବା ନଜରକୁ ଆସିଥିଲା। ଏସ୍‌ପି ଶ୍ରୀ ୱାଧୱାନୀ ସାଇକଲିଂ କରି ଉଦିତନଗର ସ୍ଥିତ ତାଙ୍କ ବାସଭବନରୁ ବାହାରି ରିଙ୍ଗରୋଡରେ ପ୍ରାୟ ୧୦ କିଲୋମିଟର ଯାଇ ସିଧାସଳଖ ପହଞ୍ଚିଥିଲେ କୋଏଲନଗରର ପାର୍କଠାରେ। ସେଠାରେ ୪୦ରୁ ୫୦ ଜଣ ବରିଷ୍ଠ ନାଗରିକ ଏକତ୍ରିତ ହୋଇ ବ୍ୟାୟାମ ଓ ପ୍ରାତଃ ଭ୍ରମଣରେ ବ୍ୟସ୍ତ ଥିଲେ। ଏସ୍‌ପି ଶ୍ରୀ ୱାଧୱାନୀଙ୍କୁ ସାଇକେଲରୁ ଓହ୍ଲାଉଥିବା ଦେଖି ସମସ୍ତେ ଚକିତ ହୋଇ ପଡ଼ିଥିଲେ। ବିନା ସୁରକ୍ଷା କର୍ମୀ, ବିନା ପିଏସ୍‌ଓରେ ଏସ୍‌ପିଙ୍କୁ ନେଭି ବ୍ଲୁ ଟ୍ରାଉଜର ଓ ଧଳା ରଙ୍ଗର ଟି-ସାର୍ଟ ସାଧା ପୋଷାକରେ ଦେଖି ତାଙ୍କୁ ଚିହ୍ନଥିବା ବରିଷ୍ଠ ନାଗରିକମାନେ ଆଶ୍ଚର୍ଯ୍ୟ ହେବା ସହ ତାଙ୍କୁ ପାର୍କ ଭିତରକୁ ପାଛୋଟି ନେଇଥିଲେ। ଏହାପରେ ଏସ୍‌ପି ସେମାନଙ୍କ ସମସ୍ୟା ସବୁ ଗୋଟି ଗୋଟି କରି ଶୁଣିଥିଲେ। ସମ୍ପ୍ରତି ରାଉରକେଲା ପୁଲିସ ଦ୍ୱାରା ଅପରାଧ ରୋକିବା ନିମନ୍ତେ ନିଆଯାଇଥିବା ବିଭିନ୍ନ ଅଭିନବ ପଦକ୍ଷେପଗୁଡ଼ିକର ପ୍ରଶଂସା କରିବା ସହ ଏଥିପାଇଁ ସେମାନେ ଏସ୍‌ପିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ତଥାପି ପୁଲିସକୁ ଆହୁରି କ୍ରିୟାଶୀଳ କରିବା ସହ କୋଏଲନଗର ଅଞ୍ଚଳରେ ପର୍ଯ୍ୟାପ୍ତ ଆଲୋକିକରଣ ପାଇଁ ସେମାନେ ଏସ୍‌ପିଙ୍କୁ ଅନୁରୋଧ କରିଥିଲେ। ଏଥିସହ ଝିରପାଣି ଥାନାରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ହେଲ୍ପ ଡେସ୍କ ଖୋଲିବା ପାଇଁ ସେମାନେ ଏସ୍‌ପିଙ୍କୁ ଅନୁରୋଧ କରିଥିଲେ। ସମସ୍ତ ସମସ୍ୟା ଶୁଣିବା ପରେ ଏହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଏସ୍‌ପି ଶ୍ରୀ ୱାଧୱାନୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ଆନ୍ତଃ ବିଦ୍ୟାଳୟ ଫୁଟବଲ୍ ପ୍ରତିଯୋଗିତା

**ରାଉରକେଲା, ୭।୯ (ସମିସ):** ସ୍ଥାନୀୟ ସେକ୍ଟର - ୬ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଆଲୁମିନିଙ୍କ ମିଳିତ ପ୍ରୟାସରେ ବିଦ୍ୟାଳୟର ପୁରାତନ ଛାତ୍ର ସଂଘ ଦ୍ୱାରା ଏକ ଆନ୍ତଃସ୍କୁଲ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ର ତଥା ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟିର ଅଧ୍ୟକ୍ଷ ତଥା ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟିର ଅଧ୍ୟକ୍ଷ ହୀରାଲାଲ ମହାପାତ୍ର, ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ପାତ୍ର, ପ୍ରଧାନ ଶିକ୍ଷକ ସହଦେବ ମହାକୁଡ ମଞ୍ଚାସୀନ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁସ୍ମିତା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ୮ ଟି ବିଦ୍ୟାଳୟର ଛାତ୍ରମାନେ ଭାଗ ନେଇଥିଲେ। ଏଥିରେ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଗୁଡିକୁ ପ୍ରଫୁଲ୍ଲ ଜେନା, ମହେଶ ନାଗ, ତେଜ ରାଜ ବେହେରା, ନାଗେଶ୍ୱର ତନ୍ତି, ଏସ୍‌କେ ଅଲ୍ଲୀ ପରିଚାଳନା କରିଥିଲେ। ସଂଗଠନ ସମ୍ପାଦକ ତଥା ଜାତୀୟ ରେଫରୀ ଭାସ୍କର ନନ୍ଦ ଓ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ମାନିକ ଲାଲ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ପଞ୍ଚାନନ ମହାପାତ୍ର, ରଞ୍ଜନ ଜେନା, ପପୁ ଛତ୍ରିଆ, ରବୀନ୍ଦ୍ର ସେଠୀ, ପ୍ରୀତି ରାଣୀ ସାମନ୍ତରାଏ, ଗୁରୁଚରଣ ମହାନ୍ତି, ଅଲିଅଳ ବେହେରା, ଅନିଲ ବିଶ୍ୱାଳ, ପ୍ରଫୁଲ୍ଲ ଦାସ, ଦିଲିପ ଲେଙ୍କା, ଲୋକେଶ ରାଉତ, ସରୋଜ ଚନ୍ଦ୍ର ପରିଡ଼ା, ଚରଣ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ସିରିଜ୍ ଦୁର୍ଘଟଣା; ଜଣେ ଗୁରୁତର

**ରାଉରକେଲା, ୭।୯ (ସମିସ):** ବୀରମିତ୍ରପୁର ଥାନା ୧୪୩ ନଂ ଜାତୀୟ ରାଜପଥର ଷ୍ଟେସନ ଛକ ନିକଟସ୍ଥ ଡନ ବସ୍କୋ ସ୍କୁଲ ସମ୍ମୁଖରେ ଏକ କାର ସିରିଜ୍ ଦୁର୍ଘଟଣା କରିଛି। ଏଥିରେ ଜଣେ ଗୁରୁତର ହେବା ସହ ୨ ଜଣ ଆହତ ହୋଇଛନ୍ତି। କାର ନଂ (ଓଡି -୧୪ ଏବି-୬୪୦୦) କୁଆଁରମୁଣ୍ଡା ପଟୁ ବୀରମିତ୍ରପୁର ଆଡ଼କୁ ଆସୁଥିବାବେଳେ ଅପରପକ୍ଷରୁ ଆସୁଥିବା ବାଇକ ନଂ (ଓଆର୍-୧୪ ଏସ-୬୪୨୧)କୁ ସିଧାସଳଖ ଧକ୍କା ଦେବା ପରେ ଆଉ ଏକ ବାଇକ (ଓଡ଼ି-୧୪ଏଜେ-୮୧୦୯)କୁ ଧକ୍କା ଦେଇ ଗାଡ଼ିଟି ଓଲଟି ପଡ଼ିଥିଲା। ବୀରମିତ୍ରପୁର ଡାକ୍ତରଖାନାରେ ଆହତ ବିସ୍ମୟ ମହାନ୍ତି ଓ ସୁରେନ୍ଦ୍ର କୁମାରଙ୍କୁ ଚିକିତ୍ସା କରାଯାଇଥିବା ବେଳେ ଗୁରୁତର ବିକାଶ ସାହୁଙ୍କୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି। ବୀରମିତ୍ରପୁର ପୁଲିସ ପହଞ୍ଚି କାର ଚାଳକକୁ ଅଟକ ରଖିବା ସହ ଗାଡ଼ି ଗୁଡ଼ିକୁ ଜବତ କରିଛି।

# ବଣାଇଁରେ ସାର କଳାବଜାର ସହ ବଢୁଛି ଚୋରାଚାଲାଣ

**ବଣାଇଁ, ୭।୯ (ସମିସ):** ବଣାଇଁ ଅଞ୍ଚଳରେ ସାର କଳାବଜାରୀ ସହ ଚୋରା ଚାଲାଣ ବଢୁଥିବା ଅଭିଯୋଗ ହୋଇଛି। ଏପରିକି ଏକ ସାର ଚୋରା ଚାଲାଣ ହେଉଥିବା ବେଳେ ବଣାଇଁ ପୁଲିସ ତାହାକୁ ଜବତ କରିଥିବା ରବିବାର ନଜରକୁ ଆସିଛି। ଚଳିତ ବର୍ଷ ବଣାଇଁ ଅଞ୍ଚଳରେ ଭଲ ବର୍ଷାକୁ ଦେଖି ଚାଷୀ ରୁଆ ବେଉଷଣ କାମ ସାରିଛନ୍ତି। ଏହି ସମୟରେ ଅଧିକ ମାତ୍ରାରେ ସାର ଆବଶ୍ୟକ ହୋଇଥିବା ବେଳେ ଚାଷୀଭାଇମାନେ ଆବଶ୍ୟକ ଅନୁସାରେ ସାର ନପାଇବାରୁ କଳାବଜାରୀଙ୍କଠାରୁ ସାର କିଣି ଶୋଷଣର ଶିକାର ହେଉଛନ୍ତି। ବିଶେଷ ଭାବେ ସରସରା ବଲାଙ୍ଗ, ବନ୍ଧା ଭୂଇଁ, ଭାଲୁ ପାଣି ଇତ୍ୟାଦି ଅଞ୍ଚଳରେ ଲୋକେ ଆବଶ୍ୟକ ଅନୁସାରେ ସାର ନପାଇ ବେପାରୀଙ୍କ ଠାରୁ ତିନି ଗୁଣ ଚଢ଼ା ଦରରେ ସାର କିଣୁଛନ୍ତି। ଯାହା ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ଚାଷୀମାନେ ମୁଖ୍ୟତଃ କୃଷି ସମବାୟ ସମିତି ମାଧ୍ୟମରେ ସରକାରୀ ଦରରେ ସାର କିଣିଥାନ୍ତି। ସରସରା ବଲାଙ୍ଗ ଲ୍ୟାମ୍ପରେ ସାର ଅଭାବରୁ ଚାଷୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଣାଇଁର ବିଭିନ୍ନ ସ୍ଥାନରେ ସାରର କଳାବଜାରୀ ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। କିଛି ଦୋକାନୀ ସରକାରୀ ଦରର ଦୁଇ ରୁ ତିନି ଗୁଣା ଅଧିକ ମୂଲ୍ୟରେ ସାର ବିକ୍ରି କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଏପରି ସ୍ଥଳେ ଆଜି ସନ୍ଧ୍ୟାରେ ବଣାଇଁ କନ୍ତଯୋଡି ପେଟ୍ରୋଲ ପମ୍ପ ନିକଟରେ ୟୁରିଆ ସାର ବେଆଇନ ଭାବେ ଚୋରାଚାଲାଣ ହେଉଥିବା ଦେଖିବାକୁ ମିଳିଥିଲା। ଖବର ପାଇ ବଣାଇଁ ପୁଲିସ ସାର ସହିତ ଟ୍ରକକୁ ଜବତ କରି ଥାନାରେ ଅଟକ ରଖିଛି। ଉକ୍ତ ଟ୍ରକ୍‌ରୁ ବେଆଇନ ଭାବେ ଏକ ଅଟୋ ଯୋଗେ ସାର ବୋଝେଇ ହୋଇ ଅନ୍ୟ ଏକ ସ୍ଥାନକୁ ଯାଉଥିବା ବେଳେ ଅଟୋକୁ ମଧ୍ୟ ଜବତ କରି ତଦନ୍ତ ଆରମ୍ଭ କରିଛି ପୁଲିସ।

॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥



୰ ଶ୍ରୀ ଅଭିରାମ ବେହେରା

କନ୍ଦରପୁର, ଦରଡ଼ାପାରି (ଗରାମ), ଜଗତସିଂହପୁର

ଧରାବତରଣ- ୧୫.୧୧.୧୯୫୩

ସର୍ଗାରୋହଣ- ୨୯.୦୮.୨୦୨୫

ଚାହୁଁ ଚାହୁଁ ୧୧ ଦିନ ବିତିଗଲା, ଆଜି ବି ଅପେକ୍ଷା କରିଛୁ ଆପଣଙ୍କ ଫେରିବାବାଟକୁ। ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶିର୍ବାଦ, ଆମ ଉପରେ ସବୁଦିନ ପାଇଁ ରହିଥାଉ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-: ଶୋକସନ୍ତପ୍ତ :-

ସ୍ତ୍ରୀ - ଅନସୂୟା ବେହେରା, ପୁତ୍ର-ପୁତ୍ରବଧୂ, ଆଲୋକ, ଅମୀୟ, ଡକ୍ଟର ଦୀପଶିଖା, ଡକ୍ଟର ପ୍ରଦ୍ୟୋତି ବେହେରା, ନାତି-ନାତୁଣୀ, ଆଦର୍ଶ, ଆଦିତ୍ୟ, ଆଦ୍ୟାଶା, ଅସ୍ମିତା, ବନ୍ଧୁ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

ବର୍ତ୍ତମାନ ସ୍ଥାୟୀ ଠିକଣା: ପ୍ଲଟ୍ ନଂ.୧୦୪/୨୦୧୭, ପାରାଦ୍ୱୀପ କଲୋନୀ, କଳିଙ୍ଗ ବିହାର, ଭୁବନେଶ୍ୱର

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ପ୍ରଫୁଲ୍ଲ କୁମାର ରାଉତ

ତିଳପଦା, ଢେଙ୍କାନାଳ

ଆବିର୍ଭାବ: ୦୫.୦୯.୧୯୪୩ / ତିରୋଧାନ: ୨୯.୦୮.୨୦୨୫

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଦାରବିନ୍ଦରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:

ପ୍ରକାଶ କୁମାର ରାଉତ, ପ୍ରବିଣ କୁମାର ରାଉତ, ପ୍ରଶାନ୍ତ କୁମାର ରାଉତ, ନମିତା ରାଉତ, ଜ୍ୟୋତିର୍ମୟୀ ରାଉତ, ଆନନ୍ଦିତା ରାଉତ, ରିନା, ଡୁମୁକି, ନାତି ନାତୁଣୀ, ବନ୍ଧୁ ଓ ପରିବାରବର୍ଗ

# ବେଡସିଟ୍ ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା, ୭।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଉଷ୍ରା କଲୋନୀରେ ଶନିବାର ରାତିରେ ଜଣେ ଯୁବକ ବେକରେ ବେଡସିଟ୍ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଉକ୍ତ ଗ୍ରାମର ବେଣୁଧର ପାନ (୨୮) ଶନିବାର ରାତିରେ ନିଜ ଶୋଇବା ଘରେ ଆତ୍ମହତ୍ୟା କରିଥିଲେ। ସକାଳେ ବେଣୁଧର ଆତ୍ମହତ୍ୟା କରିଥିବା ଦେଖି ଚିକିତ୍ସା ପାଇଁ ଲାଇଙ୍ଗ ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ବର୍ଗ କୁଆଁରମୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

## ତେଲିଙ୍ଗିବାଜା ପତ୍ରିକାର ପାର୍ବଣ ସଂଖ୍ୟା ଲୋକାର୍ପିତ

# 'ନିର୍ଲିପ୍ତ ଦେଶଭକ୍ତ ସୃଷ୍ଟି ପାଇଁ ଶିଶୁ ସାହିତ୍ୟ ଲେଖାହେଉ'



**ରାଉରକେଲା, ୭।୯ (ସମିସ):** ଆଧୁନିକ ବିଜ୍ଞାପନ ପ୍ରତି ଶିଶୁମାନଙ୍କୁ ଆକୃଷ୍ଟ କରିବା ସଙ୍ଗେ ସଙ୍ଗେ ନିର୍ଲିପ୍ତ ଦେଶ ସେବକ ଗଠନ ନିମନ୍ତେ ଶିଶୁ ସାହିତ୍ୟ ରଚନା ଲେଖାହେଉ। ବେଦବ୍ୟାସ ସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମ ପରିସରରେ ଅୟୋଜିତ ତ୍ରୟ ମାସିକ ଶିଶୁ-କିଶୋର ପତ୍ରିକା 'ତେଲିଙ୍ଗିବାଜା'ର ପାର୍ବଣ ସଂଖ୍ୟା ଲୋକାର୍ପଣ ଉତ୍ସବରେ ଯୋଗଦେଇ ବକ୍ତାମାନେ ଏପରି କହିଛନ୍ତି। ଲୋକାର୍ପଣ କାର୍ଯ୍ୟକ୍ରମରେ ବରିଷ୍ଠ ବିଜ୍ଞାନ ଲେଖିକା ଡଃ ସରୋଜିନୀ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ରଶ୍ମିବାଳା ରାଉତରାୟ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଶିଶୁ ସାହିତ୍ୟିକ ଚିତ୍ତରଞ୍ଜନ ବ୍ରହ୍ମା ଶିଶୁକୁ ସାମାଜିକ ସମସ୍ୟା ଠାରୁ ଦୂରେଇ ରଖି ଉପାଦେୟ ସାହିତ୍ୟ ଉପହାର ଦେଇ ପଠନମନସ୍କ କରାଗଲେ ଶିଶୁ ସାହିତ୍ୟ ସମୃଦ୍ଧ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ବକ୍ତା ବରିଷ୍ଠ ସାହିତ୍ୟିକ ମଞ୍ଜୁଳା କୁମାରୀ ରଥ ଅମୃତର ସନ୍ତାନ ଶିଶୁଙ୍କୁ ନିର୍ଭୀକ କରାଇବାକୁ ଆଧ୍ୟାତ୍ମିକ ଜ୍ଞାନ ସହିତ ବିଜ୍ଞାନ କାହାଣୀ ଅଧିକ ଫଳପ୍ରଦ ହେବ ବେଲି କହିଥିଲେ। ଅନ୍ୟତମ ସମ୍ମାନିତ ବକ୍ତା ବିଶିଷ୍ଟ ଲେଖକ ଅନନ୍ତ କୁମାର ସେନାପତି ଶିଶୁ ସାହିତ୍ୟକୁ ବିଶ୍ୱର ସର୍ବଶ୍ରେଷ୍ଠ ସାହିତ୍ୟ ରୂପେ ଅଭିହିତ କରିଥିଲେ। ଆଚାର୍ଯ୍ୟ ଡଃ ଦେବବ୍ରତଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ପତ୍ରିକାର ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ସହସମ୍ପାଦିକା କମଳା ବାରିକ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସହଯୋଗୀ ସମ୍ପାଦକ ପି. ତ୍ରୈଲୋକ୍ୟନାଥ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ କବି ସ୍ନେହଲତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ କବି ହରିହର ବେହେରା ମୁଖ୍ୟଅତିଥି, କବି ବିଜୟ ମିଶ୍ର ସମ୍ମାନିତ ଅତିଥି, ହରପ୍ରିୟା ସାମଲ, ଅଶୋକ ପାତ୍ର, ସତ୍ୟବ୍ରତ ଦାସ ସଂଯୋଜକ ଭାବେ ଯୋଗ ଦେଇଥିଲେ। କବି ପୁଷ୍ପଲତା ପଟେଲ, ଦୀପ୍ତି ମହାନ୍ତି, ସୁନୀଲ ମହାନ୍ତି, ଆରତୀ ବେହେରା, ସୁବର୍ଣ୍ଣ ଦତ୍ତ, ଡଲି ରାଣୀ ବ୍ରହ୍ମା, ମନୋରଞ୍ଜନ କଣ୍ଡା, ନିକୁଞ୍ଜ ବିହାରୀ ଦାଶ, ପ୍ରଶାନ୍ତ ଦାସ, ଗୁଣନିଧି ପ୍ରଧାନ, ପ୍ରବିଣ ପାତ୍ର, ହୃଷିକେଶ ସାହୁ, ଅନିଲ ସରାଫ, ଶୁଚିସ୍ମିତା ପଣ୍ଡା, ତୀର୍ଥବାସୀ ପଟେଲ, ଡଃ. ଅନଙ୍ଗ ପ୍ରହରାଜ, ଡଃ. ଉମାକାନ୍ତ ପଣ୍ଡା, ଡୁଳମଣି ପଟେଲ, ଅଜୟ ମହାନ୍ତି ପ୍ରମୁଖ ୪୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ନିକୁଞ୍ଜ ବିହାରୀ ଦାଶ ଓ ଶୁଚିସ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ କଫ ସିରପ୍ ଚାଲାଣ, ୨ କୋର୍ଟଚାଲାଣ

ଝାରସୁଗୁଡ଼ା,୭।୯ (ସମିସ):



ଝାରସୁଗୁଡ଼ା ଜିଲ୍ଲାରେ ପୁଣି ବେଆଇନ କଫ୍ ସିରପ କୋରେକ୍ସ ବେପାରୀ ମାତିଛନ୍ତି। ବେଆଇନ କଫ ସିରପ ଚାଲାଣ ଅଭିଯୋଗରେ ଟାଉନ ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଛି। ଶନିବାର ଏସଏଚ ୧୦ ବିଜୁ ଏକପ୍ରେସ ୱେ ଦେଇ ସୁନ୍ଦରଗଡ ଅଞ୍ଚଳରୁ ବେଆଇନ କଫ ସିରପ ଚାଲାଣ ହେଉଥିବା ନେଇ ଝାରସୁଗୁଡ଼ା ଟାଉନ ଥାନା ପୁଲିସକୁ ସୂଚନା ମିଳିଥିଲା। ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଟିମ ଗଠନ କରାଯାଇ ବିଜୁ ଏକ୍ସପ୍ରେସ ୱେରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ସର୍ବାହାଲ ବାଇପାସ ନିକଟ ନିଖିଳ ଢାବା ନିକଟରେ ସୁନ୍ଦରଗଡ ପଟରୁ ଆସୁଥିବା ଏକ କାରରୁ ୧୨ ପେଟି କୋରେକ୍ସ କଫ ସିରପ ଜବତ କରାଯାଇଥିଲା। ଏନେଇ ପୁଲିସ ତରଫରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହା ସହିତ ଦୁଇ ଅଭିଯୁକ୍ତ ବଡମାଲ ଥାନା ଖେରୁଆଲ ଅଞ୍ଚଳର ରଞ୍ଜନ ଭଇସା (୨୬) ଓ ଗରିଆଡିହି ଆର ଆର କଲୋନୀର ସୁରେନ୍ଦ୍ର ମହାକୁଡ (୩୮)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ମାନଙ୍କ ନିକଟରୁ ୧୨ ପେଟି ୧୨୦ ୱଇଙ୍ଗ କୋଡାଇନ ଫୋସ୍ଫେଟ ଓ ଟ୍ରିପ୍ରୋଲିଡିନ ହାଇଡ୍ରୋକ୍ଲୋରାଇଡ ସିରପ, ୧୦୦ ଏମଏଲ ବିଶିଷ୍ଟ ୧୪୪୦ ବୋତଲ(୧୪୪ଲିଟର) ଓନରେକ୍ସ ସିରଫ ଜବତ କରାଯାଇଥିବା ନେଇ ଝାରସୁଗୁଡ଼ା ପୁଲିସ ପକ୍ଷରୁ ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି।

# ପାନୀୟ ଜଳ ପ୍ରକଳ୍ପ ଅଚଳ, ଜନସାଧାରଣ କଲବଲ



ଝାରସୁଗୁଡ଼ା,୭।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଚାନ୍ଦିନୀମାଲ ପଞ୍ଚାୟତ ଅଧୀନ ବରପାଲି ଗାଁରେ ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇଛି। ଫଳରେ ଲୋକେ ନଦୀ, ନାଳ, ବନ୍ଧର ଗୋଳିଆ ପାଣି ପିଇବାକୁ ବାଧ ହେଉଛନ୍ତି। ବରପାଲି ଫୁଟବଲ୍ ପଡିଆ ନିକଟରେ କିଛି ବର୍ଷ ତଳେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ବସୁଧା ଯୋଜନାରେ ଓଭର୍ ହେଡ ଟାଙ୍କି ନିର୍ମାଣ ହୋଇଥିଲା। ଏହାକୁ ନେଇ ଲୋକେ ବିଶୁଦ୍ଧ ପିଇବା ପାଣି ପାଇବା ନେଇ ଖୁସି ହୋଇଥିଲେ। କିନ୍ତୁ ଗତ ୫ ମାସ ହେଲା ପାଣି ଟାଙ୍କି ଅଚଳ ଅବସ୍ଥାରେ ପଡିରହିଛି। ଫଳରେ ବରପାଲି ଗାଁର ଗୋବିନ୍ଦପୁର, ବଢ଼େଇ ପଡା, କିସାନ୍ ପଡା, ତେଲେଲପଡା, ଉପର ପଡା ଓ ବସ୍ତିପଡାର ପ୍ରାୟ ୧୫୦ ପରିବାର ଲୋକେ ପିଇବା ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ଗୋଳିଆ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଏଣୁ ଗାଁରେ ପିଲାଠୁ ବୟସ୍କ ଅନେକ ଚର୍ମରୋଗ ସହ ଝାଡା ବାନ୍ତି ଆଦି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ସଙ୍ଗେ ସଙ୍ଗେ ପାଚେରି ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରୁଥିବା ବେଳେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଗ୍ରାମବାସୀ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାନଗଲେ ଗ୍ରାମବାସୀ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଗୋରୁ ଚୋରା ଚାଲାଣ, ୩ କୋର୍ଟଚାଲାଣ

ଝାରସୁଗୁଡ଼ା,୭।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଞ୍ଚଳରୁ ରେଙ୍ଗାଲି ପୁଲିସ ପକ୍ଷରୁ ବେଆଇନ ଗୋ ଚାଲାଣ ଅଭିଯୋଗରେ ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବେଆଇନ ଗୋ ଚାଲାଣ ହେଉଥିବା ନେଇ ରେଙ୍ଗାଲି ପୁଲିସକୁ ସୂଚନା ମିଳିବା ପରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୫ ଟି ଗାଇ ଉଦ୍ଧାର କରାଯାଇଛି। ଏହାସହ ବେଆଇନ ଗୋ ଚାଲାଣ ଅଭିଯୋଗରେ ତିନି ଅଭିଯୁକ୍ତ ଗୌତମ ନାଏକ, ସୁବୋଧ ନାଏକ ଓ ଅତୁଲ୍ୟ ନାଏକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ମାନଙ୍କ ନିକଟରୁ ଏକ ଏସୟୁଭି କାର, ତିନୋଟି ମୋବାଇଲ ଫୋନ ଜବତ କରାଯାଇଥିବା ପୁଲିସ ତରଫରୁ ସୂଚନା ଦିଆଯାଇଛି।




# ଧୁତୁରାରେ ନୂଆଁଖାଇ ଭେଟ୍‌ଘାଟ୍

ଝାରସୁଗୁଡ଼ା/କିର୍ମିରା,୭।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ଅର୍ଡା ପଞ୍ଚାୟତ ଧୁତରା ଗାଁ ୱାର୍ଡ ନଂ. ୭ ସ୍ଥିତ ଜମ୍ବୋ ନିବାସରେ ଗଡଦେବୀ କ୍ଲବ୍ ରାଧାମାଧବ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଗାଁବାସୀଙ୍କ ପ୍ରଚେଷ୍ଟାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ମହାସମାରୋହରେ ପାଳନ କରାଯାଇଛି। ସହ କେଶବ ଚନ୍ଦ୍ର ନାଏକଙ୍କ ତତ୍ତ୍ୱାବଧାନ ଓ ଗାଁର ଟେକଚାନ୍ଦ ହଲୁଆ, ପୁରୁଷୋତ୍ତମ କଳାର, ନରୋତ୍ତମ ସା, ପ୍ରଦୀପ ଦେ, ଗୋପାଳ କଳାର, କ୍ରୀଷ୍ଣା ଜୟସ୍ୱାଲ, ଚୂଡାମଣୀ ସାହୁ, ଯୁଗଳ କିଶୋର କେଶରୀ, ନନ୍ଦ କିଶୋର କେଶରୀ ପ୍ରମୁଖଙ୍କ ନେତୃତ୍ୱରେ ଭେଟଘାଟ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଈଶ୍ୱର ଚନ୍ଦ୍ର ବୁଢା, ଭଗବାନ ହଲୁଆ, ବୃନ୍ଦାବନ ଦେ, ଶତ୍ରୁଘ୍ନ ପ୍ରଧାନ, ଅନିରୁଦ୍ଧ କଳାର, ରାମବିଳାସ ଡନସନା, ପରମାନନ୍ଦ ପ୍ରଧାନ, ଭୁବନେଶ୍ୱର ଡନସନା, ବାବୁଲି ବେହେରା, ସୁମିତ୍ରା କଳାର, ସୁଲୋଚନା ହଲୁଆ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଛୋଟଛୋଟ ପିଲାଙ୍କ ଦ୍ୱାରା ରେକର୍ଡ ଡ୍ୟାନ୍ସ ସହ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ, ମହିଳାଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ଖେଳ ଆଜି ଆୟୋଜିତ କରାଯାଇ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ପିଲା, ପୁରୁଷ ଓ ସ୍ତ୍ରୀ ମଞ୍ଚାସୀନ ଥିବା ବୟୋଜ୍ୟେଷ୍ଠଙ୍କୁ ନୂଆଁଖାଇ ଜୁହାର କରି ଆଶୀର୍ବାଦ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସୀତାରାମ ମଲ୍ଲିକ ପରିଚାଳନା କରିଥିଲେ। ଶେଷରେ କେଶବ ଚନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



# ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କ ପ୍ରଶିକ୍ଷଣ ଶିବିର

ଝାରସୁଗୁଡ଼ା,୭।୯ (ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ଜିଲ୍ଲା ଏବଂ ଦୌରାଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ନୂତନ ଭାବେ ଚୟନ ହୋଇଥିବା ପାରା ଲିଗାଲ ସ୍ୱେଚ୍ଛାସେବୀ ମାନଙ୍କର ଏକ ଦିଗ ନିର୍ଦ୍ଦେଶ ପ୍ରଶିକ୍ଷଣ ଶିବିର ପ୍ରାଧିକରଣର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ରୀ ନାୟକ ପାରା ଲିଗାଲ ସ୍ୱେଚ୍ଛାସେବୀ ମାନଙ୍କର ଉଦ୍ଦେଶ୍ୟ ଏବଂ ଭୂମିକା, ସେମାନେ ପାଇଁ କ'ଣ କରିବେ ଏବଂ କ'ଣ କରିବେ ନାହିଁ, ସ୍ୱେଚ୍ଛାସେବୀ ମାନଙ୍କ ପୋଷାକ ସଂହିତା ଏବଂ ଆଚରଣର ମାନଦଣ୍ଡ, ନୀତିଶାସ୍ତ୍ର ଇତ୍ୟାଦି ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ପରିବାର ଅଦାଲତର ବିଚାରପତି ଲୋକନାଥ ସାହୁ ସମ୍ବିଧାନର ମୌଳିକ ଗଠନ, ପ୍ରସ୍ତାବନା, ସମାଜର ଅବହେଳିତ ବର୍ଗଙ୍କ ପ୍ରତି ସମ୍ବିଧାନ ଅନୁଯାୟୀ ରାଷ୍ଟ୍ରର କର୍ତ୍ତବ୍ୟ ଓ ମୌଳିକ ଅଧିକାର ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତିରଞ୍ଜନ ମହପାତ୍ର ସମ୍ବିଧାନର ଧାରା ୩୯ (କ) ଏବଂ ଆଇନ ସେବା ପ୍ରାଧିକରଣ ଆଇନ, ୧୯୮୭ ଏବଂ ଏନ୍ଏଲ୍ଏସ୍ଏ ନିୟମାବଳୀ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ପ୍ରତ୍ୟୁଷା କିରଣ ସମାଜ ପ୍ରତି ଜଣେ ଦାୟିତ୍ୱବାନ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ବିଧାୟକଙ୍କ ଅଭିଯୋଗ ଶୁଣାଣି

ଦେବଗଡ଼,୭।୯ (ସମିସ): ବାରକୋଟ ବ୍ଲକ୍ ସଦର ମହକୁମାରେ ଶନିବାର ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବାରକୋଟ ସ୍ଥିତ ବିଧାୟକଙ୍କ ନିଜସ୍ୱ କାର୍ଯ୍ୟାଳୟରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଜନସାଧାରଣ ଆଣିଥିବା ୨୩ଟି ବ୍ୟକ୍ତିଗତ ଏବଂ ସାମୂହିକ ଅଭିଯୋଗ ଶୁଣିଥିଲେ। ଏଥିସହ ଅଭିଯୋଗ ହୋଇଥିବା ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ ପ୍ରତଶ୍ରୁତି ଦେଇଥିଲେ। ଏପରିକି ବିଭାଗୀୟ ଅଧିକାରୀଙ୍କ ସହ ଫୋନ ଜରିଆରେ ଯୋଗାଯୋଗ କରି ସମସ୍ୟାର ତୁରନ୍ତ ସମାଧାନ ପାଇଁ ପରାମର୍ଶ କରିଥିଲେ। ଏହି ଅବସରରେ ରାସ୍ତା ମରାମତି ଓ ନୂତନ ରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟ, ପାନୀୟଜଳ ଓ ବିଦ୍ୟୁତ ସମସ୍ୟା ନେଇ ବାରକୋଟ ବ୍ଲକ୍‌ର ବିଭିନ୍ନ ଗାଁରୁ ଲୋକ ଅଭିଯୋଗ କରିଥିଲେ।

# ଖୁନ୍ତାମାଲରେ ଶ୍ରୀମଦ ଭାଗବତ ଏକାଦଶ ସ୍କନ୍ଦ ପାରାୟଣ

ଝାରସୁଗୁଡ଼ା,୭।୯ (ସମିସ): ଝାରସୁଗଡ଼ା ଜିଲ୍ଲା ଲଇକେରା ବ୍ଲକ୍ ଅଧୀନ ଖୁନ୍ତାମାଲ ଗାଁର ଜଗନ୍ନାଥ ମଣ୍ଡପ ଠାରେ ଶ୍ରୀମଦ ଭାଗବତ ଏକାଦଶ ସ୍କନ୍ଦ ମହାପୁରାଣ ପାରାୟଣ ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଏକ ସପ୍ତାହ ଧରି ଏହି ପାରାୟଣ ଗାନ କରାଯାଇଥିଲା। ସଭାପତି ପୁରସ୍ତମ ସାହୁ, ସମ୍ପାଦକ ପବିତ୍ର ମୋହନ ସାହୁ, କର୍ତ୍ତା ଭାବେ ଜଗବନ୍ଧୁ ସାହୁ ଓ ଖୋଳଶା ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ଭାବେ ଭିକାରୀ ଚରଣ ପାଣଗ୍ରାହୀ, କେଦାର ପାଣିଗ୍ରାହୀ, ବୈଷ୍ଣବ ଚରଣ ପାଣଗ୍ରାହୀ ପୁଜାର୍ଚ୍ଚନା କରିଥିଲେ। ରବିବାର କଳସ ସଂସ୍ଥାପନ ଓ ଭଗବାନ ବାସୁଦେବଙ୍କ ଭାଗବତ ପାରାୟଣ, ବୁଧବାର ଦିନ ଏକାଦଶ ସ୍କନ୍ଦ ପାରାୟଣ, ଭାଗବତ ପାରାୟଣ ଗାନ ଓ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁର ଜିଲ୍ଲାର ଗୋଲମୁଣ୍ଡା ଗାଁର ଭାଗବତ ପ୍ରବଚକ, ସଙ୍ଗୀତକାର ତଥା କଥାକାର ଭରତ ଚନ୍ଦ୍ର ବରର୍ଗ୍ତି, ଟାମ୍ପରକେଳା ଗାଁର ସଚିତା ସାହୁ ଏବଂ ତାଙ୍କ ସହିତ ସହ କଳାକାର ପାରାୟଣ ଗାନ କରିଥିଲେ। ଶନିବାର ଓ ରବିବାର ଧନୁଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାପରେ ଯଜ୍ଞ ପରେ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ କରାଯାଇଥିଲା। ସୁଭାକର ବେହେରା, ମନବୋଧ ପୃଷେଠ, କାର୍ତ୍ତିକ ବେହେରା, ଶେଷଦେବ ସାହୁ, ବିଦ୍ୟାଧର ନାଏକ, ବିଜ୍ଞାନନ୍ଦ ବେହେରା, ପ୍ରହ୍ଲାଦ ସାହୁ, ତପିସା ପଟେଲ, ମଦନ ସୁନ୍ଦର ପୃଷେଠ, ରାମେଶ୍ୱର ସାହୁ, ଯଦୁମଣି ସାହୁ, ଭଗବାନ ସାହୁ, କୃଷ୍ଣଚନ୍ଦ୍ର ସାହୁ, ରୁଦ୍ରେଶ୍ୱର ସାହୁ, ସଚିଦାନନ୍ଦ ଭଞ୍ଜ, ନାରାୟଣ ସାହୁଙ୍କ ସମେତ ଖୁନ୍ତାମାଲ ଗାଁବାସୀ ଓ ଭାଗବତ ପ୍ରେମୀମାନେ ସହଯୋଗ କରିଥିଲେ।



## ଯୁଗେ ଯୁଗେ ଧର୍ମର ଜୟ, ପାପର କ୍ଷୟ

ଖୁନ୍ତାମାଲ ଗାଁରେ ଶ୍ରୀମଦ ଭାଗବତ ଏକାଦଶ ସ୍କନ୍ଦ ମହାପୁରାଣ ପାରାୟଣ ଉତ୍ସବ ସପ୍ତାହ ପାଳନ ଅବସରରେ ଧନୁଯାତ୍ରା ଅନୁଷ୍ଠିତ ହୋଇଛି। ସାଂସ୍କୃତିକ ଉତ୍ସବରେ ପାରମ୍ପରିକ ନୃତ୍ୟ, ଗୀତ ଓ ନାଟକ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଅତିଥି ଭାବେ ଗାଁର ଜମିଦାର ମାନଭଞ୍ଜନ ସିଂ, ସରପଞ୍ଚ ସୁଶାନ୍ତ ସାହୁ ଯୋଗ ଦେଇଥିଲେ। ଲୋକେ ଶ୍ରୀକୃଷ୍ଣ ଓ ବଳରାମଙ୍କ ବୀରତ୍ୱ ଓ ବିଜୟକୁ ସ୍ମରଣ କରିଥିଲେ। ଯୁଗେ ଯୁଗେ ଧର୍ମର ଜୟ ଓ ପାପର କ୍ଷୟ ହୋଇଛି। ଏହା ହିଁ ଥିଲା ଭଗବତ ପାରାୟଣ ଏବଂ କୃଷ୍ଣ ଲୀଳାର ମୁଖ୍ୟ ସନ୍ଦେଶ। ଶ୍ରୀକୃଷ୍ଣ ଭାବେ ପ୍ରୀୟାଂଶୁ ପାଣିଗ୍ରାହୀ, ବଳରାମ ଶୁଭମ୍ ସାହୁ, ସୁଦାମା ଚିନ୍ମୟ ପଟେଲ, ଅକ୍ରୁର ପ୍ରହ୍ଲାଦ ସାହୁ, ସଖାରାହୁଲ ସାହୁ, ଓମ୍ ସାହୁ, ଜଗନ୍ନାଥ ସାହୁ ଅଭିନୟ କରିଥିଲେ। ଦେବକୀ ନୀଳାଦ୍ରି ପଟେଲ, ବାସୁଦେବ ଶେଷଦେବ ସାହୁ, ଉଗ୍ରସେନ ରାମେଶ୍ୱର ସାହୁ, ସାରଥୀ ବାବୁଲୁ ସାହୁ ରଥ ପରିକ୍ରମା କରାଇଥିଲେ। ସେହିପରି ନର୍ତ୍ତକୀ ଭାବେ ସ୍ମିତା ପାଣିଗ୍ରାହୀ, ଲିପି ସାହୁ, ପ୍ରାଚୀ ବେହେରା, ରାଖି ନାଏକ, ପୂଜା ପଟେଲ, ରିଆ ପଟେଲ ନୃତ୍ୟ ପରିବେଷଣ କରିଥିଲେ। କଂସ ଭାବେ ସର୍ବେଶ୍ୱର ବେହେରା, ମହାମନ୍ତ୍ରୀ ଭାବେ ଉଜାଗର ସେଠ (ବଟ), ମନ୍ତ୍ରୀ ଭାବେ ଭବାନୀ ଶଙ୍କର ସାହୁ, ଅଷ୍ଟମଲ୍ଲ ଭାବେ ତ୍ରିଲୋଚନ ପଟେଲ, କୁନୁ ପଣ୍ଡା, ରୁପାନନ୍ଦ ବେହେରା, ଜରାସନ୍ଧ ଭାବେ ମନବୋଧ ପୃଷେଠ, ବକାସୁର ଭାବେ ବିବେକ ସାହୁ, ଶକଟାସୁର ଭାବେ ବିଦ୍ୟାଧର ନାଏକ, ପୁତନା ଭାବେ ଝସକେତନ୍ ପଟେଲ, ଚାଣୁର ଭାବେ ଶତ୍ରୁଘ୍ନ ଡନସେନା ପ୍ରମୁଖ ଅଭିନୟ କରିଥିଲେ। ବାଦ୍ୟଯନ୍ତ୍ରରେ ସଞ୍ଜୟ ସେଠ ଓ ତାଙ୍କ ସହଯୋଗୀ, ଦୁର୍ଗା ଟେଣ୍ଟ ହାଉସ ସହଯୋଗ କରିଥିଲେ। ରାଜୀବ ସାହୁ, କ୍ଷୀର ସାଗର ସାହୁ, ଗିରିଧାରୀ ସାହୁ, ରୋହିତ ନାଏକ, କେଦାର ପାଣିଗ୍ରାହୀ, ହେମସାଗର ସାହୁ, ଶିବ ପଟେଲ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

■ ଭାଗ ନେଲେ ୭୫ ପ୍ରତିଯୋଗୀ

ଝାରସୁଗୁଡ଼ା,୭।୯ (ସମିସ): ୭ମ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅବସରରେ ପ୍ରଜ୍ଞାନ ମିଶନଦ୍ୱାରା ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଡିଏଭି ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଯୋଜିକା ଡ.ଶିବପ୍ରିୟା ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ 'କ' ବର୍ଗ (୩ୟରୁ ୫ମ ଶ୍ରେଣୀ), 'ଖ' ବର୍ଗ (୬ଷ୍ଠରୁ ୮ମ ଶ୍ରେଣୀ) ଓ 'ଗ' ବର୍ଗ (୯ମରୁ ୧୨ଶ ଶ୍ରେଣୀ) କରି ୩ଟି ବର୍ଗରେ ସର୍ବମୋଟ ୭୫ ଜଣ ପ୍ରତିଭାଗୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଡିଏଭି ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା ଏବଂ ଜିଲ୍ଲା ସଂଯୋଜିକା ଡ.ଶିବପ୍ରିୟା ମିଶ୍ର ଗୀତା ଅବୃତ୍ତିର ଉଦ୍ଦେଶ୍ୟ ଓ ଉପକାରିତା ସନ୍ଦର୍ଭରେ ଭାବ ପ୍ରକଟ କରିବା ସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପୁଷ୍ପାଞ୍ଜଳି ପଣ୍ଡା, ଗୌରୀ ପ୍ରସାଦ ଦାଶ, ଅନୁପମା ସାହୁ, ଶାନ୍ତନୁ ସିଂହ ସାବତ, କ୍ରିଷ୍ଣା ପ୍ରଧାନ, ଭାରତୀ ଭୋଇ, ବିଶ୍ୱରଂଜନ ପାଢ଼ୀ, ଗିରିଜା ଶଙ୍କର ହୋତା, ଅଳକା ପଟେଲ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ୩ଟି ଯାକ ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା। 'କ' ବର୍ଗରେ ଦିବ୍ୟାଂଶୁ ମହାପାତ୍ର ପ୍ରଥମ, ଦିବ୍ୟାଂଶ ମିଶ୍ର ଦ୍ୱିତୀୟ ଓ ଖୁସି ସିଂ ତୃତୀୟ ସ୍ଥାନ, 'ଖ' ବର୍ଗରେ ଶ୍ରୁତି ସଂଲଗ୍ନା ପାଣି ପ୍ରଥମ, ଅଂଶୁମାନ ସାହୁ ଦ୍ୱିତୀୟ ଓ ଡିଲେଶ୍ୱରୀ ସାହୁ ତୃତୀୟ ସ୍ଥାନ ଏବଂ 'ଗ' ବର୍ଗରେ ଅଶ୍ୱିନୀ ଝା ପ୍ରଥମ, ବିରାଟ ଦ୍ୱିତୀୟ ଓ ନିତ୍ୟାଶ୍ରୀ ସାହୁ ତୃତୀୟ ସ୍ଥାନ ଅଧିକାର କରି ମାନପତ୍ର ସହ ପୁରସ୍କୃତ ହୋଇଥିଲେ। ଶିକ୍ଷକ ଅକ୍ଷୟ ପାଣି ଓ ନୟନ ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନଖୁବାବା ମଠରେ ଭାଗବତ ସପ୍ତାହ ଉଦ୍‌ଯାପିତ

ଝାରସୁଗୁଡ଼ା,୭।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ସାଗରପାଲି ଗାଁ ନଖୁବାବା ମଠରେ ୬୮ ତମ ଶ୍ରୀମଦ ଭାଗବତ ସପ୍ତାହ ସମାପନ ହୋଇଛି। ସାଗରପାଲି ଶିବ ମନ୍ଦିର ପୋଖରୀରୁ କଳସରେ ଜଳ ଭର୍ତ୍ତି କରି ନଖୁବାବା ମଠ ଯାଏଁ ଶୋଭାଯାତ୍ରା କରାଯିବା ସହ ଶୁଭ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର ସକାଳୁ ପୂଜାର୍ଚ୍ଚନା, ହୋମ ଯଜ୍ଞ ପରେ ଭାଗବତ ପଠନ ଆରମ୍ଭ ହୋଇଥିଲା। ରବିବାର ହୋମ, ପୂର୍ଣ୍ଣାହୁତି, ପୁଷ୍ପାଞ୍ଜଳି ସହ ବିସର୍ଜନ ପୂଜା ରୀତିନୀତିରେ ଅନୁଷ୍ଠିତ ହୋଇଥିଲା। ୭ ଦିନ ଯାଏଁ ଭାଗବତ ପଠନ, ହରି ନାମ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପୂଜକ ଭବାରେ ପଣ୍ଡିତ ଚନ୍ଦ୍ରଭାନୁ ନାଏକ ପୂଜା କରିଥିବା ବେଳେ କର୍ତ୍ତା ଭାବେ ରୁଦ୍ରପ୍ରାତପ ବିଶ୍ୱାଳ, ଷଡବୈଷ୍ଣବ ଭାବେ ଗୋପୀନାଥ ବାଗ, ସମାରୁ ମୁଣ୍ଡା, ଟିକେଲାଲ ସା, ନାରେନ ପଧାନ, ବିଜେନ୍ଦ୍ର ବାଗ, ମଣି ବଗର ଦାୟିତ୍ୱ ତୁଲାଉଛନ୍ତି। ଏହି ଭାଗବତ ସପ୍ତାହକୁ ସୂଚାରୁ ରୂପରେ ତୁଲାଇବା ପାଇଁ ସାଗରପାଲି, ଉଆଁରଖୋଲ, ଠେବରା, ଡୁଡୁଗା, କଦମଡିହି, କୁଳିଆବେର୍ଣ୍ଣି, ଦୁଆନମୁଣ୍ଡା, ସିଂହାରପୁର, ବାଘମୁଣ୍ଡା ତଥା ଆଖପାଖ ଅଞ୍ଚଳବାସୀ ସହଯୋଗ କରିଥିଲେ। ଆଜି ସମାପନ ଦିବସରେ ପୂର୍ବତନ ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ, ଓଡ଼ିଶା କଂଗ୍ରେସ ପ୍ରଭାରୀ ଶୋଭା ଓଝା, ବେଲପାହାଡ ନଗରପାଳ ନିମାଇଁ ଚରଣ ପଣ୍ଡାଙ୍କ ସହ ବରିଷ୍ଠ କଂଗ୍ରେସ ନେତୃ ମଣ୍ଡଳୀ ପହଞ୍ଚି ଦର୍ଶନ କରି ଆଶୀର୍ବାଦ ନେଇଥିଲେ।

# ଔଷଧ ବ୍ୟବସାୟୀ ସଂଘର ନିର୍ବାଚନ

● ମୋତିଲାଲ ସଭାପତି, ସରୋଜ ସମ୍ପାଦକ

ଦେବଗଡ଼,୭।୯ (ସମିସ): ଦେବଗଡ଼ ଜିଲ୍ଲା ଔଷଧ ବ୍ୟବସାୟୀ ସଙ୍ଘର ତ୍ରୟ ବାର୍ଷିକ ବୈଠକ ଏବଂ ନିର୍ବାଚନ ରିଆମାଳ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉତ୍କଳ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନର ଉପସଭାପତି ତଥା ଝାରସୁଗୁଡ଼ା ସଙ୍ଘର ସଭାପତି ଜୟନ୍ତ ଦୀକ୍ଷିତ ଏବଂ ଉତ୍କଳ କେମିଷ୍ଟ ଆସୋସିଏସନର ଯୁଗ୍ମ ସମ୍ପାଦକ ତଥା ବଲାଙ୍ଗିର ଜିଲ୍ଲା ସଙ୍ଘର ସଭାପତି ଲୋଟସ ଷଡଙ୍ଗୀ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଦେବଗଡ଼ ଜିଲ୍ଲା ସଙ୍ଘ ନିର୍ବାଚନରେ ମୋତିଲାଲ ଶର୍ମା ସଭାପତି, ସରୋଜ ପାଢ଼ୀ ସମ୍ପାଦକ, ମିତ୍ରଭାନୁ ନାୟକ କୋଷାଧ୍ୟକ୍ଷ, ବିପ୍ର ଚରଣ ଜୟପୁରିଆ ଓ ପ୍ରଦୀପ ସାହୁ ଉପ ସଭାପତି ଭାବେ ସର୍ବସମ୍ମତି କ୍ରମେ ଆଗାମୀ ତିନି ବର୍ଷ ପାଇଁ ନିର୍ବାଚିତ ହୋଇଥିବା ସଙ୍ଘ ପକ୍ଷରୁ ପ୍ରେସ୍ ବିବୃତିରେ ସୂଚନା ପ୍ରଦାନ କରାଯାଇଛି।

# ବରିଷ୍ଠ ନେତା ରସାନନ୍ଦ ବିଶ୍ୱାଳଙ୍କ ପରଲୋକ



ଦେବଗଡ଼,୭।୯ (ସମିସ): ରିଆମାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ରସାନନ୍ଦ ବିଶ୍ୱାଳ (୮୬)ଙ୍କ ରବିବାର ନିଜ ବାସଭବନରେ ନିଧନ ହୋଇଛି। ସେରିଆମାଳ ପଞ୍ଚାୟତରେ ପୂର୍ବରୁ ଲଗାତାର ୫ଥର ସରପଞ୍ଚ ଥିବା ସହିତ ରିଆମାଳ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷା ପରିଚାଳନା କମିଟି ସଭାପତି ଓ ରିଆମାଳ ସେବା ସମବାୟ ସମିତିର ସଭାପତି ଏବଂ ରିଆମାଳ ଯୁକ୍ତ ଦୁଇ ମହାବିଦ୍ୟାଳୟର ଶିକ୍ଷା ପରିଚାଳନା କମିଟିର ସଦସ୍ୟ ଥିଲେ। ସେ ଜିଲ୍ଲାସ୍ତରରେ କଂଗ୍ରେସ ଦଳର ଟାଣୁଆ ନେତା ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଆଜି ରିଆମାଳ ବ୍ଲକ୍ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଚନ୍ଦ୍ର ଗ୍ରହଣ ଥିବାରୁ ଆସନ୍ତା କାଲି ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି।

## ଆନ୍ତଃଜିଲ୍ଲା ପ୍ରତିଯୋଗିତା

# ପ୍ରଥମ ରାଉଣ୍ଡରେ ସିନିୟର ପୁରୁଷ ହକି ଦଳ ୫ -୦ ଗୋଲ୍‌ରେ ବିଜୟୀ

ଝାରସୁଗୁଡ଼ା,୭।୯ (ସମିସ):

ହକି ଆସୋସିଏସନ ଅଫ୍ ଓଡ଼ିଶା ଦ୍ୱାରା ବିର୍ସାମୁଣ୍ଡା ହକି ଷ୍ଟାଡିୟମ ଓ ପାନପୋଷ ହକି ଷ୍ଟାଡିୟମ ରାଉଲକେଲାରେ ସିନିୟର ପୁରୁଷ ଆନ୍ତଃ ଜିଲ୍ଲା ପ୍ରତିଯୋଗିତା ଆୟୋଜିତ ହେଉଛି। ଏହାର ପ୍ରଥମ ରାଉଣ୍ଡର ୯ମ ମ୍ୟାଚ୍‌ରେ ଝାରସୁଗୁଡ଼ା ସିନିୟର ପୁରୁଷ ହକି ଦଳ ଜଗତସିଂପୁର ଜିଲ୍ଲା ସହିତ ଖେଳି ୫-୦ ଗୋଲରେ ବିଜୟୀ ହୋଇଛି। ଦଳ ପକ୍ଷରୁ ପୁରନ କେରକେଟା ୩ ଗୋଲ ଦେଇ ହାଟ୍ରିକ କରିଥିବା ବେଳେ ପ୍ରଫୁଲ କୁଲୁ ଗୋଟିଏ ଗୋଲ ଦେଇଥିଲେ। ଖେଳର ଶେଷ କ୍ୱାର୍ଟରରେ ଶିବ୍ରାନୁସ ବାଲ୍ଲା ୧ ଗୋଲ ଦେଇ ଥିଲେ। ଏହି ଟିମର ମ୍ୟାନେଜର ଭାବେ ଡେଭିଟ ଡୁଙ୍ଗ ଡୁଙ୍ଗ ଓ ଦଳର କୋଚ ନାରାୟଣ ତମାଙ୍ଗ ରହିଛନ୍ତି। ସୋମବାର ଶକ୍ତିଶାଳି ଖୋର୍ଦ୍ଧା ଜିଲ୍ଲା ସହିତ ସକାଳ ୬ଟାରେ ମ୍ୟାଚ୍ ଖେଳିବ।



# କରଲଗା ପଞ୍ଚାୟତରେ ଦନ୍ତା ଉପଦ୍ରବ

ରିଆମାଳ, ୭।୯ (ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ କରଲଗା ପଞ୍ଚାୟତର ଦଲକ ଗାଁରେ ଗୋଟିଏ ଦନ୍ତାହାତୀ ୫ ଦିନ ହେଲା ଧାନ ଚାଷ ନଷ୍ଟ କରୁଛି। ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ହାତୀ ଚାଷ ଜମି ଭିତରେ ପଶି ଫସଲ ସବୁ ଦଳି ନଷ୍ଟ କରି ଦେଉଥିବାରୁ ଚାଷୀ ବିପୁଳ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀ ଧାନ ଚାଷକୁ ରକ୍ଷା କରିବାକୁ ଯାଇ ଦନ୍ତାହାତୀକୁ ଘଉଡାଉଛନ୍ତି। ବିଶେଷ କରି ରାତି ହେଲେ ହାତୀଟି ଜନବସତି ମୁହାଁ ହେଉଛି। ଖବର ପାଇ ବନ ବିଭାଗ ପହଞ୍ଚି ଥିବା ଜଣାପଡିଛି।

# ସମସ୍ତଙ୍କ ସହଯୋଗରେ ପ୍ରଗତି ସମ୍ଭବ

ଝାରସୁଗୁଡ଼ା,୭।୯ (ସମିସ): ଝାରସୁଗୁଡ଼ା ସହର କେବଳ ରାଜ୍ୟରେ ନୁହେଁ ସମଗ୍ର ଦେଶରେ କିଭଳି ଏକ ଅଗ୍ରଣୀ ସହର ଭାବେ ପରିଗଣିତ ହେବ ସେ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ର ଆହ୍ୱାନ ଦେଇଛନ୍ତି। ଦଳମତ ନିର୍ବିଶେଷରେ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ସେ କହିଛନ୍ତି। ଆଜି ପ୍ରାୟ ୨କୋଟି ୪୦ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଶିଳାନ୍ୟାସ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ହୋଇଥିଲା। ଗତ ଜାନୁଆରୀ ପହିଲାରେ ମୁଖ୍ୟମନ୍ତ୍ରୀ ଜିଲ୍ଲା ମହୋତ୍ସବ ଦୁଲଦୁଲି ଅବସରରେ ଜିଲ୍ଲା ଗସ୍ତ କରି ୨କୋଟି ଟଙ୍କାର ସହାୟତା ରାଶି ଝାଡେଶ୍ୱର ମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ମଞ୍ଜୁର କରିଥିବା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି। ଝାଡେଶ୍ୱର ମନ୍ଦିରରେ ପର୍ଯ୍ୟଟକଙ୍କ ପାଇଁ ଆନୁଷଙ୍ଗିକ ସୁବିଧା, ଭକ୍ତମାନଙ୍କ ପାଇଁ ବିଶ୍ରାମ ସ୍ଥଳୀ, ଝାରସୁଗୁଡ଼ା ବନ୍ଧର ବିକାଶ, ହଟଲୀପଡାରେ ବହୁମୁଖୀ ବ୍ୟବସାୟିକ କମ୍ପ୍ଲେକ୍ସ, ମାରୱାଡିପଡା ସଂଲଗ୍ନ ପୋଖରୀ ୱାକିଂ ଟ୍ରାକ, ସୁନାରୀମୁଁଣ୍ଡାରେ ଆମିଷ ବଜାର ସୃଷ୍ଟି ଉଦ୍ଦେଶ୍ୟରେ ଭେଣ୍ଡିଂ ଜୋନ, ବିଟିଏମ୍ ଠାରେ ନୂତନ ପୌରପାଳିକା କାର୍ଯ୍ୟାଳୟ ପାଇଁ ଶିଳାନ୍ୟାସ, ମାଲିମୁଣ୍ଡାରେ ଗୋଶାଳା ତଥା ଗ୍ରୀନ ଫିଲଡ ପ୍ରକଳ୍ପର ଶିଳାନ୍ୟାସ ମନ୍ତ୍ରୀ କରିଛନ୍ତି। ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଡ.ମହାପାତ୍ର ପରିମଳ ଓ ପରିଷ୍କାର ଦିଗରେ ଶୂନ୍ୟ ସହନଶୀଳତା ଅବଲମ୍ବନ ସରକାରଙ୍କ ପ୍ରାଥମିକତା ବୋଲି କହିଥିଲେ। ଏମ୍‌ସିଏଲ୍ ପ୍ରେକ୍ଷାଳୟରେ ପୁଷ୍ପାଶ୍ରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନିର୍ବାହୀ ଅଧିକାରୀ ମାନସରଞ୍ଜନ ମଲ୍ଲିକ ପ୍ରାକ ସୂଚନା ଦେଇଥିବା ବେଳେ ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

